

୧୨ ଡିସେମ୍ବରରେ
'କିସ୍ କିସ୍ କୋ ପ୍ୟାର୍ କରୁଁ ୨'
▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-121 •TUESDAY •28 OCTOBER 2025 •PAGE-12 •₹ 6.00 | BHUBANESWAR | •ବର୍ଷ-୪୩ •ସଂଖ୍ୟା-୧୨୧ •ମଙ୍ଗଳବାର •୨୮ ଅକ୍ଟୋବର ୨୦୨୫ •ପୃଷ୍ଠା-୧୨ •ଟ.୬.୦୦


# ଆଜି ରାତିରେ ବାତ୍ୟା ମାଡ଼

## ଆନ୍ଧ୍ରରେ ପବନ; ଓଡ଼ିଶାକୁ ବର୍ଷା ଭୟ

■ **ଭୁବନେଶ୍ୱର, ୨୭।୧୦ (ସମିସ):** ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ସାମୁଦ୍ରିକ ଝଡ଼ 'ମୋନ୍ଥା' ଭୀଷଣ ବାତ୍ୟା (ସିଭିୟର ସାଇକ୍ଲୋନ୍)ର ରୂପ ନେଇ ଉତ୍ତର-ପଶ୍ଚିମ ଦିଗରେ ଆନ୍ଧ୍ର ଉପକୂଳ ମୁହାଁ ହୋଇଛି। ଏହା ଆସନ୍ତାକାଲି (ମଙ୍ଗଳବାର) ରାତିରେ ଆନ୍ଧ୍ରପ୍ରଦେଶର ମଛଲିପଟ୍ଟନମ୍-କଳିଙ୍ଗପଟ୍ଟନମ୍ ମଧ୍ୟବର୍ତ୍ତୀ କାକିନାଡ଼ା ନିକଟରେ ସ୍ଥଳଭାଗ ଛୁଇଁବ ବୋଲି ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି) ଆକଳନ କରିଛି।


ପାଣିପାଗ ବିଭାଗର ସୂଚନା ଅନୁସାରେ, 'ମୋନ୍ଥା' ଲ୍ୟାଣ୍ଡଫଲ୍ କରିବା ସମୟରେ ପବନର ବେଗ ଘଣ୍ଟାପ୍ରତି ୯୦ରୁ ୧୦୦ କିମି. ଓ ଝଟକା ୧୧୦ କିମି. ପର୍ଯ୍ୟନ୍ତ ରହିପାରେ। କାକିନାଡ଼ାରେ ସ୍ଥଳଭାଗ ଅତିକ୍ରମ କରିବା ପରେ ଏହା ମାଲକାନଗିରି ଜିଲ୍ଲା ଦେଇ ୨୮ ତାରିଖ ବିଳମ୍ବିତ ରାତିରୁ ୨୯ ତାରିଖ ସକାଳ ମଧ୍ୟରେ ଓଡ଼ିଶାକୁ ପ୍ରବେଶ କରିବ। ଏହାପରେ ଦୁର୍ବଳ ହୋଇ ଗଭୀର ଅବପାତ ଅବସ୍ଥାରେ ଗତି କରିବ। ଏହାର ପ୍ରଭାବରେ ଆନ୍ଧ୍ରପ୍ରଦେଶରେ ଅଧିକ ପବନ ହେବାକୁ ଥିବା ବେଳେ ଓଡ଼ିଶାରେ ଏହାର ପ୍ରକୋପ କମ୍ ରହିବ। ତେବେ ଦକ୍ଷିଣ ଓଡ଼ିଶାର କିଛି ଜିଲ୍ଲାରେ ୬୦ରୁ ୭୦ କିମି ବେଗରେ ପବନ ସହ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି।

କାକିନାଡ଼ାର ଦୂରତା ମାଲକାନଗିରିଠାରୁ ମାତ୍ର ୨୦୦ କିମି. ହୋଇଥିବାରୁ ଏହି ଜିଲ୍ଲା ଉପରେ ବାତ୍ୟାର ପ୍ରତ୍ୟକ୍ଷ ପ୍ରଭାବ ଅନୁଭୂତ ହେବ। ମାଲକାନଗିରି ସମେତ କୋରାପୁଟ, ▶ପୃଷ୍ଠା-୯

### ୨୮-୨୯ରେ ରାଜ୍ୟରେ ପ୍ରବଳ ବର୍ଷା ଆଶଙ୍କା

### ଦକ୍ଷିଣ ଓଡ଼ିଶାର ୬ ଜିଲ୍ଲାକୁ ରେଡ୍ ଆଲର୍ଟ ଜାରି

### ୩୨ଟି ଟ୍ରେନ୍ ବାତିଲ୍; ୨ଟିର ଗତିପଥ ପରିବର୍ତ୍ତନ




## ଆଜିଠାରୁ ୨ ଦିନ ସ୍କୁଲ୍ ଓ ଅଙ୍ଗନବାଡ଼ି କେନ୍ଦ୍ର ଛୁଟି

**ଦକ୍ଷିଣ ଓଡ଼ିଶାର ୮ ଜିଲ୍ଲା, ଖୋର୍ଦ୍ଧା ଓ ପୁରୀରେ ଛୁଟି**

**ଗଣଶିକ୍ଷା ବିଭାଗ କର୍ମଚାରୀଙ୍କ ଛୁଟି ବାତିଲ**

■ **ଭୁବନେଶ୍ୱର, ୨୭ ।୧୦ (ସମିସ):** ବାତ୍ୟା 'ମୋନ୍ଥା'କୁ ଦୃଷ୍ଟିରେ ରଖି ଆସନ୍ତାକାଲିଠାରୁ ୨ଦିନ ଯାଏଁ ବିଦ୍ୟାଳୟ ଓ ଅଙ୍ଗନବାଡ଼ିଗୁଡ଼ିକୁ ସରକାର ଛୁଟି ଘୋଷଣା କରିଛନ୍ତି। ମାତ୍ରାଧିକ ପ୍ରଭାବିତ ହେବାକୁ ଥିବା ଦକ୍ଷିଣ ଓଡ଼ିଶାର ୮ ଜିଲ୍ଲା ସମେତ ଖୋର୍ଦ୍ଧା ଓ ପୁରୀ ଜିଲ୍ଲାରେ ଏହି ଶିକ୍ଷାନୁଷ୍ଠାନଗୁଡ଼ିକ ମଙ୍ଗଳବାର ଓ ବୁଧବାର ବନ୍ଦ ରହିବ। ▶ପୃଷ୍ଠା-୯

## ମରାମତି କାର୍ଯ୍ୟ ବନ୍ଦ; କଳିଙ୍ଗା ଘାଟି ରାସ୍ତା ସିଲ୍



■ **ଜି.ଉଦୟଗିରି, ୨୭।୧୦(ସମିସ):** ଭୂସ୍ଖଳନ ପରେ କଳିଙ୍ଗା ଘାଟି ରାସ୍ତା ସ୍ୱାଭାବିକ ହୋଇପାରି ନଥିବା ବେଳେ ଏବେ ପୁଣିଥରେ ବାତ୍ୟା ମୋନ୍ଥା ଯୋଗୁଁ ଭୟ ଦେଖାଦେଇଛି। ଅତ୍ୟଧିକ ବର୍ଷା ହେଲେ ପୁଣି ଭୂସ୍ଖଳନ ହୋଇ ରାସ୍ତା ଧୋଇନେବା ଡର ରହିଛି। ଅପରପକ୍ଷେ, ବାତ୍ୟାକୁ ଦୃଷ୍ଟିରେ ରଖି ରାସ୍ତା କାମ ବନ୍ଦ କରାଯାଇଛି। ତିନି ଦିନ ପାଇଁ ଘାଟି ରାସ୍ତା ▶ପୃଷ୍ଠା-୯

## ଆଜିଠୁ ୧୨ ରାଜ୍ୟରେ ଏସ୍ଆଇଆର୍ ଆରମ୍ଭ




### ଓଡ଼ିଶାରେ ଏବେ ନୁହେଁ, ଆସାମ ପାଇଁ ପୃଥକ ଏସ୍ଆଇଆର୍

■ **ନୂଆଦିଲ୍ଲୀ, ୨୭।୧୦ (ଏଜେନ୍ସି):** ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୧୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ (ଏସ୍ଆଇଆର୍) ପ୍ରକ୍ରିୟା ଆସନ୍ତାକାଲିଠାରୁ ଆରମ୍ଭ କରିବାକୁ ନିର୍ବାଚନ କମିସନ ଘୋଷଣା କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ବିହାରରେ ଏସ୍ଆଇଆର୍ ହୋଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ପଶ୍ଚିମବଙ୍ଗ, ତାମିଲନାଡୁ, ଗୁଜରାଟ, କେରଳ, ଉତ୍ତରପ୍ରଦେଶ, ଆଣ୍ଡାମାନ-ନିକୋବର, ଛତିଶଗଡ଼, ଗୁଜରାଟ, ଗୋଆ, ଲାକ୍ଷାଦୀପ, ମଧ୍ୟପ୍ରଦେଶ ଏବଂ ରାଜସ୍ଥାନରେ କରାଯିବ। ତେବେ ଏହି ପର୍ଯ୍ୟାୟରେ ଓଡ଼ିଶାକୁ ସାମିଲ କରାଯାଇନାହିଁ। ସେହିପରି ଆସାମରେ ଆସନ୍ତାବର୍ଷ ନିର୍ବାଚନ ହେବାକୁ ଥିଲେ ମଧ୍ୟ ଏସ୍ଆଇଆର୍ ପ୍ରକ୍ରିୟାରେ ଏହାକୁ ସାମିଲ କରାଯାଇ ନାହିଁ। ଆସାମ ପାଇଁ ସ୍ୱତନ୍ତ୍ର ନାଗରିକତା ଆଇନ ଥିବାରୁ ସେଠାରେ ପୃଥକ ଭାବେ ଏସ୍ଆଇଆର୍ କରାଯିବ। ଆସନ୍ତା ବର୍ଷ ପଶ୍ଚିମବଙ୍ଗ, ତାମିଲନାଡୁ, ପୁଡୁଚେରି ଏବଂ କେରଳରେ ରାଜ୍ୟ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ୨୦୨୭ରେ ଉତ୍ତରପ୍ରଦେଶରେ ବିଧାନସଭା ନିର୍ବାଚନ ହେବ।

ଆଜି ଏଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାର କହିଛନ୍ତି, ଏସ୍ଆଇଆର୍ ହେବାକୁ ଥିବା ଉପରୋକ୍ତ ୧୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଆସନ୍ତାକାଲିଠାରୁ ନଭେମ୍ବର ୩ ତାରିଖ ପର୍ଯ୍ୟନ୍ତ ବୁଥ୍‌ସ୍ତରୀୟ ଅଧିକାରୀଙ୍କୁ ତାଲିମ ଦିଆଯିବ। ନଭେମ୍ବର ୪ରୁ ଅଧିକାରୀମାନେ ଘରକୁ ଘର ବୁଲି ଫର୍ମ ପୂରଣ ସହିତ ▶ପୃଷ୍ଠା-୯

## ପୂର୍ବତନ ମନ୍ତ୍ରୀ ପଦ୍ମିନୀ ଦିଆନ ଅସୁସ୍ଥ

**ଖାଦ୍ୟ ବିଷକ୍ରିୟାରୁ ପଦ୍ମିନୀଙ୍କ ଝିଆରୀ ମୃତ, ଅନ୍ୟ ଦୁଇ ଜଣ ଗୁରୁତର**

■ **କୋରାପୁଟ, ୨୭।୧୦ (ସମିସ):** ଫୁଡ୍ ପଏଜନ ହୋଇ ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ କୋଟପାଡ଼ ବିଧାୟିକା ପଦ୍ମିନୀ ଦିଆନ ଅସୁସ୍ଥ ହୋଇଡ଼ିଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ କୋରାପୁଟର ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି। ଖାଦ୍ୟ ଖାଇ ଅସୁସ୍ଥ ହୋଇଥିବା ପଦ୍ମିନୀଙ୍କ ସମ୍ପର୍କୀୟ ଝିଆରୀ ପାର୍ବତୀ ମାଝି(୫୦)ଙ୍କର ମୃତ୍ୟୁ ଘଟିଥିବା ବେଳେ ପଦ୍ମିନୀଙ୍କ ସମେତ ଅନ୍ୟ ଦୁଇଜଣ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି।



ସୂଚନା ଅନୁଯାୟୀ, ଗତକାଲି ପଦ୍ମିନୀଙ୍କ ଘରେ ଭୋଜି ଥିଲା। ଏହି ସମୟରେ ସମସ୍ତେ 'ଆମଟୁ' ନାମକ ପାରମ୍ପରିକ ଖାଦ୍ୟ ଖାଇଥିବା କୁହାଯାଉଛି। ଏହି ଖାଦ୍ୟ ଖାଇବା ପରେ ସମସ୍ତେ ଅସୁସ୍ଥ ହୋଇ ପଡ଼ିଥିଲେ। ସେମାନଙ୍କୁ ଚିକିତ୍ସା ପାଇଁ କୋରାପୁଟର ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସପିଟାଲରେ ଭର୍ତ୍ତି କରାଯାଇଥିଲା। ପଦ୍ମିନୀଙ୍କ ଝିଆରୀ ପାର୍ବତୀଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କୋଟପାଡ଼ ହସ୍ପିଟାଲରୁ ଜୟପୁର ହସ୍ପିଟାଲକୁ ▶ପୃଷ୍ଠା-୯

## ଉପନିର୍ବାଚନ ବେଳେ ଛୁଟିରେ ଗଲେ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି

■ **ଭୁବନେଶ୍ୱର, ୨୭।୧୦ (ସମିସ):** ଆସନ୍ତା ୧୧ ତାରିଖରେ ନୂଆପଡ଼ାରେ ଉପନିର୍ବାଚନ ହେବ। ସୁରକ୍ଷା ଦୃଷ୍ଟିରୁ ନୂଆପଡ଼ା ଏକ ସମ୍ବେଦନଶୀଳ ଜିଲ୍ଲା ହୋଇଥିବା ବେଳେ ସୁରକ୍ଷା ବ୍ୟବସ୍ଥାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ଏତିକିବେଳେ ଦକ୍ଷିଣ-ପଶ୍ଚିମାଞ୍ଚଳ ଡିଆଇଜି କନୱାର ବିଶାଲ ସିଂ ଛୁଟିରେ ଯାଇଛନ୍ତି। ବ୍ୟକ୍ତିଗତ କାରଣରୁ ସେ ଆସନ୍ତା ନଭେମ୍ବର ୧୫ ତାରିଖ ଯାଏଁ ଛୁଟିରେ ରହିବେ ବୋଲି ସୂଚନା ମିଳିଛି। ଗୃହ ବିଭାଗ ପକ୍ଷରୁ ଡିଜିଙ୍କୁ ଏ ସମ୍ପର୍କରେ ଅବଗତ କରାଯାଇଛି। ତେବେ ଉପ ନିର୍ବାଚନ ପରି ଏକ ▶ପୃଷ୍ଠା-୯

**ଦାୟିତ୍ୱରେ ରହିବେ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ**

**ହରଡ଼ଘଣାରେ ସରକାରୀ ବାବୁ**

## ସମ୍ପତ୍ତି ତାଲିକା ଦେଲେ ନାହିଁ; ମିଳିବନି ପଦୋନ୍ନତି

■ **ଭୁବନେଶ୍ୱର, ୨୭।୧୦ (ସମିସ):** ଏବେ ହରଡ଼ଘଣାରେ ପଡ଼ିଛନ୍ତି ସରକାରୀ ବାବୁ। ଯେଉଁ ଅଧିକାରୀ ୨୦୨୪ ମସିହାର ବାର୍ଷିକ ସମ୍ପତ୍ତି ତାଲିକା ଦାଖଲ କରିନାହାନ୍ତି, ଚଳିତ ବର୍ଷ ସେମାନେ ପଦୋନ୍ନତି ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ। ସେହିପରି ୨୦୨୫ ମସିହାର ସମ୍ପତ୍ତି ତାଲିକା ଆସନ୍ତା ଜାନୁଆରୀ ୧ରୁ ୩୧ ତାରିଖ ମଧ୍ୟରେ ଦାଖଲ କରିବାକୁ ହେବ। ଯେଉଁମାନେ ଏହି ତାଲିକା ଦାଖଲ କରିବାରେ ବ୍ୟର୍ଥ ହେବେ, ସେମାନଙ୍କୁ ଆଗାମୀ ବର୍ଷ ବି ପଦୋନ୍ନତି ମିଳିବ ନାହିଁ ବୋଲି ସୂଚନା ମିଳିଛି। ଏ ସଂକ୍ରାନ୍ତରେ ସାଧାରଣ ପ୍ରଶାସନ ବିଭାଗରୁ ନିର୍ଦ୍ଦେଶନାମା ଜାରି ହୋଇଛି।

**ଆଉ ବଢ଼ିବ ନାହିଁ ସମ୍ପତ୍ତି ତାଲିକା ଦାଖଲ ଅବଧି**

ବିଭାଗ ପକ୍ଷରୁ କୁହାଯାଇଛି ଯେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ବହୁ ସରକାରୀ କର୍ମଚାରୀ ସେମାନଙ୍କର ବାର୍ଷିକ ସମ୍ପତ୍ତି ତାଲିକା ଏଚ୍‌ଆର୍‌ଏମ୍‌ଏସ୍ ପୋର୍ଟାଲରେ ଦାଖଲ କରିନାହାନ୍ତି। ସମ୍ପତ୍ତି ତାଲିକା ଦାଖଲ କରିବାର ସମୟସୀମା ବୃଦ୍ଧି ପାଇଁ ଇତିମଧ୍ୟରେ ବହୁ ଅନୁରୋଧ ବିଭାଗ ପାଖରେ ହସ୍ତଗତ ହୋଇଥିଲା। ବିଭାଗୀୟସ୍ତରରେ ଏହି ଅନୁରୋଧକୁ ବିଚାର କରାଯିବା ପରେ ପ୍ରଶାସନିକ ଶୃଙ୍ଖଳାକୁ ▶ପୃଷ୍ଠା-୯

**ଇଣ୍ଡିଆ ମେରିଟାଇମ୍ ସପ୍ତାହ କାର୍ଯ୍ୟକ୍ରମରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ**

## ବନ୍ଦର ବିକାଶ ପାଇଁ ୫୦ ହଜାର କୋଟିର ଏମ୍‌ଓୟୁ

■ **ଭୁବନେଶ୍ୱର,୨୭।୧୦(ସମିସ):** ଓଡ଼ିଶା ଏକ ସୁଦୃଢ଼ ବନ୍ଦର-ଆଧାରିତ ଅର୍ଥବ୍ୟବସ୍ଥା ନିର୍ମାଣ ପାଇଁ ପ୍ରତିବଦ୍ଧ। ଆମର ଏହି ପ୍ରୟାସ ରାଜ୍ୟର ବନ୍ଦରଗୁଡ଼ିକୁ ବାଣିଜ୍ୟ, ଶିଳ୍ପ ଏବଂ ନିଯୁକ୍ତି ଇଞ୍ଜିନରେ ପରିଣତ କରିବ, ଯାହା ଆଗାମୀ ୨୫ ବର୍ଷ ପାଇଁ ଭାରତର ଅଭିବୃଦ୍ଧି ଯାତ୍ରାକୁ ଆଗେଇ ନେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସୋମବାର ମୁମ୍ବାଇରେ ଅନୁଷ୍ଠିତ ଇଣ୍ଡିଆ ମେରିଟାଇମ୍



ସପ୍ତାହ ୨୦୨୫ର ଉଦଘାଟନୀ ସମାରୋହରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଓଡ଼ିଶାର ବନ୍ଦର କ୍ଷମତା ୨୦୪୭ ସୁଦ୍ଧା ୫୦୦ ନିୟୁତ ଟନକୁ ବୃଦ୍ଧି ପାଇବ ବୋଲି ଆଶା ପ୍ରକାଶ କରିଛନ୍ତି। ଏହି ଅବସରରେ ରାଜ୍ୟ ସରକାର ରାଜ୍ୟରେ ବନ୍ଦର ଭିତ୍ତିକ ଅର୍ଥନୀତିକୁ ବଳ ଦେବା ପାଇଁ ପ୍ରାୟ ୫୦ ହଜାର କୋଟିର ଏମ୍‌ଓୟୁ ମଧ୍ୟ ସ୍ୱାକ୍ଷର କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବନ୍ଦର ଏବଂ ନୀଳ ଅର୍ଥନୀତି କ୍ଷେତ୍ରର ଅଗ୍ରଣୀ ଶିଳ୍ପ ପ୍ରତିନିଧିମାନଙ୍କୁ ଭେଟି ସେମାନଙ୍କ ସହ କଥାବାର୍ତ୍ତା କରିବା ସହ ଓଡ଼ିଶାରେ ପୁଞ୍ଜି ବିନିଯୋଗ ସୁଯୋଗ ଅନ୍ୱେଷଣ କରିବାକୁ ଆମନ୍ତ୍ରଣ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶାର ▶ପୃଷ୍ଠା-୯




# ଅଲ୍ ଓଡ଼ିଶା ମିଲର୍ସଙ୍କ ମହାସମାବେଶ

ବରଗଡ଼,୨୭।୧୦(ସମିସ)



- ଯୋଗ ଦେବେ ୧୦୦୦ରୁ ଊର୍ଦ୍ଧ୍ୱ ମିଲର୍ସ
- ଧାନ ରଖିବାକୁ ମିଲରେ ଜାଗା ନାହିଁ

ବରଗଡ଼ରେ ଅଲ୍ ଓଡ଼ିଶା ରାଇସ ମିଲର୍ସ ଆସୋସିଏସନ (ଅରୋମା)ର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇସାରିଛି। ଧାନ ସଂଗ୍ରହ ପୂର୍ବରୁ ଯେଉଁ ନୀତି ନିୟମ କରୁଛନ୍ତି ତାହାକୁ ପାଳନ ନ କରି ସମସ୍ତ ଦାୟିତ୍ୱ ମିଲ ମାଲିକ ମାନଙ୍କ ଉପରେ ଲଦି ଦେଉଛନ୍ତି। ଯେତିକି ଟାର୍ଗେଟ ମିଳୁଛି ସେତିକି କଷ୍ଟମ ମିଲିଂ ଚାଉଳ ସରକାର ନେଉ ନାହାନ୍ତି। ସବୁବେଳେ ଖାଲି ଧାନ କିଣିବାକୁ ସରକାର ବାଧ୍ୟ କରୁଛନ୍ତି। ମିଲ ଗୋଦାମ ଗୁଡ଼ିକରେ ଏବେ ଏତେ ପରିମାଣରେ ଧାନ ମହଜୁଦ ଅଛି ଯେ ଆଗାମୀ ଦିନରେ ଧାନ ରଖିବାକୁ ଟିକେ ଜାଗା ବି ନାହିଁ। ଏମିତି ଅନେକ ସମସ୍ୟା ନେଇ ଖରିଫ୍ ଧାନ ସଂଗ୍ରହ ୨୦୨୫ ପୂର୍ବରୁ ମିଲର୍ସଙ୍କ ଏଭଳି ଦମ୍ଭୋକ୍ତି ସରକାରଙ୍କୁ ଅଡୁଆରେ ପକାଇବା ଆଶଙ୍କା ଦେଖା ଦେଇଛି। ଏନେଇ 'ଅରୋମା'ର ରାଜ୍ୟ ସଭାପତି ମହେଶ ବଂଶଲଙ୍କ ସଭାପତିତ୍ୱରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ସମ୍ପାଦକ ଲକ୍ଷ୍ମୀନାରାୟଣ ଦୀପକ ରଞ୍ଜନ ଦାସ ମିଲର୍ସଙ୍କ ବିଭିନ୍ନ ଦାବି ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ। ସରକାର ମିଲିଂ ଦେୟ ବଢ଼ାଇବା, ମିଲର୍ସଙ୍କ ଗୋଦାମରେ ଦୁଇବର୍ଷ ହେଲା ରହୁଥିବା ଧାନ ବାବଦ ବକେୟା ଭଡା ପ୍ରଦାନ, ୦.୭%କୁ ହ୍ରାସ କରାଯାଇଥିବା ଅରୁଆ ଚାଉଳ ଡ୍ରାଏଜ ଚାର୍ଜକୁ ପୁନର୍ବାର ୧%କୁ ବୃଦ୍ଧି, ଧାନ ଓ ଚାଉଳର ପରିବହନ ଖର୍ଚ୍ଚ ବଢ଼ାଇବା, ଅଟୋମେଟେଡ୍ ଗ୍ରେନ୍ ଆନାଲାଇଜର ମାଧ୍ୟମରେ ଧାନ-ଚାଉଳର ଗୁଣାତ୍ମକ ମାନ ପରଖିବା, କଳା ତାଲିକାଭୁକ୍ତ ନିୟମ ସଂଶୋଧନ କରି ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ବନ୍ଦ, ଯୋଗାଣ ନିଗମ କଷ୍ଟମ୍ ମିଲିଂ ଚାଉଳ ନ ନେଲେ ଫ୍ରି ସେଲ୍ ପାଇଁ ଅନୁମତି ଦେବା ଆଦି ଦାବି ଉପରେ ଗୁରୁତ୍ୱାରୋପ କରାଯାଇଛି। ସଭାପତି ଶ୍ରୀ ବଂଶଲ କହିଛନ୍ତି, ଧାନ ସଂଗ୍ରହ ଓ ଚାଉଳ ଗ୍ରହଣ ପ୍ରକ୍ରିୟାରେ ସରକାରୀ ଅବହେଳା ବାଧକ ସାଜୁଛି। ପୂର୍ବ ସରକାରଙ୍କ ସମୟରେ ଜୁନ୍ ଶେଷ ସୁଦ୍ଧା ରବି ଧାନ ଉତ୍ପାଦନ ଓ ନଭେମ୍ବର ଭିତରେ ଖରିଫ ଧାନ ସଂଗୃହୀତ ହୋଇଯାଉଥିଲା। ନିର୍ଦ୍ଧାରିତ ସମୟରେ କଷ୍ଟମ୍ ମିଲିଂ କରି ମିଲର୍ସ ମାନେ ଚାଉଳ ଫେରାଉ ଥିଲେ। କିନ୍ତୁ ଗତ କିଛିବର୍ଷ ହେଲା ଏଥିରେ ଅସୁବିଧା ଦେଖାଦେଇଛି। ଏଫ୍‌ସିଆଇ ଚାଉଳ ଉଠାଣରେ ଅହେତୁକ ବିଳମ୍ବ କରୁଥିବାରୁ ତାହା ନଷ୍ଟ ହେଉଛି। ତେଣୁ ସରକାର ଯେତେ ଚାଉଳ ନେଇପାରିବେ, ସେହି ପରିମାଣରେ ଧାନ କିଣନ୍ତୁ ବୋଲି ଶ୍ରୀ ବଂଶଲ ନିବେଦନ କରିଛନ୍ତି। ବରଗଡ଼ ରାଇସ ମିଲର୍ସ ଜୟପ୍ରକାଶ ଲାଠ ମଧ୍ୟ ସରକାରୀ ଅବହେଳାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ରାଜ୍ୟ ରାଇସ୍ ମିଲର୍ସ ସଂଘର ବାରମ୍ବାର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ରାଜ୍ୟ ସରକାର କିମ୍ବା ଯୋଗାଣ ମନ୍ତ୍ରୀ ସମାଧାନର ବାଟ ବାହାର କରି ପାରୁନାହାନ୍ତି। ସମସ୍ୟାର ସମାଧାନ ପାଇଁ ରାଜ୍ୟ ସଂଘର ଏକ ପ୍ରତିନିଧି ମଣ୍ଡଳୀ କେନ୍ଦ୍ର ସରକାରଙ୍କ ବିଭାଗୀୟ ମନ୍ତ୍ରୀ ଓ ସଚିବଙ୍କୁ ଭେଟି ଆଲୋଚନା କରିଥିଲେ। ସେମାନଙ୍କ ପ୍ରତିଶ୍ରୁତି ସତ୍ତ୍ୱେ ଚାଉଳ ଉଠାଣ ତ୍ୱରାନ୍ୱିତ ହୋଇପାରୁନି। ଗୋଦାମରେ ଜାଗା ନ ଥିବାରୁ ନୂଆ ଧାନ କେଉଁଠି ରଖିବୁ ବୋଲି ସେ ପ୍ରଶ୍ନ କରିଛନ୍ତି। ସରକାର କିଣୁଥିବା ଧାନ ନିଜ ସୁବିଧା ଓ ବ୍ୟବସ୍ଥା ଅନୁଯାୟୀ ଗୋଦାମରେ ରଖିବାକୁ ଶ୍ରୀ ଲାଠ ଦାବି କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଅରୋମାର ଅଧ୍ୟକ୍ଷ ସନ୍ତୋଷ ଅଗ୍ରୱାଲ, ଉପସଭାପତି ନିତେଶ ବଂଶଲ, କୋଷାଧ୍ୟକ୍ଷ ସୂର୍ଯ୍ୟ ନାରାୟଣ ସେନାପତି ପ୍ରମୁଖ ମଞ୍ଚାସୀନ ଥିଲେ। ବୈଠକରେ ରାଜ୍ୟର ୩୦ ଜିଲ୍ଲାର ଏକ ହଜାରରୁ ଊର୍ଦ୍ଧ୍ୱ ମିଲର୍ସ ଉପସ୍ଥିତ ଥିଲେ। ବରଗଡ଼ ଜିଲ୍ଲା ରାଇସ ମିଲର୍ସ ଆସୋସିଏସନର ଶ୍ୟାମସୁନ୍ଦର ଅଗ୍ରୱାଲ, ରମାକାନ୍ତ ଧର, ଚନ୍ଦନ ଅଗ୍ରୱାଲ, ବୋଲଟୁ ଶର୍ମା, ଗିରିଧର ଅଗ୍ରୱାଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବରପାଲି କଲେଜରେ ଭିଜିଲାନ୍ସ ସଚେତନତା ସପ୍ତାହ

ବରପାଲି,୨୭।୧୦(ସମିସ): ବରପାଲି ମହାବିଦ୍ୟାଳୟ ପରିସରରେ ଏନଏସଏସ ଓ ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ମାନଙ୍କୁ ନେଇ ଭିଜିଲାନ୍ସ ସଚେତନତା ସପ୍ତାହ ୨୦୨୫ ଏବଂ ନିଶା ମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ଜୟନ୍ତୀ ଦାଶ ମୁଖ୍ୟ ଅତିଥି ଭାବେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏନଏସଏସ ପ୍ରକଳ୍ପ ଅଧିକାରୀ ଅଧ୍ୟାପକ ଭକ୍ତବନ୍ଧୁ ପ୍ରଧାନଙ୍କ ସଭାପତିତ୍ୱରେ ତଥା ରେଡକ୍ରସ କାଉନସିଲର ଆଧ୍ୟାପକ ଅଲେଖ ମହାନନ୍ଦଙ୍କ ସହଭାଗିତାରେ କାର୍ଯ୍ୟକ୍ରମଟି ସଞ୍ଚାଳିତ ହୋଇଥିଲା। ମହାବିଦ୍ୟାଳୟ ପ୍ରଶାସନିକ ପ୍ରଭାରି ପ୍ରାଧ୍ୟାପକ ସୁଶୀଳ ଶତପଥି ମୁଖ୍ୟବକ୍ତା ଭାବେ ଯୋଗଦେଇ ଲାଞ୍ଚ ଦେବା ଅବା ନେବା ଉଭୟ ଏକ ଦଣ୍ଡନୀୟ ଅପରାଧ ବୋଲି କହିଥିଲେ। ଆଇକ୍ୟୁସି ସଂଯୋଜକ ଅଧ୍ୟାପକ ଧୀରୋଜ ତ୍ରିପାଠୀ ନିଶା ସେବନରେ ସମାଜରେ କୁପ୍ରଭାବ ବିଷୟ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ଅଣଶିକ୍ଷକ କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ। ପରେ ସମୂହ ମିଳିତ ଭାବେ ଏକ ସଂକଳ୍ପପତ୍ର ପାଠ କରାଯାଇଥିଲା। ଅଧ୍ୟାପକ ଭକ୍ତବନ୍ଧୁ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ସରକାରୀ ଉଚ୍ଚ ବିଦ୍ୟାଳୟରେ ଆଇନ୍ ସଚେତନତା

ବରଗଡ଼,୨୭।୧୦(ସମିସ): ରାଷ୍ଟ୍ରୀୟ ଆଇନ ସେବା ପ୍ରାଧିକରଣ, ନୂଆଦିଲ୍ଲୀ ଏବଂ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ କ୍ରମେ ବରଗଡ଼ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ସୋମବାର ବରଗାଁ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆଇନ୍ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ବିଭୁତି ଭୂଷଣ ନାୟକ, ମୁଖ୍ୟ ପ୍ରତିପକ୍ଷ ଓକିଲ ମନସି ସାହୁ, ପାନେଲ ଓକିଲ ବିମଳ ଦାଶ, ବିକାଶ ଆଇନ ବିଦ୍ୟାଳୟର ଆସିଷ୍ଟାଣ୍ଟ ପ୍ରଫେସର, ଜୈମିନି ସାହୁ ଏବଂ ବରଗାଁ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରମାକାନ୍ତ ମେହେର ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀଙ୍କୁ ସାଧାରଣ ଜନତାଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଆଇନ ବିଷୟରେ ସଚେତନ କରାଯାଇଥିଲା। ପାନେଲ ଓକିଲ ବିମଳ ଦାଶ ସଭା ପରିଚାଳନା କରିଥିଲେ।

## କେବେ ସୁଧୁରିବ ପଦ୍ମପୁର ନିର୍ବାଚନ ମଣ୍ଡଳୀର ସମସ୍ୟା

ପଦ୍ମପୁର,୨୭।୧୦(ସମିସ): ସମ୍ପ୍ରତି ଅଘୋଷିତ ରାଜଧାନୀ ପାଲଟିଥିବା ନୂଆପଡା ନିର୍ବାଚନ ମଣ୍ଡଳୀର ପଡୋଶୀ ପଦ୍ମପୁର ନିର୍ବାଚନ ମଣ୍ଡଳୀରେ ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟଜଳ ଓ ଜଳସେଚନ ସମସ୍ୟା ଗୁରୁତର। ସ୍ୱାସ୍ଥ୍ୟ କ୍ଷେତ୍ରରେ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ଡାକ୍ତର ଓ ପାରାମେଡିକାଲ ଷ୍ଟାଫ୍‌ଙ୍କର ଅଭାବ ରହିଛି। ଫଳରେ ଗର୍ଭବତୀ ମହିଳା, ବୃଦ୍ଧ ଓ ସାଧାରଣ ରୋଗୀଙ୍କ ଚିକିତ୍ସା କେମିତି ହେଉଥିବ ସହଜରେ ଅନୁମେୟ। ସେପଟେ ଶିକ୍ଷା କ୍ଷେତ୍ରରେ ପଦ୍ମପୁର ମଣ୍ଡଳୀରେ ଶିକ୍ଷକ ଅଭାବ ଓ ଉପଯୁକ୍ତ ଭିତ୍ତିଭୂମିର ଅଭାବ ରହିଛି। ଅଧିକାଂଶ ସ୍କୁଲରେ ମାତ୍ର ଜଣେ କିମ୍ବା ୨ ଜଣ ଶିକ୍ଷକ ଥିବାରୁ ସମସ୍ତ ଶ୍ରେଣୀରେ ପାଠପଢ଼ା ବାଧାପ୍ରାପ୍ତ ହେଉଛି। ପାନୀୟଜଳ ଓ ଜଳସେଚନ ସମସ୍ୟା ମଧ୍ୟ ଅତ୍ୟନ୍ତ ଗମ୍ଭୀର ସ୍ଥିତିରେ ରହିଛି। ପଦ୍ମପୁର ସହରଠୁ ନେଇ ଅଧିକାଂଶ ଗାଁରେ ପାନୀୟ ଜଳର ଘୋର ସଙ୍କଟ ଦେଖା ଦେଉଛି। ଅନେକ ଥର ସହରବାସୀ ରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରି ସାରିଲେଣି। ଜଳସେଚନର ସ୍ଥାୟୀ ବ୍ୟବସ୍ଥା ପାଇଁ ଦୀର୍ଘ ଦିନରୁ ଦାବି ହେଉଥିଲେ ହେଁ ସମାଧାନ ପାଇଁ ସରକାରଙ୍କ ଆନ୍ତରିକତାର ଅଭାବ ରହିଛି। ନିର୍ବାଚନ ଆସିଲେ ଜନ ସାଧାରଣଙ୍କ ମୌଳିକ ସମସ୍ୟା କଥା ମନେପଡେ। ଏହି ସମସ୍ୟା ଉପରେ ସରକାର ଓ ବିରୋଧୀ ଉଭୟେ ଯଦି ଜବାବଦେହୀ ନହେବେ, ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନ ନେବେ ତେବେ ଆଗାମୀ ଦିନରେ ଜନତା ନିଜେ ନିଷ୍ପତ୍ତି ନେବେ ବୋଲି କୁହାଯାଉଛି।

## ସୁନ୍ଦରକାଣ୍ଡ ପାରାୟଣ

ପଦ୍ମପୁର,୨୭।୧୦(ସମିସ): ବ୍ରାହ୍ମଣ ସମାଜ କଲ୍ୟାଣ ମଣ୍ଡପ ଠାରେ ଗାୟତ୍ରୀ ବାହିନୀ ଆନୁକୂଲ୍ୟରେ ସୁନ୍ଦରାକାଣ୍ଡ ପାରାୟଣ ଅନୁଷ୍ଠିତ ହୋଇଯାଇଛି। ବ୍ୟାସ ପ୍ରତ୍ୟୁଷ ମିଶ୍ର ପାରାୟଣ ଓ ପ୍ରବଚନ ଦେଇଥିଲେ। ଗାୟତ୍ରୀ ବାହିନୀର ସଭାପତି ଜିତେଶ୍ୱରୀ ଦାଶ, ସମ୍ପାଦକ ଜ୍ୟୋତ୍ସ୍ନା କର, କୋଷାଧ୍ୟକ୍ଷ ତୃପ୍ତିମୟୀ ଦାଶ ଓ ଅନ୍ୟାନ୍ୟ ସଭ୍ୟା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ବ୍ରାହ୍ମଣ ସମାଜ ତଥା ପର୍ଶୁରାମ ବାହିନୀ ଓ ଗାୟତ୍ରୀ ବାହିନୀର ପ୍ରାୟ ୩୦୦ ସଭ୍ୟ/ ସଭ୍ୟା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ନିଶାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ




ବରଗଡ଼,୨୭।୧୦(ସମିସ): ବିକାଶ ଡିଗ୍ରୀ କଲେଜ ଆନୁକୂଲ୍ୟରେ ନିଶାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ର.ସତ୍ୟବ୍ରତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଶ୍ରୀ ମିଶ୍ର ଛାତ୍ରମାନଙ୍କୁ ନିଶାର ଭୟାବହତା ଉପରେ ବୁଝାଇଥିଲେ। ବାଣିଜ୍ୟ ବିଭାଗର ସଂଯୋଜକ ପ୍ରାଧ୍ୟାପକ ମଦନଧର ନାୟକ ଦେଶର ବିକାଶ ପଥରେ ନିଶା ବାଧକ ହେବା ଏବଂ କଳା ବିଭାଗର ସଂଯୋଜକ ତଥା ଅଧ୍ୟାପକ ସୁରଜ ପଣ୍ଡା ଯୁବ ସମାଜ ଏହାର କୁପ୍ରଭାବ ଉପରେ ବିବରଣୀ ଦେଇଥିଲେ। କାର୍ଯ୍ୟକ୍ରମରେ ଜୀବ ବିଜ୍ଞାନର ସଂଯୋଜକ ତଥା ଅଧ୍ୟାପକ ସୁଦାମ ମିଶ୍ର ଉପସ୍ଥିତ ଥିଲେ। ଅଧ୍ୟାପିକା ସାଗରିକା ବିଶି ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପିକା ଲିପ୍‌ସିତା ଯୋଶୀ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶେଷରେ ଅଧ୍ୟାପକ ଶୋଭନ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

ପାଇକମାଳ: ବିନ୍ଧ୍ୟବାସିନୀ ସ୍ନାତକ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଲୋହିତ ବାରିକଙ୍କ ସଭାପତିତ୍ୱରେ ନିଶାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।




ମୁଖ୍ୟ ଅତିଥି ଭାବେ ପ୍ରଧାପକ ପ୍ରଭାତ ବିଶ୍ୱାଳ ଯୋଗ ଦେଇଥିଲେ। ଅଧ୍ୟାପକ ପ୍ରଦୀପ ସାହୁ ନିଶା ସେବନର ଅପକାରିତା ସମ୍ପର୍କରେ ସୂଚନା ଦେଇଥିଲେ। ଅଧ୍ୟାପକ ପ୍ରଦୀପ ଦେୱାନ, ଦେବରାଜ ସାହୁ, ଅଧ୍ୟାପିକା ମୀନା ସାହୁ ମଞ୍ଚାସୀନ ଥିଲେ। ଅଧ୍ୟାପିକା ପୁଷ୍ପମଞ୍ଜୁରୀ ପ୍ରଧାନ ଧନ୍ୟବାଦ ଦେଇଥିଲେ।

ଗାଇସିଲେଟ୍: ବରଗଡ଼ ଜିଲ୍ଲା ଗାଇସିଲଲେଟ ପଞ୍ଚାୟତ ସମିତି ମହାବିଦ୍ୟାଳୟ ଠାରେ କେନ୍ଦ୍ର ଓ ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ତଥା ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରଣାଳୟ ଭାରତ ସରକାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିଶା ମୁକ୍ତ ଭାରତ ଅଭିଯାନ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ଜୟକେତନ ତ୍ରିପାଠୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା। ସଭାରେ ଅଧ୍ୟାପକ ପ୍ରତାପଚନ୍ଦ୍ର ଦାଶ, ନିଗମାନନ୍ଦ ପୃଷ୍ଟି, ଅଧ୍ୟାପିକା ପ୍ରତୀକ୍ଷା ତନସନା, ଡ.ବୀଣାପାଣି ତାଣ୍ଡି ଓ ଖେଳ ଶିକ୍ଷକ ହେମନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ନିଶା ସେବନର କାରଣ, ଏହାର କୁପ୍ରଭାବ ଏବଂ ତାର ନିରାକରଣ ସମ୍ପର୍କରେ ସଚେତନ କରାଯାଇଥିଲା। ଅଧ୍ୟକ୍ଷ ଡ. ଜୟକେତନ ତ୍ରିପାଠୀ ଛାତ୍ରଛାତ୍ରୀଙ୍କୁ ନିଶା ବିରୋଧରେ ଉଦବୋଧନ ଦେଇଥିଲେ। ଶେଷରେ ଡ.ବୀଣାପାଣି ତାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁର୍ନୀତି ନିବାରଣ ଓ ସାଇବର୍ ସଚେତନତା

ପଦ୍ମପୁର,୨୭।୧୦(ସମିସ): ସ୍ଥାନୀୟ ମହିଳା ସ୍ନାତକ ମହିଳା ମହାବିଦ୍ୟାଳୟ ପରିସରରେ ଯୁବ ରେଡ୍‌କ୍ରସ ତରଫରୁ ଦୁର୍ନୀତି ନିବାରଣ ସପ୍ତାହରେ ଶପଥ ପାଠ ଓ ସାଇବର ସଚେତନତା କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ଅଧ୍ୟକ୍ଷା କଳ୍ପନା ରାଣୀ ନାଥ ଏଥିରେ ସଭାପତିତ୍ୱ କରିଥିଲେ। ଦୁର୍ନୀତି କିପରି ସମାଜର ଏକ ସଂକ୍ରାମକ ବ୍ୟାଧି ଓ ତାକୁ ନିରାକରଣ କରିବା ଦାୟିତ୍ୱ ଉପରେ ବୁଝାଇଥିଲେ। ପଦ୍ମପୁର ଥାନା ଅଧିକାରୀ ମମତା ନାୟକ ମୁଖ୍ୟ ଅତିଥି ଭାବେ ଦୁର୍ନୀତି ନିବାରଣର ଶପଥ ପାଠ କରାଇବା ସହ ସାଇବର ଠକେଇ ବାବଦରେ ସମସ୍ତଙ୍କୁ ବୁଝାଇଥିଲେ। ଛାତ୍ରୀମାନଙ୍କୁ ସାଇବର ସଚେତନତା ଉପରେ ଏକ ଛୋଟ ଭିଡିଓ ଦେଖାଇଥିଲେ। ଛାତ୍ରୀମାନଙ୍କ ମଧ୍ୟରେ ଉଭୟ ଓଡ଼ିଆ ଓ ଇଂରାଜୀରେ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସୋନିଆ ମେହେର ଓ ରିକିତା ପ୍ରଧାନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ କାଦମ୍ବିନୀ ପାଣିଗ୍ରାହୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି

ଗାଇସିଲେଟ,୨୭।୧୦(ସମିସ): ବରଗଡ଼ ଜିଲ୍ଲା ଗାଇସିଲେଟ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଶ୍ରୀ ଆଦିତ୍ୟ ଗୋୟଲଙ୍କ ଅଧ୍ୟକ୍ଷତାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଶ୍ରୀ ଗୋୟଲଙ୍କ ସହ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଲଲାଟ ଲୁହା, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ପାଣ୍ଡବ ଶବର, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ କୁବେର ମହନ୍ତ ଏବଂ ବ୍ଲକ୍ ଅଧ୍ୟକ୍ଷ ପ୍ରଣୟ ସାହୁ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଜିଲ୍ଲାପାଳ ଜନ ଅଭିଯୋଗ ଶୁଣାଣି ପୂର୍ବରୁ ଗାଇସିଲେଟ ବ୍ଲକ୍ ଓଏସ୍‌ଡବ୍ଲ୍ୟୁଏଏନ୍ ହଲ ଠାରେ ଉପସ୍ଥିତ ରହି ସମସ୍ତ ବ୍ଲକ୍ ସ୍ତରୀୟ କର୍ମଚାରୀଙ୍କୁ ସାଧୁତାର ଶପଥ ପାଠ କରାଇଥିଲେ। ଶିବିରରେ ଜଳସେଚନ, ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ ଯୋଗାଣ, ରାସନ କାର୍ଡ, ବାର୍ଦ୍ଧକ୍ୟ ଏବଂ ବିକଳାଙ୍ଗ ଭତ୍ତା, ରାସ୍ତା ନିର୍ମାଣ, କୃଷି ଆଦି ସମସ୍ୟା ଆଧାରିତ ସମୁଦାୟ ୧୪୧ଟି ଅଭିଯୋଗ ମଧ୍ୟରୁ ୯୮ଟି ବ୍ୟକ୍ତିଗତ ଏବଂ ୪୩ଟି ସାମୂହିକ ଅଭିଯୋଗର ଶୁଣାଣି କରି ସମସ୍ତ ସମସ୍ୟା ଗୁଡିକର ତୁରନ୍ତ ସମାଧାନ କରିବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ମାଁ ଦଶମତି ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



ବିଜେପୁର,୨୭।୧୦(ସମିସ): ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ୍ ଅଧୀନ ବାଉଁଶ ପୋଲା ରାଜୀବ ଗାନ୍ଧୀ ଖେଳପଡିଆ ଠାରେ ଏକଦିବସୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭାରତୀୟ ଆର୍ମିରେ କାର୍ଯ୍ୟରତ ଯବାନ ଅନନ୍ତ ବିଶି ଓ ରେଭିନ୍ୟୁ ଇନ୍ସପେକ୍ଟର ପ୍ରକାଶ ପ୍ରଧାନ, ସମ୍ମାନିତ ଅତିଥି ସାମାଜିକ କର୍ମୀ ପିଣ୍ଟୁ ସାହୁ ପ୍ରମୁଖ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଇଛାପୁର, ମାଝିପାଲି, ଖରମୁଣ୍ଡା, ତେଲିପାଲି, ଗର୍ଭଣା, ଡୁମେରପାଲି, କାଇଁସିର, ଘେସଁ ପ୍ରମୁଖ ଦଳ ଅଂଶଗ୍ରହଣ କରିଥିଲେ। ଇଛାପୁର ଓ କାଇଁସିର୍ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ କାଇଁସିର ୦-୨ ଗୋଲ୍ ସ୍କୋର କରି ବିଜେତା ହୋଇଥିଲା। ଇଛାପୁର ଦଳର ସର୍ବଶ୍ରେଷ୍ଠ ଖେଳାଳି ଭାବେ ରାମଚନ୍ଦ୍ର ନାଏକଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ଗୌରାଙ୍ଗ ପାଣ୍ଡେ, ଶିବୁ, ଅଜୟ ପ୍ରଧାନ ଖେଳକୁ ପରିଚାଳନା କରିଥିଲେ। ନେତାଜୀ କ୍ଲବ୍‌ର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାର ପକ୍ଷରୁ 'ଆସ ଆମେ ପଢ଼ିବା' କାର୍ଯ୍ୟକ୍ରମ

ବରଗଡ଼,୨୭।୧୦(ସମିସ): ବରଗଡ଼ ବ୍ଲକ୍ ବରଡୋଲ୍ ପଞ୍ଚାୟତ ଅଧୀନ ପିପିଲି ପାଲି ଗାଁରେ ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାର ଆନୁକୂଲ୍ୟରେ 'ଆସ ଆମେ ପଢ଼ିବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପାଠାଗାରର ପ୍ରତିଷ୍ଠାତା ଡ.ରବିନାରାୟଣ ସାହୁଙ୍କ ତତ୍ତ୍ୱାବଧାନରେ ଓ ସାମାଜିକକର୍ମୀ ଅର୍ଜୁନ ସେଟ୍‌ଙ୍କ ସଂଯୋଜନାରେ କର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଦିବ୍ୟକାନ୍ତି ଭୋଇ, ଅବସରପ୍ରାପ୍ତ ଶିକ୍ଷକ କପିଳ ବାଗ, ମୀନା ପଣ୍ଡା, ଗୋପବନ୍ଧୁ ପୁରୋହିତ ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଆଲୋକ ବାରିକ ସହଯୋଗ କରିଥିବା ବେଳେ ବରଗଡ଼ ଜିଲ୍ଲା ସମାଜସେବୀ ସଂଗଠନର ସଭାପତି ବଳିଷ୍ଟ ଦୁର୍ଗା ଯୋଗ ଦେଇଥିଲେ। ଏହି ଅବସରରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଦିବ୍ୟକାନ୍ତି ଭୋଇଙ୍କ ତରଫରୁ ଛାତ୍ରଛାତ୍ରୀଙ୍କୁ ମାଗଣା ଖାତା ଓ ଡଟ୍‌ପେନ୍ ବଣ୍ଟନ କରାଯାଇଥିଲା।

## ସମଲେଶ୍ୱରୀ ବ୍ୟବସାୟୀ ସଂଘର ନୂତନ ପରିଚାଳନା କମିଟି

ବରଗଡ଼,୨୭।୧୦(ସମିସ): ସ୍ଥାନୀୟ ସିନ୍ଧୁ ଭବନ ଠାରେ ଲେଙ୍ଗୁ ମିଶ୍ର ଛକ ପାଖରେ କୋଓପରେଟିଭ ବ୍ୟାଙ୍କ ସାମନାରେ ଥିବା ମାଁ ସମଲେଶ୍ୱରୀ ବ୍ୟବସାୟୀ ସଂଘର ନୂତନ ସଭାପତି ଭାବେ ସମାଜସେବୀ ସର୍ଦ୍ଦାର ପ୍ରୀତମ ସିଂହଙ୍କୁ ସର୍ବସମ୍ମତି କ୍ରମେ ନିର୍ବାଚିତ କରାଯାଇଛି। ଅନ୍ୟାନ୍ୟ ସଦସ୍ୟ ମାନଙ୍କୁ ମଧ୍ୟ ବିଭିନ୍ନ ଦାୟିତ୍ୱ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ରମେଶ ପୋପଟାନୀ, ଦୀପକ ଆହୁଜା, ଯୁଧିଷ୍ଠିର ପ୍ରଧାନ, ହରଜୀତ ସିଂ, ମହମ୍ମଦ ଗୁଲାମନବି ଖାନ, ରବିଶଙ୍କର ପୋପଟାନୀ, ଦୀପକ ଭଣ୍ଡାରୀ, ରାଜୁ ଗୁପ୍ତା ଏବଂ ସୁରେଶ ପୋପଟାନୀ ପ୍ରମୁଖ ବ୍ୟବସାୟୀ ମାନେ ଉପସ୍ଥିତ ଥିଲେ। ଶେଷରେ ଯୁଧିଷ୍ଠିର ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

## ପ୍ରଶିକ୍ଷଣ ଶିବିର 'ସମ୍ଭବ'ର ପଞ୍ଚମ ଓ ଷଷ୍ଠ ପର୍ଯ୍ୟାୟ ଉଦ୍‌ଯାପିତ



ପଦ୍ମପୁର,୨୭।୧୦(ସମିସ): ବରଗଡ଼ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର 'ସମ୍ଭବ'ର ପଞ୍ଚମ ଓ ଷଷ୍ଠ ପର୍ଯ୍ୟାୟ ସ୍ଥାନୀୟ ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପଦ୍ମପୁରରେ ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନଶିକ୍ଷକଙ୍କ ଦକ୍ଷତା ଓ ନେତୃତ୍ୱ ବିକାଶ ନିମନ୍ତେ ଏହି ପ୍ରଶିକ୍ଷଣ ଶିବିର ଆୟୋଜିତ ହେଉଛି। ଏହାର ଅନ୍ତିମ ଦିବସରେ ଗୋପାଳଜୀ ପ୍ରସାଦ ପାଣିଗ୍ରାହୀ ଶିବିରର ଅଧ୍ୟକ୍ଷତା କରିଥିଲେ। ବୈଠକରେ ବିଜ୍ଞାନ ଶିକ୍ଷକ ସଞ୍ଜୟ ଖମାରୀ ଓ ମାନସ ଶତପଥୀ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଅତିଥି ଭାବେ ସ୍ଥାନୀୟ ବିଇଓ ଲୋକନାଥ ଭୋଇ, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଶିକ୍ଷକ ପ୍ରଶିକ୍ଷକ ସସ୍ମିତା ସାହୁ, ବରୁଣ କୁମ୍ଭକାର, ରଶ୍ମିତା ସୁନା, ରାଜବୋଡ଼ାସମ୍ବର ହାଇସ୍କୁଲର ପ୍ରଧାନଶିକ୍ଷକ ନିରାଳମ୍ବ ପଟେଲ, ପେଡାଗୋଜି କୋର୍ଡିନେଟର ପୁଷ୍ପାଞ୍ଜଳି ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ତିମ ଦିବସରେ ପ୍ରଶିକ୍ଷକ ଝାରବନ୍ଧ ବ୍ଲକ୍ ଶିକ୍ଷା ଅଧିକାରୀ ଶୁଭମ୍ ପତି, ଜନତା ହାଇସ୍କୁଲ ଭୁକ୍ତାର ବିଜ୍ଞାନ ଶିକ୍ଷକ ସଞ୍ଜୟ ଖମାରୀ, କ୍ୟାରିଅର ଗାଇଡାନ୍ସ, କ୍ୟାରିଅର କାଉନସେଲିଂ, କ୍ୟାରିଅର ପୋର୍ଟାଲର ଆବଶ୍ୟକତା ଏବଂ ଧନ୍ଦା ମୂଳକ ଶିକ୍ଷାର ଗୁରୁତ୍ୱ ସମ୍ପର୍କରେ ଧାରଣା ପ୍ରଦାନ କରିଥିଲେ। ଶିକ୍ଷକ ପ୍ରଶିକ୍ଷକ ବେଣୁଧର ବରିହା ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ପୁରୁଷୋତ୍ତମ ହାଇସ୍କୁଲ ରୁଚିଦାର ପ୍ରଧାନଶିକ୍ଷକ ଅଜୟ ମେହେର ଉପସ୍ଥାପନ ବୃଦ୍ଧି ଓ ଅଧାରୁ ପାଠ ଛାଡ଼ିବାର ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ। ପଣକିପାଲି ହାଇସ୍କୁଲର ଶିକ୍ଷକ ପୁସ୍ତମ୍ ବିଶି ଏବଂ ତୋରା ହାଇସ୍କୁଲର ପ୍ରଧାନଶିକ୍ଷକ ସଙ୍ଗୀତା ରାଣୀ ମିଶ୍ର ବ୍ଲୁମ ଟାକସୋନୋମି ଉପରେ ଆଲୋକପାତ କରିଥିଲେ। ପ୍ରଶିକ୍ଷାର୍ଥୀ ମାନଙ୍କ ମଧ୍ୟରେ ପ୍ରଧାନ ଶିକ୍ଷକ ଦ୍ୱାଦଶ ପ୍ରଧାନ, ଟିକେଶ୍ୱର ପ୍ରସାଦ ପଟେଲ, ରାଜେଶ ଖମାରୀ ଏବଂ ପ୍ରଧାନଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ବରିହା ଉପସ୍ଥିତ ଥିଲେ। ସମସ୍ତ ସାଧନକର୍ମୀ ଓ ପ୍ରଶିକ୍ଷାର୍ଥୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ଶିକ୍ଷକ ପୁସ୍ତମ୍ ବିଶି ଧନ୍ୟବାଦ ଅର୍ପଣ କରିଥିଲେ।

## କୁଇଜ୍ ପ୍ରତିଯୋଗିତାରେ ସଂସ୍କାର ସ୍କୁଲ ଛାତ୍ର ପୁରସ୍କୃତ

ବରଗଡ଼,୨୭।୧୦(ସମିସ): ଭିଏସ୍‌ଏସ୍‌ୟୁଟି ବୁର୍ଲା ଦ୍ୱାରା କୁଇଜ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ବରଗଡ଼ ଏବଂ ସମ୍ବଲପୁର ଅଞ୍ଚଳର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। କୁଇଜ୍ ପ୍ରତିଯୋଗିତାରେ ସଂସ୍କାର ଇଣ୍ଟରନ୍ୟାସନାଲ ସ୍କୁଲର ଛାତ୍ର ଆଶିଷ ବିଶ୍ୱାଳ ଓ ଏହସାନ୍ ଏହମଦ୍ ସିନିୟର ବିଭାଗରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରତିଯୋଗିତାର ପ୍ରାରମ୍ଭରେ ଭିଏସ୍‌ଏସ୍‌ୟୁଟିର କୁଳପତି ଡ.ଦୀପକ ସାହୁ ପ୍ରାରମ୍ଭିକ ଭାଷଣ ଦେଇଥିଲେ। ଡ.ମଧୁସ୍ମିତା ପ୍ରଧାନ, ଡ.ସ୍ମିତା ପ୍ରଧାନ ଏବଂ ଡ.ପଦ୍ମନାଭ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଭିଏସ୍‌ଏସ୍‌ୟୁଟିର ବରିଷ୍ଠ ଛାତ୍ରଛାତ୍ରୀ ପ୍ରତିଯୋଗିତାର ପରିଚାଳନା କରିଥିଲେ। ଛାତ୍ର ମାନଙ୍କର ସଫଳତାରେ ସଂସ୍କାର ସ୍କୁଲର ଅଧ୍ୟକ୍ଷ ସୁମନ ସାୱଡିଆ, ପ୍ରଧାନଶିକ୍ଷକ କରନ ସାହୁଙ୍କ ସମେତ ପରିଚାଳନା ସମିତି ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା ଅଭିଭାବକଗଣ ଅଭିନନ୍ଦନ ଜଣାଇଛନ୍ତି।

## ଖବର ପ୍ରକାଶ ପରେ ମଞ୍ଜୁ ପାଇଲେ ଭିନ୍ନକ୍ଷମ ପ୍ରମାଣପତ୍ର

ପାଇକମାଳ,୨୭।୧୦(ସମିସ)




'ସକାଳ' ପ୍ରଭାବ

ସାତ ମାସ ଧରି ମିଳି ନ ଥିବା ପ୍ରମାଣପତ୍ର ୭ ଘଣ୍ଟାରେ ମିଳିଲା

ସୋମବାର ଦୈନିକ 'ସକାଳ' ଖବରକାଗଜରେ "୭ ମାସ ବିତିଲା ପଛେ ମିଳିଲାନି ଭିନ୍ନକ୍ଷମ ପ୍ରମାଣପତ୍ର" ଶୀର୍ଷକ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ପକ୍ଷରୁ ତତ୍ପରତା ଦେଖାଦେଇଛି। ୭ ଘଣ୍ଟା ମଧ୍ୟରେ ମଞ୍ଜୁ ବାଗକୁ ଭିନ୍ନକ୍ଷମ ପ୍ରମାଣପତ୍ର ମିଳିଛି। ସୂଚନାଯୋଗ୍ୟ, ପାଇକମାଳ ବ୍ଲକ୍ ଛିଡେଇକେଲା ପଞ୍ଚାୟତ ମଖନମୁଣ୍ଡା ଗାଁର ହରିଜନ ପଡାର ଧନଞ୍ଜୟ ବାଗଙ୍କ ଝିଅ ମଞ୍ଜୁ ବାଗ (୨୦) ମାନସିକ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରିବାକୁ ମଞ୍ଜୁଙ୍କ ପିତାମାତା ଆଶା ରଖିଛନ୍ତି। ଏନେଇ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇଥିବାରୁ ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ତାହିର ହୁସେନ ଓ ବିଡିଓ ପ୍ରଫୁଲ୍ଲ ଓଦୁ ତଥା ପାଇକମାଳ ବ୍ଲକ୍ ସକାଳ ଖବରକାଗଜ ପ୍ରତିନିଧି ଗିରିଶ ଚନ୍ଦ୍ର ମାଝୀଙ୍କୁ ପରିବାର ଲୋକେ କୃତଜ୍ଞତା ଜଣାଇଛନ୍ତି।

କରିଥିଲେ। ଏନେଇ ପ୍ରଶାସନ ତତ୍ପରତା ଦେଖାଇ ୭ ଘଣ୍ଟା ମଧ୍ୟରେ ମଞ୍ଜୁଙ୍କ ପ୍ରମାଣପତ୍ର ଦେଇଥିଲେ ଓ ମଞ୍ଜୁଙ୍କ ପ୍ରମାଣପତ୍ର ସଂଲଗ୍ନ କରି ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଏବଂ ବର୍ଦ୍ଧିତ ପେନସନ ମଞ୍ଜୁର ପାଇଁ ପାଇକମାଳ ବିଡିଓ ପ୍ରଫୁଲ ଓଦୁଙ୍କ ନିକଟକୁ ପଠାଇଥିଲେ। ଏନେଇ ବିଡିଓ ଦୃଷ୍ଟି ଦେଇ ଶୀଘ୍ର ମଞ୍ଜୁଙ୍କୁ ବର୍ଦ୍ଧିତ ୩୫୦୦ ଭତ୍ତା

# ବାତ୍ୟା ମୁକାବିଲା ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି

ଜଗତସିଂହପୁର,୨୭।୧୦(ସମିସ)

ବାତ୍ୟା ମୋନ୍ଥାକୁ ନେଇ ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଆଜି ଅପରାହ୍ନରେ ବାତ୍ୟା ପରିସ୍ଥିତିର ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି ସମ୍ପର୍କରେ ଜିଲ୍ଲାପାଳ ଜେ. ସୋନାଲ ପ୍ରେସ୍ ବିବୃତି ଜରିଆରେ ଜଣାଇଛନ୍ତି। ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା ଯୋଗୁଁ ଜଗତସିଂହପୁର ଜିଲ୍ଲାରେ ୨୭ରୁ ୨୯ ତାରିଖ ପର୍ଯ୍ୟନ୍ତ ବର୍ଷା ଓ ପବନ ବହିବାର ସମ୍ଭାବନା ରହିଛି। ୨୭ ତାରିଖ ସକାଳୁ ୨୯ ତାରିଖ ପର୍ଯ୍ୟନ୍ତ ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ରହିଛି ବୋଲି ଜିଲ୍ଲାପାଳ କହିଥିଲେ। ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବାତ୍ୟା ମୁକାବିଲା ପାଇଁ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ହେବା ସହ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଦୁଇଥର ହୋଇସାରିଛି। ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ଅଛି। ସମସ୍ତ ବିଭାଗୀୟ ଅଧିକାରୀ ସେମାନଙ୍କ କାର୍ଯ୍ୟ କରୁଛନ୍ତି। ବର୍ତ୍ତମାନର ପରିସ୍ଥିତ ଓ ସୂଚନା ଅନୁଯାୟୀ ଜିଲ୍ଲା ପ୍ରତି ସେପରି କିଛି ବିପଦ ନାହିଁ ବୋଲି ଜିଲ୍ଲାପାଳ ସୂଚନା ଦେବା ସହ ଜନସାଧାରଣଙ୍କୁ ଏଥିପାଇଁ ଭୟଭୀତ ନ ହେବାକୁ କହିଥିଲେ।

୨୮ ଓ ୨୯ ପାଇଁ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ରହିଛି। ବର୍ଷା ଜଳମଗ୍ନ ଅଞ୍ଚଳରୁ ଜଳ ନିଷ୍କାସନ ପାଇଁ ପ୍ରଶାସନ ଓ ବିଭାଗୀୟ ଅଧିକାରୀ ପ୍ରସ୍ତୁତ ଅଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକୀୟ ଔଷଧ ମହଜୁଦ ରଖାଯାଇଛି। ହୀରାକୁଦ ଡ୍ୟାମର ପ୍ରବାହକୁ ମଧ୍ୟ ପ୍ରତ୍ୟେକ କ୍ଷଣ ନଜର ରଖାଯାଉଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଶାସନ ସମସ୍ତ ବ୍ୟବସ୍ଥା କରିବେ ଓ ସଠିକ୍ ପଦକ୍ଷେପ ନେବେ ବୋଲି ସେ କହିଥିଲେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବ୍ଲକ୍ ଓ ତହସିଲରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ରହିଛି ଓ ଜରୁରୀ କ୍ଷେତ୍ରରେ ଜନସାଧାରଣଙ୍କୁ ଯୋଗାଯୋଗ କରିବା ପାଇଁ ସେ କହିଥିଲେ। ଜିଲ୍ଲା ଜରୁରିକାଳୀନ ବିଭାଗ କଣ୍ଟ୍ରୋଲ ରୁମ୍ ନମ୍ବର ୨୨୦୩୬୮ରେ ଆବଶ୍ୟକ ସ୍ଥଳେ ଯୋଗାଯୋଗ କରିପାରିବେ। ବଜାରରେ ଆବଶ୍ୟକୀୟ ସାମଗ୍ରୀ ଦର ବୃଦ୍ଧି ଉପରେ ମଧ୍ୟ ନଜର ରଖାଯାଇଛି। ଜିଲ୍ଲା ଯୋଗାଣ ଅଧିକାରୀ ଓ ଏମଆଇମାନେ ନିଜେ ଯାଇ ତା'ର ଯାଞ୍ଚ କରୁଛନ୍ତି। ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି। ବର୍ତ୍ତମାନର ସ୍ୱଚ୍ଛଳ ପରିସ୍ଥିତିକୁ ନଜରରେ ରଖି ବାତ୍ୟା ଆଶ୍ରୟ ସ୍ଥଳୀକୁ ସ୍ଥାନାନ୍ତରଣର ବ୍ୟବସ୍ଥା କରାଯାଇନାହିଁ। କିନ୍ତୁ ପ୍ରଶାସନ ଏଥିପାଇଁ ପ୍ରସ୍ତୁତ ରହିଛି। ଆବଶ୍ୟକ ସ୍ଥଳେ ପଦକ୍ଷେପ ନିଆଯିବ ଓ ବାତ୍ୟା ଆଶ୍ରୟ ସ୍ଥଳୀର ଲାଇଟ୍, ଶୌଚାଳୟ ଓ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା ରଖାଯାଇଛି। ତଦାରଖ ମଧ୍ୟ କରାଯାଉଛି। ଜିଲ୍ଲାପାଳ ନିଜେ କୁଜଙ୍ଗ, ଏରସମା, ବାଲିକୁଦାର ବିଭିନ୍ନ ବାତ୍ୟାପ୍ରବଣ ଅଞ୍ଚଳ ପରିଦର୍ଶନ କରି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ଜିଲ୍ଲାର ବିଭିନ୍ନ ବାତ୍ୟା ଆଶ୍ରୟ ସ୍ଥଳ ପରିଦର୍ଶନ କରି ଅତ୍ୟାବଶ୍ୟକୀୟ ସେବା ସୁବ୍ୟବସ୍ଥିତ କରିବା ପାଇଁ ସଂପୃକ୍ତ ବିଡିଓ, ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାରେ ୪୫ଟି ବାତ୍ୟା ଆଶ୍ରୟ ସ୍ଥଳୀ ରହିଛି। ତନ୍ମଧ୍ୟରୁ ୪୨ଟି ଓସଡମା ଓ ୩ଟି ରେଡକ୍ରସ ଦ୍ୱାରା ପରିଚାଳିତ ବୋଲି ଜରୁରୀ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏଥିସହିତ ସମସ୍ତ ଜିଲ୍ଲାବାସୀଙ୍କୁ ଭୟଭୀତ ନ ହୋଇ, ଗୁଜବର ଶିକାର ନ ହୋଇ, ସତ୍ୟାସତ୍ୟ ଅନୁସନ୍ଧାନ ସହ ପ୍ରଶାସନକୁ ସହଯୋଗ କରିବା ପାଇଁ ଜିଲ୍ଲାପାଳ ସୂଚନା ଦେଇଛନ୍ତି।

## ପିକ୍‌ଅପ୍ ଧକ୍କାରେ ମାଆପୁଅ ଗୁରୁତର

ବାଲିକୁଦା,୨୭।୧୦(ସମିସ): କଟକ-ମାଛଗାଁ ମୁଖ୍ୟ ରାସ୍ତାର ଆମ୍ବଶାଳ ନିକଟରେ ଏକ ମହିନ୍ଦ୍ରା ପିକଅପ୍ ଗାଡ଼ି ଦ୍ରୁତ ଗତିରେ ଆସି ବାଇକ୍‌କୁ ଧକ୍କା ଦେବା ଫଳରେ ମାଆପୁଅ ଗୁରୁତର ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଅନନ୍ତପୁର ପଞ୍ଚାୟତ ଭୂଆସୁଣି ଗ୍ରାମର ତୁଷାରକାନ୍ତ ବେହେରାଙ୍କ ୨୧ ବର୍ଷୀୟ ପୁଅ ଆଶୁତୋଷ ବେହେରା ଅସୁସ୍ଥ ଥିବା ମାଆ ପ୍ରତିମା ବେହେରାଙ୍କୁ ବାଇକ୍‌ରେ ବାଲିକୁଦା ମେଡିକାଲକୁ ନେଉଥିଲେ। ଆମ୍ବଶାଳ ନିକଟରେ ବାଲିକୁଦା ପଟୁ ଦ୍ରୁତ ଗତିରେ ଆସୁଥିବା ମହିନ୍ଦ୍ରା ପିକଅପ ଗାଡ଼ି ଧକ୍କା ଦେଇଥିଲା। ଦୁଇଟି ଯାକ ଗାଡ଼ି ରାସ୍ତା କଡରେ ଥିବା ଧାନ ବିଲକୁ ପଶିଯିବା ସହ ଆଶୁତୋଷଙ୍କ ମୁଣ୍ଡ ଫାଟି ପ୍ରଚୁର ରକ୍ତସ୍ରାବ ହେବା ସହ ଗୋଡ଼ ଭାଙ୍ଗି ବେହୋସ ହୋଇଯାଇଥିଲେ। ମାଆ ପ୍ରତିମାଙ୍କ ଅଣ୍ଟା ହାଡ଼ ମଧ୍ୟ ଭାଙ୍ଗିଯାଇଥିଲା। ସ୍ଥାନୀୟ ଲୋକେ ପୁଲିସକୁ ସୂଚନା ଦେଇଥିଲେ ମଧ୍ୟ ବିଳମ୍ବରେ ପହଞ୍ଚି ଥିବା କାରଣରୁ ନିଶାସକ୍ତ ପିକଅପ୍ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯିବାରେ ସଫଳ ହୋଇଥିଲା। ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗକୁ ଅବଗତ କରାଇବା ପରେ ଅଗ୍ନିଶମ ବାହିନୀ ଉଦ୍ଧାର କରି ବାଲିକୁଦା ମେଡିକାଲରେ ଭର୍ତ୍ତି କରିଥିଲେ। ମାଆକୁ ଜଗତସିଂହପୁର ମେଡିକାଲ ଓ ପୁଅକୁ କଟକ ମେଡିକାଲ ପଠାଯାଇଥିଲା। ସେଠାରେ ସଙ୍କଟାପନ୍ନ ଅବସ୍ଥାରେ ଆଶୁତୋଷଙ୍କ ଚିକିତ୍ସା ଜାରି ରହିଥିବା ପରିବାର ପକ୍ଷରୁ ସୂଚନା ଦିଆଯାଇଛି।

## ଶ୍ୟାମାକାଳୀ ପୂଜା କମିଟି ପକ୍ଷରୁ ଚାରାରୋପଣ ଓ ରକ୍ତଦାନ ଶିବିର



ପାରାଦୀପ,୨୭।୧୦(ସମିସ): ମା' ଶ୍ୟାମାକାଳୀ ପୂଜା କମିଟିର ବାର୍ଷିକ ଉତ୍ସବ ସ୍ଥାନୀୟ ଉଦୟବଟ ଭିତରଗଡ଼ କଲୋନୀରେ ପାଳିତ ହୋଇଯାଇଛି। ଏ ଅବସରରେ ଚାରାରୋପଣ ଓ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ମା' ଶ୍ୟାମାକାଳୀ ଡ୍ରାମାଟିକ୍ କ୍ଲବ ଓ ରାଇଜିଂ ଷ୍ଟାର୍ କ୍ରିକେଟ୍ କ୍ଲବ୍ ମିଳିତ ସହଯୋଗରେ କାଳୀ ମନ୍ଦିର, ଆଖଣ୍ଡଳମଣି ମନ୍ଦିର ଓ ଜଗନ୍ନାଥ ମନ୍ଦିର ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବାବେଳେ ସ୍ମାଇଲ ଚାରିଟେବୁଲ ଟ୍ରଷ୍ଟ ସହଯୋଗରେ କ୍ଲବ୍ ପକ୍ଷରୁ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ଏହି ଶିବିରରେ ୪୭ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଟ୍ରଷ୍ଟର ସଭାପତି ସଚିତ୍ର ରାଉତଙ୍କ ସମେତ ସମସ୍ତ ସଦସ୍ୟ ରକ୍ତଦାନ ଶିବିରରେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ୟାମାକାଳୀ ଡ୍ରାମାଟିକ କ୍ଲବ୍ ସଭାପତି ତୀର୍ଥ ନାୟକ, ରାଇଜିଂ ଷ୍ଟାର୍ କ୍ରିକେଟ୍ କ୍ଲବ୍ ସଭାପତି ସାରଦା ପ୍ରସାଦ ସ୍ୱାଇଁ, ଜିତେନ୍ଦ୍ର ସାହୁ, ରତିକାନ୍ତ ଜେନା, ସୁମନ ମଣ୍ଡଳ, ସୁବ୍ରତ ସ୍ୱାଇଁ ଓ ପ୍ରସାଦ ମଣ୍ଡଳ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଏସିଡ୍ ଆକ୍ରମଣ ରୋକିବା ସମ୍ପର୍କିତ ସଚେତନତା



ଜଗତସିଂହପୁର,୨୭।୧୦(ସମିସ): ଜଗତସିଂହପୁର ଜିଲ୍ଲା ଅଦାଲତ ସମ୍ମିଳନୀ ସଭାଗୃହରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ନାଲସା ଯୋଜନା ଅନୁଯାୟୀ ଏସିଡ୍ ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତିଙ୍କ ପାଇଁ ଆଇନ ସେବା ଯୋଜନା ୨୦୧୬, ଦଣ୍ଡବିଧାନ ଆଇନ୍ ଓ ଓଡ଼ିଶା ପିଡ଼ିତା କ୍ଷତିପୂରଣ ଯୋଜନା ସମ୍ପର୍କରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଓ ଦୌରା ଜଜ୍ ତଥା ପ୍ରାଧିକରଣର ଅଧ୍ୟକ୍ଷ ଶ୍ରୀନିବାସ ପ୍ରତିହାରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ପକ୍ସୋ ଅଦାଲତର ଆଡହକ୍ ଅତିରିକ୍ତ ଜିଲ୍ଲା ଜଜ୍ ଏସ୍.ଏ.କେ.ଜେଡ୍ ଜାହିରା ଅହମ୍ମଦ, ପରିବାର ଅଦାଲତ ବିଚାରପତି ରଶ୍ମିତା ଦଳେଇ, ଅତିରିକ୍ତ ଜିଲ୍ଲା ଜଜ୍ ହରପ୍ରସାଦ ପଟ୍ଟନାୟକ, ସ୍ୱତନ୍ତ୍ର ପକ୍ସୋ ଅଦାଲତର ଅତିରିକ୍ତ ଜିଲ୍ଲା ଜଜ୍ ଗାର୍ଗୀ ପଟ୍ଟନାୟକ, ଜିଲ୍ଲା ଓକିଲ ସଂଘ ସମ୍ପାଦକ ପ୍ରସନ୍ନ ମହାନ୍ତି, ମୁଖ୍ୟ ଆଇନ ସହାୟତା ପ୍ରତିରକ୍ଷା ଓକିଲ ଓଜସ୍ୱିତୀ ମହାନ୍ତି, ମହିଳା ଅଦାଲତ ବିଚାରପତି ସ୍ୱପ୍ନାଶ୍ରୀ ନାୟକ, ସବଜଜ୍ ରାକେଶ ମୁଦୁଲି, ପ୍ରାଧିକରଣ ସଚିବ ବିଡିଡି ଚନ୍ଦନା ଓ ଆଇନଜୀବୀ ଉପସ୍ଥିତ ଥିଲେ। ଜିଲ୍ଲା ଜଜ୍ ଶ୍ରୀ ପ୍ରତିହାରୀ ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିବା ସହ ଏସିଡ୍ ଆକ୍ରମଣର ଶିକାର ହେଉଥିବା ବ୍ୟକ୍ତିଙ୍କ ପାଇଁ ଆଇନଗତ ସହାୟତା ଓ କ୍ଷତିପୂରଣ ପାଇଁ ବିଭିନ୍ନ ଆଇନଗତ ବ୍ୟବସ୍ଥା ସମ୍ପର୍କରେ ସଚେତନ କରାଇଥିଲେ। ତତ୍‌ସହିତ ଏସିଡ୍ ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତିଙ୍କୁ ମାଗଣା ଚିକିତ୍ସା ଯୋଗାଇ ଦେବା ସହ ସେମାନେ କିପରି ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇପାରିବେ, ଏହି ବିଷୟରେ ପୁନଙ୍ଗ ସରକାରୀ ଉଚ୍ଚବିଦ୍ୟାଳୟର ଛାତ୍ରୀଙ୍କୁ ସଚେତନ କରାଇଥିଲେ। ବିଦ୍ୟାଳୟର ଛାତ୍ରୀଙ୍କ ଦ୍ୱାରା ଏସିଡ୍ ଆକ୍ରମଣକୁ ଭିତ୍ତି କରି ଏକ ନାଟକ ପରିବେଷଣ କରାଯାଇଥିଲା। କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପ୍ରାଧିକରଣ ସଚିବ ବିଡିଡି ଚନ୍ଦନା ପରିଚାଳନା କରିଥିଲେ।

## ରାମକୃଷ୍ଣ ବିଦ୍ୟାଳୟରେ ସାଇବର ସୁରକ୍ଷା ସଚେତନତା

ଏରସମା,୨୭।୧୦(ସମିସ): ଏରସମା ବ୍ଲକ୍‌ର ଡିହସାହିସ୍ଥ ଚମ୍ପେଶ୍ୱର ରାମକୃଷ୍ଣ ସରକାରୀ ଉଚ୍ଚବିଦ୍ୟାଳୟରେ ରେଡିଓ ଆଉଟରିଚ ୯୦.୮ ଏଫ୍‌ଏମ୍ ପକ୍ଷରୁ ସାଇବର ସୁରକ୍ଷା ସଚେତନତା ମାସ ପାଳନ ଅବସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରେଡିଓ ଆଉଟରିଚର ଷ୍ଟେସନ ଡାଇରେକ୍ଟର ତଥା ସାଇବର ଡିଫେଣ୍ଡର ସୁବ୍ରତ ପତି ଏଥିରେ ଯୋଗଦେଇ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କୁ ସାଇବର ଅପରାଧ ରୋକିବା ପାଇଁ ବିଭିନ୍ନ ଉପାୟ ସମ୍ପର୍କରେ ସୂଚନା ଦେଇଥିଲେ। ସୁରକ୍ଷିତ ମୋବାଇଲ ବ୍ୟବହାର, ଅଜଣା ବ୍ୟକ୍ତିଙ୍କୁ ବ୍ୟକ୍ତିଗତ ତଥ୍ୟ ନ ଦେବା, ବ୍ୟାଙ୍କ ନାଁରେ ଆସୁଥିବା ଫୋନ କଲ୍ ପ୍ରତି ସତର୍କ ରହିବାକୁ ଶ୍ରୀ ପତି ପରାମର୍ଶ ଦେଇଥିଲେ। ଅତିଥି ଭାବେ ସାମ୍ବାଦିକ ତୃପ୍ତିରଞ୍ଜନ ମହାନ୍ତି କାର୍ଯ୍ୟକ୍ରମରେ ଯୋଗଦେଇ ସାଇବର ସୁରକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ତାପସ ମହାନ୍ତି ରେଡିଓ ଆଉଟରିଚ ପକ୍ଷରୁ ସାଇବର ସଚେତନତା ପାଇଁ କରାଯାଇଥିବା ପ୍ରୟାସକୁ ପ୍ରଶଂସା କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପାରାଦୀପ ବନ୍ଦର ପକ୍ଷରୁ ସତର୍କତା ସଚେତନତା



ପାରାଦୀପ,୨୭।୧୦(ସମିସ): ପାରାଦୀପ ବନ୍ଦର ପକ୍ଷରୁ ଆଜି ସତର୍କତା ସଚେତନତା ସପ୍ତାହ ଉଦଘାଟିତ ହୋଇଛି। ଏହା ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ। ଚଳିତ ବର୍ଷର ବିଷୟବସ୍ତୁ ହେଲା "ସତର୍କତା ଆମର ସହଭାଗୀ ଦାୟିତ୍ୱ'। ବନ୍ଦରର ମୁଖ୍ୟ ଚିକିତ୍ସାଧିକାରୀ ବିଭୂତି ଭୂଷଣ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ। ପ୍ରଥମ ଦିବସରେ କର୍ମଚାରୀ କର୍ମକ୍ଷେତ୍ରରେ ନିଜର ନୈତିକ ଆଚରଣକୁ ସୁଦୃଢ଼ କରିବା ପାଇଁ ସଚେତନତା ଉପରେ ପ୍ରତିଯୋଗିତା କରାଯାଇଥିଲା। କାନମାସ ପକ୍ଷରୁ ଏକ ପ୍ରଭାବଶାଳୀ ନାଟକ 'ଗଳାବାଟ' ପ୍ରଦର୍ଶିତ ହୋଇଥିଲା। ସ୍ଥାନୀୟ ସ୍କୁଲର ଛାତ୍ରଛାତ୍ରୀ ସ୍ୱଚ୍ଛତା ଓ ସୁଶାସନର ମୂଲ୍ୟବୋଧକୁ ବୁଝିବା ପାଇଁ ସେମାନଙ୍କ ମଧ୍ୟରେ ଓଡିଆ, ହିନ୍ଦୀ ଓ ଇଂରାଜୀ ଭାଷାରେ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ୭ ଦିନ ବ୍ୟାପି ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ପଦଯାତ୍ରା, ବକ୍ତୃତା ପ୍ରତିଯୋଗିତା, ଚିତ୍ରାଙ୍କନ, ଫ୍ୟାନ୍ସି ଡ୍ରେସ ପ୍ରତିଯୋଗିତା ଆୟୋଜିତ ହେବ ବୋଲି ପାରାଦୀପ ବନ୍ଦର ଲୋକ ସମ୍ପର୍କ ବିଭାଗ ପକ୍ଷରୁ କୁହାଯାଇଛି।

## ବଇରଖ ବିଦ୍ୟାଳୟରେ ଶିକ୍ଷକ ଅଭାବ ଅଭିଯୋଗ



ବାଲିକୁଦା,୨୭।୧୦(ସମିସ): ବାଲିକୁଦା ବ୍ଲକ୍ ନହରଣା ପଞ୍ଚାୟତର ବଇରଖ ଗ୍ରାମରେ ଥିବା ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ନେଇ ଗଣ୍ଡକୂଳ ଗ୍ରାମବାସୀ ଓ ଅଭିଭାବକ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଉକ୍ତ ବିଦ୍ୟାଳୟରେ ୫ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ନିଯୁକ୍ତି ଦିଆଯାଇଥିଲା। ୫ ବର୍ଷ ପୂର୍ବେ ଦୁଇଜଣ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ଜଣେ ଶିକ୍ଷକଙ୍କୁ କରୋନା କାଳରେ ଶହେ ଦିନିଆ ସ୍କିମ୍‌ରେ ଅନ୍ୟତ୍ର ବଦଳି କରାଯାଇଥିଲା। ଏହାପରଠାରୁ ଉକ୍ତ ବିଦ୍ୟାଳୟରେ ଶିକ୍ଷକ ଅଭାବ ଦେଖାଦେଇଛି। ଫଳରେ ନୂତନ ନାମ ଲେଖାଇବା ସମ୍ପୂର୍ଣ୍ଣ ବନ୍ଦ ହୋଇଯିବା ସହିତ ଅଧ୍ୟୟନରତ ଛାତ୍ରଛାତ୍ରୀ ଅନ୍ୟ ବିଦ୍ୟାଳୟକୁ ଚାଲିଯାଉଛନ୍ତି। ପୂର୍ବରୁ ଏହି ସମସ୍ୟାର ସମାଧାନ ନିମନ୍ତେ ବିଦ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବା ସହିତ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା। ଆଜି ପୁରାତନ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ଦ୍ୱାରା ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସୁଶାନ୍ତ ମହାନ୍ତି ଗୋଟିଏ ମାସ ପରେ ଜଣେ ବିଜ୍ଞାନ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ ବୋଲି ଦୃଢ଼ ପ୍ରତିଶ୍ରୁତି ମିଳିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏହି ଧାରଣାରେ ଅବସରପ୍ରାପ୍ତ ଶିକ୍ଷକ କ୍ଷେତ୍ରମୋହନ ମୁଦୁଲି, ଅଜୟ ଜେନା, ରାକେଶ ନାୟକ, ରୁଦ୍ରନାରାୟଣ ପ୍ରଧାନ, ସୁବ୍ରତ ନାୟକ, ନରେନ୍ଦ୍ର ସେଠ, ଅଭିଜିତ ବିଶ୍ୱାଳ, ମିଟୁନା ଶୁକ୍ଳା, ତ୍ରିନାଥ ସାହୁ, ନଳିନୀ ଜେନା, ସୁଚିତ୍ରା ଜେନା, ଶ୍ୟାମ ବିଶ୍ୱାଳ, ଦିନେଶ ସ୍ୱାଇଁ, ଅଶୋକ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଆଗାମୀ ଏକମାସ ମଧ୍ୟରେ ସମସ୍ୟାର ସମାଧାନ ନ ହେଲେ ପୁନର୍ବାର ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି।

## ଗୋସ୍ୱାମୀ ଯଶୋବନ୍ତଙ୍କ ମହାପ୍ରୟାଣ ଦିବସ ପାଇଁ ପ୍ରସ୍ତୁତି ବୈଠକ



ବିରିଡ଼ି, ୨୭।୧୦(ସମିସ): ଆସନ୍ତା ନଭେମ୍ବର ୨୬ ତାରିଖରେ ମଧ୍ୟଯୁଗୀୟ ପଞ୍ଚସଖାଙ୍କ ମଧ୍ୟମଣି ସିଦ୍ଧସାଧକ ଗୋସ୍ୱାମୀ ଯଶୋବନ୍ତ ଦାସଙ୍କ ମହାପ୍ରୟାଣ ଦିବସ ଗାଦିପୀଠ ଅଢଙ୍ଗ ନାଇଲୋଠାରେ ପାଳନ କରାଯିବ। ସେଠାରେ ଗଢିଉଠିଥିବା ଅଗ୍ରଣୀ କଳା ସାହିତ୍ୟ, ସଂସ୍କୃତି ଓ ସାରସ୍ୱତ ଭରା ଅନୁଷ୍ଠାନ ଯଶୋବନ୍ତ ସାହିତ୍ୟ ସଂସ୍କୃତି ସଂସଦ ପକ୍ଷରୁ ଏହା ପାଳନ କରାଯିବ। ଅନୁଷ୍ଠାନ ପକ୍ଷରୁ କରାଯିବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ଚୂଡ଼ାନ୍ତ ବୈଠକ ସଂସଦର ସ୍ଥାୟୀ ସଭାପତି ଦେବୀପ୍ରସାଦ ତ୍ରିପାଠୀଙ୍କ ପୌରୋହିତ୍ୟରେ ସଂସଦର ସନ୍ଥନିବାସରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ଗତବର୍ଷର ଆୟବ୍ୟୟ ଓ ଚଳିତବର୍ଷ ହେବାକୁ ଥିବା କାର୍ଯ୍ୟକ୍ରମ ଆୟବ୍ୟୟ ଉପରେ ତଥ୍ୟ ରଖିଥିଲେ। ମୁଖ୍ୟ ଉପଦେଷ୍ଟା ଲିଙ୍ଗରାଜ ମଲ୍ଲ କାର୍ଯ୍ୟକ୍ରମକୁ ସଂଯୋଜନା କରିବା ସହ ଉକ୍ତ ଦିବସରେ ହେବାକୁ ଥିବା ସମସ୍ତ କାର୍ଯ୍ୟକ୍ରମର ସୂଚୀ ସମ୍ପର୍କରେ ବୁଝାଇଥିଲେ। ଚଳିତ ବର୍ଷ ଏହି ସାରସ୍ୱତ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ, ଶିଳ୍ପମନ୍ତ୍ରୀ, ସଂସ୍କୃତି ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଓ ଜଗତସିଂହପୁର ସାଂସଦଙ୍କୁ ନିମନ୍ତ୍ରଣ କରାଯିବାକୁ ଶ୍ରୀ ମଲ୍ଲ ପ୍ରସ୍ତାବ ରଖିଥିଲେ। ଏହାକୁ ଉପସ୍ଥିତ ସଭ୍ୟଙ୍କ ଦ୍ୱାରା ଗୃହୀତ ହୋଇଥିଲା। ସଂସଦ ପକ୍ଷରୁ ପ୍ରଦାନ କରାଯାଉଥିବା ଯଶୋବନ୍ତ ପ୍ରତିଭା ସମ୍ମାନ ତିରୁପତି ବିଶ୍ୱବିଦ୍ୟାଳୟ, ଜଗନ୍ନାଥ ସଂସ୍କୃତି ବିଶ୍ୱବିଦ୍ୟାଳୟ ଓ କିଟ୍ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ. ହରେକୃଷ୍ଣ ଶତପଥୀଙ୍କୁ ପ୍ରଦାନ କରାଯିବାକୁ ସ୍ଥିର କରାଯାଇଥିବାବେଳେ ସାହିତ୍ୟ ସମ୍ମାନ ଡକ୍ଟର ସୁରେନ୍ଦ୍ର ନାଥ ଶତପଥୀ, ସଂସ୍କୃତି ସମ୍ମାନ ବିଶିଷ୍ଟ ଗୀତିକାର ଅରୁଣ ମନ୍ତ୍ରୀଙ୍କୁ ଦିଆଯିବ। ସେହିପରି ଆଦର୍ଶ ମହିଳା ସମ୍ମାନ ଶିକ୍ଷୟିତ୍ରୀ ପ୍ରିୟତମା ସାହୁ, ସେବା ସମ୍ମାନ ବିଷ୍ଣୁପ୍ରିୟା ସେବା ସମିତି ଗଡିରାଉତପାଟଣା ତଥା ପଞ୍ଚତୀର୍ଥର ସ୍ରଷ୍ଟା ପ୍ରଫୁଲ ଦାସଙ୍କୁ ଦିଆଯିବାକୁ ସ୍ଥିର କରାଯାଇଥିଲା। ଅନ୍ୟପକ୍ଷରେ ନିଟ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଡାକ୍ତରୀ ପାଠ ପଢିବାକୁ ଯୋଗ୍ୟ ହୋଇଥିବା ୩ ଜଣଙ୍କୁ ସମ୍ମାନିତ କରାଯିବା ସହ ସଂସଦ ପକ୍ଷରୁ କରାଯାଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବ ବୋଲି ଶ୍ରୀ ମଲ୍ଲ ସୂଚନା ଦେଇଥିଲେ। ଉତ୍ସବକୁ ଶୃଙ୍ଖଳାର ସହ କରାଯିବାକୁ ସଭାପତି ଶ୍ରୀ ତ୍ରିପାଠୀ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବୈଠକରେ ନେତ୍ରାନନ୍ଦ ପାତ୍ର, ରମେଶ ମହାନ୍ତି, ପ୍ରଦୀପ୍ତ ସାମଲ, ନିକୁଞ୍ଜ ଭଞ୍ଜ, ଅଲେଖ ବାରିକ, ଆମଲେନ୍ଦୁ ମହାପାତ୍ର, ଅଶୋକ ଜେନା, ପ୍ରଦୀପ୍ତ ରାୟ, ମଧୁସୂଦନ ତ୍ରିପାଠୀ, ଅକ୍ଷୟ ଦାସ, ସୁଧାଂଶୁ ସାହୁ, ଦେବାଶିଷ ମହାନ୍ତି, ସୌମ୍ୟରଞ୍ଜନ ପାତ୍ର, ପ୍ରିୟତମା ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## କବି ରାଜେନ୍ଦ୍ର ପଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି



ଜଗତସିଂହପୁର,୨୭।୧୦(ସମିସ): ବିଶିଷ୍ଟ କବି ତଥା ପ୍ରାକ୍ତନ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ପରଲୋକ ହୋଇଯାଇଛି। ତାଙ୍କୁ ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସ୍ଥାନୀୟ ମୂଳିସିଂହସ୍ଥ ସେଣ୍ଟ ଜାଭିୟର୍ସ ପବ୍ଲିକ୍ ସ୍କୁଲ ପରିସରରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ପରିଷଦର ସଭାପତି ଅବସରପ୍ରାପ୍ତ ଅଧ୍ୟାପକ ଓ ସ୍ତମ୍ଭକାର ହିମାଂଶୁ ଆଚାର୍ଯ୍ୟ ଅଧ୍ୟକ୍ଷତା କରି ସ୍ୱର୍ଗତ ରାଜେନ୍ଦ୍ର ପଣ୍ଡା ଜଣେ ସୁନାମଧନ୍ୟ କବି ତଥା ଦକ୍ଷ ପ୍ରଶାସନିକ ଅଧିକାରୀ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ନିର୍ଦ୍ଦେଶକ ବିକ୍ରମ ଜେନା, ଅଧ୍ୟକ୍ଷା ଜ୍ୟୋତିର୍ମୟୀ ମହାରଣା, ଶିକ୍ଷକ ଅଶୋକ ବେହେରା, ଶିକ୍ଷୟିତ୍ରୀ ସୁଦେଷ୍ଣା ଦାସ, ମୋନାଲିସା ଭଟ୍ଟ ଓ ପ୍ରିୟଙ୍କା ମଣ୍ଡଳ ପ୍ରମୁଖ ଅଂଶଗ୍ରହଣ କରି ସ୍ୱର୍ଗତ ପଣ୍ଡାଙ୍କ ସାହିତ୍ୟ କୃତି ବିଷୟରେ ଆଲୋଚନା କରିଥିଲେ। ୧୭ଟି କବିତା ସଂକଳନ, ଦୁଇଟି ଚର୍ଚ୍ଚିତ ଉପନ୍ୟାସ ତାଙ୍କୁ କାଳଜୟୀ କରି ରଖିବ ବୋଲି କହିବା ସହିତ ସେଥିପାଇଁ ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର, ବିଷୁବ ପୁରସ୍କାର, ସାରଳା ସମ୍ମାନ ଇତ୍ୟାଦି ଲାଭ କରିଛନ୍ତି ବୋଲି ମତ ଦେଇଥିଲେ। ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଶିକ୍ଷୟିତ୍ରୀ ମିନତୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ମାରିଟାଇମ ସପ୍ତାହ କାର୍ଯ୍ୟକ୍ରମରେ ପାରାଦୀପ କଲେଜ ଛାତ୍ରଛାତ୍ରୀଙ୍କ ଅଂଶଗ୍ରହଣ

ପାରାଦୀପ, ୨୭।୧୦(ସମିସ): ମୁମ୍ବାଇର ନେସ୍କୋ କେନ୍ଦ୍ରରେ ଭାରତର ମାରିଟାଇମ ସପ୍ତାହ କାର୍ଯ୍ୟକ୍ରମରେ ଯୋଗଦେବାକୁ ପାରାଦୀପ ମହାବିଦ୍ୟାଳୟର ୯ ଜଣ ଛାତ୍ରଛାତ୍ରୀ ଇତିହାସ ବିଭାଗ ବିଭାଗୀୟ ମୁଖ୍ୟ ଅକ୍ଷୟ ମିଶ୍ରଙ୍କ ନେତୃତ୍ୱରେ ମୁମ୍ବାଇ ଯାତ୍ରା କରିଛନ୍ତି। ପାରାଦୀପ ମହାବିଦ୍ୟାଳୟ ଅଧ୍ୟକ୍ଷା ଡଃ ସସ୍ମିତା ଶତପଥୀ ଉପସ୍ଥିତ ରହି ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ବାର୍ତ୍ତା ଦେବା ସହ ଏହି ଯୋଗଦାନ ଛାତ୍ରଛାତ୍ରୀଙ୍କ ବିକାଶରେ ସହାୟକ ହେବ ବୋଲି କହିଥିଲେ। ଏଥିରେ ଅଧ୍ୟାପକ ଗଣେଶ୍ୱର ପାତ୍ର, ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳାର ସହ ଯାତ୍ରା କରିବା ପାଇଁ ପରାମର୍ଶ ଦେଇଥିଲେ।





## କନକପୁର ସ୍ୱାସ୍ଥ୍ୟକେନ୍ଦ୍ର ପରିସରରୁ ବେଆଇନ ଗଛକଟା



ତିର୍ତ୍ତୋଲ, ୨୭।୧୦(ସମିସ): ତିର୍ତ୍ତୋଲ ବ୍ଲକ୍ ଅର୍ନ୍ତଗତ କନକପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରୁ ଗତକାଲି ବିଳମ୍ବିତ ରାତିରେ ଦୁଇଟି ବଡ଼ ଗଛକୁ ବେଆଇନ ଭାବେ କାଟି ଦିଆଯାଇଥିବା ନେଇ ତହସିଲଦାରଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗ ପରେ ତିର୍ତ୍ତୋଲ ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳକୁ ଯାଇ ଦୁଇଟି କାଠ ଗଣ୍ଡିକୁ ଜବତ କରିଛନ୍ତି। ରବିବାର ବିଳମ୍ବିତ ରାତିରେ ଗଛ କଟା ଯାଇଥିବାବେଳେ ସକାଳେ ସ୍ଥାନୀୟ ଗ୍ରାମବାସୀ ଏହା ଦେଖି ଡାକ୍ତରଙ୍କୁ ପଚାରିଥିଲେ। କିନ୍ତୁ ସେ କୌଣସି ଉତ୍ତର ଦେଇ ନ ଥିଲେ ଓ ମୋବାଇଲ୍ ଫୋନ୍‌କୁ ସୁଇଚ ଅଫ କରିଦେଇଥିଲେ। ସ୍ଥାନୀୟ ଗ୍ରାମବାସୀ ଏ ସମ୍ପର୍କରେ ତିର୍ତ୍ତୋଲ ତହସିଲଦାରଙ୍କୁ ଅଭିଯୋଗ କରିଥିଲେ। ଏହି ଦୁଇଟି ଗଛ କାଟିବା ଯୋଗୁଁ ସ୍ୱାସ୍ଥ୍ୟକେନ୍ଦ୍ରର ଉତ୍ତର ପାଶ୍ୱର୍ ପାଚେରି ଭାଙ୍ଗିଯାଇଛି।

## ରଘୁନାଥପୁର ବ୍ଲକ୍ କାର୍ଯ୍ୟାଳୟରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର
# ଦୁଇଟି ଅଭିଯୋଗର ତତ୍କାଳ ଫଇସଲା

ଜଗତସିଂହପୁର/ରଘୁନାଥପୁର, ୨୭।୧୦(ସମିସ)



ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ରଘୁନାଥପୁର ବ୍ଲକ୍ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଜନଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ଜେ ସୋନାଲ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରି ୨ଟିର ତତ୍କାଳ ଫଇସଲା କରିଛନ୍ତି। ଆଜି ଆୟୋଜିତ ଜନଅଭିଯୋଗ ଶୁଣାଣି ଶିବିରରେ ୮୩ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରେ ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ୭୩ଟି ଓ ଗୋଷ୍ଠୀଗତ ସମସ୍ୟା/ଗ୍ରାମ୍ୟ ସମସ୍ୟା ସମ୍ପର୍କିତ ୧୦ଟି ଅଭିଯୋଗ ଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ରାସନ୍ କାର୍ଡ ସମ୍ବନ୍ଧୀୟ ୧୦ଟି, ଆବାସ ଯୋଜନା ୧୫ଟି, ଜମିଜମା ସମସ୍ୟା ସମ୍ପର୍କିତ ୧୫ଟି, ପୁଲିସ୍ ସହାୟତା ପାଇବା ପାଇଁ ୨ଟି, ପେନସନ ପାଇବା ପାଇଁ ୧୩ଟି, ରେଡକ୍ରସ ସମସ୍ୟା ସମ୍ପର୍କିତ ୧ଟି ଓ ଅନ୍ୟାନ୍ୟ ୧୫ଟି ଅଭିଯୋଗ ଥିଲା। ୨ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏଥିସହ ଗୋରେଖନାଥ ପୀଠ ବାହାରେ କମ୍ ମୂଲ୍ୟରେ ଶୁଖିଲା ଭୋଗ ବିକ୍ରୟ ଯୋଗୁଁ ୬୫ ଲକ୍ଷ ଟଙ୍କାରେ ନିଲାମଧାରୀ ଭୋଗ ଦୋକାନୀଙ୍କ ବ୍ୟାପକ କ୍ଷତି ସମ୍ପର୍କରେ ସତ୍ୟବ୍ରତ ତ୍ରିପାଠୀ ଅଭିଯୋଗ କରିଥିଲେ। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସେ ଅନୁରୋଧ କରିଥିଲେ। ଏହାବ୍ୟତୀତ କଟକ-ପାରାଦୀପ ଜନଗହଳିପୂର୍ଣ୍ଣ ରାସ୍ତାର ରଘୁନାଥପୁର, ତାରପୁର ବାଇପାସ୍ ଓ ଜଇପୁର ଛକରେ ଟ୍ରାଫିକ ସମସ୍ୟା ଦୂର କରିବା ପାଇଁ ରମ୍ବଲସ ନିର୍ମାଣ ପାଇଁ ଅଭିଯୋଗ ହୋଇଥିଲା। ରାସ୍ତାର ଉଭୟ ପାଶ୍ୱର୍ରେ ବାଲି ଗଦା ହୋଇଥିବାରୁ ବାଇକ ଆରୋହୀ ଅସୁବିଧାର ସମ୍ମୁଖୀନ ହେଉଥିବା ଆଲୋଚନା ହୋଇଥିଲା। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ସ୍ଥାନୀୟ ସରପଞ୍ଚ ଅଭିଯୋଗ କରିଥିଲେ। ଏହି ଶିବିରରେ ଆରକ୍ଷୀ ଅଧୀକ୍ଷକ ଅଙ୍କିତ କୁମାର ବର୍ମା, ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ରଘୁନାଥପୁର ବିଡିଓ ବିରଞ୍ଚି ନାରାୟଣ ବେହେରା, ତହସିଲଦାର ରାଜଲକ୍ଷ୍ମୀ ନାୟକ, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିଥିଲେ।

# କଟକ ସିଟି



## ନୂଆଁଖାଇ ଭେଟଘାଟରେ ଝୁମିଲା ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ




**କଟକ,୨୭।୧୦(ସମିସ):** ସ୍ଥାନୀୟ ନୟାବଜାର ସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ ରବିବାର ଅତ୍ୟନ୍ତ ହର୍ଷୋଲ୍ଲାସ ମଧ୍ୟରେ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ଇକୋ କ୍ଲବ୍ ଓ ଏସିବିସି କ୍ଲବ୍ ସହଯୋଗରେ ଆୟୋଜିତ ଦିବସବ୍ୟାପୀ ଏହି ଭେଟଘାଟ କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ଛାତ୍ରଛାତ୍ରୀ, ଅଧ୍ୟାପକ ଓ ବିଶ୍ୱବିଦ୍ୟାଳୟର କର୍ମଚାରୀ ଯୋଗଦେଇଥିଲେ। କୁଳପତି ପ୍ରଫେସର ଡ. ତେଜପ୍ରତାପ ମୁଖ୍ୟଅତିଥି ଭାବରେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଏହି ଉଦ୍ୟମକୁ ପ୍ରଶଂସା କରିବା ସହ ଏହା ରାଜ୍ୟର ସଭ୍ୟତା ଓ ସଂସ୍କୃତିର ପରିଚାୟକ ବୋଲି କହିଥିଲେ। ସେହିପରି ସମ୍ମାନିତ ଅତିଥି ତଥା ଛାତ୍ର କଲ୍ୟାଣ ବିଭାଗ ଡିନ୍ ପ୍ରଫେସର ଡ. ଜୟପ୍ରକାଶ ଭଞ୍ଜ ପଶ୍ଚିମ ଓଡ଼ିଶାର ସଂସ୍କୃତି ଓ ପରମ୍ପରା ଅନନ୍ୟ ବୋଲି କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ପାର୍ଥସାରଥି ମିଶ୍ର, ସୀମା ତ୍ରିପାଠୀ, ସ୍ୱାଧୀନ ମହାନ୍ତି, ସଚ୍ଚିଦାନନ୍ଦ ଦାଶ ପ୍ରମୁଖ ମେଣ୍ଟର ଥିବାବେଳେ ଛାତ୍ର ସୌମ୍ୟଦର୍ଶୀ ପ୍ରୟାସ ପ୍ରଧାନ ସଂଯୋଜକ ଦାୟିତ୍ୱରେ ଥିଲେ। ରିତେଶ ନାୟକ ଲୋକସଙ୍ଗୀତ ଗାୟକ ଦାୟିତ୍ୱ ତୁଲାଇଥିଲେ। ଓଡ଼ିଶୀ ନୃତ୍ୟ ପ୍ରଦର୍ଶନୀରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ପରେ ସମ୍ବଲପୁରୀ ସାଂସ୍କୃତିକ ନୃତ୍ୟ ପ୍ରଦର୍ଶନ, ସମ୍ବଲପୁରୀ ଆଉଟ୍ ଫିଟରେ ରାମ୍ପ ୱାକ୍, ସମ୍ବଲପୁରୀ ନୃତ୍ୟ ସାଙ୍ଗକୁ କବିତା ଆବୃତ୍ତି ଇତ୍ୟାଦି ଅନୁଷ୍ଠିତ ହୋଇଥିଲା। ଏଥିସହ ପଶ୍ଚିମ ଓଡ଼ିଶାର ସନାମଧନ୍ୟ କଳାକାର ଭେରାଓମ୍ ବାଘ, ଦ ଆର୍ ସ୍କୋୟାର୍ ଏସ୍ ହାପିଷ୍ଟିଡ୍, ଅଙ୍କିତ ରାଜ୍ ଏବଂ ସୌଭାଗ୍ୟଲକ୍ଷ୍ମୀ ଦାଶଙ୍କ ରଙ୍ଗାରଙ୍ଗ ପ୍ରଦର୍ଶନ ସାଙ୍ଗକୁ ଶରଧାପାଲି ଶରଗମିଲୀ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ପାରମ୍ପରିକ ସମ୍ବଲପୁରୀ ଲୋକନୃତ୍ୟ ପ୍ରଦର୍ଶିତ ହୋଇଥିଲା। ଏଥି ସହ ବିଶ୍ୱବିଦ୍ୟାଳୟ ପରିସରରେ ସୁସ୍ୱାଦୁ ଫୁଡ୍ ଷ୍ଟଲ ଗୁଡ଼ିକରେ ମଧ୍ୟ ଉପସ୍ଥିତ ଖାଦ୍ୟପ୍ରେମୀମାନେ ଭିଡ଼ ଜମାଇଥିଲେ।

**ଏକାଠି ହେଲେ ପଶ୍ଚିମ ଓଡ଼ିଶା ଛାତ୍ରଛାତ୍ରୀ**

### ଆକ୍ସନ୍ ମୋଡ୍‌ରେ କମିଶନରେଟ୍ ପୁଲିସ

## ସହରରୁ ହଟିବ ବେଆଇନ ଜୁଆ ଆଡ୍ଡା

**କଟକ,୨୭।୧୦(ସମିସ):** କମିଶନରେଟ୍ ପୁଲିସ ଥାନାୱାରୀ ବେଆଇନ୍ ଭାବେ ଚାଲିଥିବା ଜୁଆ ଆଡ୍ଡାର ତାଲିକା ପ୍ରସ୍ତୁତ କରିଛି। ଏଣିକି ଜୁଆ ଆଡ୍ଡା ଉପରେ ଚଢ଼ଉ କରିବ ନାହିଁ, ସିଧା ବୁଲ୍ ଡୋଜର୍ ଚଢ଼ାଇ ଆଡ୍ଡାକୁ ମାଟିରେ ମିଶେଇଦେବ ବୋଲି ଚେତାବନୀ ଦେଇଛି। ଗତକାଲି ଚାଉଳିଆଗଞ୍ଜ ଥାନା ପୁଲିସ ୧୫ ଜୁଆଡ଼ିଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଥାନା ଗୁଡ଼ିକୁ ଡିସିପି ଖିଲାରୀ ଋଷିକେଶ ଧ୍ୟାନଦେଓ ନିର୍ଦ୍ଦେଶ ଦେଇଛନ୍ତି। ସହରର କୌଣସି ସ୍ଥାନରେ ଜୁଆ ଆଡ୍ଡା ଥିଲା, ତାହା ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୁହାଯାଇଛି। ଏ ସମ୍ପର୍କରେ ଏଡିସିପି ଅନୀଲେନ୍ଦ୍ର ପଣ୍ଡାଙ୍କୁ ପଚାରିବାରୁ ସେ କହିଛନ୍ତି, ପୁଲିସର ଗୁଇନ୍ଦା ରିପୋର୍ଟ ଅନୁସାରେ, ସହରରେ କେତେକ ସ୍ଥାନରେ ଜୁଆ ଆଡ୍ଡା ଚାଲିଛି। ତାହା ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପଟେ ସାଇବର ଥାନା ପକ୍ଷରୁ ଅନଲାଇନ୍ ଜୁଆକୁ ବନ୍ଦ କରିବାକୁ ପ୍ରଚେଷ୍ଟା ଜାରି ରହିଛି। ସାଇବର ଥାନା ପୁଲିସ ଅନଲାଇନ୍ ଜୁଆ ନ ଖେଳିବାକୁ ଉଭୟ ଅଭିଭାବକ ଏବଂ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଉଛି। ଯୁବବର୍ଗମାନେ ନକଲି ଆପ୍ ମାୟାରେ ପଡ଼ି ଅନଲାଇନ୍‌ରେ ଜୁଆ ଖେଳି ଲକ୍ଷାଧିକ ଟଙ୍କା ହରାଉଥିବା ପୁଲିସ ନଜରକୁ ଆସିଛି। ଏଣୁ ମୋବାଇଲ୍ ପ୍ଲେଷ୍ଟୋରରୁ ଅର୍ଥ ମନଲୋଭାଉଥିବା ଅର୍ଥ କାରବାର ହେଉଥିବା ଗେମ୍ ଡାଉନଲୋଡ୍ ନ କରିବାକୁ ପୁଲିସ ନୂତନ ମାର୍ଗଦର୍ଶିକା ଜାରି କରିଛି। ସ୍ୱଳ୍ପ ଟଙ୍କା ବିନିଯୋଗ କରି ଲକ୍ଷାଧିକ ଟଙ୍କା ଆୟ କରିବା ଲୋଭରେ ଯୁବବର୍ଗ ନିଜର ବ୍ୟାଙ୍କ ଆକାଉଣ୍ଟରୁ ଲକ୍ଷାଧିକ ଟଙ୍କା ହରାଉଛନ୍ତି। ଗତ ୮ ମାସ ମଧ୍ୟରେ କଟକ ସାଇବର ଥାନାରେ ଅନଲାଇନ୍ ଜୁଆ ଖେଳି ଟଙ୍କା ହରାଇଥିବା ଅଭିଯୋଗକାରୀଙ୍କ ସଂଖ୍ୟା ୭୦ ଛୁଇଁଲାଣି। ଦିନକୁ ଦିନ ମୋବାଇଲ୍ ପ୍ଲେଷ୍ଟୋରରୁ ଅର୍ଥ ଲଗାଣ ଗେମ୍ ଡାଉନଲୋଡ୍ କରି ଜୁଆ ଖେଳାଳିଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏଭଳି ଜୁଆ ଖେଳରୁ ଦୂରେଇ ରହିବାକୁ କମିଶନରେଟ୍ ପୁଲିସ ପକ୍ଷରୁ ସ୍କୁଲ ଓ କଲେଜ ଗୁଡ଼ିକରେ ବିଭିନ୍ନ ସମୟରେ ସଚେତନତା କର୍ମଶାଳାମାନ ଆୟୋଜନ କରାଯାଉଛି। ତେବେ ଏହାର ପ୍ରଭାବ ପଡୁ ନ ଥିବା ସାମ୍ନାକୁ ଆସୁଛି। ଏଣୁ ଅଭିଭାବକ, ଶିକ୍ଷକ, ଶିକ୍ଷୟିତ୍ରୀମାନେ ନିଜ ପିଲାମାନଙ୍କୁ ଅନଲାଇନ୍ ଜୁଆ ସମ୍ପର୍କରେ ସଚେତନ କରାଇବାକୁ ସାଇବର ଥାନା ପୁଲିସ ନିବେଦନ କରିଛି। ମିଳିଥିବା ସୂଚନା ଅନୁସାରେ, ସର୍ବନିମ୍ନ ୧୧ ଟଙ୍କାରୁ ଜୁଆଖେଳ ଆରମ୍ଭ ହେଉଛି। ସର୍ବାଧିକ ୨୫ ଲକ୍ଷରୁ ଊର୍ଦ୍ଧ୍ୱ ପର୍ଯ୍ୟନ୍ତ ଏହି କାରବାର କରାଯାଉଛି। ବିଭିନ୍ନ ବର୍ଗରେ ଜୁଆଡ଼ିଙ୍କୁ ସାମିଲ କରାଯାଉଛି। ଅନଲାଇନ୍ ମାଧ୍ୟମରେ ଖେଳ ହେଉଛି। ଖେଳର ଅବଧି ୩ ପ୍ରକାର ଧାର୍ଯ୍ୟ ହୋଇଛି। ୧୫ ମିନିଟ୍, ୧ଘଣ୍ଟା ଓ ଦିନିକିଆ ଭାବେ ଜୁଆର ସମୟ ଧାର୍ଯ୍ୟ ହୋଇଛି। ଏହି ସମୟ ମଧ୍ୟରେ ଜୁଆଡ଼ିମାନେ ବେଟ୍ ଲଗାଉଛନ୍ତି। ଏକାଧିକ ଆପ୍ଲିକେସନ୍ ମାଧ୍ୟମରେ ଏଠାରେ ଜୁଆଖେଳ ହେଉଛି। ଦୁଇ ପ୍ରକାର ଅର୍ଥ ଲଗାଣ କାରବାର କରାଯାଉଛି। ଅନଲାଇନ୍ ପେମେଣ୍ଟ ମାଧ୍ୟମରେ ଯଥାରିମାନେ ଅର୍ଥ ଲଗାଣ କରୁଥିବା ବେଳେ ଅଫଲାଇନ୍ (ହାର୍ଡ କ୍ୟାସ୍)ରେ ଟଙ୍କା ଆଦାନପ୍ରଦାନ ମଧ୍ୟ କରାଯାଉଛି। ଅନଲାଇନ୍ ଜୁଆ ଖେଳରେ ଛାତ୍ରଛାତ୍ରୀ, ଯୁବବର୍ଗ ନିଜ ଘରେ ବସି ମୋବାଇଲରେ ଟଙ୍କା ବିନିଯୋଗ କରୁଥିବା ବେଳେ ଅଫଲାଇନ୍ ଜୁଆ ଖେଳରେ ରିକ୍ସାବାଲା, ଟ୍ରଲିଚାଳକ, ଛୋଟବ୍ୟବସାୟୀଙ୍କୁ କୋଟିପତି କରାଇବାର ପ୍ରଲୋଭନ ଦେଖାଇ ଜୁଆଖେଳର ମୁଖ୍ୟମାନେ ଲୁଟ୍ କରୁଛନ୍ତି। ଅଫଲାଇନ୍ ମାଧ୍ୟମରେ ଯେଉଁମାନେ ଜୁଆଖେଳ ଖେଳୁଛନ୍ତି, ସେମାନେ ତାସର ପତା ସାହାଯ୍ୟରେ ବେଟ୍ ଲଗାଉଛନ୍ତି। ଖୋଲାଖୋଲି ଭାବେ କଟକ ସହରରେ ଏହି ଜୁଆଆଡ୍ଡା ଚାଲୁଛି। ଏହାକୁ ଖୁବଶୀଘ୍ର ବନ୍ଦ କରିବାକୁ ସ୍ଥାନୀୟ ଅଞ୍ଚଳରେ ଦାବି ହେଉଛି।

**୧୫ ଜୁଆଡ଼ି ଗିରଫ ପରେ ପୁଲିସର ତନାଘନା**
**ଏଣିକି ଉଭୟ ଅନଲାଇନ୍ ଓ ଅଫଲାଇନ୍ ଜୁଆ ଆଡ୍ଡା ଉପରେ ହେବ ଚଢ଼ଉ**

## ମାମଲା ପରିସମାପ୍ତି ରିପୋର୍ଟ ଗ୍ରହଣ ପରେ ଅଦାଲତ ପ୍ରୋଟେଷ୍ଟ ପିଟିସନ୍‌କୁ ବିଚାର ପାଇଁ ଗ୍ରହଣ କରିପାରିବେ: ହାଇକୋର୍ଟ

**କଟକ,୨୭ ।୧୦(ସମିସ):** ପ୍ରମାଣ ଅଭାବରୁ ପୁଲିସ ଦ୍ୱାରା ମାମଲା ପରିସମାପ୍ତି ରିପୋର୍ଟକୁ ଗ୍ରହଣ କରିବା ପରେ ଅଦାଲତ ଉକ୍ତ ଜେନେରାଲ ରେଜିଷ୍ଟର (ଜିଆର ମାମଲା) ଆଧାରରେ ବିଚାର କରିପାରିବେ ନାହିଁ ବୋଲି ଓଡ଼ିଶା ହାଇକୋର୍ଟ କହିଛନ୍ତି। କେବଳ ଯଦି ସୂଚନାଦାତା ତଥା ଅଭିଯୋଗକାରୀ ଯଦି ଚୂଡ଼ାନ୍ତ ଫର୍ମ ଗ୍ରହଣ ବିରୋଧରେ କୌଣସି ପ୍ରତିବାଦ ଆବେଦନ ଦାଖଲ କରନ୍ତି, ତେବେ ତାହାକୁ 'ଅଭିଯୋଗ' ଭାବରେ ବିବେଚନା କରାଯାଇପାରିବ। ସେହିଭଳି ଏହି ଅଭିଯୋଗ ଆଧାରରେ ମାମଲା ବିଚାରକୁ ନିଆଯାଇପାରେ ବୋଲି ହାଇକୋର୍ଟ କହିଛନ୍ତି। ଜିଆର ମାମଲାରେ ମାଜିଷ୍ଟ୍ରେଟ୍‌ଙ୍କ କଗ୍ନିଜାନ୍ସ (ମାମଲା ଗ୍ରହଣ) ଆଦେଶରେ ତ୍ରୁଟିକୁ ନେଇ ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶ ଏପରି ନିର୍ଦ୍ଦେଶ ଦେବା ସହ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟାଗତ ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି।

ଜିଆର. ମାମଲାରେ ଆବେଦନକାରୀଙ୍କ ବିରୁଦ୍ଧରେ ଅପରାଧର ବିଚାର କରିବା ସମୟରେ ଦଫା ୨୦୦ ସହିତ ୨୦୨ ସିଆରପିସି ଅନୁଯାୟୀ ପ୍ରକ୍ରିୟା ପାଳନ କରିବାରେ ମାଜିଷ୍ଟ୍ରେଟ୍‌ଙ୍କୁ ମାମଲା ବନ୍ଦ କରିବାକୁ ପଡିବ, ଏବଂ ପ୍ରତିବାଦ ଆବେଦନକୁ ଏକ ଅଭିଯୋଗ ଭାବରେ ପଞ୍ଜୀକରଣ କରାଯିବ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି।

1ମାମଲାରୁ ପ୍ରକାଶ ଯେ ଏକ ଘରୋଇ ଶିକ୍ଷାନୁଷ୍ଠାନର ଆର୍ଥିକ ଅନିୟମିତତା ଅଭିଯୋଗ କରି ପ୍ରତିପକ୍ଷ ଛେଣ୍ଡିପଦା ଥାନାରେ ଏତଲା ଦେଇଥିଲେ। ଏହି ମାମଲାରେ କିଛି ପ୍ରମାଣ ନଥିବାରୁ ପୁଲିସ ମାମଲା ବନ୍ଦ ପାଇଁ ଛେଣ୍ଡିପଦା ଜେଏମଏଫସିଙ୍କ ଅଦାଲତରେ କ୍ଲୋଜର ରିପୋର୍ଟ ଦାଖଲ କରିଥିଲା। କ୍ଲୋଜର୍ ରିପୋର୍ଟ ଗ୍ରହଣ କରିବା ପରେ ଅଭିଯୋଗକାରୀ ମାଜିଷ୍ଟ୍ରେଟ୍‌ଙ୍କ ସମ୍ମୁଖରେ ଏକ ପ୍ରତିବାଦ ଆବେଦନ ଦାଖଲ କରିଥିଲେ। ମାଜିଷ୍ଟ୍ରେଟ୍ କିନ୍ତୁ ପ୍ରତିବାଦ ଆବେଦନକୁ ଅଭିଯୋଗ ମାମଲା ଭାବେ ବିଚାର କରିବା ପରିବର୍ତ୍ତେ ପୂର୍ବରୁ ରୁଜୁ ଜିଆର ମାମଲାକୁ ଆବେଦନକାରୀଙ୍କ ବିରୁଦ୍ଧରେ ବିଚାର ପାଇଁ ଗ୍ରହଣ କରିଥିଲେ। ଏହା ବିରୋଧରେ ସମ୍ପୃକ୍ତ ପ୍ରତିଷ୍ଠାନ କର୍ତ୍ତୃପକ୍ଷ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଫଳସ୍ୱରୂପ, କୋର୍ଟ ଜିଆର ମାମଲା ଆଧାରରେ ନିଆଯାଇଥିବା ବିଚାରକୁ ବନ୍ଦ କରିବା ଏବଂ ପ୍ରତିବାଦ ଆବେଦନକୁ ଅଭିଯୋଗ ଭାବରେ ବିଚାର ପାଇଁ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

## ନାବାଳିକା ଦୁଷ୍କର୍ମ ଅଭିଯୋଗରୁ ଦୁଇ ଜଣ ଦୋଷମୁକ୍ତ

**କଟକ, ୨୭ ।୧୦(ସମିସ):** ମାଉସୀ ପୁଅ ଭାଇର ଦୁଷ୍କର୍ମର ଶିକାର ହୋଇ ଗର୍ଭବତୀ ହୋଇଥିବା ଓ ଏଥିରେ ମାଉସୀ ସହଯୋଗ କରିଥିବା ଅଭିଯୋଗରେ ରୁଜୁ ମାମଲାରେ ଉଭୟ ଅଭିଯୁକ୍ତ ଯାଜପୁର ଜିଲାର କୁଆଖିଆ ଥାନା ଅଧୀନସ୍ଥ ସଦାନନ୍ଦପୁରର ମନୋରଞ୍ଜନ ବେହେରା ଓ ପୂର୍ଣ୍ଣିମା ଦାସଙ୍କୁ ସାତ ବର୍ଷ ପରେ କଟକର ଅତିରିକ୍ତ ଜିଲା ଓ ଦୌରା ଜଜ ତଥା ଫାଷ୍ଟ ଟ୍ରାକ କୋର୍ଟ ଦୋଷମୁକ୍ତ କରିଛନ୍ତି। ପୀଡ଼ିତା ନାବାଳିକା ଜନ୍ମ ଦେଇଥିବା ଶିଶୁକନ୍ୟାର ପିତା ସମ୍ପୃକ୍ତ ଅଭିଯୁକ୍ତ ମାଉସୀ ପୁଅ ହୋଇ ନ ଥିବା ଡିଏନଏ ରିପୋର୍ଟରୁ ପ୍ରମାଣିତ ହୋଇଥିଲା। ପୀଡ଼ିତା ଏକ ଶିଶୁକନ୍ୟାକୁ ଜନ୍ମ ଦେଇଥିବାରୁ, ପ୍ରାୟ ଦେଢବର୍ଷ ପରେ ଡିଏନଏ ଯାଞ୍ଚ ପରେ, ମନୋରଞ୍ଜନ ଶିଶୁ କନ୍ୟାର ପିତା ନ ଥିବା ଜଣାପଡ଼ିଥିବାରୁ ହାଇକୋର୍ଟରୁ ଜାମିନ ମିଳିଥିଲା। ୨୦୧୮ ଜାନୁଆରୀରୁ ମାର୍ଚ୍ଚ ମାସ ଭିତରେ ୧୪ ବର୍ଷୀୟ ପୀଡ଼ିତା ବାରମ୍ବାର ଦୁଷ୍କର୍ମର ଶିକାର ହୋଇଥିବା ନେଇ ବହୁ ବିଳମ୍ବରେ ଅର୍ଥାତ ୨୦/୬/୨୦୧୮ ରିଖରେ କଟକ ମହିଳା ଥାନାରେ ଏତଲା ଦେଇଥିଲେ। ପରଦିନ କଟକ ବଡ ଡାକ୍ତରଖାନାରେ ପୀଡ଼ିତାର ଡାକ୍ତରୀ ମାଇନାରେ ସେ ସାତମାସର ଗର୍ଭବତୀ ଥିବା ଜଣାପଡ଼ିଥିଲା। ପ୍ରକୃତ ଅପରାଧୀକୁ ମହିଳା ଥାନା ପୁଲିସ ଧରିବାକୁ ଅନୁସନ୍ଧାନ କରି ନ ଥିବାରୁ, ଏହା 'କାଉ ଖାଇଲା ପଣସ-ବଗ ମୁଣ୍ଡରେ ଅଠା' ବୋଲିବା କଥା ଭଳି ହୋଇଥିବା ଆଲୋଚନା ହେଉଛି। ଅଭିଯୁକ୍ତଙ୍କ ତରଫରୁ ଆଡଭୋକେଟ ଶଶିଭୂଷଣ ଦାସ ମାମଲା ପରିଚାଳନା କରୁଥିଲେ।

### ଅଗ୍ନିଶମ ବାହିନୀର ବାତ୍ୟା ମୁକାବିଲା ପ୍ରସ୍ତୁତି

## ଆସନ୍ତା ୭୨ ଘଣ୍ଟା ଯାଏ ସଜାଗ ରହିବାକୁ ନିର୍ଦ୍ଦେଶ

**କଟକ, ୨୭।୧୦(ସମିସ):** କଟକ ଜିଲ୍ଲାରେ ବାତ୍ୟା ମୋନ୍ଥା ମୁକାବିଲା ପାଇଁ ଅଗ୍ନିଶମ ବିଭାଗ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଛି। ବାତ୍ୟା ସମୟରେ ଏବଂ ପରବର୍ତ୍ତୀ ଉଦ୍ଧାରକାର୍ଯ୍ୟ ପାଇଁ ଜିଲ୍ଲାର ମୋଟ ୧୯ଟି ଅଗ୍ନିଶମ କେନ୍ଦ୍ରକୁ ୨୪ ଘଣ୍ଟିଆ ଆଲର୍ଟରେ ରଖାଯାଇଛି। ପର୍ଯ୍ୟାପ୍ତ ଉଦ୍ଧାରକାର୍ଯ୍ୟ ଉପକରଣ ସହ ଆବଶ୍ୟକ ସଂଖ୍ୟାରେ ଅଗ୍ନିଶମ କର୍ମଚାରୀ ସଜାଗ ରହିଛନ୍ତି।

ଅଗ୍ନିଶମ ବିଭାଗର କଟକ ସର୍କଲ ଅଧୀନ ବକ୍ସିବଜାର, ବିଡାନାସୀ, ଚାଉଳିଆଗଞ୍ଜ, ବାରଙ୍ଗ, ନିଆଳି, ଅଡଶପୁର, କୁଆଁପାଳ, ସାଲେପୁର, ମାହାଙ୍ଗା, ଚୌଦ୍ୱାର ଏବଂ ନିଶ୍ଚିନ୍ତକୋଇଲି ଅଗ୍ନିଶମ କେନ୍ଦ୍ର ରହିଛି। ସେହିପରି ଆଠଗଡ଼ ସର୍କଲ ଅଧୀନରେ ମୋଟ ୮ଟି ଅଗ୍ନିଶମ କେନ୍ଦ୍ର ରହିଛି। ବାତ୍ୟାକୁ ଦୃଷ୍ଟିରେ ରଖି ସବୁ କେନ୍ଦ୍ରର କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି। ପ୍ରତ୍ୟେକ କେନ୍ଦ୍ରରେ ନିୟୋଜିତ ଅଧିକାରୀ ଓ କର୍ମଚାରୀଙ୍କୁ ଆଗାମୀ ୭୨ ଘଣ୍ଟା ଯାଏ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ପର୍ଯ୍ୟାପ୍ତ କଟର ମେସିନ, ପାୱାର ବୋଟ, ଆସ୍କା ଲାଇଟ ସହ ଅନ୍ୟାନ୍ୟ ଉପକରଣ ଆଦି ମହଜୁଦ ରଖାଯାଇଛି। ବର୍ଷା, ପବନ ଯୋଗୁଁ ହଠାତ କୌଣସି ସ୍ଥାନରେ ଘର ଉପରେ ଗଛ ଭାଙ୍ଗପଡ଼ିଲେ କିମ୍ବା ରାସ୍ତା ଅବରୋଧ ହେଲେ ଅଗ୍ନିଶମ କର୍ମଚାରୀ ତୁରନ୍ତ ସେଠାରେ ପହଞ୍ଚିବେ। ଲଗାଣ ବର୍ଷା ଯୋଗୁଁ କଟକ ସହର କିମ୍ବା ଗ୍ରାମାଞ୍ଚଳର କୌଣସି ତଳିଆ ଅଞ୍ଚଳରେ ପାଣି ଜମିଲେ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାରକାର୍ଯ୍ୟ କରାଯିବ। ଯଦିଓ କଟକ ଜିଲ୍ଲାରେ ବାତ୍ୟାର ପ୍ରଭାବ ସେତେଟା ପଡ଼ିବନାହିଁ ବୋଲି ଆଶଙ୍କା କରାଯାଉଛି। କିନ୍ତୁ ବାତ୍ୟା ଜନିତ ଯେକୌଣସି ପରିସ୍ଥିତିର ମୁକାବିଲା କରିବା ପାଇଁ ବିଭାଗ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି ବୋଲି ସହକାରୀ ଅଗ୍ନିଶମ ଅଧିକାରୀ ସଞ୍ଜୀବ ବେହେରା ସୂଚନା ଦେଇଛନ୍ତି। ଏମିତିକି ରାଜ୍ୟର ପ୍ରଭାବିତ ଜିଲ୍ଲାକୁ ଉଦ୍ଧାରକାର୍ଯ୍ୟ ନିମନ୍ତେ କଟକର ଏକ ଟିମ ଯିବାକୁ ପ୍ରସ୍ତୁତ ଅଛି ବୋଲି ଶ୍ରୀ ବେହେରା ସୂଚନା ଦେଇଛନ୍ତି।

## ବିହାରୀ ସମ୍ପ୍ରଦାୟର ପବିତ୍ର ଛଟ ପର୍ବ

**କଟକ, ୨୭।୧୦(ସମିସ):** ଆଜି ପବିତ୍ର ଛଟ ପୂଜା। କଟକ ସହରର ଉଭୟ ପାର୍ଶ୍ୱରେ ଥିବା ମହାନଦୀ ଏବଂ କାଠଯୋଡ଼ି ନଦୀକୂଳରେ ଶହ ଶହ ମହିଳା ବ୍ରତଧାରୀ ମାନେ ଓଷା ବ୍ରତ ରଖି ସୂର୍ଯ୍ୟ ଦେବତାଙ୍କୁ ପୂଜା କରିଛନ୍ତି। ବିଶେଷ କରି କଟକ ସହରରେ ବସବାସ କରୁଥିବା ବିହାରୀ ସମ୍ପ୍ରଦାୟଙ୍କ ପକ୍ଷରୁ ଏହି ଛଟ ପୂଜା କରାଯାଏ। ଏହା ପ୍ରକୃତିର ପୂଜା। ସୂର୍ଯ୍ୟ ଦେବତା ଜଳ ଏବଂ ବାୟୁ ମଣ୍ଡଳକୁ ପୂଜା କରାଯାଏ। ଏହି ପୂଜା ଲାଗି ବିହାରୀ ସମ୍ପ୍ରଦାୟ ପକ୍ଷରୁ ବେଶ ଉତ୍ସାହ ପରିଲକ୍ଷିତ ହୋଇଛି। ବହୁ ସଂଖ୍ୟକ ମହିଳାମାନେ ଏକ ଶୋଭାଯାତ୍ରାରେ



ଆସି ନଦୀକୂଳରେ ପୂଜାର୍ଚ୍ଚନା କରିଛନ୍ତି। ଆଖୁ, ଫଳ ମୂଳ, ଏବଂ ଅର୍ଘ୍ୟ ଦେଇ ସୂର୍ଯ୍ୟଦେବତାଙ୍କୁ ପୂଜା କରିଥିଲେ। କାର୍ତ୍ତିକ ମାସ ଶୁକ୍ଳପକ୍ଷ ଷଷ୍ଠୀ ତିଥିରେ ନିଜ ପରିବାରର ସୁଖଶାନ୍ତି ସମୃଦ୍ଧି ଲାଗି ଏହି ପୂଜା କରାଯାଇଛି। ଏହି ଛଟ ପୂଜା ବିହାରୀ ସମ୍ପ୍ରଦାୟର ଗଣପର୍ବ ଭାବରେ ପରିଚିତ। ଏହି ପୂଜା ନିମନ୍ତେ ମହାନଦୀ ଏବଂ କାଠଯୋଡି ନଦୀ କୂଳରେ ସୁରକ୍ଷା ବ୍ୟବସ୍ଥାକୁ ପ୍ରଶାସନ ପକ୍ଷରୁ କଡାକଡି କରାଯାଇଛି। କାଠଯୋଡ଼ି ନଦୀକୂଳ ଦେବୀ ଗଡ଼ା ଠାରେ କଟକ ମହାନଗର ଛଟ ପୂଜା ସମିତି ପକ୍ଷରୁ ଛଟ ପୂଜାର ଆୟୋଜନ କରାଯାଇଛି।

## 'ଉତ୍କଳ ସାହିତ୍ୟ ସମାଜ'ର ନବନିର୍ବାଚିତ କର୍ମକର୍ତ୍ତାଙ୍କ ସଂକଳ୍ପ ଉତ୍ସବ

**କଟକ, ୨୭।୧୦(ସମିସ):** 'ଉତ୍କଳ ସାହିତ୍ୟ ସମାଜ'ର ନବନିର୍ବାଚିତ କର୍ମକର୍ତ୍ତା ଓ କାର୍ଯ୍ୟନିର୍ବାହିକା ସମିତି ସଭ୍ୟମାନଙ୍କ ସଙ୍କଳ୍ପ ଉତ୍ସବ ୨୭ ଅକ୍ଟୋବର ୨୦୨୫ ରିଖ ସୋମବାର ସଂଧ୍ୟାରେ ଶତାୟୁ ସୌଧ ଶ୍ରୀରାମଚନ୍ଦ୍ର ଭବନରେ ଆୟୋଜିତ ହୋଇଯାଇଛି। ଏହି ସ୍ମରଣୀୟ ସମାରୋହରେ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଗୁରୁ ମହାନ୍ତି ନବନିର୍ବାଚିତ ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ, ସାଧାରଣ ସମ୍ପାଦକ ରାଜୀବ କୁମାର ଷଡ଼ଙ୍ଗୀ, ସଂଗଠନ ସମ୍ପାଦକ ଶଶିକାନ୍ତ ରାଉତ, ପାଠାଗାର ସମ୍ପାଦକ ବ୍ରହ୍ମାନନ୍ଦ ମହାନ୍ତି, କୋଷାଧ୍ୟକ୍ଷ ଦିଲ୍ଲୀପ କୁମାର ଦାସ ଏବଂ କାର୍ଯ୍ୟନିର୍ବାହିକା ସମିତିସଭ୍ୟ ପ୍ରାଧ୍ୟାପକ ଆଦିତ୍ୟ ପ୍ରତାପ ଧଳ, ଡ. ବୈଜୟନ୍ତୀମାଳା ଶତପଥୀ, ମୀରା ବେଉରା, ଡ. ଗାୟତ୍ରୀ ଦେବୀ, ଡ. ସେନାପତି ପ୍ରଦ୍ୟୁମ୍ନ କେଶରୀ, ଅମିତାଭ ଖିଲାର, ଜେନା



ଆଦିତ୍ୟ ପ୍ରତାପ ବାଘସିଂହ, ଡ. ରଘୁ ସାହୁ, ଡ. ଧରଣୀଧର ନାଥ, ରାଜକିଶୋର ସ୍ୱାଇଁ ଓ ଗୀତାଞ୍ଜଳି ପୃଷ୍ଟିଙ୍କୁ ଶପଥପାଠ କରାଇଥିଲେ। ଉତ୍ସବରେ ନବନିର୍ବାଚିତ କର୍ମକର୍ତ୍ତା ଓ କାର୍ଯ୍ୟନିର୍ବାହିକା ସମିତି ସଭ୍ୟମାନଙ୍କୁ ସ୍ୱାଗତ କରାଯାଇଥିଲା। ନିର୍ବାଚନ ପରିଚାଳକ ନବକିଶୋର ଦାସ ବିଜୟୀ ପ୍ରାର୍ଥୀଙ୍କ ନାମ ଘୋଷଣା କରିଥିଲେ। ଏହି କାର୍ଯ୍ୟକ୍ରମକୁ ରୀତା ରାୟ ପରିଚାଳନା କରିଥିଲେ

## କଟକ ସିଏମ୍‌ସିସ୍ତରୀୟ ସୁରଭି କାର୍ଯ୍ୟକ୍ରମ

**କଟକ, ୨୭।୧୦(ସମିସ):** ନେହେରୁ ଉଚ୍ଚ ବିଦ୍ୟାପୀଠରେ କଟକ ମହାନଗର ନିଗମସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଟକ ମହାନଗର ଅନ୍ତର୍ଗତ ୧୮ ଟି କ୍ଲଷ୍ଟରର ପ୍ରାୟ ୪ ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ଛାତ୍ରଛାତ୍ରୀଙ୍କ ମଧ୍ୟରେ ସାଧାରଣଜ୍ଞାନ, ଚିତ୍ରାଙ୍କନ,



ବକ୍ତୃତା, ସଙ୍ଗୀତ, ନୃତ୍ୟ ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀମାନେ ଜିଲ୍ଲାସ୍ତରରେ ହେବାକୁ ଥିବା ସୁରଭିରେ ଅଂଶଗ୍ରହଣ କରିବେ। ଜିଲ୍ଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକ, ବ୍ଲକ ଶିକ୍ଷାଧିକାରୀ ମନିଷା ବିଶ୍ୱାଳ, ମହାନଗର ନିଗମ ସହକାରୀ ଶିକ୍ଷାଧିକାରୀ ସଞ୍ଜୁବାଳା ମିଶ୍ର, ଅନନ୍ତ ଚରଣ ଦେହୁରୀ ପରିଚାଳନା କମିଟି ସଭାପତି ଟୁମୁକି ଗୁପ୍ତା, ଗ୍ରାମ୍ୟ କମିଟିର ସମ୍ପାଦକ ହୃଷିକେଶ ସାହୁ ଅତିଥିଭାବରେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ। ବ୍ଲକ ଶିକ୍ଷା ଅଧିକାରୀ ମନିଷା ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ସଦର ବିଧାୟକ ସୌଭିକ ବିଶ୍ୱାଳ, ବିଧାୟିକା ସୋଫିଆ ଫିର୍ଦୋସ୍, ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ସଞ୍ଜୁବାଳା ମିଶ୍ର, ରବୀନ୍ଦ୍ର ବେହେରା ଅତିଥି ଭାବରେ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ଯୋବ୍ରା ସିଆରସିସି ଶୁଭସ୍ମିତା ମହାପାତ୍ରଙ୍କ ସମେତ କଟକ ସଦର ଓ ମହାନଗର ନିଗମ ସିଆରସିସିଙ୍କ ସମେତ ସମସ୍ତ କ୍ଲଷ୍ଟରର ସିଆରସିସିମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।


**THE ORISSA MINERALS DEVELOPMENT COMPANY LTD.**
CIN: L65993OR1927GOI034842
Registered office: Plot No. 271, Ground Floor, Bidyut Marg, Shastri Nagar, Unit-IV, Bhubaneswar, Odisha-751001
Tel. No. 0674-2391595, website: www.birdgroup.co.in
Email: omdc.sec.dept@gmail.com

**NOTICE OF 107 ANNUAL GENERAL MEETING AND E-VOTING INFORMATION**

This Notice is published in supersession of the earlier Notice published on 27th October, 2025, in respect of convening of 107th Annual General Meeting of The Orissa Minerals Development Company Limited through video conferencing/ other audio visual means.

In this regards Notice is hereby given that the 107th Annual General Meeting (AGM) of The Orissa Minerals Development Company Limited (the 'Company') will be held on Tuesday, 18th November, 2025 at 11:00 A.M. IST through video conferencing (VC)/other audio-visual means (OAVM), to transact the business as set out in the Notice.

In compliance with the provisions of the Companies Act, 2013 read with circulars issued by Ministry of Corporate Affairs and SEBI, from time to time, the Notice of 107th AGM and Annual Report containing the financial statements for FY 2024-25, Auditors' Report thereon, Board's Report and other documents, have been sent through e-mails on 27th October 2025, to all the Members, whose e-mail IDs are registered with the Company/Depository Participant (DP). The said documents are also available on the Company's website i.e. www.birdgroup.co.in websites of stock exchanges i.e. www.bseindia.com and www.nseindia.com and on the website of NSDL at www.evoting.nsdl.com.

Further, the Company has engaged National Securities Depository Limited (NSDL) to enable the members of the Company to attend the said AGM through VC/OAVM and to cast votes electronically, in respect of the businesses to be transacted at 107th AGM of the Company. Members of the Company holding shares either in physical form or in dematerialized form as on the Cut-off date i.e. 10th November, 2025 may cast their vote electronically in respect of business to be transacted at the AGM. The remote e-voting platform will be open for voting from Friday, 14th November, 2025(09:00 AM) to Monday, 17th November, 2025 (05:00 PM). Remote e-voting module shall be disabled by NSDL for voting thereafter. Those members, who do not cast their vote on the resolutions through remote e-voting during the above period and are otherwise not barred from doing so, shall be eligible to vote through e-voting system during the AGM.

Members who have not registered their email address or who becomes a member of the Company after dispatch of the Notice of AGM and holds shares as on the Cut-Off date, are requested to register the same with the Depository through their Depository Participant(s) in case the shares are held in electronic form and in case of shares held in physical form, with the Company's Registrar and Share Transfer Agent i.e. M/s CB Management Services Private Limited, Email: rta@cbmsl.com. Any person whose e-mail ID is not registered with the Company/DP may obtain the user Id and password for e-voting by sending a request at evoting@nsdl.co.in. However, if the member is already registered with NSDL / Remote e-voting, he/she can use his/her existing user id and Password for casting the vote. Further. Members who have cast their vote by remote e-voting may attend the AGM, but shall not be entitled to vote again at the AGM.

In case of any queries, Members may refer to the Frequently Asked Questions (FAQs) for shareholders and e-voting user manual available at the download section of NSDL website i.e. www.evoting.nsdl.com or refer to the instructions as mentioned in the Notice of 107th AGM.

**Book Closure:**
Notice is given pursuant to Section 91 of the Companies Act, 2013 and Regulation 42 of SEBI (LODR) Regulations. 2015 that the Register of Members and Share Transfer Books of the company will remain closed from 11th November 2025 to 17th November 2025 (both days inclusive) for the purpose of ensuing 107th AGM of the Company.

**Attending AGM through VC / OAVM:**
Members will be provided with a facility to attend the AGM through VC/OAVM through the NSDL e-Voting system. Members may access by following the steps mentioned for "Access to NSDL e-Voting system" in Notes to Notice. After successful login, with login credentials, Member can see link of "VC/OAVM" placed under "Join meeting" menu against Company name. Members are requested to click on VC/OAVM link placed under Join Meeting menu. The link for VC/OAVM will be available in Shareholders/Member login where the EVEN of Company will be displayed.

**Member Speaker Registration:**
Members who would like to express their views/ask questions during the 107th AGM may register themselves as a speaker and may send this request from 14th November 2025 (9.00 a.m. IST) to 16th November 2025 (5.00 p.m. IST) mentioning their name, DP ID and Client ID, Folio number, email id, mobile number at: omdc.sec.dept@gmail.com.

By the Order of the Board
Sd/-
**Pintu Kumar Biswal**
Company Secretary & Compliance Officer

**Place:** Bhubaneswar
**Date:** 27.10.2025


## ପ୍ରଦୀପ ରାଓଙ୍କ ବିୟୋଗରେ ଶୋକ

**କଟକ, ୨୭।୧୦(ସମିସ):** ବିଶିଷ୍ଟ ହୋମିଓପ୍ୟାଥିକ ଡାକ୍ତର ପ୍ରଦୀପ ରାଓଙ୍କ ବିୟୋଗରେ ମାଷ୍ଟର୍ସ ଡିଗ୍ରୀ ହୋଲର୍ଡସ ଆସୋସିଏସନ ତରଫରୁ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। କ୍ଲବର ସଭ୍ୟମାନେ ଡାକ୍ତର ରାଓଙ୍କ ବହୁମୁଖୀ ସମାଜସେବା ଉପରେ ଆଲୋକପାତ କରିବା ସହ ସେ ଜଣେ ବିଶିଷ୍ଟ ହୋମିଓପ୍ୟାଥିକ ଚିକିତ୍ସିକ ଭାବେ ରାଜ୍ୟର ସୁନାମ ଅର୍ଜନ କରିଥିଲେ ବୋଲି କହିଥିଲେ। ତାଙ୍କର ବହୁମୁଖୀ ପ୍ରତିଭା ଉପରେ ବକ୍ତାମାନେ ଆଲୋକପାତ କରିଥିଲେ। ଆଇନଜୀବୀ ଦେବକାନ୍ତ ମହାନ୍ତି, ପ୍ରଶାନ୍ତ ମହାନ୍ତି, ନଳିନୀ ଜେନା, ଭବନାଥ ଦାଶ, ଜ୍ଞାନରଞ୍ଜନ ମିଶ୍ର, ମନୋଜ ସିଂହ, ଦୀନେଶ ସିଂହ, ଶଶାଙ୍କ ମହାପାତ୍ର, ଭାସ୍କର ପଣ୍ଡା, ଜୟକୃଷ୍ଣ ମହାପାତ୍ର, ପରଞ୍ଜୟ ମିଶ୍ର, ଶ୍ରୀଜୟ କର, ଦେବାଶିଷ ମହାନ୍ତି ଏବଂ ରଞ୍ଜନ ପତି ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଡାକ୍ତର ରାଓଙ୍କ ସ୍ମୃତିଚାରଣ କରିଥିଲେ।

### ଐତିହାସିକ ବାଲିଯାତ୍ରା କଟକ-୨୦୨୫

## ମହାନଦୀରେ ବୁଲିବ ୭ଟି ବୋଇତ

**କଟକ, ୨୭।୧୦(ସମିସ)**

ଆଉ କେଇଟା ଦିନ ପରେ କଟକ ବାଲିଯାତ୍ରା। ଏଥି ପାଇଁ ଯାତ୍ରା ପଡ଼ିଆ ଚଳଚଞ୍ଚଳ ହୋଇ ଉଠିଲାଣି। ପହଞ୍ଚିଗଲାଣି ଦୋଳି। ବ୍ୟବସାୟୀମାନେ ଦୋଳି ବାନ୍ଧିବାରେ ବ୍ୟସ୍ତ। ମଞ୍ଚ କାର୍ଯ୍ୟ ଆଗେଇ ଚାଲିଥିବା ବେଳେ ଷ୍ଟଲ ପାଇଥିବା ବ୍ୟବସାୟୀ ଏବେ ପଡ଼ିଆରେ ପ୍ରସ୍ତୁତି ଚଳାଇଛନ୍ତି। ତେବେ ଚଳିତଥର ମହାନଦୀରେ ମୁଖ୍ୟ ବୋଇତ ସହ ଅନ୍ୟ ୭ରୁ ଅଧିକ ବୋଇତ ବୁଲିବ। ଅତିଥିମାନେ ଆସିବାକୁ ଥିବା ବୋଇତ ପ୍ରାୟ ୫୦ପ୍ରତିଶତ କାର୍ଯ୍ୟ ଶେଷ ହୋଇଛି। ଅନ୍ୟ ୬ଟିକୁ ଏକ ଫୋମ୍‌ରେ ତିଆରି କରାଯାଉଛି। ୯ଦିନ ଧରି ଏହାକୁ ମହାନଦୀରେ ଭସାଯିବ। ଅନ୍ୟପକ୍ଷରେ ୨ଟି ପ୍ରଜ୍ଞାପନ ମେଢକୁ ବୋଇତ ଆକାର ଦିଆଯିବ। ଏହା ବାଲିଯାତ୍ରା ପଡ଼ିଆରେ ବୁଲିବାର କାର୍ଯ୍ୟକ୍ରମ ରହିଛି।

ବାଲିଯାତ୍ରାରେ କଳା ଏବଂ ସଂସ୍କୃତି ସହ ସାହିତ୍ୟର ଝଲକ ଦେଖିବାକୁ ମିଳିବ। ଓଡ଼ିଆ ଭାଷା, ସାହିତ୍ୟ ଓ କାଳଜୟୀ ପୁସ୍ତକଗୁଡ଼ିକ ବିଷୟରେ ସମସ୍ତେ ଜାଣିବେ। ଓଡ଼ିଆ ଘରର ପରମ୍ପରା ସାଙ୍ଗକୁ ଲୋକ ସଂସ୍କୃତି ବିଷୟରେ ଦିଆଯିବ ବାର୍ତ୍ତା। ଏଥିପାଇଁ ଏଥର ମୁଖ୍ୟ ଆକର୍ଷଣ ସାଜିବ 'କଟକ ଇନ୍ କଟକ'। ନୂଆ ବୋହୂ ରୂପେ ଏହି ପାଭିଲିୟନ ସଜେଇ ହେବା ଆରମ୍ଭ କରିଛି। ସବୁଜିମା କୋଳରେ କଳା କାରୁକାର୍ଯ୍ୟର ଛିଟା ଦିଆଯାଉଛି। ଏଭଳି ରୂପର ରୂପକାର ସାଜିଛନ୍ତି କିଛି ଛାତ୍ରଛାତ୍ରୀ। ଚଳିତବର୍ଷ କିଛି କଳାର ଛାତ୍ରଛାତ୍ରୀଙ୍କୁ ମିଳିଛି ଏହି ଦାୟିତ୍ୱ। ଭୁବନେଶ୍ୱରସ୍ଥିତ ବିଭୂତି କାନୁନ୍‌ଗୋ ଚାରୁ ଏବଂ କାରୁକଳା ମହାବିଦ୍ୟାଳୟର ପ୍ରାୟ ୮ ଛାତ୍ରଛାତ୍ରୀ ଏହି କଳାକୃତିରେ ଲାଗି ପଡ଼ିଛନ୍ତି। ଓଡ଼ିଆ ଭାଷା ସାହିତ୍ୟ ଥିମ ନେଇ ସେମାନେ ପ୍ରସ୍ତୁତ କରୁଛନ୍ତି ଚିତ୍ରକଳା। ବିଭିନ୍ନ ଫୋମ୍‌ରେ ତିଆରି ଷ୍ଟାଚ୍ୟୁ ସହ କୋଣାର୍କ ମନ୍ଦିର ଚକ୍ର ତିଆରି କରିଛନ୍ତି। ଏଥିସହ ବିଭିନ୍ନ ବୋଇତ ଆଦି ସେମାନଙ୍କର ସୂକ୍ଷ୍ମ କାରିଗରୀ ଏଥର ବାଲିଯାତ୍ରାର ଶୋଭା ବଢ଼ାଇ। ଏହି ପାଭିଲିୟନ ପରିସରରେ ୬ ବରପୁତ୍ରଙ୍କ ପ୍ରତିକୃତି ସ୍ଥାପନ କରାଯିବ। ଆଦି କବି ସାରଳା ଦାସ, ବ୍ୟାସକବି ଫକୀର ମୋହନ ସେନାପତି, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଭଳି ୬ ସାରସ୍ୱତ ସାଧକ ତଥା ବରପୁତ୍ରଙ୍କ ପ୍ରତିକୃତି ତିଆରି ଚାଲିଛି। ସେହିଭଳି ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କର ପ୍ରତିକୃତି ମଧ୍ୟ କଟକ ଇନ୍ କଟକରେ ରହିବ ବୋଲି ଜଣାପଡ଼ିଛି।

# ବାତ୍ୟା ପାଇଁ ବନ୍ଦ ରହିବ ଗୁପ୍ତେଶ୍ୱର ପୀଠ



ବୈପାରୀଗୁଡ଼ା, ୨୭।୧୦(ସମିସ): ବାତ୍ୟା ନେଇ ବୈପାରୀଗୁଡା ଠାରେ ଉପଜିଲ୍ଲାପାଳଙ୍କ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବାତ୍ୟା ପାଇଁ ଦୁଇ ଦିନ ବନ୍ଦ ରହିବ ଦକ୍ଷିଣ ଓଡିଶାର ପ୍ରସିଦ୍ଧ ଗୁପ୍ତେଶ୍ୱର ପୀଠ। ପର୍ଯ୍ୟଟକଙ୍କ ପାଇଁ ମଙ୍ଗଳବାର ଏବଂ ବୁଧବାର ୨ ଦିନ ମନ୍ଦିର ବନ୍ଦ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ସୁରକ୍ଷା ଦୃଷ୍ଟିରେ ରଖି ଏପରି ନିଷ୍ପତ୍ତି ନିଆ।ଇଛି ଥିବା ଜୟପୁର ଉପ ଜିଲ୍ଲାପାଳ ଏ.ସାଶ୍ୟା ରେଡି ବୈପାରୀଗୁଡା ଠାରେ ଆୟୋଜିତ ବାତ୍ୟା ସମୀକ୍ଷା ବୈଠରେ ସୂଚନା ଦେଇଛନ୍ତି। ଏଥିସହ ଜରୁରୀକାଳୀନ ଫୋନ ନମ୍ବର ଜାରି କରାଯାଇଛି । ବୈପାରୀଗୁଡା ବ୍ଲକର ଗୁପ୍ତେଶ୍ୱର ଏବଂ ବୋଦାପୁଟ ଅଞ୍ଚଳରେ ବାତ୍ୟାର ପ୍ରବାହ ଆଶଙ୍କା କରାଯାଇଛି । ସ୍ୱାସ୍ଥ୍ୟ ବିଭାଗ, ପୋଲିସ ପ୍ରଶାସନ, ଅଗ୍ନିଶମ ବାହିନୀ, ଯୋଗାଣ ବିଭାଗ, ପାନୀୟ ଓ ଜଳ ଯୋଗାଣ ବିଭାଗ, ସମନ୍ୱିତ ଶିଶୁ କଲ୍ୟାଣ ବିଭାଗ, କୃଷି ବିଭାଗ, ବ୍ଲକର ସମସ୍ତ ସରପଞ୍ଚ ଓ ସମିତି, ବିଭାଗୀୟ ପଞ୍ଚାୟତ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। କୌଣସି ପରିସ୍ଥିତି ର ମୁକାବିଲା ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତ କରାଯାଇଛି ବୋଲି ଉପ ଜିଲ୍ଲାପାଳ ଏ ସାଶ୍ୟା ରେଡି ପ୍ରକଶ କରିଛନ୍ତି । ଗୁପ୍ତେଶ୍ୱର ଏବଂ ବୋଦାପୁଟ ଅଞ୍ଚଳରେ ଭୂସ୍ଖଳନର ସମ୍ଭାବନା ରହିଥିବାରୁ ଲୋକଙ୍କୁ ସୁରକ୍ଷିତ ଜାଗାକୁ ସ୍ଥାନାନ୍ତର କରାଯିବା ଲାଗି ନିର୍ଦ୍ଦେଶ ରହିଛି। ଗର୍ଭବତୀ ମହିଳାଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାବା ପାଇଁ ଗୁରୁତ୍ୱାରୋପ ଦିଆଯାଇଛି। ଏହି ବୈଠରେ ବୈପାରୀଗୁଡା ତହସିଲଦାର ସଂଗ୍ରା ଚୌଧୁରୀ, ଏବିଡ଼ିଓ ନୋବେଦିତା ଦଣ୍ଡସେନା, ବ୍ଲକ ଉପାଧକ୍ଷା ପୂର୍ଣ୍ଣିମା ବାରିକ, ଜିଲ୍ଲା ପରିଷଦ ରାଜେଶ୍ୱର ମହୁରୀଆ, ସହକାରୀ ଯନ୍ତ୍ରୀ କ୍ଷୀରଦ କୁମାର ବେହେରା, ସାମାଜିକ ସୁରକ୍ଷା ଅଧିକାରୀ କାର୍ତ୍ତିକ ପାଢ଼ୀ ସମେତ ବିଭାଗୀୟ ଅଧିକରୀ ପ୍ରମୁଖ ଉପସ୍ଥିତ ଥିଲେ ।

## 'ମୋନ୍ଥା' ପାଇଁ ପ୍ରସ୍ତୁତି, ସମ୍ଭାବ୍ୟ ପ୍ରଭାବିତ ସ୍ଥାନ ଚିହ୍ନଟ

# କୋରାପୁଟ ଜିଲ୍ଲାରେ ୩ ଦିନ ରେଳସେବା ବାତିଲ

କୋରାପୁଟ,୨୭।୧୦(ସମିସ): ସମ୍ଭାବ୍ୟ ବାତ୍ୟା ମୋନ୍ଥାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ସମସ୍ତ ପ୍ରସ୍ତୁତି ଶେଷ କରିଥିବାବେଳେ ଗତ ଦିନର ଅନୁଭୂତିକୁ ନେଇ ସମ୍ଭାବ୍ୟ ପ୍ରଭାବିତ ସ୍ଥାନ ଚିହ୍ନଟ କରାଯାଇଛି। ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ଭାବ୍ୟ ସ୍ଥାନ ଗୁଡ଼ିକ ଉପରେ ଆଲୋଚନା କରାଯାଇ ସମ୍ପୃକ୍ତ ଅଞ୍ଚଳରେ ଯେପରି ଜନଜୀବନ ସୁରକ୍ଷିତ ରଖା ଯାଇ ପାରିବ ତାହା ଉପରେ ଗୁରୁତ୍ୱ ଦିଆଯାଇଛି। ବିଶେଷ କରି କୋରାପୁଟ ବ୍ଲକର ଡୁମୁରିପଦର, ନାରାୟଣପାଟଣା ବ୍ଲକ ଅନ୍ତର୍ଗତ ତେନ୍ତୁଳିପଦର, ତଳଗୁମାଣ୍ଡି, ବିଜାଘାଟି, ଲମତାପୁଟ ବ୍ଲକ ଟିକରପଡ଼ା ପଞ୍ଚାୟତର ପନସପୁଟ, ଉଡ଼ାରିଗୁଡ଼ା, ବୈପାରିଗୁଡ଼ା ବ୍ଲକର ଡକ୍ରୀଘାଟି (ଗୁପ୍ତେଶ୍ୱର ରାସ୍ତା), ବୋଡାପୁଟ ଓ ଦଶମନ୍ତପୁର, ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ ତଳମିଟିଂ ଜଳପ୍ରପାତ ଏବଂ ପଟ୍ଟାଙ୍ଗି ବ୍ଲକର ସୁଙ୍କି, ରାଲେଗଡ଼ା ଓ ନୂଆଗାଁ ପଞ୍ଚାୟତରେ ମାଟି ଅତଡା ଖସିବା ସମ୍ଭାବନା ଥିବାରୁ ସେ ସବୁ ସ୍ଥାନରେ ସ୍ଥାନୀୟ ପ୍ରଶାସନ ସତର୍କ ରହିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟ ପକ୍ଷରେ ଆବଶ୍ୟକ ସ୍ଥଳେ ବାତ୍ୟା ପ୍ରଭାବିତ ଲୋକଙ୍କୁ ସ୍ଥାନାନ୍ତର କରିବା ପାଇଁ ଜୟପୁର ବ୍ଲକର ବାଲିଆ, ବୋରିଗୁମ୍ମା ବ୍ଲକର ଭିତରବୋଡ଼ି ଏବଂ କୋଟପାଡ ବ୍ଲକର ସଡରଙ୍ଗା ଠାରେ ଥିବା ବାତ୍ୟା ଆଶ୍ରୟ କେନ୍ଦ୍ରରେ ସ୍ଥାନାନ୍ତର କରିବା ପାଇଁ ସମସ୍ତ ପ୍ରସ୍ତୁତି କରାଯାଇଛି। ସେହିପରି ଅତ୍ୟନ୍ତ ଜରୁରୀକାଳରେ ଜିଲ୍ଲାର ୨୪୭୮ଟି ସ୍କୁଲ କୋଠା ଅସ୍ଥାୟୀ ଆଶ୍ରୟ ସ୍ଥଳୀ ଭାବରେ ବ୍ୟବହାର କରାଯିବାକୁ ନିଷ୍ପତ୍ତି ନିଆଯାଇଛି । ଜରୁରୀ ସମୟରେ ୧୦୭୭ ନମ୍ବରରେ ଯୋଗାଯୋଗ କରିବା ପାଇଁ ଜନ ସାଧାରଣଙ୍କୁ ପରାମର୍ଶ ଦିଆଯାଇଛି। ବାତ୍ୟା ଆଶଙ୍କା ଥିବାରୁ ଜିଲ୍ଲାର ସମସ୍ତ ସ୍କୁଲ, ଅଙ୍ଗନବାଡ଼ି କେନ୍ଦ୍ର ୨୮-୩୦ ପର୍ଯ୍ୟନ୍ତ ଛୁଟି ଘୋଷଣା କରାଯାଇଛି। ଜରୁରୀ ଆବଶ୍ୟକ ହେଲେ ଶିକ୍ଷକ, ଶିକ୍ଷୟତ୍ରୀ ଏବଂ ଅଙ୍ଗନବାଡ଼ି କର୍ମୀ ମାନଙ୍କୁ ବାତ୍ୟା ମୁକାବିଲା କାର୍ଯ୍ୟରେ ନିୟୋଜିତ କରିବା ପାଇଁ ସରକାର ଜିଲ୍ଲାପାଳ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟ ପକ୍ଷରେ ସମ୍ଭାବ୍ୟ ବାତ୍ୟା ମନ୍ଥାକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳବାଇ ଏକାଧିକ ଟ୍ରେନ ବାତିଲ କରିଥିବାବେଳେ କୋରାପୁଟ ଦେଇ ଯାତାୟାତ କରୁଥିବା ଟ୍ରେନ ଗୁଡ଼ିକୁ ୩ ଦିନ ପାଇଁ ବାତିଲ କରା ଯାଇଛି। ବିଭାଗୀୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ୨୭ ଓ ୨୮ରେ ରାଉରକେଲା ଜଗଦଲପୁର ଇଣ୍ଟରସିଟି ଏକ୍ସପ୍ରେସ ଏବଂ ଭୁବନେଶ୍ୱର ଜଗଦଲପୁର ହୀରାଖଣ୍ଡ ଏକ୍ସପ୍ରେସ ରାୟଗଡ଼ା ଠାରୁ ଫେରିବାକୁ ଥିବାବେଳେ ୨୭ ଓ ୨୯ ରେ ହାଓଡା ଜଗଦଲପୁର ସମଲେଶ୍ୱରୀ ମଧ ରାୟଗଡ଼ା ଠାରୁ ପ୍ରତ୍ୟାବର୍ତ୍ତନ କରିବ ବୋଲି ଜଣା ପଡ଼ିଛି। ସେହିପରି ବିଶାଖାପାଟଣା-କିରୋଣ୍ଡୁଳ-ବିଶାଖାପାଟଣା ପାସେଞ୍ଜର ଏବଂ ନାଇଟ ଏକ୍ସପ୍ରେସ ଟ୍ରେନ ମଧ ବାତିଲ ହୋଇଥିବା ଜଣାପଡ଼ିଛି।

# 'ମୋନ୍ଥା' ର ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି



ନବରଙ୍ଗପୁର,୨୭।୧୦(ସମିସ) : ନବରଙ୍ଗପୁର ମିଶନ ଶକ୍ତି ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁଙ୍କ ଅଧକ୍ଷତାରେ ସମ୍ଭାବ୍ୟ ବାତ୍ୟା "ମୋନ୍ଥା'ର ସଫଳ ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ ) ବିଶ୍ୱଜିତ ବର୍ମନ୍ , ଅତିରିକ୍ତ ଜିଲ୍ଲାପାଳ ( ସାଧାରଣ) ତପନ କୁମାର ଖୁଣ୍ଟିଆ, ସିଡିଓ, ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ, ବିଡିଓ, ତହସିଲଦାର, ସିଡିପିଓ, ନିର୍ବାହୀ ଅଧିକାରୀ, ପୌରପାଳିକା ନବରଙ୍ଗପୁର/ ଉମରକୋଟ ଉପସ୍ଥିତ ଥିଲେ। ଜରୁରୀକାଳୀନ ଅଧିକାରୀ ଗୀତାଞ୍ଜଳି ବେହେରା ଏଜେଣ୍ଡା ଅନୁଯାୟୀ ବିଭିନ୍ନ ବିଭାଗୀୟ ପଦକ୍ଷେପ ଉପରେ ପାଠ କରିଥିଲେ। ଜିଲ୍ଲାପାଳ ବୈଠକରେ ସମ୍ଭାବ୍ୟ ବାତ୍ୟା,ବନ୍ୟା ପାଇଁ ନିଆଯାଉଥିବା ସତର୍କତାମୂଳକ ପଦକ୍ଷେପ, ଖାଦ୍ୟ ସାମଗ୍ରୀ ମହଜୁଦ ରଖିବା, ବନ୍ୟା ଜଳ ନିଷ୍କାସନ ପାଇଁ ବ୍ୟବସ୍ଥା,ନୋଡାଲ ଅଧିକାରୀଙ୍କୁ ବନ୍ୟା ଅଞ୍ଚଳର ଦାୟତ୍ୱ,ନିୟନ୍ତ୍ରଣ କକ୍ଷ ସ୍ଥାପନ, ବନ୍ୟା କିମ୍ବା ବାତ୍ୟାରେ ରାସ୍ତା ନଷ୍ଟ, ଗଛ ପଡ଼ି ରାସ୍ତା ଅବରୋଧ ହଟାଇବା ପାଇଁ ସୁବ୍ୟବସ୍ଥା କରିବା, ପାଣିପାଗ ରିପୋର୍ଟ, ଚେତାବନୀ, ବନ୍ୟା ବୁଲେଟିନକୁ ପ୍ରଚାର ପ୍ରସାର କରିବା, ଟେଲିଫୋନ ଓ ବିଦ୍ୟୁତ୍ ସରାବରାହ ପାଇଁ ପଦକ୍ଷେପ, ନିରାପଦ ପାନୀୟ ଜଳ ଯୋଗାଣ, ସ୍ୱାସ୍ଥ୍ୟ ଓ ପରିମଳ, ପ୍ରାଣୀ ଚିକିତ୍ସା, କୃଷି ଜନିତ ସମସ୍ୟା, ଆଶ୍ରୟସ୍ଥଳୀରେ ସମସ୍ତ ସୁବ୍ୟବସ୍ଥା, ଜଳମଗ୍ନ ସମ୍ଭାବନା ଥିବା ତଳିଆ ଅଞ୍ଚଳ ଚିହ୍ନଟ, ଆଗୁଆ ସ୍ଥାନାନ୍ତର ଯୋଜନା, ସ୍ୱାସ୍ଥ୍ୟ କେନ୍ଦ୍ରରେ ସମସ୍ତ ସୁବ୍ୟବସ୍ଥା, ଓଡରାଫ ଟିମ୍, ଅଗ୍ନିଶ୍ରମ ବାହିନୀ ମୃତୟନ, ବିପର୍ଯ୍ୟୟ ପରେ ବିଦ୍ୟୁତ୍, ଟେଲିଫୋନ ସଂଯୋଗିକରଣ, ରାସ୍ତାର ପୁନରୁଦ୍ଧାର, ଉଦ୍ଧାର ଓ ରିଲିଫ କାର୍ଯ୍ୟରେ ସରକାରୀ, ବେସରକାରୀ ଅନୁଷ୍ଠାନ ସହ ସମସ୍ତଙ୍କ ସଂପୃକ୍ତି, ବିପର୍ଯ୍ୟୟ ଦ୍ୱାରା ପ୍ରଭାବିତ ବ୍ୟକ୍ତିଙ୍କୁ ଆଶ୍ରୟ, ଖାଦ୍ୟ, ପାଣି, ପରିମଳ, ଚିକିତ୍ସାର ବ୍ୟବସ୍ଥା, ଆବଶ୍ୟକ ସ୍ଥଳେ ରନ୍ଧାଖାଦ୍ୟର ବ୍ୟବସ୍ଥାକୁ ସୁନିଶ୍ଚିତ କରାଇବାକୁ ଓ ସଫଳ ମୁକାବିଲା ପାଇଁ ସଂପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରତ୍ୟେକ ବ୍ଲକରେ ବିଦ୍ୟାଳୟ ମାନଙ୍କରେ ଆଶ୍ରୟ ସ୍ଥଳୀ ସହ ଯଥେଷ୍ଟ ପରିମାଣର ଜେସିବି, ଟ୍ରାକ୍ଟର, ବାଲି ବସ୍ତା ଓ ଅନ୍ୟାନ୍ୟ ନିର୍ମାଣ ସାମଗ୍ରୀ ମହଜୁଦ କରାଯାଇଛି। ଗତ ୨୬ ଅକ୍ଟୋବରରୁ ୩୦ ଅକ୍ଟୋବର ପର୍ଯ୍ୟନ୍ତ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି। ସମସ୍ତ ସରକାରୀ,ବେସରକାରୀ ଓ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଆସନ୍ତା ୨୮ ତାରିଖ ରୁ ୩୦ ତାରିଖ ପର୍ଯ୍ୟନ୍ତ ବନ୍ଦ ରହିବ।

# ବାତ୍ୟା ପାଇଁ ପଟ୍ଟାଙ୍ଗି ବ୍ଲକ୍ ପ୍ରଶାସନର ପ୍ରସ୍ତୁତି



ପଟ୍ଟାଙ୍ଗି,୨୭।୧୦(ସମିସ): କୋରାପୁଟ ଜିଲ୍ଲାର ସୀମାନ୍ତ ବ୍ଲକ ପଟ୍ଟାଙ୍ଗି ଆନ୍ଧ୍ର ସୀମାନ୍ତକୁ ଲାଗି ରହିଥିବା ବେଳେ ଆସୁଥିବା ବାତ୍ୟା ମୋନ୍ଥାକୁ ମୁକାବିଲା କରିବା ନିମନ୍ତେ ବ୍ଲକ ସଭାଗୃହ ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାମକୃଷ୍ଣ ନାୟକଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧରେ ବ୍ଲକ୍ ଅଧକ୍ଷା କଳ୍ପନା ପାଙ୍ଗି, ତହସିଲଦାର ଦେବେନ୍ଦ୍ର ବାହାଦୂର ସିଂ ଧାରୁଆ , ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଭାଗବତ ମୁର୍ମୁ , ଏଡିଓ ବେଦାନ୍ତ ମାଝି , ଏଇଇ ବିଶ୍ୱନାଥ ମାଦଲି , ସିଡିପିଓ ବି ଅର୍ଣ୍ଣ ପୁର୍ଣ୍ଣା ,ଏବିଓ ରଜନୀକାନ୍ତ ବଡନାୟକ , ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଅନିଲ୍ ସେଠୀ ଓ ଯୋଗାଣ ଅଧିକାରୀ ଅଶୋକ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ। ସୂଚନା ଅନୁଯାୟୀ ବ୍ଲକ୍‌ର ସମସ୍ତ ସରପଞ୍ଚ ଏବଂ ପଞ୍ଚାୟତରେ କାର୍ଯ୍ୟରତ ସମସ୍ତ ଅଧିକାରୀ ଚାରିଦିନ ଉପସ୍ଥିତ ରହିବା ସହ ପରିସ୍ଥିତିକୁ ଦୃଷ୍ଟିରେ ରଖି ଗ୍ରାମରେ ରହିଥିବା ବିଦ୍ୟାଳୟ ଗୃହ ଏବଂ ପ୍ରସ୍ତୁତ ହୋଇଥିବା ୮ଟି ବାତ୍ୟା ଆଶ୍ରୟ ସ୍ଥଳୀକୁ ଲୋକ ମାନଙ୍କୁ ସ୍ଥାନାନ୍ତରିତ କରିବାର ବ୍ୟବସ୍ଥା ହୋଇଛି। ବ୍ଲକ୍‌ର ଜିପିଡିଓ କୀରଣ ଚନ୍ଦ୍ର ସାହୁ ଏବଂ ପାନୀୟ ଜଳ ବିଭାଗ ଯନ୍ତ୍ରୀ ସୋନିଆ ବଡା ଦୁଇ ଅଧିକାରୀ ନୋଡ଼ାଲ ଅଧିକାରୀ ଭାବେ ଦାୟୀତ୍ୱରେ ଅଛନ୍ତି। ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ ବ୍ଲକ୍‌ର ସୀମାନ୍ତ ପଞ୍ଚାୟତ ତଥା ତଳଗୋଲୁର ,ଅମ୍ବାବାଲି, ସୁଙ୍କି, ନୂଆଗାଁ, କୋଟିଆ, ସାମ୍ବାଇ ପ୍ରମୁଖ ଅତି ସମ୍ବେଦନଶୀଳ ଅଞ୍ଚଳ ହୋଇଥିବାରୁ ଉକ୍ତ ପଞ୍ଚାୟତ ମାନଙ୍କୁ କଡାକଡି ଦୃଷ୍ଟି ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

# ବାତ୍ୟା ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ




ସେମିଳିଗୁଡା, ୨୭।୧୦ (ସମିସ): 'ମୋନ୍ଥା' ପାଇଁ ସେମିଳିଗୁଡା ବ୍ଲକ୍ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ ହୋଇଥିଲା। ପଞ୍ଚାୟତ ସମିତିର ସଭାଗୃହରେ ଅତିରିକ୍ତ ଜିଲ୍ଲାପାଳ ଭକ୍ତବନ୍ଧୁ ଜନାର୍ଦ୍ଦନ ଦଳେଇଙ୍କ ଅଧକ୍ଷତାରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯଶ୍ମିନ କୁମାର ପ୍ରଧାନ , ସେମିଳିଗୁଡା ତହସିଲଦାର ଦେବବ୍ରତ କରଓତେ,ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ବସନ୍ତ କୁମାର୍ ବେହେରା, ଗ୍ରାମ ପଞ୍ଚାୟତ ଅଧ ଦେବେନ୍ଦ୍ର ମାଝୀ ଏବଂ ସମସ୍ତ ବିଭାଗୀୟ ଅଧିକାରୀ ମାନଙ୍କ ସହିତ ପଞ୍ଚାୟତ ସମିତିର ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିଲେ। ମୋନ୍ଥା ବାତ୍ୟାକୁ ଦୃଷ୍ଟିରେ ରଖି ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କୁ ପୁଟସିଲ ଓ ଅନ୍ୟ ପର୍ଯ୍ୟଟକ ସ୍ଥଳଙ୍କୁ ନ ଯିବା ପାଇଁ ପ୍ରଶାସନ ତରଫରୁ ଅନୁରୋଧ କରାଯାଇଛି। ଉକ୍ତ ପାରିପାଶ୍ୱରିକ ଅଞ୍ଚଳର ଲୋକଙ୍କ ସମେତ ଲୋକ ପ୍ରତିନିଧି ମାନେ ସଚେତନ କରିବା ପାଇଁ ପ୍ରଶାସନ ତରଫରୁ ଅନୁରୋଧ କରାଯାଇଛି । ବ୍ଲକ୍ ପକ୍ଷରୁ କଣ୍ଟ୍ରୋଲ ରୁମ୍ ଆୟୋଜନ ଖୋଲାଯାଇଛି। କିଛି ଜରୁରୀକାଳୀନ ପରିସ୍ଥିତି ହେଲେ ୦୬୮୫୩- ୩୫୮୦୪୫/ ୯୯୩୭୯୧୯୭୨୬ କୁ ଯୋଗାଯୋଗ କରିବା ନିମନ୍ତେ ବ୍ଲକ୍ ପକ୍ଷରୁ ଅନୁରୋଧ କରାଯାଇଛି।

# ବାତ୍ୟା ମୁକାବିଲା ପାଇଁ ଅଗ୍ନିଶମ ବାହିନୀ ସଜାଗ

ବୈପାରୀଗୁଡା, ୨୭।୧୦(ସମିସ): ବାତ୍ୟା ମାନ୍ଥୋ ମୁକାବିଲା ପାଇଁ ବୈପାରୀଗୁଡା ଅଗ୍ନିଶମ ବାହିନୀ ସହ ବୈପାରୀଗୁଡା ବ୍ଲକ ପ୍ରଶାସନ ମଧ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। ବୈପାରୀଗୁଡାର ଗୁପ୍ତେଶ୍ୱର, ରାମଗିରି, ଘୋଡଘାଟ,ବୋଦପୁଟ, ଦଶମନ୍ତପୁ, ଚିପାକୁର, କାଠପୋଡା ଅଞ୍ଚଳ ପାଇଁ ଅଧିକ ପ୍ରସ୍ତୁତି ଥିବା ଜଣା ପଡିଛ। ଅଗ୍ନିଶମ ବିଭାଗ ନିଜ ନିଜ ଉପକରଣ ପ୍ରସ୍ତୁତ ରଖି ବାତ୍ୟା ମୁକାବିଲା ପାଇଁ ବ୍ୟାପକ ପ୍ରସ୍ତୁତି କରିଛନ୍ତି। ଗଛ ପଡ଼ି ରାସ୍ତା ଅବରୋଧ ହେଉ କିମ୍ବା ବାତ୍ୟାରେ ପ୍ରଭାବିତ ବ୍ୟକ୍ତିଙ୍କର ସୁରକ୍ଷା ପାଇଁ ଅଗ୍ନିଶମ ବାହିନୀ ପ୍ରସ୍ତୁତ ହୋଇ ରହିଛି।

# ବାତ୍ୟା ନେଇ ପୌର ପ୍ରଶାସନର ପ୍ରସ୍ତୁତି

ଉମରକୋଟ ୨୭।୧୦ (ସମିସ): ମୋନ୍ଥା ର ସଫଳ ମୁକାବିଲା ପାଇଁ ଆଜି ଉମରକୋଟ ପୌର ପ୍ରଶାସନ ପକ୍ଷରୁ ଏକ ବୈଠକ ପରିଷଦର କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଥିଲା। ବାତ୍ୟା ନବରଙ୍ଗପୁର ଜିଲ୍ଲାର ଉମରକୋଟ ଓ ରାଇଘର ଦେଇ ଛତିଶଗଡ ରାଜ୍ୟରେ ପ୍ରବେଶ କରିବ । ତେଣୁ ଉମରକୋଟରେ ବାତ୍ୟାର ପ୍ରଭାବ ଅଧିକ ରହିବା ଆଶଙ୍କା ଦୃଷ୍ଟିରୁ ପୌର ପ୍ରଶାସନ ପକ୍ଷରୁ ବାତ୍ୟା ମୁକାବିଲା ପାଇଁ ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି। ଏହି ବୈଠକରେ କୃଷି,



ଶିଶୁ ବିକାଶ, ଉଦ୍ୟାନ , ରାଜସ୍ୱ ,ଅଗ୍ନିଶମ ଓ ଜନସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ମାନେ ଉପସ୍ଥିତ ଥିଲେ। ବୈଠକ ପରେ ଉମରକୋଟ ପୌର ପରିଷଦର ନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ କହିଛନ୍ତି ଜିଲ୍ଲାପାଳ ଙ୍କ ମାର୍ଗ ଦର୍ଶନରେ ପ୍ରସ୍ତୁତି କାର୍ଯ୍ୟ ପ୍ରାୟ ସମ୍ପନ୍ନ ହୋଇଯାଇଛି। କିଛି ତଳିଆ ଅଞ୍ଚଳ ଲୋକଙ୍କୁ ଚିହ୍ନଟ କରାଯାଇଛି। ଉମରକୋଟ ସ୍ଥିତ ବାତ୍ୟା ଆଶ୍ରୟସ୍ଥଳକୁ ଆଜି ସଂଧ୍ୟା ସୁଦ୍ଧା ସ୍ଥାନାନ୍ତର କରାଯିବ। ଜନସାଧାରଣ କୌଣସି ଗୁଜବକୁ ବିଶ୍ୱାସ ନ କରି ଅଫିସରେ ଖୋଲା ଯାଇଥିବା କଣ୍ଟ୍ରୋଲ ରୁମ୍ ଓ ପୌର ପରିଷଦର କର୍ମଚାରୀଙ୍କ ମୋବାଇଲ ଯୋଗେ ଜଣାଇବା ପାଇଁ ଅନୁରୋଧ କରାଯାଇଛି। ଅପରପକ୍ଷରେ କୋରାପୁଟରୁ ଓଡ୍ରାଫ ଟିମ୍ ଆଜି ରାତି ସୁଦ୍ଧା ଉମରକୋଟରେ ପହଞ୍ଚିବା ସମ୍ଭାବନା ରହିଛି।

# ଦେଶୀ ମଦ,ପୋଚ ଜବତ: ଦୁଇ ଗିରଫ

ପୋଡ଼ାଗଡ଼,୨୭।୧୦(ସମିସ): କୋରାପୁଟ ଜିଲ୍ଲା ଦସମନ୍ତପୁର ବ୍ଲକ ଡୋକ୍ରିବେଡା ଗ୍ରାମରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ଦେଶୀ ମଦଭାଟି ଭାଙ୍ଗିବା ସହ ବିପୁଳ ପରିମାଣର ମହୁଲପୋଚ ସହ ଦେଶୀ ରନ୍ଧା ମଦ ଜବତ କରାଯାଇ ନଷ୍ଟ କରାଯାଇଛି। ଅବକାରୀ ଇନ୍ସପେକ୍ଟର ସୁଧୀର ସାହୁଙ୍କ ନେତୃତ୍ୱରେ ଏଏସଆଇ କମଳା କୁମାରୀ ମହାଙ୍କୁଡ଼, କନେଷ୍ଟବଳ ମୀର ମକସଦ ଅଲି, ସ୍ମୃତିକାନ୍ତ ବିଶ୍ୱାଳ, ଉସାବତୀ ଭତ୍ରାଙ୍କ ସମେତ ଅନ୍ୟ ଅବକାରୀ କର୍ମଚାରୀ ମାନେ ଡୋକ୍ରିବେଡା ଗ୍ରାମରେ ଚଢ଼ଉ କରିଥିଲେ। ଚଢ଼ଉ ସମୟରେ ଗ୍ରାମର କୃଷ୍ଣ ବିଶୋଇଙ୍କ ଘରୁ ୯ ଲିଟର ଓ ଶ୍ରୀମତୀ ବିଶୋଇଙ୍କ ଘରୁ ୮ ଲିଟର ଦେଶୀ ରନ୍ଧା ମଦ ଜବତ କରିବା ସହ ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏଥିସହ ଗ୍ରାମ ନିକଟରେ ଥିବା ଜଙ୍ଗଲ ମଧରେ ମଦ ରନ୍ଧା ଯାଉଥିବା ଖବର ପାଇ ସେଠାରୁ ୧୮୦୦ ଲିଟରରୁ ଅଧିକ ମହୁଲ ପୋଚ ସହ ୧୦୦ ଲିଟର ଦେଶୀ ରନ୍ଧା ମଦ ଜବତ କରି ନଷ୍ଟ କରାଯାଇଛି।

# ଦୁର୍ନୀତି ନିବାରଣ ସପ୍ତାହ ଶପଥ ଗ୍ରହଣ କାର୍ଯ୍ୟକ୍ରମ

ସେମିଳିଗୁଡା, ୨୭।୧୦ (ସମିସ): ସେମିଳିଗୁଡା ବ୍ଲକ ପ୍ରଶାସନ ପକ୍ଷରୁ ଦୁର୍ନୀତି ନିବାରଣ ସପ୍ତାହ ଉପଲକ୍ଷେ ଶପଥ ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତ ସମିତି ସଭାଗୃହ ଠାରେ ଅତିରିକ୍ତ ଜିଲ୍ଲାପାଳ ଭକ୍ତବନ୍ଧୁ ଜନାର୍ଦନ ଦଳେଇଙ୍କ ଅଧକ୍ଷତାରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯଶ୍ମିନ କୁମାର ପ୍ରଧାନ, ସେମିଳିଗୁଡା ତହସିଲଦାର ଦେବବ୍ରତ କର ଓ ସମସ୍ତ ବିଭାଗୀୟ ଅଧିକାରୀ ମାନଙ୍କ ସହିତ ପଞ୍ଚାୟତ ସମିତିର ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିଲେ। ଦୁର୍ନୀତି ନିବାରଣ ଦିଗରେ ସମସ୍ତେ ଶପଥ ଗ୍ରହଣ କରିଥିଲେ। ଦୁର୍ନୀତି ମୁକ୍ତି ଦେଶରେ ସାମିଲ ହେବା ପାଇଁ ସଙ୍କଳ୍ପ ନେଇଥିଲେ।

# ମଶାଣିକୁ ନାହିଁ ରାସ୍ତା, ଲୋକେ ହିନସ୍ତା

ପୋଡ଼ାଗଡ଼,୨୭।୧୦(ସମିସ): ରାଣିଗୁଡା ଗାଁରେ ମସାଣିକୁ ରାସ୍ତା ନଥିବାରୁ ଲୋକେ ଶବ ନେବା ବେଳେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଦଶମନ୍ତପୁର ବ୍ଲକର ଗାଦିଆଗୁଡା ପଞ୍ଚାୟତ ଅଧିନସ୍ଥ ରାଣିଗୁଡା ଗାଁରେ ରଥ ଜାନୀଙ୍କ ମୃତ୍ୟୁ ଘଟିଥିବା ପରେ ତାଙ୍କ ମୃତଦେହକୁ ମଶାଣିକୁ ନେବା ପାଇଁ ରାସ୍ତା ନଥିବାରୁ ବିପଦସଙ୍କୁଳ ଅବସ୍ଥାରେ ଲୋକେ ନେଇଥିଲେ। ମହାତ୍ମା ଗାନ୍ଧୀ କର୍ମ ନିଯୁକ୍ତି ଯୋଜନା ମାଧ୍ୟମରେ ଗାଁରୁ ମଶାଣି ଯିବା ନିମନ୍ତେ ରାସ୍ତା ନିର୍ମାଣ କରିବା ପାଇଁ ଲୋକେ ଦାବି କରିଛନ୍ତି।


# ଦୁଇ ବିଜ୍ଞାନ ପ୍ରକଳ୍ପ ଜାତୀୟସ୍ତରକୁ ମନୋନୀତ





କୋଷାଗୁମୁଡା,୨୭।୧୦(ସମିସ): ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଛାତ୍ର ବସନ୍ତ ଚଣ୍ଡାଳ କୃଷକମାନେ କିପରି ମକା, ମାଣ୍ଡିଆ ଓ ଧାନକୁ ଅଳ୍ପ ସମୟରେ ବିନା ଅଣ୍ଟାକୁ ନଇଁ ଭର୍ତ୍ତି କରିପାରିବେ ସେ ନେଇ ଏକ ପ୍ରକଳ୍ପ ପ୍ରସ୍ତୁତ କରିଛନ୍ତି। ଏହି ପ୍ରକଳ୍ପ ରାଷ୍ଟ୍ରୀୟ ବାଲ୍ ବିଜ୍ଞାନ ପ୍ରଦର୍ଶନୀ ପାଇଁ ମନୋନୀତ ହୋଇଛି। ଏହା ନବରଙ୍ଗପୁର ଜିଲ୍ଲା ପାଇଁ ଗୌରବର ବିଷୟ। ଏହି ପ୍ରକଳ୍ପଟି ପୂର୍ବ ଭାରତୀୟ ଜୋନାଲ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଛି। ସେହିପରି ନବରଙ୍ଗପୁର ଜିଲ୍ଲା ଝରୀଗାଁ ବ୍ଲକର ଛୋଟଗୁଡା ଉନ୍ନୀତ ଉଚ୍ଚବିଦ୍ୟାଳୟର ଛାତ୍ରୀ ତୁଳସୀ ହରିଜନ ଗଣିତ ପ୍ରକଳ୍ପ ପ୍ରଦର୍ଶନ କରିବା ପାଇଁ ଜାତୀୟସ୍ତରରେ ଚୟନ ହୋଇଛନ୍ତି। ଏହି ପ୍ରକଳ୍ପର ମାର୍ଗ ଦର୍ଶକ ଭାବେ ଶିକ୍ଷକ ଅନିରୁଦ୍ଧ ଭତ୍ରା ରହିଛନ୍ତି। ଏହି ଗଣିତ ପ୍ରକଳ୍ପରେ ବସ୍ତୁର ଉଚତା କିପରି ସହଜରେ ମପାଯାଇ ପାରିବ ପ୍ରଦର୍ଶନ କରିଛନ୍ତି। ଚଳିତ ବର୍ଷ ୫୨ତମ ରାଷ୍ଟ୍ରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ୨୦୨୫ ରେ ନବରଙ୍ଗପୁର ଜିଲ୍ଲାରୁ ଦୁଇ ଦୁଇଟି ପ୍ରକଳ୍ପ ଅଂଶଗ୍ରହଣ କରୁଥିବାରୁ ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ କେଶବ ମେହେର, ଅତିରିକ୍ତ ଶିକ୍ଷା ଅଧିକାରୀ ମହାଲିକ ସାର ଓ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଚିତ୍ତରଞ୍ଜନ ପଟ୍ଟନାୟକ ତଥା ବୁଦ୍ଧିଜୀବୀ ଅଭିନନ୍ଦନ ଜଣାଇଛନ୍ତି।

# କୋଷାଗୁମଡ଼ା ପଞ୍ଚାୟତ ସମିତିରେ ଯୁଗ୍ମ ଜନଶୁଣାଣି ଶିବିର



କୋଷାଗୁମୁଡା,୨୭।୧୦(ସମିସ): ଆଜି ପୂର୍ବାହ୍ନ ୧୧ ଘଟିକା ସମୟରେ କୋଷାଗୁମଡ଼ା ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ ଏବଂ ଆରକ୍ଷୀ ଅଧିକ୍ଷକ ମଡକର୍ ସନ୍ଦୀପ ସମ୍ପତଙ୍କ ଯୁଗ୍ମ ଅଧକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଯଦୁମଣି ନାୟକ, ପ୍ରକଳ୍ପ ପ୍ରଶାସକ, ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ରାଜୀବ ଲୋଚନ ସାହୁ , ବି ଡି ଓ ଆଶିଷ କୁମାର ତ୍ରିପାଠୀ, ବ୍ଲକ ଅଧକ୍ଷା ସର୍ବେଶ୍ୱରୀ ମାଝୀ, ବ୍ଲକ ଉପାଧକ୍ଷ ଯୋଗେନ୍ଦ୍ର ସ୍ୱାଇଁ,ଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜ ଶୁଣାଣି ଶିବିରରେ ମୋଟ ୪୯ଟି ଅଭିଯୋଗ ଦାଖଲ ହୋଇଥିବା ବେଳେ ଗୋଷ୍ଠୀଗତ ୨୨ ଏବଂ ବ୍ୟକ୍ତିଗତ ୨୭ ଜଣ ଆବେଦନକାରୀ ନିଜର ଅଭିଯୋଗପତ୍ର ଦାଖଲ କରିଥିଲେ। ବ୍ଲକର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ଉପରେ ଆଲୋଚନା ହେବା ସହ ଆଗକୁ ଆସୁଥିବା ବାତ୍ୟା ମନ୍ଥାକୁ ନେଇ କିପରି ପ୍ରଶାସନ ସଜାଗ ରହି ଲୋକଙ୍କ ଜନଜୀବନ ସହ ଚାଷ ସୁରକ୍ଷିତ ରହିବ ସେ ନେଇ ଆଲୋଚନା କରିଥିଲେ।

# ଲକ୍ଷ୍ମୀପୁର ତହସିଲରେ ହେବ ଉପ-ପଞ୍ଜୀକରଣ

ଲକ୍ଷ୍ମୀପୁର,୨୭।୧୦(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ତହସିଲରେ ଏବେ ଉପ ପଞ୍ଜିକରଣ କାର୍ଯ୍ୟାଳୟ ଖୋଲିବ। ଏନେଇ ସରକାର ଚିଠି କରି ସାରିଛନ୍ତି। ଆସନ୍ତା ନଭେମ୍ବର ମାସ ୧ ତାରିଖରୁ ଏଠି ଜମି କିଣାବିକାର ସମସ୍ତ କାଗଜପତ୍ର ପଞ୍ଜିକୃତ ହେବ ବୋଲି ତହସିଲଦାର ନୈବେଦ୍ୟ କୁମାର ଭୋଇ କହିଛନ୍ତି। ଏହି ପଞ୍ଜିକରଣ କାମ ପାଇଁ ସପ୍ତାହରେ ବୁଧବାର କିମ୍ବା ଶୁକ୍ରବାର ଗୋଟିଏ ଦିନ ରଖିବାକୁ ତହସିଲଦାର କହିଛନ୍ତି। ଜମି କିଣା ବିକା ପ୍ରାୟ ଶୁକ୍ରବାର ଦିନ ହିଁ ଉପଯୁକ୍ତ। ତେଣୁ ଶୁକ୍ରବାର ଦିନ ପଞ୍ଜିକରଣ ପାଇଁ ଦିନ ଧାର୍ଯ୍ୟ ରହିଲେ ଭଲ ହେବ ବୋଲି ସାଧାରଣରେ ମତପ୍ରକାଶ ପାଉଛି। ଲକ୍ଷ୍ମୀପୁର ତହସିଲ କାର୍ଯ୍ୟାଳୟରେ ଏକ ସତନ୍ତ୍ର ପ୍ରକୋଷ୍ଠ ଖୋଲି ଲୋକଙ୍କୁ ସେବା ଯୋଗାଇବା ନିମନ୍ତେ ତହସିଲଦାର ପ୍ରସ୍ତୁତ ହେଉଥିବା ଜଣାପଡିଛି। ଆଗକୁ ଧୀରେ ଧୀରେ ପଞ୍ଜିକରଣ ପାଇଁ ସତନ୍ତ୍ର କାର୍ଯ୍ୟାଳୟ ମଧ କରାଯିବ। ଏହା ପୂର୍ବରୁ ଜମି ଜମା ବା ପଞ୍ଜିକରଣ କାର୍ଯ୍ୟ ପାଇଁ କୋରାପୁଟ ଦୌଡ଼ିବାକୁ ପଡୁଥିଲା। ଏବେ ନିଜ ବ୍ଲକ ମହକୁମାରେ ଏହି ସୁବିଧା ସରକାର ଯୋଗାଇ ଦେଇଥିବାରୁ ଲୋକେ ଖୁସି ପ୍ରକଟ କରିଛନ୍ତି। ଆଗାମୀ ଦିନରେ ଲକ୍ଷ୍ମୀପୁର ବ୍ଲକ୍‌କୁ ସବ୍‌ଡିଭିଜନ କରିବାକୁ ଲୋକେ ଦାବି କରିଛନ୍ତି।

**THE ORISSA MINERALS DEVELOPMENT COMPANY LTD.**
CIN: L65993OR1927GOI034842
Registered office: Plot No. 271, Ground Floor, Bidyut Marg, Shastri Nagar, Unit-IV, Bhubaneswar, Odisha-751001
Tel. No. 0674-2391595, website: www.birdgroup.co.in
Email: omdc.sec.dept@gmail.com

**NOTICE OF 107 ANNUAL GENERAL MEETING AND E-VOTING INFORMATION**

This Notice is published in supersession of the earlier Notice published on 27th October, 2025, in respect of convening of 107th Annual General Meeting of The Orissa Minerals Development Company Limited through video conferencing/ other audio visual means.

In this regards Notice is hereby given that the 107th Annual General Meeting (AGM) of The Orissa Minerals Development Company Limited (the 'Company') will be held on Tuesday, 18th November, 2025 at 11:00 A.M. IST through video conferencing (VC)/other audio-visual means (OAVM), to transact the business as set out in the Notice.

In compliance with the provisions of the Companies Act, 2013 read with circulars issued by Ministry of Corporate Affairs and SEBI, from time to time, the Notice of 107th AGM and Annual Report containing the financial statements for FY 2024-25, Auditors' Report thereon, Board's Report and other documents, have been sent through e-mails on 27th October 2025, to all the Members, whose e-mail IDs are registered with the Company/Depository Participant (DP). The said documents are also available on the Company's website i.e. www.birdgroup.co.in websites of stock exchanges i.e. www.bseindia.com and www.nseindia.com and on the website of NSDL at www.evoting.nsdl.com.

Further, the Company has engaged National Securities Depository Limited (NSDL) to enable the members of the Company to attend the said AGM through VC/OAVM and to cast votes electronically, in respect of the businesses to be transacted at 107th AGM of the Company. Members of the Company holding shares either in physical form or in dematerialized form as on the Cut-off date i.e. 10th November, 2025 may cast their vote electronically in respect of business to be transacted at the AGM. The remote e-voting platform will be open for voting from Friday, 14th November, 2025(09:00 AM) to Monday, 17th November, 2025 (05:00 PM). Remote e-voting module shall be disabled by NSDL for voting thereafter. Those members, who do not cast their vote on the resolutions through remote e-voting during the above period and are otherwise not barred from doing so, shall be eligible to vote through e-voting system during the AGM.

Members who have not registered their email address or who becomes a member of the Company after dispatch of the Notice of AGM and holds shares as on the Cut-Off date, are requested to register the same with the Depository through their Depository Participant(s) in case the shares are held in electronic form and in case of shares held in physical form, with the Company's Registrar and Share Transfer Agent i.e. M/s CB Management Services Private Limited, Email: rta@cbmsl.com. Any person whose e-mail ID is not registered with the Company/DP may obtain the user Id and password for e-voting by sending a request at evoting@nsdl.co.in. However, if the member is already registered with NSDL / Remote e-voting, he/she can use his/her existing user id and Password for casting the vote. Further. Members who have cast their vote by remote e-voting may attend the AGM, but shall not be entitled to vote again at the AGM.

In case of any queries, Members may refer to the Frequently Asked Questions (FAQs) for shareholders and e-voting user manual available at the download section of NSDL website i.e. www.evoting.nsdl.com or refer to the instructions as mentioned in the Notice of 107th AGM.

**Book Closure:**
Notice is given pursuant to Section 91 of the Companies Act, 2013 and Regulation 42 of SEBI (LODR) Regulations. 2015 that the Register of Members and Share Transfer Books of the company will remain closed from 11th November 2025 to 17th November 2025 (both days inclusive) for the purpose of ensuing 107th AGM of the Company.

**Attending AGM through VC / OAVM:**
Members will be provided with a facility to attend the AGM through VC/OAVM through the NSDL e-Voting system. Members may access by following the steps mentioned for "Access to NSDL e-Voting system" in Notes to Notice. After successful login, with login credentials, Member can see link of "VC/OAVM" placed under "Join meeting" menu against Company name. Members are requested to click on VC/OAVM link placed under Join Meeting menu. The link for VC/OAVM will be available in Shareholders/Member login where the EVEN of Company will be displayed.

**Member Speaker Registration:**
Members who would like to express their views/ask questions during the 107th AGM may register themselves as a speaker and may send this request from 14th November 2025 (9.00 a.m. IST) to 16th November 2025 (5.00 p.m. IST) mentioning their name, DP ID and Client ID, Folio number, email id, mobile number at: omdc.sec.dept@gmail.com.

By the Order of the Board
Sd/-
**Pintu Kumar Biswal**
Company Secretary & Compliance Officer

**Place:** Bhubaneswar
**Date:** 27.10.2025

ସକାଳ THE SAKALA




www.sakalaepaper.com

## ରାଉରକେଲାରେ ସେକ୍ସ ରାକେଟ୍ ଠାବ

# ରାଣୀ ମହୁମାଛି ସହ ୨ ଦଲାଲ ଗିରଫ; ୨ ଯୁବତୀ ଉଦ୍ଧାର

ରାଉରକେଲା, ୨୭।୧୦(ସମିସ)





ରାଉରକେଲା ସହରର ସିଭିଲ ଟାଉନ୍‌ସିପର ଏକ ଘରେ ଚାଲିଥିବା ହାଇ ପ୍ରୋଫାଇଲ ସେକ୍ସ ରାକେଟକୁ ଠାବ କରିଛି ରଘୁନାଥପାଲୀ ଥାନା ପୁଲିସ। ଏନେଇ ସୂଚନା ପାଇ ରାଉରକେଲା ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶ କ୍ରମେ ପାନପୋଷ ଏସ୍‌ଡିପିଓ ରଶ୍ମିରଞ୍ଜନ ମହାପାତ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ରଘୁନାଥପାଲୀ ଥାନା ପୁଲିସ ଉକ୍ତ ସେକ୍ସ ରାକେଟ ଉପରେ ଚଢ଼ଉ କରିଥିଲା। ଏହି ଘଟଣାରେ ୨ ଜଣ ଦଲାଲ ଓ ଜଣେ ରାଣୀ ମହୁମାଛିଙ୍କୁ ଗିରଫ କରି ପୁଲିସ କୋର୍ଟକୁ ଚାଲାଣ କରିଥିବା ସୂଚନା ମିଳିଛି। ଗିରଫ ଦଲାଲ ଦ୍ୱୟ ରେଲୱେ କଲୋନୀ ଅଞ୍ଚଳର ମୁଖିଆ ମୁକେଶ ଗୁପ୍ତା (୪୦), ସହଯୋଗୀ ଦଲାଲ ଜେଲ ରୋଡ ଇଏସଆଇ ହସ୍ପିଟାଲ ନିକଟର ବିଭୂତି ଭୂଷଣ ଓଝା (୪୩) ଓ ରାଣୀ ମହୁମାଛି ଝାଡ଼ଖଣ୍ଡ ଧାନବାଦର ମହିଳା ଦଲାଲ ଗୁଲସନ୍ ନିଶା (୩୫) ବୋଲି ଜଣାପଡ଼ିଛି। ତେବେ ଚଢ଼ଉ ସମୟରେ ୨ ଜଣ ଯୁବତୀଙ୍କୁ ଉଦ୍ଧାର କରାଯାଇଛି। ଘଟଣା ସ୍ଥଳରୁ ୬ଟି ମୋବାଇଲ, ୧୫୦୦ ଟଙ୍କା, ୟୁପିଆଇ ସ୍କାନର ଓ ଆପତ୍ତିଜନକ ସାମଗ୍ରୀ ଜବତ କରାଯାଇଛି। ଏନେଇ ଆଜି ପାନପୋଷ ଏସ୍‌ଡିପିଓ ରଶ୍ମି ରଞ୍ଜନ ମହାପାତ୍ର କହିଛନ୍ତି, ସିଭିଲ ଟାଉନସିପ କ୍ୱାର୍ଟର୍ସ ନଂ ୟୁୟୁୟୁ/୧ରେ ଦେହ ବେପାର କିଛି ଦିନ ଧରି ଚାଲିଥିବା ନେଇ ସୂଚନା ମିଳିଥିଲା। ଏହି ଆଧାରରେ ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ରଘୁନାଥପାଲି ଥାନା ଅଧିକାରୀ ରାଜେନ୍ଦ୍ର କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଏକ ପୁଲିସ ଟିମ୍ ସେଠାରେ ଚଢ଼ଉ କରିଥିଲା। ଗିରଫ ମୁଖ୍ୟ ଅଭିଯୁକ୍ତ

**୨ ବର୍ଷ ଧରି ଚାଲିଥିଲା ହାଇ ପ୍ରୋଫାଇଲ୍ ସେକ୍ସ ରାକେଟ୍**

ମୁକେଶ ଉକ୍ତ କ୍ୱାର୍ଟର୍ସକୁ ଏକ କମ୍ପାନୀ ନାଁରେ ଭଡ଼ାରେ ନେଇଥିଲା। ପ୍ରାୟ ୨ ବର୍ଷ ହେଲା ଦେହ ବେପାର କରି ଆସୁଥିଲା ବୋଲି ସେ ପ୍ରକାଶ କରିଛନ୍ତି। ଝାଡ଼ଖଣ୍ଡ, ଛତିଶଗଡ଼ ଓ ପଶ୍ଚିମବଙ୍ଗର ଯୁବତୀମାନଙ୍କୁ ଗୁଲସନ୍ ଚାଲାଣ କରୁଥିଲା। ରାଜ୍ୟ ବାହାରର ସୁନ୍ଦରୀ ଯୁବତୀଙ୍କୁ ଆଣି ସେକ୍ସ ରାକେଟ ଚାଲିଥିବା ପୁଲିସ ତଦନ୍ତରୁ ଜଣାପଡ଼ିଛି। ସୂଚନାଯୋଗ୍ୟ, ରାଉରକେଲା ସହରର ସମ୍ଭ୍ରାନ୍ତ ଅଞ୍ଚଳ ଭାବେ ପରିଚିତ ସିଭିଲ ଟାଉନ୍‌ସିପ୍ ଅଞ୍ଚଳରେ ଏହି ହାଇ ପ୍ରୋଫାଇଲ୍ ସେକ୍ସ ରାକେଟ ଦୀର୍ଘ ଦିନ ଧରି ଚାଲିଥିଲା। ଝାଡ଼ଖଣ୍ଡ, ଛତିଶଗଡ଼ ଓ ପଶ୍ଚିମବଙ୍ଗ ରାଜ୍ୟରୁ ସୁନ୍ଦରୀ ଯୁବତୀଙ୍କୁ ଆଣି ମୁଖ୍ୟ ଅଭିଯୁକ୍ତ ମୁକେଶ ଗୁପ୍ତା ସେକ୍ସ ରାକେଟ ଚଳାଉଥିବା ପୁଲିସ ତଦନ୍ତରୁ ଜଣାପଡ଼ିଛି। ସୂଚନାଯୋଗ୍ୟ, ରାଜ୍ୟ ବାହାରର ସୁନ୍ଦରୀ ଯୁବତୀ ମାନଙ୍କୁ ଅଣାଯାଇ ସାତ ଦିନ ରଖି ଏହି ସେକ୍ସ ରାକେଟ ଚାଲିଥିଲା। ଜଣେ ଜଣେ ଗ୍ରାହକଙ୍କ ନିକଟରୁ ସେକ୍ସ କାରବାର ପାଇଁ ୧୫ ଶହ ଟଙ୍କାରୁ ଦୁଇ ହଜାର ଟଙ୍କା ନିଆଯାଉଥିବା ବେଳେ ଯୁବତୀମାନଙ୍କୁ ୫ ଶହରୁ ୬ ଶହ ଟଙ୍କା ଦିଆଯାଉଥିବା ପୁଲିସ ତଦନ୍ତରୁ ଜଣାପଡ଼ିଛି। ଗ୍ରାହକମାନଙ୍କ ନିକଟକୁ ହ୍ୱାଟସଆପରେ ସୁନ୍ଦରୀ ଯୁବତୀଙ୍କ ଫଟୋ ପଠାଇ ସେକ୍ସ ରାକେଟ ଚଳାଯାଉଥିବା ତଦନ୍ତ ବେଳେ ଜଣାପଡ଼ିଥିବା ପାନପୋଷ ଏସ୍‌ଡିପିଓ ଶ୍ରୀ ମହାପାତ୍ର ସୂଚାଇଛନ୍ତି।

## ରାଜଗାଙ୍ଗପୁରରେ ଯୁଗ୍ମ ଜନଅଭିଯୋଗ ଶୁଣାଣି

**ରାଉରକେଲା, ୨୭।୧୦(ସମିସ):** ସୋମବାର ରାଜଗାଙ୍ଗପୁର ବ୍ଲକ ପରିସରରେ ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର, ଆରକ୍ଷୀ ଅଧିକ୍ଷକ(ଏସ୍‌ପି) ଅମ୍ରିତପାଲ କୌର ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ଏଥିରେ ମୋଟ ୧୨୦ ଗୋଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୩୦ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବାବେଳେ ୮୦ ଗୋଟି ସାମୁହିକ ଅଭିଯୋଗ ରହିଥିଲା। ତନ୍ମଧ୍ୟରୁ ୧୦ ଗୋଟି ଅଭିଯୋଗର ତତ୍‌କ୍ଷଣାତ ସମାଧାନ କରାଯାଇଥିଲା। ସେହିପରି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ୧୦ ଗୋଟି ଅଭିଯୋଗ ରହିଥିଲା। ଏଥିରେ ମୁଖ୍ୟ ଉନ୍ନୟନ ଅଧିକାରୀ ସୁରଞ୍ଜନ୍ ସାହୁ, ରାଉରକେଲା ବନଖଣ୍ଡ ଅଧିକାରୀ ଯଶବନ୍ତ ସେଠୀ, ସଦର ଉପଜିଲ୍ଲାପାଳ ତେଜସ୍ୱିନୀ ବେହେରା, ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସାକ୍ଷରତା ପରୀକ୍ଷା ଦେଲେ ୧୯୦୭ ପରୀକ୍ଷାର୍ଥୀ

ରାଉରକେଲା, ୨୭।୧୦(ସମିସ): ନୀରକ୍ଷରତା ଦୂରୀକରଣ ନେଇ ରବିବାର ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ 'ଉଲ୍ଲାସ' ମାଧ୍ୟମରେ ନୂଆଗାଁ ବ୍ଲକରେ ୧୫ ବର୍ଷରୁ ଊର୍ଦ୍ଧ୍ୱ ଯୁବକ, ବ୍ୟକ୍ତି, ବୃଦ୍ଧ, ବୃଦ୍ଧା ସାକ୍ଷରତା ପରୀକ୍ଷା ଦେଇଛନ୍ତି। ଏନେଇ ଏକ ବେସଲାଇନ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ନୂଆଗାଁ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ସାଲଗିମନି ଟୁଡୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପରୀକ୍ଷାରେ ନୂଆଗାଁ ବ୍ଲକରେ ସମୁଦାୟ ୫୦ଟି ପରୀକ୍ଷା କେନ୍ଦ୍ରରେ ମୋଟ ୧୯୦୭ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ଏଥିପାଇଁ ୧୯୫୯ ଜଣ ପରୀକ୍ଷାର୍ଥୀ ନାମ ପଞ୍ଜିକରଣ କରିଥିଲେ। ପରୀକ୍ଷା ସମୟରେ ବିଭିନ୍ନ କେନ୍ଦ୍ରରେ ୫୨ ଜଣ ଅନୁପସ୍ଥିତ ଥିଲେ। ବ୍ଲକର ୧୩ ଟି କ୍ଲଷ୍ଟରର ସିଆରସିସି ପ୍ରଶାନ୍ତ କେର୍କେଟା, ଅଜୟ କୁମାର ସେଠୀ, ସନ୍ତୋଷ ସିଂ, ମଙ୍ଗଳଦାସ ଖାଲକ, ରମେଶ ଲକ୍ଷୁଆ, ବିଶ୍ୱନାଥ ବଡାଇକ, ଅଘନୁ ବାରୁଆ, ମହାଦେବ ବଡାଇକ, ଭୋଳା ବାରିକ, ଜୀତନାଥ ଟୋପ୍ପ ପ୍ରମୁଖ ପରୀକ୍ଷା ପରିଚାଳନା ଦାୟିତ୍ୱରେ ରହିଥିଲେ। ବ୍ଲକର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବାନେ କେଛୁଆ ଓ ବନମାଳି ମଲ୍ଲିକ ସମସ୍ତ ପରୀକ୍ଷା କେନ୍ଦ୍ରଯାଇ ଉପଯୁକ୍ତ ତଦାରଖ କରିଥିଲେ।



## ଛଟ୍ ପୂଜା ଆରମ୍ଭ

# ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେଲେ ଲକ୍ଷାଧିକ ବ୍ରତଧାରୀ



ରାଉରକେଲା, ୨୭।୧୦(ସମିସ): ଆସ୍ଥା ଓ ବିଶ୍ୱାସର ମହାପର୍ବ ଛଟ୍ ପୂଜା ଆରମ୍ଭ ହୋଇଛି। ଏଥିପାଇଁ ରାଉରକେଲା ସହର ଚଳଚଞ୍ଚଳ ହୋଇଉଠିଛି। ସୋମବାର ଅପରାହ୍ନରେ ବିଭିନ୍ନ ଜଳାଶୟରେ ବ୍ରତଧାରୀମାନେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେଇଥିଲେ। ଏଥିପାଇଁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ରାଉରକେଲା ସହର ସମେତ ଏହାର ଆଖପାଖ ଅଞ୍ଚଳରେ ଥିବା ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ଘାଟରେ ପୂଜା ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ମଙ୍ଗଳବାର ଉଦିତ ସୂର୍ଯ୍ୟଙ୍କୁ ଦ୍ୱିତୀୟ ଅର୍ଘ୍ୟ ଦିଆଗଲା ପରେ ପର୍ବ ଶେଷ ହେବ ବୋଲି ଜଣାପଡ଼ିଛି। ସୂଚନାନୁଯାୟୀ, 'ନାହାଏ ଖାଏ' ଏବଂ 'ଖରନା' ପରେ ଛଟ୍ ମହାପର୍ବର ତୃତୀୟ ଦିନରେ ରାଉରକେଲା ସମେତ ଆଖପାଖ ଘାଟ ଗୁଡିକରେ ଅର୍ଘ୍ୟ ପାଇଁ ଭିଡ ଜମିଥିଲା। ଅପରାହ୍ନରେ ସୂର୍ଯ୍ୟ ଅସ୍ତ ସମୟରେ ଏକା ସଙ୍ଗେ ଅନେକ ଶ୍ରଦ୍ଧାଳୁ ଅର୍ଘ୍ୟ ଦେଇଥିଲେ। ଘାଟ ଗୁଡିକରେ ପ୍ରାୟ ୨ ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ପୁଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। ଅପରାହ୍ନ ୨ଟାରୁ ରାତି ୭ଟା ପର୍ଯ୍ୟନ୍ତ ବାଲିଘାଟ ଓ ରୁପୁଟୋଲା ଦେଇ ଯାଇଥିବା ଜାତୀୟ ରାଜପଥରେ ଭାରିଯାନ ଚଳାଚଳ ଉପରେ କଟକଣା ଜାରି କରାଯାଇଥିଲା। ଅଧିକାଂଶ ଘାଟ ଗୁଡିକରେ ମହାନଗର ନିଗମ ପକ୍ଷରୁ ବିଜୁଳି ବ୍ୟବସ୍ଥା କରାଯାଇଥିଲା। ସେହିପରି ହିନ୍ଦୁ ଜାଗରଣ ମଞ୍ଚ, ରାଷ୍ଟ୍ରୀୟ ଜନ ଜାଗରଣ ସେବା ସଂଘ ଓ ସ୍ୱର୍ଣ୍ଣକାର ଯୁବ ମଞ୍ଚ, ବିହାରୀ ଯୁବ ମଞ୍ଚ ଓ ବିହାର ସାଂସ୍କୃତିକ ପରିଷଦ ବିହାରୀ ଯୁବ ମଞ୍ଚ, ବିହାର ସମାଜ ସେବା ସଂଘ ସମେତ ବିଭିନ୍ନ ସଙ୍ଗଠନ ପକ୍ଷରୁ ଶ୍ରଦ୍ଧାଳୁମାନଙ୍କ ପାଇଁ ବିଭିନ୍ନ ସୁବିଧା ଯୋଗାଇ ଦିଆଯାଇଥିଲା। ସେହିପରି ରେଲୱେ କଲୋନୀ, ଗୋପବନ୍ଧୁପାଲି ପୋଖରୀ, ହୋଟେଲ୍ ସନ୍ତୋଷ କମ୍ପ୍ଲେକ୍ସ, ପାନପୋଷ ହାଡପୋକା ଘାଟ, ପାଢ଼ୀ ଘାଟ, ହନୁମାନ ଘାଟ, ବାଲିଘାଟ, ଝିରପାଣି ଘାଟ, ବନ୍ଧମୁଣ୍ଡା ସେକ୍ଟର ବି ପୋଖରୀ, ତିଲିକାନଗର ଘାଟ, କୋଇଲା ଗେଟ ପୋଖରୀ, ସେକ୍ଟର-୧୬ କୋଏଲ ନଦୀଘାଟ, ତରକେରା ନଦୀ ଘାଟଠାରେ ରାଉରକେଲାରେ ବସବାସ କରୁଥିବା ବିହାର ଓ ଉତ୍ତରପ୍ରଦେଶର ପ୍ରାୟ ୨ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଛଟ୍ ପର୍ବର ଅନ୍ତିମ ପର୍ଯ୍ୟାୟକୁ ପାଳନ କରିଥିବା ଦେଖିବାକୁ ମିଳିଥିଲା। ନଦୀ ଓ ଜଳାଶୟର ପାଣି ଭିତରେ ଦଣ୍ଡାୟମାନ ହୋଇ ବ୍ରତଧାରୀମାନେ ଆଜି ଅସ୍ତଗାମୀ ସୂର୍ଯ୍ୟ ଦେବତାଙ୍କୁ ଜଳ ତର୍ପଣ କରିଥିଲେ। ସୂଚନାଯୋଗ୍ୟ, ଖେରନା ଅବସରରେ ବ୍ରତଧାରୀମାନେ ନିର୍ଜଳା ଉପବାସ ରହି ଅଟା, ଗୁଡ ଏବଂ ଶୁଦ୍ଧ ଘିଅରେ ଠେକୁଆ ନାମକ ଏକ ପ୍ରସାଦ ପ୍ରସ୍ତୁତ କରିଥିଲେ। ଏହାବ୍ୟତୀତ ଋତୁ ଅନୁସାରେ ଉପଲବ୍ଧ ନଡ଼ିଆ, କଦଳୀ, ପିଜୁଳି, ଆଖୁ, ପାଣି ସିଙ୍ଗଡ଼ା, ଗାଜର, ମୂଳା, ପ୍ରଭୃତି ସମସ୍ତ ପ୍ରକାର ଫଳମୂଳ ପ୍ରସାଦ ଭାବେ ସୂର୍ଯ୍ୟ ଦେବତାଙ୍କ ପାଖରେ ଲାଗି ହୋଇଥିଲା। ଏକ ବଡ ଟୋକେଇରେ ସମସ୍ତ ପ୍ରକାର ପ୍ରସାଦକୁ ମୁଣ୍ଡରେ ମୁଣ୍ଡେଇ ଶ୍ରଦ୍ଧାଳୁମାନେ ଆଜି ସଂଧ୍ୟାରେ ଜଳାଶୟ ନିକଟକୁ ନେଇଥିଲେ। ସୂର୍ଯ୍ୟ ଦେବତାଙ୍କୁ ଜଳ ତର୍ପଣ ପରେ ସମସ୍ତେ ଘରକୁ ଫେରିଥିଲେ। ପୁଣି ମଙ୍ଗଳବାର ପ୍ରତ୍ୟୁଷରେ ନଦୀକୂଳକୁ ଯାଇ ଉଦୀତ ସୂର୍ଯ୍ୟଙ୍କୁ ଅନ୍ତିମ ଥର ପାଇଁ ବ୍ରତଧାରୀମାନେ କ୍ଷୀର ଓ ଜଳ ତର୍ପଣ କରିବେ।

**କୋଇଡା:** ଛଟ୍ ପର୍ବ ପାଇଁ କୋଇଡା ଚଳଚଞ୍ଚଳ ହୋଇଛି। ବିହାରୀ ସମ୍ପ୍ରଦାୟ ଲୋକଙ୍କ ସମେତ ସମଗ୍ର କୋଇଡାରେ ଏହାର ଉତ୍ସାହ ଦେଖିବାକୁ ମିଳିଛି। ବହୁ ମାତ୍ରାରେ ବ୍ରତଧାରୀମାନେ ନଦୀ ପଠା, ପୋଖରୀରେ ଯାଇ ସୂର୍ଯ୍ୟଙ୍କୁ ସୋମବାର ଅର୍ଘ୍ୟ ଅର୍ପଣ କରିଥିଲେ। ସ୍ଥାନୀୟ ଜଗନ୍ନାଥ ମନ୍ଦିର ନିକଟସ୍ଥ ପୋଖରୀରେ ବହୁ ସାଜସଜା ସହ ବ୍ରତଧାରୀମାନେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ କରିଛନ୍ତି। ମଙ୍ଗଳବାର ଉଦୟଗାମୀ ସୂର୍ଯ୍ୟ ଦେବତାଙ୍କୁ ଅର୍ଘ୍ୟ ଅର୍ପଣ କରି ପୂଜା ସମାପନ କରିବେ ବୋଲି ଜଣାପଡ଼ିଛି।

## ରାଉରକେଲାରୁ ବିମାନ ଚଳାଚଳ ବନ୍ଦ

# ପ୍ରତିବାଦରେ ପରିବା ବିକିଲେ ଆନ୍ଦୋଳନକାରୀ



**ରାଉରକେଲା, ୨୭।୧୦(ସମିସ):** ରାଉରକେଲା ବିମାନ ବନ୍ଦରରୁ ଗତ ତିନି ମାସ ହେଲା ଭୁବନେଶ୍ୱର ଓ କୋଲକାତା ବିମାନ ଚଳାଚଳ ବନ୍ଦ ରହିଥିବାରୁ ଏହା ପ୍ରତିବାଦରେ ବିମାନବନ୍ଦର ସମ୍ମୁଖରେ ଆଜି ଆନ୍ଦୋଳନକାରୀ ପରିବା ବିକ୍ରି କରି ଆନ୍ଦୋଳନ କରିଛନ୍ତି। ଯାହା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ସମାଜସେବୀ ମୁକ୍ତିକାନ୍ତ ବିଶ୍ୱାଳଙ୍କ ନେତୃତ୍ୱରେ ବିମାନ ବନ୍ଦର ସମ୍ମୁଖରେ ଆନ୍ଦୋଳନ କରୁଥିବା ଆନ୍ଦୋଳନକାରୀଙ୍କୁ ଛେଣ୍ଡ ଥାନା ପୁଲିସ ଉଠାଇ ନେଇ ଛେଣ୍ଡ ଥାନାରେ ଅଟକ ରଖିଥିବା ଜଣାପଡ଼ିଛି। ରାଉରକେଲା ବିମାନ ବନ୍ଦରରୁ ଦେଶର ସମସ୍ତ ପ୍ରମୁଖ ସହରକୁ ନିୟମିତ ବିମାନ ଚଳାଚଳ ଆରମ୍ଭ କରିବା, ବିମାନ ବନ୍ଦରର ସମ୍ପ୍ରସାରଣ ଓ ବିକାଶ କାର୍ଯ୍ୟ କରିବା ପାଇଁ ବାରମ୍ବାର ଦାବି ସତ୍ତ୍ୱେ ଡବଲ ଇଞ୍ଜିନ ସରକାର ଦାବି ପୂରଣ କରୁନଥିବା ଆନ୍ଦୋଳନକାରୀ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ରାଉରକେଲାରୁ ଭୁବନେଶ୍ୱର ଓ କୋଲକାତା ବିମାନ ଚଳାଚଳ ଗତ ତିନି ମାସ ହେଲା ବନ୍ଦ ରହିଥିବାରୁ ବିଭିନ୍ନ ମହଲରେ ଅସନ୍ତୋଷ ବୃଦ୍ଧି ପାଇଛି। ରାଉରକେଲା ବିମାନ ବନ୍ଦରର ସମ୍ପ୍ରସାରଣ କରିବା ସହ ଇନଷ୍ଟ୍ରୁମେଣ୍ଟ ଲାଣ୍ଡିଙ୍ଗ ସିଷ୍ଟମ (ଆଇଏଲଏସ) ଓ ନାଇଟ ଲାଣ୍ଡିଙ୍ଗ ସିଷ୍ଟମ (ଏନଏଲଏସ) ଲଗାଇବା ପାଇଁ ଦୀର୍ଘ ଦିନ ହେଲା ଦାବି ହୋଇ ଆସୁଛି। ଏଥିସହ ରାଉରକେଲାରୁ ଭୁବନେଶ୍ୱର ଓ ରାଉରକେଲାରୁ କୋଲକାତା ନିୟମିତ ବିମାନ ଚଳାଚଳ କରିବା ସହ ରାଉରକେଲାରୁ ଦେଶର ସମସ୍ତ ପ୍ରମୁଖ ସହରକୁ ନିୟମିତ ବିମାନ ଚଳାଚଳ ଆରମ୍ଭ କରିବା ପାଇଁ ଦାବି ହୋଇ ଆସୁଛି। କିନ୍ତୁ ଡବଲ ଇଞ୍ଜିନ ସରକାର ଦାବି ପୂରଣ କରୁନଥିବାରୁ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ରାଉରକେଲା ସହରରୁ ଦେଶର ବିଭିନ୍ନ ସହରକୁ ନିୟମିତ ବିମାନ ଚଳାଚଳ କରିବା, ବିମାନ ବନ୍ଦରର ବିକାଶ କରାଯିବା ସହ ସମ୍ପ୍ରସାରଣ ସହିତ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ବିମାନ ଯାତ୍ରୀ ଓ ସହରବାସୀ ଦାବି କରି ଆସୁଛନ୍ତି। କିନ୍ତୁ ଦାବି ପୂରଣ କରିବା ପାଇଁ ଡବଲ ଇଞ୍ଜିନ ସରକାର ବାରମ୍ବାର ଖାଲି ପ୍ରତିଶ୍ରୁତି ଦେଉଥିଲେ ମଧ୍ୟ ଦାବି ପୂରଣ କରୁନଥିବା ଅଭିଯୋଗ ହୋଇଛି।

## ଗୋପବନ୍ଧୁ ପାଠାଗାରରେ କର୍କଟ ରୋଗ ସଚେତନତା



**ରାଉରକେଲା, ୨୭।୧୦(ସମିସ):** ଉତ୍କଳ ସ୍ନେହୀ ମହିଳା ସମିତି ଏବଂ ଗୋପବନ୍ଧୁ ପାଠାଗାରର ମିଳିତ ସହଯୋଗରେ ପାଠାଗାରର ସଭାଗୃହରେ ଏକ କର୍କଟ ରୋଗ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହିଳା ସମିତିର ସଭାପତି ସବିତା ସାହୁଙ୍କ ଆବାହକତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଉରକେଲା ଇସ୍ପାତ କାରଖାନାର ମୁଖ୍ୟ ମହାପ୍ରବନ୍ଧକ ଦିଲୀପ କୁମାର ସାହୁ, ପାଠାଗାରର ସଭାପତି ନବଘନ ସାହୁ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଡା. ଗୋକୁଳାନନ୍ଦ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ କର୍କଟ ଯୋଦ୍ଧା ଡାକ୍ତର ମୁରାରି ପ୍ରଧାନ ଯୋଗଦେଇ ଏହି ରୋଗର କାରଣ, ସାଧାରଣ ଲକ୍ଷଣ, ନିରାକରଣର ଉପାୟ ତଥା ସମ୍ପ୍ରତି ଉପଲବ୍ଧ ବିଭିନ୍ନ ଚିକିତ୍ସା ପଦ୍ଧତି ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟତମ ଅତିଥି ଜ୍ୟୋତି ଦେହୁରୀ ସହାୟତା କରିଥିଲେ। ଗୀତା ସେନାପତି, ସ୍ନିଗ୍ଧା ସାମନ୍ତରାୟ, ବିଜୟଲକ୍ଷ୍ମୀ ମିଶ୍ର, ସବିତା ନନ୍ଦ, ସୁପ୍ରିୟା ମହାନ୍ତି, ନମିତା ଆଚାର୍ଯ୍ୟ, ରଶ୍ମିତା ସାହୁ, ଭାରତୀ କର, ଗୀତାଞ୍ଜଳି ମିଶ୍ର, ସାବିତ୍ରୀ ଦାସ ପ୍ରମୁଖ ମହିଳା ସମିତିର ସଦସ୍ୟା ଏବଂ ହରିହର ଶତପଥୀ, ଗିରିଜା ଶଙ୍କର ଗୋସ୍ୱାମୀ, ଲକ୍ଷ୍ମଣ ନାଥ ଦାସ, ହରିହର ନାୟକ, ବିଶ୍ୱନାଥ ଜେନା, ରମେଶ ଚନ୍ଦ୍ର ସିଂହ ପ୍ରମୁଖ ଗୋପବନ୍ଧୁ ପାଠାଗାରର ସଦସ୍ୟମାନେ ସହଯୋଗ କରିଥିଲେ। ସନ୍ତୋଷ କୁମାର ମିଶ୍ର, ଡ. ଶକ୍ତି ପ୍ରସାଦ ସାମନ୍ତରାୟ, ଡା. ଶଶୀଭୂଷଣ ଭୂଷଣ ନେପାକ, ନିର୍ମଳ ଚନ୍ଦ୍ର ଆଚାର୍ଯ୍ୟ, ମହେନ୍ଦ୍ର ମହାନ୍ତି, ଶ୍ରୀନିବାସ ରାୟ, ତ୍ରିଲୋଚନ ମିଶ୍ର, ଏସ୍ ପଣ୍ଡା, ନାରାୟଣ ପ୍ରସାଦ ଜେନା, ସୌରଭ ମହାନ୍ତି, ଗୁରୁ ଚରଣ ପଟ୍ଟନାୟକ, ପ୍ରତାପ ଚନ୍ଦ୍ର ମହାନ୍ତି(କେଭି), ପ୍ରତିମା ବାନା ମିଶ୍ର, ବନଜାଲକ୍ଷ୍ମୀ ସିଂହ, ଆଶାଲତା ସିଂହ, ରବିନାରାୟଣ ସିଂହ, ଗଜେନ୍ଦ୍ର ସାହାଣି, ସରୋଜ କୁମାର ସ୍ୱାଇଁ, ନଗେନ ସାମନ୍ତରାୟ, ଦିନବନ୍ଧୁ ଦାସ, ଜ୍ଞାନେନ୍ଦ୍ର କୁମାର ରାୟ, ମୃତ୍ୟୁଞ୍ଜୟ ବାରିକ୍, ଶଶୀଭୂଷଣ ଜେନା, ଗଦାଧର ରଥ, ହରିଶ୍ଚନ୍ଦ୍ର ଭୂମିଜ, ହୃଷୀକେଶ ନାୟକ, ବିଜୟ କୁମାର ପରିଡ଼ା ପ୍ରମୁଖ ବହୁ ସଦସ୍ୟ ଉପସ୍ଥିତ ଥିଲେ। ଶେଷରେ ଡା. ଗୋକୁଳାନନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ଦୁର୍ନୀତି ନିବାରଣ ସପ୍ତାହ ଅବସରରେ ପାନପୋଷ ଉପଜିଲ୍ଲାପାଳ ବିଜୟ କୁମାର ନାୟକ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଶପଥ ପାଠ କରାଉଛନ୍ତି

# ଶିଶୁ ମହୋତ୍ସବ 'ସୁରଭି'ରେ ବେଦାନ୍ତ ଆଲୁମିନିୟମର ସହଯୋଗ



ରାଉରକେଲା, ୨୭।୧୦(ସମିସ): ଭାରତର ସର୍ବବୃହତ୍ତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ସୁନ୍ଦରଗଡ଼ ଜିଲ୍ଲାରେ ଆୟୋଜିତ ଶିଶୁ ମହୋତ୍ସବ 'ସୁରଭି' ଆୟୋଜନରେ ସହାୟତାର ହାତ ବଢ଼ାଇ ଶିଶୁ ପ୍ରତିଭାକୁ ବିସ୍ତାରିତ କରିବାର ତାର ପ୍ରତିବଦ୍ଧତାକୁ ଦୋହରାଇଛି। ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଏବଂ ଗଣ ଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ହେମଗିରି ଏବଂ ଲଖନପୁର ବ୍ଲକ ଅନ୍ତର୍ଗତ ଛଅଟି ଗ୍ରାମ ପଞ୍ଚାୟତକୁ ପ୍ରତିନିଧିତ୍ୱ କରୁଥିବା ୪୨ଟି ବିଦ୍ୟାଳୟର ୧୫୦୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ କଳା ଏବଂ ଶିଳ୍ପ, ସଙ୍ଗୀତ ଏବଂ ନୃତ୍ୟ, ବିତର୍କ, ବକ୍ତବ୍ୟ ଏବଂ ସୃଜନଶୀଳ ଲେଖାକୁ ଅନ୍ତର୍ଭୁକ୍ତ କରି ୩୦ଟି ବିବିଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ କ୍ଲଷ୍ଟର ରିସୋର୍ସ ସେଣ୍ଟର (ସିଆରସିସି)ର ସଂଯୋଜକ ଆଶିଷ ପଟେଲଙ୍କ ସମେତ ଅନ୍ୟାନ୍ୟ ବିଶିଷ୍ଟ ଅତିଥି, ଶିକ୍ଷକ ଏବଂ ଗୋଷ୍ଠୀ ସଦସ୍ୟମାନେ ଯୋଗ ଦେଇଥିଲେ। ଏହି ଅବସରରେ ଲଖନପୁର ବ୍ଲକର ସିଆରସିସି ଆଶିଷ ପଟେଲ 'ସୁରଭି' ପିଲାମାନଙ୍କ ସୃଜନଶୀଳତା ଏବଂ ସାମର୍ଥ୍ୟର ଏକ ଉତ୍ସବ ବୋଲି କହିବା ସହ ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶକୁ ପ୍ରୋତ୍ସାହିତ କରିବା ଏବଂ ସେମାନଙ୍କୁ ବଡ଼ ସ୍ୱପ୍ନ ଦେଖିବାରେ ସାହାଯ୍ୟ କରିବାରେ ବେଦାନ୍ତର ସମର୍ଥନକୁ ପ୍ରଶଂସା କରିଥିଲେ। ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର ଶିକ୍ଷା ଏବଂ ଗୋଷ୍ଠୀ ବିକାଶ ପ୍ରତି ବେଦାନ୍ତର ପ୍ରତିବଦ୍ଧତା ଉପରେ ଆଲୋକପାତ କରିବା ସହ 'ସୁରଭି' ଭଳି ପଦକ୍ଷେପ ପିଲାମାନଙ୍କୁ ସେମାନଙ୍କ ପ୍ରତିଭାର ଅନ୍ୱେଷଣ କରିବା, ଆତ୍ମବିଶ୍ୱାସ ସୃଷ୍ଟି କରିବା ଏବଂ ପରିପୂର୍ଣ୍ଣ ବ୍ୟକ୍ତିତ୍ୱରେ ବିକଶିତ ହେବାର ସୁଯୋଗ ପ୍ରଦାନ କରିଥାଏ ବୋଲି କହିଥିଲେ। ଏଥିସହ ବେଦାନ୍ତ ଆଲୁମିନିୟମ ଶିକ୍ଷା, ସ୍ୱାସ୍ଥ୍ୟସେବା, ସ୍ଥାୟୀ ଜୀବିକା, ଗ୍ରାମୀଣ ଭିତ୍ତିଭୂମି ଏବଂ ତୃଣମୂଳସ୍ତରର କ୍ରୀଡା ଏବଂ ସଂସ୍କୃତି ମାଧ୍ୟମରେ ସାମାଜିକ ପ୍ରଭାବ ପଦକ୍ଷେପ ମାଧ୍ୟମରେ ଓଡ଼ିଶାରେ ପରିବର୍ତ୍ତନ ଆଣିବା ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ମତବ୍ୟକ୍ତ କରିଥିଲେ।

# ପୁଲିସ ଚାକିରିରୁ ଭାରୋତ୍ତୋଳନକାରୀ ସମିତା ବାରିକ ବଞ୍ଚିତ

ରାଉରକେଲା, ୨୭।୧୦(ସମିସ)



ଭାରୋତ୍ତୋଳନରେ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ସଫଳତା ସାଉଁଟିଥିବା ରାଉରକେଲାର ସମିତା ବାରିକ ପୁଲିସ ଚାକିରିରୁ ବଞ୍ଚିତ ହୋଇଛନ୍ତି। ଏହାର ନ୍ୟାୟିକ ତଦନ୍ତ ପାଇଁ ସେ ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି। ଏନେଇ ସେ ରବିବାର ଗଣମାଧ୍ୟମକୁ ଜଣାଇଛନ୍ତି ଯେ, ସେ ୧୯୯୨ ମସିହାରେ ଇସ୍ପାତ ଷ୍ଟାଡିୟମ୍, ସେକ୍ଟର-୬, ରାଉରକେଲାରୁ ଭାରୋତ୍ତୋଳନକାରୀ ଭାବେ ଯାତ୍ରା ଆରମ୍ଭ କରିଥିଲେ। ୧୯୯୩ ମସିହାରେ ରାଜ୍ୟ ଭାରୋତ୍ତୋଳନକାରୀ ଚାମ୍ପିଅନସିପ୍‌ରେ ପ୍ରଥମ ପଦକ ହାସଲ କରିବା ପରେ ଅନେକ ଜାତୀୟ ପଦକ ମଧ୍ୟ ପାଇଥିଲେ। ସେ ୨୦୧୫ ମସିହାରେ ପୁଲିସ ଡିଜିଙ୍କ ନିକଟରେ ଏକ ଚାକିରି ପାଇଁ ଆବେଦନ କରିଥିଲେ। କ୍ରୀଡ଼ାବିତ୍‌ଙ୍କୁ ପୁଲିସ ବିଭାଗରେ ନିଯୁକ୍ତି ଦେବାର ବୟସ ସୀମା ୨୮ ରୁ ୩୮ କୁ ବୃଦ୍ଧି କରି ଏକ ସର୍କୁଲାର ପାସ୍ କରିଥିଲେ। ତଦନୁଯାୟୀ ସମିତାଙ୍କ ଆବେଦନକୁ ଆଧାର କରି ୨୦୧୫ ଡିସେମ୍ବର ୧୬ ତାରିଖରେ ଓଡ଼ିଶା ସରକାରଙ୍କ ଡି.ଜିଙ୍କ ଠାରୁ ଡିସେମ୍ବର ୨୯ ତାରିଖରେ ଡକ୍ୟୁମେଣ୍ଟ ଯାଞ୍ଚ ପାଇଁ କଟକର ଡି.ଜି କାର୍ଯ୍ୟାଳୟକୁ ତାଙ୍କୁ ଡାକରା ଆସିଥିଲା। ତଦନୁସାରେ ସେ ଡିଜି ଅଫିସକୁ ଯାଇ ତାଙ୍କର ସମସ୍ତ ପ୍ରମାଣପତ୍ର ଯାଞ୍ଚ କରାଇଥିଲେ। ସେ ଏସିଆ ସ୍ୱର୍ଣ୍ଣ ପଦକ ହାସଲ କରିଥିବାରୁ ତାଙ୍କୁ ତିନି ତାରକା ପଦବୀରେ ନିଯୁକ୍ତି ଦିଆଯିବାକୁ ପ୍ରମାଣପତ୍ର ଯାଞ୍ଚ କରୁଥିବା ଅଧିକାରୀମାନେ କହିଥିଲେ। ପ୍ରମାଣପତ୍ର ଯାଞ୍ଚର ୩ ମାସ ଭିତରେ ନିଯୁକ୍ତି ପତ୍ର ଦିଆଯିବାର ନିୟମ ବାଧ୍ୟତାମୂଳକ ରହିଥିବା ବେଳେ ଏ ନେଇ ତାଙ୍କୁ କୌଣସି ସୂଚନା ଦିଆଯାଇ ନଥିଲା। ଏ ନେଇ ସେ ଅନେକ ଥର ପୁଲିସ ଡି.ଜିଙ୍କ କାର୍ଯ୍ୟାଳୟକୁ ଯାଇ ଗୁହାରି କରିଥିଲେ ମଧ୍ୟ ତାଙ୍କ କଥା କେହି ଶୁଣିନଥିଲେ। ଏହାପରେ ୨୦୧୯ରେ ସେ ଗୃହ ବିଭାଗକୁ ଯାଇଥିଲି। ତେବେ ତାଙ୍କୁ ୨ ତାରକା ପଦବୀରେ ନିଯୁକ୍ତି ଦିଆଯାଇଛି ବୋଲି ଜଣେ ଅଧିକାରୀ ତାଙ୍କୁ ତାଙ୍କ ଫାଇଲ୍ ଦେଖାଇ କହିଥିଲେ। ଏହାପରେ ସେ ସିଧାସଳଖ କଟକର ଡିଜି ଅଫିସରେ ଅଭିଯୋଗ ପ୍ରକୋଷ୍ଠର ଅଧିକାରୀଙ୍କୁ ଭେଟିଥିଲେ। ତେବେ ଠାରୁ ନିରାଶ ହେବା ପରେ ସେ ହାଇକୋର୍ଟର ଆଶ୍ରୟ ନେଇଥିଲେ। ପ୍ରମାଣ ପତ୍ର ଯାଞ୍ଚର ୩ ମାସ ଭିତରେ ତାଙ୍କୁ ନିଯୁକ୍ତି ପ୍ରଦାନ ପାଇଁ ୨୦୨୧ ଜୁନ ୨୩ରେ ଓଡ଼ିଶା ହାଇକୋର୍ଟର ପୁଲିସ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ କୌଣସି ସୁଫଳ ନମିଳିବାରୁ ସେ ଅସହାୟ ହୋଇ ମୁଖ୍ୟମନ୍ତ୍ରୀଙ୍କର ଦ୍ୱାରସ୍ଥ ହୋଇଥିଲେ। ଏହାପରେ ତାଙ୍କୁ ରାଉରକେଲା ଏସ୍‌ପି ଅଫିସରୁ ଏକ ନିଯୁକ୍ତି ପତ୍ର ମିଳିଥିଲା। ୨୦୨୧ ଜୁନ ୧୧ ତାରିଖରୁ ରାଉରକେଲା ପୁଲିସ ଜିଲ୍ଲାରେ ତାଙ୍କୁ ଚୁକ୍ତିଭିତ୍ତିକ ଭିତ୍ତିରେ ସିଭିଲ୍ ପୁଲିସରେ କନେଷ୍ଟବଳ ଭାବରେ ଅସ୍ଥାୟୀ ନିଯୁକ୍ତି ମିଳିଥିଲା। ହେଲେ ତାଙ୍କୁ ଯଥୋଚିତ ସମ୍ମାନ ନମିଳିବାରୁ ଏବଂ ବିଭିନ୍ନ ଆଳରେ ହଇରାଣ ହରକତ କରାଯିବାରୁ ସେ ବାଧ୍ୟ ହୋଇ ଚାକିରି ଛାଡ଼ି ଏବେ ନ୍ୟାୟ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରସ୍ଥ ହୋଇଥିବା ଜଣାଇଛନ୍ତି।

## ଦ୍ୱିତୀୟ ପତ୍ନୀକୁ ପିଟି ପିଟି ହତ୍ୟା; ସ୍ୱାମୀ କୋର୍ଟ ଚାଲାଣ

**ରାଉରକେଲା, ୨୭।୧୦(ସମିସ):** ସ୍ଥାନୀୟ ବନ୍ଧମୁଣ୍ଡା ଥାନା ଅନ୍ତର୍ଗତ ଜାମସେରା ପଞ୍ଚାୟତର ଦଲପୋଷ ଓରାମ ଟୋଲାରେ ପାରିବାରିକ କଳହକୁ କେନ୍ଦ୍ର କରି ଜଣେ ବ୍ୟକ୍ତି ତାର ଦ୍ୱିତୀୟ ପତ୍ନୀକୁ ପିଟି ପିଟି ଅତ୍ୟନ୍ତ ନିର୍ମମ ଭାବେ ହତ୍ୟା କରିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ମୃତ ମହିଳା ହେଲେ ନେହା ଟପ୍ପୋ (୪୦)। ଅଭିଯୁକ୍ତ ସ୍ୱାମୀ ରତିଆ ଟପ୍ପୋ (୪୫)କୁ ପୁଲିସ ଗିରଫ କରିଛି। ପୁଲିସ୍ ସୂଚନାନୁଯାୟୀ, ରତିଆଙ୍କ ପ୍ରଥମ ସ୍ତ୍ରୀ ସ୍ୱାମୀର ନିର୍ଯାତନା ସହ୍ୟ କରି ନପାରି ୩ ସନ୍ତାନଙ୍କ ସହ ଅଲଗା ରହିବା ପରେ ରତିୟା ନେହାଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ତାଙ୍କର କୌଣସି ସନ୍ତାନ ନଥିବା ବେଳେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ଲାଗି ରହୁଥିଲା। ଘଟଣା ଦିନ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ଉଗ୍ର ରୂପ ଧାରଣ କରିଥିଲା। ଉତ୍ତ୍ୟକ୍ତ ହୋଇ ରତିଆ ଏକ ବାଡ଼ିରେ ନେହାଙ୍କୁ ନିସ୍ତୁକ ପିଟିବା ସହ ଟାଙ୍ଗିଆରେ ଆକ୍ରମଣ କରିଥିଲା। ଗୁରୁତର ଅବସ୍ଥାରେ ପଡ଼ୋଶୀମାନେ ନେହାଙ୍କୁ ଉଦ୍ଧାର କରି ରାଉରକେଲା ସରକାରୀ ଡାକ୍ତରଖାନା (ଆରଜିଏଚ୍)କୁ ନେଇଥିଲେ। ସେଠାରେ ଡାକ୍ତର ନେହାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ୍ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ କରିଛନ୍ତି। ସେପଟେ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତ ରତିଆକୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ମହିଳାଙ୍କ ସନ୍ଦିଗ୍ଧ ଶବ ଉଦ୍ଧାର; ହତ୍ୟା ସନ୍ଦେହ

**ରାଉରକେଲା, ୨୭।୧୦(ସମିସ):** ବନ୍ଧମୁଣ୍ଡା ଥାନା ଅନ୍ତର୍ଗତ ଶୀତଳନଗର ଅଞ୍ଚଳରେ ଜଣେ ମହିଳାଙ୍କ ସନ୍ଦିଗ୍ଧ ମୃତଦେହ ଉଦ୍ଧାର ହୋଇଛି। ପାରିପାର୍ଶ୍ୱିକ ପରିସ୍ଥିତିରୁ ତାଙ୍କୁ ରକ୍ଷିତା ଭାବେ ରଖିଥିବା ଜଣେ ବ୍ୟକ୍ତି ହତ୍ୟା କରିଥିବା ସନ୍ଦେହ କରାଯାଉଛି। ମୃତା ମହିଳା ହେଉଛନ୍ତି ଅନିତା ଏକ୍କା (୪୦)। ସେ ଏକ ଜଳଖିଆ ହୋଟେଲ କରିଥିବା ବେଳେ ଆଜି ତାଙ୍କ ଶବକୁ ହୋଟେଲ ଭିତରୁ ଉଦ୍ଧାର କରାଯାଇଥିଲା। ଏନେଇ ତାଙ୍କ ପୁଅ ନାମ ଏକ୍କା ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି। ଆଇଆଇସି ଶ୍ରୀକାନ୍ତ ଖମାରୀ ଘଟଣାର ତଦନ୍ତ କରିବା ସହ ହତ୍ୟା କରିବା ଅଭିଯୋଗରେ ଜଣେ ବ୍ୟକ୍ତିଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି।

## ଦୁର୍ନୀତି ନିବାରଣ ରଥ ଶୁଭାରମ୍ଭ ଓ ସଚେତନତା ଶପଥପାଠ



ବୌଦ୍ଧ,୨୭।୧୦(ସମିସ): ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଦୁର୍ନିତୀ ନିବାରଣ ବିଭାଗ ପକ୍ଷରୁ ଏକ ଦୁର୍ନୀତି ନିବାରଣ ସଚେତନତା ରଥର ଶୁଭାରମ୍ଭ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଦୁର୍ନୀତି ନିବାରଣ କାର୍ଯ୍ୟାଳୟର ଉପ ଆରକ୍ଷୀ ଅଧୀକ୍ଷକ ସୁରେଶ କୁମାର କନ୍‌ହର, ଜିଲ୍ଲା ବନଖଣ୍ଡ ଅଧିକାରୀ ରାଜେନ୍ଦ୍ର ଗୋଛାୟତ ଦୁର୍ନୀତି ନିବାରଣ ସଚେତନତା ରଥର ଶୁଭାରମ୍ଭ କରିଥିଲେ। ଉକ୍ତ ରଥ ଜିଲ୍ଲାର ବିଭିନ୍ନ ଅଞ୍ଚଳ ପରିକ୍ରମା କରି ଜନସାଧାରଣଙ୍କୁ ଦୁର୍ନୀତି ନିବାରଣ ସମ୍ପର୍କିତ ବାର୍ତ୍ତା ଦେବ। ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନଙ୍କ ଅଧ୍ୟକ୍ଷତାରେ ସଦଭାବନା ସଭାଗୃହ ଠାରେ ଜିଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ମାନଙ୍କୁ ନେଇ ଶପଥପାଠ କରାଯାଇଥିଲା।

## ଦୁର୍ନୀତି ନିବାରଣ ପାଇଁ ଶପଥ ପାଠ

ମନମୁଣ୍ଡା,୨୭।୧୦(ସମିସ): ଦୁର୍ନୀତି ନିବାରଣ ପାଇଁ ମନମୁଣ୍ଡା ଥାନାରେ ଆଜି ସାମୁହିକ ଶପଥ ପାଠ କରାଯାଇଛି। ଆଇଆଇସି ଅଞ୍ଜଳି ବିଶ୍ୱାଳ ନିଜେ ଶପଥ ନେବା ସହ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସଚ୍ଚୋଟତା, ଆଇନର ଶାସନକୁ ଅନୁପାଳନ କରିବା, ଲାଞ୍ଚ ନେବେ ନାହିଁ କି ଦେବେ ନାହିଁ, ଆଇନର ଦୟିତ୍ୱକୁ ସାଧୁତା ଓ ସ୍ୱଚ୍ଛତାର ସହ ସମ୍ପାଦନ କରିବା, ଜନତାର ହିତ ସାଧନ ପାଇଁ କାମ କରିବା, ନିଜ ବ୍ୟକ୍ତିଗତ ଆଚରଣରେ ଦୃଷ୍ଟାନ୍ତ ମୂଳକ ସାଧୁତା ବଜାୟ ରଖି ଉଦାହରଣ ସାଜିବା, ଦୁର୍ନୀତିର ମୂଳଉତ୍ପାଡନ ପାଇଁ ସତ୍ୟନିଷ୍ଠା ରହିବା, ଦୁର୍ନୀତି ସମ୍ପର୍କିତ ପ୍ରତ୍ୟେକ ଖବର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇବା ନେଇ ସମସ୍ତେ ସାମୁହିକ ଶପଥ ପାଠ କରିଥିଲେ।

## କ୍ଲଷ୍ଟରସ୍ତରୀୟ ଖେଳକୁଦ ପ୍ରତିଯୋଗିତା



ଶଗଡା,୨୭।୧୦(ସମିସ): ସରକରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନସ୍ଥ ମେରା ଯୁବା ଭାରତ ଓ କନ୍ଧମାଳ ସମଲେଶ୍ୱରୀ ସ୍ପୋର୍ଟିଂ କ୍ଲବ୍ ମିଳିତ ଆନୁକୁଲ୍ୟରେ ଘଣ୍ଟାପଡ଼ା ଖେଳପଡିଆଠାରେ କ୍ଲଷ୍ଟରସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଫୁଟବଲ୍, କବାଡି, ଦୌଡ଼, ଧୀର ସାଇକେଲ ଚାଳନା ଆଦି କ୍ରୀଡ଼ା ପ୍ରତିଯୋଗିତା ହୋଇଥିଲା। ମେରା ଯୁବା ଭାରତର ଅସନ୍ ମହାକୁଡଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ସମଲେଶ୍ୱରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୀତବାସ ପଣ୍ଡା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଆଞ୍ଚଳିକ ଡ଼ିଗ୍ରୀ କଲେଜର ଅଧ୍ୟାପକ ରବୀନ୍ଦ୍ର ନାଥ ରଣା ଓ ଘଣ୍ଟାପଡ଼ା ଅଞ୍ଚଳର ବରିଷ୍ଠ ଖେଳାଳି ରୁସବ ମାଝୀ ପ୍ରମୁଖ ଯୋଗଦେଇ କୃତି ଯୁବକଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ। କ୍ରୀଡ଼ା ପ୍ରତିଯୋଗିତାକୁ କ୍ରୀଡ଼ା ଶିକ୍ଷକ ସଞ୍ଜୀବ ସାହୁ, ମନ୍ଦାକିନି ବଗର୍ତ୍ତି, ଖାଜୁର୍ ମହମ୍ମଦ, ସୁଶାନ୍ତ ବାଘ ପ୍ରମୁଖ ପରିଚାଳନା କରିଥିଲେ। କ୍ଲବ୍‌ର ଉପଦେଷ୍ଟା ଗିରିଧାରୀ ରଣା, ପ୍ରଭାସ କହଁର ପ୍ରମୁଖ ସହଯୋଗ କରିଥିଲେ।

## ପଞ୍ଚୁକ ପାଇଁ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ



ବୌଦ୍ଧ,୨୭ ।୧୦(ସମିସ): ହରଭଙ୍ଗା ବ୍ଲକ୍ ବାମଣ୍ଡା ପଞ୍ଚାୟତର ଦେବଗଡ଼ ଗ୍ରାମରେ ଥିବା ଶ୍ରୀରଘୁନାଥ ମନ୍ଦିର ପରିସରରେ କାର୍ତ୍ତିକ ପଞ୍ଚୁକ ଅବସରରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଶୁଭାରମ୍ଭ ପାଇଁ କଳସ ଶୋଭାଯାତ୍ରକ୍ଷ ଅନୁଷ୍ଠିତ ହୋଇ ଯାଇଛି। ଗ୍ରାମବାସୀ ଗ୍ରାମର ରାଉତ କଟା ପୋଖରୀ ନିକଟରେ ଗଙ୍ଗାମାତାଙ୍କୁ ପୂଜାର୍ଚ୍ଚନା କରି କଳସରେ ଜଳ ଭର୍ତ୍ତି କରି ନାମ ସଂକୀର୍ତ୍ତନ ସହ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ମନ୍ଦିରରେ ସ୍ଥାପନ କରିଥିଲେ। ପୂଜକ ଶିବ ନାରାୟଣ ହୋତା ପୂଜାର୍ଚ୍ଚନା କରିଥିବା ବେଳେ କର୍ତ୍ତା ଭାବରେ କୁମୁଦ ଚନ୍ଦ୍ର ମାଝୀ ଓ ତାଙ୍କ ପତ୍ନୀ କମଳା ମାଝୀ ଭୂମିକା ନିର୍ବାହ କରିଥିଲେ। ବ୍ୟାସ ଭାବରେ ସଚ୍ଚିଦାନନ୍ଦ ପଣ୍ଡା ଶ୍ରୀରାମ ଚରିତ ମାନସ ପାରାୟଣ ପଠନ କରିବେ। ଉକ୍ତ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ନଅଦିନ ଧରି ଆସନ୍ତା କାର୍ତ୍ତିକ ପୁର୍ଣ୍ଣିମା ପର୍ଯ୍ୟନ୍ତ ଚାଲିବ ବୋଲି ଗ୍ରାମବାସୀଙ୍କ ପକ୍ଷରୁ ସୂଚନା ମିଳିଛି।

## ଗମ୍ଭାରୀପଦର ଗ୍ରାମରେ ସୁନ୍ଦରାକାଣ୍ଡ ପାରାୟଣ

ବୌଦ୍ଧ,୨୭ ।୧୦(ସମିସ): ବୌଦ୍ଧ ବ୍ଲକ୍ ଗମ୍ଭାରୀ ପଦରସ୍ଥିତ କପିଳେଶ୍ୱର ମନ୍ଦିର ପରିସରରେ କାର୍ତ୍ତିକ ମାସ ଅବସରରେ ଗ୍ରାମବାସୀଙ୍କ ପକ୍ଷରୁ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଓ ସୁନ୍ଦରା କାଣ୍ଡ ପାରାୟଣ ଅନୁଷ୍ଠିତ ହୋଇଛି। ବଲାଙ୍ଗିରର ପୁରାଣ ଗାୟକ ପୀତବାସ ମିଶ୍ର ସୁନ୍ଦରାକାଣ୍ଡ ପଠନ କରି ଶ୍ରୀରାମଙ୍କ କଥା ଶ୍ରବଣ କରାଇ ଥିବାବେଳେ କର୍ତ୍ତା ଭାବରେ ଦିଲୀପ କୁମାର ଶୁକ୍ଳ ଓ ତାଙ୍କ ପତ୍ନୀ ପଦ୍ମାଳୟା ଶୁକ୍ଳ ପୂଜାରେ ବସିଥିଲେ।

### ବୌଦ୍ଧ ପୁଲିସ ପକ୍ଷରୁ 'ଅପରେସନ ଗ୍ରୀନ୍'

# ୫୨ହଜାର ଗଞ୍ଜେଇ ଗଛ ନଷ୍ଟ



ହରଭଙ୍ଗା,୨୭ ।୧୦(ସମିସ): ବୌଦ୍ଧ, ପୁରୁଣାକଟକ, ହରଭଙ୍ଗା ପୁଲିସ ପକ୍ଷରୁ ଆରମ୍ଭ ହୋଇଯାଇଛି ଅପରେସନ ଗ୍ରୀନ। ବୌଦ୍ଧ ଏସଡିପିଓ ଲରେନ୍ସ ରାଉତରାୟଙ୍କ ତତ୍ତ୍ୱାବଧାନରେ ସୋମବାର ସକାଳେ ପୁରୁଣାକଟକ ରେଞ୍ଜ ଚାରିଛକ ସେକସନ ଅଧୀନ୍ ଘୋଡାଡିଆଁ ଜଙ୍ଗଲରୁ ବ୍ୟାପକ ପରିମାଣରେ ଗଞ୍ଜେଇ ଗଛ ନଷ୍ଟ କରାଯାଇଛି। ୫/୭ଟି ସ୍ଥାନରୁ ଏକାସାଙ୍ଗରେ ୫୨ହଜାରରୁ ଉର୍ଦ୍ଧ୍ୱ ଗଞ୍ଜେଇ ଗଛ କଟାଯାଇଛି। ସେଗୁଡିକ ପୋଡି ନଷ୍ଟ କରାଯାଇଥିବା ମଧ୍ୟ ଜଣାପଡିଛି। ଏହି ଅପରେସନ ଗ୍ରୀନ କାର୍ଯ୍ୟକ୍ରମରେ ବୌଦ୍ଧ ଏସ୍‌ଡିପିଓଙ୍କ ସମେତ ପୁରୁଣାକଟକ ଆଇଆଇସି ଅରୁଣ କୁମାର ସିଂ, ହରଭଙ୍ଗା ଆଇ.ଆଇ.ସି ବାଲ୍ମୀକି ପ୍ରଧାନଙ୍କ ସମେତ ବନବିଭାଗ କର୍ମଚାରୀ, ରାଜସ୍ୱ କର୍ମଚାରୀ ଏବଂ ପୁଲିସ ଫୋର୍ସ ସାମିଲସ ଥିଲେ।

## ବିପୁଳ ପରିମାଣର ଗଞ୍ଜେଇ ଗଛ ନଷ୍ଟ



ପୁରୁଣା କଟକ: ଚାରିଛକ ସେକ୍ସନର ଘୋଡାଡିଆଁ ଗ୍ରାମ ନିକଟରେ ଥିବା ଜଙ୍ଗଲରେ ବିପୁଳ ଗଞ୍ଜେଇ ଚାଷ ହୋଇଥିଲା। ଖବରପାଇ ଆଜି ପୁଲିସ ଚଢ଼ଉ କରିଥିଲା। ଗାଁ ନିକଟରେ ଥିବା ସଂରକ୍ଷିତ ଜଙ୍ଗଲ ସମେତ ଗାଁର ଗୋଚରଜଗାରେ ହୋଇଥିଲା ଗଞ୍ଜେଇ ଚାଷ। ପ୍ରାୟ ୫ ରୁ ୬ ଟି ସ୍ଥାନ ରୁ ଗଞ୍ଜେଇ ଗଛ କାଟି ନଷ୍ଟ କରିଛି ପୁଲିସ। ଏହି ଗଞ୍ଜେଇ କଟା ଅଭିଯାନ ଜିଲ୍ଲାରେ ଆଜି ଠାରୁ ଆରମ୍ଭ ହୋଇଥିବା ବେଳେ ପୁରୁଣାକଟକ ପୁଲିସ ବିପୁଳ ଗଜେଇ ଗଛ ନଷ୍ଟ କରିଛି। ଏହି ଚଢ଼ଉରେ ପୁରୁଣାକଟକ ବନ କର୍ମଚାରୀ ସୁଶାନ୍ତ ସାହୁଙ୍କ ସମେତ ୩ଜଣ ବନ କର୍ମଚାରୀ ଓ ରାଜସ୍ୱ ବିଭାଗ କର୍ମଚାରୀ ସାମିଲ ଥିବାବେଳେ ପୁଲିସ ପକ୍ଷରୁ ଏକ ଟିମ୍ ଯେଉଁଥିରେ ୧୫ଜଣ କର୍ମଚାରୀ ବାଲ୍ମୀକି ପ୍ରଧାନ, ଚନ୍ଦନ ଜେନା ଙ୍କ ସମେତ ବୌଦ୍ଧର ଲରେନ୍ସ ରାଉତରାୟ ମଧ୍ୟ ଯୋଗ ଦେଇଥିଲେ।

## ସ୍କୁଲ ପୋଷାକ କିଣାରେ ଦୁର୍ନୀତି ଅଭିଯୋଗ

ବୀରମହାରାଜପୁର,୨୭।୧୦(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ବିଭିନ୍ନ ସରକାରୀ ସ୍କୁଲରେ ପୋଷାକ କିଣାରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ବେସରକାରୀ ସ୍କୁଲ ତଥା କେନ୍ଦ୍ରୀୟ ବିଦ୍ୟାଳୟ ଢାଞ୍ଚାରେ ସପ୍ତାହକୁ ଦୁଇ ଦିନ ପିଲାଏ ଘରୋଇ ପୋଷାକ ପିନ୍ଧିବାକୁ ସରକାର ନିୟମ କରିଛନ୍ତି। ତେଣୁ ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ଘରୋଇ ପୋଷାକ ପିନ୍ଧୁଛନ୍ତି। ଦୁଇ ହଳ ପୋଷାକ ପାଇଁ ୫୫୦ ଟଙ୍କା, ଜୋତା ଓ ମୋଜା ପାଇଁ ୨ ଶହ ଟଙ୍କା, ଟି-ସାର୍ଟ ଓ ଟ୍ରାକ୍ ପ୍ୟାଣ୍ଟ ପାଇଁ ୧୨୫ ଟଙ୍କା ଖର୍ଚ୍ଚ କରାଯିବ। ସରକାରଙ୍କ ଏହି ନିର୍ଦ୍ଦେଶନାମା ପରେ ଛାତ୍ରଛାତ୍ରୀମାନଙ୍କୁ ସ୍କୁଲ ୟୁନିଫର୍ମ ପୋଷାକ ଓ ସ୍ୱେଟର ଯୋଗାଇବାକୁ ଯୋଗାଣକାରୀ ସଂସ୍ଥା ସମ୍ପୃକ୍ତ ସ୍କୁଲର ପ୍ରଧାନ ଶିକ୍ଷକମାନଙ୍କ ସହିତ ଯୋଗ ସୁତ୍ର ରକ୍ଷାକରୁଛନ୍ତି। ବ୍ଲକ୍‌ର କିଛି ସ୍କୁଲରେ ବଣ୍ଟା ଯାଇଥିବା ପୋଷାକ କଟନ କପଡ଼ା ହୋଇଥିବା ବେଳେ ଅଧା ପୋଷାକ ଟେରିଲିନ୍ କପଡ଼ା ହୋଇଥିବା ଶୁଣିବାକୁ ମିଳିଛି। ବିଶେଷ କରି ଗ୍ରାମାଞ୍ଚଳରେ ଥିବା ସ୍କୁଲଗୁଡିକରେ ଅତି ନିମ୍ନମାନର ପୋଷାକ ଓ ସ୍ୱିଟର ଯୋଗାଯାଉଥିବା ଅଭିଯୋଗ ହୋଇଛି। ଏ ଦିଗରେ ଜିଲ୍ଲାପାଳ, ଜିଲ୍ଲା ଶିକ୍ଷାଧିକାରୀ ଓ ବ୍ଲକ୍‌ଗୋଷ୍ଠୀ ଶିକ୍ଷା ଅଧିକାରୀ ଦୃଷ୍ଟି ଦେବା ସହ ଦୁର୍ନୀତିରେ ସମ୍ପୃକ୍ତ ଶିକ୍ଷକ ଓ ଦୋକାନୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

## ଗାଡ଼ି ଧକ୍କାରେ ଦୁଇ ମହିଳା ଗୁରୁତର

ବୌଦ୍ଧ,୨୭।୧୦(ସମିସ): ସୋମବାର ଭୋର୍ ସମୟରେ ଜାତୀୟ ରାଜପଥ ନଂ ୫୭ର ବୌଦ୍ଧ ଥାନା ଗମ୍ଭାରୀ ପଦର ଗ୍ରାମ ନିକଟରେ ଶୌଚ ପାଇଁ ଯାଉଥିବା ଦୁଇ ମହିଳାଙ୍କୁ ଏକ ଅଜଣା କାର୍ ଧକ୍କା ଦେବାରୁ ଗୁରୁତର ଆହତ ହୋଇଛନ୍ତି। ଗମ୍ଭାରୀ ପଦର ଗ୍ରାମର ଡାଳିମ୍ବ ସେଠୀ ଓ ସନ୍ଧ୍ୟା ମାଟିଆ ଶୌଚ ପାଇଁ ଜାତୀୟ ରାଜପଥ କଡରେ ଗ୍ରାମ ନିକଟରେ ଥିବା ନାଳ ଆଡ଼କୁ ଯାଉଥିବାବେଳେ ଏକ କାର୍ ଧକ୍କାଦେଇ ଚାଲି ଯାଇଥିଲା। ଫଳରେ ଡାଳିମ୍ବ ସେଠୀଙ୍କ ଗୋଡ଼ ଭାଙ୍ଗି ଯିବା ସହ ସନ୍ଧ୍ୟା ମାଟିଆ ମଧ୍ୟ ଗୁରୁତର ଆହତ ହୋଇଛନ୍ତି।

## ଭାରସାମ୍ୟ ହରାଇ ବାଇକ୍ ଦୁର୍ଘଟଣା

ବୌଦ୍ଧ,୨୭।୧୦(ସମିସ): ବୌଦ୍ଧ ବ୍ଲକ୍ ଟିକରପଡ଼ା ଗ୍ରାମ ନିକଟରେ ବାଇକ୍ ଭାରସାମ୍ୟ ହରାଇ ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିବା ଯୁବକଙ୍କୁ ବୌଦ୍ଧ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଟିକରପଡ଼ା ପଞ୍ଚାୟତ ଧଦଲାପଡ଼ା ଗ୍ରାମର ଶୁଭମ୍ ଥାଟି ବାଇକ୍‌ରେ ଆସୁଥିବାବେଳେ ରବିବାର ସନ୍ଧ୍ୟାରେ ଟିକରପଡା ନିକଟରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ପ୍ରଥମେ ତାଙ୍କୁ ବଘିଆପଡ଼ା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ପରେ ବୌଦ୍ଧ ଡାକ୍ତରଖାନା ସ୍ଥାନାନ୍ତର କରା ଯାଇଥିବା ଦେଖିବାକୁ ମିଳିଛି। ତାଙ୍କ ମୁଣ୍ଡ ଓ ହାତରେ ଗଭୀର କ୍ଷତ ହୋଇଥିବା ସୂଚନା ମିଳିଛି।

## ସରକାରୀ ଓ ଗୋଚର ଜମି ଉଚ୍ଛେଦ ଦାବିରେ ତହସିଲ ଘେରଉ



ବିରମହାରାଜପୁର,୨୭ ।୧୦(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ତହସିଲ ଅଧୀନ ଯୁଧିଷ୍ଠିରପୁର ଗ୍ରାମର ସରକାରୀ ଓ ଗୋଚରଜମିକୁ କିଛି ଅସାମାଜିକ ଲୋକ ବେଆଇନ୍ ଭାବେ ଦଖଲ କରିଥିବାରୁ ଗାଁ ଲୋକେ ଯିବା ଆସିବା କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାସହ ଗୋଚରଜମି କରି କିଛିଲୋକ ଜବରଦଖଲ କରିଥିବା ଅଭିଯୋଗ କରିଛନ୍ତି। ଏହି ଜବରଦଖଲ କରିଥିଲାଲୋକଙ୍କୁ ଉଚ୍ଛେଦ କରିବା ପାଇଁ ଆଜି ଗାଆଁ ର ପ୍ରାୟ ୫୦ ରୁ ଉର୍ଦ୍ଧ୍ୱ ଲୋକ ତହସିଲ ଅଫିସ ଘେରଉ କରିବା ସହ ବିଭିନ୍ନ ସ୍ଲୋଗାନ ଓ ନରାବାଜି ଦେଇଥିଲେ। ସେମାନଙ୍କ ଅଭିଯୋଗ ଅନୁସାରେ ଯୁଧିଷ୍ଠିରପୁର ମୌଜା ଗ୍ରାମର ଗୋଚର୍‌ଜମିରେ କିଛି ଅସାମାଜିକ ଲୋକ ଜବରଦଖଲ କରି କପା ଓ ଅନ୍ୟାନ୍ୟ ଫସଲ କରିଥିବାରୁ ଗୋରୁ ଗାଇ ଚରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଗୋଚରଜମିକୁ ଜବରଦଖଲ ଉଚ୍ଛେଦ କରିବା ପାଇଁ ଆଜି ଗ୍ରାମବାସୀ ଏକଜୁଟ ହୋଇ ବୀରମହାରାଜପୁର ତହସିଲ କାର୍ଯ୍ୟାଳୟକୁ ଆସି ତହସିଲଦାର ନ ଥିବାରୁ ଅତିରିକ୍ତ ତହସିଲଦାର ସ୍ୱାଗତ କୁମାର ପଣ୍ଡାଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି।

ଅତିରିକ୍ତ ତହସିଲଦାରଙ୍କୁ ଏକ ମାସ ଭିତରେ ଜବରଦଖଲ ଉଚ୍ଛେଦ ନ କଲେ ଆଗାମୀଦିନରେ ଆନ୍ଦୋଳନ ଜୋରଦାର କରାଯିବ ବୋଲି କହିଥିଲେ। ଫଳରେ ଅତିରିକ୍ତ ତହସିଲଦାର ଶ୍ରୀ ପଣ୍ଡା ତଦନ୍ତ କରାଯିବ, ମୁଁ ତହସିଲଦାରଙ୍କୁ କହିବି ଯଦି ବେଆଇନ୍ ଭାବେ କେହି ଗୋଚର ଜମି ଜବରଦଖଲ କରିଥିବେ ତାହେଲେ ସରକାରଙ୍କ ନିୟମ ଅନୁଯାୟୀ ଆସନ୍ତା ନଭେମ୍ବର ମାସ ଶେଷ ସୁଦ୍ଧା ଉଚ୍ଛେଦ୍ କରାଯିବ ବୋଲି ପ୍ରତିଶ୍ରୁତି ପରେ ଆନ୍ଦୋଳନ କାରୀମାନେ ତହସିଲ ଘେରଉରୁ ବିରତ ରହିଥିଲେ।

## ବିଦ୍ୟାଳୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗୀ ଚୟନ ଶିବିର

ପଲଶାଗୋରା,୨୭ ।୧୦(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ବିଦ୍ୟାଳୟସ୍ତରୀୟ ଖୋ-ଖୋ, ଯୋଗ ଓ ଦୌଡ଼କୁଦ ପ୍ରତିଯୋଗୀ ଚୟନ ଶିବିର ଦମାମୁଣ୍ଡା ଉଚ୍ଚ ବିଦ୍ୟାଳୟ ଠାରେ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ, ସମ୍ମାନିତ ଅତିଥି ଭାବେ ବିଇଓ ଅଶୋଭ ରଞ୍ଜନ ମାଲି, ପ୍ରଧାନଶିକ୍ଷକ ଗୋବିନ୍ଦଚନ୍ଦ୍ର ମହାକୁଡ଼, ବ୍ଲକ୍ କ୍ରୀଡା ସମ୍ପାଦକ ସୁଦାମ ଚରଣ ମିଶ୍ର ଉପସ୍ଥିତ ରହି ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ଏଥିରେ ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟରୁ ୩୦୦ ଜଣ ଛାତ୍ରଛାତ୍ରୀ ବିଭିନ୍ନ ବିଭାଗର କ୍ରୀଡ଼ାରେ ଭାଗ ନେଇଥିଲେ। ଖେଳ ଗୁଡିକୁ ଖେଳଶିକ୍ଷକ ପଞ୍ଚାନନ ପ୍ରଧାନ, ଅରୁଣ କୁମାର ଖଟୁଆ, ଶଶୀଭୁଷଣ ପ୍ରଧାନ, ବିଶ୍ୱଜିତ ପ୍ରଧାନ, ମହେନ୍ଦ୍ର କୁମାର ସାହୁ, ପ୍ରଦୀପ ପ୍ରଧାନ, ଆଦିନାଥ ଦାସ ଓ ଅନ୍ୟ ଶିକ୍ଷକମାନେ ପରିଚାଳନା କରିଥିଲେ।



## ବୀରମହାରାଜପୁରରେ ଆହାରକେନ୍ଦ୍ର ଖୋଲିବାକୁ ଦାବି

ବୀରମହାରାଜପୁର,୨୭।୧୦(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ କମିରା ପଞ୍ଚାୟତରେ ସୋମବାର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ପ୍ରିୟରଞ୍ଜନ ଦାସଙ୍କ ସହ ପ୍ରାୟ ୨୫ରୁ ଉର୍ଦ୍ଧ୍ୱ ଲୋକ ବୀରମହାରାଜପୁରରେ ଏକ ଆହାର କେନ୍ଦ୍ର ଖୋଲିବା ପାଇ ଜିଲ୍ଲାପାଳଙ୍କୁ ଏକ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି। ଅଭିଯୋଗରେ ସେମାନେ ବୀରମହାରାଜପୁର ଅଞ୍ଚଳର ଲୋକମାନେ ପ୍ରାୟ ଚାଷ ଉପରେ ନିର୍ଭର କରି ପରିବାର ପୋଷଣ କରିଥାନ୍ତି, ଅନେକ ଲୋକ ଦିନ ମଜୁରୀ କରି ମଧ୍ୟ ପରିବାର ପୋଷଣ କରିଥାନ୍ତି। ପ୍ରତି ଦିନ ସକଳା ହେଲେ ଶହ ଶହ ଗରିବ ଲୋକମାନେ ବୀରମହାରାଜପୁରକୁ ବିଭିନ୍ନ ଅଫିସ୍ କାମ, ଡାକ୍ତରଖାନା ଓ ଅନ୍ୟାନ୍ୟ କାମରେ ଆସିଥାନ୍ତି। ମାତ୍ର କିଛି ବୃଦ୍ଧ ବୃଦ୍ଧା ଓ ଲୋକମାନେ ଟଙ୍କା ଅଭାବରୁ ହୋଟେଲରେ ଖାଇବା ସମ୍ଭବ ହୋଇପାରିନ ଥାଏ, ତେଣୁ ସେମାନେ ଭୋକ ଉପାସରେ ଘରକୁ ଫେରିଥିବା ଦେଖିବାକୁ ମିଳେ। ତେଣୁ ଏହାକୁ ଆଖିରେ ରାଖି ସମାଜସେବୀ ପ୍ରିୟରଞ୍ଜନ ଦାସ ଆଜି ଜିଲ୍ଲପାଳଙ୍କୁ ବୀରମହାରାଜପୁରରେ ଗରୀବ ଲୋକଙ୍କ ମୁଠାଏ ଅନ୍ନ ଯୋଗାଇ ଦେବାପାଇଁ ଏକ ଆହାରକେନ୍ଦ୍ର ଖୋଲିବାକୁ ଲିଖିତ ଭାବେ ଜଣାଇଛନ୍ତି।



## ସୁଟାଣି ଘାଟିରେ ଓଲଟିଲା ହାଇୱା



ବୌଦ୍ଧ,୨୭ ।୧୦(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳଠାରୁ ଫୁଲବାଣୀ ଘାଟି ରାସ୍ତାରେ ଭାରସାମ୍ୟ ହରାଇ ଏକ ହାଇୱା ଦୁର୍ଘଟଣାଗ୍ରସ୍ତ ହୋଇଥିବା ବେଳେ ଡ୍ରାଇଭର ଓ ହେଲ୍‌ପର ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସୂଚନା ଅନୁଯାୟୀ ଆଜି କଣ୍ଟାମାଳ ପଟରୁ ବାଲି ବୌଝେଇ କରି ଏକ ହାଇୱା ଗାଡି ଯାଉଥିବା ସମୟରେ ସୁଟାଣି ଘାଟିରେ ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସି ଦୁର୍ଘଟଣା ଘଟିଥିଲା। ଗାଡ଼ିରେ ଥିବା ଡ୍ରାଇଭର ଓ ହେଲ୍‌ପର ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ସନ୍ଧ୍ୟାରେ ଜେସିବି ସାହାଯ୍ୟରେ ଗାଡିକୁ ଉଠା ଯାଇଥିବା ସୂଚନା ମିଳିଛି।

## ବୌଦ୍ଧ ଜିଲ୍ଲା ଗସ୍ତରେ ଉତ୍ତରାଞ୍ଚଳ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶିକା



ବୌଦ୍ଧ,୨୭।୧୦(ସମିସ): ବୌଦ୍ଧ ଜିଲ୍ଲାକୁ ଦିନିକିଆ ଗସ୍ତରେ ଆସିଥିବା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉତ୍ତରାଞ୍ଚଳର ଉପ ନିର୍ଦ୍ଦେଶିକା କଲ୍ୟାଣୀ ଦାଶ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ କାର୍ଯ୍ୟାଳୟ ଓ ଜିଲ୍ଲା ପାଠାଗାର ପରିଦର୍ଶନ କରିଛନ୍ତି। ଏଥିସହିତ କାର୍ଯ୍ୟାଳୟ ଏବଂ ପାଠାଗାର ର ସମସ୍ତ ନ ଥିପତ୍ର ତଦାରଖ କରିଥିଲେ। ଶ୍ରୀମତୀ ଦାଶ ଜିଲ୍ଲା ପାଠାଗାରକୁ ଆସିଥିବା ପାଠକ ପାଠିକାମାନଙ୍କ ସହ ସୁବିଧା, ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟାଳୟ ପରିସରରେ ଥିବା ଖାଲି ସ୍ଥାନରେ ଏକ ଇ- ଲାଇବ୍ରେରୀ ନିର୍ମାଣ ପାଇଁ ସରକାରଙ୍କୁ ପ୍ରସ୍ତାବ ଦେବାକୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏହି ପରିଦର୍ଶନ ସମୟରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାର ସିଂହ ଙ୍କ ସମେତ କାର୍ଯ୍ୟାଳୟର ଗ୍ରନ୍ଥାଗାରିକ ଅକ୍ଷୟ କୁମାର ମହାକୁଡ, ଜିଲ୍ଲା ପାଠାଗାରର କର୍ମଚାରୀ ଜିତେନ୍ଦ୍ର ମହାନ୍ତି, ବୀର କିଶୋର କର୍ମୀ, ପାଠାଗାରର ପାଠକ, ପାଠିକା ଉପସ୍ଥିତ ଥିଲେ ।

# ଜିଲ୍ଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି



ବୀରମହାରାଜପୁର,୨୭।୧୦(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ୍‌ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବୀରମହାରାଜପୁର ପଞ୍ଚାୟତ ସମିତି ଅନ୍ତର୍ଗତ କମିରାଠାରେ ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁର ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ ଓ ଆରକ୍ଷୀ ଅଧିକ୍ଷକ(ଏସ୍‌ପି) ନାରାୟଣ ନାଏକ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦେଇ ପଞ୍ଜିକୃତ ହୋଇଥିବା ସର୍ବମୋଟ ୫୮ ଗୋଟି ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୩୯ ଗୋଟି ଦରଖାସ୍ତ ବ୍ୟକ୍ତିଗତ ରହିଥିବାବେଳେ ୧୯ ଗୋଟି ସାମୁହିକ ଦରଖାସ୍ତ ରହିଥିଲା। ସମସ୍ତ ସାମୁହିକ ଓ ବ୍ୟକ୍ତିଗତ ଅଭିଯୋଗ ଦରଖାସ୍ତଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା। ବୀରମହାରାଜପୁର ବିଡ଼ିଓ ରାଜୀବ କୁମାର ହାଁସଦା, କମିରା ସରପଞ୍ଚ ଅନୁସୟା ପ୍ରଧାନଙ୍କ ତତ୍ତ୍ୱାବଧାନରେ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଯୁଗ୍ମ ଅଭିଯୋଗ ଶୁଣାଣିରେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର, ବୀରମହାରାଜପୁର ଉପଜିଲ୍ଲାପାଳ ସୁରେନ୍ଦ୍ର କୁମାର ମେହେରଙ୍କ ସମେତ ତହସିଲଦାର ସୁଚିଶ୍ମିତା ପାଣିଗ୍ରାହୀ, ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ୍‌ସ୍ତରୀୟ ଅଧିକାରୀ, କର୍ମଚାରୀ ବୃନ୍ଦଙ୍କ ସମେତ ଜିଲ୍ଲା ପଞ୍ଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅର୍ଜୁନ ମାଝୀ ଯୋଗଦେଇଥିଲେ। ଏହି ଅବସରରେ କମିରା ପଞ୍ଚାୟତସଦର ଗ୍ରାମର ଭିନ୍ନକ୍ଷମ ମହିଳା ମେନକା ସ୍ୱାଇଁ ଓ କଲ୍ୟାଣୀ ଚାଉଳିଆ, ସୁବଳୟା ପଞ୍ଚାୟତସଦର ଗ୍ରାମର ଭିନ୍ନକ୍ଷମ ବ୍ୟକ୍ତି କୃଷ୍ଣ ଚନ୍ଦ୍ର ନାୟକଙ୍କୁ ହ୍ୱିଲ ଚେୟାର ପ୍ରଦାନ କରାଯାଇଥିଲା।

## ଦିବ୍ୟଦୃଷ୍ଟିର ଅଧିକାରୀ ଥିଲେ ସନ୍ଥକବି ଭୀମଭୋଇ



ଲଛିପୁର,୨୭।୧୦(ସମିସ): ଦୃଷ୍ଟି ବାଧିତ ହେଲେ ହେଁ ସନ୍ଥକବି ଭୀମଭୋଇ ଥିଲେ ଦିବ୍ୟଦୃଷ୍ଟିର ଅଧିକାରୀ। ଭୀମଭୋଇଙ୍କ ସ୍ତୁତିଚିନ୍ତାମଣି ହେଉଛି ସତ୍ୟ ମହିମାଧର୍ମୀଙ୍କ ପବିତ୍ର ଧର୍ମଗ୍ରନ୍ଥ। ସ୍ତୁତିଚିନ୍ତାମଣି ଶ୍ରୀମଦ ଭଗବତ ଗୀତାର ଆଧାରରେ ରଚନା କରିଛନ୍ତି ବୋଲି ସନ୍ଥକବି ନିଜେ ବର୍ଣ୍ଣନା କରିଛନ୍ତି। ଗୀତାର ବୈଜ୍ଞାନିକତାକୁ ସ୍ତୁତି ଚିନ୍ତାମଣିରେ ଉଲ୍ଲେଖ କରାଯାଇଥିବାରୁ ତାହା କାଳଜୟୀ ହୋଇପାରିଛି ବୋଲି ସତ୍ୟ ମହିମାଧର୍ମ ଶାସିନୀ ମହାସଂଘ , ଭୀମଭୋଇ ସମାଧି ପୀଠ, ଖାଲିଆପାଲି ତରଫରୁ ଆୟୋଜିତ ୨୪ତମ ବାର୍ଷିକ ଅଖଣ୍ଡ ବ୍ରହ୍ମଯଜ୍ଞ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ତାଙ୍କର ବକ୍ତବ୍ୟରେ ପ୍ରକାଶ କରିଥିଲେ। ଜଗନ୍ନାଥପାଲି(ଗୈଲବେର୍ଣ୍ଣା) ସଂଘର ସଭାପତି ଦୁର୍ଗାଚରଣ କଲତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜୋରନ୍ଦା ମଠର ବ୍ରହ୍ମର୍ଷି ଲିଙ୍ଗରାଜ ବାବା ମୁଖ୍ୟଅତିଥି, ସୋନପୁର ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକ, ବରିଷ୍ଠ ସାମ୍ବାଦିକ ଗବେଷକ ଗୋରେଖନାଥ ସାହୁ, ଅବସରପ୍ରାପ୍ତ ପ୍ରଫେସର ମିନା ମହାରଣା, ରାହାସ ଚନ୍ଦ୍ର ନାଏକ, ସାନନ୍ଦ ମେହେର, ପ୍ରକାଶ ଚନ୍ଦ୍ର ମେହେର, ମୋହନ ମହାନନ୍ଦ ପ୍ରମୁଖ ଅତିଥିଭାବେ ଯୋଗଦେଇ ସନ୍ଥକବିଙ୍କ ସାହିତ୍ୟ ସୃଷ୍ଟି ଉପରେ ମତ ରଖିଥିଲେ। ପ୍ରାରମ୍ଭରେ ବିଶ୍ୱ ଶାନ୍ତି ସକାଶେ ଅଖଣ୍ଡ ବ୍ରହ୍ମଯଜ୍ଞ, ଦୀପ ପ୍ରଜ୍ୱଳନ କରାଯାଇଥିଲା। ସଂଘର କର୍ମକର୍ତ୍ତା ମିଲୁ ତାଣ୍ଡି, କୃଷ୍ଣଚନ୍ଦ୍ର ନନ୍ଦ, ବୈକୁଣ୍ଠ ବାରିକ, କୁଞ୍ଜ ବାଘ, ନେତ୍ର ମହାନନ୍ଦ, ଗୋପାଳ ବାଘ, ଶ୍ରୀରାମ କୁମ୍ଭାର, ସମ୍ପାଦକ ଉତ୍ତମ ସିଂ ନାଗ ପ୍ରମୁଖ ସହଯୋଗ କରିଥିଲେ। ଏଥିରେ ସୋନପୁର, ବୌଦ୍ଧ, ଅନୁଗୁଳ, ସମ୍ବଲପୁର, ବରଗଡ଼, ବଲାଙ୍ଗିର ଜିଲ୍ଲାର ୫ ହଜାରରୁ ଉର୍ଦ୍ଧ୍ୱ ଭକ୍ତ ଯୋଗଦେଇ ଥିଲେ।





# ମୋନ୍ଥା ପ୍ରସ୍ତୁତି: ବିଏମ୍‌ସିର ୨୪ ଘଣ୍ଟିଆ କଣ୍ଟ୍ରୋଲ୍ ରୁମ୍

ଭୁବନେଶ୍ୱର, ୨୭।୧୦(ସମିସ): ସମ୍ଭାବ୍ୟ ବାତ୍ୟା 'ମୋନ୍ଥା'କୁ ଦୃଷ୍ଟିରେ ରଖି ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ସାମ୍ଭାବ୍ୟ ବାତ୍ୟା ପାଇଁ ବିଏମ୍‌ସି ପକ୍ଷରୁ ୨୪ ଘଣ୍ଟିଆ କଣ୍ଟ୍ରୋଲ୍ ରୁମ୍ ଖୋଲାଯାଇଛି ଏବଂ ୫୦ ସେଲଟର ହୋମ୍ ପ୍ରସ୍ତୁତ ରଖାଯାଇଛି। ଏଠାରେ ସମସ୍ତ ପ୍ରକାର ଖାଦ୍ୟ, ଅତ୍ୟାବଶକୀୟ ଔଷଧ ମହଜୁଦ୍ କରାଯାଇ ରଖାଯାଇଛି। ଆବଶ୍ୟକ ପଡ଼ିଲେ ସ୍କୁଲ୍ ଗୁଡ଼ିକୁ ସେଲଟର ହୋମ୍‌ରେ ପରିବର୍ତ୍ତନ କରାଯିବ। ଏଣୁ କୌଣସି ବି ଅପ୍ରିତିକର ପରିସ୍ଥିତି ସୃଷ୍ଟି ହେଲେ ସ୍ଥାନୀୟ କର୍ପୋରେଟର କିମ୍ବା ବିଏମ୍‌ସିକୁ ଯୋଗାଯୋଗ କରିବାକୁ ବିଏମ୍‌ସି କମିସନର ଚଞ୍ଚଳ ରାଣା କହିଛନ୍ତି।



ସେହିପରି ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ବିଏମ୍‌ସିର ସମସ୍ତ କର୍ମଚାରୀଙ୍କର ଛୁଟିକୁ ବାତିଲ କରାଯାଇଛି। କୌଣସି ଅଧିକାରୀ କିମ୍ବା କର୍ମଚାରୀ ବିନା ଅନୁମତିରେ ହେଡ୍ କ୍ୱାର୍ଟର୍ସ ନ ଛାଡିବା ପାଇଁ କଡାକଡି ନିର୍ଦ୍ଦେଶ ଦିଆଯାଇଛି। ସମ୍ଭାବ୍ୟ ବାତ୍ୟା ସମୟରେ ସହରର ପରିମଳ ବ୍ୟବସ୍ଥା ଯେପରି ସୁଚାରୁ ଭାବେ ଏବଂ ସୁରୁଖୁରୁରେ ହୋଇପାରିବ, ସେଥିପାଇଁ ଏଜେନ୍ସି ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡିକୁ ନିର୍ଦ୍ଦେଶ ଦିଆଯାଇଛି। ସେମାନେ ଆବଶ୍ୟକ ଲୋକବଳ, ଗାଡି, ଯନ୍ତ୍ରପାତି ଆଦି ଆବଶ୍ୟକୀୟ ଉପକରଣ ପ୍ରସ୍ତୁତ କରି ରଖିବାକୁ କୁହାଯାଇଛି। ଡୋର୍ ଟୁ ଡୋର୍ ବର୍ଜ୍ୟ ସଂଗ୍ରହରେ ଯେପରି କୌଣସି ବାଧା ସୃଷ୍ଟି ନ ହୁଏ, ସେଥିପ୍ରତି ମଧ୍ୟ ସତର୍କ ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଗ୍ରୀନ୍ ଗାର୍ବେଜ ଓ ଗୃହ ଭଗ୍ନାବଶେଷ ଉଠାଇବା ପାଇଁ ଆବଶ୍ୟକ ଗାଡି ମଧ୍ୟ ପ୍ରସ୍ତୁତ ରଖିବାକୁ କୁହାଯାଇଛି। ଡ୍ରେନଗୁଡ଼ିକରେ ବର୍ଷା ଜଳ ଯେପରି ବିନା ବାଧାରେ ଯାଇପାରିବ। ସେଥିପାଇଁ ଡ୍ରେନରୁ ପଙ୍କୋଦ୍ଧାର, ଜାମ୍ କିମ୍ବା ବନ୍ଦ ହୋଇଗଲେ, ତାହାକୁ ତୁରନ୍ତ ସଫା କରିବା ପାଇଁ ଆବଶ୍ୟକ ଲୋକବଳ, ମେସିନ, ଗାଡି ଆଦି ପ୍ରସ୍ତୁତ ରହିବା ସହ ଘାସ ଓ ଗଛ ଡାଳ କାଟିବା ପାଇଁ ଆବଶ୍ୟକ କଟର, ଲୋକ ଓ ଗାଡି ମଧ୍ୟ ମହଜୁଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଏହା ବ୍ୟତୀତ ବିଏମ୍‌ସି ମୁଖ୍ୟାଳୟରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲାଯାଇଛି। ମୋଟ୍ ୯ ଜଣ କର୍ମଚାରୀ ଏଠାରେ ୩ଟି ସିଫ୍ଟରେ ୨୪ ଘଣ୍ଟିଆ କାମ କରିବେ। ସେଠାରେ ପ୍ରତ୍ୟେକ ଏଜେନ୍ସି ଓ ସ୍ୱେଚ୍ଛାସେବୀ ସଂଗଠନ ନିଜ ନିଜର କର୍ମଚାରୀଙ୍କୁ ଅଭିଯୋଗ ଗ୍ରହଣ କରିବା ପାଇଁ ନିୟୋଜିତ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଏହାଦ୍ୱାରା ପରିମଳ ଜନିତ ଅଭିଯୋଗ ଶୁଣିବା ମାତ୍ରେ, ତୁରନ୍ତ ସମସ୍ୟାର ସମାଧାନ ହୋଇପାରିବ। ଏହି ସମୟ ମଧ୍ୟରେ ସମସ୍ତ ଏଜେନ୍ସି, ସ୍ୱେଚ୍ଛାସେବୀ ସଂଗଠନ, ଅଧିକାରୀ ଓ କର୍ମଚାରୀ ସହରର ସମସ୍ତ ଅଞ୍ଚଳରେ ସତର୍କ ନଜର ରଖିବା ସହ ତତ୍‌କ୍ଷଣାତ୍ ସମସ୍ୟା ସମାଧାନ କରିବାକୁ ତାଗିଦ କରାଯାଇଛି। ସମ୍ଭାବ୍ୟ ବାତ୍ୟା ସମୟରେ ଯେ କୌଣସି ପରିସ୍ଥିତିର ମୁକାବିଲା କରିବାକୁ ବିଏମ୍‌ସି ପ୍ରସ୍ତୁତ ରହିଛି ବୋଲି କହିଛନ୍ତି କର୍ତ୍ତୃପକ୍ଷ।

- ୩୦ ଯାଏଁ ଛୁଟି ବାତିଲ
- ପରିମଳ ପାଇଁ ଲୋକବଳ, ଗାଡି, ମେସିନ ପ୍ରସ୍ତୁତ
- ୫୦ ସେଲ୍‌ଟର ହୋମ୍ ପ୍ରସ୍ତୁତ, ବିଦ୍ୟାଳୟ ହେବ ବାତ୍ୟା ଆଶ୍ରୟସ୍ଥଳୀ

## ନନ୍ଦନକାନନରେ ବାତ୍ୟା ପ୍ରସ୍ତୁତି

ନନ୍ଦନକାନନ,୨୭।୧୦(ସମିସ): ବାତ୍ୟା ମୋନ୍ଥାକୁ ଦୃଷ୍ଟିରେ ରଖି ନନ୍ଦନକାନନ କର୍ତ୍ତୃପକ୍ଷ ଜୀବଜନ୍ତୁଙ୍କ ସମେତ ନନ୍ଦନକାନନ ସୁରକ୍ଷା ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରିଛନ୍ତି। ଜୈବିକ ପ୍ରାଣୀ ଉଦ୍ୟାନ, ପରିଦର୍ଶକ ଏବଂ ଭିତ୍ତିଭୂମିର ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ଏକ ଆଗୁଆ ବ୍ୟାପକ ସତର୍କତାମୂଳକ ଭାବେ ପ୍ରସ୍ତୁତି ପଦକ୍ଷେପ ଜାରି କରାଯାଇଛି। ପଦକ୍ଷେପ ସ୍ୱରୂପ ସହାୟକ ବନ ସଂରକ୍ଷକଙ୍କ ନେତୃତ୍ୱରେ ଏବଂ ଉପନିର୍ଦ୍ଦେଶକ ସନଥ ନାରାୟଣଙ୍କ ତତ୍ତ୍ୱାବଧାନରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ପ୍ରତିଷ୍ଠା କରାଯାଇଛି। ସମସ୍ତ ରେଞ୍ଜ ଅଧିକାରୀ ଏବଂ ମୁଖ୍ୟ କର୍ମଚାରୀଙ୍କୁ ପାର୍କ ପରିସରରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ମେସିନ କଟର, ଚେନ୍ କଟର, ଯୋଗାଯୋଗ ପ୍ରଣାଳୀ ସମେତ ସମସ୍ତ ଜରୁରିକାଳୀନ ଏବଂ ଉଦ୍ଧାର ଉପକରଣର ମକ୍ ଡ୍ରିଲ୍ ଏବଂ ଯାଞ୍ଚ ସମାପ୍ତ ହୋଇଛି। ଜରୁରିକାଳୀନ ପରିସ୍ଥିତିରେ ତୁରନ୍ତ ସହାୟତା ପାଇଁ ପୁଲିସ, ଅଗ୍ନିଶମ ସେବା, ବିଦ୍ୟୁତ ବିଭାଗ ସହ ଯୋଗାଯୋଗ ସୁନିଶ୍ଚିତ କରାଯାଇଛି। ପ୍ରାଣୀ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରାଯାଇଛି। ଘୂର୍ଣ୍ଣିଝଡ଼ ସମୟରେ ମାଂସାହାରୀ ଏବଂ ଅନ୍ୟାନ୍ୟ ସମ୍ବେଦନଶୀଳ ପ୍ରଜାତି ରାତ୍ରି ଆଶ୍ରୟସ୍ଥଳରେ ସୀମିତ ରହିବେ। ପକ୍ଷୀ ଖୁଆଡ଼ଗୁଡ଼ିକୁ ଜାଲ ଏବଂ କାଠ ସାହାଯ୍ୟରେ ସୁରକ୍ଷିତ କରାଯାଉଛି। ଔଷଧ ସମେତ ପର୍ଯ୍ୟାପ୍ତ ଖାଦ୍ୟ ଏବଂ ଅତ୍ୟାବଶ୍ୟକ ପଶୁଚିକିତ୍ସା ସାମଗ୍ରୀ ମହଜୁଦ କରାଯାଇଛି। ଚିଡ଼ିଆଖାନା ଡାକ୍ତରଖାନା ଏବଂ କର୍ମଚାରୀମାନେ ଯେକୌଣସି ଆକସ୍ମିକ ପରିସ୍ଥିତି ପାଇଁ ସମ୍ପୂର୍ଣ୍ଣ ସଜାଗ ଅଛନ୍ତି। ଶୀଘ୍ର ଯୋଗାଯୋଗ ଏବଂ ସମନ୍ୱିତ ପ୍ରତିକ୍ରିୟା ପାଇଁ ଚିଡ଼ିଆଖାନା ଏବଂ ରାଜ୍ୟ ଉଦ୍ଭିଦ ଉଦ୍ୟାନରେ ମୋବାଇଲ୍ ପ୍ରତିକ୍ରିୟା ଦଳ ଏବଂ ପାଟ୍ରୋଲ୍ ୟୁନିଟ୍ ନିୟୋଜିତ କରାଯାଇଛି। ଡିଜି ସେଟ୍ ଏବଂ ଯାନବାହାନ ପାଇଁ ଇନ୍ଧନ ଷ୍ଟକ୍ ପୂରଣ କରିବା ସହିତ ବିଦ୍ୟୁତ୍ ବ୍ୟାକ୍-ଅପ୍, ପାଣି ଯୋଗାଣ ଏବଂ ଜରୁରୀକାଳୀନ ଆଲୋକୀକରଣ ପାଇଁ ଆବଶ୍ୟକ ବ୍ୟବସ୍ଥା କରାଯାଇଛି। ଘୂର୍ଣ୍ଣିଝଡ଼ ସମୟରେ ଜୀବଜନ୍ତୁଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ପର୍ଯ୍ୟାପ୍ତ ଦଳ ଉପଯୁକ୍ତ ସ୍ଥାନରେ ମୁତୟନ ରହିବେ। ଘୂର୍ଣ୍ଣିବାତ୍ୟା ପରବର୍ତ୍ତୀ କାର୍ଯ୍ୟଗୁଡ଼ିକ ଆବଶ୍ୟକତା ଅନୁଯାୟୀ କରାଯିବ, ଯେଉଁଥିରେ ପଶୁ ସ୍ୱାସ୍ଥ୍ୟର ମୂଲ୍ୟାଙ୍କନ, ଉପୁଡ଼ି ପଡ଼ିଥିବା ଗଛଗୁଡ଼ିକୁ ଅପସାରଣ, ଘେରାବନ୍ଦୀକୁ ଜୀବାଣୁମୁକ୍ତ କରିବା, ପାନୀୟ ଜଳ ସୁବିଧାର ପୁନରୁଦ୍ଧାର ଏବଂ ଝଡ଼ ଭଗ୍ନାବଶେଷ ସଫା କରିବା ଅନ୍ତର୍ଭୁକ୍ତ। ଯଦି ଆବଶ୍ୟକ ହୁଏ, ତେବେ ଜନସାଧାରଣଙ୍କ ସୁରକ୍ଷା ଏବଂ ପଶୁ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଏକ ସତର୍କତାମୂଳକ ପଦକ୍ଷେପ ଭାବରେ ପାର୍କକୁ ପରିଦର୍ଶକଙ୍କ ପାଇଁ ବନ୍ଦ କରାଯିବ। ପରିଦର୍ଶକ ଏବଂ ସାଧାରଣ ଲୋକଙ୍କୁ ଭଲ ଭାବରେ ଅବଗତ ରଖିବା ପାଇଁ ଛାପା ଏବଂ ଇଲେକ୍ଟ୍ରୋନିକ୍ ମିଡିଆ ଏବଂ ପାର୍କର ସରକାରୀ ସୋସିଆଲ ମିଡିଆ ପ୍ଲାଟଫର୍ମ ମାଧ୍ୟମରେ ଏପରି ବନ୍ଦ ସମ୍ପର୍କରେ ଆଗୁଆ ସୂଚନା ଜାରି କରାଯିବ। ସମସ୍ତ ସତର୍କତାମୂଳକ ପଦକ୍ଷେପ ସକ୍ରିୟ ଭାବରେ କାର୍ଯ୍ୟକାରୀ କରାଯାଉଛି ବୋଲି ଉପନିର୍ଦ୍ଦେଶକ ସନଥ ନାରାୟଣ ସୂଚନା ଦେଇଛନ୍ତି।

**ପକ୍ଷୀଙ୍କ ପାଇଁ ଜାଲ ଓ କାଠରେ ସୁରକ୍ଷା**

## ଘରେ ପଶି ଛୁରାମାଡ଼; ଦୁଇ ଗିରଫ



ଭୁବନେଶ୍ୱର, ୨୭।୧୦ (ସମିସ): ଘରେ ପଶି ଛୁରାମାଡ଼ କରିଥିବା ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରିଛି ଖାରବେଳ ନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ୟୁନିଟ୍-୩ର ଡି ଉଦୟ କିରଣ (୨୦) ଓ ସାଗର ବେହେରା (୧୯)। ପୁଲିସ ସୂଚନା ଅନୁସାରେ, ରବିବାର ରାତି ସାଢ଼େ ୧୦ଟା ସମୟରେ ୟୁନିଟ୍ ୩ ଅଞ୍ଚଳର ଆଦିତ୍ୟ ସେଠୀ ଓ ତାଙ୍କ ବନ୍ଧୁ ଘରେ ଟିଭି ଦେଖୁଥିଲେ। ସେହି ସମୟରେ ଉଦୟ, ସାଗର ଓ ସହଯୋଗୀମାନେ ଘରେ ଜୋରଜବରଦସ୍ତ ପଶି ଯୁକ୍ତିତର୍କ କରିଥିଲେ। ଆଦିତ୍ୟ ବିରୋଧ କରିବାରୁ ସେମାନେ ହଠାତ ଏକ ଛୁରିରେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଚିତ୍କାର ଶୁଣି ପରିବାର ସଦସ୍ୟ ଘଟଣାସ୍ଥଳକୁ ଆସିବାରୁ ଅଭିଯୁକ୍ତମାନେ ଖସି ପଳାଇଥିଲେ। ପରିବାର ଲୋକେ ଆଦିତ୍ୟଙ୍କୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଖାରବେଳ ନଗର ଥାନାରେ ଏନେଇ ଅଭିଯୋଗ ହେବାପରେ ପୁଲିସ ମାଷ୍ଟରକ୍ୟାଣ୍ଟିନ ଛକରୁ ଉଦୟ ଓ ସାଗରକୁ ଗିରଫ କରିଥିଲା।

## 'ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍‌କୁ ନା କହନ୍ତୁ'




ଭୁବନେଶ୍ୱର, ୨୭।୧୦(ସମିସ): ଗୀତାଞ୍ଜଳି ଫାଉଣ୍ଡେସନ୍, ଦିଲ୍ଲୀର ଇକୋଏକ୍ସ ଫାଉଣ୍ଡେସନ୍ ସହଯୋଗରେ 'ଆଜି ଏକତାବଦ୍ଧ ହେଉ, ଆସନ୍ତାକାଲିକୁ ବଞ୍ଚାଅ - ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକକୁ ନା କହନ୍ତୁ' ଶୀର୍ଷକରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମ ଖଣ୍ଡଗିରିସ୍ଥିତ ଜୀବନ ଜ୍ୟୋତି ଆଶ୍ରମରେ ଅନୁଷ୍ଠିତ ହୋଇଥିଲା। ଦୈନିକ ଜୀବନରେ ବିପଜ୍ଜନକ ସିଙ୍ଗଲ୍ ୟୁର୍ ପ୍ଲାଷ୍ଟିକ ଉପଯୋଗକୁ କମାଇବା ଓ ସ୍ଥାୟୀ ପରିବେଶ ସୁରକ୍ଷା ପାଇଁ ମାନବ ସମାଜକୁ ଜାଗୃତ କରିବା ଏହି କାର୍ଯ୍ୟକ୍ରମର ଉଦେଶ୍ୟ ଥିଲା। ଏଥିରେ ଅତିଥି ଭାବେ ଭାରତୀ ମହାରାଣା, ଉର୍ମିଳାବାଳା ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ୧୦୦ରୁ ଅଧିକ ଛାତ୍ରଛାତ୍ରୀ ଓ ଶିକ୍ଷକ-କର୍ମଚାରୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମର ଆରମ୍ଭରେ ଗୀତାଞ୍ଜଳି ଫାଉଣ୍ଡେସନ୍‌ର ସଂସ୍ଥାପିକା ଓ ଅଧକ୍ଷା ଗୀତାଞ୍ଜଳି ଦାସ କହିଛନ୍ତି, ପ୍ଲାଷ୍ଟିକ ଏକ ଅବିନାଶୀ ପଦାର୍ଥ ଯାହା ପୃଥିବୀ, ପାଣି ଓ ପ୍ରାଣୀଜଗତ ପାଇଁ ଗୁରୁତର ଅଭିଶାପ ହୋଇପଡ଼ିଛି। ପ୍ଲାଷ୍ଟିକ ବିନା ଜୀବନ ଜୀବନ୍ତୁ – ଏହା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ସେ କହିଥିଲେ। ପରେ ଛାତ୍ରଛାତ୍ରୀମାନଙ୍କ ସୃଜନଶୀଳତାକୁ ପ୍ରୋତ୍ସାହନ ଦେବା ପାଇଁ 'ପ୍ଲାଷ୍ଟିକ ପଲୁସନ୍ ହର୍ଟସ୍ ଲାଇଫ୍' ବିଷୟରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପରେ ପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା 'ପ୍ଲାଷ୍ଟିକ ମୁକ୍ତ ପୃଥିବୀ –ଆମର ଦାୟିତ୍ୱ' ଶୀର୍ଷକରେ ଏକ ନାଟକ ଅଭିନୟ କରିଥିଲେ।

## ଭାରତୀୟ ସେନା ପକ୍ଷରୁ ପଦାତିକ ଦିବସ



ଭୁବନେଶ୍ୱର, ୨୭।୧୦ (ସମିସ): ଭାରତୀୟ ସେନା ପକ୍ଷରୁ ଭୁବନେଶ୍ୱର ସ୍ଥିତ ୧୨୦ ଇନ୍‌ଫ୍ରାଣ୍ଟ୍ରି ବାଟାଲିୟନ ପରିସରରେ ୭୯ତମ ପଦାତିକ ଦିବସ ପାଳିତ ହୋଇଯାଇଛି। ଏଥିରେ ଭେଟରାନ ଜେକେ ମହାନ୍ତି କହିଛନ୍ତି ଏହି ଐତିହାସିକ ଅପରେସନର ନେତୃତ୍ୱ ନେଇଥିବା ଲେଫ୍ଟନାଣ୍ଟ କର୍ଣ୍ଣେଲ ଦିୱାନ ରଣଜିତ ରାୟ ଦେଶର ସୁରକ୍ଷା ପାଇଁ ଶ୍ରୀନଗରରେ ସହିଦ ହୋଇଥିଲେ। ଏହି ଅବସରରେ ରୋଟାରୀ କ୍ଲବ ଅଫ୍ ଭୁବନେଶ୍ୱର ମେଟ୍ରୋ ପକ୍ଷରୁ ସହିଦ ଯବାନଙ୍କ ମୃତଦେହ ବୋହିବା ଲାଗି ୧୨୦ ଇନ୍‌ଫ୍ରାଣ୍ଟ୍ରି ବାଟାଲିୟନକୁ ଏକ କଫିନ୍ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମକୁ କମାଣ୍ଡିଂ ଅଫିସର ରୋହିତ ସିଂ ପରିଚାଳନା କରିଥିଲେ।

## ସାଇବର୍ ସଚେତନତା ପାଇଁ ବୁଲିଲା ମାସ୍କଟ



ଧଉଳି, ୨୭।୧୦(ସମିସ): କମିସନରେଟ ପୁଲିସ ଧଉଳି ଥାନା ଓ ସାଇବର ଥାନାର ମିଳିସ ସହଯୋଗରେ ସାଇବର ସଚେତନତା କାର୍ଯ୍ୟକ୍ରମ ଶାନ୍ତିସ୍ତୂପ ଧଉଳିରେ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ପ୍ରଦୀପ୍ତ କିଶୋର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ଧବଳେଶ୍ୱର ବ୍ୟବସାୟୀ ସଂଘ ଯୋଗଦେଇଥିବା ବେଳେ ସାଇବର ଥାନା ପୁଲିସ ଏବଂ ଏସ. ଆଇ ଶୁଭଶ୍ରୀ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ସାଇବର ଅପରାଧୀ ଉପରେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ କମିସନରେଟ ପୁଲିସ ପକ୍ଷରୁ ମାସ୍କଟ ଓଲି ଭୂମିକାରେ ଜଣେ ପୁଲିସ କର୍ମଚାରୀ ଲୋକଙ୍କୁ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ।

# ଉପକଣ୍ଠରେ ଜମି ପାଇଁ ଯାଉଛି ଜୀବନ

ଭୁବନେଶ୍ୱର, ୨୭।୧୦ (ସମିସ): ଦୀର୍ଘଦିନ ଧରି ବାଲିପାଟଣା ନରଦାର ମିର୍ ସୟଦ ଅଲ୍ଲୀ ଓ ଭିଣୋଇ ମୁନା ଖାଁ ମଧ୍ୟରେ ଜମିଜମା ବିବାଦ ଲାଗି ରହିଥିଲା। ଗତ ଏପ୍ରିଲ ମାସ ୨ ତାରିଖ ସନ୍ଧ୍ୟାରେ ମୁନା ନରଦା ବଜାରରେ ବସିଥିବା ବେଳେ ଶଳା ମିର୍ ସୟଦ ଅଲ୍ଲୀ ଖଣ୍ଡାରେ ଆକ୍ରମଣ କରିଥିଲା। ଶଳାର ଖଣ୍ଡା ଚୋଟରେ ଭିଣୋଇ ମୁନା ପ୍ରାଣ ହରାଇଥିଲେ। ସେହିପରି ୟୁନିଟ୍ ୬ ଭୀମପୁର ଅଞ୍ଚଳର ବିଲ୍ଡର୍ସ ସମ୍ପୃକ୍ତ ବିଶ୍ୱାଳ ଓରଫ୍ ଚିନୁ ଓ ତାଙ୍କ ପୂର୍ବତନ ପାର୍ଟନର ପଧାନସାହିର ଟୁଲୁ ମହାନ୍ତି ମଧ୍ୟରେ ଜମିବାଡିକୁ କେନ୍ଦ୍ରକରି ତିକ୍ତତା ସୃଷ୍ଟି ହୋଇଥିଲା। ଦୀର୍ଘଦିନ ଧରି ଲାଗି ରହିଥିବା ଏହି ବିବାଦ ଉଗ୍ରରୂପ ନେଇଥିଲା। ଏୟାରଫିଲ୍ଡ ଥାନା ଅନ୍ତର୍ଗତ ପଧାନସାହି କାଜୁ ଜଙ୍ଗଲରେ ଚିନୁଙ୍କୁ ପିଟିପିଟି ହତ୍ୟା କରିଥିଲେ। ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତ ଟୁଲୁ ମହାନ୍ତି, ଜଣେ ହୋମ୍‌ଗାର୍ଡଙ୍କ ସମେତ ୭ ଜଣଙ୍କୁ ପୁଲିସ ଗିରଫ କରିଥିଲା।

- ସହରତଳି ପାଲଟିଛି ଜମି ମାଫିଆଙ୍କ ହଟ୍‌ସ୍ପଟ
- ପ୍ରତି ଥାନାରେ ଦୈନିକ ରୁଜୁ ହେଉଛି ୬ରୁ ୭ ମାମଲା

ଇଏ କେବଳ ଦୁଇଟି ଘଟଣା ନୁହଁ, ପୂର୍ବରୁ ମଧ୍ୟ ଜମିବାଡ଼ି ବିବାଦରୁ ଏଭଳି ଘଟଣା ଘଟିଛି। ରାଜଧାନୀ ଉପକଣ୍ଠ ମଳିପଡ଼ା ଓ ଶ୍ୟାମପୁର ମୌଜାରେ ଥିବା ସରକାରୀ ଜମି ଦଖଲକୁ ନେଇ ଭରତପୁର ଓ ଅନ୍ଧାରୁଆର ଦୁଇ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଲାଗି ରହିଥିଲା। ଗତ ମାର୍ଚ୍ଚ ମାସ ୯ ତାରିଖ ଦିନ ମଳିପଡ଼ା ଅଞ୍ଚଳରେ ଥିବା ସେହି ସରକାରୀ ଜମିରେ ଭରତପୁରର ରାଜା ଓ ବିପକ୍ଷ ଗୋଷ୍ଠୀ ହାତାହାତି ହୋଇଥିଲେ। ବିପକ୍ଷ ଗୋଷ୍ଠୀର ଗୁଳିମାଡରେ ରାଜା ଗୁରୁତର ଆହତ ହୋଇଥିବା ବେଳେ ବୋମାମାଡ଼ରେ ଏକାଧିକ ବାଇକ୍ ଜଳି ଯାଇଥିଲା।

ରାଜଧାନୀରେ ଜମି ଦର ଯେତିକି ବଢ଼ୁଛି ଜମିବାଡ଼ି ବିବାଦ ମଧ୍ୟ ସେତିକି ବଢ଼ିବାରେ ଲାଗିଛି। ସରକାରୀ ହେଉ ଅବା ବେସରକାରୀ, ଜମିବାଡି ବିବାଦରୁ ଘଟୁଛି ନାରକୀୟ କାଣ୍ଡ। କେଉଁଠି ଗୁଳି ଫୁଟିଲାଣି ତ ଆଉ କେଉଁଠି ବୋମାମାଡ଼ ହେଲାଣି। ଜମିବାଡି ବିବାଦରୁ ହତ୍ୟା କରିବାକୁ ମଧ୍ୟ ପଛାଉ ନାହାନ୍ତି। ଜମିବାଡ଼ି ବିବାଦ ଏତେ ଉଗ୍ରରୂପ ନେଉଚି ଯେ, ରକ୍ତ ସମ୍ପର୍କ ମଧ୍ୟ ତୁଚ୍ଛ ହୋଇଯାଉଛି। ବିଶେଷକରି ସହରତଳି ଅଞ୍ଚଳରେ ଏସବୁ ଏବେ ଅତି ସାଧାରଣ ଘଟଣା ହୋଇଗଲାଣି। ଜମି ବିବାଦକୁ ନେଇ ରାଜଧାନୀ ଓ ଏହାର ଉପକଣ୍ଠରେ ଅପରାଧ ବଢ଼ି ବଢ଼ି ଚାଲିଛି। ରାଜଧାନୀ ଠାରୁ ଆରମ୍ଭ କରି ଉପକଣ୍ଠବର୍ତ୍ତୀ ଥାନାଗୁଡିକରେ ଜମିବାଡି ବିବାଦ ମାମଲା ନିତିଦିନିଆ କଥା ହୋଇଗଲାଣି। ନିକଟରେ ଜମିବାଡ଼ି ବିବାଦରୁ ଖଣ୍ଡଗିରି ଥାନା ସରକନ୍ତରା ଗାଁରେ ହତ୍ୟାକାଣ୍ଡ ଘଟିଛି। ଡିହ ଜମି ବା ମାତ୍ର ଗୋଟିଏ ଗୁଣ୍ଠ ଜମି ପାଇଁ ବଡ଼ବାପା ପୁଅ ଭାଇ ସୁଧାଂଶୁ ଖୁଣ୍ଟିଆକୁ ଦାଦା ପୁଅ ଶିବା ଗୁଳି କରି ହତ୍ୟା କରିଛି। ମୃତ୍ୟୁବରଣ କରିଥିବାବେଳେ ୪ ଜଣଙ୍କୁ ଗିରଫ କରିଥିବା ବେଳେ ମୁଖ୍ୟ ଅଭିଯୁକ୍ତ ଶିବା ଏବେ ବି ଫେରାର ରହିଛି।



ରାଜଧାନୀ ସହର ଧୀରେ ଧୀରେ ଉପକଣ୍ଠ ଆଡ଼କୁ ମୁହାଁ ହେଉଥିବା ବେଳେ ଜମି ମୂଲ୍ୟ ମଧ୍ୟ ବଢୁଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଜମିବାଡ଼ି ସଂକ୍ରାନ୍ତ ବିବାଦ ମଧ୍ୟ ଢେର୍ ବଢ଼ିଛି। ବିଶେଷକରି ଜଟଣୀ, ଇନଫୋଭ୍ୟାଲି, ତମାଣ୍ଡୋ, ଖଣ୍ଡଗିରି, ଭରତପୁର, ଚନ୍ଦକା, ଇନ୍‌ଫୋସିଟି, ପାହାଳ, ଧଉଳି, ବାଲିଅନ୍ତା, ବାଲିପାଟଣା ଭଳି ଥାନାରେ ଜମି ସଂକ୍ରାନ୍ତ ମାମଲା ରୁଜୁ ଆସୁଛି। ପୂର୍ବରୁ ଏହି ଥାନାଗୁଡ଼ିକୁ ପ୍ରତିଦିନ ୨/୩ଟି ଜମିବାଡ଼ି ମାମଲା ଆସୁଥିବା ବେଳେ ଏବେ ଏହି ଅଭିଯୋଗ ସଂଖ୍ୟା ୬/୭ରେ ପହଞ୍ଚିଲାଣି। ଏହିସବୁ ଅଞ୍ଚଳରେ ଏବେ ଜମିବାଡି କାରବାର ବୃଦ୍ଧି ପାଉଥିବାରୁ ଏ ସଂକ୍ରାନ୍ତ ମାମଲା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ବିଶେଷକରି ଜମିବାଡିକୁ ନେଇ ଅନେକ କ୍ଷେତ୍ରରେ ପାରିବାରିକ ବିବାଦ ଉଗ୍ରରୂପ ନେଉଛି। କେଉଁଠାରେ ସଂକ୍ରାନ୍ତ ଜମି ଛାଡୁ ନ ଥିବା ବେଳେ ଅଧିକାଂଶ ଘଟଣାରେ ଜମି ବିକ୍ରି ପରେ ସମ୍ପର୍କୀୟଙ୍କୁ ନେଇ ବିବାଦ ସୂତ୍ରପାତ ହେଉଛି। ଏମିତି ହେଉଛି କି ସମ୍ପର୍କୀୟ ମଧ୍ୟ ଛାଡୁନାହାନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି କୌଣସି ଜମିକୁ ପୂର୍ବ ପୁରୁଷମାନେ ବିକ୍ରି କରି ଦେଇଥିବା ବେଳେ ପିଲାମାନେ ସେ ଜମି ଉପରେ ଅଧିକାର ଦାବି କରୁଛନ୍ତି। ଯାହାକୁ ନେଇ ମାର୍‌ପିଟ୍ ପରିସ୍ଥିତି ସୃଷ୍ଟି ହେଉଛି। ଅନେକ କ୍ଷେତ୍ରରେ ହତ୍ୟାକାଣ୍ଡକୁ ଆପଣେଇ ନେଉଛନ୍ତି। କେତେକ କ୍ଷେତ୍ରରେ ଜମି ବିକ୍ରି ପାଇଁ ଅଗ୍ରିମ ଟଙ୍କା ଆଣି ମାଲିକମାନେ ପରବର୍ତ୍ତୀ ସମୟରେ ଜମି ବିକ୍ରି କରୁନାହାନ୍ତି। ଯାହାକୁ କେନ୍ଦ୍ରକରି ଗଣ୍ଡଗୋଳର ସୂତ୍ରପାତ ହେଉଛି।

### ସରକାରୀ ଜମିରେ ମାଫିଆଙ୍କ ନଜର

ରାଜଧାନୀରେ ବେସରକାରୀ ଜମି ମୂଲ୍ୟ ବୃଦ୍ଧିର ଭରପୁର ଫାଇଦା ଉଠାଉଛନ୍ତି ମାଫିଆ। ସରକାରୀ ଜମିରୁ ବେଆଇନ ଭାବେ ନେଇ ଲକ୍ଷ ଲକ୍ଷ ଟଙ୍କା କମାଉଛନ୍ତି। ପ୍ରଥମେ ଖାଲି ପଡ଼ିଥିବା ସରକାରୀ ଜମିକୁ କବଜାକୁ ନେଉଛନ୍ତି। ତା'ପରେ ସେଗୁଡିକୁ ନିରୁଦ୍ଦିଷ୍ଟ ପ୍ଲଟିଂ କରି ପାଚେରି ନିର୍ମାଣ କରୁଛନ୍ତି। ଏହାପରେ ଆରମ୍ଭ ହେଉଛି ବିକ୍ରିବଟା। ବହୁମୂଲ୍ୟ ସରକାରୀ ଜମିକୁ ଲକ୍ଷ ଲକ୍ଷ ଟଙ୍କାରେ ବିକ୍ରି କରୁଛନ୍ତି। ବିଶେଷକରି ପଥରଗାଡିଆ, ଶ୍ୟାମପୁର, ମଳିପଡ଼ା, ଅନ୍ଧାରୁଆ, ତମାଣ୍ଡୋ ଆଦି ଅଞ୍ଚଳରେ ମାଫିଆ ଏବେବି ସକ୍ରିୟ ରହିଛନ୍ତି। ସରକାରୀ ଜମିକୁ ଜବରଦଖଲ କରି କୋଟି କୋଟି ଟଙ୍କା ରୋଜଗାର କରୁଛନ୍ତି।

### ଜମିବାଡ଼ି ମୂଲ୍ୟରେ ନିୟନ୍ତ୍ରଣ ନାହିଁ

ରାଜଧାନୀ ଯେତିକି ତା'ର କାୟା ବିସ୍ତାର କରୁଛି, ଜମିର ମୂଲ୍ୟ ମଧ୍ୟ ଢେର୍ ବୃଦ୍ଧି ପାଉଛି। ପରିସ୍ଥିତି ଏପରି ଯେ, ଜମିର ମୂଲ୍ୟ ଉପରେ କାହାରି ନିୟନ୍ତ୍ରଣ ନାହିଁ। ଯଦିଓ କିଣାବିକା ସମୟରେ ଦଲିଲରେ କେବଳ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ବେଞ୍ଚ୍ ମାର୍କ ଭ୍ୟାଲୁଏସନର ମୂଲ୍ୟ ଉଲ୍ଲେଖ କରାଯାଉଛି। ହେଲେ ପ୍ରକୃତରେ କେତେ ଟଙ୍କାରେ କିଣାବିକା ହେଉଛି ତାହା ସମସ୍ତଙ୍କୁ ଜଣା। ଜମିର ଅହେତୁକ ମୂଲ୍ୟ ବୃଦ୍ଧି ମଧ୍ୟ ଏସବୁ ଅପରାଧର ଅନ୍ୟତମ କାରଣ ହୋଇ ଉଭା ହୋଇଛି। ମୂଲ୍ୟବାନ ଜମି ଲାଗି କେହି କିଛି ବି କରିବାକୁ ପଛାଉ ନାହାନ୍ତି।

**THE ORISSA MINERALS DEVELOPMENT COMPANY LTD.**
CIN: L65993OR1927GOI034842
Registered office: Plot No. 271, Ground Floor, Bidyut Marg, Shastri Nagar, Unit-IV, Bhubaneswar, Odisha-751001
Tel. No. 0674-2391595, website: www.birdgroup.co.in
Email: omdc.sec.dept@gmail.com

**NOTICE OF 107 ANNUAL GENERAL MEETING AND E-VOTING INFORMATION**

This Notice is published in supersession of the earlier Notice published on 27th October, 2025, in respect of convening of 107th Annual General Meeting of The Orissa Minerals Development Company Limited through video conferencing/ other audio visual means.

In this regards Notice is hereby given that the 107th Annual General Meeting (AGM) of The Orissa Minerals Development Company Limited (the 'Company') will be held on Tuesday, 18th November, 2025 at 11:00 A.M. IST through video conferencing (VC)/other audio-visual means (OAVM), to transact the business as set out in the Notice.

In compliance with the provisions of the Companies Act, 2013 read with circulars issued by Ministry of Corporate Affairs and SEBI, from time to time, the Notice of 107th AGM and Annual Report containing the financial statements for FY 2024-25, Auditors' Report thereon, Board's Report and other documents, have been sent through e-mails on 27th October 2025, to all the Members, whose e-mail IDs are registered with the Company/Depository Participant (DP). The said documents are also available on the Company's website i.e. www.birdgroup.co.in websites of stock exchanges i.e. www.bseindia.com and www.nseindia.com and on the website of NSDL at www.evoting.nsdl.com.

Further, the Company has engaged National Securities Depository Limited (NSDL) to enable the members of the Company to attend the said AGM through VC/OAVM and to cast votes electronically, in respect of the businesses to be transacted at 107th AGM of the Company. Members of the Company holding shares either in physical form or in dematerialized form as on the Cut-off date i.e. 10th November, 2025 may cast their vote electronically in respect of business to be transacted at the AGM. The remote e-voting platform will be open for voting from Friday, 14th November, 2025(09:00 AM) to Monday, 17th November, 2025 (05:00 PM). Remote e-voting module shall be disabled by NSDL for voting thereafter. Those members, who do not cast their vote on the resolutions through remote e-voting during the above period and are otherwise not barred from doing so, shall be eligible to vote through e-voting system during the AGM.

Members who have not registered their email address or who becomes a member of the Company after dispatch of the Notice of AGM and holds shares as on the Cut-Off date, are requested to register the same with the Depository through their Depository Participant(s) in case the shares are held in electronic form and in case of shares held in physical form, with the Company's Registrar and Share Transfer Agent i.e. M/s CB Management Services Private Limited, Email: rta@cbmsl.com. Any person whose e-mail ID is not registered with the Company/DP may obtain the user Id and password for e-voting by sending a request at evoting@nsdl.co.in. However, if the member is already registered with NSDL / Remote e-voting, he/she can use his/her existing user id and Password for casting the vote. Further. Members who have cast their vote by remote e-voting may attend the AGM, but shall not be entitled to vote again at the AGM.

In case of any queries, Members may refer to the Frequently Asked Questions (FAQs) for shareholders and e-voting user manual available at the download section of NSDL website i.e. www.evoting.nsdl.com or refer to the instructions as mentioned in the Notice of 107th AGM.

**Book Closure:**
Notice is given pursuant to Section 91 of the Companies Act, 2013 and Regulation 42 of SEBI (LODR) Regulations. 2015 that the Register of Members and Share Transfer Books of the company will remain closed from 11th November 2025 to 17th November 2025 (both days inclusive) for the purpose of ensuing 107th AGM of the Company.

**Attending AGM through VC / OAVM:**
Members will be provided with a facility to attend the AGM through VC/OAVM through the NSDL e-Voting system. Members may access by following the steps mentioned for "Access to NSDL e-Voting system" in Notes to Notice. After successful login, with login credentials, Member can see link of "VC/OAVM" placed under "Join meeting" menu against Company name. Members are requested to click on VC/OAVM link placed under Join Meeting menu. The link for VC/OAVM will be available in Shareholders/Member login where the EVEN of Company will be displayed.

**Member Speaker Registration:**
Members who would like to express their views/ask questions during the 107th AGM may register themselves as a speaker and may send this request from 14th November 2025 (9.00 a.m. IST) to 16th November 2025 (5.00 p.m. IST) mentioning their name, DP ID and Client ID, Folio number, email id, mobile number at: omdc.sec.dept@gmail.com.

By the Order of the Board
Sd/-
**Pintu Kumar Biswal**
Company Secretary & Compliance Officer

**Place:** Bhubaneswar
**Date:** 27.10.2025

# ଶ୍ରୀକ୍ଷେତ୍ର ସିଟି

୨୭/୧୦/୨୦୨୫ (ସୋମବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୬,୪୫,୦୪୮/- ସୁନା: ୦୪.୯୫୦ ଗ୍ରାମ୍ ରୁପା: ୬୬.୮୦୦ ଗ୍ରାମ୍





### ଜିଲ୍ଲାରେ 'ମୋନ୍ଥା'ର ପ୍ରଭାବ

## ବର୍ଷା ଆରମ୍ଭ, ଲୋକେ ଭୟଭୀତ



ପୁରୀ,୨୭।୧୦(ସମିସ): ସୋମବାର ରାତିରୁ ବାତ୍ୟା 'ମୋନ୍ଥା' ପ୍ରଭାବରେ ପୁରୀ ଜିଲ୍ଲାରେ ଘଡ଼ଘଡ଼ି ଓ ବର୍ଷା ଆରମ୍ଭ ହୋଇଗଲାଣି। ଏହାକୁ ନେଇ ଜିଲ୍ଲାବାସୀ ଭୟଭୀତ ଅବସ୍ଥାରେ ରହିଲେଣି। କାରଣ ୧୯୯୯ ମହାବାତ୍ୟା, ୨୦୧୯ ଫନି, ୨୦୨୦ର ଅମ୍ଫାନ ବାତ୍ୟାର ଚିତ୍ର ଅନେକଙ୍କ ମନରେ ତାଜା ହୋଇଉଠିଛି। ଅନ୍ୟପକ୍ଷରେ ଧାନ ଥୋଡ଼ କାଢୁଥିବାବେଳେ ଏହି ସମୟରେ ପ୍ରବଳ ବର୍ଷାକୁ ନେଇ ଚିନ୍ତାରେ ପଡ଼ିଛନ୍ତି ଚାଷୀ। ଅନ୍ୟପକ୍ଷରେ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ରକୁ ନ ଯିବା ପାଇଁ ବାରଣ କରାଯାଇଛି। ସେମାନେ ଡଙ୍ଗାଗୁଡ଼ିକୁ ଉପରକୁ ଉଠାଇ ଦେଇଛନ୍ତି। ସମୁଦ୍ର ସ୍ନାନ ଉପରେ କଟକଣା ଲଗାଯାଇଥିବା ବେଳେ ପର୍ଯ୍ୟଟକମାନଙ୍କୁ ଡାକବାଜି ଯନ୍ତ୍ର ଯୋଗେ ସଚେତନ କରୁଛନ୍ତି ଲାଇଫ୍‌ଗାର୍ଡ।

### ବାତ୍ୟା ମୁକାବିଲା ପାଇଁ ସଜାଗ ପ୍ରଶାସନ

# ପୁରୀ ଜିଲ୍ଲାରେ ଦୁଇଦିନ ସ୍କୁଲ ବନ୍ଦ

ପୁରୀ,୨୭।୧୦(ସମିସ)



ଉପକୂଳମୁହାଁ ହେଉଛି ବାତ୍ୟା 'ମୋନ୍ଥା'। ମଙ୍ଗଳବାର ସକାଳ ସୁଦ୍ଧା ଭୀଷଣ ବାତ୍ୟାରେ ପରିଣତ ହୋଇ ସନ୍ଧ୍ୟା କିମ୍ବା ରାତିରେ କାକିନାଡ଼ା ପାଖାପାଖି ଅତିକ୍ରମ କରିବାର ସମ୍ଭାବନା ରହିଛି। ଫଳରେ ଓଡ଼ିଶାରେ ମଧ୍ୟ ବାତ୍ୟାର ପ୍ରଭାବ ଅନୁଭୂତ ହେବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଥିବାବେଳେ ମୁକାବିଲା ପାଇଁ ରାଜ୍ୟ ସରକାର ପ୍ରସ୍ତୁତ ରହିଛନ୍ତି। ସମାନ ଭାବେ ବାତ୍ୟାର ମୁକାବିଲା ପାଇଁ ପୁରୀ ଜିଲ୍ଲା ପ୍ରଶାସନ ମଧ୍ୟ ସଜାଗ ଏବଂ ସତର୍କ ରହିଛି। ବିଶେଷକରି କୌଣସି ଧନଜୀବନ ଯେପରି ହାନୀ ନ ଘଟିବ ତା' ଉପରେ ଗୁରୁତ୍ୱ ଦିଆଯାଇ ସମସ୍ତ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଇଛି।

ବାତ୍ୟା 'ମୋନ୍ଥା' ପ୍ରଭାବରେ ପୁରୀ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ବର୍ଷା ହେଲେ ଏଥିଜନିତ ଉପୁଜିବାକୁ ଥିବା ସମସ୍ୟାର କିପରି ତ୍ୱରିତ ସମାଧାନ କରାଯାଇପାରିବ ସେ ନେଇ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଅଧିକାରୀଙ୍କ ସହ ଏକାଧିକ ବୈଠକ କରିଛନ୍ତି। ସବୁ ବ୍ଲକ୍‌ର ବିଡିଓ, ତହସିଲ୍‌ଦାରମାନଙ୍କୁ ସଜାଗ ଏବଂ ସତର୍କ ରହିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ବାତ୍ୟା ଆଶ୍ରୟସ୍ଥଳୀଗୁଡ଼ିକୁ ପ୍ରସ୍ତୁତ ରଖାଯାଇଥିବା ବେଳେ ପର୍ଯ୍ୟାପ୍ତ ପରିମାଣର ଶୁଖିଲା ଖାଦ୍ୟ ମହଜୁଦ୍ ରଖାଯାଇଛି। ଅନ୍ୟପକ୍ଷରେ ବର୍ଷାକୁ ନଜରରେ ରଖି ଜିଲ୍ଲାରେ ମଙ୍ଗଳବାର ଏବଂ ବୁଧବାର ଦୁଇଦିନ ସରକାରୀ ଏବଂ ବେସରକାରୀ ବିଦ୍ୟାଳୟ ବନ୍ଦ ପାଇଁ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ବିଦ୍ୟାଳୟ ଖୋଲା ରହିବ ଏବଂ ଶିକ୍ଷକଶିକ୍ଷୟିତ୍ରୀମାନେ ଆସିବେ। ଆବଶ୍ୟକସ୍ଥଳେ ସେମାନେ ବ୍ଲକ୍ ଏବଂ ଜିଲ୍ଲା ପ୍ରଶାସନକୁ ସହଯୋଗ କରିବେ ବୋଲି ଜିଲ୍ଲା ଶିକ୍ଷାଧିକାରୀଙ୍କ ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ ସ୍ପଷ୍ଟ କରାଯାଇଛି। ଜିଲ୍ଲାପାଳ ଶ୍ରୀ ପରିଡ଼ା କହିଛନ୍ତି, ବାତ୍ୟାକୁ ନେଇ ସତର୍କ ରହିଛି ପୁରୀ ଜିଲ୍ଲା ପ୍ରଶାସନ। ବାତ୍ୟା ପ୍ରଭାବରେ ଜିଲ୍ଲାରେ ପ୍ରବଳ ବର୍ଷା ଆଶଙ୍କା ଥିବାରୁ ଏହାକୁ ଦୃଷ୍ଟିରେ ରଖାଯାଇ ସମସ୍ତ ପ୍ରସ୍ତୁତି କରାଯାଇଛି। ବେଳାଭୂମିରେ ସମୁଦ୍ର ସ୍ନାନ ଉପରେ ପର୍ଯ୍ୟଟକଙ୍କ ପାଇଁ କଟକଣା ଲଗାଯାଇଛି। ସମୁଦ୍ରରେ କୌଣସି ଅଘଟଣ ଘଟିଲେ ଉଦ୍ଧାର କାର୍ଯ୍ୟ ପାଇଁ ଲାଇଫ୍ ଗାର୍ଡମାନଙ୍କୁ ମୁତୟନ କରାଯାଇଛି।

ସେହିପରି ପ୍ରବଳ ବର୍ଷା ଯୋଗୁଁ ଜଳବନ୍ଦୀ ସମସ୍ୟା ସୃଷ୍ଟି ହେଲେ ନିଷ୍କାସନ କରିବା ପାଇଁ ସମସ୍ତ ପ୍ରସ୍ତୁତି କରାଯାଇଛି। ଜଳ ନିଷ୍କାସନ ପାଇଁ ମୋଟର ପମ୍ପ ବ୍ୟବସ୍ଥା ହୋଇଛି। ଜିଲ୍ଲାର ସମସ୍ତ ବିଡିଓ, ତହସିଲଦାରଙ୍କୁ ଆଲର୍ଟ ରଖାଯାଇଛି। ଆବଶ୍ୟକ ପଡ଼ିଲେ ତଳିଆ ଅଞ୍ଚଳରୁ ଲୋକଙ୍କୁ ଉଦ୍ଧାର କରାଯାଇ ବାତ୍ୟା ଆଶ୍ରୟସ୍ଥଳୀଗୁଡ଼ିକରେ ରହିବା ବ୍ୟବସ୍ଥା ହୋଇଛି। ରାସ୍ତାଘାଟରେ ଗଛ ପଡ଼ି ଅବରୋଧ ହେଲେ ଏହାକୁ ହଟେଇବା ପାଇଁ ଅଗ୍ନିଶମ ବିଭାଗକୁ ପ୍ରସ୍ତୁତ ରଖାଯାଇଛି। ବାତ୍ୟା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା ମାର୍ଗଦର୍ଶିକା ଅନୁଯାୟୀ ସମସ୍ତ ବିଭାଗୀୟ ଅଧିକାରୀ କାର୍ଯ୍ୟରେ କୌଣସି ଅବହେଳା ନ କରିବାକୁ ଅବଗତ କରାଯାଇଥିବା ଜିଲ୍ଲାପାଳ କହିଛନ୍ତି।

## ଶିକ୍ଷାନୁଷ୍ଠାନରେ ପ୍ରାଣକୃଷ୍ଣ ମହାପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି

ପୁରୀ,୨୭।୧୦(ସମିସ): ବିଶିଷ୍ଟ ସଂଗଠକ, ସାହିତ୍ୟିକ, ଶିକ୍ଷାବିତ୍ ତଥା ଭଗବତୀ ବିଦ୍ୟାନିକେତନର ସଭାପତି ପ୍ରାଣକୃଷ୍ଣ ମହାପାତ୍ରଙ୍କ ବିୟୋଗରେ ଅଠରନଳାସ୍ଥିତ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଶୋକସଭା ଅନୁଷ୍ଠିତ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ପ୍ରଧାନଶିକ୍ଷୟିତ୍ରୀ କ୍ରିଷ୍ଣା କୁମାରୀ ଦେଈଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ସମ୍ପାଦକ ମହେନ୍ଦ୍ର ବିଶୋଇ, ସହସମ୍ପାଦକ ଲକ୍ଷ୍ମୀଧର ମାଝୀ, ରମେଶ ଚନ୍ଦ୍ର ଦାଶ, ଅଧିବକ୍ତା ଦେବାଶିଷ ଦାସ, ଶିଶୁ ସାହିତ୍ୟିକ ରାଇ କିଶୋର ମହାନ୍ତି, ମମତା ଦାସ, ଗୋଲ୍‌ଡି ଭଞ୍ଜ, ଦୀପ୍ତି ମହାପାତ୍ର, ମମତା ନାୟକ, ପ୍ରୀତିମୟୀ ମହାପାତ୍ର, ରତ୍ନମଣୀ ଦଳାଇ, ପୀତବାସ ସ୍ୱାଇଁ, ବସନ୍ତ କୁମାର କର ପ୍ରମୁଖ ସ୍ୱର୍ଗତ ମହାପାତ୍ରଙ୍କ ଗୁଣାବଳି ଉପରେ ଆଲୋକପାତ କରିଥିଲେ। ସ୍ୱର୍ଗତ ମହାପାତ୍ର ଜଣେ ମିଷ୍ଟଭାଷୀ, ସୁବକ୍ତା, ସଙ୍ଗୀତ ଗୁରୁ ତଥା ମେଳାପୀ ବ୍ୟକ୍ତିତ୍ୱ ଥିଲେ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଶୋକସଭା ପରେ ବିଦ୍ୟାଳୟ ପରିଚାଳନା କମିଟିର ନୂତନ ସଭାପତି ଭାବେ ସର୍ବସମ୍ମତି କ୍ରମେ ରମେଶ ଚନ୍ଦ୍ର ଦାଶଙ୍କୁ ମନୋନୀତ କରାଯାଇଥିଲା। ବୈଠକ ପରେ ସେ ଦାୟିତ୍ୱ ଗ୍ରହଣ କରିଥିଲେ।

### ଦୁର୍ନୀତି ନିବାରଣ ପାଇଁ ଶପଥପାଠ

## 'ଦୁର୍ନୀତି ବିକାଶରେ ମୁଖ୍ୟ ବାଧକ'



ପୁରୀ,୨୭।୧୦(ସମିସ): ଚଳିତ ବର୍ଷ ଅକ୍ଟୋବର ୨୭ରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ସମଗ୍ର ଦେଶରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଛି। ଏହି ଅବସରରେ ସୋମବାର ପୂର୍ବାହ୍ଣରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ଶପଥପାଠ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ପରାମର୍ଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ଓ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର ସମସ୍ତଙ୍କୁ ଶପଥପାଠ କରାଇଥିଲେ। ଦୁର୍ନୀତି ବିକାଶର ମୁଖ୍ୟ ବାଧକ। ତେଣୁ ସମ୍ମିଳିତ ଭାବେ ଜିଲ୍ଲା, ରାଜ୍ୟ ଓ ଦେଶର ଉନ୍ନତି ପାଇଁ ଦୁର୍ନୀତିର ମୂଳୋତ୍ପାଟନ କରିବାକୁ ସମସ୍ତେ ଶପଥପାଠ କରିଥିଲେ।

ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସମସ୍ତଙ୍କୁ ସ୍ୱାଗତ କରିବା ସହ ଦୁର୍ନୀତି ବିକାଶର ପଥରୋଧ କରିଥାଏ ଓ ଏହାର ପ୍ରତିହତ ପାଇଁ ପ୍ରତ୍ୟେକ ପ୍ରତିଶ୍ରୁତିବଦ୍ଧ ହେବାକୁ ଅନୁରୋଧ କରି ଶପଥପାଠ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର ଆଦ୍ୟାଶା ରଥ, ପ୍ରିୟଦର୍ଶିନୀ ମଲ୍ଲିକ, ସହଦେବ ସାହୁ, ବିବେକାନନ୍ଦ ସାହୁ, ଅନୁସ୍ରାବ ଗନ୍ତାୟତ, ଜିଲ୍ଲା ମଙ୍ଗଳ ଅଧିକାରୀ ମମତାରାଣୀ ପରିଡ଼ା, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଓ ସମସ୍ତ ବିଭାଗର ଅଧିକାରୀ, କର୍ମଚାରୀ ପ୍ରମୁଖ ଉପସ୍ଥିତ ହୋଇ ଶପଥପାଠ କରିଥିଲେ। ସେହିପରି ଜିଲ୍ଲା ପରିଷଦ କାର୍ଯ୍ୟାଳୟ, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଅନ୍ୟାନ୍ୟ ବିଭାଗ, ଲାଇନ୍ ଡିପାର୍ଟମେଣ୍ଟ, ସମସ୍ତ ବ୍ଲକ୍, ତହସିଲ୍ କାର୍ଯ୍ୟାଳୟ ଓ ଶିକ୍ଷାନୁଷ୍ଠାନରେ ଏହି ଶପଥପାଠ କରାଯାଇଥିଲା।

## ବଡ଼ଠାକୁରଙ୍କ ହରିହର ବେଶ

ପୁରୀ, ୨୭।୧୦ (ସମିସ): ସୋମବାର ରତ୍ନସିଂହାସନରେ ବଡ଼ଠାକୁର ଶ୍ରୀବଳଭଦ୍ରଙ୍କ ହରିହର ବେଶ ଅନୁଷ୍ଠିତ ହୋଇଛି। ହଜାର ହଜାର ଶ୍ରଦ୍ଧାଳୁ ବଡ଼ଠାକୁରଙ୍କ ଏହି ଦିବ୍ୟ ବେଶ ଦର୍ଶନ କରିଛନ୍ତି। ଅବକାଶ ନୀତି ପରେ ପୁଷ୍ପାଳକ ସେବକମାନେ ଶ୍ରୀବଳଭଦ୍ରଙ୍କୁ ଏହି ବେଶ ସଜ୍ଜିତ କରିଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ରାଧାଦାମୋଦର ବେଶ ଏବଂ ବଳଭଦ୍ରଙ୍କୁ ହରିହର ବେଶ ଭୂଷିତ କରାଯାଇଥିଲା। ବଡ଼ଠାକୁରଙ୍କୁ ହର ବା ଶିବ ବୋଲି ବିବେଚନ କରାଯାଉଥିବା ବେଳେ ହରିଙ୍କ ସହ ହରଙ୍କ ଆତ୍ମୀୟତା ଏହି ବେଶରେ ପ୍ରସ୍ଫୁଟିତ ହୋଇଥିଲା। ଶାସ୍ତ୍ରରେ ମଧ୍ୟ ହରି ଏବଂ ହର ଅଭିନ୍ନ ବୋଲି ପ୍ରମାଣ ରହିଛି। ଏହା ହିଁ ହରିହର ବେଶରେ ପରିଲକ୍ଷିତ ହୋଇଥାଏ। ଏହି ବେଶରେ ଠାକୁର ଅର୍ଦ୍ଧେକ କଳା ଏବଂ ଅର୍ଦ୍ଧେକ ଧଳା ବସ୍ତ୍ରରେ ସଜେଇ ହୋଇଥା'ନ୍ତି। ବଡ଼ଠାକୁର ବିବିଧ ପ୍ରକାର ସୁବର୍ଣ୍ଣ ଅଳଙ୍କାର ପରିଧାନ କରିଥା'ନ୍ତି। ସୂଚନାଯୋଗ୍ୟ, କାର୍ତ୍ତିକ ଅମାବାସ୍ୟା ପରଠାରୁ ଶୁକ୍ଳ ଦଶମୀ ମଧ୍ୟରେ ଯେଉଁ ସୋମବାର ପଡ଼େ ସେହିଦିନ ବଡ଼ଠାକୁରଙ୍କ ବାଡ଼ରେ ହରି-ହର ବେଶ ଅନୁଷ୍ଠିତ ହୋଇଥାଏ। ଚଳିତବର୍ଷ ଗୋଟିଏ ଦିନ ହରିହର ବେଶ ପଡ଼ିଛି।

## ଶ୍ରୀଦାଣ୍ଡ ଅବରୋଧ, ୧୧ ଅଟୋ ଜବତ

ପୁରୀ,୨୭।୧୦(ସମିସ): ସର୍ବସାଧାରଣ ରାସ୍ତାକୁ ଅବରୋଧ କରି ଗାଡ଼ି ପାର୍କିଂ କରିଥିବା ନେଇ ପୁଲିସ ସୋମବାର ୧୧ଟି ଅଟୋକୁ ଜବତ କରିଛି। ଏହି ଅଟୋ ଚାଳକମାନେ ପରିକ୍ରମା ମାର୍ଗକୁ ସଂଯୋଗ କରିଥିବା ଶ୍ରୀଦାଣ୍ଡ ଉପରେ ଅଟୋଗୁଡ଼ିକ ରଖି ଭଡ଼ା ପାଇଁ ଅପେକ୍ଷା କରିଥିଲେ। ଯାହାଫଳରେ ଭକ୍ତଙ୍କ ଯାତାୟାତରେ ବାଧା ଉପୁଜୁଥିଲା। ଖବର ପାଇ ପୁଲିସ କର୍ମଚାରୀ ପହଞ୍ଚି ଅଟୋଗୁଡ଼ିକୁ ଜବତ କରିବା ସହ ଚାଳକମାନଙ୍କୁ ଧରି ଆଣିଥିଲେ। ସର୍ବସାଧାରଣ ରାସ୍ତାରେ ବାଧା ସୃଷ୍ଟି କରି ଅନଧିକୃତ ଭାବେ ଗାଡ଼ି ପାର୍କିଂ କରିଥିବା ନେଇ ଅଟୋଗୁଡ଼ିକୁ ଜବତ କରାଯାଇ ସିଂହଦ୍ୱାର ଥାନାରେ ମାମଲା ରୁଜୁ କରାଯାଇଛି। ଏଥିସହ ଚାଳକଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଆରମ୍ଭ ହୋଇଛି। ଆଗାମୀ ଦିନରେ ଏ ନେଇ ଚଢ଼ଉ ଜୋର୍‌ଦାର କରାଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

## ସିଭିଲ୍ କୋର୍ଟ ପରିସରରେ ଶପଥପାଠ

ପୁରୀ,୨୭।୧୦(ସମିସ): ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶକ୍ରମେ ପୁରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣର ତଥା ଜିଲ୍ଲା ଓ ଦୌରାଜଜ୍ ଅଜନ୍ତା ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶ ଅନୁଯାୟୀ ସୋମବାର ସିଭିଲ୍ କୋର୍ଟ ପରିସର ପୁରୀ, ନିମାପଡ଼ା, କୋଣାର୍କ ଓ ପିପିଲି ପରିସରରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ନେଇ 'ଦୁର୍ନୀତି ନିବାରଣ: ଆମ ସାମୂହିକ ଦାୟିତ୍ୱ' ପ୍ରସଙ୍ଗକୁ ଆଧାରକରି ଏକ ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆଇନ ସେବା ପ୍ରାଧିକରଣର ଓ ତାଲୁକ ଆଇନ ସେବା କମିଟି ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରାଧିକରଣର ଅଧକ୍ଷା ତଥା ଜିଲ୍ଲା ଓ ଦୌରାଜଜ୍ ଶ୍ରୀମତୀ ଷଡ଼ଙ୍ଗୀ, ସମସ୍ତ ବିଚାର ବିଭାଗୀୟ ଅଧିକାରୀ ଓ କର୍ମଚାରୀବୃନ୍ଦ ଶପଥପାଠରେ ଯୋଗଦେଇଥିଲେ।

## 'ଆମ ଭାଷା ସାହିତ୍ୟ ହେଉଛି ଆମ ପରିଚୟ'



ପୁରୀ,୨୭।୧୦(ସମିସ): ପୁରୀରୁ ପ୍ରକାଶିତ ସାହିତ୍ୟ ପତ୍ରିକା 'ସୁଲେଖା'ର ୪୫ତମ ବାର୍ଷିକ ଉତ୍ସବ ଶନିବାର ସ୍ଥାନୀୟ ଜିଲ୍ଲା ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜ୍ୟସ୍ତରୀୟ କବି, ଲେଖକ ସମ୍ମେଳନ, କବିତାପାଠ, ଓଡ଼ିଶାର ବିଭିନ୍ନ ଜିଲ୍ଲାର ସାରସ୍ୱତ ସାଧକସାଧିକାମାନଙ୍କୁ ସମ୍ମାନ ପ୍ରଦାନ କରାଯାଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ, ବିଶିଷ୍ଟ ଅତିଥି ଭାବେ ଅନ୍ତରାଷ୍ଟ୍ରୀୟ କ୍ରିୟାଯୋଗ ସଂସ୍ଥାନ ଅଧ୍ୟକ୍ଷ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜ, ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ ସେଠୀ ଯୋଗଦେଇଥିବା ବେଳେ ଏଥିରେ ଅଧ୍ୟକ୍ଷତା କରିଥିଲେ ସୁସାହିତ୍ୟିକା ବିଜୟଲକ୍ଷ୍ମୀ ଦାଶ ମିଶ୍ର। ଅଧ୍ୟାପକ ଡ. ସୁଧାଂଶୁ ଶେଖର ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବାବେଳେ ସଭାକାର୍ଯ୍ୟ ସଂଯୋଜନା କରିଥିଲେ ସୁଲେଖାର ସମ୍ପାଦକ ସଦାଶିବ ମିଶ୍ର। ଏହି ଅବସରରେ 'ସୁଲେଖା'ର ୪୫ବର୍ଷ ଦୁର୍ଗାପୂଜା ଓ ଦୀପାବଳି ସଂଖ୍ୟା, ନିରୂପମା ପୂଜାପଣ୍ଡାଙ୍କ କବିତା ସଂକଳନ 'କିଛି ସ୍ମୃତି କିଛି ଅନୁଭୂତି' ଓ ଅନୁପ କୁମାର ଗଡ଼ନାୟକଙ୍କ ଭଜନ କଳିକା ଓ ଦୁର୍ଗା ପ୍ରସାଦ ବିଶ୍ୱାଳଙ୍କ ଶିଶୁ ସାହିତ୍ୟ ସଂକଳନ 'ଚକା ଭଉଁରୀ' ଲୋକାର୍ପିତ ହୋଇଥିଲା। ଉତ୍ସବର ପ୍ରଥମ ପର୍ବ କବିତାପାଠରେ ଅଧ୍ୟକ୍ଷତା କରିଥିଲେ କବି ସୁଶ୍ରୀ କ୍ରିଷ୍ଣା ମହାପାତ୍ର। ଅତିଥି ଭାବେ ଯୋଗଦେଇଥିଲେ ଶରତ କୁମାରୀ ମିଶ୍ର ଓ ରବୀନ୍ଦ୍ରନାଥ ପଟ୍ଟନାୟକ। କବିତା ସଂଯୋଜନା କରିଥିଲେ ବେବୀରାଣୀ ନନ୍ଦ, କଳ୍ପନା ମିଶ୍ର ଓ ବାମଦେବ ସ୍ୱାଇଁ। ସମ୍ମାନ ପ୍ରଦାନ ପର୍ବ ପରିଚାଳନା କରିଥିଲେ ପୁରୁଷୋତ୍ତମ ନନ୍ଦ, କୃଷ୍ଣଚନ୍ଦ୍ର ରଥ, ଅନ୍ନପୂର୍ଣ୍ଣା ଦେବୀ, ଆଶାଲତା ପ୍ରଧାନ ଓ ରୋଜାଲିନ୍ ପଣ୍ଡା। ଓଡ଼ିଶାର ବିଭିନ୍ନ ଅଞ୍ଚଳର ୬୦ରୁ ଉର୍ଦ୍ଧ୍ୱ କବି କବିତାପାଠ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଅନାମ ଚନ୍ଦ୍ର ସାହୁ, ଯୋଗେନ୍ଦ୍ର ନାଥ ସାହୁ, ଦେବଦତ୍ତ ପ୍ରଧାନ ସହଯୋଗ କରିଥିଲେ। ଶେଷରେ ସୁରେଶ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ରକ୍ତଦାନ ପାଇଁ ଯୁବ ସମାଜ ଆଗେଇ ଆସିବା ଦରକାର

ପୁରୀ,୨୭।୧୦(ସମିସ): ଶ୍ରୀଜଗନ୍ନାଥ ଭକ୍ତ ସମାଜ ପୁରୀ ପକ୍ଷରୁ ସଭାପତି ଶଙ୍କର୍ଷଣ ମଙ୍ଗରାଜଙ୍କ ଅଧ୍ୟକ୍ଷତାରେ ହରଚଣ୍ଡୀ ସାହିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମହିପ୍ରକାଶ ମଠ ମହନ୍ତ ମହାରାଜ ଶ୍ରୀଶୁଭାନନ୍ଦ ଯୋଗଦେଇ ରକ୍ତଦାନ ଜୀବନ ଦାନ ବୋଲି କହିବା ସହ ଯୁବ ସମାଜ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ଶ୍ରୀମନ୍ଦିର ପୁରୋହିତ ପ୍ର. ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଡ. ବଳରାମ ଦାଶ, ଶିଶୁ ସମାଚାର ସମ୍ପାଦକ ସୁକାନ୍ତ କୁମାର ପଣ୍ଡା, ଯୋଗଗୁରୁ ରମାବଲ୍ଲଭ ମହାପାତ୍ର, ଫାଦର ବୁଲୁ ବିରେନ୍ଦ୍ର କୁଜୁରୁ, ବୀର ଅନନ୍ତ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନୁଷ୍ଠାନର ମାର୍ଗଦର୍ଶକ ଭରତ ନାୟକଙ୍କ ଧର୍ମପତ୍ନୀ ଭାରତୀ ନାୟକଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀର ସ୍ମୃତିଚାରଣ କରାଯାଇଥିଲା। ସମ୍ପାଦକ ଡ. ଶଶିକାନ୍ତ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୋଷାଧ୍ୟକ୍ଷ କାର୍ତ୍ତିକ ସାହୁ, ଆଲୋକ ସ୍ୱାଇଁ, ଡ. ସ୍ନେହଲତା ରଥ, କାଜଲ ପାଢ଼ୀ, ପ୍ରଜ୍ଞାନ ହୋତା, ବୈଶାଳୀ ସାହୁ, ସସ୍ମିତା ସାହୁ, ପୂର୍ଣ୍ଣିମା ମାଳା, ପ୍ରିୟଙ୍କା ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମରେ ସହାୟତା କରିଥିଲେ।

## ଛଟ୍ ପୂଜା ପାଇଁ ନରେନ୍ଦ୍ରରେ ଭିଡ଼

ପୁରୀ,୨୭।୧୦(ସମିସ): ଛଟ୍ ପୂଜା ପାଇଁ ସୋମବାର ପବିତ୍ର ନରେନ୍ଦ୍ର ପୁଷ୍କରିଣୀରେ ଭିଡ଼ ହୋଇଥିଲା। ପରିବାର ତଥା ସନ୍ତାନସନ୍ତତିଙ୍କ ମଙ୍ଗଳକାମନା କରି ବିହାରୀ ସମ୍ପ୍ରଦାୟର ଶତାଧିକ ମହିଳା ଅସ୍ତଗାମୀ ସୂର୍ଯ୍ୟ ଦେବତାଙ୍କୁ ପୂଜା କରିଥିଲେ। ମଙ୍ଗଳବାର ଉଦୀୟମାନ ସୂର୍ଯ୍ୟ ଦେବତାଙ୍କୁ ଉଦୟ ଅର୍କ ଅର୍ପଣ କରି ବ୍ରତ ସମାପନ କରିବେ। ତେବେ ଅପରାହ୍ଣ ପରଠାରୁ ନରେନ୍ଦ୍ର ପୁଷ୍କରିଣୀକୁ ବ୍ରତଧାରୀମାନେ ଆସିଥିଲେ। ପରମ୍ପରା ଅନୁଯାୟୀ, ବ୍ରତଧାରୀ ମହିଳାମାନେ ପରସ୍ପର ମୁଣ୍ଡରେ ସିନ୍ଦୂର ଲଗାଇ ପାଣିରେ ପଶି ସୂର୍ଯ୍ୟ ଦେବତାଙ୍କୁ ଆରାଧନା କରିଥିଲେ। ଅସ୍ତଗାମୀ ସୂର୍ଯ୍ୟଙ୍କ ଉଦ୍ଦେଶ୍ୟରେ ଧୂପ, ଦୀପ, ପିଠା, ପନିପରିବା ଓ ଫଳମୂଳ ଅର୍ପଣ କରିଥିଲେ। ଜଣେ ବ୍ରତଧାରୀ କହିଛନ୍ତି, ଛଟ୍ ପୂଜା ଅବସରରେ ବ୍ରତଧାରୀମାନେ ଶୁଦ୍ଧପୁତ ଭାବେ ରୁହନ୍ତି। ଚାରିଦିନ ଧରି ଏହି ପୂଜା କରାଯାଏ। ପ୍ରଥମ ଦିନରେ ଭୋରୁ ସ୍ନାନ କରି ଖିରି, ପୁରୀ ଇତ୍ୟାଦି ଭୋଜନ କରିଥା'ନ୍ତି। ଦ୍ୱିତୀୟ ଦିବସରେ ଛଠି ମାତାଙ୍କୁ ଆରାଧନା କରିବା ସହ ରାତି ଅନିଦ୍ରା ହୋଇ ପିଠାପଣା ତିଆରି କରନ୍ତି। ତୃତୀୟ ଦିବସ ଅର୍ଥାତ୍ ଛଟ୍ ପୂଜାରେ ନଦୀ, ପୁଷ୍କରିଣୀ ଘାଟରେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ପୂଜା କରାଯାଇଥାଏ। ପରିବାରର ଜଣେ ପୁରୁଷ ବ୍ୟକ୍ତି ଭୋଗ କୁଲା ମୁଣ୍ଡରେ ଧରି ଘାଟକୁ ଯାଇଥା'ନ୍ତି। ପଛେ ପଛେ ବ୍ରତଧାରୀମାନେ ଯାଇ ସୂର୍ଯ୍ୟଙ୍କୁ ଆରାଧନା କରିଥା'ନ୍ତି। ଶେଷ ଦିବସରେ ଉଦୟ ସୂର୍ଯ୍ୟଙ୍କୁ ପୂଜା କରି ଛଟ୍ ବ୍ରତ ଶେଷ କରିଥା'ନ୍ତି। ମଙ୍ଗଳବାର ମାର୍କଣ୍ଡ ପୁଷ୍କରିଣୀ କୂଳରେ ଉଦୟ ସୂର୍ଯ୍ୟଙ୍କୁ ପୂଜା କରି ବ୍ରତଧାରୀ ବ୍ରତ ଶେଷ କରିବେ।



### ପ୍ରତିଭା ସମ୍ମାନ ସମାରୋହ

# ଭାଷା ହେଉଛି ବୌଦ୍ଧିକ ବିଭବ

ପୁରୀ,୨୭।୧୦(ସମିସ)




ରାଜ୍ୟର ଅନ୍ୟତମ ସାମାଜିକ ଅନୁଷ୍ଠାନ ହାପି ମୋମେଣ୍ଟ୍ସ ଇଣ୍ଡିଆ ତରଫରୁ ରବିବାର ସ୍ଥାନୀୟ ସଂସ୍କୃତି ଭବନ ପରିସରରେ 'ଇଣ୍ଡିଆନ ଇଣ୍ଟରନ୍ୟାସ୍‌ନାଲ କନ୍‌ଫରେନ୍ସ ଏବଂ ପ୍ରତିଭା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ରାଜେନ୍ଦ୍ର ପ୍ରସାଦ ପଣ୍ଡାଙ୍କ ଆବାହକତ୍ୱ ଓ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଛତିଶଗଡ଼ର ଶିକ୍ଷାବିତ୍ ଡ. ମୀନକେତନ ଦାଶ, ବିଶିଷ୍ଟ ପ୍ରଶାସନିକ ମନୋରଞ୍ଜନ ପାଣିଗ୍ରାହୀ, ଦାଶରଥି ଶତପଥୀ, ପୁରୀ ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଡ. ଅଜିତ କୁମାର ମହାପାତ୍ର, ଝାରସୁଗୁଡ଼ା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଆଶିଷ ପଣ୍ଡା ଓ ଅନୁଷ୍ଠାନର ପ୍ରମୁଖ ପୀୟୂଷ ପଟ୍ଟନାୟକ ଯୋଗଦେଇ ଅନୁଷ୍ଠାନର ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ପ୍ରାରମ୍ଭରେ ଉପଦେଷ୍ଟା ତଥା ଅତିଥି ପୁରୀ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ ଅନୁଷ୍ଠାନର ଆଭିମୁଖ୍ୟ ଓ କାର୍ଯ୍ୟକ୍ରମ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅତିଥିମାନେ ସେମାନଙ୍କ ବକ୍ତବ୍ୟରେ ଉତ୍ତର ଆଧୁନିକ ଚିତ୍ରକଳା ସହ ଭାଷା ସାହିତ୍ୟ, ସଂସ୍କୃତି, ପରମ୍ପରା ଓ ଅସ୍ମିତା ସମ୍ପର୍କରେ ଆଲୋଚନା କରିଥିଲେ। ଭାଷା ହେଉଛି ବୌଦ୍ଧିକ ବିଭବ ବୋଲି ମତ ରଖିଥିଲେ।

ଏହି ଅବସରରେ ଦେଶରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ୧୦୦ ଜଣ ପ୍ରତିଭାଧାରୀଙ୍କୁ ମଦର ଟେରେସା ସେବା ସମ୍ମାନ, ଡ. ଏପିଜେ ଅବ୍‌ଦୁଲ କଲାମ ପ୍ରଫେସନାଲ ଆଚିଭର ଆୱାର୍ଡ, ଶ୍ରେଷ୍ଠ ଗୁରୁ ସମ୍ମାନ, ସାହିତ୍ୟ ସାରଥୀ ସମ୍ମାନ, ପ୍ରତିଭା ରତ୍ନ ସମ୍ମାନ, ବିଦ୍ୟାରତ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସମ୍ମାନିତ ପ୍ରତିଭାଧାରୀଙ୍କ ମଧ୍ୟରେ କାନନବାଳା ନାୟକ, ଉପେନ୍ଦ୍ର ବିଶ୍ୱାଳ, ରମେଶ ବିଶ୍ୱାଳ, ଲୋକନାଥ ମିଶ୍ର, ସୌଦାମିନୀ ଦାଶ, ଡ. ବସୁମତୀ ଶତପଥୀ, ଡ. ମୀନକେତନ ଦାଶ, ଆରଜୁ ବିବି, ରଞ୍ଜିତ ପ୍ରସାଦ ଜେନା ପ୍ରମୁଖଙ୍କୁ ଉତ୍ତରୀୟ, ମାନପତ୍ର, ପୁଷ୍ପଗୁଚ୍ଛ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷା, ସଂସ୍କୃତି, ସାହିତ୍ୟ, ସ୍ୱାସ୍ଥ୍ୟ, ସମାଜସେବା, ଉଦ୍ୟମିତା ଓ ଅନ୍ୟାନ୍ୟ କ୍ଷେତ୍ରରେ ଦେଶକୁ ଗୌରବାନ୍ୱିତ କରୁଥିବା ଦେଶବ୍ୟାପୀ ୧୦୦ରୁ ଅଧିକ ପ୍ରତିଭାମାନଙ୍କୁ 'ପ୍ରତିଭା ସମ୍ମାନ-୨୦୨୫'ରେ ସମ୍ମାନିତ କରାଯାଇଥିଲା। ଶେଷରେ ଅଧ୍ୟକ୍ଷ ଶ୍ରୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

**THE ORISSA MINERALS DEVELOPMENT COMPANY LTD.**
CIN: L65993OR1927GOI034842
Registered office: Plot No. 271, Ground Floor, Bidyut Marg, Shastri Nagar, Unit-IV, Bhubaneswar, Odisha-751001
Tel. No. 0674-2391595, website: www.birdgroup.co.in
Email: omdc.sec.dept@gmail.com

**NOTICE OF 107 ANNUAL GENERAL MEETING AND E-VOTING INFORMATION**

This Notice is published in supersession of the earlier Notice published on 27th October, 2025, in respect of convening of 107th Annual General Meeting of The Orissa Minerals Development Company Limited through video conferencing/ other audio visual means.

In this regards Notice is hereby given that the 107th Annual General Meeting (AGM) of The Orissa Minerals Development Company Limited (the 'Company') will be held on Tuesday, 18th November, 2025 at 11:00 A.M. IST through video conferencing (VC)/other audio-visual means (OAVM), to transact the business as set out in the Notice.

In compliance with the provisions of the Companies Act, 2013 read with circulars issued by Ministry of Corporate Affairs and SEBI, from time to time, the Notice of 107th AGM and Annual Report containing the financial statements for FY 2024-25, Auditors' Report thereon, Board's Report and other documents, have been sent through e-mails on 27th October 2025, to all the Members, whose e-mail IDs are registered with the Company/Depository Participant (DP). The said documents are also available on the Company's website i.e. www.birdgroup.co.in websites of stock exchanges i.e. www.bseindia.com and www.nseindia.com and on the website of NSDL at www.evoting.nsdl.com.

Further, the Company has engaged National Securities Depository Limited (NSDL) to enable the members of the Company to attend the said AGM through VC/OAVM and to cast votes electronically, in respect of the businesses to be transacted at 107th AGM of the Company. Members of the Company holding shares either in physical form or in dematerialized form as on the Cut-off date i.e. 10th November, 2025 may cast their vote electronically in respect of business to be transacted at the AGM. The remote e-voting platform will be open for voting from Friday, 14th November, 2025(09:00 AM) to Monday, 17th November, 2025 (05:00 PM). Remote e-voting module shall be disabled by NSDL for voting thereafter. Those members, who do not cast their vote on the resolutions through remote e-voting during the above period and are otherwise not barred from doing so, shall be eligible to vote through e-voting system during the AGM.

Members who have not registered their email address or who becomes a member of the Company after dispatch of the Notice of AGM and holds shares as on the Cut-Off date, are requested to register the same with the Depository through their Depository Participant(s) in case the shares are held in electronic form and in case of shares held in physical form, with the Company's Registrar and Share Transfer Agent i.e. M/s CB Management Services Private Limited, Email: rta@cbmsl.com. Any person whose e-mail ID is not registered with the Company/DP may obtain the user Id and password for e-voting by sending a request at evoting@nsdl.co.in. However, if the member is already registered with NSDL / Remote e-voting, he/she can use his/her existing user id and Password for casting the vote. Further. Members who have cast their vote by remote e-voting may attend the AGM, but shall not be entitled to vote again at the AGM.

In case of any queries, Members may refer to the Frequently Asked Questions (FAQs) for shareholders and e-voting user manual available at the download section of NSDL website i.e. www.evoting.nsdl.com or refer to the instructions as mentioned in the Notice of 107th AGM.

**Book Closure:**
Notice is given pursuant to Section 91 of the Companies Act, 2013 and Regulation 42 of SEBI (LODR) Regulations. 2015 that the Register of Members and Share Transfer Books of the company will remain closed from 11th November 2025 to 17th November 2025 (both days inclusive) for the purpose of ensuing 107th AGM of the Company.

**Attending AGM through VC / OAVM:**
Members will be provided with a facility to attend the AGM through VC/OAVM through the NSDL e-Voting system. Members may access by following the steps mentioned for "Access to NSDL e-Voting system" in Notes to Notice. After successful login, with login credentials, Member can see link of "VC/OAVM" placed under "Join meeting" menu against Company name. Members are requested to click on VC/OAVM link placed under Join Meeting menu. The link for VC/OAVM will be available in Shareholders/Member login where the EVEN of Company will be displayed.


**Member Speaker Registration:**
Members who would like to express their views/ask questions during the 107th AGM may register themselves as a speaker and may send this request from 14th November 2025 (9.00 a.m. IST) to 16th November 2025 (5.00 p.m. IST) mentioning their name, DP ID and Client ID, Folio number, email id, mobile number at: omdc.sec.dept@gmail.com.

By the Order of the Board
Sd/-
**Pintu Kumar Biswal**
Company Secretary & Compliance Officer

**Place:** Bhubaneswar
**Date:** 27.10.2025

## ଛାଡ଼ିଗଲା ବର୍ଷା; ତାଳଚେରକୁ ଦେଇଗଲା ଅନେକ ଯାତନା

**ତାଳଚେର,୨୭ ।୧୦(ସମିସ):** ତାଳଚେର ଅଞ୍ଚଳରୁ ବର୍ଷା ଉଭାନ ହୋଇଯିବା ପରେ ବୈଶାଖ ଠାରୁ ବଳିଯାଇଛି କାର୍ତ୍ତିକର ଖରା । ତାଳଚେର ଅଞ୍ଚଳରେ ଏବେ ଜଳବାୟୁ ପ୍ରଦୂଷଣ ମାତ୍ରା ଏତେ ବୃଦ୍ଧି ପାଇଛି ଯେ ବାଟଘାଟରେ ଗଲେ ଧୂଳିଧୂଆଁରେ ଲୋକେ ଆକ୍ରାମାକ୍ରା ହୋଇଯାଉଛନ୍ତି । ତାଳଚେର ଭଳି ଏକ ଶିଳ୍ପାଞ୍ଚଳରେ ବହୁ ପୁରାତନ ଏକମାତ୍ର ଜାତୀୟ



ରାଜପଥ ଉପରେ ପାଲଲହଡ଼ାଠାରୁ ଆରମ୍ଭ କରି ବଆଁରପାଳ ପର୍ଯ୍ୟନ୍ତ ହଜାର ହଜାର ଦୈନନ୍ଦିନ ନିର୍ଭର କରିଥାନ୍ତି । ଏହି ରାସ୍ତା ମଧ୍ୟ ତାଳଚେର ଉପଖଣ୍ଡ କଣିହାଁ ବ୍ଲକଠାରୁ ବାହାରି ଗୋଡ଼ିବନ୍ଧଠାରେ ସଂଯୋଗୀକରଣ ହୋଇଥିବାରୁ ଜିନ୍ଦଲ, ଏନଟିପିସି ଭଳି ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକର ପାଉଁଶ ବୋଝେଇ ଭାରୀଯାନ ଚଳାଚଳ ଓ ହିଙ୍ଗୁଳା ଖୋଲାମୁହଁ କୋଇଲା ଖଣିରୁ ଆରମ୍ଭ କରି ଲିଙ୍ଗରାଜ ଖଣି ପର୍ଯ୍ୟନ୍ତ ହଜାର ହଜାର ସଂଖ୍ୟକ କୋଇଲା ବୋଝେଇ ଟ୍ରକ ଉକ୍ତ ରାଜପଥରେ ଅହରହ ଚଳପ୍ରଚଳ କରୁଛନ୍ତି । ଫଳରେ ରାସ୍ତାରୁ ପ୍ରଚୁର ପରିମାଣରେ ଧୂଳି ଉଡ଼ି ନାକ, କାନ, ପାଟିରେ ପଶିଯାଇଥାଏ । ଏତିକି ନୁହେଁ, ଏହି ଧୂଳି ଘର ଭିତରେ ପଶି ଭାତହାଣ୍ଡି ଓ ପାଣିରେ ପଡ଼ିଥାଏ । ଏହି ଦୂଷିତ କଳାପାଣିକୁ ଲୋକକେ ସେବନ କରି କିଡ୍‌ନୀ, ହୃଦ୍‌ରୋଗ ଭଳି ମାରାତ୍ମକ ରୋଗରେ ପୀଡ଼ିତ ହୋଇ କେହି କେହି ଅର୍ଥାଭାବରୁ ଘରେ ଜୀବନ ହାରୁଥିବା ବେଳେ ଆଉ କେହି ଘରୋଇ ଚିକିତ୍ସାଳୟରେ ଜୀବନ ହାରୁଛନ୍ତି । ସବୁଠାରୁ ପରିତାପର ବିଷୟ ହେଲା ଯେ ସ୍ଥାନୀୟ ଲୋକପ୍ରତିନିଧିମାନେ ମଧ୍ୟ ଏ ଦିଗରେ କୌଣସି ପଦକ୍ଷେପ ନେଉନାହାନ୍ତି । ଏହି ରାସ୍ତାଦେଇ ଦୈନନ୍ଦିନ ଜିଲ୍ଲାପାଳଙ୍କଠାରୁ ଆରମ୍ଭ କରି ଅନ୍ୟ ଉଚ୍ଚ ପଦସ୍ଥ ପ୍ରଶାସନିକ ଅଧିକାରୀ, ରାଜନୈତିକ ନେତୃବୃନ୍ଦ ଓ କୁଜିନେତାମାନେ ବିଭିନ୍ନ କାର୍ଯ୍ୟରେ ଯାତାୟାତ କରୁଥିଲେ ମଧ୍ୟ ସେମାନଙ୍କୁ କେବେ ଏହି ସମସ୍ୟା ଦେଖାଯାଉନାହିଁ କିପରି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହି ଜାତୀୟ ରାଜପଥରେ ଖାଲଖମା ସହ ରାସ୍ତା ସଂକୀର୍ଣ୍ଣ ହୋଇଥିବାରୁ ଦୁର୍ଘଟଣା ଘଟି ଅନେକ ଲୋକ ମୃତ୍ୟୁମୁଖରେ ପଡୁଥିବା ବେଳେ ଆଉ କେହି ଗୋଡ଼ହାତ ହରାଇ ପଙ୍ଗୁ ପାଲଟୁଛନ୍ତି । ବର୍ଷା ଛାଡ଼ିଯିବା ପରେ ତାଳଚେରବାସୀଙ୍କୁ ଅନେକ ଯାତନା ଦେଇଯାଇଥିବା ଏବେ ଚର୍ଚ୍ଚା ହେଉଛି ।

## ମାଧପୁରରେ ଗୀତା ଆବୃତ୍ତି ପ୍ରତିଯୋଗିତା



**କିଶୋରନଗର,୨୭ ।୧୦(ସମିସ):** ଅନୁଗୋଳ ଜିଲ୍ଲା ପ୍ରଜ୍ଞାନ ମିଶନ ତରଫରୁ ଆଠମଲ୍ଲିକ ମାଧପୁର ଉଚ୍ଚ ବିଦ୍ୟାଳୟରେ ନିକଟବର୍ତ୍ତୀ ଅଞ୍ଚଳର ଉଚ୍ଚବିଦ୍ୟାଳୟ ଓ ପ୍ରାଥମିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ଏଥିରେ ମାଧପୁର, କମ୍ପଲା, ଟୁଂସର, କିଆକଟା, ନୀଳକଣ୍ଠପଡ଼ା ଉଚ୍ଚବିଦ୍ୟାଳୟ, ମାଧପୁର ଉଚ୍ଚପ୍ରାଥମିକ ବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଓ ଠାକୁରଗଡ଼ ମହାବିଦ୍ୟାଳୟର ମୋଟ ୫୬ ଛାତ୍ରଛାତ୍ରୀ ଭାଗ ନେଇଥିଲେ । ମାଧପୁର ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ଜୟନ୍ତ ମାହାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ରମେଶ ଚନ୍ଦ୍ର ମିଶ୍ର ଯୋଗଦେଇ ଗୀତା ଭଗବାନ ଶ୍ରୀକୃଷ୍ଣଙ୍କ ମହାଭାରତ ଯୁଦ୍ଧ ପରବର୍ତ୍ତୀ ସମାଜର ମଣିଷମାନଙ୍କ ପାଇଁ ଏକ ଶୃଙ୍ଖଳିତ ସମ୍ବିଧାନ ବୋଲି ମତବ୍ୟକ୍ତ କରିଥିଲେ । ଏହି ପ୍ରତିଯୋଗିତାର ଚାରୋଟି ବିଭାଗରୁ ଆରାଧ୍ୟା ହୋତା, ପ୍ରାଚୀ ବିଶ୍ୱାସ, ତୃପ୍ତିମୟୀ ପ୍ରଧାନ, ଶକ୍ତିପ୍ରିୟା ପୁରୋହିତ, ରଞ୍ଜନା ଦାସ, ଦିବ୍ୟାଂଶୀ ସାହୁ, ସ୍ୱାଗତିକା ସାହୁ, ସୁଦୀପ୍ତା ସିଂହ, ଅଭିଷେକ ହୋତା ଓ ସ୍ୱାଗତିକା ପ୍ରଧାନ କୃତକାର୍ଯ୍ୟ ହୋଇ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ମନୋଜ ଅଗ୍ରୱାଲା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ତୁଳସୀଦାସ ଅଗ୍ରୱାଲା, ବିଜୟ କୁମାର ତ୍ରିପାଠୀ, ଶଙ୍କର୍ଷଣ ପ୍ରଧାନ, ନୀଳମାଧବ ମହାନ୍ତି, ବସନ୍ତ କୁମାର ବିଶ୍ୱାଳ, କାହ୍ନୁଚରଣ ସାହୁ, ବିଶ୍ୱଜିତ୍ ସାହୁ ଓ ବଳରାମ ବେହେରା ସହଯୋଗ କରିଥିଲେ । କିଶୋର ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ପ୍ରସ୍ତାବିତ ମାଙ୍କଡ଼ା ମଧ୍ୟମ ଜଳସେଚନ ପ୍ରକଳ୍ପକୁ ବିରୋଧ

### ୨୯ରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦିଆଯିବ ଦାବିପତ୍ର

**ପାଲଲହଡ଼ା,୨୭ ।୧୦(ସମିସ):**

ପାଲଲହଡ଼ାରେ ପ୍ରସ୍ତାବିତ ମାଙ୍କଡ଼ା ମଧ୍ୟମ ଜଳସେଚନ ପ୍ରକଳ୍ପକୁ ୧୫ ଗ୍ରାମବାସୀ ଜୋରଦାର ବିରୋଧ କରିଛନ୍ତି । ପ୍ରକଳ୍ପ ବନ୍ଦ ପାଇଁ ମାଙ୍କଡ଼ା ନଦୀବନ୍ଧ ବିରୋଧୀ ସଂଗ୍ରାମୀ ସଂଗଠନ ପକ୍ଷରୁ ୨୯ ତାରିଖ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପାଲଲହଡ଼ା ଉପଜିଲ୍ଲାପାଳଙ୍କୁ ଦାବିପତ୍ର ଦିଆଯିବ ବୋଲି ସୋମବାର ଜାତୀୟ ରାଜପଥ ଡାକବଙ୍ଗଳାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଂଗଠନ ପକ୍ଷରୁ ସୂଚନା ଦିଆଯାଇଛି । ସଂଗଠନ ଡାକରାରେ ୨୨ ଗାଁର ଜନସାଧାରଣ ବିରାଟ ଶୋଭାଯାତ୍ରାରେ ଆସି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିବେ ବୋଲି କୁହାଯାଇଛି ।



ପାଲଲହଡ଼ା ଉପଖଣ୍ଡ ବାଙ୍କଦରଠାରେ ମାଙ୍କଡ଼ା ନଦୀରେ ୧୯୬୬ ମସିହାରେ ନିର୍ମିତ ମାଙ୍କଡ଼ା କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ଉନ୍ନତୀକରଣ କରାଯାଇ ମଧ୍ୟମ ଜଳସେଚନ ପ୍ରକଳ୍ପ କରାଯିବାକୁ ସରକାରଙ୍କ ଯୋଜନା ରହିଛି । ପ୍ରାୟ ୫୮୫ କୋଟି ଟଙ୍କା ବ୍ୟୟ ଅଟକଳରେ ଏହି ପ୍ରକଳ୍ପ ହେବାକୁ ଯାଉଥିବା ଖବର ମିଳିବା ପରେ ୧୫ ଗ୍ରାମବାସୀ ଏହାକୁ ତୀବ୍ର ବିରୋଧ କରିଛନ୍ତି । ପାଲଲହଡ଼ା ବ୍ଲକ କମ୍ପରକିଳା, କରଡ଼ାପାଳ, କନ୍ତଲା, ରାଜମୁଣ୍ଡା, ଡାଲୋ, ସରବେଡ଼ା, ଶିମିଳିପାଳ, କାଳିଆକୁଦର, ପେଚାମୁଣ୍ଡି, ନୂଆ ଜଗନ୍ନାଥପୁର, ଲକ୍ଷ୍ମୀପ୍ରିୟାପୁର, ସଇଡ଼ା, ମୋହନପୁର, ଅଟନକା, ଜମରଡିହ, ଯୋକପାଣି, ଶ୍ୟାମସୁନ୍ଦରପୁର, ଯୋଲଣ୍ଡା ଏବଂ କେନ୍ଦୁଝର ଜିଲ୍ଲା ବିଞ୍ଜାବାହାଲ, ପଟ୍ଟାଟାଙ୍ଗର, ନୂଆଡିହ, କଣ୍ଟାବାହଲ ଆଦି ଗାଁ ଏହି ପ୍ରକଳ୍ପ ଦ୍ୱାରା ଗୁରୁତର ଭାବେ ପ୍ରଭାବିତ ହେବେ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି । ପ୍ରାଥମିକ ଆକଳନ ଅନୁସାରେ ମଧ୍ୟମ ପ୍ରକଳ୍ପ ହେଲେ ତିନିଟି ଗାଁ ଜଳମଗ୍ନ ହେବ ଓ ଆଉ ୮ ଗାଁ ଆଂଶିକ କ୍ଷତିଗ୍ରସ୍ତ ହେବ ବୋଲି ସରକାରୀ ଚିଠିରେ ଉଲ୍ଲେଖ ରହିଛି । ତେବେ ବେସରକାରୀ ଭାବେ ୧୧ ନୁହେଁ, ପ୍ରାୟ ୧୫ ଗାଁ ଏହି ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ସିଧସଳଖ କ୍ଷତିଗ୍ରସ୍ତ ହେବେ ବୋଲି ଅଭିଯୋଗ ହୋଇଛି । ଏଣୁ ପ୍ରକଳ୍ପକୁ ବିରୋଧ କରାଯାଉଥିବା ସଂଗଠନର ସଭାପତି ରତ୍ନାକର ରାଉତ ସାମ୍ବାଦିକ ସମ୍ମିଳନୀରେ କହିଥିଲେ । ସାମ୍ବାଦିକ ସମ୍ମିଳନୀରେ ମାଙ୍କଡ଼ା ନଦୀବନ୍ଧ ବିରୋଧୀ ସଂଗ୍ରାମୀ ସଂଗଠନ ଉପସଭାପତି ଗଣେଶ୍ୱର ସାହୁ, ସମ୍ପାଦକ ଅକ୍ଷୟ କୁମାର ସାହୁ, ବିପ୍ର ଖିଲାର, ସନ୍ତୋଷ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଉନ୍ନତି ଫାଉଣ୍ଡେସନ ଓ କଳିଙ୍ଗକୁସୁମ ପକ୍ଷରୁ ଆମ୍ବଚାରା ରୋପଣ



**କିଶୋରନଗର,୨୭ ।୧୦(ସମିସ):** ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଉପଖଣ୍ଡ ନବଦୀପପୁର ଶିମିଳିପଦା ତଇଲା ପ୍ଲାଣ୍ଟ ଦି ଚେଞ୍ଜ ପ୍ରୋଗ୍ରାମ କାର୍ଯ୍ୟକ୍ରମରେ ଚାଷୀ କୁମାରୀ ପ୍ରଧାନ ଅନ୍ୟ ଚାରି ଜଣଙ୍କ ଜମିରେ ଉନ୍ନତି ଫାଉଣ୍ଡେସନ ଓ କଳିଙ୍ଗ କୁସୁମ ଏବଂ ଇନଫସିସ ସହାୟତାରେ ସମୂହ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ୫ ଜଣ ଚାଷୀଙ୍କ ଆମ୍ବ ଚାରା ରୋପଣ କରାଯାଇଥିଲା । ଚାଷୀ ଏବଂ ସ୍ଥାନୀୟ ବାସିନ୍ଦାଙ୍କ ସହ ସମିତିସଭ୍ୟ ଭଜମନ ସେଠି, ସଫଳ ଚାଷୀ ମହେଶ୍ୱର ଦେହୁରୀ ଓ କଳିଙ୍ଗକୁସୁମ ଭୁବନେଶ୍ୱରର ମୁଖ୍ୟ ଉଦ୍ୟାନବିତ୍ ଗିରିଜା ଶତପଥୀ, ଉନ୍ନତି ଫାଉଣ୍ଡେସନ ସମ୍ପାଦକ ସୁଶାନ୍ତ ନାୟକ, ପ୍ରକଳ୍ପ କାର୍ଯ୍ୟକର୍ତ୍ତା ରମାକାନ୍ତ ସାହୁ ଏବଂ କଳିଙ୍ଗକୁସୁମ ଫାଉଣ୍ଡେସନର ଫିଲ୍ଡ କୋ-ଅର୍ଡିନେଟର ଦିବ୍ୟପ୍ରସାଦ ସାହୁ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## କାଗଜ କପ୍‌ରେ ଚା' ପରଷି ଦଣ୍ଡ ଗଣିଲେ




**ଅନୁଗୋଳ,୨୭ ।୧୦(ସମିସ):** ଅନୁଗୋଳ ସହରରେ ଛକ ବଜାର, ଗଳିକନ୍ଦିରେ ଶତାଧିକ ଚା' ଦୋକାନୀରେ ଏକକ ବ୍ୟବହୃତ ପଲିଥିନ କପ, କାଗଜ କପ ବ୍ୟବହାରକୁ ଅନୁଗୋଳ ପୌରପାଳିକା ପକ୍ଷରୁ ରୋକ୍ ଲଗାଯାଇଛି । ଗତ କିଛିମାସ ହେଲା ଚା' ଦୋକାନଗୁଡ଼ିକରେ କାଚ ଗ୍ଲାସ ଅବା ମାଟି କପରେ ଚା' ମିଳୁଛି । ତେବେ ଛୋଟ ଦୋକାନୀମାନେ ପୌର ପାଳିକାର ନିୟମ ପାଳନ କରୁଥିବା ବେଳେ ଖାଓ-ଗଳିରେ ଏକ ଚା' ଦୋକାନୀ ସୋମବାର ଗ୍ରାହକଙ୍କୁ କାଗଜ କପ୍‌ରେ ଚା', କଫି ପରିବେଷଣ କରିଥିଲେ । ଜଣେ ସଚେତନ ନାଗରିକ ଏ ନେଇ ପୌର କର୍ତ୍ତୃପକ୍ଷଙ୍କ ଦୃଷ୍ଟିକୁ ଆଣିଥିଲେ । ତତକ୍ଷଣାତ ପୌର ଟାସ୍କଫୋର୍ସ ଟିମ ପହଞ୍ଚି ଯାଞ୍ଚ କରିବା ସହ ଦୋକାନୀଙ୍କୁ ୨ ହଜାର ଟଙ୍କା ଜରିମାନା କରିଛନ୍ତି । ଏଥିସହ ମଙ୍ଗଳବାର ପୌର କାର୍ଯ୍ୟାଳୟରେ ହଜାର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି । ତେବେ ଚା' ଦୋକାନରେ ପଲିଥିନ କପ, କାଗଜ କପ ବ୍ୟବହାର ଉପରେ କଟକଣା କରି ଅନୁଗୋଳ ପୌରାଞ୍ଚଳକୁ ସବୁଜ ସୁନ୍ଦର ତଥା ପଲିଥିନମୁକ୍ତ କରାଯାଇ ପାରିବ କି ବୋଲି ସାଧାରଣରେ ଆଲୋଚନା ହେଉଛି । ବଜାରର ଅନ୍ୟ ସବୁ ପ୍ରକାର ଦୋକାନରେ ପାଲିଥିନ କାରବାର ହେଉଥିବା ବେଳେ ଏଥିପ୍ରତି ପୌର କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

## ଟ୍ରକରେ କୋଇଲା ଲୋଡ଼ିଂ ସୁବ୍ୟବସ୍ଥିତ କରିବାକୁ ଆରମ୍ଭ ହେଲା ଲିଙ୍ଗରାଜ ସେକ୍ଟର

**ତାଳଚେର,୨୭ ।୧୦(ସମିସ):** ତାଳଚେର ଲିଙ୍ଗରାଜ କୋଇଲା ପରିବହନ କ୍ଷେତ୍ରରେ ନିୟୋଜିତ ଟ୍ରକ ମାଲିକମାନେ ଏକତ୍ରିତ ହୋଇ କୋଇଲା ଲୋଡ଼ିଂ ତଥା ପରିବହନରେ ସୁଧାର ଆଣିବା ଲକ୍ଷ୍ୟରେ ସୋମବାର ସ୍ଥାନୀୟ ପଶ୍ଚିମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଏକ ସ୍ୱତନ୍ତ୍ର ବୈଠକ କରିଛନ୍ତି । ବିଭିନ୍ନ ସେକ୍ଟରରେ କୋଇଲ ଲୋଡିଂ ପାଇଁ ସେକ୍ଟର ବାହାର ଗାଡ଼ିକୁ କୋଇଲା ପରିବହନରେ କଟକଣା ଜାରି କରୁଥିବା ଯୋଗୁଁ ଲିଙ୍ଗରାଜରେ ନିୟୋଜିତ ତଥା ସହର ଓ ଆଖପାଖ ଅଞ୍ଚଳର ଗାଡ଼ିଗୁଡ଼ିକ ଲୋଡିଂରୁ ବଞ୍ଚିତ ହେଉଛନ୍ତି । ଫଳରେ ସହର ତଥା ସ୍ଥାନୀୟ ଗାଡ଼ି ମାଲିକମାନେ ବିଶେଷ କ୍ଷତିଗ୍ରସ୍ତ ହେଉଛନ୍ତି । ଅପର ପକ୍ଷରେ ଲିଙ୍ଗରାଜ କୋଇଲା ପରିବହନ କ୍ଷେତ୍ରରେ ସବୁ ଅଞ୍ଚଳର ଗାଡ଼ିଗୁଡ଼ିକ ଲୋଡିଂ କରି କୋଇଲା ପରିବହନ କରିବା ଦ୍ୱାରା ସ୍ଥାନୀୟ ଗାଡ଼ି ମାଲିକଙ୍କ ପାଇଁ ସମସ୍ୟା ସୃଷ୍ଟି ହୋଇଛି । ତେଣୁ ତାଳଚେର ସହର ସହ ଆଖପାଖ ଅଞ୍ଚଳରେ ବସବାସ କରୁଥିବା ଗାଡ଼ି ମାଲିକମାନେ ଏକତ୍ରିତ ହୋଇ ଲିଙ୍ଗରାଜ ସେକ୍ଟର ନିମନ୍ତେ ବୈଠକରେ ନିଷ୍ପତ୍ତି ନେଇଛନ୍ତି ।



ଫାଷ୍ଟ କମ ଫାଷ୍ଟ ସର୍ଭ ନିୟମ କଡ଼ାକଡ଼ି ପାଳନ କରିବା ସହ ସେକ୍ଟର ଗାଡ଼ିକୁ ପ୍ରାଥମିକତା ଭିତ୍ତିରେ ଲୋଡିଂ ଦିଆଯିବ । ଭଡ଼ା ଓ ଅନ୍ୟାନ୍ୟ ଅର୍ଥ ସମ୍ପର୍କରେ ସମସ୍ତ ସମସ୍ୟାକୁ ସେକ୍ଟର ଜରିଆରେ ସମାଧାନ କରାଯିବ । ସେକ୍ଟର ଦାୟିତ୍ୱରେ ଥିବା ପଦାଧିକାରୀଙ୍କୁ ସମସ୍ତେ ମାନି ଚଳିବାକୁ ପଡ଼ିବ । ପ୍ରଶାସନର ନିୟମକୁ ପାଳନ କରି ଗାଡ଼ି ଚଳାଚଳ କରାଯିବ । ସେକ୍ଟର ବିରୋଧରେ କୌଣସି ପ୍ରକାର ମନ୍ତବ୍ୟ ସାଧାରଣରେ ପ୍ରକାଶ ନ କରି ବୈଠକ କିମ୍ବା ଉପଯୁକ୍ତ ଫୋରମରେ ଜଣାଇବାକୁ ନିଷ୍ପତ୍ତି ନିଆଯାଇଛି । ତେବେ ବର୍ତ୍ତମାନ ନୂତନ ଭାବେ ହୋଇଥିବା ଲିଙ୍ଗରାଜ ସେକ୍ଟରକୁ ଚଳାଇବାକୁ ୧୦ଜଣ ଅନୁଭବୀ ଗାଡ଼ି ମାଲିକଙ୍କୁ ବଛାଯାଇ ତାଙ୍କ ନିର୍ଦ୍ଦେଶ କ୍ରମେ ଏହି ସେକ୍ଟର ଚାଲିବ ବୋଲି ନିଷ୍ପତ୍ତି ନିଆଯାଇଛି । ଆବଶ୍ୟକ ସ୍ଥଳେ ତାଳଚେର ଟ୍ରକ ମାଲିକ ସଂଘର ସାହାଯ୍ୟ ନିଆଯିବ ବୋଲି ନିଷ୍ପତ୍ତି ହୋଇଛି । ଆଗକୁ ଏହାର ନୂତନ କର୍ମକର୍ତ୍ତା ନିର୍ବାଚନ କରାଯିବ ବୋଲି କୁହାଯାଇଛି । ବୈଠକରେ ୨୫୦ରୁ ଉର୍ଦ୍ଧ୍ୱ ଗାଡ଼ି ମାଲିକ ଯୋଗଦେଇଥିଲେ ।

# ଏମସିଏଲ ଦ୍ୱିତୀୟ ସ୍ୱତନ୍ତ୍ର କମିଟି ବୈଠକ

**ଅନୁଗୋଳ,୨୭ ।୧୦(ସମିସ):** ମହାନଦୀ କୋଇଲା ଖଣି ସଂସ୍ଥା (ଏମସିଏଲ)ର ଦ୍ୱିତୀୟ ସ୍ୱତନ୍ତ୍ର କମିଟି ବୈଠକ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ସଚିନ ରାମଚନ୍ଦ୍ର ଯାଦବଙ୍କ ଅଧ୍ୟକ୍ଷତାରେ ଅନୁଗୋଳ ପ୍ରଦକ୍ଷଣ ଗୃହ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି । ବୈଠକର ଆବାହକ ତଥା ଅନୁଗୋଳ ଜିଲ୍ଲାପାଳ ଅବଦାଲ୍ ମୁହମ୍ମଦ ଅଖତର କାର୍ଯ୍ୟସୂଚୀ ଅନୁଯାୟୀ ୭ଟି ବିଷୟ ଉପରେ ପର୍ଯ୍ୟାୟ କ୍ରମେ ଦୃଷ୍ଟି ଆକର୍ଷଣ କରିଥିଲେ । ଏହି ୭ଟି ବିଷୟରେ ଆଲୋଚନା ହୋଇଥିଲା । ଏମସିଏଲର ସୁଭଦ୍ରା କୋଇଲା ଖଣି ନିମନ୍ତେ ଜମିର ଉଚିତ ମୂଲ୍ୟାଙ୍କନ, ଖମାର ଗୋପାଳପ୍ରସାଦର ବିସ୍ଥାପିତଙ୍କ ସମସ୍ୟା ସମେତ କାର୍ଯ୍ୟସୂଚୀରେ ସ୍ଥାନିତ ସମସ୍ତ ବିଷୟରେ ଆଲୋଚନା କରାଯାଇ ଏହାର ସମାଧାନ ସୁନିଶ୍ଚିତ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଥିଲା । ବିସ୍ଥାପିତଙ୍କ ଦାବିକୁ ସକାରାତ୍ମକ ଭାବେ ବିଚାରକୁ ନେବା ପାଇଁ ଲୋକପ୍ରତିନିଧିମାନେ ଅଧିକାରୀ ଓ ଏମସିଏଲ କର୍ତ୍ତୃପକ୍ଷଙ୍କୁ କହିଥିଲେ । ବୈଠକରେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ




ପାଣି, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରତିନିଧି ରାଜେନ୍ଦ୍ର କୁମାର ସିଂହ, ଅତିରିକ୍ତ ଜିଲ୍ଲାପାଳ ତଥା ପ୍ରକଳ୍ପ ନିର୍ଦ୍ଦେଶକ (ପୁନର୍ବାସ ଓ ଥଇଥାନ) ଉଦୟ କୁମାର ମହାପାତ୍ର, ତାଳଚେର ଉପଜିଲ୍ଲାପାଳ ସମୀର କୁମାର ଜେନା, ଅନୁଗୋଳ ଉପଜିଲ୍ଲାପାଳ ମାୟାଧର ବେହେରା, ଏମସିଏଲର ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ପ୍ରତାପହରି ପ୍ରଧାନ, ଏମସିଏଲ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେ ଏବଂ ତାଳଚେର କୋଇଲା କ୍ଷେତ୍ରର ସମସ୍ତ ମହାପ୍ରବନ୍ଧକ ପ୍ରମୁଖ ଯୋଗଦେଇଥିଲେ ।

## ସଞ୍ଜାମୁରା ପଞ୍ଚାୟତରେ ଜନଶୁଣାଣି

**କିଶୋରନଗର,୨୭ ।୧୦(ସମିସ):** କିଶୋରନଗର ବ୍ଲକ ସଞ୍ଜାମୁରା ପଞ୍ଚାୟରେ ବ୍ଲକ ପ୍ରଶାସନ ପକ୍ଷରୁ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ଏଥିରେ ବିଡିଓ ସୁବ୍ରତ କୁମାର ବେହେରା ଯୋଗଦେଇ ଲୋକଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରି ତା'ର ସମାଧାନ କରିଥିଲେ । ସରପଞ୍ଚ କମଳିନୀ ପ୍ରଧାନ, ଡିଇଓ (ଆରସିଏମ୍) ସରୋଜ ପ୍ରଧାନ, ବିଏସଏସଓ ଝସକେତନ ସାହୁ, ବିପିସି (ଆରଏଚ) ସୌମ୍ୟରଞ୍ଜନ ପ୍ରଧାନ ପ୍ରମୁଖ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର କର୍ମଚାରୀ ଉପସ୍ଥିତ ଥିଲେ ।




**THE ORISSA MINERALS DEVELOPMENT COMPANY LTD.**
CIN: L65993OR1927GOI034842
Registered office: Plot No. 271, Ground Floor, Bidyut Marg, Shastri Nagar, Unit-IV, Bhubaneswar, Odisha-751001
Tel. No. 0674-2391595, website: www.birdgroup.co.in
Email: omdc.sec.dept@gmail.com

**NOTICE OF 107 ANNUAL GENERAL MEETING AND E-VOTING INFORMATION**

This Notice is published in supersession of the earlier Notice published on 27th October, 2025, in respect of convening of 107th Annual General Meeting of The Orissa Minerals Development Company Limited through video conferencing/ other audio visual means.

In this regards Notice is hereby given that the 107th Annual General Meeting (AGM) of The Orissa Minerals Development Company Limited (the 'Company') will be held on Tuesday, 18th November, 2025 at 11:00 A.M. IST through video conferencing (VC)/other audio-visual means (OAVM), to transact the business as set out in the Notice.

In compliance with the provisions of the Companies Act, 2013 read with circulars issued by Ministry of Corporate Affairs and SEBI, from time to time, the Notice of 107th AGM and Annual Report containing the financial statements for FY 2024-25, Auditors' Report thereon, Board's Report and other documents, have been sent through e-mails on 27th October 2025, to all the Members, whose e-mail IDs are registered with the Company/Depository Participant (DP). The said documents are also available on the Company's website i.e. www.birdgroup.co.in websites of stock exchanges i.e. www.bseindia.com and www.nseindia.com and on the website of NSDL at www.evoting.nsdl.com.

Further, the Company has engaged National Securities Depository Limited (NSDL) to enable the members of the Company to attend the said AGM through VC/OAVM and to cast votes electronically, in respect of the businesses to be transacted at 107th AGM of the Company. Members of the Company holding shares either in physical form or in dematerialized form as on the Cut-off date i.e. 10th November, 2025 may cast their vote electronically in respect of business to be transacted at the AGM. The remote e-voting platform will be open for voting from Friday, 14th November, 2025(09:00 AM) to Monday, 17th November, 2025 (05:00 PM). Remote e-voting module shall be disabled by NSDL for voting thereafter. Those members, who do not cast their vote on the resolutions through remote e-voting during the above period and are otherwise not barred from doing so, shall be eligible to vote through e-voting system during the AGM.

Members who have not registered their email address or who becomes a member of the Company after dispatch of the Notice of AGM and holds shares as on the Cut-Off date, are requested to register the same with the Depository through their Depository Participant(s) in case the shares are held in electronic form and in case of shares held in physical form, with the Company's Registrar and Share Transfer Agent i.e. M/s CB Management Services Private Limited, Email: rta@cbmsl.com. Any person whose e-mail ID is not registered with the Company/DP may obtain the user Id and password for e-voting by sending a request at evoting@nsdl.co.in. However, if the member is already registered with NSDL / Remote e-voting, he/she can use his/her existing user id and Password for casting the vote. Further. Members who have cast their vote by remote e-voting may attend the AGM, but shall not be entitled to vote again at the AGM.

In case of any queries, Members may refer to the Frequently Asked Questions (FAQs) for shareholders and e-voting user manual available at the download section of NSDL website i.e. www.evoting.nsdl.com or refer to the instructions as mentioned in the Notice of 107th AGM.

**Book Closure:**

Notice is given pursuant to Section 91 of the Companies Act, 2013 and Regulation 42 of SEBI (LODR) Regulations. 2015 that the Register of Members and Share Transfer Books of the company will remain closed from 11th November 2025 to 17th November 2025 (both days inclusive) for the purpose of ensuing 107th AGM of the Company.

**Attending AGM through VC / OAVM:**

Members will be provided with a facility to attend the AGM through VC/OAVM through the NSDL e-Voting system. Members may access by following the steps mentioned for "Access to NSDL e-Voting system" in Notes to Notice. After successful login, with login credentials, Member can see link of "VC/OAVM" placed under "Join meeting" menu against Company name. Members are requested to click on VC/OAVM link placed under Join Meeting menu. The link for VC/OAVM will be available in Shareholders/Member login where the EVEN of Company will be displayed.

**Member Speaker Registration:**

Members who would like to express their views/ask questions during the 107th AGM may register themselves as a speaker and may send this request from 14th November 2025 (9.00 a.m. IST) to 16th November 2025 (5.00 p.m. IST) mentioning their name, DP ID and Client ID, Folio number, email id, mobile number at: omdc.sec.dept@gmail.com.

By the Order of the Board
Sd/-
**Pintu Kumar Biswal**
Company Secretary & Compliance Officer

**Place:** Bhubaneswar
**Date:** 27.10.2025


### ନାରଣ ସାଗର କୂଳରେ ଛଟ୍ ପୂଜା

# ୫ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାବେଶ







**ଅନୁଗୋଳ,୨୭ ।୧୦(ସମିସ):**

ସୋମବାର ସନ୍ଧ୍ୟାରେ ଅନୁଗୋଳ ନାରଣ ସାଗର କୂଳରେ ଛଟ୍ ପୂଜା ଆରମ୍ଭ ହୋଇଛି । ସ୍ଥାନୀୟ ଅଞ୍ଚଳରେ ବସବାସ କରୁଥିବା ବିହାର, ଝାଡ଼ଖଣ୍ଡ, ଉତ୍ତରପ୍ରଦେଶର ଶ୍ରଦ୍ଧାଳୁମାନେ ବହୁ ସଂଖ୍ୟାରେ ଚଉରା ମୂଳେ ଷଠି ଦେବୀଙ୍କ ପୂଜା କରିବା ସହ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରିଥିଲେ । ବିଶ୍ୱାସ ରହିଛି ଯେ ଷଠି ଦେବୀ ଓ ସୂର୍ଯ୍ୟଙ୍କୁ ପୂଜା କଲେ ପରିବାରର କଲ୍ୟାଣ ହେବା ସହ ସୁଖସମୃଦ୍ଧି ପ୍ରାପ୍ତ ହୋଇଥାଏ । ଚଳିତ ବର୍ଷ ପ୍ରାୟ ୫ ହଜାର ଭକ୍ତଙ୍କ ସମାବେଶ ହୋଇଥିଲା । ପ୍ରବଳ ଭିଡ଼ ଯୋଗୁଁ ପୁଲିସକୁ ନାକେଦମ୍ ହେବାକୁ ପଡ଼ିଥିଲା । ସୁରକ୍ଷା ପାଇଁ ଅଗ୍ନିଶମ ବିଭାଗ ପ୍ରସ୍ତୁତ ରହିଥିଲା । ସନ୍ଧ୍ୟାରେ ମଗଧ ଯୁବ ବିକାଶ ସମିତି ପକ୍ଷରୁ ସମାବେଶ ଆୟୋଜିତ ହୋଇଥିବା ବେଳେ ସ୍ଥାନୀୟ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ପୂର୍ବତନ ତାମଡ଼ା ଅଧ୍ୟକ୍ଷ ଶକ୍ତିପ୍ରସାଦ ପଟ୍ଟନାୟକ, ଆଇନଜୀବୀ ପ୍ରଦୀପ ଦେବତା ପ୍ରମୁଖ ନାରଣ ସାଗର କୂଳକୁ ଯାଇ ଦୀପ ଲଗାଇଥିଲେ । ଅନୁଷ୍ଠାନର ସଭାପତି ସୁମିତ କୁମାର, ସମ୍ପାଦକ ସୁକାନ୍ତ କୁମାର ମାଝୀ, ଉପସଭାପତି ସଞ୍ଜୟ ଯାଦବ, ସହସମ୍ପାଦକ ଜିତେନ୍ଦ୍ର ପ୍ରସାଦ ଏବଂ କୋଷାଧ୍ୟକ୍ଷ ବରିନ୍ଦର ସିଂହ ପ୍ରମୁଖ ବିଧାୟକ ଓ ଅନ୍ୟ ଅତିଥିମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ମଙ୍ଗଳବାର ସକାଳେ ଉଦିତ ସୂର୍ଯ୍ୟଙ୍କୁ ପୂଜା ସହ ଛଟ୍‌ପୂଜା ବ୍ରତ ସମ୍ପନ୍ନ ହେବ ବୋଲି ସମିତି କାର୍ଯ୍ୟକର୍ତ୍ତା ଜଣାଇଛନ୍ତି ।

■ ମହାନତା ଦେଖାଇଲେ ଆର୍‌ଟିଓ କର୍ମଚାରୀ

## ଦୁର୍ଘଟଣାରେ ଗୁରୁତରଙ୍କୁ ମେଡିକାଲରେ ପହଞ୍ଚାଇଲେ

କେନ୍ଦ୍ରାପଡ଼ା/ଡେରାବିଶ,୨୭।୧୦ (ସମିସ): କଟକ-ଚାନ୍ଦବାଲି ରାଜପଥର ଖଣ୍ଡମୋଳ ଛକ ନିକଟରେ ଆଜି ଅପରାହ୍ନରେ ଏକ କାର୍ ଓ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ବାଇକ୍ ଚାଳକ ସହିତ ମୋଟ ୩ ଜଣ ଗୁରୁତର ଆହତ ହୋଇଛନ୍ତି । ଘଟଣାସ୍ଥଳରେ ଆରଟିଓ କର୍ମଚାରୀଙ୍କ ମାନବିକ ପଦକ୍ଷେପକୁ ସ୍ଥାନୀୟ ଲୋକେ ପ୍ରଶଂସା କରିଛନ୍ତି । କେନ୍ଦ୍ରାପଡ଼ା ଅଭିମୁଖେ ଯାଉଥିବା ଏକ ବାଇକ୍‌ରେ ଜଣେ ପୁରୁଷ ଚାଳକ ଓ ପଛରେ ଦୁଇଜଣ ମହିଳା ଯାତ୍ରା କରୁଥିଲେ । ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଏକ ସୁଜୁକି ଇର୍ଟିଗା କାର୍ ଭାରସାମ୍ୟ ହରାଇ ସିଧାସଳଖ ବାଇକ୍‌କୁ ଧକ୍କା ଦେଇଥିଲା । ଫଳରେ ବାଇକ୍ ଓ କାର ଭାଙ୍ଗିଯାଇଥିଲା । ବାଇକ୍‌ରେ ଥିବା ତିନିଜଣ ଆହତ ହୋଇଥିଲେ । ସ୍ଥାନୀୟ ଲୋକ ଓ ଆରଟିଓ କର୍ମଚାରୀ ଇଣ୍ଟରସେପ୍ଟର ଗାଡ଼ି ଯୋଗେ ଗୁରୁତର ଆହତଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚାଇଥିଲେ । କାର୍‌ର ଏୟାରବ୍ୟାଗ୍ ଖୋଲିଯିବାରୁ ଚାଳକ ଓ ଆରୋହୀ ସାମାନ୍ୟ ଆହତ ହୋଇଛନ୍ତି । ଘଟଣା ସମୟରେ ରାଜପଥରେ ଭିଡ଼ ଜମିଥିଲା ଓ ପୁଲିସ ଟିମ ଘଟଣାସ୍ଥଳରେ ପହଞ୍ଚି ଯାତାୟାତ ସୁଗମ କରିଥିଲା । ଆରଟିଓ କର୍ମଚାରୀଙ୍କ ମାନବିକତା ଓ ସଚେତନ ପଦକ୍ଷେପ ନେଇ ସ୍ଥାନୀୟ ଲୋକେ ପ୍ରଶଂସା କରିଛନ୍ତି ।

## କେନ୍ଦ୍ରାପଡ଼ା ପୌର ପରିଷଦ ବୈଠକ



କେନ୍ଦ୍ରାପଡ଼ା,୨୭।୧୦(ସମିସ): କେନ୍ଦ୍ରାପଡ଼ା ପୌରପରିଷଦ ବୈଠକ ସୋମବାର ପୌର ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ପୌରପାଳ ସରିତା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପୌରାଞ୍ଚଳକୁ ସଂପ୍ରସାରିତ କରିବା ପାଇଁ ଏକ ପ୍ରସ୍ତାବ ଗୃହିତ ହୋଇଛି । କାରଣ ପୌରାଞ୍ଚଳର ସୀମିତ ଅଞ୍ଚଳରେ ଥିବା ଜମିରେ ସରକାରୀ କାର୍ଯ୍ୟାଳୟ ଓ ବାସଗୃହ ସମେତ ଅନ୍ୟାନ୍ୟ କାର୍ଯ୍ୟାଳୟ ନିର୍ମାଣ କରିବା ପାଇଁ ସ୍ଥାନାଭାବ ରହିଛି ।

ଅପରପକ୍ଷରେ ଗ୍ରାମାଞ୍ଚଳରେ ପର୍ଯ୍ୟାପ୍ତ ସ୍ଥାନ ରହିଥିବାରୁ କାର୍ଯ୍ୟାଳୟ ଓ ବାସଗୃହ ନିର୍ମାଣ ହୋଇପାରିବା ସହ ସେହି ଅଞ୍ଚଳରେ ବ୍ୟବସାୟ ନିମନ୍ତେ ଦୋକାନ ଗୃହ ନିର୍ମାଣ କରାଯାଇ ପୌର ପରିଷଦର ଆୟ ମଧ୍ୟ ବୃଦ୍ଧି ହୋଇପାରିବ । ଏସବୁ ସମସ୍ୟାର ସମାଧାନ ନିମନ୍ତେ କେନ୍ଦ୍ରାପଡ଼ା ପୌରାଞ୍ଚଳ ଚତୁପାର୍ଶ୍ୱରେ ଥିବା ଶ୍ୟାମସୁନ୍ଦରପୁର, ଜମ୍ବର, ଗୁଲନଗର, କପାଳେଶ୍ୱର, ଓସ୍ତପୁର ପଞ୍ଚାୟତ ସମେତ ଶ୍ୟାମଗୁଡିଆକୁ ପୌରାଞ୍ଚଳରେ ମିଶ୍ରଣ କରିବାକୁ ଏହି ପୌରପରିଷଦ ବୈଠକରେ ସର୍ବସମ୍ମତିକ୍ରମେ ପ୍ରସ୍ତାବ ପାରିତ ହୋଇଛି । ଏହାବ୍ୟତୀତ ପୌରାଞ୍ଚଳରେ ନୂତନ ଭାବେ ୩ ଶହ ଦୋକାନ ଗୃହ ନିର୍ମାଣ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି । ଏହି ଦୋକାନ ଗୃହ ଇଚ୍ଛାପୁର, ବଡ଼ମଙ୍ଗଳା, ନୂଆ ବସ୍‌ଷ୍ଟାଣ୍ଡ ଓ ତିନିମୁହାଣିଠାରେ ନିର୍ମାଣ କରାଯିବ । ପୁରାତନ ପାର୍କର ଉନ୍ନତିକରଣ କରାଯିବା ସହିତ ଗୋପଠାରେ ବଳଦେବଜୀଉ ପାଠାଗାର ନିର୍ମାଣ ଓ ପୌରାଞ୍ଚଳର ସମସ୍ତ ଗଳିକନ୍ଦି ରାସ୍ତା ନିର୍ମାଣ ହେବ । ତିନିମୁହାଣି-ନୂଆ ବସ୍‌ଷ୍ଟାଣ୍ଡ ରାସ୍ତାର ଦୋହରୀକରଣ କରାଯିବା ସହ ଉଦୟନଗରସ୍ଥ କଲ୍ୟାଣ ମଣ୍ଡପର ଉନ୍ନତିକରଣ କରାଯିବ । ଗୋପବନ୍ଧୁ ପାଠାଗାର ଓ ଉର୍ଦ୍ଦୁ ପାଠାଗାରର ଉନ୍ନତିକରଣ କରାଯିବାକୁ ନିଷ୍ପତ୍ତି ହୋଇଛି । ଆଜିର ଏହି ବୈଠକରେ ଉପାଧକ୍ଷା ଆକବରୀ ଖାତୁନଙ୍କ ସମେତ ପୌରସଭ୍ୟ ପ୍ରଭାଶିଷ ପଣ୍ଡା, ନିରାକାର ସ୍ୱାଇଁ, ପ୍ରଦୀପ ଜେନା, ପୁଷ୍ପାଞ୍ଜଳି ବସ୍ତିଆ, ଉମେଶ ନାୟକ, କାଳୀପ୍ରସାଦ ମିଶ୍ର, ରମେଶ ଦାସ, ସେକ ଅସଲମ, ଜୟନ୍ତୀ ପାଣି, ରଞ୍ଜିତା ସିଂ, ସୁକୁମାର ଦାସ ପ୍ରମୁଖ ସମସ୍ତ ପୌରସଭ୍ୟ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ପୌର ନିର୍ବାହୀ ଅଧିକାରୀ ଅଜିତ ପ୍ରସାଦ ନାରାୟଣ ଗିରି ଗତ ବୈଠକର ବିବରଣୀ ପାଠ କରିବା ସହିତ ଉନ୍ନୟନମୂଳକ କାର୍ଯ୍ୟ ଉପରେ ସୂଚନା ପ୍ରଦାନ କରିଥିଲେ ।

## କେନାଲରେ ବୁଡ଼ି ଯୁବକ ନିଖୋଜ

ଡେରାବିଶ,୨୭।୧୦(ସମିସ): ଡେରାବିଶ ବ୍ଲକ୍ ଛୋଟି ପଞ୍ଚାୟତ ଅନ୍ତର୍ଗତ ଛୋଟି (କେଶପାହାଡ଼ି) ଗ୍ରାମର ଗୋଲକ ପୃଷ୍ଟିଙ୍କ ପୁଅ ଗଙ୍ଗାଧର (୨୩) ଗତକାଲି ମଧ୍ୟାହ୍ନରେ ଗ୍ରାମ ନିକଟସ୍ଥ ପଟ୍ଟାମୁଣ୍ଡାଇ କେନାଲରେ ଶୌଚ ହେବାକୁ ଯାଇ ନିଖୋଜ ଘଟଣାକୁ ୨୪ ଘଣ୍ଟା ବିତିଗଲାଣି । ଗତକାଲିଠାରୁ ଆଜି ପର୍ଯ୍ୟନ୍ତ ଅଗ୍ନିଶମ କର୍ମଚାରୀ ଓ ଗ୍ରାମବାସୀ ଗଙ୍ଗାଧରଙ୍କୁ କେନାଲରେ ଖୋଜିଖୋଜି କଲେଣି, କିନ୍ତୁ ତାଙ୍କର କୌଣସି ପତ୍ତା ମିଳୁନାହିଁ । ଗତକାଲି ଗଙ୍ଗାଧର ଗ୍ରାମରେ ଏକ ଭୋଜିଖାଇ ଫେରୁଥିବା ସମୟରେ ପଟ୍ଟାମୁଣ୍ଡାଇ କେନାଲକୁ ଶୌଚ ହେବା ପାଇଁ ଯାଇଥିଲେ । ସେଠାରେ ତାଙ୍କର ଗୋଡ଼ ଖସିଯିବାରୁ ସେ ଗଭୀର ପାଣିକୁ ଖସିଯାଇ ସ୍ରୋତରେ ଭାସିଯାଇଥିଲେ । ଏହି ସମୟରେ କେନାଲ୍ ବନ୍ଧରେ ଥିବା ଏକ ଛୋଟ ଝିଅ ପାଟିକରି ଡାକିଥିଲେ । ଛୋଟ ଝିଅର ପାଟିଶୁଣି ଗ୍ରାମବାସୀ ପଟ୍ଟାମୁଣ୍ଡାଇ କେନାଲରେ ଖୋଜାଖୋଜି କରିଥିଲେ ମଧ୍ୟ ଗଙ୍ଗାଧରଙ୍କୁ ପାଇନଥିଲେ । ପରେ ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ତାଙ୍କୁ ଖୋଜିଥିଲେ । ଗତକାଲି ସନ୍ଧ୍ୟା ହୋଇଯିବାରୁ ଅଗ୍ନିଶମ ବାହିନୀ କର୍ମଚାରୀ ଖୋଜିବା କାର୍ଯ୍ୟ ବନ୍ଦ କରିଥିଲେ । ଆଜି ସକାଳୁ ପୁନର୍ବାର ଅଗ୍ନିଶମ ବାହିନୀ ଖୋଜିବା କାର୍ଯ୍ୟ ଜାରି ରଖିଥିଲେ ମଧ୍ୟ ସନ୍ଧ୍ୟା ସୁଦ୍ଧା ଗଙ୍ଗାଧରଙ୍କ କୌଣସି ପତ୍ତା ମିଳିନଥିବା ଜଣାପଡ଼ିଛି ।

ବାତ୍ୟା ମୋନ୍ଥା

## ମହାକାଳପଡ଼ା ବ୍ଲକ୍ ପ୍ରଶାସନର ପ୍ରସ୍ତୁତି




ମହାକାଳପଡ଼ା,୨୭।୧୦(ସମିସ): ମହାକାଳପଡ଼ା ବ୍ଲକ୍ କାର୍ଯ୍ୟାଳୟରେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ନେଇ ବାତ୍ୟା "ମୋନ୍ଥା ' ପରିସ୍ଥିତିର ସମୀକ୍ଷା କରିଛନ୍ତି ପଞ୍ଚାୟତ ସମିତି ଅଧ୍ୟକ୍ଷା ମୀରାରାଣୀ ମହାନ୍ତି । ଉକ୍ତ ବୈଠକରେ ବାତ୍ୟାର ସାମ୍ପ୍ରତିକ ସ୍ଥିତି ଓ ଗତିପଥ ଉପରେ ତୀକ୍ଷଣ ନଜର ରଖାଯାଇଥିବା ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ ସୂଚନା ଦେଇଛନ୍ତି । ବିଭିନ୍ନ ପଞ୍ଚାୟତର ତଳିଆ ଅଞ୍ଚଳ ଓ ଚାଳ ଘରେ ବିପଦସଂକୁଳ ଭାବେ ରହୁଥିବା ଜନସାଧାରଣଙ୍କୁ ନିକଟସ୍ଥ ବାତ୍ୟା ଆଶ୍ରୟସ୍ଥଳୀ, ବିଦ୍ୟାଳୟ, ଅଙ୍ଗନବାଡି କେନ୍ଦ୍ର ଓ ରାଜୀବ ଗାନ୍ଧୀ ସେବାଗୃହକୁ ଅସ୍ଥାୟୀ ଭାବେ ଆଣି ଥଇଥାନ କରିବାକୁ ଅଧ୍ୟକ୍ଷା ପରାମର୍ଶ ଦେଇଥିଲେ । ସେହିପରି ବିଦ୍ୟୁତ ସରବରାହ ପୁନଃକାର୍ଯ୍ୟକ୍ଷମ, ବିଶୁଦ୍ଧ ପାନୀୟଜଳ ଉପଲବ୍ଧ, ଗର୍ଭବତୀ ମହିଳାଙ୍କ ଯତ୍ନ, ପରିସ୍ଥିତି ଉପୁଜିଲେ ଶୁଖିଲା ଓ ରନ୍ଧା ଖାଦ୍ୟ ପ୍ରଦାନ, ସାପ କାମୁଡ଼ା ପ୍ରତି ସତର୍କତା ଆଦି ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା । ଏହି ବୈଠକରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ମୀରାରାଣୀ ମହାନ୍ତି, ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ପରିଡା, ଯଦୁପୁର ପଞ୍ଚାୟତର ସରପଞ୍ଚ ସଂଯୁକ୍ତା ଜେନା, ବଟାଘର ପଞ୍ଚାୟତ ସରପଞ୍ଚ ଶିବାନୀ ବିଶ୍ୱାଳ, ଜମ୍ବୁ ସରପଞ୍ଚ ବିଶ୍ୱଜିତ ବସୁ, ବରକନ୍ଧା ସରପଞ୍ଚ ତ୍ରୈଲୋକ୍ୟ ବେହେରାଙ୍କ ସହ ଅନେକ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଏଡିଓ, ମହାକାଳପଡ଼ା ତହସିଲର ବିଭିନ୍ନ ସର୍କଲର ରାଜସ୍ୱ ନିରୀକ୍ଷକ, ଯନ୍ତ୍ରୀ ଓ ଲାଇନ୍ ଡିପାର୍ଟମେଣ୍ଟର ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ । ବାତ୍ୟା ପରିଚାଳନାରେ ଯେପରି କୌଣସି ପ୍ରକାର ତ୍ରୁଟି ନ ରୁହେ ସେପ୍ରତି ସଜାଗ ରହିବାକୁ ଅଧ୍ୟକ୍ଷା ନିର୍ଦ୍ଦେଶ ଦେଇଛନ୍ତି ।

ଷ୍ଟ୍ରିଟ୍‌ଲାଇଟ୍ ଦୁର୍ନୀତି ଉପରେ କାର୍ଯ୍ୟାନୁଷ୍ଠାନ ଦାବି

## ବ୍ଲକ୍ ସମ୍ମୁଖରେ ଆମରଣ ଅନଶନରେ ବସିବେ ଶାସନ ପଞ୍ଚାୟତବାସୀ

ପଟ୍ଟାମୁଣ୍ଡାଇ,୨୭।୧୦(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍‌ରେ ହୋଇଥିବା ଷ୍ଟ୍ରିଲାଇଟ ଦୁର୍ନୀତିର ପ୍ରତିବାଦ ଶେଷରେ ଚରମ ସୀମାରେ ପହଞ୍ଚିଛି । ଶାସନ ଛକରୁ ମାଳିପୁର ମାର୍କେଟ ପର୍ଯ୍ୟନ୍ତ ଅଞ୍ଚଳକୁ ୨୦ଟି ଲାଇଟ୍ ଖୁଣ୍ଟ ମାଧ୍ୟମରେ ଆଲୋକୀକରଣ କରିବାକୁ ସରକାରଙ୍କ ଯୋଜନା ଥିବାବେଳେ ଏଥିପାଇଁ ୯ ଲକ୍ଷ ୭୦ ହଜାର ଟଙ୍କା ବ୍ୟୟ କରାଯାଇଥିଲା । ଏଷ୍ଟିମେଟ ହିସାବରେ ପ୍ରକଳ୍ପ ସ୍ଥାନରେ କୌଣସି ଆଲୋକୀକରଣ କାର୍ଯ୍ୟ ଏପରିକି ଲାଇଟ ଖୁଣ୍ଟ ମଧ୍ୟ ଲଗା ନ ଯାଇ ବ୍ଲକ୍ କନିଷ୍ଠ ଯନ୍ତ୍ରୀଙ୍କ ନାମରେ ମିଥ୍ୟା ବିଲ୍ କରି ସରକାରୀ ଅନୁଦାନ ଅର୍ଥକୁ ହଡପ କରାଯିବା ସହିତ ପଞ୍ଚାୟତରେ ହୋଇଥିବା ଅନ୍ୟାନ୍ୟ ଦୁର୍ନୀତି ସମ୍ପର୍କରେ ଗ୍ରାମବାସୀ ଅଭିଯୋଗ କରିଥିଲେ । ବାରମ୍ବାର ବିଡିଓ ଓ ଜିଲ୍ଲାପାଳଙ୍କୁ ଅଭିଯୋଗ ଦେବା ପରେ ବି ସମସ୍ୟାର କୌଣସି ସମାଧାନ ହୋଇପାରି ନ ଥିଲା । ଫଳରେ ଶାସନ ପଞ୍ଚାୟତବାସୀ ଆମରଣ ଅନଶନରେ ବସିବାକୁ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି ।

ଅପରପକ୍ଷରେ କନିଷ୍ଠ ଯନ୍ତ୍ରୀଙ୍କ ଷ୍ଟ୍ରିଟଲାଇଟ ଦୁର୍ନୀତିକୁ ଘଣ୍ଟ ଘୋଡାଇବା ସହିତ ପଞ୍ଚାୟତରେ ଘଟିଥିବା ଅନ୍ୟ ଦୁର୍ନୀତି ଅଭିଯୋଗକୁ ଘଣ୍ଟ ଘୋଡାଇବା ପାଇଁ ବ୍ଲକ କାର୍ଯ୍ୟାଳୟ ଓ ବିଡିଓଙ୍କ ପକ୍ଷରୁ ଜନସାଧାରଣଙ୍କୁ ଅନେକ ଭୁଲ ତଥ୍ୟ ଦିଆଯାଇଥିବା ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି । ଗ୍ରାମବାସୀ ବାରମ୍ବାର ବିଡିଓଙ୍କୁ ଭେଟି ଅଭିଯୋଗ ଦେଲା ପରେ ବି ବିଡିଓ ତଦନ୍ତ କରି ରିପୋର୍ଟ ଦେବେ ବୋଲି କହି ପ୍ରତିଥର ଦିନ ଗଡ଼ାଇ ଚାଲିଥିଲେ । ବାରମ୍ବାର ଅଭିଯୋଗ ପରେ ମଧ୍ୟ ସମସ୍ୟାର କୌଣସି ସମାଧାନ ନ ହେବାରୁ ପଞ୍ଚାୟତବାସୀ ପୁନଶ୍ଚ ଗତ ଶୁକ୍ରବାର ଦିନ ବିଡିଓଙ୍କୁ ଭେଟି ଅଭିଯୋଗ ବିଷୟରେ ପଚାରିଥିଲେ । ବିଡିଓଙ୍କ ତରଫରୁ ପୂର୍ବବତ ସମାନ ଉତ୍ତର ତଦନ୍ତ ରିପୋର୍ଟ ଲେଖିକି ଦେବି ବୋଲି କହିଥିଲେ । କେବେ ଦେବେ ବୋଲି ଗ୍ରାମବାସୀ ପଚାରିବାରୁ ସମୟ କଥା କହିପାରିବି ନାହିଁ ବୋଲି ଉତ୍ତର ଦେଇଥିଲେ । ତେଣୁ ବିଡିଓଙ୍କ ବାରମ୍ବାର ଏଭଳି ଉତ୍ତରରେ ଗ୍ରାମବାସୀ ଅତିଷ୍ଠ ହୋଇ ବିଡିଓଙ୍କ କାର୍ଯ୍ୟାଳୟ ଆଗରେ ଆମରଣ ଅନଶନରେ ବସିବାକୁ ନିଷ୍ପତ୍ତି ନେଇଥିବା ଜଣାପଡିଛି । ଆସନ୍ତା ନଭେମ୍ବର ୩ ତାରିଖ ମଧ୍ୟରେ ଅଭିଯୋଗର ସମାଧାନ ନ ହେଲେ ନଭେମ୍ବର ୪ ତାରିଖଠାରୁ ବିଡ଼ିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପଞ୍ଚାୟତବାସୀ ଆମରଣ ଅନଶନ ଆରମ୍ଭ କରିବେ ବୋଲି ବିଡିଓଙ୍କୁ ଲିଖିତ ଭାବେ ଜଣାଇଛନ୍ତି ।

## ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ




ଡେରାବିଶ,୨୭।୧୦(ସମିସ): ଡେରାବିଶ ବ୍ଲକ୍ ରତାଦିଆ ଖଣ୍ଡସାହି ପଞ୍ଚାୟତ ଅନ୍ତର୍ଗତ ରତାଦିଆ ଖଣ୍ଡସାହି ହାଇସ୍କୁଲ ପରିସରରେ ହାଟବାଣପୁର ଉନ୍ନିତ ପ୍ରାଥମିକ ବିଦ୍ୟାଳୟ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବକୁ ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ ଖଗେଶ୍ୱର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ମୁଖ୍ୟବକ୍ତା ଭାବେ ଚାନ୍ଦୋଳ ମହାବିଦ୍ୟାଳୟର ଅଧ୍ୟକ୍ଷ ଅକ୍ଷୟ ବଳ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ସଚିକାନ୍ତ ମିଶ୍ର, ରତାଦିଆଖଣ୍ଡସାହି ସରପଞ୍ଚ ଶିଶିର ସାମଲ, ଅଧ୍ୟାପକ ଦିବ୍ୟ କୁମାର ଦାସ, ଶିକ୍ଷାବିତ ଲଲାଟ କିଶୋର ଭୂୟାଁ, ନବକିଶୋର ମିଶ୍ର, ସୁଜାତା ସାହୁ, ଜିତେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ । ଏହି ସାଧନ କେନ୍ଦ୍ର ଅଧୀନ ୯ଟି ବିଦ୍ୟାଳୟ ଓ ଚାନ୍ଦୋଳ କଲେଜର ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦେଇ ପ୍ରବନ୍ଧ, ତର୍କ, କୁଇଜ, ସୃଜନଶୀଳ ଲିଖନ, ନୃତ୍ୟ ଓ ସଙ୍ଗୀତ ଆଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଦ୍ୱିତୀୟ ଅଧିବେଶନ ତଥା ପୁରସ୍କାର ବିତରଣୀ ସଭାରେ ମୁଖ୍ୟଅତିଥି ଭାବେ ବିଆରସିସି ଦେବଦତ୍ତ ଶତପଥୀ, ମୁଖ୍ୟବକ୍ତା ଭାବେ ପଞ୍ଚସଖା ଶିକ୍ଷା ସେତୁ ସଭାପତି ନିବେଦିତା ଦ୍ୱିବେଦୀ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ । ଉଭୟ ଅଧିବେଶନରେ ପ୍ରଧାନ ଶିକ୍ଷୟିତ୍ରୀ ଜୁଲି ମଲିକ ସଭାପତିତ୍ୱ କରିଥିବାବେଳେ ବରିଷ୍ଠ ଶିକ୍ଷକ ରଘୁନାଥ ଦାଶ ଅତିଥି ପରିଚୟ ପ୍ରଦାନ କରିବା ସହିତ ମଞ୍ଚ ପରିଚାଳନା କରିଥିଲେ । ପ୍ରଥମ ଅଧିବେଶନରେ ଶିକ୍ଷକ ତୁଷାରକାନ୍ତ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲାବେଳେ ଦ୍ୱିତୀୟ ଅଧିବେଶରେ ଶିକ୍ଷକ ନାରାୟଣ ପ୍ରସାଦ ରଥ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସାଧନକେନ୍ଦ୍ର ସଂଯୋଜକ ନିର୍ମଳ ଜେନା ପରିଚାଳନା କରିଥିବାବେଳେ ସାଧନକେନ୍ଦ୍ର ସଂଯୋଜକ ପ୍ରମୋଦ ମଲ୍ଲ, ବିଶ୍ୱଜିତ ମୁଦୁଲି, ତ୍ରିଲୋଚନ ମଲିକ, ମନୋଜ ନାୟକ ପ୍ରମୁଖ ସହଯୋଗ କରିଥିଲେ । ସମସ୍ତ ପ୍ରତିଯୋଗିତାକୁ ବିଦ୍ୟାଳୟର ଶିକ୍ଷୟିତ୍ରୀ ପ୍ରିୟଙ୍କା ଦାସ, ପ୍ରିୟଙ୍କା ରାଉତ, ଗାୟତ୍ରୀ ରାଉତ, ରିନା ସାହୁ, ପିଙ୍କିନା ସାହୁ, କିରଣବାଳା ହାଁସଦା, ଧରିତ୍ରୀ ମିଶ୍ର, ପ୍ରିୟବ୍ରତ ରଥ ପ୍ରମୁଖ ପରିଚାଳନା କରିଥିଲେ ।

## ରାଜନଗର ବ୍ଲକ୍ ପ୍ରଶାସନର ପ୍ରସ୍ତୁତି ବୈଠକ

ରାଜନଗର,୨୭।୧୦(ସମିସ): ରାଜନଗର ବ୍ଲକ୍‌ର ସମୁଦ୍ର କୂଳବର୍ତ୍ତୀ ଅଞ୍ଚଳରେ ଲୋକଙ୍କୁ ବାତ୍ୟା ମୋନ୍ଥା ଦାଉରୁ ସୁରକ୍ଷା ଦେବା ପାଇଁ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆୟାର ରାଜନଗର ବ୍ଲକ ଓ ତହସିଲ ପ୍ରଶାସନକୁ ସଜାଗ ରହିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ବଙ୍ଗୋପସାଗରରେ ସୃଷ୍ଟ ବାତ୍ୟା ମୋନ୍ଥା ଏବେ ଗୋପାଳପୁରଠାରୁ ୫୫୦ କିଲୋମିଟର ଦୂରରେ ସମୁଦ୍ରରେ ବଳ ଗୋଟାଇ ସ୍ଥଳଭାଗ ଆଡକୁ ମାଡ଼ିଆସୁଛି । ବାତ୍ୟା ପ୍ରଭାବରେ ସାଧାରଣ ଲୋକଙ୍କୁ ଯେପରି କୌଣସି କ୍ଷତି ନ ହେବ, ସେନେଇ ଆଜି ରାଜନଗର ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।

ବିଡିଓ ଅନିରୁଦ୍ଧ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପଞ୍ଚାୟତ ସମିତି



ଅଧ୍ୟକ୍ଷା ପ୍ରତିଭା ପାତ୍ର, ତହସିଲଦାର ଯୀଶୁକୃଷ୍ଣ ଦାସ ପ୍ରମୁଖ ଉପସ୍ଥିତ ରହି ବାତ୍ୟା ପାଇଁ ସମସ୍ତ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରାଯିବ ସହ ବ୍ଲକ୍‌ରେ ଥିବା ୪୫ଟି ବାତ୍ୟା ଆଶ୍ରୟସ୍ଥଳୀକୁ ପ୍ରସ୍ତୁତ ରଖିବାକୁ କହିଥିଲେ । ବୈଠକରେ ଉପସ୍ଥିତ ଥିବା ସମସ୍ତ ସରପଞ୍ଚ, ସମିତି ସଭ୍ୟ ଓ ଲୋକ ପ୍ରତିନିଧି ଜାଗ୍ରତ ରହିବାକୁ ପରାମର୍ଶ ଦିଆଯାଇଛି । ରାଜନଗର ବ୍ଲକ୍ ସମୁଦ୍ର କୂଳଠାରୁ ଦେଢ କିଲୋମିଟର ଦୂରରେ ୪୭ଟି ଗାଁ ରହିଛି । ଆଜି ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ଲୋକଙ୍କୁ ସଚେତନତା କରାଯାଇଛି । ବାତ୍ୟା ମୋନ୍ଥା ୨୮ ତାରିଖରେ ରାତିରେ ଆନ୍ଧ୍ରପ୍ରଦେଶର କାକିନାଡ଼ ପାଖରେ ସ୍ଥଳଭାଗ ଛୁଇଁବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ଲୁଣା ଜଙ୍ଗଲ ଉପରେ ପ୍ରଶିକ୍ଷଣ ନେଲେ ୨୮ ଏସ୍‌ଏଫ୍‌ଏସ୍



ରାଜନଗର,୨୭।୧୦(ସମିସ): ସେଣ୍ଟ୍ରାଲ ଏକାଡେମୀ ଫର୍ ଷ୍ଟେଟ ଫରେଷ୍ଟ ସର୍ଭିସ୍, ଡେରାଡୁନର ୨୮ ଜଣ ଏସ୍‌ଏଫ୍‌ଏସ୍ ପ୍ରଶିକ୍ଷାର୍ଥୀ ଭିତରକନିକା ଜାତୀୟ ଉଦ୍ୟାନ ପରିଦର୍ଶନରେ ଆସି ବଉଳା କୁମ୍ଭୀର, ଲୁଣା ଜଙ୍ଗଲ ଓ ଏହାର ବିବିଧତା ସମ୍ବନ୍ଧରେ ପ୍ରଶିକ୍ଷଣ ନେଇଛନ୍ତି । ରାଜନଗର ବନଖଣ୍ଡ ଅଧିକାରୀ ବର୍ଦ୍ଧରାଜ ଗାଓଁକର, ସହକାରୀ ବନ ସଂରକ୍ଷକ ମାନସ କୁମାର ଦାସ ଓ ରିସର୍ଚ୍ଚ ଆସିଷ୍ଟାଣ୍ଟ ପ୍ରସନ୍ନ ନାୟକ ଆସିଥିବା ଏସ୍‌ଏଫ୍‌ଏସଙ୍କୁ ଭିତରକନିକା ଘଞ୍ଚ ଜଙ୍ଗଲ ଭିତରେ ଦୁଃସାହସିକ ଯାତ୍ରା କରିବା ସମୟରେ କିଙ୍ଗ୍ କୋବ୍ରା ସହିତ ଅନ୍ୟାନ୍ୟ ସାପ, ହେଟାବାଘ, ଝିଙ୍କ ପକ୍ଷୀ, ଚିତାବିରାଡି, ହରିଣ, ବାହା, ବଉଳା କୁମ୍ଭୀର, ଦେଶୀ ଓ ବିଦେଶାଗତ ପକ୍ଷୀଙ୍କ ସମ୍ପର୍କରେ ପ୍ରଶିକ୍ଷଣ ଦେବା ସହିତ ଭିତରକନିକା ଜାତୀୟ ଉଦ୍ୟାନ, ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ଡଲଫିନ ଓ ଅଲିଭରିଡଲେ କଇଁଛ କାଳୀଭଞ୍ଜଡିଆ ଦ୍ୱୀପ ସମେତ ଭିତରକନିକାର ବିରଳ ଲୁଣାବୃକ୍ଷ ସମ୍ବନ୍ଧରେ ତଥ୍ୟ ସଂଗ୍ରହ କରିଛନ୍ତି । ଭାରତର ଦ୍ୱିତୀୟ ବୃହତ୍ତମ ଲୁଣା ଜଙ୍ଗଲର ବୈଶିଷ୍ଟ, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଉପକୂଳବର୍ତ୍ତୀ ଧନଜୀବନ ସୁରକ୍ଷା କ୍ଷେତ୍ରରେ ଲୁଣା ଜଙ୍ଗଲର ଅମୂଲ୍ୟ ଅବଦାନ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଜ୍ଞାନ ଆହରଣ କରିଛନ୍ତି । ଏହି କାର୍ଯ୍ୟକ୍ରମ ସକାଳ ୧୦ ଘଣ୍ଟାରୁ ଆରମ୍ଭ ହୋଇ ପ୍ରାୟ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଚାଲିଥିଲା ।

**THE ORISSA MINERALS DEVELOPMENT COMPANY LTD.**
CIN: L65993OR1927GOI034842
Registered office: Plot No. 271, Ground Floor, Bidyut Marg, Shastri Nagar, Unit-IV, Bhubaneswar, Odisha-751001
Tel. No. 0674-2391595, website: www.birdgroup.co.in
Email: omdc.sec.dept@gmail.com

**NOTICE OF 107 ANNUAL GENERAL MEETING AND E-VOTING INFORMATION**

This Notice is published in supersession of the earlier Notice published on 27th October, 2025, in respect of convening of 107th Annual General Meeting of The Orissa Minerals Development Company Limited through video conferencing/ other audio visual means.

In this regards Notice is hereby given that the 107th Annual General Meeting (AGM) of The Orissa Minerals Development Company Limited (the 'Company') will be held on Tuesday, 18th November, 2025 at 11:00 A.M. IST through video conferencing (VC)/other audio-visual means (OAVM), to transact the business as set out in the Notice.

In compliance with the provisions of the Companies Act, 2013 read with circulars issued by Ministry of Corporate Affairs and SEBI, from time to time, the Notice of 107th AGM and Annual Report containing the financial statements for FY 2024-25, Auditors' Report thereon, Board's Report and other documents, have been sent through e-mails on 27th October 2025, to all the Members, whose e-mail IDs are registered with the Company/Depository Participant (DP). The said documents are also available on the Company's website i.e. www.birdgroup.co.in websites of stock exchanges i.e. www.bseindia.com and www.nseindia.com and on the website of NSDL at www.evoting.nsdl.com.

Further, the Company has engaged National Securities Depository Limited (NSDL) to enable the members of the Company to attend the said AGM through VC/OAVM and to cast votes electronically, in respect of the businesses to be transacted at 107th AGM of the Company. Members of the Company holding shares either in physical form or in dematerialized form as on the Cut-off date i.e. 10th November, 2025 may cast their vote electronically in respect of business to be transacted at the AGM. The remote e-voting platform will be open for voting from Friday, 14th November, 2025(09:00 AM) to Monday, 17th November, 2025 (05:00 PM). Remote e-voting module shall be disabled by NSDL for voting thereafter. Those members, who do not cast their vote on the resolutions through remote e-voting during the above period and are otherwise not barred from doing so, shall be eligible to vote through e-voting system during the AGM.

Members who have not registered their email address or who becomes a member of the Company after dispatch of the Notice of AGM and holds shares as on the Cut-Off date, are requested to register the same with the Depository through their Depository Participant(s) in case the shares are held in electronic form and in case of shares held in physical form, with the Company's Registrar and Share Transfer Agent i.e. M/s CB Management Services Private Limited, Email: rta@cbmsl.com. Any person whose e-mail ID is not registered with the Company/DP may obtain the user Id and password for e-voting by sending a request at evoting@nsdl.co.in. However, if the member is already registered with NSDL / Remote e-voting, he/she can use his/her existing user id and Password for casting the vote. Further. Members who have cast their vote by remote e-voting may attend the AGM, but shall not be entitled to vote again at the AGM.

In case of any queries, Members may refer to the Frequently Asked Questions (FAQs) for shareholders and e-voting user manual available at the download section of NSDL website i.e. www.evoting.nsdl.com or refer to the instructions as mentioned in the Notice of 107th AGM.

**Book Closure:**
Notice is given pursuant to Section 91 of the Companies Act, 2013 and Regulation 42 of SEBI (LODR) Regulations. 2015 that the Register of Members and Share Transfer Books of the company will remain closed from 11th November 2025 to 17th November 2025 (both days inclusive) for the purpose of ensuing 107th AGM of the Company.

**Attending AGM through VC / OAVM:**
Members will be provided with a facility to attend the AGM through VC/OAVM through the NSDL e-Voting system. Members may access by following the steps mentioned for "Access to NSDL e-Voting system" in Notes to Notice. After successful login, with login credentials, Member can see link of "VC/OAVM" placed under "Join meeting" menu against Company name. Members are requested to click on VC/OAVM link placed under Join Meeting menu. The link for VC/OAVM will be available in Shareholders/Member login where the EVEN of Company will be displayed.

**Member Speaker Registration:**
Members who would like to express their views/ask questions during the 107th AGM may register themselves as a speaker and may send this request from 14th November 2025 (9.00 a.m. IST) to 16th November 2025 (5.00 p.m. IST) mentioning their name, DP ID and Client ID, Folio number, email id, mobile number at: omdc.sec.dept@gmail.com.

By the Order of the Board
Sd/-
**Pintu Kumar Biswal**
Company Secretary & Compliance Officer

**Place:** Bhubaneswar
**Date:** 27.10.2025

ମିଳିତ ଜନଅଭିଯୋଗ ଶୁଣାଣି ଶିବିର

# ୧୧୬ଟି ଅଭିଯୋଗର ଶୁଣାଣି କଲେ ପ୍ରଶାସନ

ପଟ୍ଟାମୁଣ୍ଡାଇ,୨୭।୧୦(ସମିସ):




ଆଜି ପଟ୍ଟାମୁଣ୍ଡାଇ ବ୍ଲକ୍ ସମ୍ମିଳନୀ କକ୍ଷରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ ଏସପିଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାର, ଏସପି ସିଦ୍ଧାର୍ଥ କଟାରିଆ, ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଅଜାମ୍ବର ମହାନ୍ତି, ଉପଜିଲ୍ଲାପାଳ ଅରୁଣ ନାୟକ, ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକ, ବ୍ଲକ୍ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ଓ ବିଡିଓ ଶୀତଲ ଅଗ୍ରୱାଲ, ସହକାରୀ ଜିଲ୍ଲାପାଳ ତୃପ୍ତି ମହାନ୍ତି ପ୍ରମୁଖ ଯୋଗଦେଇ ଜନସାଧାରଣଙ୍କ ୧୧୬ଟି ଅଭିଯୋଗ ଶୁଣିଥିଲେ ।

ପଟ୍ଟାମୁଣ୍ଡାଇ ବ୍ଲକ୍ ଅଧ୍ୟକ୍ଷ ଶ୍ରୀ ସାମନ୍ତରାୟ ପଟ୍ଟାମୁଣ୍ଡାଇ-ରାଜନଗର ବିଆରଏଫଇ ରାସ୍ତାର ଅଳଭାଠାରୁ ଶାସନ ପର୍ଯ୍ୟନ୍ତ ୪କିମି ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ତୁରନ୍ତ ମରାମତି ପାଇଁ ଦାବି କରି ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ବଳଭଦ୍ରପୁର ସରପଞ୍ଚ ପ୍ରିୟବ୍ରତ ଓଝା ଓ ଶାସନ ସରପଞ୍ଚ ସଂଗ୍ରାମ ବାରିକ ବନ୍ୟାରେ କ୍ଷତିଗ୍ରସ୍ତ ରାସ୍ତା, ବିଦ୍ୟୁତ ଖୁଣ୍ଟ ମରାମତି ସହ ବିଶୁଦ୍ଧ ପାନୀୟଜଳ ଓ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ଦାବିପତ୍ର ପ୍ରଦାନ କରିଥିଲେ । ବଡ଼ମୂଳବସନ୍ତ ସରପଞ୍ଚ ସନ୍ତୋଷ ସେଠୀ ନପଙ୍ଗ-ବାଟିପଡ଼ା ଅଙ୍ଗନବାଡି କେନ୍ଦ୍ରର ଉନ୍ନତିକରଣ, ନପଙ୍ଗ-କାଚରାଗଡା ଶ୍ମଶାନ ଓ ୧୪ନଂ କେନାଲ ଉପରେ କଂକ୍ରିଟ ପୋଲ ନିର୍ମାଣ ପାଇଁ ପଦକ୍ଷେପ ନେବାକୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ମାଳିପୁର ଛକରୁ ଜବରଦଖଲ ହଟାଇବା ପାଇଁ ଶ୍ରୀରାମପୁର ଶ୍ରୀରାମ ଫାଉଣ୍ଡେସନ ଅଧ୍ୟକ୍ଷ ଉତ୍ତମ ଖୁଣ୍ଟିଆ, ଶ୍ରୀରାମପୁର ସରପଞ୍ଚ ସସ୍ମିତା ସେଠୀ ଓ ବଳଭଦ୍ରପୁର ସରପଞ୍ଚ ପ୍ରିୟବ୍ରତ ଓଝା ପ୍ରମୁଖ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ପକ୍ଷରୁ ସଭାପତି କାଉନସିଲର ଗୋପୀବଲ୍ଲଭ ନାୟକ, ସମ୍ପାଦକ ଗୋପୀନାଥ ତ୍ରିପାଠୀ ପଟ୍ଟାମୁଣ୍ଡାଇ କୃଷି ସମବାୟ ସମିତିକୁ କାର୍ଯ୍ୟକ୍ଷମ କରି କୃଷକଙ୍କୁ ସହାୟତା କରିବା, ପଟ୍ଟାମୁଣ୍ଡାଇ ଅଞ୍ଚଳର ସ୍କୁଲ କଲେଜରେ ଖାଲିଥିବା ଶିକ୍ଷକ ଓ ଅଧ୍ୟାପକ ପଦବୀ ପୂରଣ କରିବା, ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ନିର୍ମାଣ ହୋଇ ନ ଥିବା ଅଙ୍ଗନବାଡି ଗୃହ ନିର୍ମାଣ ଦିଗରେ ପଦକ୍ଷେପ ନେବା ଆଦି ବିଭିନ୍ନ ଦାବି ସମ୍ବଳିତ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ । ଏହି ମିଳିତ ଜନଶୁଣାଣି ଶିବିରରେ ଆଗତ ୧୧୬ ଅଭିଯୋଗ ଉପରେ ତତ୍କାଳ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦିଆଯାଇଥିଲା । ଏହି ଜନଶୁଣାଣି ଶିବିରରେ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡା. ମନୋରଞ୍ଜନ ରାଉତ, ଜିଲ୍ଲା କୃଷି ଅଧିକାରୀ ଦେବଦାସ ନାୟକ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଶଶାଙ୍କ ଶେଖର ସାହୁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେହେରା, ଜିଲ୍ଲା ଶିଶୁ ମଙ୍ଗଳ ଅଧିକାରୀ ସୁଷମା ମହାନ୍ତି, ଗ୍ରାମ୍ୟ ପାନୀୟଜଳ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ବସନ୍ତ ନାୟକ, ପଟ୍ଟାମୁଣ୍ଡାଇ ଏସଡିପିଓ କ୍ଷମାସାଗର ପଣ୍ଡା, ପଟ୍ଟାମୁଣ୍ଡାଇ ବ୍ଲକ୍ ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ଅତିରିକ୍ତ ବିଡିଓ ନନ୍ଦିନୀ ଶତପଥୀ, ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର, ଗ୍ରାମାଞ୍ଚଳ ଥାନା ଆଇଆଇସି ଶ୍ରୀକାନ୍ତ ବାରିକ, ସବଡିଭିଜନ ହସ୍ପିଟାଲ ମୁଖ୍ୟ ଚିକିତ୍ସାଧିକାରୀ ଡା ନିରାକାର ପରିଡା, ଗ୍ରାମ୍ୟ ଉନ୍ନୟନ ସହକାରୀ ନିର୍ବାହୀ ଯନ୍ତ୍ରୀ ଲକ୍ଷ୍ମୀକାନ୍ତ ରାଉତ, ସହକାରୀ ଯନ୍ତ୍ରୀ ସୁବାସ ଆଟୋଇ, ଜଳସମ୍ପଦ ସହକାରୀ ଯନ୍ତ୍ରୀ ମନୋରଞ୍ଜନ ସାହୁ, ବିଦ୍ୟୁତ ବିଭାଗ ସହକାରୀ ଯନ୍ତ୍ରୀ ସ୍ମୃତିରଞ୍ଜନ ରଥ, ବ୍ଲକ ସହକାରୀ ଯନ୍ତ୍ରୀ ବିନୟ ମିଶ୍ର ଓ ପ୍ରସନ୍ନ ରାଉତ, ପୂର୍ତ୍ତ ବିଭାଗ ସହନିର୍ବାହୀ ଯନ୍ତ୍ରୀ କୃପାସିନ୍ଧୁ ଧଳ, ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ଯନ୍ତ୍ରୀ ସୁଦାମ ସାହୁ, ବ୍ଲକ୍ ଉଦ୍ୟାନ କୃଷି ଅଧିକାରୀ ସୌମ୍ୟରଞ୍ଜନ ସେଠୀ, ସିଡିପିଓ ଲକ୍ଷ୍ମୀମଣି ସିଂ, ଯୋଗାଣ ନିରୀକ୍ଷକ ପୁଷ୍ପଲତା ଗାହାଣ, ବ୍ଲକ୍ ସହକାରୀ ଶିକ୍ଷା ଅଧିକାରିଣୀ ସୁନିତୀ ଦାଶ ପ୍ରମୁଖ ଜିଲ୍ଲା ଓ ବ୍ଲକ୍‌ସ୍ତରୀୟ ପ୍ରଶାସନିକ ଅଧିକାରୀ ଯୋଗ ଦେଇ ଜନସାଧାରଣଙ୍କ ଅଭିଯୋଗ ଶୁଣିଥିଲେ ।

## ମହିଳାଙ୍କ ଭ୍ୟାନିଟିରୁ ସୁନା ଅଳଙ୍କାର, ଟଙ୍କା ଚୋରି

ବ୍ରହ୍ମପୁର,୨୭ ।୧୦(ସମିସ): ଘରେ କେହି ନଥିବା ବେଳେ ଜଣେ ମହିଳାଙ୍କ ଭ୍ୟାନିଟିରୁ ୩୦ ଗ୍ରାମ ଓଜନର ସୁନା ଅଳଙ୍କାର ଓ ନଗଦ ୫ ହଜାର ଟଙ୍କା ଚୋରି ହୋଇଛି । କୌଣସି ଦୁର୍ବୃତ୍ତ ଟଙ୍କା ଓ ସୁନା ଚୋରି କରିବା ପରେ ଉକ୍ତ ଭ୍ୟାନିଟିକୁ ଘର ବାହାରେ ଫିଙ୍ଗି ଚମ୍ପଟ ମାରିଛି । ଏହି ଘଟଣାକୁ ନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ରାମନଗର ୨ୟ ଗଳିରେ ରହୁଥିବା ରଶ୍ମିତା ବେହେରା ଓ ତାଙ୍କ ପିଲାମାନେ କୌଣସି କାମରେ ବାହାରକୁ ଯାଇଥିବା ବେଳେ ଘରେ ତାଲା ପଡିଥିଲା । ହେଲେ ସେହି ତାଲାର ଚାବି ଝରକା କୋଣରେ ରଖାଯାଇଥିଲା । ଏହାର ସୁଯୋଗ ଦେଇ କୌଣସି ଦୁର୍ବୃତ୍ତ ଘରର ଚାବି ବାହାର କରି ତାଲା ଖୋଲିବା ପରେ ଭିତରକୁ ପଶି ଭ୍ୟାନିଟରେ ଥିବା ୩୦ ଗ୍ରାମ ଓଜନର ଗୋଟିଏ ଚେନ୍ ଓ ନଗଦ ୫ହଜାର ଟଙ୍କା ନେଇ ଯାଇଥିଲେ । ରଶ୍ମିତା ଘରକୁ ଫେରିବା ପରେ ଭ୍ୟାନିଟ ଗାଏବ ଥିବା ଦେଖି ସବୁଆଡେ ଖୋଜାଖୋଜି କରିଥିଲେ । ହେଲେ ଘରେ ତାଙ୍କ ଭ୍ୟାନିଟ ମିଳିନଥିଲା । ବହୁ ଖୋଜାଖୋଜି ପରେ ଭ୍ୟାନିଟଟି ଘରର ପଛପଟେ ପଡିଥିବା ସେ ଦେଖିଥିଲେ । ତା' ଭିତରୁ ସମସ୍ତ ସାମଗ୍ରୀ ଚୋରି ହୋଇଯାଇଥିବା ଜାଣିବା ପରେ ସେ ଥାନାକୁ ଯାଇ ଅଭିଯୋଗ କରିଥିଲେ ।

## ଆକ୍ରମଣ ମାମଲାରେ ଜଣେ ଗିରଫ

ବ୍ରହ୍ମପୁର,୨୭ ।୧୦(ସମିସ): ପେଟ୍ରୋଲ ଚୋରି ସମ୍ବନ୍ଧରେ ପଚାରିବାରୁ ଜଣେ ଯୁବକଙ୍କୁ ଆକ୍ରମଣ କରିବା ଅଭିଯୋଗରେ ଗୋଶାଣୀନୂଆଁ ଗାଁ ଥାନା ପୁଲିସ କେ. ରାମକୃଷ୍ଣ ପାତ୍ର(୫୭)ଙ୍କୁ ଗିରଫ କରିଛି । ଏହି ଆକ୍ରମଣରେ ସଂପୃକ୍ତ ଥିବା ରାମକୃଷ୍ଣଙ୍କ ପୁଅ ସୁନୀଲ ପାତ୍ର ଫେରାର ଥିବା କୁହାଯାଉଛି । ସୂଚନାପ୍ରକାରେ, ଆଜକୁ ୨ଦିନ ତଳେ ମାଣ୍ଡିଆପଦର ସାହିର ସାଗର ସାହୁଙ୍କ ଭାଇ ବାଇକରୁ ବହୁମାତ୍ରାରେ ପେଟ୍ରୋଲ ଚୋରି ହୋଇ ଯାଇଥିଲା । ଅଭିଯୁକ୍ତ ସୁନୀଲ ପେଟ୍ରୋଲ ଚୋରି କରିଥିବା ସନ୍ଦେହ କରି ଆଜି ସକାଳ ୯ଟା ବେଳେ ଡାମଣା ସାହିରେ ସାଗର ତାଙ୍କୁ ଚୋରି ସମ୍ବନ୍ଧରେ ପଚାରିଥିଲା । ଏଥିରେ ସୁନୀଲ ଉତକ୍ଷିପ୍ତ ହୋଇ ସାଗରଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ । ଏହାଦେଖି ସୁନୀଲଙ୍କ ବାପା ରାମକୃଷ୍ଣ ସେଠାରେ ପହଞ୍ଚି ବୁଝାସୁଝା କରିଥିଲେ । ଏହାର କିଛି ସମୟପରେ ରାମକୃଷ୍ଣ ଓ ତାଙ୍କ ପୁଅ ସୁନୀଲ ମିଳିତଭାବେ ସାଗରଙ୍କୁ ଟଣାଓଟରା କରିବା ସହ ଆକ୍ରମଣ କରିଥିଲେ । ଘଟଣାକୁ ନେଇ ସାଗର ଗୋଷାଣୀନୂଆଗାଁ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା । ଆଜି ରାମକୃଷ୍ଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି ।

## ଆୟୁସିଏନ୍ କଂଗ୍ରେସରେ ଯୋଗ ଦେଲେ ଶିବାନୀ ପାଢ଼ୀ

ବ୍ରହ୍ମପୁର,୨୭ ।୧୦(ସମିସ): ବ୍ରହ୍ମପୁର ଗଣେଶ ନଗର ନିବାସୀ କୃଷ୍ଣଚନ୍ଦ୍ର ପାଢ଼ୀ ଓ ସସ୍ମିତା ମିଶ୍ରଙ୍କ ଏକମାତ୍ର କନ୍ୟା ଶିବାନୀ ପାଢ଼ୀ ନିକଟରେ ଆବୁଧାବିରେ ଆୟୋଜିତ ଆୟୁସିଏନ୍ ଫାଲ୍ଡ଼ କନ୍ସର୍ଭେସନ କଂଗ୍ରେସ୍ ୨୦୨୫ରେ ଯୋଗ ଦେଇଥିଲେ । ସେ ଚେଞ୍ଜ ମେକର ବିଭାଗରେ ଭାରତ ପକ୍ଷରୁ ଏକମାତ୍ର ଯୁବ ପ୍ରତିନିଧି ଭାବେ ଯୋଗଦେଇ ଟାଟା ବେଞ୍ଜ ଛକ ସ୍ଥିତ ଏକ ମଣ୍ଡପରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀ କହିଛନ୍ତି । ଇଣ୍ଟରନ୍ୟାସନାଲ ୟୁନିଅନ୍ ଫର୍ କନ୍ଜରଭେସନ ଅଫ ନେଚର୍ ହେଉଛି ପୃଥିବୀର ସବୁଠାରୁ ବଡ଼ ପରିବେଶ ସଂଗଠନ ଓ ଆୟୁସିଏନ୍ କଂଗ୍ରେସ ଯାହା କି ପ୍ରତି ୪ବର୍ଷରେ ଥରେ ହୁଏ । ଯେଉଁଠି ପ୍ରାୟ ୧୬୦ଟି ଦେଶର ପରିବେଶ ବିଜ୍ଞାନୀ, ନୀତିନିର୍ଦ୍ଧେଶକ ଏବଂ ଯୁବ ନେତାମାନେ ପୃଥିବୀ ସୁରକ୍ଷା ଓ ଉନ୍ନୟନ ପାଇଁ ଏକତ୍ର ହୋଇଥାନ୍ତି । ଏହି ସମ୍ମିଳନୀରେ ବିଶ୍ୱର ୧୫ ଜଣ 'ୟଙ୍ଗ ଚେଞ୍ଜମେକର୍' ମଧ୍ୟରୁ ଭାରତ ଦେଶରୁ ଶିବାନୀ ଏକମାତ୍ର ଭାବେ ଚୟନ ହୋଇଥିଲେ । ଯେଉଁଠାରେ ଶିବାନୀ ନିଜର ନବୀନତମ ପ୍ରକଳ୍ପ 'ପ୍ରୋଜେକ୍ଟ ଡଲଫିନ' ଉପସ୍ଥାପନ କରିଥିବା ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି । ଆଗାମୀ ଦିନରେ ଅଭିଜ୍ଞତା ଓ ଶିକ୍ଷଣକୁ ଓଡ଼ିଶାର ଯୁବମାନଙ୍କ ସହିତ ସେୟାର୍ କରି ଏହି ପରିବେଶ ଅଭିଯାନକୁ ଆହୁରି ଆଗକୁ ନେବା ଲକ୍ଷ୍ୟ ଥିବା ଶିବାନୀ କହିଛନ୍ତି ।



### ବ୍ରହ୍ମପୁର ମହାନଗର ନିଗମର ମନ୍ଥା ମୁକାବିଲା ପ୍ରସ୍ତୁତି

# ୨୨ ବାତ୍ୟାଶ୍ରୟସ୍ଥଳୀ କାର୍ଯ୍ୟକ୍ଷମ, ୯୦୫ ସ୍ଥାନାନ୍ତର

ବ୍ରହ୍ମପୁର,୨୭ ।୧୦(ସମିସ)

ବାତ୍ୟା 'ମୋନ୍ଥା'ର ମୁକାବିଲା ଲାଗି ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ବିଭିନ୍ନ ପ୍ରସ୍ତୁତି କରାଯାଇଛି । ସୋମବାର ପୂର୍ବାହ୍ନରେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ, ମହାନଗର ନିଗମ ଆୟୁକ୍ତ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ବିଜୁ କଲ୍ୟାଣ ମଣ୍ଡପ ଏବଂ କମାପଲ୍ଲୀ ଶିବ ମନ୍ଦିର କଲ୍ୟାଣ ମଣ୍ଡପରେ ହୋଇଥିବା ବାତ୍ୟା ଆଶ୍ରୟସ୍ଥଳ ପରିଦର୍ଶନ କରିଥିଲେ । ଗଜପତି ନଗର ଜଳବନ୍ଦୀ ପ୍ରବଣ ଅଞ୍ଚଳ ପରିଦର୍ଶନ କରି ତଦାରଖ କରିଥିଲେ । ଅନ୍ୟପକ୍ଷରେ ନିଗମ ଦ୍ୱାରା ୨୨ଗୋଟି ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳୀ କାର୍ଯ୍ୟକ୍ଷମ ହେଉଛି । ସୋମବାର ପ୍ରଥମ ପର୍ଯ୍ୟାୟରେ ୯୦୫ଜଣଙ୍କୁ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର ଜାରି ରହିଛି । ପ୍ରତି ଆଶ୍ରୟସ୍ଥଳୀରେ ତିନୋଟି ସିଫ୍ଟରେ କର୍ମଚାରୀ କାମ କରିବେ ବୋଲି ଜଣାପଡ଼ିଛି । ସେସବୁ ସ୍ଥାନରେ ଆଲୋକ, ପାନୀୟ ଜଳ, ଶୁଖିଲା ଖାଦ୍ୟ, ରନ୍ଧା ଖାଦ୍ୟ, ଫାଷ୍ଟଏଡ୍ କିଟ୍, ସାନିଟାରୀ ପ୍ୟାଡ୍, ମଶା ଧୂପ, ପାଇଖାନାର ବ୍ୟବସ୍ଥା କରାଯାଇଛି । ନଗର ନିଗମରେ ଏକ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ କାମ କରୁଛି । ଏହିକ୍ରମରେ ୭୬୦୮୮୦୪୮୦ଜରୁରୀ କାଳୀନ ନମ୍ବର ଜାରି ହୋଇଛି । ଜଳବନ୍ଦୀ ଏବଂ ରାସ୍ତା ଅବରୋଧର ସମାଧାନ ପାଇଁ ଅତିରିକ୍ତ ଯାନବାହାନ, ଯନ୍ତ୍ରପାତି, ସଫେଇ କର୍ମଚାରୀଙ୍କ ବନ୍ଦୋବସ୍ତ ହୋଇଛି । ୱାଟକୋ ଏବଂ ଅଗ୍ନିଶମ ବିଭାଗ ସହ ଲଗାତାର ସମନ୍ୱୟ ଜାରି ରହିଛି । କମିଶନରଙ୍କ ଦ୍ୱାରା ସମସ୍ତ ଜନ ପ୍ରତିନିଧି ଓ ଅଧିକାରୀଙ୍କୁ ନେଇ ପ୍ରସ୍ତୁତି ବୈଠକ କରିବା ସହ ସମସ୍ତେ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଦୁର୍ଘଟଣା ପ୍ରବଣ ଖୋଲା ଡ୍ରେନଗୁଡିକର ବ୍ୟାରିକେଡିଙ୍ଗ ଏବଂ ବୁଲା ଗାଈଗୋରୁଙ୍କ ସୁରକ୍ଷିତ ସ୍ଥାନାନ୍ତର ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବା ସହ ଜନସଚେତନତା ଜାରି ରହିଥିବା ବ୍ରହ୍ମପୁର ମହାନଗର ନିଗମର ଡେ଼ପୁଟି କମିଶନର କଲ୍ୟାଣି ସଂଘମିତ୍ରା ସୂଚନା ଦେଇଛନ୍ତି ।



## ବାତ୍ୟା ମୁକାବିଲା, ୨୨୮ ଜଣ ଗର୍ଭବତୀ ସ୍ଥାନାନ୍ତର

ବ୍ରହ୍ମପୁର,୨୭ ।୧୦(ସମିସ): ବାତ୍ୟା 'ମନ୍ଥା'କୁ ଦୃଷ୍ଟିରେ ରଖି ଗଞ୍ଜାମ ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନ ପକ୍ଷରୁ ଜିଲ୍ଲାର ବିଭିନ୍ନ ସ୍ଥାନରୁ ମୋଟ ୧୨୮ ଜଣ ଗର୍ଭବତୀ ମହିଳାଙ୍କୁ ସ୍ଥାନାନ୍ତରିତ କରାଯାଇଛି । ଏହି ଗର୍ଭବତୀ ମହିଳାମାନଙ୍କ ପ୍ରସବ ସମୟ ନିକଟତର ହୋଇଥିବା ବେଳେ ମା' ଓ ଶିଶୁଙ୍କ ସୁରକ୍ଷା ଦୃଷ୍ଟିରେ ରଖି ଏଭଳି ନିଷ୍ପତି ନିଆଯାଇଛି । ଉକ୍ତ ଗର୍ଭବତୀଙ୍କୁ ଜିଲ୍ଲାରେ ଥିବା ୪ଟି ଉପଖଣ୍ଡ ଚିକିତ୍ସାଳୟ, ୨୮ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ୯୩ଟି ପ୍ରାଥମିକ ସ୍ୱାସ୍ଥ୍ୟ ବିଭାଗରେ ଭର୍ତ୍ତି କରାଯାଇଛି । ମୋଟ ଗର୍ଭବତୀ ମହିଳାଙ୍କ ମଧ୍ୟରୁ ସୋମବାର ସନ୍ଧ୍ୟା ୭ଟା ସୁଦ୍ଧା ୮୮ଜଣଙ୍କ ପ୍ରସୂତି ପ୍ରସବ କରିଥିବା ଡିପିଏମ ବୁଲୁନାଥ ସାହୁ ସୂଚନା ଦେଇଛନ୍ତି ।

## ଏମ୍‌କେସିଜିରେ ଜିଲ୍ଲାପାଳଙ୍କ ସ୍ଥିତି ସମୀକ୍ଷା

ବ୍ରହ୍ମପୁର,୨୭ ।୧୦(ସମିସ): ବାତ୍ୟା "ମନ୍ଥା' ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ୍ ସୋମବାର ଏମକେସିଜି ମେଡ଼ିକାଲରେ ପହଞ୍ଚି ସ୍ଥିତି ସମୀକ୍ଷା କରିଛନ୍ତି । ମେଡ଼ିକାଲର ବିଭିନ୍ନ ବିଭାଗ ବୁଲିବା ସହ ବହୁ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ । ମେଡିକାଲ ପରିସରରେ "ଜଳବନ୍ଦୀ' ସ୍ଥିତିକୁ ଏଡାଇବା ସହ ପରିସରର ପ୍ରମୁଖ ଡ୍ରେନେଜ ଗୁଡ଼ିକୁ ସଫା କରିବା ପାଇଁ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଅଗ୍ନିଶମ ବିଭାଗ, ମହାନଗର ନିଗମ କର୍ତ୍ତୃପକ୍ଷଙ୍କ ସହ ବିଭିନ୍ନ ବିଭାଗର ସମନ୍ୱୟରେ ପ୍ରାକୃତିକ ବିପର୍ଯ୍ୟୟକୁ ପ୍ରତିହତ କରିବା ନେଇ ଜିଲ୍ଲା ପ୍ରଶାସନ ସଜାଗ ଥିବା ଜିଲ୍ଲାପାଳ ସୂଚନା ଦେଇଛନ୍ତି । ବାତ୍ୟା ଜନିତ ଅଘଟଣ ଏଡ଼ାଇବା ପାଇଁ ଏମକେସିଜି ମେଡ଼ିକାଲରେ ଚିକିତ୍ସିତ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ନିମନ୍ତେ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହା ସହ ରୋଗୀଙ୍କୁ ଚିକିତ୍ସା ବାଧାପ୍ରାପ୍ତ ନହେବା ପାଇଁ ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ୍ ଖୋଲିବାକୁ ଅଧିକ୍ଷକଙ୍କୁ କହିଥିଲେ । ଅନ୍ୟପକ୍ଷରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଏମକେସିଜି ମେଡିକାଲ କର୍ତ୍ତୃପକ୍ଷ ହସ୍ପିଟାଲ, ଜିଇଡି, ଟାଟା ପାୱାର ଓ ପିଏଚଇଡି ସମେତ ଅନ୍ୟାନ୍ୟ ବିଭାଗର କର୍ମଚାରୀଙ୍କୁ ନେଇ ଏକ ୨୪ଘଣ୍ଟିଆ କଣ୍ଟ୍ରୋଲ ରୁମର ବ୍ୟବସ୍ଥା କରିଛନ୍ତି । ଏହି ରୁମରେ ଥିବା ୬ଜଣିଆ ଟିମ୍ ରୋଗୀଙ୍କୁ ସଠିକ୍ ସମୟରେ ଉପଯୁକ୍ତ ସେବା ଯୋଗାଇବେ ବୋଲି ଜଣାପଡିଛି । ଜିଲ୍ଲାପାଳଙ୍କ ଗସ୍ତ ବେଳେ ବିଏମସି କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ଏମକେସିଜି ଅଧିକ୍ଷକ ପ୍ରଫେସର ଡ଼ା. ଦୁର୍ଗାମାଧବ ଶତପଥୀ, ରେଜିଷ୍ଟ୍ରାର ସଂଗ୍ରାମ ଶେଖର ପଣ୍ଡା, ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଜି. କାମେଶ୍ୱର୍ ରାଓ, ଡିପିଏମ୍ ବୁଲୁ ନାଥ ସାହୁ, ଅଗ୍ନିଶମ ବିଭାଗର ଅଧିକାରୀ ଠାକୁର ପ୍ରସାଦ ଦଳାଇଙ୍କ ସମେତ ଏମକେସିଜି ମେଡ଼ିକାଲର ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ ।



## 'ମୋନ୍ଥା' ଉଜାଡ଼ିବ ଧାନ ଫସଲ

ବ୍ରହ୍ମପୁର/ଛତ୍ରପୁର,୨୭ ।୧୦ (ସମିସ): ବାତ୍ୟା ମନ୍ଥା ପ୍ରଭାବରେ ଗଞ୍ଜାମ ଜିଲ୍ଲାରେ ସୋମବାର ପୂର୍ବାହ୍ନରୁ ବର୍ଷା ଆରମ୍ଭ ହୋଇଛି । ଜିଲ୍ଲାର ବିଭିନ୍ନ ସ୍ଥାନରେ ମୂଷଳ ଧାରାରେ ବର୍ଷା ସହିତ ପବନ ମଧ୍ୟ ଜାରି ରହିଛି । ଆସନ୍ତା ଦୁଇଦିନ ମଧ୍ୟ ଜିଲ୍ଲାର ବର୍ଷା ଓ ପବନ ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଅତ୍ୟାଧିକ ବର୍ଷା ଓ ପବନ ହେଲେ ଗଞ୍ଜାମ ଜିଲ୍ଲାର ଚାଷୀକୂଳ ବିଶେଷ କ୍ଷତିଗ୍ରସ୍ତ ହେବେ ବୋଲି ଜଣାପଡ଼ିଛି । ଚଳିତବର୍ଷ ଜିଲ୍ଲାରେ ଧାନ ଚାଷ ଭଲ ଖନ୍ଦ ହୋଇଥିଲା । ଅମଳ ଆରମ୍ଭ ବେଳକୁ ସାମ୍ପ୍ରତିକ ବାତ୍ୟା ଚାଷୀକୂଳକୁ ବିପଦଗାମୀ କରାଇଛି । ସୂଚନା ପ୍ରକାରେ ଜିଲ୍ଲାରେ ୧ଲକ୍ଷ ୮୭ହଜାର ହେକ୍ଟର ଧାନ ଚାଷ ହୋଇଥିବା ବେଳେ ୪୦ହଜାର ହେକ୍ଟର ଅଣଧାନ ଅର୍ଥାନ ପନିପରିବା ଇତ୍ୟାଦି ଚାଷ ହୋଇଛି । ଏହିକ୍ରମରେ ଜିଲ୍ଲାର ସଦର ମହକୁମା ଛତ୍ରପୁର ବ୍ଲକର ମଧ୍ୟ ୮ହଜାର ୯ଶହ ହେକ୍ଟର ଧାନ ଚାଷ ହୋଇଥିଲା । ସାମ୍ପ୍ରତିକ ବାତ୍ୟା ପ୍ରଭାବରେ ହେଉଥିବା ବର୍ଷା ଧାନ ଚାଷକୁ ବିପଦରେ ପକାଇଛି । କାରଣ ଏବେ ଧାନ ପୋଡ଼ା ଧରିବା ସମୟ । ଏହି ସମୟରେ ବର୍ଷା ହେଲେ ଏହା ବିଶେଷ ଭାବ କ୍ଷତିଗ୍ରସ୍ତ ହେବ ବୋଲି ଚାଷୀ ମହଲରୁ ପ୍ରକାଶ ପାଇଛି । ଅନ୍ୟପକ୍ଷରେ ଆବଶ୍ୟକ ମୁତାବକ ଚାଷୀଙ୍କୁ ସଚେତନ କରାଯାଇନଥିବା ଅଭିଯୋଗ ହୋଇଛି । କେଳବ ମୋବାଇଲ ମାଧ୍ୟମରେ ମେସେଜ୍‌ରେ ହିଁ କୃଷି ବିଭାଗ ନିଜ ସଚେତନତାକୁ ସୀମିତ ରଖିଥିବା ଚାଷୀମାନେ କହିଛନ୍ତି । ଅଧିକାଂଶ ବ୍ଲକରେ କୃଷି ଅଧିକାରୀ ମାନେ ଆଦୌ ସଚେତନ କରିନଥିବା ବି ଜଣାପଡ଼ିଛି । ହୋମ ବେଳେ ବାଇଗଣ ରୁଆ ଭଳି ଆଉ କିଛି ଅଧିକାରୀ ସଚେତନ କରୁଛନ୍ତି । ଯାହା ଚାଷୀଙ୍କ ଦୁଃଖକୁ ଦ୍ୱିଗୁଣିତ କରୁଛି । ତେବେ କ୍ଷୟକ୍ଷତି ହେଲେ ପ୍ରଶାସନ ସଠିକ ଭାବେ ଆକଳନ କରିବାକୁ ଦାବି ହୋଇଛି ।



- ପ୍ରଭାବିତ ହେବ ୨ଲକ୍ଷ ୨୭ହଜାର ହେକ୍ଟର ଜମିର ଫସଲ
- ମୋବାଇଲରେ ସୀମିତ କୃଷି ବିଭାଗର ସଚେତନତା

## ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

ବ୍ରହ୍ମପୁର,୨୭ ।୧୦(ସମିସ): ବ୍ରହ୍ମପୁର ଭିଜିଲାନ୍ସ କାର୍ଯ୍ୟାଳୟ ସମେତ ସହରର ସମସ୍ତ ସରକାରୀ କାର୍ଯ୍ୟାଳୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଛି । ଲୋକସେବା ଭବନରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ଉତ୍ସବରେ ଦୁର୍ନୀତିକୁ ଦୃଢ଼ ଭାବେ ବିରୋଧ କରିବା ପାଇଁ ସବୁ ଜିଲ୍ଲାର ଜିଲ୍ଲାପାଳ, ବରିଷ୍ଠ ପୁଲିସ ଅଧିକାରୀ, ଭିଜିଲାନ୍ସ ଅଧିକାରୀ, ପୂର୍ବତନ ବରିଷ୍ଠ ଅଧିକାରୀ ଓ ସରକାରୀ କର୍ମଚାରୀ ଶପଥ ପାଠ କରିବେ ବୋଲି ଜଣାପଡ଼ିଛି । ଭିଜିଲାନ୍ସ ଏସପି ପ୍ରଦୀପ ପ୍ରଧାନ ସୋମବାର ଦୁର୍ନୀତି ନିବାରଣ ଆମ ସାମୂହିକ ଦାୟିତ୍ୱ ପ୍ରସଙ୍ଗକୁ ନେଇ ଅଧିକାରୀଙ୍କୁ ଶପଥ ପାଠ କରାଇଥିଲେ । ଭିଜିଲାନ୍ସ ବିଭାଗ ପକ୍ଷରୁ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀ ଓ ଯୁବକଙ୍କ ମଧ୍ୟରେ ଦୁର୍ନୀତି ନିବାରଣ 'ଆମ ସାମୂହିକ ଦାୟିତ୍ୱ' ପ୍ରସଙ୍ଗ ଉପରେ ଆଲୋଚନାଚକ୍ର, ବକ୍ତୃତା ଓ ପ୍ରବନ୍ଧ ଆଦି ପ୍ରତିଯୋଗିତାର ଆୟୋଜନ କରାଯାଇ ଦୁର୍ନୀତି ଦୂର ପାଇଁ ସଚେତନତା ସୃଷ୍ଟି କରାଯିବ । ଦୁର୍ନୀତି ଦ୍ୱାରା ସମାଜରେ ପଡୁଥିବା କୁ-ପ୍ରଭାବକୁ ଦୃଷ୍ଟିରେ ରଖି ଦୁର୍ନୀତିର ମୂଳୋତ୍ପାଟନ କରିବା ପାଇଁ ବିଭିନ୍ନ ସତର୍କତା ମୂଳକ ପଦକ୍ଷେପ ଗ୍ରହଣ କରିବା ସମ୍ପର୍କରେ ସଚେତନତା ଓ ଗ୍ରାମସଭା ଆୟୋଜନ ସମ୍ପର୍କରେ ଜନସାଧାରଣଙ୍କୁ ସୂଚନା ପ୍ରଦାନ କରାଯିବ । 'ବାଟମାରଣା କରୁଛି ଯିଏ, ଦେଶର ଶତ୍ରୁ ଅଟଇ ସିଏ', 'ଦୁର୍ନୀତି ହଟିଲେ ଦେଶ ହସିବ, ଦେଶର ପ୍ରଗତିର ବାଟ ଫିଟିବ' ଭଳି ବିଭିନ୍ନ ନାରା ନେଇ ସଚେତନତା କରାଯାଉଛି । ସେହିଭଳି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଆୟୋଜିତ ଉତ୍ସବରେ ଦୁର୍ନୀତି ବିରୁଦ୍ଧରେ ଶପଥ ଗ୍ରହଣ କରିଥିଲେ । ଅକ୍ଟୋବର ୩୧ ରେ ଦୁର୍ନୀତି ବିରୁଦ୍ଧରେ ସଚେତନତା ସୃଷ୍ଟି ପାଇଁ ଏକ ଶୋଭାଯାତ୍ରାର ଆୟୋଜନ କରାଯିବ । ସେହିଭଳି ନଭେମ୍ବର ୧ ରେ ବ୍ରହ୍ମପୁର ମହାନଗର ନିଗମ କାର୍ଯ୍ୟାଳୟରେ ଦୁର୍ନୀତି ନିବାରଣ ସଚେତନ ସପ୍ତାହ ପାଳନ କରାଯିବ ବୋଲି ଜଣାପଡ଼ିଛି ।

### ■ ଗୋପାଳପୁର ଗଣଦୁଷ୍କର୍ମ ମାମଲା

## କନଷ୍ଟେବଲଙ୍କ ବୟାନ ରେକର୍ଡ

ବ୍ରହ୍ମପୁର,୨୭ ।୧୦(ସମିସ): ଗୋପାଳପୁର ବେଳାଭୂମିରେ ଗତ ଜୁନ ୧୫ ତାରିଖରେ ଜଣେ ଛାତ୍ରୀଙ୍କୁ ତାଙ୍କ ପୁରୁଷ ବନ୍ଧୁଙ୍କ ଉପସ୍ଥିତିରେ ଗଣଦୁଷ୍କର୍ମ ହୋଇଥିଲା । ଏହି ମାମଲାର ବିଚାରଣା ଏବେ ଅତିରିକ୍ତ ଜିଲ୍ଲା ଦୌରା ଜଜ-୨ ଆୟୁଷ୍ମାନ ମହନ୍ତଙ୍କ କୋର୍ଟରେ ଚାଲିଛି । ନାବାଳକରୁ ସାବାଳକ ଭାବେ ଗ୍ରହଣ କରାଯାଇଥିବା ତିନିଜଣ ଅଭିଯୁକ୍ତଙ୍କ ଉକ୍ତ କୋର୍ଟରେ ଅଭାସୀ ମାଧ୍ୟମରେ ବିଚାରଣା ହୋଇଛି । ଏହି ମାମଲାରେ କ୍ରାଇମବ୍ରାଞ୍ଚର କନେଷ୍ଟେବଳ ସାକ୍ଷୀ ଭାବେ ଦିବ୍ୟ ରଞ୍ଜନ ପଣ୍ଡା କୋର୍ଟରେ ହାଜର ହୋଇଥିଲେ । ସେ ଘଟଣା ସମ୍ପର୍କରେ ଯାହାସବୁ ଜାଣିଥିଲେ ତାହା କୋର୍ଟରେ କହିଥିଲେ । ତାଙ୍କ ବୟାନ କୋର୍ଟରେ ରେକର୍ଡ କରାଯାଇଛି । ଏହି ମାମଲାର ପରିଚାଳନା ପାଇଁ ସ୍ୱତନ୍ତ୍ର ପିପି ଭାବେ ଆଇନ ବିଭାଗ ପକ୍ଷରୁ କାଳି ଚରଣ ମିଶ୍ରଙ୍କୁ ନିଯୁକ୍ତି କରାଯାଇଛି । ସୋମବାର ସେ କୋର୍ଟରେ ଉପସ୍ଥିତ ରହିଥିଲେ । ମଙ୍ଗଳବାର ପରବର୍ତ୍ତୀ ବିଚାରଣା ପାଇଁ କୋର୍ଟ ପକ୍ଷରୁ ଦିନ ଧାର୍ଯ୍ୟ ହୋଇଛି ।

**THE ORISSA MINERALS DEVELOPMENT COMPANY LTD.**
CIN: L65993OR1927GOI034842
Registered office: Plot No. 271, Ground Floor, Bidyut Marg, Shastri Nagar, Unit-IV, Bhubaneswar, Odisha-751001
Tel. No. 0674-2391595, website: www.birdgroup.co.in
Email: omdc.sec.dept@gmail.com

**NOTICE OF 107 ANNUAL GENERAL MEETING AND E-VOTING INFORMATION**

This Notice is published in supersession of the earlier Notice published on 27th October, 2025, in respect of convening of 107th Annual General Meeting of The Orissa Minerals Development Company Limited through video conferencing/ other audio visual means.

In this regards Notice is hereby given that the 107th Annual General Meeting (AGM) of The Orissa Minerals Development Company Limited (the 'Company') will be held on Tuesday, 18th November, 2025 at 11:00 A.M. IST through video conferencing (VC)/other audio-visual means (OAVM), to transact the business as set out in the Notice.

In compliance with the provisions of the Companies Act, 2013 read with circulars issued by Ministry of Corporate Affairs and SEBI, from time to time, the Notice of 107th AGM and Annual Report containing the financial statements for FY 2024-25, Auditors' Report thereon, Board's Report and other documents, have been sent through e-mails on 27th October 2025, to all the Members, whose e-mail IDs are registered with the Company/Depository Participant (DP). The said documents are also available on the Company's website i.e. www.birdgroup.co.in websites of stock exchanges i.e. www.bseindia.com and www.nseindia.com and on the website of NSDL at www.evoting.nsdl.com.

Further, the Company has engaged National Securities Depository Limited (NSDL) to enable the members of the Company to attend the said AGM through VC/OAVM and to cast votes electronically, in respect of the businesses to be transacted at 107th AGM of the Company. Members of the Company holding shares either in physical form or in dematerialized form as on the Cut-off date i.e. 10th November, 2025 may cast their vote electronically in respect of business to be transacted at the AGM. The remote e-voting platform will be open for voting from Friday, 14th November, 2025(09:00 AM) to Monday, 17th November, 2025 (05:00 PM). Remote e-voting module shall be disabled by NSDL for voting thereafter. Those members, who do not cast their vote on the resolutions through remote e-voting during the above period and are otherwise not barred from doing so, shall be eligible to vote through e-voting system during the AGM.

Members who have not registered their email address or who becomes a member of the Company after dispatch of the Notice of AGM and holds shares as on the Cut-Off date, are requested to register the same with the Depository through their Depository Participant(s) in case the shares are held in electronic form and in case of shares held in physical form, with the Company's Registrar and Share Transfer Agent i.e. M/s CB Management Services Private Limited, Email: rta@cbmsl.com. Any person whose e-mail ID is not registered with the Company/DP may obtain the user Id and password for e-voting by sending a request at evoting@nsdl.co.in. However, if the member is already registered with NSDL / Remote e-voting, he/she can use his/her existing user id and Password for casting the vote. Further. Members who have cast their vote by remote e-voting may attend the AGM, but shall not be entitled to vote again at the AGM.

In case of any queries, Members may refer to the Frequently Asked Questions (FAQs) for shareholders and e-voting user manual available at the download section of NSDL website i.e. www.evoting.nsdl.com or refer to the instructions as mentioned in the Notice of 107th AGM.

**Book Closure:**
Notice is given pursuant to Section 91 of the Companies Act, 2013 and Regulation 42 of SEBI (LODR) Regulations. 2015 that the Register of Members and Share Transfer Books of the company will remain closed from 11th November 2025 to 17th November 2025 (both days inclusive) for the purpose of ensuing 107th AGM of the Company.

**Attending AGM through VC / OAVM:**
Members will be provided with a facility to attend the AGM through VC/OAVM through the NSDL e-Voting system. Members may access by following the steps mentioned for "Access to NSDL e-Voting system" in Notes to Notice. After successful login, with login credentials, Member can see link of "VC/OAVM" placed under "Join meeting" menu against Company name. Members are requested to click on VC/OAVM link placed under Join Meeting menu. The link for VC/OAVM will be available in Shareholders/Member login where the EVEN of Company will be displayed.

**Member Speaker Registration:**
Members who would like to express their views/ask questions during the 107th AGM may register themselves as a speaker and may send this request from 14th November 2025 (9.00 a.m. IST) to 16th November 2025 (5.00 p.m. IST) mentioning their name, DP ID and Client ID, Folio number, email id, mobile number at: omdc.sec.dept@gmail.com.

By the Order of the Board
Sd/-
**Pintu Kumar Biswal**
Company Secretary & Compliance Officer

**Place:** Bhubaneswar
**Date:** 27.10.2025

### 'ଜନନୀ ଏକ୍ସପ୍ରେସ'ରୁ ଗର୍ଭବତୀ ଉଭାନ ଘଟଣା

# ଆମ୍ବୁଲାନ୍ସରେ ଥିଲା ପରିଚାଳନାଗତ ତ୍ରୁଟି

ବ୍ରହ୍ମପୁର,୨୭ ।୧୦(ସମିସ)

ଏମକେସିଜି ମେଡ଼ିକାଲକୁ ଜନନୀ ଏକ୍ସପ୍ରେସରେ ଆସିଥିବା ଗର୍ଭବତୀ ମେଡିକାଲ ଗେଟ୍ ସମ୍ମୁଖରୁ ଉଭାନ ନେଇ ଶନିବାର ଖବର ପ୍ରକାଶିତ ହୋଇଥିଲା । ଏହି ଘଟଣା ନେଇ ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଉଛି । ଇତିମଧ୍ୟରେ ସରକାରୀ ଆମ୍ବୁଲାନ୍ସ ପରିଚାଳନାରେ ବ୍ୟାପକ ତ୍ରୁଟି ଥିବା ସାମ୍ନାକୁ ଆସିଛି । ଗର୍ଭବତୀଙ୍କୁ ଉତ୍ତମ ଚିକିତ୍ସା ନିମନ୍ତେ ଡାକ୍ତର ଏମକେସିଜି ମେଡିକାଲରୁ ସ୍ଥାନାନ୍ତରିତ କରିବାକୁ ପରାମର୍ଶ ଦେଇଥିଲେ । କିନ୍ତୁ ଖଲ୍ଲିକୋଟ ସିଏଚସିରେ ଆମ୍ବୁଲାନ୍ସ ନଥିଲା । ଫଳରେ ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଜନନୀ ଏକ୍ସପ୍ରେସ ବା ଆମ୍ବୁଲାନ୍ସକୁ ଯୋଗାଯୋଗ କରାଯାଇଥିଲା । 'ଜନନୀ ଏକ୍ସପ୍ରେସ'ର ଲଗ୍ ବୁକ୍ ତଥ୍ୟ ଅନୁସାରେ ସକାଳ ୧୦.୬ ମିନିଟରେ ଆମ୍ବୁଲାନ୍ସଟି ବାଲୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ବାହାରି ୧୦.୨୨ ମିନିଟରେ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲା । ପରେ ୧୦.୩୮ ମିନିଟରେ ଜନନୀ ଏକ୍ସପ୍ରେସଟି ଗର୍ଭବତୀଙ୍କୁ ନେଇ ଏମ୍‌କେସିଜି ମେଡିକାଲ ଅଭିମୁଖେ ବାହାରିଥିଲା । ଏହା ପରେ ମଧ୍ୟାହ୍ନ ୧୨.୧୮ ମିନଟରେ ଏମ୍‌କେସିଜି ମେଡିକାଲ ପ୍ରସୂତି ଓ ସ୍ତ୍ରୀ ରୋଗ ବିଭାଗ କୋଠା ନିକଟରେ ପହଞ୍ଚିଥିଲା । ଏହି ସମୟରେ ଜନନୀ ଏକ୍ସପ୍ରେସରେ ଗର୍ଭବତୀ ମହିଳା କିମ୍ବା ସେମାନଙ୍କ କୌଣସି ସମ୍ପର୍କୀୟ ନଥିବା ଜଣାପଡ଼ିଥିଲା । ଅପରପକ୍ଷରେ ସରକାରୀ ଆମ୍ବୁଲାନ୍ସରେ ଯେଉଁ ରୋଗୀ ହସ୍ପିଟାଲକୁ ଆସିଥାନ୍ତି । ଏହାର ତଥ୍ୟ ରଖିବାକୁ ଏମ୍‌କେସିଜି ମେଡିକାଲ ପକ୍ଷରୁ ଲେବର ରୁମରେ ଏକ ରେଜିଷ୍ଟ୍ରର ରହିଛି । ସରକାରୀ ଆମ୍ବୁଲାନ୍ସରେ ଆସିଥିବା ରୋଗୀଙ୍କ ସମସ୍ତ ତଥ୍ୟ ସେଥିରେ ଉଲ୍ଲେଖ ରହିବା ନିୟମ ରହିଛି । କିନ୍ତୁ ଉକ୍ତ ରେଜିଷ୍ଟ୍ରରରେ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଏମକେସିଜି ମେଡିକାଲକୁ ରେଫର ହୋଇଥିବା ରୋଗୀଙ୍କ କୌଣସି ତଥ୍ୟ ନାହିଁ । ଏହି ଘଟଣା ଜଣାପଡ଼ିବା ପରେ ପରବର୍ତ୍ତୀ ସମୟରେ ଗର୍ଭବତୀଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିବା ଜଣାଯାଇଛି । ଅନ୍ୟପକ୍ଷରେ ଗର୍ଭବତୀ ଜଣଙ୍କୁ ଚଳିତମାସ ୨୫ତାରିଖରେ ସକାଳ ୯ଟାରୁ ୧୦ଟା ସମୟରେ ଏମକେସିଜି ମେଡିକାଲକୁ ରେଫର କରାଯାଇଥିବା ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ଡା. ପ୍ରଦୀପ ଗନ୍ତାୟତ କହିଛନ୍ତି । ଅପରପକ୍ଷରେ ୨୫ତାରିଖ ସକାଳ ୧୦ଟା ସମୟରେ ଗର୍ଭବତୀ ମହିଳା ଜଣଙ୍କ ମେଡିକାଲରେ ଭର୍ତ୍ତି ହୋଇଥିବା ବେଳେ ସନ୍ଧ୍ୟା ୪ଟା ସମୟରେ ମହିଳା ଜଣକ ଏକ ଶିଶୁ ପୁତ୍ର ଜନ୍ମ ଦେଇଥିବା ଏମକେସିଜି ମେଡିକାଲ ଅଧୀକ୍ଷକ ପ୍ରଫେସର ଡ଼ା. ଦୁର୍ଗା ମାଧବ ଶତପଥୀ କହିଛନ୍ତି । ତେବେ ଆମ୍ବୁଲାନ୍ସର ଲଗ୍ ବୁକ୍ ତଥ୍ୟ ଅନୁଯାୟୀ ସକାଳ ୧୦.୩୮ ମିନଟରୁ ଖଲ୍ଲିକୋଟ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରୁ ଜନନୀ ଏକ୍ସପ୍ରେସ ଗର୍ଭବତୀ ମହିଳାଙ୍କୁ ନେଇ ବ୍ରହ୍ମପୁର ସ୍ଥିତ ଏମକେସିଜି ମେଡ଼ିକାଲ ଅଭିମୁଖେ ବାହାରିଥିଲା । ତେବେ ଆମ୍ବୁଲାନ୍ସରେ ଥିବା ଗର୍ଭବତୀ ମହିଳା ଜଣକ ସକାଳ ୧୦ଟା ସମୟରେ କେମିତି ଏମ୍‌କେସିଜି ମେଡିକାଲରେ ଭର୍ତ୍ତି ହେଲେ, ସେ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହି ଘଟଣାରେ କେଉଁ ଅଧିକାରୀ ସତ କହୁଛନ୍ତି ଓ କିଏ ମିଛ କହୁଛନ୍ତି ତାହା ତଦନ୍ତ ହେଲେ ହିଁ ଜଣାପଡ଼ିବ । ଅନ୍ୟପକ୍ଷରେ ନିଜର ଦୋଷ ଦୁର୍ବଳତା ଲୁଚାଇବାକୁ ଆମ୍ବୁଲାନ୍ସ କର୍ମଚାରୀ ଜଣକ ସମସ୍ତ ସୀମା ଲଙ୍ଘି ଏଭଳି କାର୍ଯ୍ୟ କରିଥିବା ଅଭିଯୋଗ ହୋଇଛି । ଏହି ଘଟଣାର ସଠିକ୍ ତଦନ୍ତ ପରେ ହିଁ ସମସ୍ତ ତଥ୍ୟ ସାମ୍ନାକୁ ଆସିବ ବୋଲି ବିଭିନ୍ନ ମହଲରେ ଦାବି ହୋଇଛି ।

- ଦୋଷ ଦୁର୍ବଳତା ଲୁଚାଇବାକୁ ସବୁ ସୀମା ପାର
- ଏମ୍‌କେସିଜିରେ ଭର୍ତ୍ତି ହେଲେ ଉଭାନ ଗର୍ଭବତୀ
- ଖଲ୍ଲିକୋଟ ସିଏଚସି ନା ଏମକେସିଜି ଅଧୀକ୍ଷକ, କାହା କଥା ସତ





# ବାତ୍ୟା ଆଳରେ ଲୁଟୁଛନ୍ତି ପରିବା ବେପାରୀ

## ମନଇଚ୍ଛା ଦର ବୃଦ୍ଧି କଲେ ହେବ କାର୍ଯ୍ୟାନୁଷ୍ଠାନ:ମନ୍ତ୍ରୀ

ଭୁବନେଶ୍ୱର, ୨୭।୧୦(ସମିସ): ବାତ୍ୟା 'ମୋନ୍ଥା' ଆସିବା ପୂର୍ବରୁ ପ୍ରାୟ ୨ରୁ ୩ ଦିନ ହେଲାଣି ଗ୍ରାହକଙ୍କୁ ଭୂଆଁ ବୁଲାଉଛନ୍ତି ବ୍ୟବସାୟୀ। ଗତ ଦୁଇ ଦିନରେ ଆଳୁ ଓ ପିଆଜ ସାଙ୍ଗକୁ ପରିବା ଦର ମଧ୍ୟ ୧୦ରୁ ୧୫ ଟଙ୍କା ଲେଖାଏଁ ବଢ଼ିଥିବା ବେଳେ ଅଧିକାଂଶ ପରିବା ଦର ୧୦୦ ଅତିକ୍ରମ କରିଛି। ବିଶେଷକରି ଖୁଚୁରା ବ୍ୟବସାୟୀମାନେ ସାଧାରଣ ଜନତାଙ୍କୁ ଲୁଟୁଥିବା ବେଳେ କୌଣସି ସ୍ଥାନରେ କଳାବଜାରୀ ହୁଏ, ତେବେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଯୋଗାଣ ମନ୍ତ୍ରୀ କହିଛନ୍ତି। ହେଲେ ଖୁଚୁରା ବ୍ୟବସାୟୀ ଏହାକୁ ଖୁଲମଖୁଲା ଉଲ୍ଲଙ୍ଘନ କରୁଥିବା ଦେଖିବାକୁ ମିଳିଛି।



ଅପରପକ୍ଷେ ଓଡ଼ିଶା ସରକାର ଭୁବନେଶ୍ୱରରେ ପନିପରିବା ଦର ଉପରେ କଡ଼ା ନଜର ରଖିଛନ୍ତି ଏବଂ କଳାବଜାରୀ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଜନସାଧାରଣଙ୍କୁ ଆଶ୍ୱାସନା ଦେଇଛନ୍ତି। ସରକାର ଏହି ସମୟ ମଧ୍ୟରେ ବଜାର ସ୍ଥିରତା ସୁନିଶ୍ଚିତ କରିବା ଏବଂ ଗ୍ରାହକମାନଙ୍କୁ ଲାଭଖୋର ବେପାରୀଙ୍କଠାରୁ ସୁରକ୍ଷା ଦେବା ପାଇଁ ସମସ୍ତ ଆବଶ୍ୟକ ପଦକ୍ଷେପ ନେଉଛନ୍ତି। ହେଲେ ବଜାରର ଦୃଶ୍ୟ କିନ୍ତୁ ଭିନ୍ନ। ହାଟ ବଜାରରେ ଲୋକଙ୍କ ପ୍ରବଳ ଭିଡ଼ ଜମିଛି। ପରିବା ଆଳୁ, ପିଆଜ, ରସୁଣ ଅଦା ସାଙ୍ଗକୁ ପରିବା ବୋହି ନେଉଛନ୍ତି।ଯେଉଁ ପରିବା ୨ଦିନ ପୂର୍ବରୁ କିଲୋପିଛା ଯେଉଁ ଦରରେ ବିକ୍ରି ହେଉଥିଲା ଆଜି ତାହା ୧୦ରୁ ୨୦ଟଙ୍କା ବର୍ଦ୍ଧିତ ଦରରେ ବିକ୍ରି ହେଉଥିବା ଦେଖିବାକୁ ମିଳିଛି। ଅଧିକାଂଶ ପରିବା ଦର ୧୦୦ଟଙ୍କା ପାର ହୋଇଥିବା ବେଳେ ଯାହା ପାଟିରୁ ଯାହା ବାହାରିଲା ବ୍ୟବସାୟୀମାନେ ମନଇଚ୍ଛା ଦର ନେଉଛନ୍ତି। ରାସ୍ତାକଡ଼ ଖୁଚୁରା ବ୍ୟବସାୟୀଙ୍କ କଥା ନକହିବା ଭଲ। ତେବେ ଗୋଟେପଟେ ବାତ୍ୟା ପାଇଁ ବର୍ଷାର ଆଶଙ୍କା ରହିଥିବାରୁ ପରିବା ଟ୍ରକ୍ ଆସିପାରିବ ନାହିଁ ବୋଲି ଅନେକ ବ୍ୟବସାୟୀ ମଧ୍ୟ ଗ୍ରାହକଙ୍କ ମନରେ ଭୟ ସୃଷ୍ଟି କରୁଥିବା ଅଭିଯୋଗ ହୋଇଛି। ଫଳରେ ବାଧ୍ୟ ହୋଇ ଉଚ୍ଚା ଦରରେ ପରିବା କିଣୁଛନ୍ତି ଗ୍ରାହକ। ସେହିପରି ବାତ୍ୟା ସମୟରେ ଅନେକ ସ୍ଥାନରେ ବିଜୁଳି କଟିବା ସମ୍ଭାବନା ରହିଥିବାରୁ କେହି କେହି ମହମବତୀ, ବ୍ୟାଟେରୀ ଟର୍ଚ୍ଚ, ଚାର୍ଜିଂ ଲାଇଟ୍ ଆଦି କିଣୁଥିବା ମଧ୍ୟ ଦେଖିବାକୁ ମିଳିଛି।

ସେହିପରି ଗତ ଦୁଇଦିନ ଧରି ପଶ୍ଚିମବଙ୍ଗରେ ଶୀତଳଭଣ୍ଡାର ଗୁଡ଼ିକ ବନ୍ଦ ରହିଥିବାରୁ ଆଳୁ ଓଡ଼ିଶାକୁ ଆମଦାନୀ ହୋଇପାରି ନଥିଲା। କିନ୍ତୁ ଆଜି ପର୍ଯ୍ୟାପ୍ତ ପରିମାଣରେ ସେଠାରୁ ଆଳୁ ଲୋଡ୍ କରାଯାଇଛି। ତେଣୁ ଖାଉଟି ମାନେ ଭୟଭୀତ ନହୋଇ ଆବଶ୍ୟକତା ଠାରୁ ଅଧିକ ନକିଣିବାକୁ ବ୍ୟବସାୟୀ ସଂଘ ପକ୍ଷରୁ କୁହାଯାଇଛି। ତେବେ ଖୋଲା ବଜାରରେ କିଲୋ ପିଛା ୨୦ରୁ ୨୨ଟଙ୍କାରେ ବିକ୍ରି ହେଉଥିବା ବେଳେ ଯଦି କେହି ଅଧିକ ଟଙ୍କା ନେଉଛନ୍ତି ସେମାନଙ୍କ ପ୍ରତି ଯୋଗାଣ ବିଭାଗ କାର୍ଯ୍ୟାନୁଷ୍ଠା ନେବ ବୋଲି ସଂଘ ନିବେଦନ କରିଛି।

## 'ଘରେ ଘରେ ଉଦ୍ୟୋଗୀ' ଶୀର୍ଷକ ଆଲୋଚନାଚକ୍ର



ଭୁବନେଶ୍ୱର, ୨୭।୧୦(ସମିସ): ଓଡ଼ିଶା ଉଦ୍ୟୋଗୀ ପରିବାର ପକ୍ଷରୁ ବୁଦ୍ଧମନ୍ଦିରରେ 'ଘରେ ଘରେ ଉଦ୍ୟୋଗୀ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ନିଳୟକାନ୍ତ ନାୟକଙ୍କ ସଂଯୋଜନାରେ ଓ ଉଦ୍ୟୋଗୀ ଶିବ ନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସଫଳ ଉଦ୍ୟୋଗୀ ରମେଶ ଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ ଶୁଭ ସାହୁ ଯୋଗଦେଇ ଉଦ୍ୟୋଗୀଙ୍କ ସମ୍ମିଳିତ ଉଦ୍ୟମ, ନିଷ୍ଠା, ଏକାଗ୍ରତା ସହିତ ଆଧୁନିକ ଜ୍ଞାନକୌଶଳକୁ ଉପଯୋଗ କଲେ ରାଷ୍ଟ୍ରର ପ୍ରଭୂତ ବିକାଶ ହେବା ସହିତ ଅଧିକରୁ ଅଧିକ ଉଦ୍ୟୋଗ ସୃଷ୍ଟି ଦିଗରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଛନ୍ତି। ଜାଇଡେକ୍ସ ଇଣ୍ଡଷ୍ଟ୍ରିଜ ପକ୍ଷରୁ ଶୁଭ୍ରାଂଶୁ ପତି ଗୁଣବତ୍ତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ।

## ଅଭିଯୋଗ ଶୁଣାଣି ଶିବିରରେ ହ୍ୱିଲ୍ ଚେୟାର ବଣ୍ଟନ



ବାଲିଅନ୍ତା, ୨୭ ।୧୦(ସମିସ): ବାଲିଅନ୍ତା ବ୍ଲକ ଅଧୀନ ପୁରୋହିତପୁର ପଞ୍ଚାୟତସ୍ଥିତ ମେଳଣ ପଡ଼ିଆଠାରେ ଅଭିଯୋଗ ଶୁଣାଣୀ ଜନିତ 'ପଲ୍ଲୀରେ ପ୍ରଶାସନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ ଅଭିଯୋଗ ଶୁଣାଣୀରେ ବିଧାୟକ ଜୟଦେବ ନିର୍ବାଚନ ମଣ୍ଡଳୀ ନବ କିଶୋର ମଲ୍ଲିକ ମହୋଦୟ, ବାଲିଅନ୍ତା ପଞ୍ଚାୟତ ସମିତି ଉପାଧ୍ୟକ୍ଷା ଇତିଶ୍ରୀ ଜେନା, ବାଲିଅନ୍ତା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଶ୍ମିତା ନାଥ, ମାନ୍ୟବର ସାଂସଦ ଭୁବନେଶ୍ୱରଙ୍କ ପ୍ରତିନିଧି ବିଜୟ ମହାରଣା, ଜିଲ୍ଲା ପରିଷଦ ସଭ୍ୟା କୁନମୁନ ଲେଙ୍କା, ପୁରୋହିତପୁର ପଞ୍ଚାୟତର ସରପଞ୍ଚ ଭଗବାନ ବେହେରା, ପୁରୋହିତପୁର ପଞ୍ଚାୟତର ସମିତି ସଭ୍ୟ ମନୋରଞ୍ଜନ ପ୍ରଧାନ ଏବଂ ବାଲିଅନ୍ତା ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଆଜିର ଅଭିଯୋଗ ଶୁଣାଣୀରେ ସର୍ବମୋଟ ୬୬ଟି ଲିଖିତ ଅଭିଯୋଗ ଗ୍ରହଣ କରାଯାଇଅଛି। ସେଥି ମଧ୍ୟରୁ ଗ୍ରାମୀଣ ଗୃହ ସମ୍ବନ୍ଧୀୟ ୩୩ ଟି, ଭତ୍ତା ସମ୍ବନ୍ଧୀୟ ୧୬ଟି, ଯୋଗାଣ ବିଭାଗ ସମ୍ବନ୍ଧୀୟ ୩ଟି ଓ ଅନ୍ୟାନ୍ୟ ବିଭାଗ ସମ୍ବନ୍ଧୀୟ ୧୪ଟି ଅଭିଯୋଗ ହସ୍ତଗତ ହୋଇଅଛି। ଉକ୍ତ କାର୍ଯ୍ୟକ୍ରମରେ ବିଧାୟକଙ୍କ ଦ୍ୱାରା ସିଙ୍ଗିରିଶାସନ ଗ୍ରାମର ୭୮ ବର୍ଷୀୟ ଦିବ୍ୟାଙ୍ଗ ବ୍ୟକ୍ତି ଗନ୍ଧର୍ବ ଦଳେଇଙ୍କୁ ହ୍ୱିଲ ଚେୟାର ପ୍ରଦାନ କରାଯାଇଥଲା।

## ଦୁର୍ନୀତି ନିବାରଣ ସଚେତନତା ଓ ଶପ   ପା



ଭୁବନେଶ୍ୱର, ୨୭।୧୦(ସମିସ): ଗୋପବନ୍ଧୁ ପ୍ରଶାସନିକ ଏକାଡେମୀ ଠାରେ ଦୁର୍ନୀତି ନିବାରଣ ସଚେତନତା ଶପଥ ପାଠ ଅନୁଷ୍ଠିତ ହୋଇଯାଇଛି। ଏକାଡେମୀର ମହା ନିର୍ଦ୍ଦେଶକ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଜି. ମାଥିଭାଥନନ୍ କାର୍ଯ୍ୟାଳୟର ସମସ୍ତ ଅଧିକାରୀ, କର୍ମଚାରୀ ଓ ଏକାଡେମୀରେ ପ୍ରଶିକ୍ଷଣନେଉଥିବା ପ୍ରଶିକ୍ଷାର୍ଥୀମାନଙ୍କୁ ସାଧୁତାର ଶପଥପାଠ କରାଇଥିଲେ। ସେହିପରି ଭୁବନେଶ୍ୱର ସ୍ଥିତ ଓଡ଼ିଶା ପ୍ରଶାସନିକ ଟ୍ରିବୁନାଲ କାର୍ଯ୍ୟାଳୟରେ ମଧ୍ୟ ନ୍ୟାୟିକ ଓ ପ୍ରଶାସନିକ ବିଭାଗର ବିଭିନ୍ନ ପଦାଧିକାରୀ ଓ କର୍ମଚାରୀମାନେ ଦୁର୍ନୀତି ନିବାରଣ ଶପଥପାଠ କରିଥିଲେ। ସେହିଭଳି ସୂଚନା ଓ ଲୋକସମ୍ପର୍କ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଦୁର୍ନୀତି ଓ ଅନ୍ୟାୟ ବିରୋଧରେ ସାମାଜିକ ପ୍ରତିବଦ୍ଧତାର ପ୍ରଦର୍ଶନ ନେଇ ଆଜି ଶପଥ ପାଠ କରିଛନ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭାଗୀୟ ନିର୍ଦ୍ଦେଶକ ଅନୁଜ କୁମାର ଦାସପଟ୍ଟନାୟକଙ୍କ ସମେତ ସମସ୍ତ ଅଧିକାରୀ ଓ କର୍ମଚାରୀ ଶପଥ ପାଠ କରିଥିଲେ।

## ନାହାନ୍ତି ପ୍ରାଣୀ   ନି   କ୍ଷୀ   କ ଗୋରୁଗା   ିକ୍କି ଦେଉଛନ୍ତି ଗୋପାଳକ

ବାଲିଅନ୍ତା, ୨୭ ।୧୦(ସମିସ): ବାଲିଅନ୍ତା ବ୍ଲକ ଅଧୀନ ବାଲିଅନ୍ତା ଗ୍ରାମ ପଞ୍ଚାୟତ ନିକଟରେ ଥିବା ପ୍ରାଣୀ ସହାୟକ ଚିକିତ୍ସା କେନ୍ଦ୍ରରେ ଦୀର୍ଘ ଦିନ ହେବ ପ୍ରାଣୀଧନ ନିରୀକ୍ଷକ ପଦବି ଖାଲି ପଡ଼ିଛି। ଏଠାରେ କର୍ଯ୍ୟରତ ପ୍ରାଣୀଧନ ନିରୀକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ତାଙ୍କ ସ୍ଥାନରେ ଏଯାଏ ଅନ୍ୟ କାହାକୁ ନିଯୁକ୍ତି ଦିଆଯାଇ ନହିଁ। ଯାହାଫଳରେ ଏବେ ବାଲିଅନ୍ତା ଅଞ୍ଚଳରେ ଗୋରୁ ଗାଇ, ଛେଳି, ମେଣ୍ଢା ଆଦି ବିଭିନ୍ନ ସଂକ୍ରାମକ ରୋଗରେ ପୀଡ଼ିତ ହୋଇ ଅକାଳରେ ମୃତ୍ୟୁବରଣ କରୁଥିବା ଗୋଚାଷୀମାନେ କହିଛନ୍ତି। ଏକ ପକ୍ଷରେ ଗୋରୁ ଗାଇଙ୍କ ପାଇଁ ଉଦ୍ଦିଷ୍ଟ ଦଣ୍ଡା, ଗୋଚର ଆଦି ଚାରଣ ଭୂମି ବିଲଡର କରାୟତ କରିବା ଯୋଗୁଁ ତାହା ହ୍ରାସ ପାଇବାରେ ଲାଗିଛି। ଅନ୍ୟପକ୍ଷରେ ମେସିନ ସାହାଯ୍ୟରେ ଧାନ କଟାଯିବା ଦ୍ୱାରା ନଡ଼ା କୁଟାର ଅଭାବ ଲାଗି ରହିଛି। ସେହିପରି ଚୁନି ଓ ଚୋକଡ଼ ଆଦି ଗୋଖାଦ୍ୟର ମୂଲ୍ୟ ଦିନକୁ ଦିନ ବୃଦ୍ଧି ପାଉଛି। ଏ ନେଇ ଅନେକ ଗୋପାଳକ ଗୃହପାଳିତ ପ୍ରାଣୀ ବିକି ଦେଉଥିବା ଦେଖାଯାଉଛି। ଓମ୍ଫେଡ ଓ ପୁମୁଲ ଭଳି ସରକାରୀ ସବସ୍ଥା କ୍ଷୀର ମୂଲ୍ୟ ବୃଦ୍ଧି ଦିଗରେ କିଛି ପଦକ୍ଷେପ ନେଉ ନ ଥିବା ଜଣାଯାଇଛି। ଏଭଳି ସ୍ଥିତିରେ ବାଲିଅନ୍ତା ପଞ୍ଚାୟତ ଅଞ୍ଚଳରୁ ଗୃହ ପାଳିତ ପ୍ରାଣୀଙ୍କ ସଂଖ୍ୟା କମିବାରେ ଲାଗିଛି। ତେଣୁ ଉକ୍ତ ଚିକିତ୍ସା କେନ୍ଦ୍ରରେ ତାଲା ଝୁଲିବା ପରିସ୍ଥିତି ଉପୁଜିଛି। ଉପଯୁକ୍ତ ଚିକିତ୍ସା ଅଭାବରୁ ଅନେକ ଗୃହପାଳିତ ପ୍ରାଣୀମାନଙ୍କର ଜୀବନ ଯାଉଛି। ଜିଲ୍ଲା ପ୍ରାଣୀଧନ ଚିକିତ୍ସା ଅଧିକାରୀ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।



## ଓମ୍ଫେଡ୍ ମୁଖ୍ୟାଳୟରେ ଦୁର୍ନୀତି ନିବାରଣ ସଚେତନତା



ଭୁବନେଶ୍ୱର, ୨୭।୧୦(ସମିସ): ଚଳିତ ବର୍ଷ ଅକ୍ଟୋବର ୨୭ରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ପାଳନ ହେଉଛି ଦୁର୍ନୀତି ନିବାରଣ ସଚେତନତା ସପ୍ତାହ। ଚଳିତ ବର୍ଷର ଥିମ୍ ରହିଛି "ଦୁର୍ନୀତି ନିବାରଣ-ଆମର ସହଭାଗୀ ଦାୟିତ୍ୱ"। ଏହି ଅବସରରେ ଓମ୍ଫେଡ୍ ପକ୍ଷରୁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହର ପ୍ରଥମ ଦିନରେ ସମସ୍ତ କର୍ମଚାରୀ ଶପଥ ଗ୍ରହଣ କରିଛନ୍ତି। ଓମ୍ଫେଡ୍ ମୁଖ୍ୟାଳୟରେ ଏକ ସ୍ୱତନ୍ତ୍ର ଶପଥ ଗ୍ରହଣ କାର୍ଯ୍ୟକ୍ରମରେ ସାଧାରଣ ପରିଚାଳନ (ବିତ୍ତ) ସୁରେଶ ଅଲଟିଆ ସମସ୍ତଙ୍କୁ ଶପଥପାଠ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାନବ ସମ୍ବଳ ମୁଖ୍ୟ ଦାୟିତ୍ୱରେ ଥିବା ନିତ୍ୟଦର୍ଶନ ମିଶ୍ର, ବିତ୍ତ ଅଧିକାରୀ ତାପସ ରଞ୍ଜନ ମିଶ୍ର, ଡେପୁଟି ମ୍ୟାନେଜର (ପ୍ରକଳ୍ପ) ଶୁଧାଂଶୁ ଶେଖର ପଣ୍ଡା, ସହକାରୀ ପରିଚାଳକ (ଆଇଟି) ଜିତେନ୍ଦ୍ର କୁମାର ବରାଡ଼ଙ୍କ ସମେତ ସମସ୍ତ ଉପବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ରାଜ୍ୟର ସମସ୍ତ ପ୍ଲାଣ୍ଟ ଓ ସମବାୟ ସମିତିରେ ସପ୍ତାହ ବ୍ୟାପି ଦୁର୍ନୀତି ନିବାରଣ ସଚେତନତା ଓ ଶପଥ ପାଠ କାର୍ଯ୍ୟକ୍ରମ ଜାରି ରହିବ ବୋଲି କହିଛନ୍ତି ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ।

## ଇଣ୍ଡିଆନ୍ ଏକାଡେମୀ ଅଫ୍ ପିଡିଆଟ୍ରିକ୍ସ ମେଡିକୋଲିଗାଲ୍ ଚାପ୍ଟରର ଜାତୀୟ ସମ୍ମିଳନୀ

## ଡା   ରଙ୍କ ପାଇ   ପ୍ରଣୟ୍ଜଉ ସୁର   ।ଆଇନ



ଭୁବନେଶ୍ୱର, ୨୭।୧୦(ସମିସ): ଆଇଏପି ଓ ଆଇଏମ୍ଏ ପକ୍ଷରୁ ଭୁବନେଶ୍ୱରରେ ଅନୁଷ୍ଠିତ 'ଇଣ୍ଡିଆନ୍ ଏକାଡେମି ଅଫ୍ ପିଡିଆଟ୍ରିକ୍ସ ମେଡିକୋଲିଗାଲ୍ ଚାପ୍ଟର'ର ୮ତମ ଜାତୀୟ ସମ୍ମିଳନୀରେ ବକ୍ତାମାନେ ଡାକ୍ତରମାନଙ୍କୁ ହିଂସାରୁ ସୁରକ୍ଷା ଦେବା ନିମନ୍ତେ 'ମେଡିକାଲ ପ୍ରୋଟେକସନ ଆକ୍ଟ' ପ୍ରଣୟନ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଡାକ୍ତରମାନଙ୍କ କ୍ରମାଗତ ଭାବେ ବଢ଼ିଚାଲିଥିବା ହିଂସାତ୍ମକ ଘଟଣା ଚିକିତ୍ସା ସେବା ବ୍ୟବସ୍ଥାକୁ ଦୁର୍ବଳ କରୁଛି ଓ ଏହା ଅବ୍ୟାହତ ରହିଲେ ସ୍ୱାସ୍ଥ୍ୟସେବା ପ୍ରଭାବିତ ହୋଇପାରେ ବୋଲି ବକ୍ତାମାନେ କହିଛନ୍ତି

ଆଇଏପି ଜାତୀୟ ଅଧ୍ୟକ୍ଷ ଡା.ଜେ.କେ.ଗୁପ୍ତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀକୁ ନ୍ୟାୟମୂର୍ତ୍ତି ଡି. ପି. ଚୌଧୁରୀ ଉଦ୍‌ଘାଟନ କରିଥିବାବେଳେ ଡା. ସନ୍ତୋଷ ବାଳା, ଡା. ଚଞ୍ଚଳଶ୍ରୀ ସରକାର, ଡା. ବେଲା ବର୍ମା ଓ ଡା. ମିନା ସୋମ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଛନ୍ତି। ସେହିପରି ଚିକିତ୍ସା ପ୍ରତିଷ୍ଠାନମାନଙ୍କ ଆଇନଗତ ସମସ୍ୟା ଓ ସହଜ ଲାଇସେନ୍ସ ପ୍ରକ୍ରିୟା ବିଷୟରେ ଆଲୋଚନା ଅବସରରେ ପୁଲିସ ଓ ନିୟନ୍ତ୍ରକ ସଂସ୍ଥାଗୁଡ଼ିକ ସରକାରୀ ନିୟମ ଅନୁସରଣ କରିବା ପାଇଁ ଡା. ପ୍ରବୀଣ ସୋନୀ ଦାବି କରିଛନ୍ତି। ଶେଷରେ ଆଇଏପିର ଭୁବନେଶ୍ୱର ଶାଖା ଅଧ୍ୟକ୍ଷ ଡ. ଆଶୁତୋଷ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଉଟ   ଓ ଗାଇଡବେସି   ଆଡଭାନ   ଡତାଲି



ଭୁବନେଶ୍ୱର, ୨୭।୧୦(ସମିସ): ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ସଂଗଠନ ଆନୁକୂଲ୍ୟରେ ବେସିକ୍ ଏବଂ ଆଡ୍‌ଭାନ୍ସଡ ସ୍କାଉଟ ମାଷ୍ଟର ତାଲିମ ଶିବିର ଏକାସହ ଦୁଇଟି ତାଲିମ ଶିବିର ରାଜ୍ୟ ମୁଖ୍ୟାଳୟରେ ଅନୁଷ୍ଠିତ ହେଉଛି। ଶିବିରରେ ୧୨ଟି ଜିଲ୍ଲାରୁ ବେସିକ୍ ଏବଂ ଆଡଭାନ୍ସଡ ତାଲିମ ପାଇଁ ମୋଟ ୯୪ ଜଣ ସ୍କାଉଟ ମାଷ୍ଟର ଯୋଗ ଦେଇଛନ୍ତି। ରାଜ୍ୟ ମୁଖ୍ୟ କମିଶନର ଡ. କାଳିପ୍ରସାଦ ମିଶ୍ର ଏହି ତାଲିମ ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ପେଟ୍ରୋଲ୍ ଏକ୍ସପେଡ଼ିସନ, ନେଚର ରାମ୍ବଲିଙ୍ଗ୍, ଆଉଟ୍‌ଡୋର ଆକ୍ଟିଭିଟିଜ୍, ମ୍ୟାପିଙ୍ଗ, କମ୍ପାସ୍, ଇଷ୍ଟିମେସନ, କ୍ୟାମ୍ପକ୍ରାଫ୍ଟ ଏବଂ ପ୍ରାଥମିକ ଚିକିତ୍ସା ଆଦିର ତାଲିମ ବରିଷ୍ଠ ତାଲିମଦାତାମାନଙ୍କ ଦ୍ୱାରା ଦିଆଯାଉଛି।

## କୁରୁଞ୍ଜିପୁର୍ ପଞ୍ଚାୟତରେ ଜିଲ୍ଲାପାଳଙ୍କ ଜନଶୁଣାଣି

ବାଲିପାଟଣା, ୨୭।୧୦ (ସମିସ): ବାଲିପାଟଣା ବ୍ଲକ ଅନ୍ତର୍ଗତ କୁରୁଞ୍ଜିପୁର୍ ପଞ୍ଚାୟତରେ ଜନଶୁଣାଣି ଶିବିରରେ ଯୋଗଦେଇ ଅଭିଯୋଗ ଗୁଡ଼ିକର ବିଚାର କରିଛନ୍ତି ଜିଲ୍ଲାପାଳ ଅମୃତ ଋତୁରାଜ। ଆସିଥିବା ୨୦୫ଟି ଅଭିଯୋଗ ମଧ୍ୟରୁ ୧୭୧ଟି ବ୍ୟକ୍ତିଗତ ଓ ୩୪ଟି ସମୂହ ସମସ୍ୟା ରହିଥିଲା। ଏଥିରୁ ୧୦ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଜଣକୁ ୧୫୦୦୦ ଓ ରେଡକ୍ରସ ପାଣ୍ଠିରୁ ଦୁଇ ଜଣଙ୍କୁ ୧୦ ହଜାର ଲେଖାଏଁ ଅର୍ଥ ସହାୟତା ଜିଲ୍ଲାପାଳ ଶ୍ରୀ ଋତୁରାଜ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରୁଦ୍ରନାରାୟଣ ମହାନ୍ତି, ପିଡି ଜ୍ୟୋତି ଶଙ୍କର ସାହୁ, ଉପ-ଜିଲ୍ଲାପାଳ ମନୋରଞ୍ଜନ ସାହୁ, ଡିପିଓ ଶ୍ୟାମଳେନ୍ଦୁ ନାୟକ, ସିଇଓ ଜ୍ଞାନେନ୍ଦ୍ର ମିଶ୍ର, ବ୍ୟାଙ୍କ୍ ନୋଡାଲ ଅଫିସର ଅଜୟ ବେହେରା, ଜିଲ୍ଲା ଶିକ୍ଷା ଅଧିକାରୀ ସୋନାମିକା ରାୟ, ଡିଏସ୍‌ଡବ୍ଲ୍ୟୁ ଦିଲ୍ଲୀପ ହିଆଲ, ଅଧ୍ୟକ୍ଷ ହରପ୍ରିୟା ଦାସ, ବିଡିଓ ଶୁଭ୍ରାଂଶୁ ଶେଖର ପାଢ଼ୀ, ତହସିଲଦାର କଳ୍ପନା ଦାସ, ବିଇଓ ଡ୍ ପ୍ରଭାତ କୁମାର ରଥ, ମେଡିକାଲ ଅଫିସର ଶ୍ରୀକାନ୍ତ ବେହେରା, ସରପଞ୍ଚ ବିନୋଦିନୀ ମଲ୍ଲିକଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।ବାଲିପାଟଣା ବ୍ଲକ ଅଞ୍ଚଳର ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଶ୍ରମିକ ନେତା କୃଷ୍ଣଚନ୍ଦ୍ରଙ୍କ ବିୟୋଗରେ ଶୋକ ପ୍ରକାଶ

ଭୁବନେଶ୍ୱର, ୨୭।୧୦(ସମିସ): ହିନ୍ଦ ମଜଦୁର ସଭାର ଓଡ଼ିଶା ରାଜ୍ୟ ସଭାପତି ତଥା ସମାଜସେବୀ ନେତା ଏବଂ ବିଏମଟି ପରିବାରର ମୁରବୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ବିୟୋଗରେ ବିଦ୍ୟାଧର ବାରିକ୍ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଗଭୀର ଶୋକ ପ୍ରକାଶ କରିଛନ୍ତି। ଜଣେ ରାଜନୈତିକ ଦଳର ନେତା ଏବଂ ବିଶେଷକରି ଟ୍ରେଡ ୟୁନିୟନ୍ କ୍ଷେତ୍ରରେ ସମାଜବାଦ ଧାରାକୁ ବଜାୟ ରଖିବାକୁ ତାଙ୍କର ସେବା, ତ୍ୟାଗ ଏବଂ ପରିଶ୍ରମ ସବୁବେଳେ ଓଡ଼ିଶା ମାଟି ମନେ ରଖିବ ବୋଲି ଟ୍ରଷ୍ଟ ପକ୍ଷରୁ ପ୍ରକାଶ ପାଇଛି। ଟ୍ରଷ୍ଟ ପକ୍ଷରୁ ଶ୍ରମିକ ନେତା କିଶୋର ଚନ୍ଦ୍ର ପାଣିଗ୍ରାହୀ, ଖରେନ୍ଦ୍ର ବେହେରା, ମନୋଜ ବାରିକ୍, ରୋଜକିଶୋର ଦାସ ପ୍ରମୁଖ ସ୍ୱର୍ଗତ ପାତ୍ରଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଛନ୍ତି।

# ନିଶାଡ଼ିଙ୍କ ଆଡ୍ଡାସ୍ଥଳ ପାଲଟିଛି ଗଣ୍ଡମୁଣ୍ଡା ହାଟ

ଭୁବନେଶ୍ୱର, ୨୭।୧୦(ସମିସ): ପୁଣିଥରେ ସ୍ଥାନୀୟ ଲୋକେ ହାତ ପାହାନ୍ତାରେ ପାଇବେ ସମସ୍ତ ସୁବିଧା। ଗୋଟିଏ ସ୍ଥାନରେ ପରିବା ଠାରୁ ଆରମ୍ଭ କରି ତେଜରାତି, ପ୍ରସାଧନ ସାମଗ୍ରୀ, ପୂଜା ସାମଗ୍ରୀ ଏବଂ ସମସ୍ତ ଘରକରଣା ଉପକରଣ ଉପଲବ୍ଧ ହେବ। ଏଭଳି ଅନେକ ସ୍ୱପ୍ନ ଦେଖି ଉତ୍କଣ୍ଠିତ ହୋଇଥିଲେ ଗଣ୍ଡମୁଣ୍ଡାର ବ୍ୟବସାୟୀମାନେ। କାରଣ ଦୀର୍ଘ ବର୍ଷରେ ହାଟର ପୁନରୁଦ୍ଧାର କାର୍ଯ୍ୟ ହୋଇଥିବା ବେଳେ ସମସ୍ତଙ୍କୁ ପିଣ୍ଡି ଆଲର୍ଟ କରାଯିବ। ହେଲେ ସେ ସ୍ୱପ୍ନ ଏଯାଏ ବାସ୍ତବ ରୂପ ନେଇ ପାରିଲା ନାହିଁ। ଗୋଟେପଟେ ହାଟର ପୁନରୁଦ୍ଧାର କାର୍ଯ୍ୟ ସମ୍ପୂର୍ଣ୍ଣ ଶେଷ ହୋଇନଥିବା ବେଳେ ପୂର୍ଣ୍ଣ ଭାବେ ଆଲର୍ଟ ମଧ୍ୟ କରାଯାଇ ନାହିଁ। ଫଳରେ ଏଠାରେ ରହିଥିବା ୧୭୪ଟି ପିଣ୍ଡି ମଧ୍ୟରୁ ସର୍ବାଧିକ ୧୫ଟି ପିଣ୍ଡିରେ ବ୍ୟବସାୟୀମାନେ ବ୍ୟବସାୟ କରୁଥିବାବେଳେ ଅବଶିଷ୍ଟ ପିଣ୍ଡିରେ ନିଶାଡ଼ି ଆଡ୍ଡା ଜମାଉଥିବା ଅଭିଯୋଗ ହୋଇଛି।

ଜଗମୋହନ ନଗର, ଆଇଟିଇଆର୍, ଗଣ୍ଡମୁଣ୍ଡା, ପୋଖରୀପୁଟ ଓ ଏହାର ଆଖପାଖ ଅଞ୍ଚଳର ଲୋକଙ୍କୁ ବଜାର ସୁବିଧା ଯୋଗାଇ ୨୦୦୯ ମସିହାରେ ଗଣ୍ଡମୁଣ୍ଡାରେ ବିଏମ୍‌ସି ପକ୍ଷରୁ ୧୭୪ ପିଣ୍ଡି ବିଶିଷ୍ଟ ଏହି ହାଟ ନିର୍ମାଣ କରାଯାଇଥିଲା। ଗ୍ରାହକଙ୍କ ସହ ସ୍ଥାନୀୟ ବ୍ୟବସାୟୀମାନଙ୍କୁ ସୁରକ୍ଷିତ ଭାବେ ବ୍ୟବସାୟ କରିବାର ସୁବିଧା ମଧ୍ୟ ରହିଥିଲା। ହେଲେ ୧୭୫ଟି ପିଣ୍ଡିରୁ ମାତ୍ର ହାତଗଣତି ପିଣ୍ଡି ବ୍ୟବସାୟୀଙ୍କୁ ଦିଆଯାଇଥିବା ବେଳେ ଅନ୍ୟ ପିଣ୍ଡି ଗୁଡ଼ିକ ସେହିଭଳି ପଡ଼ି ରହିଥିଲା। ଧୀରେ ଧୀରେ ତାହା ଭାଙ୍ଗିରୁଜି ନଷ୍ଟ ହେବା ସହ ସନ୍ଧ୍ୟା ହେଲେ ନିଶାଡିଙ୍କ ଆଡ୍ଡା ସ୍ଥଳ ପାଲଟିଥିଲା। ପ୍ରାୟ ୧୧୫ଟି ପିଣ୍ଡି ବାବଦକୁ ବ୍ୟବସାୟୀମାନେ ବିଏମ୍‌ସିକୁ ଟିକସ ନଦେବାରୁ ତାହା ମଧ୍ୟ ବନ୍ଦ ହୋଇ ପଡ଼ି ରହିଥିଲା। ୨୦୧୯ ମସିହାରେ ୬୪ ଟି ପିଣ୍ଡି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଆବଣ୍ଟନ ହୋଇଥିଲା। କିନ୍ତୁ ସର୍ବନିମ୍ନ ସୁବିଧା ନ ଥିବାରୁ ଏହି ଗୋଷ୍ଠୀ ମଧ୍ୟ ଦୋକାନ ଖୋଲି ନ ଥିଲେ। ଏଭଳି ୧୫୫ ଦୋକାନ ଖାଲି ପଡ଼ିଥିଲା। ମାତ୍ର ୧୯ ଜଣ କେବଳ ଦୋକାନ ଖୋଲୁଥିଲେ। ସନ୍ଧ୍ୟାରେ ଅନ୍ଧାର ସହ ଦୋକାନ ବନ୍ଦ ରହୁଥିବାରୁ ପିଣ୍ଡିଗୁଡ଼ିକ ମଦ୍ୟପଙ୍କ ଆଡ୍ଡାସ୍ଥଳ ପାଲଟିଥିଲା। ବହୁବାର ଅଭିଯୋଗ ପରେ ପୁଣି ଥରେ ଏହି ହାଟ ବାବଦରେ ସକ୍ରିୟ ହୋଇଥିଲା ବିଏମ୍‌ସି। ମେୟର ଘଟଣାସ୍ଥଳ ପରିଦର୍ଶନ କରିବା ହାଟ କାର୍ଯ୍ୟକ୍ଷମ କରାଇବାକୁ ଜାଗମରାରୁ ପୋଖରୀପୁଟ ପର୍ଯ୍ୟନ୍ତ ରାସ୍ତାକୁ ନୋ ଭେଣ୍ଡିଂ ଜୋନ୍ ଘୋଷଣା କରିବା ସହ ଏହି ରାସ୍ତା କଡ଼ ବ୍ୟବସାୟୀଙ୍କୁ ଏଠାରେ ଲଟେରୀ ମାଧ୍ୟମରେ ସେମାନଙ୍କୁ ପିଣ୍ଡି ଆବଣ୍ଟନ କରିବାକୁ ଯୋଜନା ହେବା ସହ ଏଥିପାଇଁ ଏକ ଟିମ୍ ମଧ୍ୟ ଗଠନ ହୋଇଥିଲା। ତେବେ ହାଟର ପୁନରୁଦ୍ଧାର କାର୍ଯ୍ୟ ନିମନ୍ତେ ୮୪ ଲକ୍ଷ ୭୩ ହଜାର ୩୮୫ ଟଙ୍କା ଅଟକଳ କରାଯାଇଥିଲା। କିନ୍ତୁ ଏପର୍ଯ୍ୟନ୍ତ ୮୦ ପ୍ରତିଶତ ଶେଷ ହୋଇଥିବା ଜଣାପଡ଼ିଛି।



### ସାପ୍ତାହିକରୁ ଡେଲି ମାର୍କେଟ ପରେ ବି ଖାଲିପଡ଼ିଛି ପିଣ୍ଡି

ଏନେଇ ୱାର୍ଡର କର୍ପୋରେଟର ଚରୁଲତା ସାମନ୍ତରାୟ କହିଛନ୍ତି ଯେ ପୂର୍ବରୁ ଏହି ହାଟ ସାପ୍ତାହିକ ହୋଇଥିବା ବେଳେ ସପ୍ତାହରେ ୨ଦିନ ଖୋଲା ରହୁଥିଲା କିନ୍ତୁ ବର୍ତ୍ତମାନ ଏହା ଡେଲି ମାର୍କେଟରେ ପରିଣତ ହୋଇଛି। ତେବେ ବଳକା କାମ ଶେଷ ହେବା ପରେ ବ୍ୟବସାୟୀମାନଙ୍କ ତାଲିକା ବିଏମସିକୁ ଦିଆଯିବା ସହ ଯାଞ୍ଚ କରାଯିବ। ଏନେଇ କର୍ପୋରେସନରେ ଆଲୋଚନା କରାଯାଇ ପୁଣି ଥରେ ଲଟେରୀ କରାଯାଇ ଖୁବଶିଘ୍ର ବ୍ୟବସାୟୀଙ୍କୁ ସମସ୍ତ ପିଣ୍ଡି ବଣ୍ଟାଯିବ ବୋଲି ସେ କହିଛନ୍ତି।







# କୁଆଖାଇ ପଠାରେ ଛଟ୍ ପୂଜା

ଭୁବନେଶ୍ୱର, ୨୭।୧୦(ସମିସ): ପରିବାରର ଶୁଭ ମନାସୀ ଓ ସୁଖଶାନ୍ତି କାମନା କରିବା ସହ ସମାଜର କଲ୍ୟାଣ ପାଇଁ ଶ୍ରଦ୍ଧାଳୁମାନେ କୁଆଖାଇ ନଦୀ ପଠାରେ ଛଟ ପୂଜା ପାଳନ କରିଛନ୍ତି। ଏହି ପୂଜା ବିହାରୀ ଓ ଝାଡଖଣ୍ଡ ସମାଜର ମହିଳାମାନେ ସୂର୍ଯ୍ୟଙ୍କୁ ଆରାଧନା କରିଥିଲେ। ବଡି ଭୋରରୁ ବ୍ରତଧାରୀମାନେ ସୂର୍ଯ୍ୟଙ୍କୁ କୁଆଖାଇ ନଦୀପଠାରେ ଆସି ପୂଜା କରିଥିଲେ। ଜଳ ଅର୍ଘ୍ୟ ସହ ଅନ୍ୟାନ୍ୟ ଭୋଗ ଧୂପ ଦୀପ ନୈବେଦ୍ୟ ଦେଇ ମହିଳାମାନେ ସୂର୍ଯ୍ୟଦେବଙ୍କୁ ପୂଜା କରିଥିଲେ।

ସେହିଭଳି କିଟ୍ ବିଶ୍ୱବିଦ୍ୟାଳୟରେ ଛଟ୍ ପୂଜା ପାଳିତ ହୋଇଯାଇଛି। ଏଥିରେ ଉତ୍ତର ଭାରତର ଛାତ୍ରଛାତ୍ରୀମାନେ ଯୋଗଦେଇ ଛଠି ମାତାଙ୍କ ଆରାଧନା କରିଥିଲେ। କାର୍ଯ୍ୟକ୍ରମରେ କିଟ୍ ଓ କିସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମସ୍ତ ଛାତ୍ରଛାତ୍ରୀଙ୍କୁ ଛଟ୍‌ର ଅଭିନନ୍ଦନ ଜଣାଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ ଉପକୁଳପତି ପ୍ରଫେସର ରାଜୁ କେ. ଡି., କୁଳସଚିବ ପ୍ରଫେସର ଜ୍ଞାନରଞ୍ଜନ ମହାନ୍ତି ଉପସ୍ଥିତ ଥିଲେ।



# ଖୋର୍ଦ୍ଧାରେ ୧୮ ହଜାର ବ୍ୟକ୍ତି ହେବେ ସାକ୍ଷର

ଭୁବନେଶ୍ୱର, ୨୭ ।୧୦(ସମିସ): ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଶିକ୍ଷା ମନ୍ତ୍ରାଳୟ ପକ୍ଷରୁ ମିଳିତ ଭାବେ ଚାଲିଥିବା 'ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ' ଅଧୀନରେ ପ୍ରଥମ ଫାଉଣ୍ଡେସନାଲ୍ ଲିଟେରାସି ଓ ନିଉମେରାସି ଆସେସେଣ୍ଟ୍ ଟେଷ୍ଟ ଖୋର୍ଦ୍ଧା ଜିଲ୍ଲାରେ ଅନୁଷ୍ଠିତ ହୋଇଛି। ମୋଟ ୧୮ ହଜାର ଅଣ-ସାକ୍ଷର ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କୁ ଉଲ୍ଲାସ୍ ଆପ୍ ମାଧ୍ୟମରେ ପଢ଼ିବା, ଲେଖିବା ଓ ସଂଖ୍ୟାଜ୍ଞାନ ପାଇଁ ପ୍ରାରମ୍ଭିକ ଶିକ୍ଷା ପ୍ରଦାନ କରାଯାଉଛି। ସେପ୍ଟେମ୍ବର ପ୍ରଥମ ସପ୍ତାହରେ ଅନୁଷ୍ଠିତ ଆନ୍ତର୍ଜାତୀୟ ସାକ୍ଷରତା ସପ୍ତାହ ଅବସରରେ ଘରେଘରେ ସର୍ଭେ କରାଯାଇ ଏହି ବିଦ୍ୟାର୍ଥୀଙ୍କୁ ଚୟନ କରାଯାଇଛି। ଏହାସହ ବ୍ୟାପକ ସଚେତନତା ମଧ୍ୟ କରାଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ) ସୋନାମିକା ରାୟଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଡିଇଓ ଡ. ପ୍ରଜ୍ଞା ପାରମିତା ଜେନା, ବିଜୟ ବେହେରା ଓ ରଶ୍ମିବଳା ପରିଡ଼ାଙ୍କ ସମେତ ଜିଲ୍ଲାର ୪ ଜଣ ଓଇଏସ୍ ଅଧିକାରୀ କାର୍ଯ୍ୟକ୍ରମର ତଦାରଖ କରୁଛନ୍ତି। ସେହିପରି ବ୍ଲକ ଶିକ୍ଷା ଅଧିକାରୀ, ଏବିଇଓ, ପ୍ରଧାନ ଶିକ୍ଷକ, ସହକାରୀ ଶିକ୍ଷୟିତ୍ରୀ, ସିଆର୍‌ସିସିମାନେ ମିଳିତ ଭାବେ ଏହି କାର୍ଯ୍ୟକ୍ରମକୁ କାର୍ଯ୍ୟାନ୍ୱୟନ କରୁଛନ୍ତି। ଖୋର୍ଦ୍ଧା ଜିଲ୍ଲାରେ ଏକକାଳୀନ ୧୮ ହଜାର ଶିକ୍ଷାର୍ଥୀଙ୍କୁ ସାକ୍ଷର କରିବାକୁ ଚାଲିଥିବା ଏହି ଅଭିଯାନକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

# ବ୍ଲାକ୍ ଈଗଲ୍ ବୁକ୍ସର ପ୍ରଥମ ବହି ପୁରସ୍କାର

ଭୁବନେଶ୍ୱର, ୨୭।୧୦(ସମିସ): ବ୍ଲାକ୍ ଈଗଲ୍ ବୁକ୍ସର ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ସପ୍ତମ 'ବ୍ଲାକ୍ ଈଗଲ୍ ବୁକ୍ସ ପ୍ରଥମ ବହି ପୁରସ୍କାର-୨୦୨୫' ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ 'ମୁହୂର୍ତ୍ତ' ଗଳ୍ପ ସଂକଳନର ଗାଳ୍ପିକା ସୁଚରିତା ବେହେରାଙ୍କୁ 'ବ୍ଲାକ୍ ଈଗଲ୍ ବୁକ୍ସ ପ୍ରଥମ ବହି ପୁରସ୍କାର ୨୦୨୫' ପ୍ରଦାନ କରାଯାଇଥିଲା। ସଭାରେ କେନ୍ଦ୍ର ସାହିତ୍ୟ ଅକାଦେମୀ ପୁରସ୍କାରପ୍ରାପ୍ତ ଲେଖକ ଡକ୍ଟର ଗୌରହରି ଦାସ, ବରିଷ୍ଠ ସାହିତ୍ୟିକ ରବି ସ୍ୱାଇଁ, ପ୍ରଫେସର ଆଦ୍ୟାଶା ଦାସ ପ୍ରମୁଖ ଯୋଗ ଦେଇଥିବା ବେଳେ ବ୍ଲାକ୍ ଈଗଲ ବୁକ୍ସର ନିର୍ଦ୍ଦେଶକ ସତ୍ୟ ପଟ୍ଟନାୟକ ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ। ଯୁବ କବୟିତ୍ରୀ ସଂଘମିତ୍ରା ଭୂତିଆ ସ୍ୱାଗତ ଭାଷଣ ଦେଇଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ତନିଶା ପରିଡ଼ା।

## ବିଏମ୍‌ସି ଟ୍ରେଡ୍ ଲାଇସେନ୍ସ ଆଦାୟ ଆଳରେ ମାତିଛନ୍ତି ଠକ


# ନାହାନ୍ତି ଅସଲି; ଲୁଟୁଛନ୍ତି ନକଲି

ଭୁବନେଶ୍ୱର, ୨୭।୧୦(ସମିସ): ବିଏମ୍‌ସିରେ କର୍ମଚାରୀ ଅଭାବ ବୋଲି ସବୁବେଳେ ହାଲ୍ଲା ପଡ଼ିଥିଲା ବେଳେ ଏହାର ଫାଇଦା ନେଉଛନ୍ତି ନକଲି କର୍ମଚାରୀ। ସହରରେ କିନ୍ତୁ ମାଲମାଲ ନକଲି ବିଏମ୍‌ସି ଅଧିକାରୀ ଗାଡ଼ିରେ ବିଏମ୍‌ସି ଲୋଗୋ ଲଗାଇ ଜାଲି ରସିଦ ଧରି ଲୋକଙ୍କଠାରୁ ଟ୍ରେଡ୍ ଲାଇସେନ୍ସ ଦେବା ବାହାନାରେ ଟଙ୍କା ଲୁଟୁଛନ୍ତି। ଚଳିତବର୍ଷରେ ଟ୍ରେଡ୍ ଲାଇସେନ୍ସ ଆଳରେ ଠକେଇକୁ ନେଇ ୨ଟି ଏତଲା ଦିଆଯାଇଛି। ହେଲେ ଏପର୍ଯ୍ୟନ୍ତ ଜଣଙ୍କୁ ବି ପୁଲିସ ଗିରଫ କରିପାରିଲା ନାହିଁ।

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ବିଏମ୍‌ସିରେ ମୋଟ୍ ୬୭ଟି ୱାର୍ଡ ଥିଲା ବେଳେ ଟ୍ରେଡ୍ ଲାଇାସେନ୍ସ ଯାଞ୍ଚ କରୁଥିବା ମିସ୍ ସରକାରଙ୍କ ସଂଖ୍ୟା ମାତ୍ର ୧୦। ପୂର୍ବରୁ ଯେତେ ୱାର୍ଡ ସେତିକି ମିସ୍ ସରକାର ରହୁଥିଲେ। ହେଲେ ଦୀର୍ଘ ଦିନ ହେବ ଏହି ପଦବୀ ଖାଲି ହୋଇଯାଉଥିଲେ ମଧ୍ୟ ପଦବୀ ପୂରଣ ହେଉ ନାହିଁ। ଦକ୍ଷିଣ ପୂର୍ବ ଜୋନରେ ୫, ଉତ୍ତର ଜୋନରେ ୩ ଏବଂ ଦକ୍ଷିଣ ପଶ୍ଚିମ ଜୋନରେ ୨ ଜଣ ମିସ୍ ସରକାର ରହିଛନ୍ତି।

ଯାହାର ସୁଯୋଗ ନେଇ ରାଜଧାନୀରେ ଟ୍ରେଡ୍ ଲାଇସେନ୍ସ ଆଳରେ ଠକେଇ କରିବାକୁ ଏକ ଗ୍ୟାଙ୍ଗ ଗଠନ ହୋଇଛି। ଏହି ଗ୍ୟାଙ୍ଗରେ ୩ରୁ ୪ଜଣ ସଦସ୍ୟ ରହିଛନ୍ତି। ଏମାନେ କୌଣସି ନା କୌଣସି ସଂଘର ସଦସ୍ୟତା ହାସଲ କରିଛନ୍ତି। ବିଶ୍ୱାସ ଭାଜନ ହେବା ପାଇଁ ମହିଳାଙ୍କୁ ଏହି ଗ୍ୟାଙ୍ଗରେ ସାମିଲ କରାଯାଉଛି। ବିଏମ୍‌ସି ଅଧିକାରୀଙ୍କ ସହ ଗ୍ୟାଙ୍ଗ୍ ସଦସ୍ୟଙ୍କ ଚିହ୍ନା ପରିଚୟ ବି ରହିଛି। ଯାହାଫଳରେ ବିଏମ୍‌ସିର ପ୍ରତ୍ୟେକ ଗତିବିଧି ସମ୍ପର୍କରେ ଟିକ୍‌ନିକ୍ ଖବର ଏମାନଙ୍କ ପାଖରେ ସହଜରେ ପହଞ୍ଚି ଯାଉଛି। କେଉଁ ଅଞ୍ଚଳରେ କେବେ ଟ୍ରେଡ୍ ଲାଇସେନ୍ସ ଆଦାୟ କରାଯିବ। ସେ ଖବର ମିଳିବା ମାତ୍ରେ ଠକ ଗ୍ୟାଙ୍ଗ୍ ତୁରନ୍ତ ଆକ୍ଟିଭ୍ ହୋଇଯାଉଛି। ବିଏମ୍‌ସି କର୍ମଚାରୀମାନେ ବ୍ୟବସାୟୀଙ୍କ ପାଖରେ ପହଞ୍ଚିବା ପୂର୍ବରୁ ଏମାନେ ବ୍ୟବସାୟୀଙ୍କ ପାଖରେ ପହଞ୍ଚି ନକଲି ଟ୍ରେଡ୍ ଲାଇସେନ୍ସ ବନାଇ ଟଙ୍କା ହଡପ କରି ନେଉଛନ୍ତି।

୨୦୨୨ମସିହାରେ ବ୍ୟବସାୟୀଙ୍କ ଠାରୁ ଟଙ୍କା ଆଦାୟ କରିବା ବେଳେ ଜଣେ ମହିଳା ଧରାପଡ଼ିଥିଲେ। ଧରାପଡ଼ିବା ପରେ ସେ ନିଜକୁ ବିଏମ୍‌ସି କର୍ମଚାରୀ ବୋଲି ପରିଚୟ ଦେଇଥିଲେ। ସନ୍ଦେହ ହେବାରୁ ଲୋକେ ପୁଲିସକୁ ଖବର ଦେଇଥିଲେ। ପୁଲିସ ମହିଳାଙ୍କୁ ପଚରାଉଚରା କରିବା ଜଣାପଡ଼ିଥିଲା ମହିଳା ଜଣଙ୍କ ନକଲି ବିଏମ୍‌ସି କର୍ମଚାରୀ ପରେ ପୁଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଚଳିତ ବର୍ଷ ଗତ ୪ମାସ ମଧ୍ୟରେ କେତେକ ଅଭିଯୋଗ ଖାରବେଳନଗର ଥାନା ଏବଂ ଇଓଡବ୍ଲୁରେ ହେଲାଣି। ଶନିବାର ମଧ୍ୟ ଜଣେ ପ୍ଲାଏ ବ୍ୟବସାୟୀ ଏଭଳି ଠକେଇର ଶିକାର ହୋଇଛନ୍ତି।




ହେଲେ ପୁଲିସ ହାତରେ ଜଣେ ଅଭିଯୁକ୍ତ ଧରାପଡ଼ି ନାହାନ୍ତି। ସେପଟେ ବିଏମ୍‌ସି ଏହାକୁ ରୋକିବାକୁ ବ୍ୟବସ୍ଥାଗତ ପରିବର୍ତ୍ତନ କରିବା ବଦଳରେ ପୁରୁଣା ବ୍ୟବସ୍ଥାରେ ବ୍ୟବସାୟୀ କିଭଳି ସଚେତନ ହେବେ ସେନେଇ ଏକ ଡିଜିଟାଲ ବାର୍ତ୍ତା ଦେଇ ନିଜ ମୁଣ୍ଡରୁ ଦୋଷ ଖସାଇ ଦେଇଛି। ଏଥିରେ ଲୋକଙ୍କ ଆଇଡି କାର୍ଡ ଯାଞ୍ଚ କରିବାକୁ କୁହାଯାଇଛି। ହେଲେ ପ୍ରତ୍ୟେକ କ୍ଷେତ୍ରରେ ଠକମାନେ ବିଏମ୍‌ସିର ନକଲି ଆଇଡି କାର୍ଡ ସହ ବିଏମ୍‌ସି ଲୋଗୋ ଥିବା ଗାଡ଼ିରେ ଆସି ଠକେଇ କରୁଛନ୍ତି।

ଅନ୍ୟପକ୍ଷରେ ବିଏମ୍‌ସି ମଧ୍ୟ ଏହାକୁ ରୋକିବାକୁ କୌଣସି ପଦକ୍ଷେପ ନେଉ ନାହିଁ ବୋଲି ଅଭିଯୋଗ ହେଉଛି। ବ୍ୟବସ୍ଥା ଅନ୍‌ଲାଇନ୍ ହୋଇଥିଲେ ମଧ୍ୟ ଏହି ନକଲି କର୍ମଚାରୀ ଦୋକାନ ଦୋକାନ ଯାଇ ଟ୍ରେଡ୍ ଲାଇସେନ୍ସ କରୁଛନ୍ତି। ଟ୍ରେଡ୍ ଲାଇସେନ୍ସ ପାଇଁ ଟଙ୍କା ଦେବାରେ ବହୁ ମାଧ୍ୟମ ରଖାଯାଇଛି। ଯେପରିକି କ୍ୟୁଆର୍ କୋଡ୍ ସ୍କାନର, ବିଏମ୍‌ସି କମିସନରଙ୍କ ନାମରେ ଚେକ୍ ଜମା ଭଳି ଅନେକ ବ୍ୟବସ୍ଥା। ଏଣୁ ସଚେତନ ନ ହେଉଥିବା ବ୍ୟବସାୟୀଙ୍କ ମନରେ ଦ୍ୱନ୍ଦ୍ୱ ଉପୁଜୁଛି ବୋଲି କୁହାଯାଉଛି। ବିଭିନ୍ନ ଇ-କମର୍ସରେ ସାଧାରଣ ଲୋକେ ଟଙ୍କା ଦେଇ ଜିନିଷ କିଣି ପାରୁଛନ୍ତି, ଶିକ୍ଷାନୁଷ୍ଠାନରେ ପିଲାଙ୍କ ଫର୍ମ ଅନ୍‌ଲାଇନ୍‌ରେ ଭରି ଟଙ୍କା ଡିପୋଜିଟ୍ କରି ପାରୁଛନ୍ତି। ହେଲେ ଟ୍ରେଡ୍ ଲାଇସେନ୍ସ ଫି ଦାଖଲ କରିବାକୁ ବହୁ ବ୍ୟବସ୍ଥା ବ୍ୟବସ୍ଥା କ'ଣ ପାଇଁ ବୋଲି ବୁଦ୍ଧିଜୀବୀମାନେ ପ୍ରଶ୍ନ କରିଛନ୍ତି। ଅନ୍‌ଲାଇନ୍ ବ୍ୟବସ୍ଥା ଅତ୍ୟନ୍ତ ସରଳ କରିବା ସହ ଟଙ୍କା ଆଦାୟ କରିବା ପାଇଁ ଗୋଟିଏ ବ୍ୟବସ୍ଥା କରିବାକୁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

# ଶାସ୍ତ୍ରୀୟ ନୃତ୍ୟ ଦ୍ୱିତୀୟ ସଂଧ୍ୟା 'ଲାସ୍ୟ ଲାବଣ୍ୟ'

● ବେହେଲା ବାଦକ ଗୁରୁ ସୁନିଲଙ୍କୁ ଗୁରୁ ପ୍ରଫୁଲ୍ଲ ରାୟ ସମ୍ମାନ



ଭୁବନେଶ୍ୱର, ୨୭।୧୦(ସମିସ): ବିଶ୍ୱନାଥ ସଙ୍ଗୀତାଳୟ ପକ୍ଷରୁ ଶାସ୍ତ୍ରୀୟ ନୃତ୍ୟ ଉତ୍ସବ 'ଲାସ୍ୟ ଲାବଣ୍ୟ' ଦ୍ୱିତୀୟ ସଂଧ୍ୟା ଉତ୍କଳ ରଙ୍ଗମଞ୍ଚ ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ବେହେଲା ବାଦକ ତଥା ପ୍ରାକ୍ତନ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ପ୍ରିନ୍‌ସିପାଲ ସୁନିଲ ସିଂ ମହନ୍ତଙ୍କୁ ଗୁରୁ ପ୍ରଫୁଲ୍ଲ ରାୟ ସମ୍ମାନରେ ସମ୍ମାନୀତ କରାଯାଇଛି। ଏହି ସଂଧ୍ୟାରେ ଅତିଥି ଭାବରେ ରୋଟାରୀ କ୍ଲବର ଗଭର୍ଣ୍ଣର ଆରଟିନ୍ ଯାଜ୍ଞଶିଶ ମହାପାତ୍ର, ଓଡ଼ିଶୀ ନୃତ୍ୟ ଶିଳ୍ପୀ ସଙ୍ଗୀତା ଦାଶ, ଛଉନୃତ୍ୟ ଗବେଷକ ଶୁଭଶ୍ରୀ ମୁଖାର୍ଜୀ ଓ ଓଡ଼ିଶୀ ନୃତ୍ୟ ଶିଳ୍ପୀ ତଥା ସିନେ କଳାକାର ପ୍ରତିଭା ପଣ୍ଡା, ଅନୁଷ୍ଠାନର ସଭାପତି ଗୁରୁ ପ୍ରଫୁଲ୍ଲ କୁମାର ରାୟ, ସମ୍ପାଦିକା ଗୁରୁ ଦିପ୍ତି ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମେ ନୃତ୍ୟାଙ୍ଗନା ସୁଜାତା ମହାପାତ୍ର ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଏଥିରେ ପ୍ରଥମେ ଯୁଗ୍ମଦ୍ୱନ୍ଦ ପଲଭି ଓ ପରେ ପରେ ଅଭିନୟରେ ବ୍ରଜକୁଚୋର ପରିବେଷଣ କରିଥଲେ। ଗୁଞ୍ଜନ ଡ୍ୟାନ୍ସ ଏକାଡେମୀ ତରଫରୁ ମିଳିତ ଓଡ଼ିଶୀ ନୃତ୍ୟ ପରିବେଷଣ ହୋଇଥିଲା। ଏହାକୁ ନୃତ୍ୟ ସଂଯୋଜନା ଗୁରୁ ମିରା ଦାସ କରିଥିଲେ। ଶେଷରେ ଛତିଶଗଡ଼ରୁ ଆସିଥିବା ଆରିଆ ନନ୍ଦେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିବାବେଳେ ଗୁରୁ ରୁଦ୍ର ପ୍ରସାଦ ସ୍ୱାଇଁ ଦ୍ୱାରା ଦଳଗତ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ।

# ଆଲୋଚନାଚକ୍ର ଓ କବିତା ଆସର



ଭୁବନେଶ୍ୱର, ୨୭ ।୧୦(ସମିସ): ସୃଷ୍ଟି ଓ ସ୍ରଷ୍ଟା ସାହିତ୍ୟ କଳା ସଂସ୍କୃତି ବିକାଶ ଟ୍ରଷ୍ଟର ଦ୍ୱିମାସିକ ଏକାଦଶ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ ୟୁନିଟ୍-୩ସ୍ଥିତ ଗୋଦାବରୀଶ ସାହିତ୍ୟ ସଂସଦ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ସଭାପତି କବି ଅଲେଖ ଚରଣ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉତ୍କଳ ବିଶ୍ୱବିଦ୍ୟାଳୟର ଇତିହାସ ଅଧ୍ୟାପିକା, ଡ. ସୋମା ଚାନ୍ଦ ଓ ଓଡ଼ିଆ ଭାଷା ସାହିତ୍ୟ ଗବେଷକ ଡ. ଅମ୍ବରୀଶ ଶତପଥୀ ଯୋଗ ଦେଇଥିଲେ। କବି ଔପନ୍ୟାସିକ ଓ ପ୍ରଶାସକ ଡ. ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ବିୟୋଗରେ ସମ୍ମାନ ଜଣାଇବା ସହ ନିରବ ପ୍ରାର୍ଥନା କରାଯାଇଥିଲା। କବୟିତ୍ରୀ ସୌଦାମିନୀ ସାମନ୍ତରାୟ ବନ୍ଦେ ଉତ୍କଳ ଜନନୀ ଗାନ କରିଥିବା। ସମ୍ପାଦକ ବିଶ୍ୱ ରଞ୍ଜନ ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ବରିଷ୍ଠ କବୟିତ୍ରୀ ସୌଦାମିନୀ ସାମନ୍ତରାୟ ଏବଂ ସୌଦାମିନୀ ତ୍ରିପାଠୀଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ସାରସ୍ୱତ ସମାଜର ସଭାପତି ବରିଷ୍ଠ କବି ରାଜକିଶୋର ପତି ଧନ୍ୟବାଦ ଅର୍ପଣ କରିଥିଲେ।

# ଆଚାର୍ଯ୍ୟ ତାରିଣୀ ଚରଣ ପାତ୍ର ସମ୍ମାନ ଉତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର, ୨୭ ।୧୦(ସମିସ): ଶାସ୍ତ୍ରୀୟ ସଙ୍ଗୀତ ଓ ନୃତ୍ୟର ଅନୁଷ୍ଠାନ ଉତ୍କଳିକା ପକ୍ଷରୁ ଦୁଇ ଦିନ ବ୍ୟାପୀ ଭଞ୍ଜ କଳା ମଣ୍ଡପରେ ଅନୁଷ୍ଠିତ ହୋଇଥିବା 'ଆଚାର୍ଯ୍ୟ ତାରିଣୀ ଚରଣ ପାତ୍ର ସମ୍ମାନ ଉତ୍ସବ-୨୦୨୫ ଉଦ୍‌ଯାପିତ ହୋଇଯାଇଛି।' ଉଦ୍‌ଯାପନୀ ସନ୍ଧ୍ୟାରେ ସଙ୍ଗୀତ ନାଟକ ଏକାଡ଼େମୀର ପୂର୍ବତନ ଉପ ସଭାପତି ମନ୍ମଥ ଶତପଥୀ, ଓଡ଼ିଶୀ ନୃତ୍ୟଗୁରୁ ନିରଞ୍ଜନ ରାଉତ ଏବଂ ଜୟନ୍ତ କୁମାର ଆଚାର୍ଯ୍ୟ ଯୋଗ ଦେଇଥିଲେ। ଉତ୍ସବରେ ବିଶିଷ୍ଟ ଓଡ଼ିଶୀ ସଙ୍ଗୀତ ଗୁରୁ ପଣ୍ଡିତ ରାମହରି ଦାସ ଓଡ଼ିଶୀ ସଙ୍ଗୀତ କ୍ଷେତ୍ରରେ, ବରିଷ୍ଠ ବୀଣାବାଦକ ପଣ୍ଡିତ ରାମାରାଓ ପାତ୍ର ଓଡ଼ିଶୀ ବୀଣା କ୍ଷେତ୍ରରେ, ଗୁରୁ ପି.ଭି.ଏସ୍ ରାମାରାଓ ନୃତ୍ୟ କ୍ଷେତ୍ରରେ ଓ ବିଶିଷ୍ଟ ପ୍ରହ୍ଲାଦ ନାଟକ ଗୁରୁ ସୀମାଞ୍ଚଳ ପାତ୍ର ପାରମ୍ପରିକ କଳା କ୍ଷେତ୍ରରେ ଆଚାର୍ଯ୍ୟ ତାରିଣୀ ଚରଣ ପାତ୍ର ସମ୍ମାନ-୨୦୨୫ ସମ୍ମାନିତ ହୋଇଥିଲେ। ପ୍ରଭାତ କୁମାର ସ୍ୱାଇଁ ଓଡ଼ିଶୀ ନୃତ୍ୟ କ୍ଷେତ୍ରରେ, ମୂରଲୀଧର ସ୍ୱାଇଁ ମର୍ଦ୍ଦଳ କ୍ଷେତ୍ରରେ ଓ ଆଲୋକ ବିଶୋୟୀ ପାରମ୍ପରିକ କଳାକ୍ଷେତ୍ରରେ ଆଚାର୍ଯ୍ୟ ତାରିଣୀ ଚରଣ ପାତ୍ର ଯୁବ ପ୍ରତିଭା ସମ୍ମାନ-୨୦୨୫ରେ ସମ୍ମାନିତ ହୋଇଥିଲେ। ପରେ ପରେ ଉତ୍କଳିକା ନୃତ୍ୟାନୁଷ୍ଠାନର ମୁଖ୍ୟ ଶେଖର ସୁମନ ମାଝୀ ତାଙ୍କର ସଂଯୋଜିତ ରାଗ କେଦାର ଗୌଡ଼ା, ତାଳ ମଠା ତାଳ କେଦାର ଗୌଡ଼ା ପଲ୍ଲବୀ ଓ ବେଗେରେ ସଜନୀ ସାଭିନୟ ପଲ୍ଲବୀ ନୃତ୍ୟ ପରିବେଷଣ କରିଥିଲେ।

## ନିର୍ମାଣ କାର୍ଯ୍ୟରେ ବ୍ୟସ୍ତ ଡଙ୍ଗା କାରିଗର

# ଏଥର ବିନ୍ଦୁସାଗରରେ ଭାସିବ ୧୪ ଫୁଟ୍‌ର ମୟୂର



ଭୁବନେଶ୍ୱର, ୨୭।୧୦(ସମିସ): ଆଗକୁ କାର୍ତ୍ତିକ ପୂର୍ଣ୍ଣିମା। ଏଥିପାଇଁ ଡଙ୍ଗା ଗଢ଼ିବାରେ ବ୍ୟସ୍ତ କାରିଗର। କାରିଗରମାନେ କାଗଜ, ସୋଲକୁ ନେଇ ଡଙ୍ଗା ତିଆରି କରିବାରେ ଲାଗିପଡ଼ିଛନ୍ତି। କାରିଗରମାନେ ରଙ୍ଗବେରଙ୍ଗର କାଗଜ ସହ ଚୁମ୍‌କି, ଲେସ୍, ରଙ୍ଗ, ଜରି ଏବଂ ଛୋଟଛୋଟ ରଙ୍ଗୀନ ପଥରରେ ଡଙ୍ଗାକୁ ଆକର୍ଷଣୀୟ ରୂପ ଦେବାରେ ଲାଗିପଡ଼ିଛନ୍ତି। ପ୍ରତିବର୍ଷ ଭଳି ଏଥର ମଧ୍ୟ ବିନ୍ଦୁସାଗରରେ ମୟୂର ଆକୃତିର ସବୁଠାରୁ ବଡ଼ ଡଙ୍ଗା ଭାସିବ। ଯାହାର ଲମ୍ବ ରହିଛି ୧୪ ଫୁଟ୍ ଏବଂ ଉଚ୍ଚତା ସାଢେ ୭ ଫୁଟ୍। ଏହି ଡଙ୍ଗାର ମୂଲ୍ୟ ୨୦ ହଜାର ଟଙ୍କା ରହିଛି ବୋଲି କାରିଗର ହୃଷୀକେଶ ବେହେରା କହିଛନ୍ତି।

ପୁରୁଣା ଭୁବନେଶ୍ୱର ନାଳସାହିର କାରିଗର ହୃଷୀକେଶଙ୍କୁ ଏହି ଡଙ୍ଗା ତିଆରି କରିବା ପାଇଁ ପାଖାପାଖି ୧୫ ଦିନ ସମୟ ଲାଗିବ ବୋଲି କହିଛନ୍ତି। ଡଙ୍ଗା ଭୁବନେଶ୍ୱର ସାଂସ୍କୃତିକ ପରଷଦକୁ ପୂର୍ଣ୍ଣିମାର ଦିନକ ଆଗରୁ ହସ୍ତାନ୍ତର କରିବେ। ବୋଇତର ଆକୃତିକୁ ନେଇ ସେ କୁହନ୍ତି ସମୁଦାୟ ତିନୋଟି ଆକୃତିର ସେ ଡଙ୍ଗା ତିଆରି କରିଥାନ୍ତି ଯଥା ମୟୂର, ହଂସ ଏବଂ ଚିଲ। ଗତବର୍ଷ ହଂସ ଆକୃତି ହୋଇଥିଲାବେଳେ ଚଳିତବର୍ଷ ସେ ମୟୂର ଆକୃତିର ବୋଇତ ତିଆରି କରୁଛନ୍ତି। ସେହି ବୋଇତରେ ବସିବା ପାଇଁ ସାତ ଭାଇଙ୍କ ମଡେଲ୍ ମଧ୍ୟ ତିଆରି ଚାଲିଛି। ଯାହା ନଡ଼ାରେ ପ୍ରସ୍ତୁତ କରାଯାଉଛି। ସେ ୨୦୦୫ ମସିହାରୁ ଏହିଭଳି ପ୍ରତିବର୍ଷ ବିନ୍ଦୁସାଗରରେ ଭସାଇବାକୁ ଡଙ୍ଗା ତିଆରି କରୁଛନ୍ତି। ଏହି କାମରେ ତାଙ୍କ ସହଯୋଗୀ ସୌଦାମିନୀ ସାମଲ ସାହାଯ୍ୟ କରିଥାନ୍ତି। ବିନ୍ଦୁ ସାଗରରେ ବୋଇତ ବନ୍ଦାଣ କାର୍ଯ୍ୟ ସରିଲା ପରେ କାରିଗର ଦୁଇଦିନ ପରେ ପାଣିରୁ ଆଣି ଡଙ୍ଗାକୁ କିଛିଦିନ ପର୍ଯ୍ୟନ୍ତ ଲୋକ ଦେଖିବା ପାଇଁ ରଖିଥାନ୍ତି। ପରେ ତାକୁ ଭାଙ୍ଗି ଦିଆଯାଏ। ପରମ୍ପରା ଅନୁଯାୟୀ ପ୍ରତିବର୍ଷ ନୂଆ ଡଙ୍ଗା ହିଁ ବିନ୍ଦୁସାଗରରେ ଭସାଯାଇଥାଏ। ବିନ୍ଦୁସାଗର ପରି ଚନ୍ଦ୍ରଶେଖରପୁର ଜଳାଶୟରେ ବୋଇତ ବନ୍ଦାଣ ପାଇଁ ମଧ୍ୟ ହୃଷୀକେଶ ଆଉ ଏକ ୫ ଫୁଟ୍ ଉଚ୍ଚତାର ଡଙ୍ଗା ତିଆରି କରନ୍ତି। ହେଲେ ଚଳିତ ବର୍ଷ ତାହା ବନ୍ଦ ହୋଇ ଯାଇଛି।

### ଦେବଯୁଗ୍ ପକ୍ଷରୁ ୬ ଫୁଟ୍‌ର ହଂସ

ଚଳିତ ବର୍ଷ ଦେବଯୁଗ୍ ପରିବାର ପକ୍ଷରୁ ବିନ୍ଦୁସାଗରରେ ଭସାଇବା ପାଇଁ ଆଉ ଏକ ଡଙ୍ଗା ପ୍ରସ୍ତୁତ କରାଯାଇଛି। ଏହି ଡଙ୍ଗାକୁ ମଧ୍ୟ କାରିଗର ହୃଷୀକେଶ ବେହେରା ତିଆରି କରୁଛନ୍ତି। ଏହି ଡଙ୍ଗା ହଂସ ଆକୃତିର ହେଉଥିବା ବେଳେ ୬ ଫୁଟ୍ ଲମ୍ବ ଏବଂ ୪ ଫୁଟ୍ ଉଚ୍ଚତା ରହିଛି। ଏହି ଡଙ୍ଗାକୁ ମଧ୍ୟ କାର୍ତ୍ତିକ ପୂର୍ଣ୍ଣମୀର ଗୋଟିଏ ଦିନ ପୂର୍ବରୁ କାର୍ଯ୍ୟ ଶେଷ କରି ଦିଆଯିବ।

### ଡଙ୍ଗା ପାଇଁ ମହଙ୍ଗା ନଡ଼ା, ବାଉଁଶ

ସମୟ ସହ ପ୍ରତ୍ୟେକ ଜିନିଷ ମହଙ୍ଗା ହେଉଥିବାବେଳେ କାରିଗରଙ୍କ ପାଇଁ ବାଧା ସୃଷ୍ଟି କରୁଛି ନଡା ଏବଂ ବାଉଁଶ ଦର। ପରିଶ୍ରମକୁ ଉଚିତ ମୂଲ୍ୟ ମିଳୁ ନ ଥିବାବେଳେ, ଏହିଭଳି ବୋଇତ ବା ଡଙ୍ଗା ତିଆରି କରିବା ପାଇଁ ଆବଶ୍ୟକ ମୁତାବକ ନଡା ଏବଂ ବାଉଁଶ ମଧ୍ୟ ମିଳୁନାହିଁ। ଫଳରେ ପ୍ରତିବର୍ଷ ଏହାର ମୂଲ୍ୟ ବଢୁଛି। ଏନେଇ କାରିଗର କୁହନ୍ତି, ଗତ ବର୍ଷ ନଡା ବିଡାକୁ ୬ ଟଙ୍କା ଥିବାବେଳେ ଚଳିତ ବର୍ଷ ୧୨ ଟଙ୍କାରେ କିଣିବାକୁ ପଡୁଛି। ସେହଭଳି ବାଉଁଶ ଗୋଟାକୁ ତିନି ଶହରେ କିଣା ଆସୁଛି।

### କୋଡ଼ିଏ ବର୍ଷ ଧରି ଭାସୁଛି ବିଜୟଙ୍କ ଡଙ୍ଗା

କାର୍ତ୍ତିକ ଆସିଲେ ଖୋଜା ପଡ଼ନ୍ତି ସିଏ। ତାଙ୍କ ହାତରେ ଭିଡ଼ା ହେଇଥିବା କଦଳୀ ପଟୁଆ ହେଉ କି ଥର୍ମ କୋଲ ଡଙ୍ଗା ସମସ୍ତଙ୍କ ପସନ୍ଦ ପାଲଟେ। ବୟସ ଫେଡ଼ି ହେଇ ଚାଲିଛି ସିନା, ହେଲେ ଅଭିଜ୍ଞତା ତାଙ୍କୁ ବିଜୟ କରେଇଛି। ନାଁ ବିଜୟ ବେହେରା। ନିଜ ଡଙ୍ଗାର ନିଜେ ନାଉରୀ ସାଜିଛନ୍ତି ସିଏ। ଗଢୁଛନ୍ତି ଗଲା ତିନି ଦଶନ୍ଧି ଧରି ଶହ ଶହ ମଣିଷର ମାନସିକ ଡଙ୍ଗା। ସେଇଥିରୁ ସେ ପାରିକରନ୍ତି ନିଜକୁ ଏ ସଂସାର ସାଗରରେ।

ବର୍ଷର ସବୁଠାରୁ ଶ୍ରେଷ୍ଠ ମାସ ହେଉଛି କାର୍ତ୍ତିକ ମାସ। ଏହି କାର୍ତ୍ତିକ ପୂର୍ଣ୍ଣିମା ଦିନ ଡ଼ଙ୍ଗା ଭସାଇବାର ପରମ୍ପରା ରହିଛି। ସେହି ପରମ୍ପରା ଅନୁଯାୟୀ ଶ୍ରାବଣ ମାସରୁ ଆରମ୍ଭ ହୁଏ ଡଙ୍ଗା ତିଆରି କରି ଗୁଜୁରାଣ ମେଣ୍ଟାଉଥିବା ଡଙ୍ଗା କାରିଗର। ପ୍ରତିବର୍ଷ ଏହି ଦିନକୁ ଚାହିଁ ରହିଥିବା କାରିଗରଙ୍କ ମଧ୍ୟରୁ ଅନ୍ୟତମ ପୁରୁଣା ଭୁବନେଶ୍ୱର ନାଳସାହିର ବିଜୟ ବେହେରା। ବୟସ ପାଖାପାଖି ୬୦ରୁ ଊର୍ଦ୍ଧ୍ୱ ଛୁଇଁଲାଣି। ହେଲେ ହାତ ଆଜି ବି ଡଙ୍ଗା ତିଆରିରେ ବ୍ୟସ୍ତ। ବର୍ଷେ କି ଦି ବର୍ଷ ନୁହଁ, ଦୀର୍ଘ ୨୦ ବର୍ଷରୁ ଅଧିକ ସେ କଦଳୀ ପାଟୁଙ୍ଗା ଓ ସୋଲ ଡଙ୍ଗା ତିଆରି କରି ଆସୁଛନ୍ତି। ନିଜର ଏହି ଅନୁଭୁତି ନେଇ ସେ କହିଥିଲେ, ହସ୍ତଶିଳ୍ପକୁ ନେଇ ସେ କିଛି ଦିନ ପ୍ରଶିକ୍ଷଣ ନେଇଥିଲେ। ପରେ ମନ୍ଦିର ଗଢିବା କାର୍ଯ୍ୟ ଏବଂ ରାଜମିସ୍ତ୍ରୀ କାମ କରି ଘର ଚଲାଉଥିଲେ। ଧୀରେ ଧୀରେ ସଂସାର ବଢ଼ିବାରୁ ଆୟ ଅଧିକ ଆବଶ୍ୟକ ହେଲା। ପୂର୍ବରୁ ଶିଖିଥିବା ସେ କଳା ତାଙ୍କୁ ଡଙ୍ଗା ତିଆରି କରିବାରେ ସାହାଯ୍ୟ କଲା।



ପ୍ରତି ବର୍ଷ ଶ୍ରାବଣ ମାସ ଆସିଲେ ଏହି ଡଙ୍ଗା ତିଆରି କାମ କରୁଛନ୍ତି। ଆଗରୁ ଲୋକ କଦଳୀ ପାଟୁଙ୍ଗା ଡଙ୍ଗା ହିଁ ପରମ୍ପରା ଅନୁଯାୟୀ ଭସାଉଥିଲେ। ହେଲେ ଧୀରେ ଧୀରେ ଏବେ କେବଳ ଲୋକ ଡିଜାଇନ ଡିଜାଇନ ଡଙ୍ଗା ଖୋଜୁଛନ୍ତି। ସୋଲ ଡଙ୍ଗା ଏବେ ୪୦ରୁ ଆରମ୍ଭ ହୋଇ ତିନି ଶହରୁ ଦେଢ ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି। ଦିନକୁ ୫ ରୁ ୬ ଘଣ୍ଟା ଲାଗି ତିଆରି କରିଥାନ୍ତି। ପ୍ରତିବର୍ଷ ସୋଲ ଡଙ୍ଗା ୩ ଶହ ପାଖାପାଖି ବିକ୍ରି ହେଉଛି। ଚଳିତ ବର୍ଷ ସେ ଅସୁସ୍ଥ ଥିବାରୁ ପାଖାପାଖି ଦେଢ ଶହ ସୋଲ ଡଙ୍ଗା ତିଆରି କରିଛନ୍ତି। ଏହି କାମ ସେ ମହାଳୟା ଦିନରୁ ଆରମ୍ଭ କଲେଣି। ପୂର୍ଣ୍ଣିମା ପୂର୍ବରୁ ଆଖପାଖ ଅଞ୍ଚଳର ଲୋକ ଲୋକ ଖୋଜି ଖୋଜି ଆସନ୍ତି ଏହି ଜିଡାଇନ ଡଙ୍ଗା ନେବାକୁ ବୋଲି ସେ କହିଥିଲେ।

## ସହରରୁ ବୁଲା ଗୋରୁ, ଷଣ୍ଢ ହଟାଇବାରେ ପୌରପରିଷଦ ବିଫଳ

# ଟ୍ରାଫିକ୍ ସମସ୍ୟା ଗୁରୁତର, ଘଟୁଛି ଦୁର୍ଘଟଣା

ପଟ୍ଟାମୁଣ୍ଡାଇ,୨୭।୧୦(ସମିସ): ସମ୍ପ୍ରତି ପଟ୍ଟାମୁଣ୍ଡାଇ ସହରରୁ ବୁଲା ଷଣ୍ଢ, ଗୋରୁ, ଛେଳିମେଣ୍ଢା ଓ କୁକୁର ହଟାଇବାରେ ପୌରପରିଷଦ ବିଫଳ ହୋଇଛି । ଫଳରେ ଗୁରୁତର ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇ ଦୈନିକ ଛୋଟବଡ଼ ଦୁର୍ଘଟଣା ଘଟୁଛି । ଏମାନଙ୍କୁ ହଟାଇବାରେ ପଟ୍ଟାମୁଣ୍ଡାଇ ପୌରପରିଷଦ ବହୁ ଉଦ୍ୟମ କରିଥିଲେ ମଧ୍ୟ ସଫଳ ହୋଇପାରିନାହିଁ । ପଟ୍ଟାମୁଣ୍ଡାଇ ସହରରୁ ବୁଲା ଗୋରୁ, ଷଣ୍ଢ, ଛେଳିମେଣ୍ଢା ଓ କୁକୁର ହଟାଇବାରେ ପଟ୍ଟାମୁଣ୍ଡାଇ ପୌର ପରିଷଦ ବସ୍ତୁତ ବିଫଳ ହୋଇଥିବା ସହରରେ ଚର୍ଚ୍ଚା ଚାଲିଛି । ଏମାନଙ୍କ ଉପଦ୍ରବ ଯୋଗୁଁ ପଟ୍ଟାମୁଣ୍ଡାଇ ସହରରେ ଟ୍ରାଫିକ ସମସ୍ୟା ଗୁରୁତର ହୋଇପଡିଛି । ପୌର ପରିଷଦ ବାରମ୍ବାର ଡାକବାଜି ଯନ୍ତ୍ର ସାହାଯ୍ୟରେ ପ୍ରଚାର କରିଥିଲେ ମଧ୍ୟ ଫଳ କିଛି ହେଉନାହିଁ । ମାଲିକମାନେ ଫୁ କରିଦେଉଛନ୍ତି । ପଟ୍ଟାମୁଣ୍ଡାଇ ସହରରେ କାଞ୍ଜିଆହୁଦା ଏବେ ଅକାମି ହୋଇପଡ଼ିଛି ।

ପୌର ପରିଷଦ ବୈଠକରେ ବାରମ୍ବାର ବୁଲା ଗୋରୁ, ଷଣ୍ଢଙ୍କୁ ହଟାଇବା ପାଇଁ ପ୍ରସ୍ତାବ ଗୃହୀତ ହୋଇଛି । ଏହା କାର୍ଯ୍ୟକାରୀ ହୋଇପାରୁନାହିଁ । ବଡ଼ ଆକାରରେ ଜରିମାନା କରିବା, ନଚେତ ନିଲାମ କରି ବିକି ଦେଲେ ଗୋରୁ, ଛେଳିମେଣ୍ଢା ମାଲିକଙ୍କ ମଧ୍ୟରେ ଛନକା ପଶିବ ବୋଲି ସାଧାରଣରେ ମତ ପ୍ରକାଶ ପାଉଥିଲେ ମଧ୍ୟ ବସ୍ତୁତଃ କିଛି ନ କରି ପୌର ପ୍ରଶାସନ ଚୁପ୍ ରହିଛି । ପଟ୍ଟାମୁଣ୍ଡାଇ ସହରକୁ ପୌରାଞ୍ଚଳ ଘୋଷଣା କରାଯିବାର ୩୭ ବର୍ଷ ଅତିକ୍ରାନ୍ତ ପରେ ବିଭିନ୍ନ ସମସ୍ୟାରେ ଲୋକମାନେ ଛନ୍ଦି ହୋଇପଡିଛନ୍ତି । ସହରର ମୁଖ୍ୟ ସମସ୍ୟା ଜଳ ନିଷ୍କାସନ ଏବେବି ଅସମାହିତ । ଏପରିକି ସହରରୁ ବୁଲା ଷଣ୍ଢ, ଗୋରୁ, ମେଣ୍ଢାଛେଳି ଓ କୁକୁରଙ୍କୁ ହଟାଇବାରେ ପରିଷଦ ବିଫଳ ହେବା ଘଟଣା ଜନସାଧାରଣରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି । ସତେ ଯେମିତି ସେମାନେ ଟ୍ରାଫିକ ନିୟନ୍ତ୍ରଣ ଦାୟିତ୍ୱରେ ଅଛନ୍ତି । ସହରରେ ଦିନରାତି ଅବାଧରେ ବିଚରଣ କରୁଛନ୍ତି । ମୁଖ୍ୟ ରାସ୍ତା ଓ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଛକରେ ଠିଆ ହୋଇ ହେବା ସହିତ ଶୋଇ ରହି ଗୁରୁତର ଟ୍ରାଫିକ ସମସ୍ୟା ସୃଷ୍ଟି କରୁଛନ୍ତି । ଫଳରେ ରାସ୍ତା ଜାମ ରହିବା ଫଳରେ ଜନସାଧାରଣ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗ କରୁଛନ୍ତି । ସନ୍ଧ୍ୟା ପରେ ଏହି ସମସ୍ୟା ଉତ୍କଟ ରୂପ ଧାରଣ କରୁଛି ଓ ଅନେକ ସମୟରେ ଦୁର୍ଘଟଣା ଘଟୁଛି । ଏପରିକି ଜରୁରିକାଳୀନ ସେବାରେ ନିଯୋଜିତ ଦମକଳ ଓ ଆମ୍ବୁଲାନ୍ସ ଯିବାରେ ବାଧା ସୃଷ୍ଟି ହୋଇଛି ।

ପଟ୍ଟାମୁଣ୍ଡାଇ ସହରର ବିପର୍ଯ୍ୟସ୍ତ ଟ୍ରାଫିକ ସମସ୍ୟା ସୁଧାରିବା ପାଇଁ ପ୍ରଶାସନ ପକ୍ଷରୁ ବାରମ୍ବାର ବୈଠକ ହୋଇଛି ସତ, ଫଳ ଶୂନ୍ । ଦିନକୁ ଦିନ ଟ୍ରାଫିକ ସମସ୍ୟା ଉତ୍କଟ ହେଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ବସ୍‌ଷ୍ଟାଣ୍ଡ, ମେଡିକାଲ ଛକ, ବାଇପାସ ଛକ, କଲେଜ ରୋଡ୍, ସରକାରୀ ବାଳିକା ହାଇସ୍କୁଲ ଛକ, ବକ୍ତାରପୁର ଛକ, କଟକ-ଚାନ୍ଦବାଲି ମୁଖ୍ୟରାସ୍ତା ବିଜୁ ପଟ୍ଟନାୟକ ଛକ ଆଦି ଅଞ୍ଚଳରେ ବୁଲା ଷଣ୍ଢ, ଗୋରୁ ଛେଳିମେଣ୍ଢା ମେଳିବାନ୍ଧି ଠିଆ ହେବା ସହିତ ଶୋଇ ରହୁଥିବାରୁ ବହୁ ସମୟରେ ଯାତାୟତ ସମ୍ପୂର୍ଣ୍ଣ ଠପ ହୋଇଯାଉଛି । ମାତ୍ର ୧ କିମି ବଜାର ରାସ୍ତା ଅତିକ୍ରମ କରିବାକୁ ଘଣ୍ଟାଏରୁ ଅଧିକ ସମୟ ଲାଗୁଛି । ବୁଲା ଗୋରୁ, ଷଣ୍ଢ, ଛେଳିମେଣ୍ଢାଙ୍କୁ ଧରିବା ପାଇଁ ପୌରପରିଷଦ ପକ୍ଷରୁ ଗାଡ଼ି କିଣାଯାଇଥିଲେ ମଧ୍ୟ ଏହାକୁ କାର୍ଯ୍ୟରେ ଲଗାଯାଉ ନ ଥିବା ଅଭିଯୋଗ ହୋଇଛି । ସହରର ବିପର୍ଯ୍ୟସ୍ତ ଟ୍ରାଫିକ ସମସ୍ୟା ଦୂର କରିବାରେ ପୌର କର୍ତ୍ତୃପକ୍ଷ ଓ ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେଇ ଅବିଳମ୍ବେ ଫଳପ୍ରଦ ପଦକ୍ଷେପ ନ ନେଲେ ସାଧାରଣରେ ସୃଷ୍ଟି ହେଉଥିବା ଅସନ୍ତୋଷ ଆଗାମୀ ଭବିଷ୍ୟତରେ ଉଗ୍ରରୂପ ଧାରଣ କରିବା ସମ୍ଭାବନା ରହିଛି ।

## ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ



ଡେରାବିଶ,୨୭।୧୦(ସମିସ): ଡେରାବିଶ ଶିକ୍ଷା ସର୍କଲ ଅନ୍ତର୍ଗତ କୁଶିଆପାଳ ସରକାରୀ ଉନ୍ନୀତ ଉଚ୍ଚବିଦ୍ୟାଳୟ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷୟିତ୍ରୀ ଶୁଭ୍ରାଲିନ୍ ଜେନାଙ୍କ ସଭାପତିତ୍ୱରେ ଉଦ୍‌ଘାଟନୀ ସଭାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ ସଚିକାନ୍ତ ମିଶ୍ର, ମୁଖ୍ୟବକ୍ତା ଭାବେ କୁଶିଆପାଳ ସରପଞ୍ଚ ଦୟାନିଧି ଦାସ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ସାଧନକେନ୍ଦ୍ର ସଂଯୋଜକ ହରେକୃଷ୍ଣ କରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିଶୁ ଉତ୍ସବରେ ସାଧନକେନ୍ଦ୍ର ଅଧୀନ ୧୧ଟି ବିଦ୍ୟାଳୟରୁ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଅପରାହ୍ନରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ସମ୍ମାନିତ ଅତିଥି ଭାବେ ସମିତିସଭ୍ୟ ସୁବାସ ସାହୁ, ବିଦ୍ୟାଳୟ ଶିକ୍ଷା କମିଟି ସଭାପତି ତପନ ସାହୁ ଓ ପଞ୍ଚସଖା ଶିକ୍ଷାସେତୁ ସଭାପତି ଗୁରୁଚରଣ ସାହୁ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷାବିତ୍ ରାମଚନ୍ଦ୍ର ଆଚାର୍ଯ୍ୟ, ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ସାଧନକେନ୍ଦ୍ର ଅଧୀନ ସମସ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ପରିଚାଳନା କମିଟି ସମସ୍ତ ସଭ୍ୟ ସଭ୍ୟା ସହଯୋଗ କରିଥିଲେ ।

### ■ କୌଣସି ନୂଆ କାମ ହୋଇନି

## ପୁରୁଣା କାମ ଦେଖାଇ ବିନା ସୂଚନାଫଳକରେ ବିଲ୍ ଅଭିଯୋଗ

ରାଜକନିକା,୨୭।୧୦(ସମିସ): ରାଜକନିକା ପଞ୍ଚାୟତ ସମିତିରେ ଦୁର୍ନୀତିର ସବୁ ସୀମା ଟପିଛି । ସ୍ଥିତି ଏମିତି ହୋଇଛି ଯେ କେବଳ ରେକର୍ଡପତ୍ରରେ ବିଲ୍ ପାସ ହେଉଛି । ରାଜକନିକା ପଞ୍ଚାୟତ ସମିତି ଅନ୍ତର୍ଗତ ବଳରାମପୁର ପଞ୍ଚାୟତରେ ବାଲିସାହି ରାସ୍ତା କଲଭର୍ଟ ନିର୍ମାଣ ନାଁରେ ୧ ଲକ୍ଷ ୪୯ ହଜାର ୧୦୯ ଟଙ୍କା ଓ ଓଳାଭର ହାଇସ୍କୁଲ ଉନ୍ନତିକରଣ ନାଁରେ ଏହି ମାସ ୧୯ ତାରିଖରେ ୧ ଲକ୍ଷ ୮୮ ହଜାର ୬୫୭ ଟଙ୍କା ବିଲ୍ କରାଯାଇଥିବା ଅଭିଯୋଗ ହେଉଛି । ଏହି ଉଭୟ କାମ ପିଇଓଙ୍କ ନାମରେ ଥିବାବେଳେ ଏହି କାମକୁ ଜେଇଙ୍କ ତତ୍ତ୍ୱାବଧାନରେ କରାଯାଇଥିବା ସୂଚନା ରହିଛି । ପଞ୍ଚାୟତିରାଜ ଯୋଜନାରେ ପଞ୍ଚମ ରାଜ୍ୟ ଅର୍ଥ କମିଶନଙ୍କ ଆର୍ଥିକ ସହାୟତାରେ ସମ୍ପୂର୍ଣ୍ଣ ଫଲସ୍ ବିଲ୍ କରାଯାଉଥିବା ଏହି କାମ ସମ୍ପର୍କରେ କୌଣସି ସୂଚନା ଫଳକ ମଧ୍ୟ କେଉଁଠି ଲଗାଯାଇ ନ ଥିବା ଅନୁସନ୍ଧାନରୁ ଜଣାପଡ଼ିଛି । ଏହି କାମ ବ୍ଲକ୍‌କୁ ପନିସମେଣ୍ଟରେ ବଦଳି ହୋଇଆସିଥିବା ଜେଇଙ୍କ ନାମରେ କରାଯାଉଛି । ତେବେ ସରକାରୀ ଯୋଜନାର ଉନ୍ନୟନମୂଳକ କାମ କରିବାକୁ ଥିବା ଜେଇ, ଏଇ, ପିଇଓଙ୍କ ମିଳିତ ଭାବେ ହଡ଼ପ କରାଯାଏ ତାର ନଗ୍ନ ନମୁନା ଏହି ଦୁଇ ପ୍ରକଳ୍ପରୁ ଜଣାପଡିଛି । ଏ ସମ୍ପର୍କରେ ରାଜକନିକା ବିଡିଓ କୈଳାସ ଚନ୍ଦ୍ର ମହାଲିକଙ୍କୁ ପଚାରିବାରୁ ଏବେ ବାତ୍ୟା ସମୟ ଚାଲିଛି, ପରେ କାମ ସମ୍ପର୍କରେ ତଦନ୍ତ ପାଇଁ ଜିପିଓଙ୍କୁ ପଠାଇ ଦେଖିବେ ବୋଲି କହିଛନ୍ତି । ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ଏଭଳି ଫଲସ ପ୍ରକଳ୍ପ ନାଁରେ ସରକାରୀ ଅର୍ଥ ଲୁଟ ରୋକିବାକୁ ବିଧିବଦ୍ଧ ବ୍ୟବସ୍ଥା କରିବାକୁ ଦାବି ହୋଇଛି ।

## ଲକ୍ଷ୍ମୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ



ପାରାଦୀପ,୨୭।୧୦(ସମିସ): ବିଶ୍ୱାଳୀରେ ନୂତନ ଲକ୍ଷ୍ମୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ ବିଶ୍ୱାଳୀ ଗ୍ରାମର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଛି । ଏଥିରେ ଗ୍ରାମର ମୁଖିଆ ଓ ଯୁବକ ଉପସ୍ଥିତ ରହି ନିଜର ମତ ରଖିଥିଲେ । ନଭେମ୍ବର ୨ ତାରିଖରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହେବ । ଏଥିରେ ସମସ୍ତ ଗ୍ରାମବାସୀ ଉପସ୍ଥିତ ରହିବାକୁ ନିଷ୍ପତ୍ତି ନିଆଯାଇଥିଲା । ବିଶେଷକରି ଗ୍ରାମରେ ନିଶା ନିବାରଣ ଉପରେ ସଚେତନତା କାର୍ଯ୍ୟକ୍ରମ ସହ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଗାଁଠାରୁ ଦୂରରେ ରହୁଥିବା ପୁରାତନ ଭାଇ ଏହି ବୈଠକରେ ଉପସ୍ଥିତ ଥିଲେ । ଏହି ପ୍ରତିଷ୍ଠା ଉତ୍ସବକୁ ବହୁ ଆଡମ୍ବରରେ ପାଳନ କରାଯିବା ନେଇ ନିଷ୍ପତ୍ତି ହୋଇଥିଲା ।

## ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗରେ ଜଣେ ଗିରଫ

ରାଜକନିକା,୨୭।୧୦(ସମିସ): ନାବାଳିକାଙ୍କୁ ଅସଦାଚରଣ କରି ଜଣେ ଗିରଫ ହୋଇଛନ୍ତି । ଗିରଫ ଜଣକ ନାବାଳିକାଙ୍କ ସମ୍ପର୍କୀୟ ଜେଜେ ବୋଲି ଜଣାପଡ଼ିଛି । ନାବାଳିକା (୧୪)କୁ ବାରମ୍ବାର ଅସଦାଚରଣ କରିଆସୁଥିବା ଜେଜେ ବିରୁଦ୍ଧରେ ନାତୁଣୀ ଥାନାର ଦ୍ୱାରସ୍ଥ ହେବା ପରେ ଆଜି ପୁଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସମ୍ପର୍କୀୟ ଜେଜେ (୫୫) ନାବାଳିକାଙ୍କୁ ତାଙ୍କ ଘରେ ଗତ ୬ ତାରିଖ ଦିନ ଅସଦାଚରଣ କରିଥିବା ସେ ୨୬ ତାରିଖରେ ରାଜକନିକା ଥାନାରେ ନେଇ ଅଭିଯୋଗ କରିଥିଲେ । ଅଭିଯୋଗ ପାଇ ଥାନାରେ ୫୪୭/୨୫ରେ ମାମଲା ରୁଜୁ କରାଯାଇ ଆସାମୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସଞ୍ଜୟ ମଲ୍ଲିକ ସୂଚନା ଦେଇଛନ୍ତି ।




## ଧାନଚାଷରେ ସୂତ୍ରକୃମି ନିୟନ୍ତ୍ରଣରେ ଜୈବ ପଦ୍ଧତି ଅଧିକ ଉପାଦେୟ



କେନ୍ଦ୍ରାପଡ଼ା,୨୭।୧୦(ସମିସ): ସୂତ୍ରକୃମି ନିୟନ୍ତ୍ରଣ ପାଇଁ ରାସାୟନିକ ପଦାର୍ଥଠାରୁ ଅଧିକ କାର୍ଯ୍ୟକାରୀ ପରିଣାମ ଦେଉଛି ଜୈବ ପଦ୍ଧତି ବୋଲି କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର, ବିଦ୍ୟାଧରପୁର ପକ୍ଷରୁ କାବିଲପୁରଠାରେ ଆୟୋଜିତ ପ୍ରଶିକ୍ଷଣ ଶିବିରରେ କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ରର ବୈଜ୍ଞାନିକ ଡ. ରୂପକ ଜେନା, ବୈଜ୍ଞାନିକ ଡ. ମିଲନ କୁମାର ଲାଲ, ସହକାରୀ ଉଦ୍ୟାନ କୃଷି ଅଧିକାରୀ ଡ଼. ଶ୍ରୀରାମ ରତନ ପ୍ରଧାନ, ୧୦ ନମ୍ବର ଜୋନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ସତ୍ୟାନନ୍ଦ ରାଉତ ଯୋଗଦେଇ ମତ ପ୍ରକାଶ କରିଛନ୍ତି । ଏ ଅବସରରେ ବୈଜ୍ଞାନିକମାନେ ଗରଦପୁର ବ୍ଲକର କୃଷକଙ୍କୁ ଧାନ ଫସଲରେ ସୂତ୍ରକୃମି ସମସ୍ୟା ଓ ଏହାର ଜୈବିକ ନିୟନ୍ତ୍ରଣ ବିଷୟରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ । ବିଶେଷଜ୍ଞଙ୍କ କହିବା ଅନୁସାରେ, ସୂତ୍ରକୃମି ହେଉଛି ଏକ ଅତି କ୍ଷୁଦ୍ର ଜୀବ । ଯାହା ଧାନ ଫସଲରେ ଚେର ଗଣ୍ଠି ସୃଷ୍ଟି କରି ଫସଲର ଉତ୍ପାଦନ ହ୍ରାସ କରେ । ଏହାର ନିରାକରଣ ପାଇଁ ଟ୍ରାଇକୋଡର୍ମା, ବ୍ୟାସିଲସ, ସ୍ୟୁଡୋମୋନାସ ଭଳି ଉପକାରୀ ଅଣୁଜୀବ ଅତ୍ୟନ୍ତ ଉପଯୋଗୀ । ଶିବିରରେ ବିଜ ଉପଚାର, ନିମ୍ବ ପିଡିଆର ପ୍ରୟୋଗ, ଜୈବ ଜୀବାଣୁ ବ୍ୟବହାର ଓ ମାଟି ପରିଚର୍ଯ୍ୟା ବିଷୟରେ ଅବଗତ କରାଯାଇଥିଲା । କୃଷକମାନେ ନିଜ ଜମିରେ ଏହି ପଦ୍ଧତି ଅନୁସରଣ କରି ସୂତ୍ରକୃମି ରୋଗକୁ ରୋକିପାରିବେ ବୋଲି ଅଧିକାରୀମାନେ ଜଣାଇଥିଲେ । ଏହି ତାଲିମ ଶିବିରରେ କୃଷି ଅଧିକାରୀ, କୃଷି ବୈଜ୍ଞାନିକ ଓ ଗରଦପୁର ବ୍ଲକର ଗ୍ରାମୀଣ କୃଷକମାନେ ଉପସ୍ଥିତ ଥିଲେ । ଶେଷରେ ଜୈବ ପଦ୍ଧତିକୁ ଗ୍ରାମ ସ୍ତରରେ ବିସ୍ତାର କରିବା ପାଇଁ ସାମୂହିକ ସଂକଳ୍ପ ଗ୍ରହଣ କରାଯାଇଥିଲା ।

## ବୁଦ୍ଧ ବାବାଙ୍କ ପରଲୋକ



ଏରସମା, ୨୭।୧୦(ସମିସ): ସିହା ଗ୍ରାମସ୍ଥ ଅଲେଖ ଆଶ୍ରମ ତତ୍ତ୍ୱାବଧାରକ ବୁଦ୍ଧ ବାବାଙ୍କ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୭୫ ବର୍ଷ ବୟସ ହୋଇଥିଲା । ସେ ଅସୁସ୍ଥତା କାରଣରୁ ମାସେ ଧରି କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଥିଲେ । ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ମହିମା ଆଶ୍ରମ ପରିସରରେ ସମାଧି ଦିଆଯାଇଥିଲା । ଏ ଅବସରରେ ମହିମା ବଲ୍କଲଧାରୀ ବାବୁଲି ବାବା, ଗଦାଧର ବାବା, ଗୋପାଳ ବାବା, ଦୁଃଖବନ୍ଧୁ ବାବା, ଭରତ ବାବା, ଶଙ୍କର ବାବାଙ୍କ ସହିତ ସଞ୍ଜୟ ଦାସ, ଚିଦାନନ୍ଦ ଦାସ, ରମେଶ ଦାସ, ମାନସ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ସିହା ଗ୍ରାମ୍ୟ କମିଟି ସଭାପତି ଆଶିଷ ସ୍ୱାଇଁ, ପୂର୍ବତନ ସରପଞ୍ଚ ଶଶୀଭୂଷଣ ସ୍ୱାଇଁ, ସରପଞ୍ଚ ସଚ୍ଚିଦାନନ୍ଦ ଦାସ, ଜିତେନ୍ଦ୍ର ଦାସ, ବଂଶୀଧର ସ୍ୱାଇଁ, ରଞ୍ଜନ ଜେନା, ଅଜୟ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ । ସେ ସାରା ଜୀବନକୁ ମହିମା ଧର୍ମର ପ୍ରଚାରକ ଭାବେ ଉତ୍ସର୍ଗ କରିଥିଲେ । ଜଣେ ମିଷ୍ଟଭାଷୀ, ପରୋପକାରୀ ସାଧୁ ଭାବେ ଜଣାଶୁଣା ଥିଲେ । ତାଙ୍କ ମୃତ୍ୟୁରେ ଶୋକର ଛାୟା ଖେଳିଯାଇଛି ।

## ଫାଟିଲାଣି ଜମ୍ବୁ-ମାର୍ଶାଘାଇ ମୁଖ୍ୟରାସ୍ତା



ମହାକାଳପଡ଼ା,୨୭।୧୦(ସମିସ): ମହାକାଳପଡ଼ାର ମୁଖ୍ୟ ରାସ୍ତା ଜମ୍ବୁ-ମାର୍ଶାଘାଇ ରାସ୍ତାର ପ୍ରଶସ୍ତୀକରଣ କାମ ଚାଲିଛି । ଏହା ଚାରିଥାକିଆ ହେଉଛି । ତେବେ ନିର୍ମାଣ କାର୍ଯ୍ୟ ପୂର୍ଣ୍ଣାଙ୍ଗ ହେବା ପୂର୍ବରୁ କେତେକ ସ୍ଥାନରେ ରାସ୍ତା ଫାଟିଯାଇଥିବା ଦେଖିବାକୁ ମିଳିଛି । ଫଳରେ ରାସ୍ତା କାମ ନିମ୍ନମାନର ହେଉଥିବା ନେଇ ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ମହାକାଳପଡ଼ା ବ୍ଲକ୍‌ର ଆରମ୍ଭ ସ୍ଥଳ ବାଲଣା ଗୋପାଳପୁର ନିକଟରେ ରାସ୍ତା ଫାଟିଯାଇଥିବା ଦେଖିବାକୁ ମିଳିଛି । ପୂର୍ବରୁ ନୂଆ ମାଟି ପଡ଼ି ରାସ୍ତା ହୋଇଥିବା ବନ୍ଧର ଦକ୍ଷିଣ ପାର୍ଶ୍ୱର କିଛି ସ୍ଥାନରେ ଫାଟିଯାଇଥିବା ସ୍ଥାନରେ ପିଚୁ ଲେପ ଦିଆଯାଇ ଫଟା ସ୍ଥାନକୁ ଲୁଚାଇବାକୁ ଚେଷ୍ଟା କରାଯାଇଥିଲା । ବନ୍ଧର ଉତ୍ତରପାର୍ଶ୍ୱର କେନାଲ ପଟକୁ ଏକାଧିକ ସ୍ଥାନ ଫାଟିଥିବା ଦେଖିବାକୁ ମିଳିବା ପରେ ରାସ୍ତା ନିର୍ମାଣର ମାନ ଓ ସ୍ଥାୟିତ୍ୱ ଉପରେ ପ୍ରଶ୍ନ ଉଠିଛି । ବିଭାଗୀୟ ମନ୍ତ୍ରୀ ଓ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ରାସ୍ତା ନିର୍ମାଣର ମାନ ତଦାରଖ କରିବାକୁ ସାଧାରଣରେ ଦାବି ହେଉଛି ।

### ■ କାର୍-ବାଇକ୍ ମୁହାଁମୁହିଁ ଧକ୍କା

## ବାଇକ୍ ଚାଳକ ସମେତ ୩ ଗୁରୁତର

ଡେରାବିଶ, ୨୭।୧୦(ସମିସ): କଟକ-ଚାନ୍ଦବାଲି ରାସ୍ତାର ଖମୋଳ ଛକ ନିକଟରେ ଆଜି ଅପରାହ୍ନରେ ଏକ କାର୍ ଓ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ବାଇକ୍ ଚାଳକ ସମେତ ୩ ଜଣ ଗୁରୁତର ହୋଇ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି । ଖମୋଳ ଛକ ନିକଟରେ କେନ୍ଦ୍ରାପଡ଼ାରୁ କଟକ ଅଭିମୁଖେ ଏକ ବାଇକ୍‌ରେ ପୁରୁଷ ଚାଳକ ଓ ପଛରେ ଦୁଇଜଣ ମହିଳା ରାସ୍ତାର ବାମପଟେ ଯାଉଥିଲେ । ଏହି ସମୟରେ ବିପରୀତ ଦିଗରୁ ଏକ କାର (ସୁଜୁକି ଇର୍ଟିଗା) ଭାରସାମ୍ୟ ହରାଇ ବାଇକ୍‌କୁ ମୁହାଁମୁହିଁ ଧକ୍କା ଦେଇଥିଲା । ଫଳରେ ବାଇକ୍ ଚାଳକ ଓ ଆରୋହୀ ଦୁଇଜଣ ମହିଳା ଗୁରୁତର ହୋଇପଡ଼ିଥିଲେ । କାର୍‌ର ସମ୍ମୁଖ ବେଲୁନ୍ ବାହାରିବାରୁ କାର୍ ଚାଳକ ଓ ଆରୋହୀ ସାମାନ୍ୟ ଆହାତ ହୋଇଥିଲେ । ସ୍ଥାନୀୟ ଲୋକେ ସେଠାରେ ପହଞ୍ଚି କାର୍ ଓ ବାଇକ୍ ତଳେ ଚାପି ହୋଇରହିଥିବା ବାଇକ୍ ଚାଳକ ଓ ଆରୋହୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ କେନ୍ଦ୍ରାପଡ଼ା ମେଡ଼ିକାଲ୍‌କୁ ପଠାଇଥିଲେ ।



## ଜିଲ୍ଲାସ୍ତରୀୟ ଡିସ୍‌ଲେକ୍ସିଆ ସଚେତନତା




କେନ୍ଦ୍ରାପଡ଼ା,୨୭।୧୦(ସମିସ):କେନ୍ଦ୍ରାପଡ଼ା ଗୁଲନର ସରକାରୀ ଉଚ୍ଚବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ଡିସ୍‌ଲେକ୍ସିଆ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀ ଦୀପ୍ତି ନାୟକଙ୍କ ସଭାପତିତ୍ୱରେ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଶୁଭସ୍ମିତା ତ୍ରିପାଠୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । କେନ୍ଦ୍ରାପଡ଼ା ବ୍ଲକ୍ ଶିକ୍ଷା ଅଧିକାରୀ ନାରାୟଣପ୍ରସାଦ ମନ୍ତ୍ରୀ, ଏବିଓ ବଳଦେବ ପ୍ରସାଦ ଜେନା, ପ୍ରଧାନଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ତରାଇ, ଡେରାବିଶ ଏବିଓ ଦେବଦତ୍ତ ଶତପଥୀ, ଅର୍ଥ ପରାମର୍ଶଦାତା ସୂର୍ଯ୍ୟନାରାୟଣ ମିଶ୍ର, ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ ପ୍ରମୁଖ ଅତିଥି ପ୍ରମୁଖ ଯୋଗଦେଇ ଉକ୍ତ ଦିନର ତାତ୍ପର୍ଯ୍ୟ ସମ୍ପର୍କରେ ବୁଝାଇଥିଲେ । ପ୍ରକଳ୍ପ ସଚେତନତା ରାଲି ସହର ପରିକ୍ରମା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ବ୍ଲକ୍‌ର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ହିମାଂଶୁ ଭୂଷଣ ଜେନା, ରଶ୍ମିରଞ୍ଜନ ଜେନା, ଶ୍ରୀଧର ଭୋଳ, ପୁଷ୍ପାଞ୍ଜଳି ପାଲ, ହିମାଂଶୁ ନାୟକ, ରାଜଲକ୍ଷ୍ମୀ ରାଉତ, ସୁବାସ ସାହୁ, ଜୟରାମ ସେଠୀ, ପ୍ରକାଶ ସ୍ୱାଇଁ, ଆଲୋକ ବେହେରା, ଜୟନ୍ତ ସ୍ୱାଇଁ, ହେମନ୍ତ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ । ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା ।

## ସାପ କାମୁଡ଼ାରେ ଛାତ୍ରଙ୍କ ମୃତ୍ୟୁ

ତିର୍ତ୍ତୋଲ,୨୭।୧୦(ସମିସ): ତିର୍ତ୍ତୋଲ ଥାନା ଅନ୍ତର୍ଗତ କୋଳର ପଞ୍ଚାୟତର ବିଲ କୋଳର୍ ଗ୍ରାମର ସୁରେଶ ବେହେରାଙ୍କ ପୁତ୍ର ସୁଧାଂଶୁ ବେହେରା(ଶୁଭମ) ସାପ କାମୁଡ଼ାରେ ମୃତ୍ୟୁବରଣ କରିଛନ୍ତି । ସେ ଚତୁର୍ଥ ଶ୍ରେଣୀରେ ପଢୁଥିଲେ । ଗତକାଲି ରାତିରେ ଶୋଇଥିବାବେଳେ ତାଙ୍କୁ ସାପ କାମୁଡ଼ି ଦେଇଥିଲା । ଶୁଭମ୍ ଜାଣି ପାରି ନ ଥିଲେ । ପରେ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ପରିବାର ଲୋକେ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ଶୁଭମଙ୍କ ମୃତ୍ୟୁରେ କୋଳର୍ ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଛି ।

## ବ୍ରଜବନ୍ଧୁ ହାଇସ୍କୁଲ ପୁରାତନ ଛାତ୍ରଛାତ୍ରୀଙ୍କ ବୈଠକ




ରାଜକନିକା,୨୭।୧୦(ସମିସ): ରାଜକନିକା ସଦରର ଆରସାସ୍ଥ ବ୍ରଜବନ୍ଧୁ ଉଚ୍ଚବିଦ୍ୟାଳୟ ୨୦୦୭ ମାଟ୍ରିକ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବୈଠକ ଅନୁଷ୍ଠିତ ହୋଇଛି । ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ, ଗୁରୁପୂଜନ, ଦିବଂଗତ ସହପାଠୀ, ଶିକ୍ଷକ ଓ କର୍ମଚାରୀଙ୍କ ସ୍ମୃତିଚାରଣ କରାଯାଇଥିଲା । ଚାଳ ଛପର ଘରେ ପଢିଥିବା ଏହି ବ୍ୟାଚ୍‌ର ଛାତ୍ରଛାତ୍ରୀଙ୍କ ଦ୍ୱାରା ଏହି ବିଦ୍ୟାଳୟରେ ପ୍ରଥମଥର ବନ୍ଧୁମିଳନ କରାଯାଇଥିବାବେଳେ ସମସ୍ତ ଶିକ୍ଷକ ଓ କର୍ମଚାରୀଙ୍କୁ ପୂଜା କରାଯାଇଥିଲା । ପୁରାତନ ଛାତ୍ର ଭବାନୀ ପଣ୍ଡା ଓ ଲଲାଟେନ୍ଦୁ ବେହେରାଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅଶ୍ରୁମୋଚନ ପାଣି, ପବିତ୍ର ସେଠୀ, ସୁଶ୍ରୀ ସଙ୍ଗୀତା ବେହେରା, ଶାଶ୍ୱତ ସଞ୍ଜିବନୀ ବିଶ୍ୱାଳ, ରାଜୀବ ଲୋଚନ ବେହେରା, ପୂର୍ଣ୍ଣଚନ୍ଦ୍ର ଦାଶ, ସ୍ମୃତିରଞ୍ଜନ ମଲ୍ଲିକ, ସୋନାଲି ମହାପାତ୍ର, ସ୍ୱର୍ଣ୍ଣରଞ୍ଜନ ନାୟକ ପ୍ରମୁଖ ଯୋଗ ଦେଇଥିବାବେଳେ ଲଲାଟେନ୍ଦୁ ବେହେରା ଧନ୍ୟବାଦ ଦେଇଥିଲେ ।

## ଇଣ୍ଡିଆନ୍ ଅଏଲ୍ ପାରାଦୀପ ରିଫାଇନରୀରେ ସତର୍କତା ସଚେତନତା ସପ୍ତାହ

ପାରାଦୀପ,୨୭।୧୦(ସମିସ): ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ପାରାଦୀପ ରିଫାଇନରୀର କାର୍ଯ୍ୟକାରୀ ନିର୍ଦ୍ଦେଶକ ତଥା ରିଫାଇନରୀ ପ୍ରମୁଖ କୌଶିକ ବସୁଙ୍କ ଦ୍ୱାରା ଇଣ୍ଡିଆନ୍ ଅଏଲ୍ ପାରାଦୀପ ରିଫାଇନରୀରେ ସତର୍କତା ସଚେତନତା ସପ୍ତାହ ଆରମ୍ଭ ହୋଇଛି । ଶ୍ରୀ ବସୁ ସମସ୍ତ କର୍ମଚାରୀଙ୍କୁ ନିଜ ଜୀବନରେ ସଚ୍ଚୋଟତା ଓ ସତ୍ୟନିଷ୍ଠା ଜାଗ୍ରତ କରିବାକୁ ଅନୁରୋଧ କରିଥିଲେ । ଏକ ଫଳପ୍ରଦ କାର୍ଯ୍ୟକ୍ଷେତ୍ର ପରିବେଶ ସୃଷ୍ଟି ପାଇଁ କର୍ମଚାରୀଙ୍କ ମଧ୍ୟରେ ସ୍ୱଚ୍ଛ ପ୍ରଣାଳୀ ଓ ପାରସ୍ପରିକ ବିଶ୍ୱାସ ଅତ୍ୟନ୍ତ ଜରୁରୀ ବୋଲି ସେ ଗୁରୁତ୍ୱାରୋପ କରିଥିଲେ । ଏ ଅବସରରେ ସତର୍କତା ସଚେତନତା ସପ୍ତାହ ପୋଷ୍ଟର ରିଫାଇନରୀର କାର୍ଯ୍ୟକାରୀ ନିର୍ଦ୍ଦେଶକ ତଥା ରିଫାଇନରୀ ପ୍ରମୁଖ ଦ୍ୱାରା ଉନ୍ମୋଚିତ ହୋଇଥିଲା । ନିକଟବର୍ତ୍ତୀ ପଞ୍ଚାୟତରେ ସତର୍କତା ଉପରେ ସଚେତନତା ସୃଷ୍ଟି କରିବା, ପାରାଦୀପ ରିଫାଇନରୀର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଶ୍ରୀ ବସୁ ଏକ ସତର୍କତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ସପ୍ତାହ ବ୍ୟାପୀ ଉତ୍ସବ ସମୟରେ "ସତର୍କତା: ଆମର ମିଳିତ ଦାୟିତ୍ୱ' ବାର୍ତ୍ତା ପ୍ରଚାର କରିବା ପାଇଁ ନୁକ୍କଡ ନାଟକ, ୱାଥନ୍, ବିଜନେସ୍ ଆସୋସିଏଟ୍ସ ମିଟ୍, ଚିତ୍ରକଳା, ସ୍ଲୋଗାନ ପ୍ରତିଯୋଗିତା, ସଚେତନତା କାର୍ଯ୍ୟକ୍ରମ ଆୟୋଜନ ପାଇଁ ଯୋଜନା କରାଯାଇଛି ।



### ବିକଶିତ ଗାଁ ବିକଶିତ ଓଡ଼ିଶା କାମରେ ଏପଟ ସେପଟ

## କାମ ଶ୍ରୀରାମପୁର ପଞ୍ଚାୟତର, ହେଉଛି ଶାସନ ପଞ୍ଚାୟତରେ

ମାଳିପୁର,୨୭।୧୦(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍‌ରେ ଦିନକୁ ଦିନ ବିଭିନ୍ନ ପ୍ରକଳ୍ପ କାମ ଏପଟ ସେପଟ ହେଉଥିବା ନଜରକୁ ଆସୁଥିବାବେଳେ ଏବେ ଗୋଟିଏ ପଞ୍ଚାୟତର କାମ ଅନ୍ୟ ପଞ୍ଚାୟତରେ କରାଯାଉଥିବା ଅଭିଯୋଗ ଆସିଛି ।

ସୂଚନା ମୁତାବକ, ସରକାରଙ୍କ ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ ଅନୁଯାୟୀ ୬ ଲକ୍ଷ ୩୭ ହଜାର ଟଙ୍କା ବ୍ୟୟରେ ଶ୍ରୀରାମପୁର ପଞ୍ଚାୟତର ଏକ ସ୍ୱାଗତ ତୋରଣ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି । ତୋରଣ ନିର୍ମାଣ ଆରମ୍ଭ ହୋଇଥିବା ସ୍ଥାନ ନିକଟରୁ ପ୍ରାୟ ପାଞ୍ଚଶହ ମିଟର ଦୂରତା ଅତିକ୍ରମ କରିବା ପରେ ଶ୍ରୀରାମପୁର ପରିସୀମା ଆରମ୍ଭ ହେଉଛି । ପଞ୍ଚାୟତ ସ୍ୱାଗତ ତୋରଣ ନିର୍ମାଣ କାର୍ଯ୍ୟ ପଞ୍ଚାୟତ ପରିସୀମା ମଧ୍ୟରେ ହେବା କଥା । କିନ୍ତୁ ତୋରଣ ନିର୍ମାଣ କାର୍ଯ୍ୟ ଶ୍ରୀରାମପୁର ପଞ୍ଚାୟତ ପରିସୀମା ବାହାରେ ଓ ଶାସନ ପଞ୍ଚାୟତର ମଧ୍ୟସ୍ଥଳରେ ନିର୍ମାଣ କରାଯାଉଥିବାରୁ ଉଭୟ ପଞ୍ଚାୟତବାସୀଙ୍କ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଶ୍ରୀରାମପୁର ପଞ୍ଚାୟତର ପରିସୀମା ମଧ୍ୟରେ କାହିଁକି ନିର୍ମାଣ କରାଯାଉନାହିଁ ବୋଲି ଶ୍ରୀରାମପୁର ପଞ୍ଚାୟତବାସୀ ପ୍ରଶ୍ନ ଉଠାଇଥିବାବେଳେ ଶାସନ ପରିସୀମାରେ ଶ୍ରୀରାମପୁର କାର୍ଯ୍ୟ କାହିଁକି କରାଯାଉଛି ବୋଲି ଶାସନବାସୀ ପ୍ରଶ୍ନ ଉଠାଇଛନ୍ତି । ଉକ୍ତ ନିର୍ମାଣ କାର୍ଯ୍ୟ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ନିର୍ମାଣ କରାଯାଉଥିବା ସୂଚନା ଫଳକରୁ ଜଣାପଡିଛି । କିନ୍ତୁ ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତିରେ ଶ୍ରୀରାମପୁର ପଞ୍ଚାୟତର କିଛି ବ୍ୟକ୍ତି ଜୋର ଜବରଦସ୍ତ ଉକ୍ତ ତୋରଣ ନିର୍ମାଣ କାର୍ଯ୍ୟ ଚାଲୁ ରଖିଛନ୍ତି ବୋଲି ଶାସନ ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି । ଉକ୍ତ କଂକ୍ରିଟ ସ୍ୱାଗତ ତୋରଣ ନିର୍ମାଣ କାର୍ଯ୍ୟ ଶାସନ ପଞ୍ଚାୟତର ପରିସୀମା ମଧ୍ୟରେ କରିବାକୁ ଶାସନ ପଞ୍ଚାୟତର ଜନସାଧାରଣ ବିରୋଧ କରିବା ବେଳେ ସେଠାରେ ଉପସ୍ଥିତ ରହି କାର୍ଯ୍ୟ କରାଉଥିବା ବ୍ୟକ୍ତି କିଛି ଗୁଣ୍ଡା ଶ୍ରେଣୀୟ ବ୍ୟକ୍ତିଙ୍କୁ ନେଇ ନାଲି ଆଖି ଦେଖାଇବା ସହିତ ଗଣ୍ଡଗୋଳ କରିଥିବା ଅଭିଯୋଗ ହୋଇଛି । ଆଜି ଏଥି ସମ୍ପର୍କିତ ଅଭିଯୋଗ ଶାସନ ପଞ୍ଚାୟତବାସୀଙ୍କ ପକ୍ଷରୁ ଅଭିଯୋଗ ପତ୍ର ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି ଶିବିରରେ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିବାବେଳେ ପଟ୍ଟାମୁଣ୍ଡାଇ ବିଡିଓ ଓ ତହସିଲଦାରଙ୍କୁ ପ୍ରଦାନ କରାଯାଇଥିବା ଜଣାପଡିଛି । ଯଥାଶୀଘ୍ର ଏହାର ତଦନ୍ତ କରି ଶ୍ରୀରାମପୁର ପଞ୍ଚାୟତର ତୋରଣ ନିର୍ମାଣ କାର୍ଯ୍ୟ ଶ୍ରୀରାମପୁର ପଞ୍ଚାୟତ ପରିସୀମା ମଧ୍ୟରେ କରିବାକୁ ପ୍ରଶାସନ ନିର୍ଦ୍ଦେଶ ଦେବାକୁ ଅର୍ଜୁନ ସାହୁ, ରାହାସ ମଲିକ, ଆଲୋକ ମଲିକ, ଧ୍ରୁବଚରଣ ପାଣ୍ଡବ, ଭ୍ରମରବର ନାୟକ, ଦେବଦତ୍ତ ସାହୁ, ଭ୍ରମରବର ମଲିକ, କାଳିଆ ମଲିକ, ମାଧବ ମଲିକ, ଟିମ ମଲିକ, ଧିରେନ ମଲିକ ପ୍ରମୁଖ ଗ୍ରାମବାସୀ ଦାବି କରିଛନ୍ତି ।

**ବିଷାକ୍ତ ଖାଦ୍ୟ ଖାଇ ୧୦ ମାସରେ ଆକ୍ରାନ୍ତ ହେଲେଣି ୫୬୫; ପ୍ରଶାସନ ନିରବ**

# ହୋଟେଲ, ଫାଷ୍ଟଫୁଡ୍ ଦୋକାନରେ ହେଉନି ଚଢ଼ଉ

ବାରିପଦା, ୨୭।୧୦(ସମିସ): ମୟୂରଭଞ୍ଜ ଜିଲ୍ଲାରେ ବିଷାକ୍ତ ଖାଦ୍ୟ ଖାଇ ଲୋକେ ନାନା ରୋଗରେ ଆକ୍ରାନ୍ତ ହେବାର ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏହା ଅତ୍ୟନ୍ତ ସାଂଘାତିକ ହୋଇଥିବା ବେଳେ ବିଷାକ୍ତ ଖାଦ୍ୟ ଖାଇ ଜନସାଧାରଣ ଗୁରୁତର ହୋଇ ମୃତ୍ୟୁ ମଧ ହେଉଛି। ବିଷାକ୍ତ ଖାଦ୍ୟ ଜନିତ ଆକ୍ରାନ୍ତର ମାତ୍ରା ବର୍ଷକୁ ବର୍ଷ ବୃଦ୍ଧି ପାଉଥିବା ବେଳେ ଚଳିତ ବର୍ଷ ସର୍ବାଧିକ ରହିଛି। ମିଳିଥିବା ତଥ୍ୟାନୁସାରେ, ଚଳିତ ବର୍ଷ ଜାନୁଆରୀ ପହିଲାରୁ ଆଜି ମଧ୍ୟରେ ୫୬୫ଜଣ ଆକ୍ରାନ୍ତ ହୋଇ ଅସୁସ୍ଥ ହୋଇଛନ୍ତି। ଯାହାକି ଗତ ୮ବର୍ଷର ରିପୋର୍ଟ ମଧ୍ୟରେ ସର୍ବାଧିକ ଅଟେ। ୫୬୫ଜଣ ଆକ୍ରାନ୍ତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଏହା ପୂର୍ବ ବର୍ଷ ବିଷକ୍ରିୟା ଯୋଗୁଁ ୪ଜଣଙ୍କ ମୃତ୍ୟୁ ମଧ ହୋଇଛି। ଯାହାକି ଚିନ୍ତାର କାରଣ ସାଜିଛି। ଗତ ବର୍ଷ ସେପ୍ଟେମ୍ବରରେ ବଡ଼ସାହି ବ୍ଲକ ଅଧୀନ ଗୁଡିଆଲବନ୍ଧ ଅଞ୍ଚଳର ଆଲବନ୍ଧ ଗ୍ରାମରେ ଦଶାହଭୋଜିରେ ବିଷାକ୍ତ ଖାଦ୍ୟ ଖାଇ ୩୦ରୁ ଅଧିକ ଗ୍ରାମବାସୀ ଆକ୍ରାନ୍ତ ହୋଇଥିଲେ। ଏଥିସହିତ ୪ଜଣଙ୍କ ମୃତ୍ୟୁ ଘଟିଥିଲା। ତେବେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏନେଇ ସଚେତନ ଥିବା ନେଇ କୁହାଯାଉଥିବା ବେଳେ ଖାଦ୍ୟ ସୁରକ୍ଷା ବିଭାଗ ନିଦାବିଷ୍ଟୁ ସାଜିଛନ୍ତି। ଘଟଣା ବାବଦରେ ସବୁ ଜାଣି ମଧ ଯାଞ୍ଚ କରିବା ପରିବର୍ତ୍ତେ ଚୁପ ହୋଇ ରହିଛନ୍ତି ବୋଲି ଅଭିଯୋଗ ହେଉଛି। ବାରିପଦା ସହର ସମେତ ଜିଲ୍ଲାବ୍ୟାପି ହୋଟେଲ, ରେଷ୍ଟୁରାଣ୍ଟ, ମାଳମାଳ ଫାଷ୍ଟଫୁଡ଼ ଦୋକାନ ଖୋଲି ଚାଲିଥିବା ବେଳେ ବିଭାଗୀୟ ଚଢ଼ଉ ହେଉନାହିଁ। ହୋଟେଲ ମାଲିକମାନେ ଅଧିକ ଲାଭ ପାଇଁ ଶସ୍ତା ତେଲ, ମସଲା, ବାସି ଖାଦ୍ୟ ଦେଉଥିବା ବେଳେ ସେଗୁଡ଼ିକ ଯାଞ୍ଚ ହେଉନାହିଁ।

## ଭେଜାଲ ସସ୍ ସାଜୁଛି କାଳ

କମ୍ ଦାମ୍‌ରେ ବଜାରରେ ମିଳୁଥିବା ନିମ୍ନମାନର ଭେଜାଲ ସସ୍‌ଗୁଡ଼ିକର ଫାଷ୍ଟଫୁଡ଼ ଦୋକାନରେ ବହୁଳ ଭାବେ ବ୍ୟବହାର ହେଉଛି। ଯାହାକି ଦୋକାନୀକୁ ଲାଭ ଦେଉଥିବା ବେଳେ ଗ୍ରାହକଙ୍କୁ ରୋଗାଗ୍ରସ୍ତ କରୁଛି। ତେବେ ଏଥିପ୍ରତି ଖାଦ୍ୟ ସୁରକ୍ଷା ବିଭାଗର ମଧ ତିଳେ ହେଲେ ନଜର ପଡୁନାହିଁ ବୋଲି ଅଭିଯୋଗ ହେଉଛି। ବିଷାକ୍ତ ଖାଦ୍ୟ ଖାଇ ଅନେକ ଲୋକେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି। ଏନେଇ ଖାଦ୍ୟ ସୁରକ୍ଷା ବିଭାଗର ଯାଞ୍ଚ ସମେତ ସଚେତନତା ଅଭାବରୁ ଲୋକ ମାନେ ଧୀରେ ଧୀରେ ରୋଗ କିଣୁଛନ୍ତି। ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ନିୟମିତ ଯାଞ୍ଚ ଅଭାବରୁ ଦୋକାନୀ ମାନେ ମଉକା ପାଇ ସାଧାରଣ ଲୋକଙ୍କ ଜୀବନ ସହ ଖେଳିବାକୁ ପଛାଉ ନାହାନ୍ତି। ଲୋକଙ୍କୁ ଏସିଡ୍, ପାକସ୍ଥଳୀରେ ବ୍ୟଥା




ଆଦି ବିଭିନ୍ନ ପ୍ରକାର ପେଟ ରୋଗର ଶିକାର ହୋଇଥାନ୍ତି। ତେବେ ଖାଦ୍ୟ ସୁରକ୍ଷା ବିଭାଗ କେବଳ ଫୁଡ୍ ଲାଇସେନ୍ସ ପ୍ରଦାନ କରି ନିଦାବିଷ୍ଟୁ ସାଜି ବସି ନରହି ନିୟମିତ ଭାବେ ଯାଞ୍ଚକରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଲେ ବିଷାକ୍ତ ଖାଦ୍ୟ କାରବାରରେ ରୋକ ଲାଗିପାରନ୍ତା ବୋଲି କହାଯାଉଛି।

**● ଶୌଚାଳୟରେ ନାବାଳିକା କନ୍ୟାସନ୍ତାନ ଜନ୍ମ ଦେବା ଘଟଣା**

# ଲୋ-ବାର୍ଥ-ୱେଟରେ ଆକ୍ରାନ୍ତ ହୋଇ ଆଖିବୁଜିଲା ନବଜାତକ

ବୈଶିଙ୍ଗା, ୨୭।୧୦(ସମିସ): ବୈଶିଙ୍ଗା ଥାନା ଅଞ୍ଚଳରେ ଜଣେ ଯୁବତୀ ବେତନଟୀର ଏକ ଘରୋଇ ହଷ୍ଟେଲରେ ରହି କଲେଜରେ ପଢୁଥିବା ବେଳେ ଅସୁସ୍ଥ ହେବାରୁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ଗତ ୬ତାରିଖରେ ବେତନଟୀ ଡାକ୍ତରଖାନା ଶୌଚାଳୟରେ ସେ ଏକ କନ୍ୟାସନ୍ତାନକୁ ଜନ୍ମ ଦେଇଥିଲେ। ହେଲେ ଜନ୍ମର ୨୦ଦିନ ପରେ ବାରିପଦା ଜିଲ୍ଲାମୁଖ୍ୟ ଡାକ୍ତରଖାନାର ଚିକିତ୍ସାଧୀନ ନବଜାତ ଶିଶୁର ମୃତ୍ୟୁ ଘଟିଛି। ବେତନଟୀର ଏକ ଘରୋଇ ହଷ୍ଟେଲରେ ରହି କଲେଜରେ ପାଠ ପଢୁଥିବା ଜନୈକା କଲେଜ ଛାତ୍ରୀ ବେତନଟୀ ପୁରୁଣା ଦମକଳକେନ୍ଦ୍ର ଛକ ଅଞ୍ଚଳର ଯଦୁନାଥ ହେମ୍ବ୍ରମର ପୁଅ ଶିବନାରାୟଣ ହେମ୍ବ୍ରମ (୨୦)ଙ୍କ ସହିତ ଅବୈଧ ପ୍ରେମ ସମ୍ପର୍କରୁ ପୀଡିତା ଗର୍ଭବତୀ ହୋଇଥିଲେ। ଏନେଇ ପୀଡିତାଙ୍କ ପରିବାରବର୍ଗଙ୍କ ଦୁଷ୍କର୍ମଜନିତ ଏତଲାକ୍ରମେ ବେତନଟୀ ପୁଲିସ ଅଭିଯୁକ୍ତ ଯୁବକକୁ ଗିରଫକରି କୋର୍ଟଚାଲାଣ ପୂର୍ବକ ମାମଲାର ତଦନ୍ତ ଜାରି ରଖିଛି। ଏପଟେ ୬ମାସର ଗର୍ଭବତୀ ପୀଡିତା ଗୁରୁତ୍ୱର ଅସୁସ୍ଥ ଅବସ୍ଥାରେ ବେତନଟୀ ଡାକ୍ତରଖାନାକୁ ଚଳିତମାସ ୬ତାରିଖରେ ଯାଇଥିବା ବେଳେ ଶୌଚାଳୟରେ ଏକ କନ୍ୟା ସନ୍ତାନକୁ ଜନ୍ମ ଦେଇଥିଲେ। ତେବେ ସନ୍ତାନ ପ୍ରସବର ଧାର୍ଯ୍ୟ ସମୟର ଯଥେଷ୍ଟ ପୂର୍ବରୁ ପୀଡିତା ପ୍ରସବ କରିଥିବାରୁ ନବଜାତକର ଓଜନ ଯଥେଷ୍ଟ କମ୍ ରହିଥିଲା। ଯଦ୍ୱାରା ନବଜାତ ଶିଶୁକନ୍ୟା ଲୋ- ବାର୍ଥ -ୱେଟ (ଏଲବିଡ୍‌ଲ୍ୟୁ)ରେ ଆକ୍ରାନ୍ତ ହୋଇଥିଲା। ପରେ ସଙ୍ଗେସଙ୍ଗେ ନବଜାତକୁ ବାରିପଦା ଜିଲ୍ଲା ମୁଖ୍ୟ ଡାକ୍ତରଖାନାର ଏସଏନସିୟୁରେ ଭରି କରାଯାଇଥିଲା। ସେବେଠାରୁ ମା' ଓ ଓ ଶିଶୁ ବାରିପଦା ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ଏସ ଏନସିୟୁରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ରାତିରେ ନବଜାତକର ମୃତ୍ୟୁ ଘଟିଛି। ଏନେଇ ଡାକ୍ତରଖାନା କର୍ତ୍ତୃପକ୍ଷ ରବିବାର ବେତନଟୀ ଥାନାକୁ ଅବଗତ କରିବାପରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ଶିଶୁ କନ୍ୟାର ଶବବ୍ୟବଚ୍ଛେଦ କରାଇବା ସହିତ ବିଭିନ୍ନ ନମୁନା ସଂରକ୍ଷିତ ରଖିଛି।

# ମୁଣ୍ଡାରୀ ଭାଷାକୁ ଅଷ୍ଟମ ଅନୁଚ୍ଛେଦରେ ସାମିଲ ଦାବି ଜୋର୍ ଧରିଲା

ବେତନଟୀ, ୨୭।୧୦(ସମିସ): ବେତନଟୀ ବ୍ଲକ ଅଧୀନ କେନ୍ଦୁଆ ପଞ୍ଚାୟତରେ ଦଲଦଲି ଗ୍ରାମରେ ମୁଣ୍ଡାରୀ ଭାଷା ସମନ୍ୱୟ କମିଟି ଓ ସିର୍ଜନ ମୁଣ୍ଡାରୀ କଲଚରାଲ ଟ୍ରଷ୍ଟ ଏକ ଜନସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ଉପଦେଷ୍ଟା ଗୁରା ସିଂଙ୍କ ଆହ୍ୱାନ କ୍ରମେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ମୁଣ୍ଡାରୀ ଭାଷା ସମନ୍ୱୟ କମିଟି ବ୍ଲକ ଆବାହକ ତପନ ସିଂ ଯୋଗ ଦେଇଥିଲେ। ବୈଠକରେ ମୁଣ୍ଡାରୀ ଭାଷାକୁ ଅଷ୍ଟମ



ଅନୁଚ୍ଛେଦରେ ସାମିଲ, ଶିକ୍ଷା, ସ୍ୱାସ୍ଥ୍ୟ ଓ ନିଶା ନିବାରଣ ଓ ବାଲ୍ୟ ବିବାହ ଓ ପେସା ଆଇନ ବାବଦରେ ଆଲୋଚନା ହୋଇଥିଲା। ମୁଣ୍ଡାରୀ ଭାଷା ଆନ୍ଦୋଳନକୁ ଜୋରଦାର କରିବା ନିମନ୍ତେ ଗାଁ ଗାଁରେ ଲୋକଙ୍କୁ ସଚେତନ କରିବା ସହିତ ଦିଲ୍ଲୀଚାଲ ଅଭିଯାନରେ ସାମିଲ ହେବାକୁ ନିବେଦନ କରାଯାଇଥିଲା। ଆସନ୍ତା ଶୀତ ଅଧିବେଶନ ସମୟରେ ଦିଲ୍ଲୀରେ ଯନ୍ତର ମନ୍ତରଠାରେ ଏକ ବିରାଟ ଗଣଧାରଣା ଅନୁଷ୍ଠିତ ହେବା ନେଇ ମଧ ଆଲୋଚନା ହୋଇଥିଲା। ବୈଠକରେ ଶତ୍ରୁଘ୍ନ ସିଂ, ତୁଫାନ ସିଂ, କଟି ସିଂ, ସୁରେନ ସିଂ, ଦିଲୁ ସିଂ, ରବୀନ୍ଦ୍ର ସିଂ, ମନୁ ସିଂଙ୍କ ସମେତ ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ।

# ସହରକୁ ସ୍ୱଚ୍ଛ ରଖିବା ପାଇଁ ଅଣ୍ଟାଭିଡ଼ିଲେ 'ଆମଖଟି' ସଦସ୍ୟ

ବାରିପଦା, ୨୭।୧୦(ସମିସ): 'ଖଟି' ପରମ୍ପରା ଯୁଗ ଯୁଗ ଧରି ପ୍ରଚଳିତ। କେଉଁଠି ଚା' ଖଟି ତ ଆଉ କେଉଁଠି ଦେଖିବାକୁ ମିଳେ ଗୁଲି ଗପ ଖଟି। ଖଟି ହେଉଛି ସମୟ ଅତିବାହିତ କରିବାର ଏକ ମାଧ୍ୟମ। ମାତ୍ର 'ଖଟି'ରୁ ସ୍ୱଚ୍ଛତା ଅଭିଯାନ ଆରମ୍ଭ କରି ସଫେଇ କରିବା ସହ ଚାରାରୋପଣ କରିବା ନିଆରା ପରମ୍ପରା ଆରମ୍ଭ ହୋଇଛି ବାରିପଦା ସହରର 'ଆମ ଖଟି'ରୁ। ସହରକୁ ସ୍ୱଚ୍ଛ ରଖିବା ପାଇଁ ଖଟିର ସମସ୍ତ ସଦସ୍ୟମାନେ ଶପଥ ନେଇଛନ୍ତି। ବାରିପଦା ମାତୃମଙ୍ଗଳ ଛକଠାରେ 'ଆମ ମୟୂରଭଞ୍ଜ, ଆମ ଖଟି'ରେ ବସନ୍ତି ସବୁ ବୟସ୍କ, ଯୁବକ ଓ ଛାତ୍ର ମାନେ। ସକାଳ ପାହିଲେ ବିଭିନ୍ନ ବିଷୟ ଉପରେ ଚର୍ଚ୍ଚା ହୁଏ ଏହି ଖଟିରେ। ମାତ୍ର ରବିବାର ସମସ୍ତେ ମିଶି ସେହି ସ୍ଥାନର ସଫେଇ କରିବା ସହ ଚାରାରୋପଣ କରିଛନ୍ତି। ସମସ୍ତେ ଏଭଳି କାର୍ଯ୍ୟରେ ନିଜକୁ ନିୟୋଜିତ କଲେ ଆମେ ନିଶ୍ଚିତ ଭାବେ ବାରିପଦା ସହରକୁ ସ୍ୱଚ୍ଛ ଓ ସୁନ୍ଦର ଭାବେ ଗଢି ପାରିବା ବୋଲି କହିଛନ୍ତି ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି। ଆଜିର ସ୍ୱଚ୍ଛ ବାରିପଦା କାର୍ଯ୍ୟକ୍ରମରେ ଶ୍ରୀ ମହାନ୍ତିଙ୍କ ସହିତ ବାରିପଦା ବିଧାୟକ ପ୍ରକାଶ ସୋରେନ, ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ଶିକ୍ଷାବିତ ଇଂ ବିପ୍ଳବ ଭଞ୍ଜନ ବୁଗୁଡେଇ, ସମାଜସେବୀ କାଶୀନାଥ ରଣା, ତରୁଣ ମହାନ୍ତି, ବ୍ୟବସାୟୀ ସଂଘ ସଭାପତି ଅମିତାଭ ସାହୁ, ସୁଜିତ୍ ମହାନ୍ତି, ପ୍ରଶନ୍ନ ମହାପାତ୍ର, ସୁଶାନ୍ତ ଦାସ, ରଞ୍ଜନ ଗିରି, ସତ୍ୟବାନ୍ ପାତ୍ର, ସତ୍ୟରଞ୍ଜନ ମହାନ୍ତି, ସତ୍ୟଜିତ ସୋମ, ଆଶୁତୋଷ ସାହୁ, ନିମାଇଁ ତ୍ରିପାଠୀ, ସମୀର ଦେ, ସନ୍ଦୀପ ପୃଷ୍ଟି, ମଦନ ସାହୁ, ସୁକାନ୍ତ ବଳା, ବଳିଆ ରଣା, ଜଗନ୍ନାଥ ମହାପାତ୍ର, ଦିଲ୍ଲୀପ ରାୟବାବୁ, ଦୀପକ ସୁର, ରବୀନ୍ଦ୍ର ପାଣି, ସତ୍ୟମ୍ ପାଣି, ଦେବାଶିଷ ଜେନା, ରାମେଶ୍ୱର ମାଝୀ, ସନ୍ଦୀପ ପୃଷ୍ଟି, ସତ୍ୟସ୍ୱରୂପ ଦାସ ଓ ସଙ୍କୁ ପଲ ପ୍ରମୁଖ ସାମିଲ ଥିଲେ।



# ଦନ୍ତା ଆକ୍ରମଣରେ ମହିଳା ଗୁରୁତର

ବେତନଟୀ, ୨୭।୧୦(ସମିସ): ବେତନଟୀ ରେଞ୍ଜ ଅଧୀନ ଗଣ୍ଡିଗଧା ସଂରକ୍ଷିତ ଜଙ୍ଗଲରେ ରବିବାର ଅପରାହ୍ନରେ ଛେଳି ଚରାଉଥିବା ଜଣେ ମହିଳାଙ୍କୁ ଦନ୍ତା ଆକ୍ରମଣ କରିବାରୁ ସେ ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ମହିଳା ଜଣକ ହେଲେ ଯୋଗେଶ୍ୱର ମହାନ୍ତଙ୍କ ପତ୍ନୀ ସୁଶିଳା ମହାନ୍ତ। ଘଟଣାରୁ ପ୍ରକାଶ ଯେ, ବାରିପଦା ରେଞ୍ଜ ଅଞ୍ଚଳରୁ ଏକ ଦାନ୍ତା ରବିବାର କୃଷ୍ଣଚନ୍ଦ୍ରପୁର ଫରେଷ୍ଟ ଅଞ୍ଚଳକୁ ପ୍ରବେଶ କରିଥିଲା। ମହିଳା ଜଣକ ସ୍ୱାମୀଙ୍କ ସହିତ ଯାଇ ଗଣ୍ଡିଗଧା ଜଙ୍ଗଲରେ ଛେଳି ଚରାଉଥିବା ବେଳେ ହଠାତ ଦନ୍ତାଟି ତାଙ୍କୁ ଆକ୍ରମଣ କରିଥିଲା। ସୁଶିଳା ଜୀବନ ରକ୍ଷା କରିବା ପାଇଁ ଦଉଡିବାକୁ ଉଦ୍ୟମ କରୁଥିବାବେଳେ ହାତୀ ଆକ୍ରମଣର ଶିକାର ହୋଇଥିଲେ। ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଘଟଣା ସ୍ଥଳରୁ ବାରିପଦା ପିଆରଏମ ମେଡିକାଲ କଲେଜ ରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି।

# ୨୫ ବର୍ଷ ପରେ ବି ଫାଣ୍ଡିର ନାହିଁ ନିଜସ୍ୱ ଗୃହ

କୁଆମରା, ୨୭।୧୦(ସମିସ): ଖୁଣ୍ଟା ଥାନା ଅଧୀନ ଡୁକୁରା ଫାଣ୍ଡି ପ୍ରଶାସନିକ ଆନ୍ତରିକତା ଅଭାବରୁ ନାନା ଅବ୍ୟବସ୍ଥା ମଧ୍ୟରେ ଗତି କରୁଛି। ଉକ୍ତ ଫାଣ୍ଡି ଅଧୀନରେ ଲକ୍ଷ୍ମଣସାହି, ବାଙ୍ଗରା, ସପନଚୁଆ, ବାସିପିଠା ଓ ଡୁକୁରା ୫ଟି ପଞ୍ଚାୟତର ୪୬ଟି ଗ୍ରାମ ରହିଛି। ଯାହାର ଲୋକ ସଂଖ୍ୟା ୨୦ ହଜାରରୁ ଅଧିକ ରହିଛି। ତେବେ ଲୋକଙ୍କ ସୁରକ୍ଷା ପାଇଁ ୨୫ ବର୍ଷ ତଳେ ଏହି ଫାଣ୍ଡି ପ୍ରତିଷ୍ଠା ହୋଇଥିଲା। ମାତ୍ର ଆଜି ପର୍ଯ୍ୟନ୍ତ ଫାଣ୍ଡିର ନିଜସ୍ୱ ଗୃହ ନାହିଁ। ପୁରୁଣା ପଞ୍ଚାୟତ କାର୍ଯ୍ୟାଳୟର ପରିସରରେ ଏବେ ଚାଲିଛି କାର୍ଯ୍ୟାଳୟ। ଗୋଟିଏ ଗୃହରେ ଅଫିସ କାର୍ଯ୍ୟ ଚାଲିଥିବା ବେଳେ ଅନ୍ୟ ଏକ ଗୃହରେ ରହୁଛନ୍ତି ଫାଣ୍ଡି ଅଧିକାରୀ। ଉକ୍ତ ଫାଣ୍ଡି ପାଇଁ ଜଣେ ଅଫିସରଙ୍କ ସମେତ ୫ କନେଷ୍ଟବଳ ପଦବୀ ରହିଛି। ମାତ୍ର ଏବେ ୩ ଜଣଙ୍କୁ ନେଇ କାର୍ଯ୍ୟ ଚାଲିଛି। ତେବେ ଯେଉଁ ଗୃହରେ ଏବେ ଅଫିସ କାର୍ଯ୍ୟ ଚାଲିଛି ସେ ଗୃହ ଛାତ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଆଜି ପର୍ଯ୍ୟନ୍ତ ସରକାରଙ୍କ ପକ୍ଷରୁ ନିଜସ୍ୱ ଗୃହ ହୋଇପାରି ନାହିଁ। ଫାଣ୍ଡି ଅଧୀନରେ ଥିବା ଉପରୋକ୍ତ ପଞ୍ଚାୟତଗୁଡିକ ଶିମିଳିପାଳ ପାଦଦେଶରେ ରହୁଥିବାରୁ ତାହାର ସୁରକ୍ଷା ଅତ୍ୟନ୍ତ ଜରୁରୀ

# ଅବକାରୀ ଚଢ଼ଉ; ୩ ଗିରଫ

ମୋରଡ଼ା, ୨୭।୧୦(ସମିସ): ମୋରଡା ଅବକାରୀ ବିଭାଗ ପକ୍ଷରୁ ସୋମବାର ବିଭିନ୍ନ ସ୍ଥାନରେ ଚଢଉ କରାଯାଇଛି। ଅବକାରୀ ଟିମ୍ ପ୍ରଥମେ ବରକନ୍ଦ ଗ୍ରାମରୁ ସୀତାରାମ ରାଉତଙ୍କ ନିକଟରୁ ୨୫ ଲିଟର, ଆଣୁଆ ଗ୍ରାମର ଯଦୁମଣି ସିଂଙ୍କ ପାଖରୁ ୧୫ ଲିଟର, ମୋରଡା ଗ୍ରାମର ଜୟନ୍ତୀ ମୁଖିଙ୍କ ପାଖରୁ ୨୦ ଲିଟର ଓ ଭାଲକଚୁଆ ଗ୍ରାମର ଏକ ନିଛାଟିଆ ସ୍ଥାନରୁ ୨୫୦୦ ଲିଟର ପୋଚ ସହିତ ୨୨୦ ଲିଟର ଦେଶୀ ମଦ ଜବତ କରିଛି। ଅବକାରୀ ବିଭାଗ ଏ ନେଇ ମାମଲା ରୁଜୁ କରି ୩ଜଣଙ୍କୁ ଗିରଫ କରିଛି।

# ବିଶ୍ୱ ଏକତା ଓ ବିଶ୍ୱାସ ପାଇଁ ଧ୍ୟାନ କାର୍ଯ୍ୟକ୍ରମ ଉଦ୍‌ଘାଟିତ




ବୈଶିଙ୍ଗା, ୨୭।୧୦(ସମିସ): ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ପରିଚାଳିତ ମୟୂରଭଞ୍ଜ ଶାଖାର ଜଣେ ଅଗ୍ରଣୀ ସଦସ୍ୟ ବ୍ରହ୍ମାକୁମାର ଭଗବାନ ଭାଇଙ୍କ ଦ୍ୱିତୀୟ ସ୍ମୃତି ଦିବସ ଉପଲକ୍ଷେ 'ବିଶ୍ୱ ଏକତା ଓ ବିଶ୍ୱାସ ପାଇଁ ଧ୍ୟାନ କାର୍ଯ୍ୟକ୍ରମ' ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ସଞ୍ଚାଳିକା ବ୍ରକୁ ସାବିତ୍ରୀ ଭଉଣୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ରାଜଯୋଗିନୀ ବ୍ରହ୍ମାକୁମାରୀ ଲୀନା ଭଉଣୀ ଯୋଗଦେଇଥିଲେ। ଶନିବାର ବିଭିନ୍ନ ସେବାକେନ୍ଦ୍ରରୁ ଶତାଧିକ ବ୍ରହ୍ମାବତ୍ସଳ ସେବାକେନ୍ଦ୍ରରେ ପହଞ୍ଚି ବିଶ୍ୱ ଶାନ୍ତି ନିମନ୍ତେ ଧ୍ୟାନଯୋଗ କରିଥିଲେ। ରବିବାର 'ବିଶ୍ୱ ଏକତା ଓ ବିଶ୍ୱାସ ପାଇଁ ଧ୍ୟାନ' ବିଷୟବସ୍ତୁକୁ ଆଧାର କରି ସଭାର ମଧ ଆୟୋଜନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ବଡ଼ସାହି ବିଧାୟକ ସନାତନ ବିଜୁଳି, ମୁଖ୍ୟବକ୍ତା ଭାବେ ବରିଷ୍ଠ ରାଜଯୋଗିନୀ ବ୍ରହ୍ମାକୁମାରୀ ଲୀନା ଭଉଣୀ, ସ୍ୱତନ୍ତ୍ର ସମ୍ମାନିତ ଅତିଥିଭାବେ ଡିଆରଡିଓର ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀ ଭୀମଚରଣ ମାଝୀ, ନିମାପଡ଼ା ସେବାକେନ୍ଦ୍ର ମୁଖ୍ୟ ସଞ୍ଚାଳିକ ବ୍ରହ୍ମାକୁମାରୀ ସୁବାସିନୀ ଭଉଣୀ, ଫୁଲବାଣୀ ସେବାକେନ୍ଦ୍ର ମୁଖ୍ୟ ସଞ୍ଚାଳିକ ବ୍ରହ୍ମାକୁମାରୀ ଭାରତୀ ଭଉଣୀ, ବରିଷ୍ଠ ଭ୍ରାତା ଚନ୍ଦ୍ରମୋହନ ଭାଇ, ରାଜସୁନଖଳା ସେବାକେନ୍ଦ୍ର ସଞ୍ଚାଳିକା ରଶ୍ମିତା ଭଉଣୀଙ୍କ ସମେତ ବହୁ ବରିଷ୍ଠ ଭାଇଭଉଣୀ ଉପସ୍ଥିତ ଥିଲେ। ମନୋଜ ଭାଇ, ଆଶିଷ ଭାଇ, ତପସ୍ୱୀ ଭାଇ, ପ୍ରିତମ ଭାଇ ଏବଂ ହେନା ଭଉଣୀ, କାଞ୍ଚନ ଭଉଣୀ, ଆଲୋକ ଭଉଣୀ ଆଗନ୍ତୁକଙ୍କୁ ସ୍ୱାଗତ କରିଥିଲେ। ବ୍ରହ୍ମାକୁମାର ମନୋଜ ଭାଇ ଧନ୍ୟବାଦ ଅର୍ପଣ କରିଥିଲେ।

# ଜଗଦ୍ଧାତ୍ରୀ ମେଳା ପାଇଁ ବିଭିନ୍ନ ପ୍ରତିଯୋଗିତା

ବାରିପଦା, ୨୭।୧୦(ସମିସ): ଭଞ୍ଜପୁରଠାରେ ମା' ଜଗଦ୍ଧାତ୍ରୀଙ୍କ ୭୩ତମ ପୂଜା ଅବସରରେ ନଭେମ୍ବର ୩ ତାରିଖରୁ ୩୧ତମ ମେଳା ଅନୁଷ୍ଠିତ ହେବ। ଏହି ଅବସରରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ଚିତ୍ରାଙ୍କନ, କୁଇଜ, ବକ୍ତୃତା ଓ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହେବ। ରବିବାର ସ୍ଥାନୀୟ ଭଞ୍ଜପୁର ଦୁର୍ଗା ବିବାହ ମଣ୍ଡପରେ ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ପ୍ରାୟ ୨ଶହରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସେହିପରି କୁମାର୍ସ କ୍ଲବ୍ ପରିସରରେ ଆୟୋଜିତ ନୃତ୍ୟ ଅଡିସନରେ ସବ ଜୁନିୟର, ଜୁନିୟର ଓ ସିନିୟର ବର୍ଗରେ ପ୍ରାୟ ୧୬୦ ପ୍ରତିଯୋଗୀ ଭାଗ ନେଇଥିଲେ। ଚିତ୍ରାଙ୍କନରେ ମହେଶ୍ୱର ମାର୍ଣ୍ଡି ଓ ରବୀନ ମହାପାତ୍ର ଏବଂ ନୃତ୍ୟରେ ରକି ନାୟକ ଓ ମେଘା ସାହା ବିଚାରକ ଭାବେ କାର୍ଯ୍ୟ ତୁଲାଇଥିଲେ। ଜଗଦ୍ଧାତ୍ରୀ ପୂଜା ଓ ମେଳା କମିଟିର ମୁଖ୍ୟ ସାଧାରଣ ସମ୍ପାଦକ ଦର୍ପ ନାରାୟଣ ପାଲ ଉଭୟ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ, ସାଂସ୍କୃତିକ ସମ୍ପାଦକ କିଶୋର ପଲେଇ, ମେଳା ସମ୍ପାଦକ ପ୍ରସନ୍ନଜିତ ମହାନ୍ତି, ବରିଷ୍ଠ ସଦସ୍ୟ ପ୍ରିତମ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ସାଂସ୍କୃତିକ ସହ ସମ୍ପାଦକ ଅବିନାଶ ରଥ, ସତ୍ୟବ୍ରତ ଧଳ ତଥା ଆନିଷ ମିଶ୍ର, ସୁରଜ ବେହେରା, ସୋନୁ ରଣା ନୃତ୍ୟ ପ୍ରତିଯୋଗିତା ଏବଂ ଜଗଦୀଶ ପାଣି ଓ ଆଲୋକ ବାରିକ ଚିତ୍ରାଙ୍କନ ପ୍ରତିଯୋଗିତା ପରିଚାଳନା କରିଥିଲେ। ସେହିପରି ସୋମବାର ଆୟୋଜିତ କୁଇଜ ପ୍ରତିଯୋଗିତାରେ ୧୬୦ ଏବଂ ବକ୍ତୃତା ପ୍ରତିଯୋଗିତାରେ ୬୭ ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ବିଚାରକ ଭାବେ କୁଇଜ ପ୍ରତିଯୋଗିତାରେ ସୌମ୍ୟ ଦାଶ ଏବଂ ବକ୍ତୃତାରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଶୋକ କୁମାର ପଲେଇ, ସନ୍ତୋଷ କୁମାର ମହାନ୍ତି ଓ ଭାଗବତ ପଣ୍ଡା କାର୍ଯ୍ୟ ତୁଲାଇଥିଲେ। ଆସନ୍ତାକାଲି ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହେବ।



# ଦାରା ସିଂଙ୍କୁ ଜେଲରୁ ମୁକ୍ତ କରିବାକୁ ଦାବିକଲା ରାଷ୍ଟ୍ରୀୟ ହିନ୍ଦୁ ଫ୍ରଣ୍ଟ

କରଞ୍ଜିଆ, ୨୭।୧୦(ସମିସ): ଗ୍ରାହାମ ଷ୍ଟେନସ ହତ୍ୟା ମାମଲାରେ ଆଜୀବନ ସଜା ଭୋଗୁଥିବା ରବୀନ୍ଦ୍ର ପାଲ ଅରଫ ଦାରା ସିଂଙ୍କୁ ଜେଲରୁ ମୁକ୍ତ କରାଯାଉ ବୋଲି ରାଷ୍ଟ୍ରୀୟ ହିନ୍ଦୁ ଫ୍ରଣ୍ଟ ଓଡ଼ିଶା ଶାଖା ସଭାପତି ବିପିନ ବିହାରୀ ଦାସ ଏକ ସାମ୍ବାଦିକ ସମ୍ମିଳନୀରେ ଦାବି କରିଛନ୍ତି। ଏହି ମାମଲାରେ ଦଣ୍ଡ ପାଇଥିବା ୩୯ ଜଣଙ୍କୁ ମୁକ୍ତ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ତାଲିକାରେ ଦାରା ସିଂଙ୍କ ନାମ ରହିଛି; କିନ୍ତୁ ରାଜ୍ୟ ସରକାର ଦାରା ସିଂଙ୍କୁ ମୁକ୍ତ କରୁନାହାନ୍ତି। ଗତ ୨୦୨୨ମସିହାରେ ସୁପ୍ରିମକୋର୍ଟ ଦେଇଥିବା ଆଦେଶରେ ଉଲ୍ଲେଖ ରହିଛି କି ଯେଉଁ ଅପରାଧୀମାନେ ୧୪ ବର୍ଷ ଜେଲଦଣ୍ଡ ଭୋଗି ସାରିଛନ୍ତି ସେମାନଙ୍କୁ ମୁକ୍ତ କରାଯାଉ। ଏହି ଆଦେଶକୁ ରିଭିଉ କମିଟି ମିଟିଂରେ ସଜା କାଟୁଥିବା ୩୯ ଜଣ ଅପରାଧୀଙ୍କ ମଧ୍ୟରୁ ୩୮ ଜଣଙ୍କୁ ମୁକ୍ତ କରିଦେଲେ; କିନ୍ତୁ ଦାରା ସିଂଙ୍କୁ କାହିଁକି କରାଯାଉନାହିଁ ବୋଲି ଶ୍ରୀ ଦାସ ପ୍ରଶ୍ନ କରିଛନ୍ତି। ସମାନ ଅପରାଧରେ ସମାନ ଦଣ୍ଡ ଭୋଗୁଥିବା ଦାରା ସିଂଙ୍କ ମୁଖ୍ୟ ସହଯୋଗୀ ମହେନ୍ଦ୍ର ହେମ୍ବ୍ରମ୍‌ଙ୍କୁ ମଧ ମୁକ୍ତ କରାଯାଇଛି। ଏଠାରେ ପ୍ରକାଶ ଯୋଗ୍ୟ ଯେ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ପୂର୍ବ ସରକାରରେ ବିଧାୟକ ଥିବାବେଳେ କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳରେ ଧାରଣା ଦେଇଥିଲେ। ଏବେ ସେ ରାଜ୍ୟର ମୁଖ୍ୟମନ୍ତ୍ରୀ ତଥା ଗୃହ ବିଭାଗ ତାଙ୍କ ହାତରେ ରହିଥିଲେ ମଧ ଦାରା ସିଂଙ୍କୁ ମୁକ୍ତ କାହିଁକି କରୁନାହାନ୍ତ ବୋଲି ଶ୍ରୀ ଦାସ ପ୍ରଶ୍ନ କରିଛନ୍ତି। ଆଗାମୀ ଦିନରେ ଦାରା ସିଂଙ୍କୁ ସରକାର ମୁକ୍ତ ନ କଲେ ରାଷ୍ଟ୍ରୀୟ ହିନ୍ଦୁ ଫ୍ରଣ୍ଟ ଆନ୍ଦୋଳନ ତୀବ୍ର କରିବ ବୋଲି ଶ୍ରୀ ଦାସ ସୂଚନା ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଉପସଭାପତି ନିଗମାନନ୍ଦ ପଟ୍ଟନାୟକ, ମହେନ୍ଦ୍ର ହେମ୍ବ୍ରମ୍, ନିଳକଣ୍ଠ ମହାନ୍ତ, ମୋହନ ମହନ୍ତ, ଯଦୁମଣି ହେମ୍ବ୍ରମ୍ ଓ ପୂର୍ଣ୍ଣଚନ୍ଦ୍ର ମହାନ୍ତ ଉପସ୍ଥିତ ଥିଲେ।

# ମୋରଡ଼ା ବ୍ଲକରେ 'ଆସ ସ୍କୁଲ ଯିବା' ଯୋଜନା ଦିଗହରା

ମୋରଡ଼ା, ୨୭।୧୦(ସମିସ): ମୋରଡ଼ା ବ୍ଲକଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବା ବେଳେ ପାଠପଢ଼ାରେ ମାତ୍ରାଧିକ ଅର୍ଥ ଖର୍ଚ୍ଚ ହେଉଛି। ତେଣୁ ଆଦିବାସୀ ପିଲା ପାଠପଢ଼ାରୁ ମୁହଁ ଫେରାଇ ଦାଦନ ମୁହାଁ ହେଉଛନ୍ତି ବୋଲି ଅଭିଯୋଗ ହେଉଛି। ଅର୍ଥାଭାବ କିମ୍ବା ପାରିବାରିକ ସମସ୍ୟା କାରଣରୁ ପାଠ ଛାଡ଼ିଥିବା ପିଲାଙ୍କୁ ପୁଣି ଥରେ ବିଦ୍ୟାଳୟରେ ନାମ ଲେଖାଇବା ନେଇ ସରକାର ଆରମ୍ଭ କରିଛନ୍ତି 'ଆସ ସ୍କୁଲ୍ ଯିବା' ଅଭିଯାନ। ସରକାର ଡ୍ରପ୍ ଆଉଟ୍ ସଂଖ୍ୟା କମାଇବାକୁ ପ୍ରାଥମିକରୁ ମାଧ୍ୟମିକ ବିଦ୍ୟାଳୟରେ ଶିକ୍ଷକଶିକ୍ଷୟିତ୍ରୀ ଏହି କାର୍ଯ୍ୟକ୍ରମରେ ଲାଗି ପଡ଼ିଛନ୍ତି। ଘରକୁ ଘର ବୁଲି ଅଧାରୁ ପାଠ ଛାଡ଼ିଥିବା ପିଲାଙ୍କୁ ଖୋଜିବାରେ ଲାଗିଛନ୍ତି। ତେବେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପରିଶ୍ରମରେ ପ୍ରତିବନ୍ଧକ ସାଜିଛି ଅର୍ଥ। କାରଣ ଏହି ଛାତ୍ରଛାତ୍ରୀଙ୍କୁ ନାମ ଲେଖାଇବାକୁ ଯେଉଁ ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ୍ ଫର ଓପନ ସ୍କୁଲିଂ ଖୋଲାଯାଇଛି, ସେଥିରେ ନାମଲେଖା ପାଇଁ ୩ ହଜାର ଟଙ୍କା ଦେବାକୁ ପଡ଼ିବ। ଫଳରେ ପିଲାଙ୍କ ନିମନ୍ତେ ଏହି ୩ ହଜାର ପୁଣି ଥରେ ତାଙ୍କ ପାଇଁ ବାଧା ସୃଷ୍ଟି କରିଛି। ସରକାର ଏହି ଘୋଷଣା କରିବା ପରେ ଜିଲ୍ଲା ଶିକ୍ଷା ଅଧିକାରୀ, ବିଇଓ, ବିଆରସିସି ଓ ସିଆରସିସିଙ୍କୁ ନେଇ ଗଠିତ ଟିମ୍ ଡ୍ରପ୍ ଆଉଟ୍ ପିଲା ଖୋଜିବାରେ ଲାଗିପଡ଼ିଛନ୍ତି। ତେବେ ମାଟ୍ରିକ୍ ପୂର୍ବରୁ ସ୍କୁଲ୍ ଛାଡ଼ିଥିବା ପିଲାଙ୍କ ପାଇଁ ପୁଣି ଥରେ ସ୍କୁଲ୍ ଫେରାଇ ଆଣିବା ପାଇଁ ଟଙ୍କାଟିଏ ଖର୍ଚ୍ଚ କରିବାକୁ ହେବ ନାହିଁ। ଏମାନଙ୍କ ପାଇଁ ରହିଥିବା ଷ୍ଟେଟ୍ ଇନ୍‌ଷ୍ଟିଚ୍ୟୁଟ୍ ଫର ଓପନ ସ୍କୁଲିଂ ଏସ୍‌ଆଇଓଏସ୍‌ରେ ନାମ ଲେଖାଇବା ପାଇଁ ସରକାର ଦେୟମୁକ୍ତ କରିଛନ୍ତି; କିନ୍ତୁ ମାଟ୍ରିକ୍ ପରେ ବା ଯୁକ୍ତଦୁଇ ପଢ଼ିବାକୁ ଯୋଗ୍ୟ ଛାତ୍ରଛାତ୍ରୀଙ୍କ ପାଇଁ ରହିଥିବା ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଫର ଓପନ ସ୍କୁଲିଂ ଏନ୍‌ଆଇଓଏସ୍‌ରେ ନାମ ଲେଖାଇବା ପାଇଁ ସର୍ବନିମ୍ନ ୩ ହଜାର ଟଙ୍କା ଆଡ୍‌ମିସନ ଫି ଲାଗୁଛି। ଏତେ ଟଙ୍କା ଗରିବ ପିଲା ଆଣିବେ କେଉଁଠୁ। ସେଥିପାଇଁ ଗରିବ ପିଲାମାନେ ନିଜ ହାତରୁ ଖର୍ଚ୍ଚ କରି ଆସିବାକୁ ଚାହୁଁନାହାନ୍ତି। ଫଳରେ ସେମାନେ ଦାଦନମୁହାଁ ହେଉଛନ୍ତି ବୋଲି ଅଭିଯୋଗ ହେଉଛି। ଏନେଇ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଜୟ କୁମାର ପାଣିଗ୍ରାହୀଙ୍କୁ ଯୋଗାଯୋଗ କରିବାରୁ ଏସ୍‌ଆଇଓଏସ୍‌ରେ ୩୨୬ଜଣ ପିଲାଙ୍କ ମଧ୍ୟରୁ ୧୮୮ଜଣ ଆବେଦନ କରିଛନ୍ତି; କିନ୍ତୁ ଏନ୍‌ଆଇଓଏସ୍‌ରେ ଅର୍ଥ ଅଭାବ ପାଇଁ ଜଣେ ବି ପିଲା ଆବେଦନ କରିନାହାନ୍ତି। ସେଥିପାଇଁ ଡିଇଓଙ୍କୁ ଲିଖିତ ଭାବେ ଜଣାଇଛୁ ବୋଲି କହିଛନ୍ତି।



### ବାତ୍ୟା 'ମୋନ୍ଥା'ର ମୁକାବିଲା ପାଇଁ ପ୍ରସ୍ତୁତ ଟିପିଡବ୍ଲୁଓଡିଏଲ

# ଭବାନୀପାଟଣାରେ ନିୟନ୍ତ୍ରଣ କକ୍ଷ ସ୍ଥାପନ

**ସମ୍ବଲପୁର, ୨୭।୧୦(ସମିସ)** : ସମ୍ଭାବ୍ୟ ବାତ୍ୟା 'ମୋନ୍ଥା' ସମୟରେ ବିଦ୍ୟୁତ୍ ଭିତ୍ତିଭୂମିର ସୁରକ୍ଷା ତଥା ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବା ପାଇଁ ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରଣ କମ୍ପାନୀ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ପଦକ୍ଷେପ ଗ୍ରହଣ କରାଯାଇଛି। ମାନବଶକ୍ତି ଏବଂ ଯନ୍ତ୍ରପାତି ନିୟୋଜନ - ଇଞ୍ଜିନିୟର ଏବଂ ବୈଷୟିକ କର୍ମଚାରୀଙ୍କ ସମେତ ୫,୨୦୦ରୁ ଅଧିକ କର୍ମଚାରୀଙ୍କୁ ବିଭିନ୍ନ ବିଭାଗୀୟ କାର୍ଯ୍ୟାଳୟରେ ନିୟୋଜିତ କରାଯାଇଛି। କଳାହାଣ୍ଡି ଜିଲ୍ଲାଗୁଡ଼ିକରେ ସ୍ୱତନ୍ତ୍ର ପ୍ରକଳ୍ପ ଏବଂ ପୁନରୁଦ୍ଧାର ଦଳ ନିୟୋଜିତ ହୋଇଛନ୍ତି। କଳାହାଣ୍ଡି ଜିଲ୍ଲାର ବିଭିନ୍ନ ସବଷ୍ଟେସନ ଗୁଡ଼ିକରେ ୫୫ଟି ପୋଲ ମାଷ୍ଟର ଏବଂ ୨୦୦ କର୍ମଚାରୀଙ୍କୁ ନେଇ ଗଠିତ ରାପିଡ୍ ରେସ୍ପନ୍ସ ଟିମ ୨୪ ଘଣ୍ଟା କାର୍ଯ୍ୟ ତଦାରଖ ଏବଂ ସେବା କାର୍ଯ୍ୟକୁ ସହଜ କରିବା ପାଇଁ ମୁତୟନ କରାଯାଇଛି। ସେହିପରି ପୁନରୁଦ୍ଧାର କାର୍ଯ୍ୟ ପାଇଁ ୧୫୦ରୁ ଅଧିକ ଉପଯୋଗୀ ଯାନ, କ୍ରେନ୍ ଏବଂ ଟ୍ରେଲରଗୁଡ଼ିକୁ ନିୟୋଜିତ କରାଯାଇଛି। ଆଇଏମଡି ପ୍ରେସ୍ ରିଲିଜ୍ ଅନୁଯାୟୀ ଟିପିଡବ୍ଲୁଓଡିଏଲ୍ ଅଞ୍ଚଳରେ କଳାହାଣ୍ଡିର ସର୍ବାଧିକ ପ୍ରଭାବିତ ହେବା ଆଶଙ୍କା ଥିବାରୁ କଳାହାଣ୍ଡିର ନିମ୍ନଭାଗ ଏବଂ ବନ୍ୟା ପ୍ରବଣ ଅଞ୍ଚଳକୁ ସମର୍ଥନ କରିବା ପାଇଁ ୨୦ଟି ଉଚ୍ଚ-କ୍ଷମତା ସମ୍ପନ୍ନ ଡିୱାଟରିଂ ପମ୍ପ, ୧୨ଟି ପୋର୍ଟେବଲ୍ ଡିଜି ସେଟ୍ ଏବଂ ମୋବାଇଲ୍ ଲାଇଟ୍ ଟାୱାର ବ୍ୟବସ୍ଥା କରାଯାଇଛି।

ସେହିପରି ଟିପିଡବ୍ଲୁଓଡିଏଲ୍ ଅଧୀନରେ ଥିବା ସମସ୍ତ ଡିଭିଜନକୁ ହାଇ ଆଲର୍ଟରେ ରଖାଯାଇଛି। ପର୍ଯ୍ୟାପ୍ତ ପରିମାଣରେ ବୈଦ୍ୟୁତିକ ସାମଗ୍ରୀ ମହଜୁଦ - ବୈଦ୍ୟୁତିକ ସାମଗ୍ରୀ ମହଜୁଦ ସୁନିଶ୍ଚିତ କରିବା ପାଇଁ, କମ୍ପାନୀ ପକ୍ଷରୁ ୪, ୮୦୦ ପିଏସସି ପୋଲ, ୨୬୦୦ ଟ୍ୟୁବୁଲାର୍ ପୋଲ ଏବଂ ୨୧୦ଟି ବଣ୍ଟନ ଟ୍ରାନ୍ସଫର୍ମର, ପର୍ଯ୍ୟାପ୍ତ କଣ୍ଡକ୍ଟର, କେବୁଲ୍ ଏବଂ ଆନୁସଙ୍ଗିକ ସାମଗ୍ରୀ ମହଜୁଦ ରଖାଯାଇଛି। ଜରୁରୀକାଳୀନ ପ୍ରେରଣ ପାଇଁ ଉତ୍ସର୍ଗୀକୃତ ଲଜିଷ୍ଟିକ୍ସ ସହିତ ଡିଭିଜନାଲ ଷ୍ଟୋରଗୁଡ଼ିକ ୨୪-୭ କାର୍ଯ୍ୟକ୍ଷମ ରହିଛି। ଭବାନୀପାଟଣାଠାରେ ନିୟନ୍ତ୍ରଣ କକ୍ଷ ସ୍ଥାପନ - ବାତ୍ୟା ମୋନ୍ଥା ସମୟରେ ବିଦ୍ୟୁତ୍ ଯୋଗାଣ ସମ୍ପର୍କୀୟ ସମସ୍ୟା ଉପରେ ନଜର ରଖିବା ଏବଂ ପୁନରୁଦ୍ଧାର କାର୍ଯ୍ୟର ସମନ୍ୱୟ ପାଇଁ କଳାହାଣ୍ଡି ଜିଲ୍ଲାର ଭବାନୀପାଟଣାରେ କମ୍ପାନୀ ପକ୍ଷରୁ ଏକ ନିୟନ୍ତ୍ରଣ କକ୍ଷ ସ୍ଥାପନ କରାଯାଇଛି। କଳାହାଣ୍ଡିର ମଣ୍ଡଳ କାର୍ଯ୍ୟାଳୟ ଏବଂ ବୁର୍ଲାସ୍ଥିତ କର୍ପୋରେଟ୍ କାର୍ଯ୍ୟାଳୟ ମଧ୍ୟରେ ସାଟେଲାଇଟ୍ ଫୋନ୍ ସଂଯୋଗ ସ୍ଥାପନ କରାଯାଇଛି। ଗ୍ରାହକ ସହାୟତା ଏବଂ ଯୋଗାଯୋଗ - ଟୋଲ୍-ଫ୍ରି ହେଲ୍ପଲାଇନ୍: ୧୮୦୦-୩୪୫-୬୭୯୮ / ୧୯୧୨ ଟିପିଡବ୍ଲୁଓଡିଏଲ ପକ୍ଷରୁ ଜନସାଧାରଣ ତଥା ସମସ୍ତ ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ ବାତ୍ୟାଜନିତ କ୍ଷୟକ୍ଷତି ପାଇଁ ଉପରୋକ୍ତ ୨୪ଘଣ୍ଟିଆ ଟୋଲଫ୍ରି ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି। ସୁରକ୍ଷା ପରାମର୍ଶ - ସମ୍ଭାବ୍ୟ ବାତ୍ୟା 'ମୋନ୍ଥା'କୁ ଦୃଷ୍ଟିରେ ରଖି ଟିପିଡବ୍ଲୁଓଡିଏଲ୍ ଉପଭୋକ୍ତା ତଥା ଜନସାଧାରଣଙ୍କୁ ସତର୍କ ରହିବା ଏବଂ ଅତ୍ୟାବଶ୍ୟକ ସୁରକ୍ଷା ନିର୍ଦ୍ଦେଶାବଳୀ ପାଳନ କରିବାକୁ ଅନୁରୋଧ କରିଛି। ଝଡ଼ ଏବଂ ବନ୍ୟା ସମୟରେ ବିଦ୍ୟୁତ୍ ଖୁଣ୍ଟ, ତାର କିମ୍ବା କୌଣସି ପ୍ରକାର ବୈଦ୍ୟୁତିକ ଉପକରଣକୁ ସ୍ପର୍ଶ କରନ୍ତୁ ନାହିଁ। ଓଦା ହାତରେ କିମ୍ବା ପାଣିରେ ଠିଆ ହୋଇ ବୈଦ୍ୟୁତିକ ଉପକରଣ ବ୍ୟବହାର କରନ୍ତୁ ନାହିଁ। ଟିପିଡବ୍ଲୁଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା ପ୍ରକାଶ କରିଛନ୍ତି ଯେ, ବାତ୍ୟାକୁ ଦୃଷ୍ଟିରେ ରଖି ଆମର ପ୍ରାଥମିକତା ହେଉଛି ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଏବଂ ଆଗୁଆ ଯୋଜନା ଏବଂ ଦ୍ରୁତ ପ୍ରତିକ୍ରିୟା ମାଧ୍ୟମରେ ବିଦ୍ୟୁତ୍ ବିଭ୍ରାଟକୁ କମ କରିବା। ଆମର ସମସ୍ତ ଦଳ ଏବଂ ସମ୍ବଳ ଯେକୌଣସି ବିଭ୍ରାଟ ହେଲେ ଯଥାଶୀଘ୍ର ଯୋଗାଣ ପୁନଃସ୍ଥାପିତ କରିବା ପାଇଁ ଉଚ୍ଚ ସତର୍କତା ଅବଲମ୍ବନ କରୁଛନ୍ତି।

### ସଫେଇ କର୍ମଚାରୀ ଚାକିରି ବିକ୍ରି ଘଟଣା

# ମାନସିକ ଚାପରେ ମହିଳାଙ୍କ ଆତ୍ମହତ୍ୟା

**ସମ୍ବଲପୁର, ୨୭।୧୦(ସମିସ)** : ସମ୍ବଲପୁର ମହାନଗର ନିଗମରେ ସଫେଇ କର୍ମଚାରୀ ନିଯୁକ୍ତି କେଲେଙ୍କାରୀ ଘଟଣାରେ ଫସି ଆତ୍ମହତ୍ୟା ଉଦ୍ୟମ କରିଥିବା ଜଣେ ମହିଳାଙ୍କ ଚିକିତ୍ସାଧିନ ଅବସ୍ଥାରେ ଆଜି ମୃତ୍ୟୁ ଘଟିଛି। ସମ୍ବଲପୁର ମହାନଗର ନିଗମରେ ସଫେଇ କର୍ମଚାରୀ ଭାବେ ନିଯୁକ୍ତି ଦେବା ଆଳରେ ପ୍ରାୟ ୨ ହଜାର ଲୋକଙ୍କ ପାଖରୁ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକି ନେଇଥିଲେ। ସୂଚନା ଯୋଗ୍ୟ ମିଛ ନିଯୁକ୍ତି ଦେଉଥିବା ଆରୋମାଲ୍ ପ୍ରା. ଲିର ଦୁଇ ଅଭିଯୁକ୍ତ ପଦ୍ମାବତୀ ଡାଣ୍ଡି ଓ ରାହୁଲ ବର୍ତ୍ତମାନ ସମ୍ବଲପୁର ଜେଲରେ ଅଛନ୍ତି। ଫଂସାର ଦୁଇ ଅଭିଯୁକ୍ତଙ୍କ ଉପରେ ଭରସା କରି ଜଣେ ମହିଳା ଫସିଯାଇଛନ୍ତି। ଶେଷରେ ବାଧ୍ୟ ହୋଇ ଆତ୍ମହତ୍ୟା କରିଥିଲେ। ଚିକିତ୍ସାଧିନ ଅବସ୍ଥାରେ ଆଜି ତାଙ୍କର ମୃତ୍ୟୁ ହୋଇଛି। ମୃତ ମହିଳା ଜଣଙ୍କ ଚିପିଲିମାର ସ୍ୱର୍ଣ୍ଣପ୍ରଭା ପାତ୍ରା। ସୂଚନା ଅନୁସାରେ ପଦ୍ମାବତୀ ଓ ରାହୁଲ ଆରୋମାଲ୍ ନାମକ ଏକ ସଂସ୍ଥା କରି ସମ୍ବଲପୁର ମହାନଗର ନିଗମରେ ମିଛ ନିଯୁକ୍ତି ଦେଉଥିଲେ। ଏଥି ପାଇଁ ଜଣକ ପିଛା ୧୨ ହଜାର ଟଙ୍କା ଲେଖାଏଁ ନେଉଥିଲେ। ସମ୍ବଲପୁର, ବରଗଡ଼, ବୌଦ୍ଧ ଓ ସୋନପୁର ଅଞ୍ଚଳରୁ ପ୍ରାୟ ୨ ହଜାରରୁ ଅଧିକ ଲୋକଙ୍କୁ ଏମାନେ ଠକିଥିଲେ। କିଛି ଦିନ ତଳେ ବୁର୍ଲା ପୁଲିସ ଏହି ର୍ୟାକେଟ୍‌ର ପର୍ଦ୍ଦାଫାଶ କରିଥିଲା। ବିଭିନ୍ନ ସ୍ଥାନରେ ଅଧିକ ଲୋକ ଯୋଡିବା ପାଇଁ ସୁପରଭାଇଜର ଭାବେ ମଧ୍ୟ ନିଯୁକ୍ତି



ଦେଉଥିଲେ। ଏମାନଙ୍କ କଥାରେ ପଡ଼ି ସ୍ୱର୍ଣ୍ଣପ୍ରଭା ସୁପରଭାଇଜର ଭାବେ ନିଯୁକ୍ତି ପାଇଥିଲେ। ପ୍ରାୟ ୬୫ଜଣରୁ ଅଧିକ ଲୋକଙ୍କ ପାଖରୁ ୧୨ ହଜାର ଲେଖାଏଁ ୭୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ସେ ସଂଗ୍ରହ କରିଥିଲେ। ସମସ୍ତ ଟଙ୍କା ରାହୁଲଙ୍କୁ ମଧ୍ୟ ଦେଉଥିଲେ। ଦୁଇ ଦିନ ତଳେ ଏହି ର୍ୟାକେଟ୍ ପର୍ଦ୍ଦାଫାସ ହେବା ପରେ ସ୍ୱର୍ଣ୍ଣପ୍ରଭାଙ୍କୁ ଟଙ୍କା ଦେଇଥିବା ଲୋକ ମାଗିଥିଲେ। ୨୪ ତାରିଖ ସ୍ୱର୍ଣ୍ଣପ୍ରଭାଙ୍କ ଘରକୁ ଶହେରୁ ଅଧିକ ଲୋକ ଜମା ହୋଇ ଟଙ୍କା ଫେରି ପାଇବାକୁ ଦାବି କରିଥିଲେ। ସ୍ୱର୍ଣ୍ଣପ୍ରଭା ସମସ୍ତ ଟଙ୍କା ରାହୁଲଙ୍କୁ ଦେଇଥିବା କହିଥିଲେ ମଧ୍ୟ ଘଟଣାସ୍ଥଳରେ ଉତ୍ତେଜନା

### ସଂଗ୍ରହ କରିଥିଲେ ୭୪ ଲକ୍ଷ

### ଅଭିଯୁକ୍ତଙ୍କ ଉପରେ ଭରସା କରି ଫସିଗଲେ ମହିଳା

ପ୍ରକାଶ ପାଇଥିଲା। ପରେ ସ୍ୱର୍ଣ୍ଣପ୍ରଭା ମାନସିକ ଅବସାଦରେ ବିଷ ପିଇ ଦେଇଥିଲେ। ହେଲେ ଆଜି ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି।

## ବେଆଇନ ଉଚ୍ଛେଦ ରୋକିବାକୁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

**ସମ୍ବଲପୁର, ୨୭।୧୦ (ସମିସ)** : ଗତ ୩୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ରାଜ୍ୟ ରାଜପଥ କଡ଼ରେ ପରଧିଆପାଲି ସେଲେନ ହିନ୍ଦୁ ସ୍କୁଲ ନିକଟରେ ସୌରଭ ବିହାରରେ ଲୋକେ ବସବାସ କରୁଛନ୍ତି। ଏଠାରେ ପ୍ରାୟ ୯୩ଟି ଗରିବ, ଖଟିଖିଆ ପରିବାର ରହୁଛନ୍ତି। ସମ୍ବଲପୁର ମହାନଗର ନିଗମ ପକ୍ଷରୁ ଏହି ବସ୍ତିରେ ରାସ୍ତା ନିର୍ମାଣ ସହ ମୌଳିକ ସୁବିଧା ଯୋଗାଇ ଦିଆଯାଇଛି। ନିୟମିତ ଭାବେ ସେମାନେ ରାଜସ୍ୱ ଖଜଣା ମଧ୍ୟ ଦେଉଛନ୍ତି। ଗତ ୨୩ ତାରିଖ ରାଜସ୍ୱ ବିଭାଗ ଓ ମହାନଗର ନିଗମ କର୍ମଚାରୀମାନେ ଆସି ବିନା ନୋଟିସରେ ଘର ଉଚ୍ଛେଦ କରିବାକୁ ଉଦ୍ୟମ କରିଥିଲେ। ପୂର୍ବରୁ କୌଣସି ସୂଚନା ନଥିବାବେଳେ ଏବେ ସରକାରୀ ପ୍ରକଳ୍ପ ନାମରେ ବିନା ଥଇଥାନରେ ଜାଗା ଖାଲି କରିବାକୁ କୁହାଯାଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଆଜି ଏନେଇ ସୌରଭ ବିହାର ଅଞ୍ଚଳବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପ୍ରଥମେ ସମସ୍ତଙ୍କୁ ଥଇଥାନ କରାଯାଉ ପରେ ଉଚ୍ଛେଦ କରାଯାଉ ବୋଲି ସେମାନେ ଦାବି ଜଣାଇଛନ୍ତି। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଏନେଇ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଶୋକ କୁମାର ଭୋଇଙ୍କୁ ପ୍ରଦାନ କରାଯାଇଛି।

## ସମ୍ବଲପୁର ଜିଲ୍ଲାରେ 'ଉଲ୍ଲାସ' ପରୀକ୍ଷାଦେଲେ ୧୮ ୩୧୫

**ସମ୍ବଲପୁର, ୨୭।୧୦ (ସମିସ)** : ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ ଅନ୍ତର୍ଗତ ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନ ମୂଲ୍ୟାଙ୍କନ ପରୀକ୍ଷା ସମ୍ବଲପୁର ଜିଲ୍ଲାର ସମସ୍ତ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷାଧିକାରୀ ଲକ୍ଷଣ ଭୋଇଙ୍କ ନିରୀକ୍ଷଣ ଏବଂ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସତ୍ୟବ୍ରତ ସାହୁଙ୍କ ତତ୍ତ୍ୱାବଧାନରେ ଜିଲ୍ଲାରେ ୧୮ ୩୧୫ ଜଣ ପରୀକ୍ଷା ଦେଇଥିଲେ। ଏମାନଙ୍କ ମଧ୍ୟରୁ ୫୦୨୫ ଜଣ ପୁରୁଷ ଓ ୧୩୨୯୧ଜଣ ମହିଳା। କେନ୍ଦ୍ର ସରକାରଙ୍କ ପ୍ରାୟୋଜିତ ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ 'ଉଲ୍ଲାସ'ରେ ୧୫ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ଅଣସାକ୍ଷର ବ୍ୟକ୍ତିଙ୍କୁ ବିଭିନ୍ନ ବିଦ୍ୟାଳୟର ଶିକ୍ଷକମାନେ ଏକ ସର୍ଭେ ମାଧ୍ୟମରେ ଚିହ୍ନଟ କରିଥିଲେ। ଚିହ୍ନଟ କରାଯାଇଥିବା ସବୁ ଶିକ୍ଷାର୍ଥୀଙ୍କୁ ପୁସ୍ତକ ପ୍ରଦାନ କରାଯିବା ସହ ସ୍ୱେଚ୍ଛାସେବୀ ଶିକ୍ଷକଙ୍କ ଦ୍ୱାରା ଶିକ୍ଷାଦାନ କରାଯାଇଥିଲା। ରବିବାର ପ୍ରଥମ ପର୍ଯ୍ୟାୟ ପରୀକ୍ଷା ଦେବାଲାଗି ଆଗ୍ରହର ସହ ଶିକ୍ଷାର୍ଥୀ ପରୀକ୍ଷା କେନ୍ଦ୍ରକୁ ଆସିବା ଦେଖାଯାଇଥିଲା। ସମ୍ବଲପୁର ଜିଲ୍ଲାର ଜମନକିରା ବ୍ଲକରେ ସର୍ବାଧିକ ୨୫୮୩ ଜଣ ପରୀକ୍ଷା ଦେଇଥିଲେ। ଜିଲ୍ଲାର ମୋଟ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଦୁଇ-ତୃତୀୟାଂଶ ମହିଳା ଥିବା ଜଣାପଡ଼ିଛି। ଜିଲ୍ଲାର ନବଭାରତ ସାକ୍ଷରତା ଉଲ୍ଲାସର ନୋଡାଲ ଅଫିସର ସତ୍ୟବ୍ରତ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପରୀକ୍ଷାରେ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ଦ୍ୱାରା ପରିଚାଳିତ ହେଇଥିଲା। ଗୋଷ୍ଠୀ ଶିକ୍ଷା ଅଧିକାରୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ସମସ୍ତ କ୍ଲଷ୍ଟରର ସିଆରସିସିମାନେ ପରୀକ୍ଷା ପରିଚାଳନା ନିରୀକ୍ଷଣ କରିଥିଲେ।

# ମୁଦିପଡ଼ା ଶୀତଳଷଷ୍ଠୀ ଯାତ୍ରା ସଭାପତିଙ୍କ ପରଲୋକ

**ସମ୍ବଲପୁର, ୨୭।୧୦ (ସମିସ)** : ଜାଗେଶ୍ୱର ବାବା ଶୀତଳଷଷ୍ଠୀ ଯାତ୍ରା, ମୁଦିପଡ଼ାର ସଭାପତି ଜଗଦୀଶ ପଣ୍ଡା (ରାହାସୁ) ଙ୍କ ଆଜି ସକାଳ ପ୍ରାୟ ସାଢ଼େ ୭ଟା ସମୟରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି।



ମୃତ୍ୟୁବେଳକୁ ତାଙ୍କୁ ୭୪ ବର୍ଷ ବୟସ ହୋଇଥିଲା। ସେ ଜଣେ ସରଳ, ନିଷ୍ଠାବାନ, ନିର୍ଭିକ ଓ ପରୋପକାରୀ ବ୍ୟକ୍ତି ଥିଲେ। ମୁଦିପଡ଼ା ଶୀତଳଷଷ୍ଠୀର ପାରମ୍ପରିକ ଯାତ୍ରାକୁ ନୂଆ ମାନଚିତ୍ରରେ ନେଇଯିବାରେ ତାଙ୍କ ଭୂମିକା ଅପୂରଣୀୟ। ସେ ସଦା ଯୁବପିଢ଼ୀକୁ ଏହି ପରମ୍ପରାକୁ ଆଗକୁ ନେବାପାଇଁ ପ୍ରେରଣା ଦେଇଆସୁଥିଲେ। ତାଙ୍କ ପଛରେ ପତ୍ନୀ ରଞ୍ଜିତା ପଣ୍ଡା, ପୁଅ ସ୍ୱରାଜ, ଝିଅ ଜୟଶ୍ରୀ ଓ ଶିବାଙ୍ଗିନୀ ତଥା ପରିବାରବର୍ଗ ଅଛନ୍ତି। ତାଙ୍କ ପରିବାରର ନିକଟତମ ଆତ୍ମୀୟ ଆମେରିକାରୁ ଆସୁଥିବାରୁ ଆସନ୍ତାକାଲି ତାଙ୍କ ଅନ୍ତେଷ୍ଟିକ୍ରିୟା କରାଯିବ ବୋଲି ପରିବାର ସୂତ୍ରରୁ ପ୍ରକାଶ।

ଜାଗେଶ୍ୱର ବାବା ଶୀତଳଷଷ୍ଠୀ ଯାତ୍ରା କମିଟି ସଦସ୍ୟ ତଥା ମୁଦିପଡ଼ାବାସୀ ତାଙ୍କ ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରିବାସହ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି।

### ■ କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ଶୋକପ୍ରକାଶ

ଶୀତଳଷଷ୍ଠୀ ଯାତ୍ରା କମିଟି ସଭାପତି ଜଗଦୀଶ ପଣ୍ଡାଙ୍କ ବିୟୋଗରେ ଗଭୀର ଶୋକପ୍ରକାଶ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏକ୍ସରେ ଦେଇଥିବା ଶୋକବାର୍ତ୍ତାରେ ଲେଖିଛନ୍ତି, ସମ୍ବଲପୁର ଶ୍ରୀ ଜାଗେଶ୍ୱର ବାବା ଶୀତଳଷଷ୍ଠୀ ଯାତ୍ରା କମିଟି, ମୁଦିପଡ଼ାର ସଭାପତି ଜଗଦୀଶ ପଣ୍ଡାଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ। ମୁଦିପଡ଼ାର ପାରମ୍ପରିକ ଶୀତଳଷଷ୍ଠୀ ଯାତ୍ରାକୁ ଆଗେଇ ନେବାରେ ତାଙ୍କର ଅବଦାନ ଥିଲା ଅତୁଳନୀୟ। ତାଙ୍କର ବିୟୋଗ ମୁଦିପଡ଼ା ସମେତ ସମ୍ବଲପୁର ପାଇଁ ଏକ ଅପୂରଣୀୟ କ୍ଷତି। ଶ୍ରୀ ପ୍ରଧାନ ଅମର ଆତ୍ମାର ସଦଗତି କାମନା କରିବାସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

### ■ ଜିଲ୍ଲା ବିଜେଡି ସଭାପତିଙ୍କ ଶୋକପ୍ରକାଶ

ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ. ରୋହିତ ପୂଜାରୀ ସମ୍ବଲପୁର ମୁଦିପଡ଼ା ଶୀତଳଷଷ୍ଠୀ ଯାତ୍ରା କମିଟି ସଭାପତି ଜଗଦୀଶ ପଣ୍ଡାଙ୍କ ବିୟୋଗରେ ଗଭୀର ଶୋକପ୍ରକାଶ କରିବା ସହ ତାଙ୍କ ମୁଦିପଡ଼ାସ୍ଥିତ ବାସଭବନକୁ ଯାଇ ଅନ୍ତିମ ଦର୍ଶନ କରିଥିଲେ। ଇଂ. ପୂଜାରୀ ଶୋକବାର୍ତ୍ତାରେ କହିଛନ୍ତି ଯେ, ରାହାସୁ ଦାଦାଙ୍କ ଅକାଳ ବିୟୋଗ ଖବରଶୁଣି ସେ ଅତ୍ୟନ୍ତ ଦୁଃଖିତ ଏବଂ ମର୍ମାହତ। ରାହାସୁ ଦାଦାଙ୍କ ସହ ବ୍ୟକ୍ତିଗତ ଘନିଷ୍ଠ ସମ୍ପର୍କ ରହିଥିଲା। ଆତ୍ମାର ସଦଗତି କାମନା କରିବାସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଅସୀମ ଧୈର୍ଯ୍ୟ ଓ ସାହସ ଦେବା ନିମନ୍ତେ ଇଂ. ପୂଜାରୀ ମା' ସମଲେଶ୍ୱରୀ ଏବଂ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।

# ଅନିଶ୍ଚିତତାରେ ସମ୍ବଲପୁରରେ ଲୟର୍ସ କନଫରେନ୍ସ

**ସମ୍ବଲପୁର, ୨୭।୧୦ (ସମିସ)** : ଅଲ୍ ଓଡ଼ିଶା ଲୟର୍ସ ଆସୋସିଏସନ୍‌ର ଦୁଇ ଗୋଷ୍ଠୀକୁ ଏକ କରିବାକୁ ସମ୍ବଲପୁର ଜିଲ୍ଲା ଓକିଲ ସଂଘର ଉଦ୍ୟମ ଫଳବତୀ ହୋଇପାରିନାହିଁ। ଗତକାଲି ସମ୍ବଲପୁରକୁ ଉଭୟ ଗୋଷ୍ଠୀକୁ ଡକାଯାଇଥିବାବେଳେ ଗୋଟିଏ ଗୋଷ୍ଠୀ ଆସିଥିଲେ। ଅନ୍ୟ ଗୋଷ୍ଠୀ ପୂର୍ବରୁ ନିର୍ଦ୍ଧାରଣ କରିଥିବା କାର୍ଯ୍ୟକ୍ରମ ଅନୁଯାୟୀ ତାଙ୍କ କାର୍ଯ୍ୟକାରିଣୀ ବାରିପଦାରେ କରିଥିଲେ। ସେମାନେ ମୌଖିକ ସମର୍ଥନ ଦେବାସହ ଲିଖିତ ରିଜୋଲ୍ୟୁସନ୍ ପଠାଇବେ ବୋଲି ସେମାନେ ପ୍ରତିଶ୍ରୁତି ଦେଇଥିଲେ। ତେବେ, ଗତକାଲି ଓ ଆଜି ସେହି ଗୋଷ୍ଠୀର କୌଣସି ଲିଖିତ ମତାମତ ଆସିନାହିଁ। ଏହା ଏକପ୍ରକାର ସେମାନଙ୍କ ଅସହମତିକୁ ସୂଚୀତ କରୁଛି। ସମ୍ବଲପୁରରେ ଅଲ୍ ଓଡ଼ିଶା ଲୟର୍ସ କନଫରେନ୍ସ ହେବାନେଇ ଅନିଶ୍ଚିତତା ଦେଖାଦେଇଛି।

ଅଲ୍ ଓଡ଼ିଶା ଲୟର୍ସ ଆସୋସିଏସନ୍ (ଆଓଲା) ଦୁଇଭାଗ ହୋଇଯାଇଛି। ଗତ ପ୍ରାୟ ୮-୯ ବର୍ଷ ତଳେ କୌଣସି ବିଷୟକୁ ନେଇ ମତପାର୍ଥକ୍ୟ, ମନୋମାଳିନ୍ୟ, ମତଭେଦ ହେବାପରେ ଅଲ୍ ଓଡ଼ିଶା ଲୟର୍ସ ଆସୋସିଏସନ୍‌ର ଦୁଇଟି ଗୋଷ୍ଠୀ ଡିସେମ୍ବର ୨୯ ଓ ୩୦ ତାରିଖରେ ହେଉଥିବା ଅଲ୍ ଓଡ଼ିଶା ଲୟର୍ସ କନଫରେନ୍ସ ପୃଥକ୍ ପୃଥକ୍ ଭାବେ

### ଅଲ୍ ଓଡ଼ିଶା ଲୟର୍ସ ଆସୋସିଏସନ୍‌ର ଗୋଟିଏ ଗୋଷ୍ଠୀ ଦେଇନାହାନ୍ତି ଲିଖିତ ମତାମତ

ଆୟୋଜନ କରୁଛନ୍ତି। ସମ୍ବଲପୁର ଜିଲ୍ଲା ଓକିଲ ସଂଘ ଏହି ଦୁଇ ଗୋଷ୍ଠୀକୁ ଏକ କରିବାକୁ ସେତୁ ଭାବେ ପ୍ରୟାସ ଆରମ୍ଭ କରିଛି। ଉଭୟ ଗୋଷ୍ଠୀ ସହମତି ଏବଂ ଯୋଗଦାନରେ ସମ୍ବଲପୁରରେ ଚଳିତବର୍ଷ ଅଲ୍ ଓଡ଼ିଶା ଲୟର୍ସ କନଫରେନ୍ସ ଆୟୋଜନ କରିବାକୁ ପ୍ରସ୍ତାବ ଦିଆଯାଇଛି। ଏହି କ୍ରମରେ ଗତକାଲି ସମ୍ବଲପୁର ଓକିଲ ସଂଘ ପ୍ରେକ୍ଷାଳୟରେ ଉଭୟ ଗୋଷ୍ଠୀର ଏକ ମିଳିତ ବୈଠକ ପାଇଁ ସମ୍ବଲପୁର ଜିଲ୍ଲା ଓକିଲ ସଂଘ ଡାକିଥିଲା। ଗୋଟିଏ ଗୋଷ୍ଠୀ ଯୋଗଦେଇଥିବାବେଳେ ଅନ୍ୟ ଗୋଷ୍ଠୀ ବାରିପଦା କାର୍ଯ୍ୟକାରିଣୀରେ ସମ୍ବଲପୁରରେ ହେବାକୁ ଥିବା ଅଲ୍ ଓଡ଼ିଶା ଲୟର୍ସ କନଫରେନ୍ସରେ ଯୋଗଦେବାକୁ ରିଜୋଲ୍ୟୁସନ୍ ପାରିତ କରି ଲିଖିତ ବାର୍ତ୍ତା ପଠାଇବେ ବୋଲି କହିଥିଲେ। କିନ୍ତୁ ସେଭଳି କୌଣସି ବାର୍ତ୍ତା ଆଜି ସନ୍ଧ୍ୟା ସୁଦ୍ଧା ଆସିନାହିଁ। ଫଳରେ ସମ୍ବଲପୁରରେ ହେବାକୁ ଥିବା ଲୟର୍ସ କନଫରେନ୍ସକୁ ନେଇ ଅନିଶ୍ଚିତତା ଦେଖାଦେଇଛି। ସମ୍ବଲପୁର ଜିଲ୍ଲା ଓକିଲ ସଂଘ ସଭାପତି ପ୍ରଦୀପ ବହିଦାର କହିଛନ୍ତି, ଗତକାଲି ଗୋଟିଏ ଗୋଷ୍ଠୀ ଆସି ବୈଠକରେ ଯୋଗ ଦେଇଥିବାବେଳେ ଆଜି ପର୍ଯ୍ୟନ୍ତ ଅନ୍ୟ ଗୋଷ୍ଠୀର ସହମତି ରିଜୋଲ୍ୟୁସନ୍ ଆସିନାହିଁ। ଏନେଇ ସବିଶେଷ ବିବରଣୀ ମୁଁ ଜିଲ୍ଲା ଓକିଲ ସଂଘ ସାଧାରଣ ପରିଷଦ ବୈଠକରେ ଉପସ୍ଥାପନ କରିବି ଏବଂ ପରିଷଦ ଆଗାମୀ କାର୍ଯ୍ୟକ୍ରମ ନେଇ ନିଷ୍ପତ୍ତି ନେବ।

# ଧାରଣାରେ ବସିଲେ, ଆସିଲେନି ପ୍ରଶାସନିକ ଅଧିକାରୀ

**ସମ୍ବଲପୁର, ୨୭।୧୦ (ସମିସ)** : ସମ୍ବଲପୁର ମହାନଗର ନିଗମ ପକ୍ଷରୁ ଧନକଉଡ଼ା ମୌଜା ଅନ୍ତର୍ଗତ ୧୦ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପୋଖରୀରୁ ପଙ୍କୋଦ୍ଧାର କାର୍ଯ୍ୟ ପାଇଁ ରାଜ୍ୟ ସରକାରଙ୍କ 'ମୁକ୍ତା'ଯୋଜନାରେ ଠିକାରେ ନିୟୋଜିତ କରାଯାଇଥିଲା। ସେମାନଙ୍କୁ କାର୍ଯ୍ୟାଦେଶ ଦିଆଯାଇଥିବାବେଳେ ସେମାନେ ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ କରିଛନ୍ତି। ମାତ୍ର ମାସ ପରେ ମାସ ବିତି ଯାଉଥିଲେ ହେଁ ସେମାନଙ୍କ ବକେୟା ଦେୟ ଦିଆଯାଉନାହିଁ। ଆଜି ଏନେଇ ଏସ୍‌ଏଚ୍‌ଜି ସଦସ୍ୟାମାନେ ଆସି ଜିଲ୍ଲାପାଳଙ୍କ ଚ୍ୟାମ୍ବର ସମ୍ମୁଖରେ ଧାରଣାରେ ବସିଥିଲେ। ତେବେ, କେହି ପ୍ରଶାସନିକ ଅଧିକାରୀ ନଆସିବାରୁ ଶେଷରେ ଅପରାହ୍ଣ ୫ଟାବେଳେ ଫେରିଯାଇଥିଲେ। ବକେୟା ଅର୍ଥରାଶି ଶୀଘ୍ର ନମିଳିଲେ ଆଗାମୀ ଦିନରେ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ସେମାନେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିବାକୁ ଚେତାବନୀ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଗତ ୧୫ ତାରିଖରେ ଏସ୍‌ଏଚ୍‌ଜି ସଦସ୍ୟାମାନେ ଜିଲ୍ଲାପାଳଙ୍କୁ ଫେରାଦ ହେବାକୁ ଆସିଥିବାବେଳେ ସେଠାରେ ସମ୍ବଲପୁର ମହାନଗର ନିଗମ ଉପାୟୁକ୍ତ ସେଠାରେ ପହଞ୍ଚି ପରବର୍ତ୍ତୀ ମଙ୍ଗଳବାର ସୁଦ୍ଧା ସପ୍ତାହକ ମଧ୍ୟରେ ବକେୟା ରାଶି ପ୍ରଦାନ କରିବାକୁ

### ମୁକ୍ତା ଯୋଜନାରେ କାମ କରିଥିବା ୧୦ଟି ସ୍ୱୟଂ ସହାୟକ ଗୋଷ୍ଠୀର ଲକ୍ଷ ଲକ୍ଷ ଟଙ୍କା ବାକି

ପ୍ରତିଶ୍ରୁତି ଦେଇଥିଲେ। ତେବେ, ତାହା ପ୍ରଦାନ କରାଯାଇନାହିଁ।

ଅଭିଯୋଗ ଅନୁଯାୟୀ, ସମ୍ବଲପୁର ମହାନଗର ନିଗମ ପକ୍ଷରୁ ପତ୍ର ସଂଖ୍ୟା ୧୦୬୪୩ ତା. ୭-୧୨-୨୦୨୩ ଜରିଆରେ ସତସଙ୍ଗ ବିହାରର ବାନିକିଁଟା ବନ୍ଧର ପଙ୍କୋଦ୍ଧାର କାର୍ଯ୍ୟ ଦିଆଯାଇଥିଲା। ଏହି କାମକୁ ୧୦ଟି ଏସ୍‌ଏଚ୍‌ଜି କରୁଥିଲେ। ପ୍ରତି ଏସ୍‌ଏଚ୍‌ଜିକୁ ୧୧, ୭୨, ୮୨୪ ଟଙ୍କାର କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ଏସ୍‌ଏଚ୍‌ଜି ସଦସ୍ୟାମାନେ ଗ୍ରୁପ୍ ଲୋନ୍ ଓ ସୁଧ ଟଙ୍କାରେ ଆଣି କାମ ସମ୍ପୂର୍ଣ୍ଣ କରିଥିଲେ। ଗତବର୍ଷ ଏସ୍‌ଏଚ୍‌ଜି ପିଛା ୪୨୦୦୦୦ ଟଙ୍କା ଲେଖାଏ ପ୍ରଦାନ କରିଥିଲେ। ଏପର୍ଯ୍ୟନ୍ତ ବକେୟା ଟଙ୍କା ଦିଆଯାଇନାହିଁ। ଗତ ଦୁଇବର୍ଷ ହେବ ଏସ୍‌ଏଚ୍‌ଜି ପିଛା ୭୫୨୮୨୪ ଟଙ୍କା ଲେଖାଏ ବକେୟା ରହିଛି। ଆଜି ଏସ୍‌ଏଚ୍‌ଜି ମହିଳାମାନେ ଜିଲ୍ଲାପାଳଙ୍କ ଚ୍ୟାମ୍ବର ସମ୍ମୁଖରେ ଘଣ୍ଟା ଘଣ୍ଟା ଧରି ଧାରଣାରେ ବସିଥିଲେ। ତେବେ, ସମ୍ବଲପୁର ଜିଲ୍ଲାପାଳ ଛୁଟିରେ ଥିବାବେଳେ ଭାରପ୍ରାପ୍ତ ଜିଲ୍ଲାପାଳ ମାନେଶ୍ୱରକୁ ଅଭିଯୋଗ ଶୁଣାଣୀ ପାଇଁ ଯାଇଥିଲେ। ଅନ୍ୟ କୌଣସି ପ୍ରଶାସନିକ ଅଧିକାରୀ ସେମାନଙ୍କ ପାଖକୁ ଆସି ସେମାନଙ୍କ ଅଭିଯୋଗ ସମ୍ପର୍କରେ ପଚାରି ବୁଝିନଥିବାରୁ ମହିଳାମାନେ କ୍ଷୋଭ ପ୍ରକାଶ କରିଛନ୍ତି।

## କବି ରାଜେନ୍ଦ୍ର କିଶୋର ପଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି

**ସମ୍ବଲପୁର, ୨୭।୧୦ (ସମିସ)** : ନେତାଜୀ ସୁଭାଷ ଚନ୍ଦ୍ର ବୋଷ ସରକାରୀ ମହାବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ ବିଶିଷ୍ଟ କବି ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଅଧ୍ୟକ୍ଷ ତଥା ଇଂରାଜୀ ବିଭାଗର ପ୍ରଫେସର ଆଦିତ୍ୟ ମେହେର ସଭାପତିତ୍ୱ କରି କବିଙ୍କ ବିଶେଷ ପରିଚୟ ଉପସ୍ଥାପନ କରିଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ଡଃ ଶ୍ୟାମ ଭୋଇ କବିଙ୍କ ସ୍ମୃତିଚାରଣ କରିବା ସହ କୃତି ଓ କୃତିତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ସଭାରେ ଡଃ ଶ୍ରଦ୍ଧାମୟୀ ପୁରୋହିତ, ଡଃ ରଶ୍ମିତା ରାଉତରାୟ, ଅଧ୍ୟାପିକା ମୋଞ୍ଜା ପୂର୍ତ୍ତି, ଅଧ୍ୟାପକ ରୋଶନ ଭୋଇ ପ୍ରମୁଖ କବିଙ୍କ ସାହିତ୍ୟ ଜଗତରେ ଅବଦାନକୁ ନେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସଭାରେ ବିଭିନ୍ନ ବିଭାଗର ବହୁ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

**THE ORISSA MINERALS DEVELOPMENT COMPANY LTD.**
CIN: L65993OR1927GOI034842
Registered office: Plot No. 271, Ground Floor, Bidyut Marg, Shastri Nagar, Unit-IV, Bhubaneswar, Odisha-751001
Tel. No. 0674-2391595, website: www.birdgroup.co.in
Email: omdc.sec.dept@gmail.com

**NOTICE OF 107 ANNUAL GENERAL MEETING AND E-VOTING INFORMATION**

This Notice is published in supersession of the earlier Notice published on 27th October, 2025, in respect of convening of 107th Annual General Meeting of The Orissa Minerals Development Company Limited through video conferencing/ other audio visual means.

In this regards Notice is hereby given that the 107th Annual General Meeting (AGM) of The Orissa Minerals Development Company Limited (the 'Company') will be held on Tuesday, 18th November, 2025 at 11:00 A.M. IST through video conferencing (VC)/other audio-visual means (OAVM), to transact the business as set out in the Notice.

In compliance with the provisions of the Companies Act, 2013 read with circulars issued by Ministry of Corporate Affairs and SEBI, from time to time, the Notice of 107th AGM and Annual Report containing the financial statements for FY 2024-25, Auditors' Report thereon, Board's Report and other documents, have been sent through e-mails on 27th October 2025, to all the Members, whose e-mail IDs are registered with the Company/Depository Participant (DP). The said documents are also available on the Company's website i.e. www.birdgroup.co.in websites of stock exchanges i.e. www.bseindia.com and www.nseindia.com and on the website of NSDL at www.evoting.nsdl.com.

Further, the Company has engaged National Securities Depository Limited (NSDL) to enable the members of the Company to attend the said AGM through VC/OAVM and to cast votes electronically, in respect of the businesses to be transacted at 107th AGM of the Company. Members of the Company holding shares either in physical form or in dematerialized form as on the Cut-off date i.e. 10th November, 2025 may cast their vote electronically in respect of business to be transacted at the AGM. The remote e-voting platform will be open for voting from Friday, 14th November, 2025(09:00 AM) to Monday, 17th November, 2025 (05:00 PM). Remote e-voting module shall be disabled by NSDL for voting thereafter. Those members, who do not cast their vote on the resolutions through remote e-voting during the above period and are otherwise not barred from doing so, shall be eligible to vote through e-voting system during the AGM.

Members who have not registered their email address or who becomes a member of the Company after dispatch of the Notice of AGM and holds shares as on the Cut-Off date, are requested to register the same with the Depository through their Depository Participant(s) in case the shares are held in electronic form and in case of shares held in physical form, with the Company's Registrar and Share Transfer Agent i.e. M/s CB Management Services Private Limited, Email: rta@cbmsl.com. Any person whose e-mail ID is not registered with the Company/DP may obtain the user Id and password for e-voting by sending a request at evoting@nsdl.co.in. However, if the member is already registered with NSDL / Remote e-voting, he/she can use his/her existing user id and Password for casting the vote. Further. Members who have cast their vote by remote e-voting may attend the AGM, but shall not be entitled to vote again at the AGM.

In case of any queries, Members may refer to the Frequently Asked Questions (FAQs) for shareholders and e-voting user manual available at the download section of NSDL website i.e. www.evoting.nsdl.com or refer to the instructions as mentioned in the Notice of 107th AGM.

**Book Closure:**
Notice is given pursuant to Section 91 of the Companies Act, 2013 and Regulation 42 of SEBI (LODR) Regulations. 2015 that the Register of Members and Share Transfer Books of the company will remain closed from 11th November 2025 to 17th November 2025 (both days inclusive) for the purpose of ensuing 107th AGM of the Company.

**Attending AGM through VC / OAVM:**
Members will be provided with a facility to attend the AGM through VC/OAVM through the NSDL e-Voting system. Members may access by following the steps mentioned for "Access to NSDL e-Voting system" in Notes to Notice. After successful login, with login credentials, Member can see link of "VC/OAVM" placed under "Join meeting" menu against Company name. Members are requested to click on VC/OAVM link placed under Join Meeting menu. The link for VC/OAVM will be available in Shareholders/Member login where the EVEN of Company will be displayed.

**Member Speaker Registration:**
Members who would like to express their views/ask questions during the 107th AGM may register themselves as a speaker and may send this request from 14th November 2025 (9.00 a.m. IST) to 16th November 2025 (5.00 p.m. IST) mentioning their name, DP ID and Client ID, Folio number, email id, mobile number at: omdc.sec.dept@gmail.com.

By the Order of the Board
Sd/-
**Pintu Kumar Biswal**
Company Secretary & Compliance Officer

**Place:** Bhubaneswar
**Date:** 27.10.2025

# ଛଟ୍‌ରେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ

**ସମ୍ବଲପୁର, ୨୭।୧୦ (ସମିସ)**

ଛଟ୍ ଅବସରରେ ସୋମବାର ସମ୍ବଲପୁରର ବିଭିନ୍ନ ଘାଟରେ ହଜାର ହଜାର ଶ୍ରଦ୍ଧାଳୁ



ଅସ୍ତାଚଳଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରିଛନ୍ତି। ଛଟ୍ ପର୍ବ ୨୫ ତାରିଖରୁ ଆରମ୍ଭ ହୋଇଥିବାବେଳେ ୨୬ରେ ଖର୍ନା, ୨୭ରେ ଅସ୍ତାଚଳଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଏବଂ ୨୮ରେ ଉଦିତ ସୂର୍ଯ୍ୟଙ୍କୁ ଅର୍ଘ୍ୟପ୍ରଦାନ ସହ ବ୍ରତଧାରଣ କରାଯାଇଥାଏ। ପୌରାଣିକ ବିଶ୍ୱାସ ଅନୁଯାୟୀ ମୃଦଳ ଋଷି ମାତା ସୀତାଙ୍କୁ ଗଙ୍ଗାଜଳ ସିଞ୍ଚନ କରି ପବିତ୍ର କଲେ ଏବଂ କାର୍ତ୍ତିକ ମାସ ଶୁକ୍ଳ ପକ୍ଷ ଷଷ୍ଠୀ ତିଥିରେ ସୂର୍ଯ୍ୟଦେବଙ୍କ ଉପାସନା କରିବାକୁ ମାତା ସୀତାଙ୍କୁ କହିଥିଲେ। ଏହାସହ ବିଶ୍ୱାସ ରହିଛି ଯେ ମାତା ସୀତା ଅଯୋଧ୍ୟା ଫେରିବା ପରେ ସରଜୁ ନଦୀକୂଳରେ ଛଟ୍ ପୂଜା କରିଥିଲେ।

ଆଜି ସମ୍ବଲପୁରରେ ଛଟ୍‌ପୂଜା ଅବସରରେ ମହାନଦୀ ମାରୱାଡ଼ିପଡ଼ାଠାରୁ ଆରମ୍ଭ କରି ମନ୍ଦଲିଆ ପର୍ଯ୍ୟନ୍ତ ବିଭିନ୍ନ ଘାଟରେ ହଜାର ହଜାର ଶ୍ରଦ୍ଧାଳୁ ଏକାଠି ହୋଇ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରିଥିଲେ। ବୁର୍ଲାର ବିଷ୍ଣୁପଡ଼ା ଘାଟ, ମନ୍ଦଲିଆ, ବରେଇପାଲି, ମାରୱାଡ଼ି ପଡ଼ା, କଟରଧୁଆ ବନ୍ଧ, କଦମମାଳ ଛଟପୂଜା ଘାଟ, ହୀରାକୁଦ ଛଟପୂଜା ଘାଟ, ଭଙ୍ଗାମୁଣ୍ଡା ବିହାରୀପଡ଼ା, ଝାଙ୍କରପଡ଼ା ଓ ଏକୋଡୋପଡ଼ା ଆଦି ସ୍ଥାନରେ ପୂଜାର୍ଚ୍ଚନା ହୋଇଥିଲା। ଶ୍ରଦ୍ଧାଳୁମାନେ ଛଟ୍‌ପୂଜାର ରୀତିନୀତି ଅନୁଯାୟୀ ପାଣି ଭିତରେ ଛିଡ଼ା ହୋଇ ଅସ୍ତାଚଳଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରିଥିଲେ।

## ଦଲେଇପଡ଼ାରେ ସୂର୍ଯ୍ୟଙ୍କୁ ଅର୍ଘ୍ୟ

ଚାରିଦିନ ଧରି ଚାଲିଥିବା ନୈଷ୍ଠିକ ପର୍ବ ଛଟ୍ ପୂଜାରେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରିଛନ୍ତି ଉଦ୍ୟୋଗପତି ଶତ୍ରୁଘନଲାଲ ସାହାଙ୍କ



ପରିବାରର ସମସ୍ତ ସଦସ୍ୟ। ପାରମ୍ପରିକ ବାଦ୍ୟ ସହ ଦଲେଇପଡ଼ାରୁ ବାଜା ବାଣର ଏକ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ଶତ୍ରୁଘନଲାଲ ସାହା, ପତ୍ନୀ ଶକୁନ୍ତଳା ସାହା, ପୁତ୍ର ସିଦ୍ଧାର୍ଥ ସାହା, ପୁତ୍ରବଧୂ ଦେବିଦାନୀ ସାହା, ନାତୁଣୀ ସ୍ମୃତି ସାହା ଓ ନାତି ଆଦିତ୍ୟ ସାହା ପ୍ରମୁଖଙ୍କ ଅଞ୍ଚଳର ଶତାଧିକ ଆତ୍ମୀୟସ୍ୱଜନ ଦଲେଇପଡ଼ା ଘାଟ ପର୍ଯ୍ୟନ୍ତ ଯାଇଥିଲେ। ପୁତ୍ର ସିଦ୍ଧାର୍ଥ ସାହା ପୂଜା ପାଇଁ ପ୍ରସ୍ତୁତ ସମସ୍ତ ସାମଗ୍ରୀ ମୁଣ୍ଡରେ ବୋହି ପୂଜା ଘାଟ ପର୍ଯ୍ୟନ୍ତ ଯାଇଥିଲେ। ପ୍ରତିବର୍ଷ ସାହା ପରିବାର ଦଲେଇପଡ଼ା ଘାଟ ନିକଟରେ ପ୍ରସ୍ତୁତ ଏକ ସ୍ୱତନ୍ତ୍ର ଘାଟରେ ଛଟ୍ ପୂଜା ସମସ୍ତ ବିଧିବିଧାନ ସହ କରିଥାନ୍ତି। ଛଟ୍ ପୂଜା ରୀତିନୀତି ଅନୁଯାୟୀ ପାଣି ଭିତରେ ଦୀର୍ଘ ସମୟ ଠିଆ ହୋଇ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରି ମଙ୍ଗଳ କାମନା କରିଥିଲେ ଶ୍ରୀମତୀ ଦେବିଦାନୀ ସାହା। ପରିବାରର ସମସ୍ତ ସଦସ୍ୟ ନଦୀଘାଟରେ ପୂଜା ସମ୍ପନ୍ନ କରିଥିଲେ।

# ଲୋକ ମହୋତ୍ସବକୁ ୬୭ ଦିନ, ପ୍ରଶାସନିକ ତତ୍ପରତା ନାହିଁ

**ସମ୍ବଲପୁର, ୨୭।୧୦ (ସମିସ)**

ଲୋକ କଳା, ଲୋକ ସଂସ୍କୃତି, ଲୋକ ପରମ୍ପରାକୁ ମାନ୍ୟତା ଦେବା ସହିତ ଲୁକ୍କାୟିତ ପ୍ରତିଭାକୁ ସମ୍ମୁଖକୁ ଆଣିବା ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିବା 'ସମ୍ବଲପୁର ଲୋକ ମହୋତ୍ସବ'କୁ ଆଉ ମାତ୍ର ୬୭ ଦିନ ବାକି ରହିଲା। ପ୍ରତିବର୍ଷ ଭଳି ଆସନ୍ତା ଜାନୁଆରୀ ୪ରୁ ୬ ତାରିଖ ପର୍ଯ୍ୟନ୍ତ ଜିଲା ପ୍ରଶାସନ ପକ୍ଷରୁ ଲୋକ ମହୋତ୍ସବ ଆୟୋଜିତ ହେବ। କେଇବର୍ଷ ହେବ ଏହାକୁ ଆଉ ଦୁଇଦିନ ପରିବର୍ଦ୍ଧିତ କରାଯାଉଛି। କିନ୍ତୁ ଏହାର ଆୟୋଜନ ପାଇଁ ପ୍ରଶାସନିକସ୍ତରରେ ପ୍ରସ୍ତୁତି ଆରମ୍ଭ ହୋଇନାହିଁ। ତେବେ, ଗତ କିଛିବର୍ଷ ହେବ ଲୋକମହୋତ୍ସବ ଆୟୋଜନରେ ବିଳମ୍ବ କରାଯାଉଥିବାରୁ ଆୟୋଜନରେ ବହୁ ଭୁଲ ତ୍ରୁଟି ରହିଯାଉଥିବା ଅଭିଯୋଗ ହେଉଛି। ଗତବର୍ଷ ଲୋକମହୋତ୍ସବ ସମୟରେ ପ୍ରତିବର୍ଷ ଅକ୍ଟୋବର ପ୍ରଥମ ସପ୍ତାହରେ ଲୋକ ମହୋତ୍ସବ ପ୍ରସ୍ତୁତି ବୈଠକ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। କିନ୍ତୁ ଅକ୍ଟୋବର ମାସ ସରିବାକୁ ଥିବାବେଳେ ବୈଠକର ନା' ନାହିଁ।




ଅନ୍ୟପକ୍ଷରେ ସମ୍ବଲପୁର ଜିଲ୍ଲାରେ ସ୍ଥାୟୀ ଜିଲ୍ଲା ସଂସ୍କୃତି ଅଧିକାରୀ ନାହାନ୍ତି। ୨୦୨୨ ପରଠାରୁ ଏହି ପଦରେ ଭାରପ୍ରାପ୍ତ ଅଧିକାରୀମାନେ କାମ କରୁଥିବାରୁ ଜିଲାରେ କଳା ଓ ସଂସ୍କୃତିର ସ୍ଥିତି ସହଜେ ଅନୁମେୟ। କିଛିବର୍ଷ ହେଲା ସ୍ଥାନୀୟ ଲୋକକଳା ଏବଂ ଲୁକ୍କାୟିତ ତଥା ଅବଲୁପ୍ତପ୍ରାୟ ଲୋକକଳା ପର୍ଯ୍ୟାପ୍ତ ପରିମାଣରେ ଲୋକ ମହୋତ୍ସବରେ ସ୍ଥାନିତ ହେଉ ନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ୧୯୯୭ ମସିହାରେ ଲୋକକଳା ଓ ଲୋକସଂସ୍କୃତିକୁ ନେଇ ଓଡ଼ିଶାରେ ପ୍ରଥମଥର ପାଇଁ ସମ୍ବଲପୁରରେ ଲୋକ ମହୋତ୍ସବ ଆରମ୍ଭ ହୋଇଥିଲା। ସାରା ଓଡ଼ିଶାର ଲୋକକଳାକୁ ନେଇ ଆରମ୍ଭ ହୋଇଥିବା ଏହି ସାଂସ୍କୃତିକ ଆନ୍ଦୋଳନ ପରବର୍ତ୍ତୀ ସମୟରେ ବିଭିନ୍ନ ଜିଲ୍ଲାକୁ ପ୍ରସାରିତ ହୋଇଥିଲା। ଲୋକ ମହୋତ୍ସବ କରୋନା ମହାମାରୀ ପାଇଁ ୨ ବର୍ଷ ବନ୍ଦ ରହିଥିଲା, ୨୦୨୩ରେ ଓଡ଼ିଶାରେ ଅନୁଷ୍ଠିତ ବିଶ୍ୱକପ ପୁରୁଷ ହକି ସକାଶେ ଲୋକମହୋତ୍ସବକୁ ଜାନୁଆରୀ ୧୩ ତାରିଖ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଥିଲା। ସମ୍ବଲପୁର ଲୋକ ମହୋତ୍ସବରେ ଲୋକକଳାକୁ ପ୍ରୋତ୍ସାହନ ଦେବାସହ ଲୋକକଳା ଓ ଲୋକସଂସ୍କୃତିରେ ଅଭିଜ୍ଞତା ଥିବା ବରିଷ୍ଠ କଳାକାରମାନେ ଏହାର ମଙ୍ଗ ଧରିଥାନ୍ତି। ଲୋକ କଳା, ସଂସ୍କୃତି ଓ ପରମ୍ପରା ପାଇଁ ଅଭିଜ୍ଞ କଳାକାରମାନେ ଲୋକ ମହୋତ୍ସବ କିପରି ଭବ୍ୟ ଆକର୍ଷଣୀୟ ଓ ସୁଦୂର ପ୍ରସାରି ହୋଇପାରିବ ସେନେଇ ଉଦ୍ୟମ କରିଥାନ୍ତି। ଗତ କିଛିବର୍ଷ ହେଲା ଜିଲ୍ଲା ପ୍ରଶାସନ ପକ୍ଷରୁ କମିଟି ମନୋନୟନ କରାଯାଉଥିବାବେଳେ ପ୍ରତି ବିଭାଗରେ ନୋଡାଲ ଅଧିକାରୀଙ୍କ ପ୍ରଭାବ ବୃଦ୍ଧି ପାଉଛି। କଳାକାର ଓ କଳା ସଙ୍ଗଠକ ମାନଙ୍କୁ ନିୟନ୍ତ୍ରଣ କରାଯିବାସହ ବାବୁରାଜ ଚାଲୁଥିବା ସାଧାରଣରେ ଅଭିଯୋଗ ହେଉଛି।

## ୧୯୯୭ରୁ ଆରମ୍ଭ

ଓଡ଼ିଶାରେ ପ୍ରଥମଥର ପାଇଁ ୧୯୯୭ ମସିହାରେ ଲୋକକଳାଓଲୋକସଂସ୍କୃତିକୁନେଇସମ୍ବଲପୁରରେ ଆରମ୍ଭ ହୋଇଥିଲା ଲୋକ ମହୋତ୍ସବ। ପ୍ରଥମ ଉତ୍ସବର ନାମ ଥିଲା 'ଓଡ଼ିଶା ଲୋକ ସଙ୍ଗୀତ ଓ ନୃତ୍ୟ ମହୋତ୍ସବ'। ସ୍ଥାନୀୟ ମ୍ୟୁନିସିପାଲିଟି ଛକସ୍ଥିତ ଗଙ୍ଗାଧର ମଣ୍ଡପରେ ଜାନୁଆରୀ ୪ରୁ ୬ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ଆୟୋଜିତ କାର୍ଯ୍ୟକ୍ରମକୁ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ଇଜେଡ୍‌ସିସି କଲିକତା ଓ ରାଜ୍ୟ ସଂସ୍କୃତି ବିଭାଗ ସହଯୋଗ କରିଥିଲେ। ସେତେବେଳେ ଜିଲ୍ଲାପାଳ ଥିଲେ ନରେନ୍ଦ୍ର କୁମାର ମିଶ୍ର। ସେହି ସମୟରେ ଅଶୋକ ମିଶ୍ର ଓ ଦ୍ୱାରିକାନାଥ ନାୟକଙ୍କ ମିଳିତ ନେତୃତ୍ୱରେ କଳାକାର ଓ ସଙ୍ଗଠକ ମାନଙ୍କ ସହଯୋଗରେ ପ୍ରଥମ ଉତ୍ସବ ଆୟୋଜିତ ହୋଇଥିଲା। କେବଳ ସମ୍ବଲପୁର ନୁହେଁ ସାରା ଓଡ଼ିଶାର କଳାକୁ ନେଇ ଏହି ସାଂସ୍କୃତିକ ଆନ୍ଦୋଳନ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ଏହି ଲୋକକଳା ଉତ୍ସବ ରାଜ୍ୟର ବିଭିନ୍ନ ଜିଲ୍ଲାକୁ ପ୍ରସାରିତ ହୋଇଥିଲା।




ବାହାରିନଠାରେ ତୃତୀୟ ଏସୀୟ ଯୁବା କ୍ରୀଡ଼ା ପ୍ରତିଯୋଗିତା -୨୦୨୫ର ଅଣ୍ଡର-୧୮ କବାଡ଼ି ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ବିଜେତା ଭାରତୀୟ ମହିଳା ଦଳର ସଦସ୍ୟା ସମ୍ବଲପୁରର ଗର୍ବ ଓ ଗୌରବ ପ୍ରିୟଙ୍କା ପ୍ରଧାନଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଉଛି।

### ସର୍ବଭାରତୀୟ ଏନ୍‌ଆଇଟି ସନ୍ତରଣ ପ୍ରତିଯୋଗିତା

## ସମ୍ବଲପୁରର ଝିଅ ଅର୍ପିତାଙ୍କୁ ସ୍ୱର୍ଣ୍ଣ



**ସମ୍ବଲପୁର, ୨୭।୧୦(ସମିସ):** ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜି (ଏନ୍‌ଆଇଟି), ରାଉରକେଲାଠାରେ ଆୟୋଜିତ ହେଉଥିବା ସର୍ବଭାରତୀୟ ଏନ୍‌ଆଇଟି ସନ୍ତରଣ ପ୍ରତିଯୋଗିତାରେ ସମ୍ବଲପୁରର ଝିଅ ତଥା ଏନ୍‌ଆଇଟି ଶିଲଚରରେ ପ୍ରଥମ ବର୍ଷ ଇଞ୍ଜିନିୟରିଂ ଛାତ୍ରୀ ଅର୍ପିତା ସାହୁ ଗୋଟିଏ ସ୍ୱର୍ଣ୍ଣ ଓ ଦୁଇଟି ରୌପ୍ୟ ପଦକ ହାସଲ କରିଛନ୍ତି। ଏହାଦ୍ୱାରା ସେ ସମ୍ବଲପୁର ପାଇଁ ଗୌରବ ଆଣିଛନ୍ତି। ଅର୍ପିତା ଜିଲ୍ଲା ଆରକ୍ଷୀ ଅଧୀକ୍ଷକ କାର୍ଯ୍ୟାଳୟରେ କାର୍ଯ୍ୟରତ ବିନୋଦ ସାହୁ ଓ ଶଶିରେଖା ସାହୁଙ୍କ କନ୍ୟା। ସମ୍ବଲପୁର ଜିଲ୍ଲା ସନ୍ତରଣ ସଂଘ ସମ୍ପାଦକ ସାଲେଗ୍ରାମ ଖୁଣ୍ଟିଆ ତଥା ସଦସ୍ୟମାନେ ଅର୍ପିତାଙ୍କୁ ଅଭିନନ୍ଦନ ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ତୃତୀୟ ଏସୀୟ ଯୁବା କ୍ରୀଡ଼ା ପ୍ରତିଯୋଗିତା -୨୦୨୫ର ଅଣ୍ଡର-୧୮ କବାଡ଼ିରେ ସ୍ୱର୍ଣ୍ଣପଦକ ବିଜେତା ହୋଇ ସମ୍ବଲପୁରର ଝିଅ ପ୍ରିୟଙ୍କା ପ୍ରଧାନ ସମ୍ବଲପୁର ତଥା ଓଡ଼ିଶାକୁ ଗୌରବାନ୍ୱିତ କରିଛନ୍ତି।

## ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

**କୁଚିଣ୍ଡା, ୨୭ ।୧୦(ସମିସ):**ବାମରା ବ୍ଲକ ଟାଙ୍ଗରମୁଣ୍ଡା ଠାରେ ଜଣେ ଯୁବକ ସାର୍ ଖାଇ ଆଇହତ୍ୟା ଉଦ୍ୟମ କରିଥିବା ବେଳେ ତାଙ୍କୁ ସୁନ୍ଦରଗଡ଼କୁ ସ୍ଥାନାନ୍ତରିତ କରାଯାଇଛି। ସୂଚନା ଅନୁସାରେ ଟାଙ୍ଗରମୁଣ୍ଡା ଗ୍ରାମର ନିସ୍ତାର ଗୁଡ଼ିଆ କୌଣସି କାରଣକୁ ନେଇ ମାନସିକ ଚାପ୍‌ରେ ଥିବା ବେଳେ ସେ ସୋମବାର ଦିନ ପ୍ରାୟ ୧୨ ଟା ସମୟରେ ଘରେ ଥିବା ସାର୍ ଖାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତାଙ୍କ ପରିବାର ଲୋକ ଓ ପାଖ ପଡୋଶୀ ତାଙ୍କୁ ଉଦ୍ଧାର କରି ଗୋବିନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ସେଠାରେ ତାଙ୍କ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ସୁନ୍ଦରଗଡ଼ ମେଡ଼ିକାଲ କଲେଜକୁ ସ୍ଥାନାନ୍ତରିତ କରାଯାଇଛି।

## ଓଢଣୀରେ ଝୁଲିପଡ଼ିଲେ ଯୁବକ

**କୁଚିଣ୍ଡା, ୨୭ ।୧୦(ସମିସ):**କୁଚିଣ୍ଡା ଏନଏସି ୱାର୍ଡ ନଂ୩ ଲିଟିପଡ଼ାରେ ଏକ ଆବଦ୍ଧ ଘରେ ଓଢଣୀ ଲଗାଇ ଜଣେ ଯୁବକ ଝୁଲି ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ମୃତକ ଙ୍କ ପତ୍ନୀ ପିଙ୍କି ଛତ୍ରିଆ ୱାର୍ଡ଼ ନଂ ୬ରେ ଥିବା ନିଜ ବାପା ଘରକୁ ଯାଇଥିଲେ। ରାତିରେ କୌଣସି କାରଣରୁ ପତ୍ନୀଙ୍କ ଠାରୁ ଘର ଚାବି ମାଗି ଆଣିଥିଲେ ଏବଂ ଏକାକୀ ସୁଯୋଗ ନେଇ ବେକରେ ଓଢ଼ଣୀ ସାହାଯ୍ୟରେ ଝୁଲିପଡ଼ି ମୃତ୍ୟୁବରଣ କରିଥିଲେ। ପତ୍ନୀ ପିଙ୍କି ତାର ସ୍ୱାମୀଙ୍କୁ ଅନେକ ଥର ଫୋନ୍ ସହିତ ଯୋଗାଯୋଗ କରିଥିଲେ ହେଲେ ସ୍ୱାମୀଙ୍କ ଠାରୁ କୌଣସି ଉତ୍ତର ନପାଇବାରୁ ମନରେ ସନ୍ଦେହ ପ୍ରକାଶ କରି ତୁରନ୍ତ ସକାଳୁ ନିଜ ଘର ଲିଟିପଡ଼ାପଡ଼ାକୁ ଆସି କବାଟ ତାଡ଼ି ଓଢ଼ଣୀରେ ସ୍ୱାମୀ ଝୁଲି ରହିଥିବା ଦେଖିବାକୁ ପାଇଲେ। ପୁଲିସ ଓ ଦମକଳ ବାହିନୀକୁ ଖବର ଦେଇଥିଲେ। ଖବର ପାଇ କୁଚିଣ୍ଡା ପୁଲିସ ପହଞ୍ଚି ପଞ୍ଚନାମା କରାଇବା ପରେ କୁଚିଣ୍ଡା ଡାକ୍ତରଖାନାରେ ଶବବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଏନେଇ କୁଚିଣ୍ଡା ଥାନାରେ ମାମଲା ରୁଜୁ କରାଯାଇଛି। ପ୍ରାଣ ହରାଇ ଥିବା ଯୁବକ ପଦଲୁ ଛତ୍ରିଆଙ୍କ ପୁଅ ନିର୍ମଳ ଛତ୍ରିଆ(୨୮) ବୋଲି ଜଣାପଡ଼ିଛି।

## ଥ୍ରେସର ମେସିନରେ ପଶି ଯୁବକଙ୍କ ଆଙ୍ଗୁଠି ଛିଣ୍ଡିଲା

**କୁଚିଣ୍ଡା, ୨୭ ।୧୦(ସମିସ):**ବାମରା ବ୍ଲକ ରଙ୍ଗିଆଟିକ୍ରା ଠାରେ ଥ୍ରେସର ମେସିନରେ ପଶି ଜଣେ ଯୁବକଙ୍କ ଆଙ୍ଗୁଠି ଛିଣ୍ଡି ଯାଇଥିବ ବେଳେ ତାଙ୍କୁ ସୁନ୍ଦରଗଡ଼କୁ ସ୍ଥାନାନ୍ତରିତ କରାଯାଇଛି। ସୂଚନା ଅନୁସାରେ ବାମରା ବ୍ଲକ ଅନ୍ତର୍ଗତ ରଙ୍ଗିଆଟିକ୍ରା ଗ୍ରାମ ର ନେଲସନ୍ ଟିଡୁଙ୍କ ପୁଅ ଆଶିଷ ଟିଡୁ ସୋମବାର ଦିନ ପ୍ରାୟ ୨ ଟାରେ ଗାଁରେ ଜଣେ ଚାଷୀଙ୍କ ଧାନ କଟା ଥ୍ରେଶର ମେସିନରେ କାମ କରୁଥିବା ସମୟରେ ଅସାବଧାନତା ବଶତଃ ତାଙ୍କ ଡ଼ାହାଣ ହାତଟି ମେସିନ ରେ ପଶି ଯାଇଥିଲା। ଫଳରେ ତାଙ୍କ ଗୋଟିଏ ଆଙ୍ଗୁଠି ଛିଣ୍ଡି ଯାଇଥିବା ବେଳେ ତାଙ୍କୁ ଉଦ୍ଧାର କରି ଗୋବିନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ସୁନ୍ଦରଗଡ଼ ମେଡ଼ିକାଲ କଲେଜକୁ ସ୍ଥାନାନ୍ତରିତ କରାଯାଇଛି।

## ଜେଲ ଗଲା ସାନ ଭାଇ

**ସମ୍ବଲପୁର, ୨୭।୧୦(ସମିସ):** ଧନୁପାଲି ଥାନା କୁରେଇଟୋଲା ଗ୍ରାମରେ ବଡ଼ ଭାଇକୁ ମାଡ଼ ମାରି ହତ୍ୟା କରିଥିବା ଅଭିଯୋଗରେ ସାନ ଭାଇ ଜେଲ ଯାଇଛି। ଗିରଫ ଜଣକ ହେଉଛନ୍ତି ଦୀଲିପ ମୁଣ୍ଡା(୩୫)। ସୂଚନା ଅନୁସାରେ ବଡ଼ ଭାଇ ଅନିଲ ମୁଣ୍ଡା ସହ ଗତକାଲି ସାନ ଭାଇର ଝଗଡ଼ା ହୋଇଥିଲା। ମାଡ଼ ମାରିବା ପରେ ତାଙ୍କୁ ଡାକ୍ତରଖାନା ନିଆଯାଇଥିଲା। ଡାକ୍ତର ଅନିଲକୁ ମୃତ ଘୋଷଣା କରିଥିଲେ। ଅନିଲ ପତ୍ନୀଙ୍କ ଅଭିଯୋଗରେ ପୁଲିସ ଦୀଲିପକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ମୋବାଇଲ ଚୋରି ଅଭିଯୋଗରେ ଜଣେ ଗିରଫ

**ସମ୍ବଲପୁର, ୨୭।୧୦(ସମିସ):** ଦୋକାନରେ ମୋବାଇଲ ଦେଖିବା ବାହାନାରେ ନେଇ ଚମ୍ପଟ ହୋଇଥିବା ଅଭିଯୋଗରେ ଧନୁପାଲି ପୁଲିସ ଜଣକୁ ଗିରଫ କରିଛି। ସେ ହେଉଛି ଧମା ଥାନା କରଞ୍ଜୋଲର ଆଦିତ୍ୟ କୁମାର ମହାପାତ୍ର(୨୪)। ସୂଚନା ଅନୁସାରେ ଅଭିଯୁକ୍ତ ନକ୍ସାପାଲି ସ୍ଥିତ ଏକ ଦୋକାନରେ ଆଇଫୋନ ୧୪ ଦେଖିବା ପାଇଁ ଯାଇଥିଲେ। ପରେ କୌଶଳ କ୍ରମେ ଦୋକାନରୁ ମୋବାଇଲ ନେଇ ଫେରାର ହୋଇଯାଇଥିଲେ। ଅଭିଯୋଗ ପରେ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି।

### 'ମୋନ୍ଥା'ପାଇଁ ବଢ଼ିପାରେ ପ୍ରବେଶ ଜଳ

## ହୀରାକୁଦ ଜଳସ୍ତର ୬୨୯.୦୬ ଫୁଟ୍

**ସମ୍ବଲପୁର, ୨୭।୧୦ (ସମିସ) :** ହୀରାକୁଦ ଜଳଭଣ୍ଡାରର ଜଳସ୍ତର ଗତ କିଛିଦିନ ହେବ ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍‌ରେ ବଜାୟ ରଖାଯାଉଛି। ଉପର ଓ ତଳମୁଣ୍ଡରେ ବର୍ଷା ବନ୍ଦ ହୋଇଯାଇଥିବାରୁ ଜଳଭଣ୍ଡାରକୁ ପ୍ରବେଶ ଜଳ ପରିମାଣ ହ୍ରାସ ପାଇଛି। ତେବେ, ବାତ୍ୟା 'ମୋନ୍‌ଥା' ଯୋଗୁଁ ଛତିଶଗଡ଼ରେ ପ୍ରବଳ ବର୍ଷା ହେଲେ ଜଳଭଣ୍ଡାରକୁ ଅଧିକ ମାତ୍ରାରେ ଜଳ ପ୍ରବେଶ କରିପାରେ ବୋଲି ଅନୁମାନ କରାଯାଉଛି। ଏହାକୁ ନେଇ ହୀରାକୁଦ ନଦୀବନ୍ଧ କର୍ତ୍ତୃପକ୍ଷ ସତର୍କ ରହିଥିବା ଜଣାପଡ଼ିଛି।

ସୋମବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୯.୦୬ ଫୁଟ୍ ରହିଛି। ନଦୀବନ୍ଧର ସମସ୍ତ ଗେଟ୍ ବନ୍ଦ ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧୬, ୦୧୬ ଘନଫୁଟ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ସମାନ ପରିମାଣର ଜଳ ନିଷ୍କାସିତ ହେଉଛି। ପାୱାର ଚେନାଲରେ ୧୦, ୮୨୩ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୩୬ ଘନଫୁଟ, କେନାଲ ପାଇଁ ୪, ୯୫୭ ଘନଫୁଟ ଜଳ ନିଷ୍କାସିତ ହେଉଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୬.୫୨ ଫୁଟ୍ ରହିଥିବା ନଦୀବନ୍ଧ ସୂତ୍ରରୁ ପ୍ରକାଶ।

## ମହିଳା ମହାବିଦ୍ୟାଳୟରେ ନିଶାମୁକ୍ତ ଭାରତ ଅଭିଯାନ

**ସମ୍ବଲପୁର, ୨୭।୧୦ (ସମିସ) :** ସରକାରୀ ମହିଳା ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ତରଫରୁ ଆଜି ନିଶାମୁକ୍ତ ଭାରତ ଅଭିଯାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ତଥା କଲେଜର ପ୍ରଶାସନିକ ଅଧିକାରୀ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଆଲୋଚକ ଭାବରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ (କୁଷ୍ଠ ରୋଗ) ତଥା ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ଡା. ପ୍ରମୋଦ କୁମାର ବିଶ୍ୱାଳ ଯୋଗ ଦେଇଥିଲେ। ପ୍ରଫେସର ଭୋଇ ନିଶାମୁକ୍ତ ଭାରତ ଅଭିଯାନକୁ ଏକ ଜନଆନ୍ଦୋଳନ ଭାବେ ଅଭିହିତ କରି ଏହାର ନିରାକରଣ ଓ ନିୟନ୍ତ୍ରଣ ସମସ୍ତଙ୍କର ବିଶେଷ କରି ଯୁବକ ଯୁବତୀଙ୍କ ଗୁରୁଦାୟିତ୍ୱ ବୋଲି ପ୍ରକାଶ କରିଥିଲେ। ଆଲୋଚକ ଡା. ବିଶ୍ୱାଳ ନିଶାର ପ୍ରକାରଭେଦ, ନିଶାସେବନ ଜନିତ ସ୍ୱାସ୍ଥ୍ୟ ସମସ୍ୟା, ଏହାର ଭୟାବହତା ସମ୍ବନ୍ଧରେ ଯୁବ ସମାଜ ସଚେତନ ହେବା ଆବଶ୍ୟକ ବୋଲି କହିଥିଲେ। ଏହାସହ ମାନସିକ ସ୍ତରରେ ଦୃଢ଼ତା ଓ ଆତ୍ମବିଶ୍ୱାସ ଦ୍ୱାରା ନିଶାସେବନରୁ ଜଣେ ନିବୃତ୍ତ ରହିପାରିବ ବୋଲି ମତ ରଖିଥିଲେ। ଜିଲ୍ଲା କୁଷ୍ଠ ପରାମର୍ଶଦାତା ଡା. ଯୋଗମାଳା ଏବଂ ସ୍ୱାସ୍ଥ୍ୟକର୍ମୀ ଜୟନ୍ତ ଦାଶ ଉପସ୍ଥିତ ଥିଲେ। ପ୍ରଫେସର ଶ୍ୱେତଲାନା ତିର୍କୀଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ପ୍ରଫେସର ସନ୍ଧ୍ୟାମୟୀ ସାହୁ ଅତିଥି ପରିଚୟ ପ୍ରଦାନ ଏବଂ ଶେଷରେ ପ୍ରଫେସର ବିଜୟଲକ୍ଷ୍ମୀ ବରିହା ଧନ୍ୟବାଦ ଅର୍ପଣ କରିଥିଲେ।

## ଭୀମଭୋଇ କଲେଜରେ ଦୁର୍ନୀତି ନିବାରଣ ସପ୍ତାହ

**ରେଢ଼ାଖୋଲ, ୨୭ ।୧୦(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରସ୍ଥ ଭୀମଭୋଇ ମହାବିଦ୍ୟାଳୟରେ ସୋମବାର ଦିନ ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ଅମୂଲ୍ୟ କୃଷ୍ଣ ପାଢ଼ୀ ଅଧ୍ୟକ୍ଷତା କରି ଦୁର୍ନୀତିମୁକ୍ତ ସମାଜ ଗଠନ କରିବା ପାଇଁ ସମସ୍ତେ ସଚେତନ ହେବା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅନୁଷ୍ଠାନର ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ଅରୁଣ କୁମାର ସାସନୀ, ଅଧ୍ୟାପକ ଅଞ୍ଜନ କୁମାର ମିଶ୍ର, ସୁଶାନ୍ତ ନନ୍ଦ, ଡ଼ ଦିବ୍ୟ ଲୋଚନ ରାଉତ ଓ କିଶୋର ଠାକୁର ପ୍ରମୁଖ ଉପସ୍ଥିତ ରହିଥିଲେ।ଦୁର୍ନୀତି ମୁକ୍ତ ସମାଜ ଗଠନ ପାଇଁ ଏକ ସାମୂହିକ ଶପଥ ପାଠ କରାଯାଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଓଡ଼ିଆ ପ୍ରବନ୍ଧ ଓ ବକୃତା ପ୍ରତିଯୋଗିତା କରାଯାଇଥିଲା।ସଭାରେ କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକା କର୍ମଚାରୀ ଉପସ୍ଥିତ ଥିଲେ।

## ପ୍ରାକୃତିକ ବିପର୍ଯ୍ୟୟ ଓ ମୁକାବିଲା ସମ୍ବନ୍ଧୀୟ ପ୍ରତିଯୋଗିତା

**ଜମନକିରା, ୨୭ ।୧୦(ସମିସ):** କଦଳୀମୁଣ୍ଡା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦେବକୀ ନାୟକଙ୍କ ତତ୍ତ୍ୱାବଧାନରେ ବ୍ଲକସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ଓ ତାର ମୁକାବିଲା ପ୍ରସଙ୍ଗକୁ ନେଇ ରଚନା, ତର୍କ ଓ ଚିତାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।ପ୍ରତିଯୋଗିତାରେ ଅବସରପ୍ରାପ୍ତ ଶିକ୍ଷକ ଦିଲ୍ଲିପ କୁମାର ବହିଦାର, ମୋତିଲାଲ ସାହୁ, ସିଆରସିସି ଆନନ୍ଦଚନ୍ଦ୍ର ସାହୁ, ରମଣୀ କିସାନ, କଦଳୀମୁଣ୍ଡା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ରାମଚନ୍ଦ୍ର ସିଂ ବିଚାରକ ଭାବେ ଦାୟୀତ୍ୱ ତୁଲାଇଥିଲେ। କାର୍ଯ୍ୟକ୍ରମରେ ପଞ୍ଚାୟତ ଉଚ୍ଚବିଦ୍ୟାଳୟ ଭାତପୁରା, ଆଦର୍ଶ ବିଦ୍ୟାଳୟ ଚିନିମହୁଲ, ପଦ୍ମନାଭ ଉଚ୍ଚ ବିଦ୍ୟାଳୟ ଗୁଣ୍ଡରୁଚୁଆ, ଏସଏସଡି ବାଳିକା ଉଚ୍ଚ ବିଦ୍ୟାଳୟ ଟିକିଲିପଡ଼ା, ଉଚ୍ଚ ବିଦ୍ୟାଳୟ ଭୋଜପୁର, ଉଚ୍ଚ ବିଦ୍ୟାଳୟ ଟିକିଲିପଡ଼ାର ଛାତ୍ରଛାତ୍ରୀ ଭାଗ ନେଇଥିଲେ। ରଚନାରେ ସିପ୍ରୀୟାନ ଏକ୍କା ଟିକିଲିପଡ଼ା ଉଚ୍ଚ ବିଦ୍ୟାଳୟ ପ୍ରଥମ, ଚିତ୍ରାଙ୍କନ ରେ ଶ୍ରେୟାଶ୍ରୀ ପୋଦ୍ଦାର ଆଦର୍ଶ ବିଦ୍ୟାଳୟ ଚିନିମହୁଲ, ବକ୍ତୃତାରେ ଅଙ୍କିତ ନାୟକ ଆଦର୍ଶ ବିଦ୍ୟାଳୟ ଚିନିମହୁଲ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରି ଥିବା ଛାତ୍ରଛାତ୍ରୀଙ୍କୁ ବ୍ଲକ ସ୍ତରୀୟ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ। ଲୋଜିତା ଧଳ, ଚାରୁଲତା ମାଝୀ, ସିମରନ ବେହେରା, ପଲ୍ଲବୀ ବେହେରା, ପ୍ରିୟ ରଞ୍ଜନ ସତୁଆ, ସୁବୋଧ କୁମାର ଶବର ପ୍ରମୁଖ ସହଯୋଗ କରିଥିଲେ।

## ରେଳମଣ୍ଡଳରେ ଦୁର୍ନୀତି ନିବାରଣ ସଚେନତତା ସପ୍ତାହ



**ସମ୍ବଲପୁର, ୨୭।୧୦ (ସମିସ):** ସମ୍ବଲପୁର ରେଳ ମଣ୍ଡଳରେ ଦୁର୍ନୀତି ନିବାରଣ ସଚେନତତା ସପ୍ତାହ ପାଳିତ ହୋଇଛି। ରେଳ ପ୍ରବନ୍ଧକ ସୁବାଷ ସି ଚୌଧୁରୀ ଡିଆରଏମ ଅଫିସରେ ମଣ୍ଡଳର ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ସମସ୍ତ କ୍ଷେତ୍ରରେ ଅଖଣ୍ଡତା ଏବଂ ସ୍ୱଚ୍ଛତା ଆଣିବା ପାଇଁ 'ସତର୍କ ସତ୍ୟନିଷ୍ଠା ଶପଥ' ଉପରେ ଶପଥ ପାଠ କରାଇଥିଲେ।ଆଜି ଠାରୁ ୭ଦିନ ଧରି ଅଭିଯାନ ପାଳିତ ହେବ।ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ମନଜିତ ସିଂହ ସନସନୱାଲ, ସମସ୍ତ ଅଧିକାରୀ ଏବଂ କର୍ମଚାରୀ ଉପରୋକ୍ତ ଶପଥରେ ଅଂଶଗ୍ରହଣ କରିଥିଲେ।

## ସେଭେନ ହିଲ୍‌ସର ବାର୍ଷିକ ପ୍ରଦର୍ଶନୀ ଇନୋଭର୍ସ




**ସମ୍ବଲପୁର, ୨୭।୧୦(ସମିସ):** ସ୍ଥାନୀୟ ସେଭେନ ହିଲ୍‌ସ ରେସିଡେନ୍ସିଆଲ ସ୍କୁଲରେ ବାର୍ଷିକ ପ୍ରଦର୍ଶନୀ ଇନୋଭର୍ସ ଅନୁଷ୍ଠିତ ହୋଇଛି। ପ୍ରଦର୍ଶନୀରେ ଛାତ୍ରଛାତ୍ରୀଙ୍କ ସେମାନଙ୍କର ଅଭିନବ ଚିନ୍ତାଧାରା, ସୃଜନଶୀଳ ମଡେଲ ଏବଂ ବିଭିନ୍ନ ବିଷୟଗୁଡ଼ିକରେ ଶୈକ୍ଷିକ ଉତ୍କର୍ଷତାକୁ ନେଇ ପ୍ରକଳ୍ପ ଉପସ୍ଥାପନା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି, ପରିଚାଳନା ନିର୍ଦ୍ଦେଶକ ସୁକାନ୍ତ କୁମାର ବିସି ଏବଂ ଅଧ୍ୟକ୍ଷ ଏନ. ଶ୍ରୀନିବାସ ରାଓ ଯୋଗ ଦେଇଥିଲେ। ପ୍ରିନ୍ସପାଲ ଭି. ଶୈଳାଜା, ଅଧ୍ୟାପକ, ଛାତ୍ର ଏବଂ ଅଭିଭାବକଙ୍କ ଉପସ୍ଥିତିରେ ମୁଖ୍ୟ ଅତିଥିଙ୍କ ଦ୍ୱାର ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ମୋଟ ୧୩ଟି ବିଭାଗରେ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା।

## ୫୫ ନଂ ଜାତୀୟ ରାଜପଥରୁ ନୂଆପଡ଼ାକୁ ରାସ୍ତା ଦାବି



**ରେଢାଖୋଲ, ୨୭ ।୧୦(ସମିସ)**

ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ବୁର୍ଡ଼ା ପଞ୍ଚାୟତ ନୂଆପଡ଼ା ଗ୍ରାମକୁ ୫୫ ନଂ ଜାତୀୟ ରାଜପଥରୁ ରାସ୍ତା ନ ଥିବାରୁ ଗ୍ରାମବାସୀ ଯାତାୟାତ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଗ୍ରାମବାସୀ ରୋଗାକ୍ରାନ୍ତ ହେଲେ ଡାକ୍ତରଖାନାକୁ ଆସିବାରେ ସମସ୍ୟା ସୃଷ୍ଟି ହେଉଛି। ଛାତ୍ରଛାତ୍ରୀ ଗ୍ରାମ ବାହାରକୁ ଅଧ୍ୟୟନ ପାଇଁ ଯିବା ଆସିବା କରିବା ପାଇଁ ଅସୁବିଧାରେ ପଡୁଛନ୍ତି। ଏହାକୁ ନେଇ ଗ୍ରାମବାସୀ ବାରମ୍ବାର ସ୍ଥାନୀୟ ପ୍ରଶାସନକୁ ଅଭିଯୋଗ କଲେ ମଧ କେହି କର୍ଣ୍ଣପାତ କରି ନାହାଁନ୍ତି। ଶେଷରେ ବିବ୍ରତ ହୋଇ ଗ୍ରାମର ଶତାଧିକ ମହିଳା ପୁରୁଷ ରେଢାଖୋଲ ଉପଜିଲ୍ଲାପାଳ କାର୍ଯ୍ୟାଳୟକୁ ଆସି ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହନ୍ତଙ୍କୁ ଭେଟି ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଯଦି କୌଣସି ପଦକ୍ଷେପ ଗ୍ରହଣ କରାନଯାଏ। ତେବେ ଆଗାମୀ ଦିନରେ ଗ୍ରାମବାସୀ ଆନ୍ଦୋଳନାଳକ ପନ୍ଥା ଅବଲମ୍ବନ କରିବାକୁ ଚେତାବନୀ ଦେଇଛନ୍ତି। ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ବୁର୍ଡା ପଞ୍ଚାୟତ ସମିତି ସଭ୍ୟ ସଞ୍ଜୟ ବେହେରା ସମେତ ଶତାଧିକ ଗ୍ରାମବାସୀ ସାମିଲ ଥିଲେ।

## ନିଶା ମୁକ୍ତ ଭାରତ ଅଭିଯାନ ସମ୍ପର୍କିତ ସଚେତନତା

**ନାକଟିଦେଉଳ, ୨୭ ।୧୦(ସମିସ):** ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଙ୍କ ନିର୍ଦ୍ଦେଶକ୍ରମେ ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟ ହଲ୍‌ରେ ନିଶାମୁକ୍ତ ଭାରତ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ର ଅଧ୍ୟକ୍ଷ ସୁଧୀର କୁମାର ସାହୁ ଙ୍କ ସଭାପତିତ୍ୱ ରେ ପରିଚାଳିତ ସଚେତନତା ବୌଦ୍ଧିକ ସଭା ରେ ଆଲୋଚକ ଭାବରେ ଯୋଗ ଦେଇ ଅଧ୍ୟାପକ ଦେବେଶ କୁମାର ବିଶ୍ୱାଳ ଓ ଅଧ୍ୟାପକ ଶେଷ ଦେବ ବିଶ୍ୱାଳ ନିଶାସେବନର ବ୍ୟକ୍ତିଗତ ଓ ସାମାଜିକ ଜୀବନରେ କୁପ୍ରଭାବ ଉପରେ ସାରଗର୍ଭକ ତଥ୍ୟମୂଳକ ସୂଚନା ଉପସ୍ଥାପନ କରି ନିଶା ସେବନ ରୁ ସମସ୍ତେ ଦୂରେଇ ରହିଲେ ଏକ ଶୃଙ୍ଖଳିତ ଏବଂ ସମୃଦ୍ଧ ସମାଜ ସମ୍ଭବ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଏନ୍‌ଏସ୍‌ଏସ୍ ପୋଗ୍ରାମ ଅଫିସର ଡ଼ ରବନା ନିଶାମୁକ୍ତ ସମାଜ ଗଠନରେ ଜାତୀୟ ସେବା ଯୋଜନା ସଂସ୍ଥାର ଭୂମିକା ବିଶ୍ଳେଷଣ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ବିନୋଦ ବିହାରୀ ପ୍ରଧାନ, ହିମାଂଶୁ ବାରିକ, ସୁଭାଷ ଚନ୍ଦ୍ର ବେହେରା, ଅଧ୍ୟାପିକା ଗିରିବାଳା ନାୟକ ଓ ଲିଟିନା ପ୍ରିୟଦର୍ଶନୀଙ୍କ ପରିଚାଳନାରେ ବୃତ୍ତଚିତ୍ର ପ୍ରଦର୍ଶନ ଓ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଲକ୍ଷେ ଘର ସେବା ସଂଘର ବୈଠକ

**କୁଚିଣ୍ଡା, ୨୭ ।୧୦(ସମିସ):**ବାମରା ବ୍ଲକ ସଗରା ପଞ୍ଚାୟତ ଫଟାଟାଙ୍ଗର ଠାରେ ଲକ୍ଷେ ଘର ସେବା ସଂଘ ପକ୍ଷରୁ ବୈଠକ ଆୟୋଜିତ ହୋଇଥିବା ଜଣାପଡ଼ିଛି। ଡାକ୍ତର ଭୀମ ରାଓ ଆମ୍ବେଦକରଙ୍କ ଫଟୋ ଚିତ୍ରରେ ଫୁଲମାଲ୍ୟ ଅର୍ପଣ ସହ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ବିନୋଦ ବିହାରୀ ସିଙ୍ଗଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିବା କାର୍ଯ୍ୟକ୍ରମରେ ଯୁବ ଗୋଷ୍ଠୀକୁ ସମାଜରେ ସଦଭାବନା ପ୍ରତିଷ୍ଠା, ସମାଜର ଉନ୍ନତି ଓ ନିଶାମୁକ୍ତି ପାଇଁ ଆଗେଇ ଆସିବାକୁ ନେଇ ଆହ୍ୱାନ ଦିଆ ଯାଇଥିଲା। ଏଥି ସହ ଲକ୍ଷେ ଘର ସମାଜର ଜନ ସଂଖ୍ୟା ସର୍ଭେ ଓ ଜନ ମଙ୍ଗଳ କାର୍ଯ୍ୟକ୍ରମକୁ ନେଇ ବିଶେଷ ଆଲୋଚନା ହୋଇଥିଲା। ମହିଳାମାନେ ମଧ୍ୟ ସାମାଜିକ କାର୍ଯ୍ୟରେ ଆଗେଇ ଆସିବାକୁ ନେଇ ଅତିଥିମାନେ ଆହ୍ୱାନ ଦେଇଥିଲେ। ରବିବାର ସନ୍ଧ୍ୟାରେ ଆୟୋଜିତ ହୋଇଥିବା ଉକ୍ତ ବୈଠକରେ ବ୍ଲକ ସଭାପତି ଭିକ ନିଖଣ୍ଡିଆ, ଉପସଭାପତି ପୀତବାସ ମହାନନ୍ଦ, ବୈକୁଣ୍ଠ ନିଖଣ୍ଡିଆ, ଦାମୋଦର ସିଙ୍ଗ, ସଦାନନ୍ଦ ମହାନନ୍ଦିଆ, ପଦ୍ମଲୋଚନ ପୋଡ଼, ବିନୋଦ ତାଣ୍ଡିଆ, ଗୋକୁଳ ମହାନନ୍ଦ, ସଞ୍ଜୟ ବୁଡ଼ା, ଚୈତନ୍ୟ ପାଣ ଓ ଭବାନୀ ଶଙ୍କର ପୋଢ଼ଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ହୀରାକୁଦ ମହାବିଦ୍ୟାଳୟରେ 'ଦୁର୍ନୀତି ନିବାରଣ ସଚେନତତା ସପ୍ତାହ'

**ସମ୍ବଲପୁର, ୨୭।୧୦(ସମିସ):**ହୀରାକୁଦ ମହାବିଦ୍ୟାଳୟରେ ଦୁର୍ନୀତି ନିବାରଣ ସଚେନତତା ସପ୍ତାହ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ହୀରାକୁଦ ମହାବିଦ୍ୟାଳୟର ଅଧ୍ୟକ୍ଷା ସୁମିତ୍ରା ପଣ୍ଡା ସହ ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଅକ୍ଷୟ କୁମାର ସୁତାର, ଅଧ୍ୟାପିକା ଡ.ମଞ୍ଜୁଲତା ପଣ୍ଡା, ଇଂରାଜୀ ବିଭାଗର ମୁଖ୍ୟ ସୀମାନ୍ତିକା ଦାସ, ବାଣିଜ୍ୟ ବିଭାଗର ମୁଖ୍ୟ ଡ. ସିଦ୍ଧାନ୍ତ ମହାନ୍ତି ମଞ୍ଚାସୀନ ଥିଲେ। ସୌଗନ୍ଧିକା ମିଶ୍ର ଓ ସୁଶ୍ରୀ ପଣ୍ଡା ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଇତିହାସ ବିଭାଗର ଅଧ୍ୟାପିକା ସୌଗନ୍ଧିକା ମିଶ୍ର ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ସୀମାନ୍ତିକା ଦାସ ଉଭୟ ଓଡ଼ିଆ ଇଂରାଜୀରେ ଶପଥ ପାଠ କରାଇଥିଲେ। ଅଧ୍ୟକ୍ଷା ସୁମିତ୍ରା ପଣ୍ଡା ଦୁର୍ନୀତି ନିବାରଣ ସମ୍ପର୍କରେ ଆଲୋକପାତ କରି ଦୁର୍ନୀତି କରିବା ନାହିଁ କି ସହିବା ନାହିଁ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବରେ ଡ.ମଞ୍ଜୁଲତା ପଣ୍ଡା ଓ ସୀମାନ୍ତିକା ଦାସ ଦୁର୍ନୀତିର ମାତ୍ରା କେତେ ବଢୁଛି ଶିକ୍ଷା, ରାଜନୀତିକ, ଇତ୍ୟାଦି କ୍ଷେତ୍ରରେ ଦୁର୍ନୀତିର ପ୍ରଭାବ ତାର କାରଣ ନିବାରଣ ବିଷୟରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇଥିଲେ।ଶେଷରେ ଶିକ୍ଷା ବିଭାଗର ମୁଖ୍ୟା ସୁଶ୍ରୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ବିଦ୍ୟୁତ୍ ଆଘାତରେ ଯୁବକ ମୃତ

କରଁଗୋଲା/ଦଶରଥପୁର,୨୭।୧୦(ସମିସ): ଦଶରଥପୁର ବ୍ଲକ ନିଜାମପୁର ପଞ୍ଚାୟତ କୁଲସାହି ଗ୍ରାମର ଖଗେଶ୍ୱର ନାୟକଙ୍କ ପୁଅ ମନୋରଞ୍ଜନ ନାୟକ (୧୮)ଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହୋଇଯାଇଛି। ସେ ଆଜି ସକାଳୁ ନିତ୍ୟକର୍ମ ସାରି ଘର ବିଦ୍ୟୁତ୍ ସୁଇଚ୍ ବନ୍ଦ କରିବା ସମୟରେ ବିଦ୍ୟୁତ୍ ଆଘାତ ପାଇ ପଡ଼ି ଯାଇଥିଲେ। ପରିବାର ଓ ସାହି ପଡ଼ିଶା ତାଙ୍କୁ ସଂଜ୍ଞାହୀନ ଅବସ୍ଥାରେ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପରୀକ୍ଷା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ମଙ୍ଗଳପୁର ଥାନାରେ ମାଆ ମାନସୀ ବିଶ୍ୱାଳ ଅଭିଯୋଗ କରିବା ପରେ ପୁଲିସ ୧୮/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି ବୋଲି ମଙ୍ଗଳପୁର ଥାନା ଏଏସଆଇ ସଂଗ୍ରାମ ପଣ୍ଡା ସୂଚନା ଦେଇଛନ୍ତି। ମୃତଶରୀରକୁ ଯାଜପୁର ବଡ଼ ମେଡିକାଲରେ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

## ଡମ୍ଫର ଲୁନା ଦୁର୍ଘଟଣାରେ ଜଣେ ଗୁରୁତର

ସୁକିନ୍ଦା/ଦାନଗଦି,୨୭।୧୦(ସମିସ): ୫୩ନଂ ଜାତୀୟ ରାଜପଥ ସୁକିନ୍ଦା ଡୁବୁରୀ ରାସ୍ତାର ବାଟାଲିୟନ ସମ୍ମୁଖରେ ଡମ୍ଫର ସହ ଲୁନା ଦୁର୍ଘଟଣା ଘଟି ଲୁନା ଚାଳକ ଗୁରୁତର ଆହତ ଅବସ୍ଥାରେ କଟକ ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି। ସୁକିନ୍ଦା ଥାନା ଅନ୍ତର୍ଗତ ବଙ୍ଗା ଗ୍ରାମ କୃଷ୍ଣଚନ୍ଦ୍ର ନାୟକଙ୍କ ପୁଅ ପ୍ରଫୁଲ୍ଲ ନାୟକ (୫୦) କଳିଙ୍ଗନଗର ସ୍ଥିତ ଏକ ଘରୋଇ କମ୍ପାନୀକୁ ଡ୍ୟୁଟି କରିବା ପାଇଁ ଯିବା ସମୟରେ ସୁକିନ୍ଦା ସ୍ଥିତ ଥାର୍ଡ ଆଇଆର ବାଟାଲିୟନ ସମ୍ମୁଖରେ ଏକ ଡମ୍ଫର ସହିତ ଦୁର୍ଘଟଣା ଘଟିଥିଲା। ଏହି ଦୁର୍ଘଟଣାରେ ପ୍ରଫୁଲ୍ଲ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ପ୍ରଫୁଲ୍ଲଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରଫୁଲ୍ଲଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଛି।

## ବିଞ୍ଝାରପୁର ଥାନା ଗୃହରକ୍ଷୀଙ୍କ ମୃତ୍ୟୁ



ବିଞ୍ଝାରପୁର/ଫିଂହପୁର,୨୭।୧୦(ସମିସ): ବିଞ୍ଝାରପୁର ଥାନାରେ କର୍ତ୍ତବ୍ୟରତ ଗୃହରକ୍ଷୀ ସଞ୍ଜୀବ ମଲ୍ଲିକ (୪୯)ଙ୍କ ଅକାଳ ବିୟୋଗ ଘଟିଛି। ଫିଂହପୁର ଗ୍ରାମର ବସନ୍ତ ମଲ୍ଲିକଙ୍କ ପୁଅ ସଞ୍ଜୀବ ଦୀର୍ଘ ଦିନ ହେବ ଗୃହରକ୍ଷୀ ଭାବେ ବିଞ୍ଝାରପୁର ଥାନାରେ କାର୍ଯ୍ୟ କରିଆସୁଥିଲେ। କିଛିଦିନ ହେବ ସେ ଅସୁସ୍ଥ ହୋଇ ଚିକିତ୍ସାଧୀନ ଥିଲେ। ଗତକାଲି ବିଳମ୍ବିତ ରାତିରେ ତାଙ୍କର ଦେହାନ୍ତ ହୋଇଯାଇଛି। ସଞ୍ଜୀବଙ୍କ ଦେହାନ୍ତ ଖବର ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ତାଙ୍କ ଦେହାନ୍ତ ଖବର ପାଇଁ ଡିଏସପି ବାମଦେବ ନନ୍ଦ, ଆଇଆଇସି ରଞ୍ଜନ ମଲ୍ଲିକ, ଫିଂହପୁର ସରପଞ୍ଚ ଶଶାଙ୍କ ଖୁଣ୍ଟିଆ, ଜିଲ୍ଲାପରିଷଦ ସଭ୍ୟ ନନ୍ଦକିଶୋର ସାମଲ, କୈଳାସ ସେଠି, ନିରଞ୍ଜନ ବେଉରିଆ ପ୍ରମୁଖ ସଞ୍ଜୀବଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ଶୋକ ପ୍ରକାଶ କରିଛନ୍ତି।

## ଦୁଇ ଶିଶୁଶ୍ରମିକ ଉଦ୍ଧାର

ଦାନଗଦି,୨୭।୧୦(ସମିସ): ଦାନଗଦି ବଜାରରୁ ଦୁଇ ଜଣ ଶିଶୁ ଶ୍ରମିକଙ୍କୁ ଆଜି ଉଦ୍ଧାର କରାଯାଇଛି। ଶିଶୁ ଅଧିକାର କର୍ମୀ ମଣ୍ଟୁ ଦାସ ଏହି ଶିଶୁଶ୍ରମିକ ଦୁଇଜଣଙ୍କୁ ଉଦ୍ଧାର କରିବା ପାଇଁ ଜିଲ୍ଲାପାଳଙ୍କୁ ଅନୁରୋଧ କରିଥିଲେ। ଜିଲ୍ଲାପାଳ ଅମ୍ବର କରଙ୍କ ନିର୍ଦ୍ଦେଶରେ ଶିଶୁ ସୁରକ୍ଷା ୟୁନିଟ୍‌ର ତପନ କୁମାର ପାତ୍ର, ଜିଲ୍ଲା ଅତିରିକ୍ତ ଶ୍ରମ ଅଧିକାରୀ ଦେବାଶିଷ ଜେନା, ଦାନଗଦି ପୁଲିସ ଓ ଶିଶୁ ଅଧିକାର କର୍ମୀ ମଣ୍ଟୁ ଦାସ, ବିଷ୍ଣୁଚିତ ମାଝୀ ପ୍ରମୁଖ ମିଳିତ ଭାବେ ଉମାମ ଗ୍ୟାରେଜରେ ଚଢ଼ଉ କରି ଶିଶୁ ଦୁଇଜଣଙ୍କ ଉଦ୍ଧାର କରିଥିଲେ। ଶିଶୁ ଦୁଇଜଣଙ୍କ ବୟସ ୧୪ ବର୍ଷ ଓ ୧୨ ବର୍ଷ ବୋଲି ଜଣାପଡ଼ିଛି। ଗତ ଏକ ବର୍ଷ ହେବ ସେମାନେ ଏହି ଗ୍ୟାରେଜରେ ଶିଶୁଶ୍ରମିକ ଭାବରେ କରିଆସୁଥିଲେ। ଏହି ଶିଶୁ ଶ୍ରମିକଙ୍କୁ ମାଲିକ ମହମ୍ମଦ ମୁରସିଦ ଅନସାରୀ ୧୨ ଘଣ୍ଟାରୁ ଅଧିକ ସମୟ କାମ କରାଇ ଦିନକୁ ୧୦୦ଟଙ୍କା ହିସାବରେ ମାସକୁ ୩ ହଜାର ଟଙ୍କା ମଜୁରୀ ପ୍ରଦାନ କରୁଥିବା ଶିଶୁମାନେ କହିଛନ୍ତି। ଏହି ଶିଶୁମାନଙ୍କ ମଧ୍ୟରେ ଜଣଙ୍କ ଘର ମୟୂରଭଞ୍ଜ ଓ ଅନ୍ୟ ଜଣଙ୍କ ଘର ଯାଜପୁର ଜିଲ୍ଲାରେ। ଏହି ଦୁଇଜଣ ଶିଶୁଶ୍ରମିକଙ୍କୁ ଶିଶୁ ମଙ୍ଗଳ କମିଟିରେ ହାଜର ପରେ ଉତ୍କଳ ବାଲାଶ୍ରମରେ ଥଇଥାନ କରାଯାଇଛି।

## ମାନସିକ ଭିନ୍ନକ୍ଷମଙ୍କ ପରଲୋକ

ଯାଜପୁର,୨୭।୧୦(ସମିସ): ଯାଜପୁର ସଦର ଥାନା ଅନ୍ତର୍ଗତ ବରୁଆଁ ପଞ୍ଚାୟତ କଟେରିଗାଁ ଗ୍ରାମର ବୈଷ୍ଣବ ମହାନ୍ତିଙ୍କ ପୁତ୍ର ଅଶୋକ କୁମାର ମହାନ୍ତି (୫୨) ଙ୍କ ଗତରାତିରେ ମୃତ୍ୟୁ ହୋଇଯାଇଛି। ସଦର ଥାନାରେ ମୃତ ଅଶୋକଙ୍କ ପତ୍ନୀଙ୍କ ଲିଖିତ ଅଭିଯୋଗ କ୍ରମେ ମୃତକ ଜନ୍ମରୁ ମସ୍ତିଷ୍କ ଭିନ୍ନକ୍ଷମ ରୋଗୀ ହୋଇଥିବାରୁ ଡାକ୍ତରଙ୍କ ପରାମର୍ଶ କ୍ରମେ ନିୟମିତ ଔଷଧ ସେବନ କରନ୍ତି। ଗତ ମଙ୍ଗଳବାର ଘରୁ ଘର ଛାଡ଼ି କେଉଁଆଡେ ଚାଲିଯାଇ ଯାଆନ୍ତି ଓ ପୁନର୍ବାର ଘରକୁ ଫେରନ୍ତି। ଗତକାଲି ରାତିରେ ଘରର ପଛପଟେ ମୃତ ଅବସ୍ଥାରେ ପଡ଼ିଥିବା ଦେଖି ସଦର ଥାନାକୁ ଜଣାଇଥିଲେ। ସଦର ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ଶରୀରରେ କ୍ଷତ ଚିହ୍ନ ଥିବା ଦେଖି ସନ୍ଦେହ ହେବାରୁ ସାଇଣ୍ଟିଫିକ୍ ଟିମ୍‌ର ସହାୟତା ନେଇଥିଲେ। ପରେ ମୃତ ଶରୀର ପଞ୍ଚନାମା କରି ବ୍ୟବଚ୍ଛେଦ ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଥିଲେ। ଏହି ଘଟଣାକୁ ନେଇ ସଦର ଥାନାରେ ଏକ ଅପମୃତ୍ୟୁ ମାମଲା ୩୧/୨୦୨୫ ରୁଜୁ କରି ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି।

## ଅସହାୟଙ୍କୁ ରାସନ ସାମଗ୍ରୀ ପ୍ରଦାନ

କୁଆଖିଆ,୨୭।୧୦(ସମିସ): ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ବିପଦର ବନ୍ଧୁ ପରିବାର ଚାରିଟେବୁଲ ଟ୍ରଷ୍ଟ ତରଫରୁ ରସୁଲପୁର ବ୍ଲକ ରାହାମ୍ବା ପଞ୍ଚାୟତ ଅନ୍ତର୍ଗତ ଡିହକୁଶଣ ଗ୍ରାମର ଅସହାୟ କଣ୍ଣଣୀ ରାଉତଙ୍କୁ ରାସନ ସାମଗ୍ରୀ ସହିତ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି। କିଛିବର୍ଷ ତଳେ କଣ୍ଣଣୀଙ୍କ ସ୍ୱାମୀ କ୍ୟାନ୍ସର ରୋଗରେ ଦେହତ୍ୟାଗ କରିଥିଲେ। ଖବର ପାଇ କୋଷାଧ୍ୟକ୍ଷ ଭଗବାନ ଦାଶ, ପ୍ରତିଷ୍ଠାତା ନିହାର ରଞ୍ଜନ ଆଚାର୍ଯ୍ୟ, ବିଜୟ କୁମାର ସାହୁ, ପ୍ରଶାନ୍ତ କୁମାର ସ୍ୱାଇଁ, ରକ୍ତ ସଚୀବ ଶୁଭେନ୍ଦୁ ଶତପଥୀ, ସତ୍ୟ ନାରାୟଣ ଜେନା, ମିଡ଼ିଆ ସେଲ ସମ୍ପାଦକ ମାନସ ମଲ୍ଲିକ, ଶିବାନନ୍ଦ ପଣ୍ଡା, ସନ୍ତୋଷ ଦାସ ପ୍ରମୁଖ ପହଞ୍ଚି ସହାୟତା ର ହାତ ବଢ଼ାଇଥିଲେ। ଟ୍ରଷ୍ଟ ପକ୍ଷରୁ ଆଗାମୀ ଦିନରେ ଉକ୍ତ ପରିବାରର ଅଧପନ୍ତରିଆ ହୋଇ ପଡ଼ି ରହିଥିବା ସିଡି ଘର କାର୍ଯ୍ୟ ସଂପୂର୍ଣ୍ଣ କରିବାକୁ ପ୍ରତିଶ୍ରୁତି ପ୍ରଦାନ କରାଯାଇଛି।

# ମାଛଡଙ୍ଗା ପୋଲ ପାଇଁ ବିପଦରେ ଧନଜୀବନ

କବାଟବନ୍ଧ,୨୭।୧୦(ସମିସ)

ଧର୍ମଶାଳା ବ୍ଲକ ଅନ୍ତର୍ଗତ କବାଟବନ୍ଧ ପଞ୍ଚାୟତ ଅଧୀନ ଦଳଗାଁ ନିକଟରେ ଥିବା ମାଛଡଙ୍ଗା ପୋଲଟି ଅସୁରକ୍ଷିତ ଅବସ୍ଥାରେ ରହିଥିବା ଦେଖିବାକୁ ମିଳିଛି। ପୋଲକୁ ଭାଙ୍ଗି ଦେଇ ପାଇପ୍ ପକାଇ ତା' ଉପରେ ଡଷ୍ଟ ଏବଂ ମୋରମ ପକାଇ ଦିଆଯାଇଥିଲା। ଗୋଟିଏ ପାଶ୍ୱର୍ ମୋରମ୍ ଧୋଇ ହୋଇ ରାସ୍ତା ସଂକୀର୍ଣ୍ଣ ହୋଇଛି। ଯାହା ଦ୍ୱାରା ପ୍ରତ୍ୟେକ ମୁହୂର୍ତ୍ତରେ ଧନଜୀବନ ବିପଦ ପଡ଼ିବାର ଯଥେଷ୍ଟ ସମ୍ଭାବନା ଦେଖାଦେଇଛି। ଏହି ମାଛଡଙ୍ଗା ନାମରେ ପରିଚିତ ପୋଲଟି କବାଟବନ୍ଧ ମେଡ଼ିକାଲ ଠାରୁ ଭାୟା ଦଳଗାଁ ହୋଇ ଜାତୀୟ ରାଜପଥ ୫୩କୁ ସଂଯୋଗ କରୁଥିବା ରାସ୍ତାର ଦଳଗାଁ ନିକଟରେ ରହିଛି। ଏହାର ଉଭୟ ପାଶ୍ୱର୍ରେ ସୁରକ୍ଷା ବାଡ଼ ମଧ୍ୟ ନାହିଁ। ଦୀର୍ଘ ଦିନ ହେବ ଏହି ପୋଲଟି ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିଲା। ଏହାର ତଳ ପଟୁ କଂକ୍ରିଟ ଭାଙ୍ଗି ଲୁହା ରଡ଼ ଦେଖାଯିବା ସହିତ ପୋଲର ଗୋଟିଏ ପାଶ୍ୱର୍ ମଝିରୁ ଫାଟି ବିପଦ ସଂକୁଳ ଅବସ୍ଥାରେ ରହିଥିଲା। ଏନେଇ ଦୈନିକ ଖବର କାଗଜ ''ସକାଳ' ରେ ଗତ ଅପ୍ରେଲ ୧୮ ତାରିଖରେ ''ଅସୁରକ୍ଷିତ ଅବସ୍ଥାରେ ଦଳଗାଁ ମାଛଡଙ୍ଗା ପୋଲ' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ସ୍ଥାନୀୟ ଅଞ୍ଚଳ ପାଇଁ ଏହା ଏକ ମୁଖ୍ୟ ସଡ଼କ ଅଟେ। ଏହି ରାସ୍ତା ଦେଇ ଦୈନିକ ଶହ ଶହ ଗାଡ଼ି ମୋଟର ଚଳାଚଳ କରୁଛନ୍ତି। କବାଟବନ୍ଧ ମେଡ଼ିକାଲ, ବ୍ୟାଙ୍କ, କବାଟବନ୍ଧ ବଜାର, ସାପ୍ତାହିକ ହାଟ ସହିତ ସ୍କୁଲ କଲେଜ ଛାତ୍ରଛାତ୍ରୀ ଏହି ରାସ୍ତା ଦେଇ ଯିବା ଆସିବା କରିଥାନ୍ତି। ଖବର ପ୍ରକାଶ ପାଇବା ପରେ ଗତ ଜୁନ ମାସରେ ଏହାକୁ ତରବରିଆ ଭାବରେ ଭାଙ୍ଗି ଦିଆଯାଇ ପୋଲ ନିର୍ମାଣ ନକରି କେବଳ ପାଇପ୍ ପୋତିଦେଇ କାମଚଳା ବ୍ୟବସ୍ଥା କରିଦେଇଥିଲେ। ବର୍ଷା ଋତୁ ଥିବାରୁ ସେହି ସମୟରେ ଜନସାଧାରଣ ଯାତାୟାତ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏପରିକି ଉକ୍ତ ପୋଲ ଉପରେ



ତରବରିଆ ଭାବରେ ମୋରମ ପକାଇ ଦେଇଥିଲେ। ଯାହା ଫଳରେ ବର୍ଷା ହୋଇ କାଦୁଅ ସୃଷ୍ଟି ହୋଇ ଯାତାୟାତ ଅନୁପଯୋଗୀ ହୋଇଥିଲା। ଏହି ରାସ୍ତାର ଗୋଟିଏ ପାଶ୍ୱର୍ରୁ ମୋରମ ଧୋଇ ହୋଇ ରାସ୍ତା ଅଣଓସାରିଆ ହୋଇଛି। ଏହି ରାସ୍ତାରେ ଆମ୍ବୁଲାନ୍ସ ମଧ୍ୟ ଯାଇ ପାରି ନଥିଲା। ଯାହାକୁ ନେଇ ସ୍ଥାନୀୟ ଜନସାଧାରଣ ପ୍ରବଳ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏନେଇ ଦୈନିକ 'ସକାଳ' ଖବରକାଗଜରେ ଜୁନ ୧୩ ତାରିଖରେ ମଧ ପ୍ରକାଶ ପାଇଥିଲା। ବିଭାଗୀୟ ଅଧିକାରୀ କେବେ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ଜନସାଧାରଣ ଅଭିଯୋଗ କରିଛନ୍ତି। ଏହି ସ୍ଥାନରେ ନୂତନ ପୋଲର ଆବଶ୍ୟକତା ରହିଛି। ଦୀର୍ଘ ଦିନ ହେବ ଏହି ପୋଲର ମରାମତି କିମ୍ବା ସୁରକ୍ଷା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନଥିଲା। ଯଦ୍ୱାରା ପୋଲଟି ବିପଦ ଅବସ୍ଥାରେ ରହି ଯାତ୍ରୀମାନଙ୍କ ପାଇଁ ବିପଦ ସୃଷ୍ଟି କରୁଥିଲା। ହଠାତ ଏହାକୁ ଭାଙ୍ଗି ଦେଇ ନୂତନ ପୋଲ ନିର୍ମାଣ ନକରି ପାଇପ୍ ଦୁଇଟା ବସାଇ କାମ ସାରିଦେଲେ। ଯାହା ଦ୍ୱାରା ବର୍ତ୍ତମାନ ବିପଦ ସୃଷ୍ଟି ହୋଇଛି। ଏହାକୁ ତୁରନ୍ତ ମରାମତି କରା ନ ଗଲେ ଏହା ବିପଦ ସୃଷ୍ଟି କରି ଧନ ଜୀବନ କ୍ଷତି ପହଞ୍ଚାଇପାରେ। କୌଣସି ଅଘଟଣ ଘଟିବା ପୂର୍ବରୁ ବିଭାଗୀୟ ଅଧିକାରୀ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଏହାର ମରାମତି କରିବା ପାଇଁ ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି।

## ଦାନଗଦିରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

ଯାଜପୁର/ଦାନଗଦି,୨୭।୧୦(ସମିସ): ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଦାନଗଦି ବ୍ଲକ କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମୋଟ ୭୧ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୪୮ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ/ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୩ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୨୦ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୨୦ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ



ଶ୍ରୀମାଲ, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଦେବୀ ପ୍ରସାଦ ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ କଳିଙ୍ଗନଗର ସପନ କୁମାର ନନ୍ଦ, ଉପ ଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ମିଶ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦାନଗଦି ପ୍ରଦୀପ କୁମାର ସେଠୀ, ତହସିଲଦାର ରଞ୍ଜିତ କୁମାର ମଲ୍ଲିକ ଓ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

## ଓଡ଼ିଆ ଭାଷା ସାହିତ୍ୟ ବିଭାଗର ଆଲୋଚନାଚକ୍ର



ବଡ଼ଚଣା,୨୭।୧୦(ସମିସ): ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ନୂଆହାଟ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ଆନୁକୂଲ୍ୟରେ ''ଓଡିଆ ସାହିତ୍ୟରେ ସତ୍ୟବାଦୀ ଧାରା ଓ ପଣ୍ଡିତ ଗୋପବନ୍ଧୁ ଦାସ' ଶୀର୍ଷକ ଏକ ଆଲୋଚନାଚକ୍ର ବିଭାଗୀୟ ମୁଖ୍ୟ ଅଧ୍ୟାପକ ପ୍ରଦୀପ କୁମାର ବରାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଯୋଗଦେଇ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ପବିତ୍ର ମୋହନ ମାହାଲା ପଣ୍ଡିତ ଗୋପବନ୍ଧୁଙ୍କ ଉତ୍ସର୍ଗୀକୃତ ଜୀବନ ଓ ବହୁମୁଖି ପ୍ରତିଭା ସଂପର୍କରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ତଥା ବିଷୟ ବିଶେଷଜ୍ଞ ଭାବେ ଅଡ଼ସପୁରସ୍ଥିତ ଉପେନ୍ଦ୍ରନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ବିଭାଗର ପ୍ରାକ୍ତନ ପ୍ରାଧ୍ୟାପକ ଡ. ବେଣୁଧର ପାଢ଼ୀ ଯୋଗଦେଇଥିବା ବେଳେ ବିଭାଗୀୟ ମୁଖ୍ୟ ଅଧ୍ୟାପକ ପ୍ରଦୀପ କୁମାର ବରାଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପକ କିଶୋର କୁମାର ସାହୁ ସନ୍ଦର୍ଭ ପାଠ କରିଥିଲେ। ଏହି ଅବସରରେ ଯୁକ୍ତ ୩ ଶେଷ ବର୍ଷ ଛାତ୍ରୀ ସମିତା ସେଠୀ ଓ ଯୁକ୍ତ ୩ ଦ୍ୱିତୀୟ ବର୍ଷ ଛାତ୍ର ଲକ୍ଷ୍ମୀଧର ଦାସ ସ୍ୱଲିଖିତ ସନ୍ଦର୍ଭ ପାଠ କରିଥିଲେ। ଅଧ୍ୟାପିକା ସରିତା ସେଠୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଡ. ଦୀପକ କୁମାର ମିଶ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଚଣ୍ଡିଖୋଲରେ ଖୋଲିବ ନୂତନ ପୁଲିସ୍ ଉପଖଣ୍ଡ

ବଡ଼ଚଣା,୨୭।୧୦(ସମିସ): ଚଣ୍ଡିଖୋଲରେ ଖୋଲିବାକୁ ଯାଉଛି ନୂତନ ପୁଲିସ୍ ଉପଖଣ୍ଡ। ଯାଜପୁର ଜିଲ୍ଲାର ୭ଟି ଥାନାକୁ ନେଇ ଏହି ଉପଖଣ୍ଡ କାର୍ଯ୍ୟକରିବ। ଚଣ୍ଡିଖୋଲଠାରେ ଉପଖଣ୍ଡ (ଏସ୍‌ଡିପିଓ) କାର୍ଯ୍ୟାଳୟ କାର୍ଯ୍ୟକରିବା ବୋଲି ଗୃହବିଭାଗ ପକ୍ଷରୁ ଚିଠିରେ ସୂଚନା ଦିଆଯାଇଛି। ଏହାର ସୀମା ମଧ୍ୟ ନିର୍ଦ୍ଧାରଣ କରାଯାଇଛି। ଧର୍ମଶାଳା, ବାଲିଚନ୍ଦ୍ରପୁର, ବଡ଼ଚଣା, ଜେନାପୁର, ବୈରି, ବ୍ରହ୍ମବରଦା ଓ ଚଣ୍ଡିଖୋଲ ଟ୍ରାଫିକ ଥାନାଗୁଡିକୁ ନେଇ ଉକ୍ତ ଏସ୍‌ଡିପିଓ କାର୍ଯ୍ୟାଳୟ ଅନ୍ତର୍ଭୁକ୍ତ କରାଯାଇଛି। ଏହି ସବୁ ଥାନା ଗୁଡିକ ପୂର୍ବରୁ ଯାଜପୁର ଏସ୍‌ଡିପିଓ କାର୍ଯ୍ୟାଳୟ ଅନ୍ତର୍ଭୁକ୍ତ ଥିଲା। ଏବେ ଚଣ୍ଡିଖୋଲ ନୂଆ ଏସ୍‌ଡିପିଓ କାର୍ଯ୍ୟାଳୟ ଖୋଲିବା ଦ୍ୱାରା ଚଣ୍ଡିଖୋଲ ପୁଲିସ ବିଭାଗର ଏକ ନୂତନ ପରିଚୟ ପାଇଛି ଓ ସାଧାରଣ ଜନତାଙ୍କ ପାଖରେ ପୁଲିସ ସେବା ନିକଟତର ହୋଇପାରିବ। ଏହାକୁ ସ୍ଥାନୀୟ ଅଞ୍ଚଳବାସୀ ସ୍ୱାଗତ କରିଚନ୍ତି।

ଏ ନେଇ ଚଣ୍ଡିଖୋଲ କୋର୍ଟ ବାର ଆସୋସିଏସନ ପକ୍ଷରୁ ସଭାପତି ସୁରେଶ ଚନ୍ଦ୍ର ପଣ୍ଡା, ସମ୍ପାଦକ ପ୍ରକାଶ କୁମାର ଦାଶ, ପୂର୍ବତନ ସଭାପତି ଶରତ ଷଡ଼ଙ୍ଗୀ, ଦେବରାଜ ବେହେରା, ପ୍ରତାପ ଦାସ ଓ ଜନ ବେହେରା, ଉପସଭାପତି ରାମଚନ୍ଦ୍ର ତ୍ରିପାଠୀ, ଯୁଗ୍ମସଂପାଦକ ଶିରିସ ସାମଲ, ସହସମ୍ପାଦକ ବୀରେନ୍ ବିଶ୍ୱାଳ, ଦୀନବନ୍ଧୁ ନାୟକ, ତରୁଣ ବିଶ୍ୱାଳ, କାର୍ଯ୍ୟକାରିଣୀ ସଦସ୍ୟ ଆଶିଷ୍ ମହାପାତ୍ର, ବିଶ୍ୱରଞ୍ଜନ ବେହେରା, ଲକ୍ଷ୍ମୀପ୍ରିୟା କର, ବେବିନା ଓଝା, ଚିନ୍ମୟ ସ୍ୱାଇଁ, ପ୍ରିୟଗୋବିନ୍ଦ ଦାସ ସମେତ ବହୁ ଆଇନଜିବୀ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ସଂସ୍କୃତ ଭାରତୀ ସମ୍ଭାଷଣ ଶିବିର

ଯାଜପୁର,୨୭।୧୦(ସମିସ): ନରସିଂହ ଚୌଧୁରୀ ମହାବିଦ୍ୟାଳୟର ସଂସ୍କୃତ ବିଭାଗରେ ଡ.ସରୋଜିନୀ ଜେନାଙ୍କ ତତ୍ତ୍ୱାବଧାନରେ ସଂସ୍କୃତ ଶିବିରର ଉଦଯାପନୀ ଉତ୍ସବ ପାଳନ କରାଯାଇଅଛି। ଏହି ଶିବିର ୧୫ରୁ ଆରମ୍ଭ ହୋଇ ୨୫ ତାରିଖରେ ଶେଷ ହୋଇଛି। ମହାବିଦ୍ୟାଳୟର ଛାତ୍ରମାନଙ୍କ ଦ୍ୱାରା ସ୍ୱାଗତ ଗୀତ ଓ ଅନୁଭୂତି କଥନ ତଥା ପ୍ରତିଭା ମଧ୍ୟ ପ୍ରଦର୍ଶନ ହୋଇଥିଲା। ମୁଖ୍ୟଅତିଥି ଭାବରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପଣ୍ଡିତ ଭୂପତି ଭୂଷଣ ମିଶ୍ର ଯୋଗ ଦେଇ ସଂସ୍କୃତ ଭାଷା କିପରି ଦୈନନ୍ଦିନ ଭାଷା ହୋଇ ପାରିବ ପିଲାମାନଙ୍କୁ ବୁଝାଇ କହିଥିଲେ। ମୁଖ୍ୟବକ୍ତା ଭାବରେ ସଂସ୍କୃତ ଭାରତୀର ପୂର୍ବକ୍ଷେତ୍ର ସଂଯୋଜକ ନୃସିଂହ ଚରଣ ପଣ୍ଡା, ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ରଞ୍ଜନ କୁମାର ବେହେରା, ସଂସ୍କୃତ ବିଭାଗର ମୁଖ୍ୟା ଡ.ସରୋଜିନୀ ଜେନା ପ୍ରମୁଖ ଯୋଗଦେଇଥିଲେ। ଡ. ତାପସ କୁମାର ପଣ୍ଡା, ସ୍ୱପ୍ନାଶ୍ରୀ ସାହୁ, ଜ୍ୟୋତିପ୍ରଦା ଜେନା, ବନିତା ଦଳାଇ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧ୍ୟାପକ ଓ ଅଧ୍ୟାପିକାମାନେ ଏହି ସଭାରେ ଉପସ୍ଥିତ ଥିଲେ। ଛାତ୍ରୀ ରାଣୀ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

## ଗୋରୁ ଚାଲାଣ ନେଇ ସଦର ଥାନାରେ ଉତ୍ତେଜନା



ବରୁଆଁ,୨୭।୧୦(ସମିସ): ଯାଜପୁର ସଦର ଅଞ୍ଚଳରେ ବେଆଇନ୍ ଗୋରୁ ଚାଲାଣକୁ କେନ୍ଦ୍ରକରି ଉତ୍ତେଜନା ଦେଖାଦେଇଛି। ନବ ଭାରତ ହିନ୍ଦୁ ସଂଗଠନ ଓ ବଜରଙ୍ଗ ଦଳ ତରଫରୁ ମିଳିତ ଭାବେ ଯାଞ୍ଚ କରି ଏକ ଟାଟାଏସି ଗାଡ଼ିକୁ ବରୁଆଁ ଛକ ନିକଟରେ ଅଟକାଇଥିଲେ। ଏହି ଘଟଣାକୁ ନେଇ ସେଠାରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ସଦର ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଗୋରୁ ଗାଡ଼ିକୁ ଜବତ କରିବା ସହ ଚାଳକ ବସନ୍ତ ପତିଙ୍କୁ ଥାନାରେ ଅଟକ ରଖିଥିବା ବେଳେ ଗାଡ଼ିରେ ଥିବା ୩ ଗୋଟି ଗୋରୁଙ୍କୁ କୁଆଖିଆରେ ଥିବା ଗୋଶାଳାରେ ଛଡ଼ା ଯାଇଥିବା ଜଣାପଡିଛି। ବେଆଇନ୍ ଗୋଚାଲାଣ ରୋକିବା କ୍ଷେତ୍ରରେ ପୁଲିସ ପ୍ରଶାସନ ଠୋସ୍ ପଦକ୍ଷେପ ନେଉନଥିବାରୁ ସଦର ଥାନା ପରିସରରେ ନବଭାରତ ହିନ୍ଦୁ ସଙ୍ଗଠନର ଜିଲ୍ଲା କାର୍ଯ୍ୟକର୍ତ୍ତା ଓ କର୍ମୀମାନେ ଏକତ୍ରିତ ହୋଇ ବିଭିନ୍ନ ନାରାବାଜି କରିବା ସହ ଏକ ଲିଖିତ ଅଭିଯୋଗ କରି ଥିବା ଜଣାପଡ଼ିଛି। ଆଗାମୀ ଦିନରେ ସଦର ପୁଲିସ ବେଆଇନ୍ ଗୋରୁ ଚାଲାଣ ରୋକିବାକୁ ପଦକ୍ଷେପ ନନେଲେ ରାଜରାସ୍ତାକୁ ଓହ୍ଲାଇବାକୁ ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି।

**THE ORISSA MINERALS DEVELOPMENT COMPANY LTD.**
CIN: L65993OR1927GOI034842
Registered office: Plot No. 271, Ground Floor, Bidyut Marg, Shastri Nagar, Unit-IV, Bhubaneswar, Odisha-751001
Tel. No. 0674-2391595, website: www.birdgroup.co.in
Email: omdc.sec.dept@gmail.com

**NOTICE OF 107 ANNUAL GENERAL MEETING AND E-VOTING INFORMATION**

This Notice is published in supersession of the earlier Notice published on 27th October, 2025, in respect of convening of 107th Annual General Meeting of The Orissa Minerals Development Company Limited through video conferencing/ other audio visual means.

In this regards Notice is hereby given that the 107th Annual General Meeting (AGM) of The Orissa Minerals Development Company Limited (the 'Company') will be held on Tuesday, 18th November, 2025 at 11:00 A.M. IST through video conferencing (VC)/other audio-visual means (OAVM), to transact the business as set out in the Notice.

In compliance with the provisions of the Companies Act, 2013 read with circulars issued by Ministry of Corporate Affairs and SEBI, from time to time, the Notice of 107th AGM and Annual Report containing the financial statements for FY 2024-25, Auditors' Report thereon, Board's Report and other documents, have been sent through e-mails on 27th October 2025, to all the Members, whose e-mail IDs are registered with the Company/Depository Participant (DP). The said documents are also available on the Company's website i.e. www.birdgroup.co.in websites of stock exchanges i.e. www.bseindia.com and www.nseindia.com and on the website of NSDL at www.evoting.nsdl.com.

Further, the Company has engaged National Securities Depository Limited (NSDL) to enable the members of the Company to attend the said AGM through VC/OAVM and to cast votes electronically, in respect of the businesses to be transacted at 107th AGM of the Company. Members of the Company holding shares either in physical form or in dematerialized form as on the Cut-off date i.e. 10th November, 2025 may cast their vote electronically in respect of business to be transacted at the AGM. The remote e-voting platform will be open for voting from Friday, 14th November, 2025(09:00 AM) to Monday, 17th November, 2025 (05:00 PM). Remote e-voting module shall be disabled by NSDL for voting thereafter. Those members, who do not cast their vote on the resolutions through remote e-voting during the above period and are otherwise not barred from doing so, shall be eligible to vote through e-voting system during the AGM.

Members who have not registered their email address or who becomes a member of the Company after dispatch of the Notice of AGM and holds shares as on the Cut-Off date, are requested to register the same with the Depository through their Depository Participant(s) in case the shares are held in electronic form and in case of shares held in physical form, with the Company's Registrar and Share Transfer Agent i.e. M/s CB Management Services Private Limited, Email: rta@cbmsl.com. Any person whose e-mail ID is not registered with the Company/DP may obtain the user Id and password for e-voting by sending a request at evoting@nsdl.co.in. However, if the member is already registered with NSDL / Remote e-voting, he/she can use his/her existing user id and Password for casting the vote. Further. Members who have cast their vote by remote e-voting may attend the AGM, but shall not be entitled to vote again at the AGM.

In case of any queries, Members may refer to the Frequently Asked Questions (FAQs) for shareholders and e-voting user manual available at the download section of NSDL website i.e. www.evoting.nsdl.com or refer to the instructions as mentioned in the Notice of 107th AGM.

**Book Closure:**
Notice is given pursuant to Section 91 of the Companies Act, 2013 and Regulation 42 of SEBI (LODR) Regulations. 2015 that the Register of Members and Share Transfer Books of the company will remain closed from 11th November 2025 to 17th November 2025 (both days inclusive) for the purpose of ensuing 107th AGM of the Company.

**Attending AGM through VC / OAVM:**
Members will be provided with a facility to attend the AGM through VC/OAVM through the NSDL e-Voting system. Members may access by following the steps mentioned for "Access to NSDL e-Voting system" in Notes to Notice. After successful login, with login credentials, Member can see link of "VC/OAVM" placed under "Join meeting" menu against Company name. Members are requested to click on VC/OAVM link placed under Join Meeting menu. The link for VC/OAVM will be available in Shareholders/Member login where the EVEN of Company will be displayed.

**Member Speaker Registration:**
Members who would like to express their views/ask questions during the 107th AGM may register themselves as a speaker and may send this request from 14th November 2025 (9.00 a.m. IST) to 16th November 2025 (5.00 p.m. IST) mentioning their name, DP ID and Client ID, Folio number, email id, mobile number at: omdc.sec.dept@gmail.com.

By the Order of the Board
Sd/-
**Pintu Kumar Biswal**
Company Secretary & Compliance Officer

**Place:** Bhubaneswar
**Date:** 27.10.2025

## ସାଇବର ସୁରକ୍ଷା ରଥ ଶୁଭାରମ୍ଭ

# 'ସତର୍କ ଓ ସଚେତନତା ହିଁ ରୋକିପାରିବ ଅପରାଧ'

ଯାଜପୁର,୨୭।୧୦(ସମିସ)




ଆଜି ଅପରାହ୍ନରେ ଗୌତମ ବୁଦ୍ଧ ସଂସ୍କୃତି ଭବନ,ରେ ସାଇବର ସୁରକ୍ଷା ଅଭିଯାନ ନିମନ୍ତେ ଏକ ସାଧାରଣ ସଭା ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ସଭାରେ ସାଇବର ଅପରାଧ ରୋକିବା ପାଇଁ ସମାଜର ସମସ୍ତ ସ୍ତରରେ ସଚେତନତା ଓ ଶିକ୍ଷା ବିସ୍ତାର ପାଇଁ ଆଲୋଚନା ହୋଇଥିଲା। ଆଜିର ଡିଜିଟାଲ ଯୁଗରେ ସାଇବର ସୁରକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିଷୟ ହୋଇଛି। ଏହା କେବଳ ସରକାର କିମ୍ବା ପୁଲିସଙ୍କ ଦାୟିତ୍ୱ ନୁହେଁ, ପ୍ରତ୍ୟେକ ନାଗରିକ ମଧ୍ୟ ସଚେତନ ରହିବା ଓ ଅନ୍‌ଲାଇନ ତଥ୍ୟ ସୁରକ୍ଷିତ ରଖିବା ଉଚିତ୍। ସତର୍କ ଓ ସଚେତନତା ହିଁ ସାଇବର ଅପରାଧକୁ ରୋକିପାରିବ ବୋଲି ସେ କହିଥିଲେ। ଉକ୍ତ ବୈଠକରେ ବିଧାୟିକା ସୁଜାତା ସାହୁ, ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମାଲ୍, ଜିଲ୍ଲା ପରିଷଦ ସଭାପତି ନଳିନୀପ୍ରଭା ଜେନା, ଉପାଧ୍ୟକ୍ଷ ଗଣେଶ୍ୱର ବରାଳ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶିତିକଣ୍ଠ କାନୁନଗୋ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ, ଡିନ୍ ତଥା ଅଧ୍ୟକ୍ଷ ମହାରାଜା ଯଯାତି କେଶରୀ ମେଡିକାଲ କଲେଜ ଡା. ସୀତାରାମ ମହାପାତ୍ର, ସୁପରିଣ୍ଟେଡେଣ୍ଟ ଡା.ମନୋରମା ସ୍ୱାଇଁ, ଅବକାରୀ ଅଧିକ୍ଷକ ଦିବ୍ୟକିଶୋର ଟଣ୍ଡେଲ, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ପ୍ରବୋଧ କୁମାର ନାୟକ ଉପସ୍ଥିତ ରହି ସାଇବର ଅପରାଧ ଓ ଏହାର ନିରାକରଣ ଓ ସଚେତନତା ନିମନ୍ତେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ। ସାଇବର ଅପରାଧ ସଚେତନତା ନିମନ୍ତେ ଏକ ସଚେତନତା ରଥକୁ ବିଧାୟିକା ସୁଜାତା ସାହୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ରଥ ଜିଲ୍ଲାରେ ଭ୍ରମଣ କରି ସମସ୍ତଙ୍କୁ ସାଇବର ଅପରାଧ ସଚେତନତା ବାର୍ତ୍ତା ପହଞ୍ଚାଇବ। ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ପ୍ରଶାନ୍ତ ମାଝୀ ସାଇବର ଠକେଇ ଓ ଏହାର ସୁରକ୍ଷା ଉପରେ ସୂଚନା ପ୍ରଦାନ କରିଥିଲେ। ଆହ୍ୱାନ ଥିଏଟର ଗ୍ରୁପ କଳାକାର ମାନେ ସାଇବର ସୁରକ୍ଷା ଉପରେ ଏକ ସଚେତନ ଧର୍ମୀ ନାଟକ ପରିବେଷଣ କରିଥିଲେ। ଉପଆରକ୍ଷୀ ଅଧିକ୍ଷକ ଟାଉନ ଥାନା ଶରତ ପାତ୍ର ଶେଷରେ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି ସାଇବର ଅପରାଧ ସଚେତନତା କାର୍ଯ୍ୟକ୍ରମରେ ବ୍ୟାଙ୍କ୍ ଅଫ ଇଣ୍ଡିଆ ସହାୟତା କରିଥିଲେ।

## ଗୀତା ଆବୃତ୍ତି ପ୍ରତିଯୋଗିତା

ବରୀ,୨୭।୧୦(ସମିସ): ପ୍ରଜ୍ଞାନ ମିଶନ ଦ୍ୱାରା ୭ମ ଓଡ଼ିଶା ଗୀତା ଆବୃତ୍ତି ପ୍ରତିଯୋଗିତା ବରୀ ବ୍ଲକ ଅନ୍ତର୍ଗତ ଅଲିପୁର ଭାରତୀୟ ବିଦ୍ୟା ନିକେତନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବିଶ୍ୱହିନ୍ଦୁ ପରିଷଦର ସଭାପତି ଡ.ବିଶ୍ୱନାଥ ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷୟିତ୍ରୀ ବନ୍ଦନା ପଣ୍ଡା କ୍ରିୟାଯୋଗର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବର୍ଣ୍ଣନା କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଶିକ୍ଷୟିତ୍ରୀ କଳ୍ପନା ଦାଶ ଯୋଗଦେଇଥିଲେ। ଏହି ପ୍ରତିଯୋଗିତାରେ (କ-ବିଭାଗରେ ଦିବ୍ୟାଂଶି ପତି, ଶୁଭଶ୍ରୀ ଘଡ଼ାଇ, ପୁନମ୍ ପଢ଼ିହାରୀ ବିଜୟୀ ହୋଇଥିଲେ। ଖ-ବିଭାଗରେ ଦିବ୍ୟାଂଶୁ ଦେବପ୍ରସାଦ ପଣ୍ଡା, ଆଦ୍ୟାଶା ଦାସ, ପ୍ରଥମ ଦ୍ୱିତୀୟ ହୋଇଥିବା ବେଳେ ଯୁଗ୍ମ ଭାବେ ଲିପ୍ସିକା ବେହେରା ଓ ଯାଜ୍ଞସେନୀ ବାରିକ୍ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଗ-ବିଭାଗରେ ସୁଲଗ୍ନା ପଣ୍ଡା, ସୋହମ ଦାସ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ହୋଇଥିବା ବେଳେ ଯୁଗ୍ମ ଭାବେ ଶ୍ରାବଣୀ ଓଝା, ପ୍ରିୟଦର୍ଶିନୀ ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରଜ୍ଞାନ ମିଶନର ବରୀ ମଣ୍ଡଳ ସଂଯୋଜକ ଅମରେଶ ମିଶ୍ର, ପଣ୍ଡିତ ଦାଶରଥି ପଣ୍ଡା, ପାର୍ବତୀ ପତି, ବିବେକାନନ୍ଦ ନାଥ, ବିନାୟକ ପତି ପ୍ରଭୃତି ପରିଚାଳନା କରିଥିଲେ।

## ଜଳିଗଲା ଦୋକାନ ଓ ଗୋଦାମ ଘର




ଭଦ୍ରକ,୨୭।୧୦(ସମିସ): ଆଜି ସନ୍ଧ୍ୟାରେ ଭୟଙ୍କର ଅଗ୍ନିକାଣ୍ଡରେ ଜଳୁଛି ଭଦ୍ରକ ଜିଲ୍ଲା ଚାନ୍ଦବାଲି ସହରର ସର୍ବ ପୁରାତନ ବ୍ୟବସାୟୀ ରୁଳିରାମ ଅଗ୍ରୱାଲଙ୍କ ଦୋକାନ ଓ ଗୋଦାମ ଘର। ଲକ୍ଷ ଲକ୍ଷ ଟଙ୍କାର ସମ୍ପତି ପୋଡିଯିବାର ଆଶଙ୍କା କରାଯାଉଛି। ୩ଟି ଦମକଳ ବାହିନୀ ନିଆଁକୁ ଆୟତ କରିବା କାର୍ଯ୍ୟରେ ଲାଗିଥିଲେ ବି ସଫଳ ହୋଇ ପାରୁନାହାଁନ୍ତି। ଗୋଟିଏ ପଟେ କାଳୀପୂଜା ପାଇଁ ବଜାରରେ ଭିଡ଼ ଜମିଥିବା ବେଳେ ଏପରି ଭୟଙ୍କର ଅଗ୍ନିକାଣ୍ଡ ସଂପୃକ୍ତ ଅଞ୍ଚଳବାସୀଙ୍କୁ ଭୟଭୀତ କରିଛି।

## ଜମିବାଡ଼ି ବିବାଦରୁ ଗୋଷ୍ଠୀ ସଂଘର୍ଷ; ୪ ଆହତ

ବାସୁଦେବପୁର,୨୭।୧୦(ସମିସ): ବାସୁଦେବପୁର ବ୍ଲକ୍ ଗୋବିନ୍ଦପୁର ଗାଁରେ ଗୋଷ୍ଠୀ ସଂଘର୍ଷରେ ୪ଜଣ ଆହତ ହୋଇଛନ୍ତି। ଆହତମାନଙ୍କର ଅବସ୍ଥା ସଙ୍କଟାପନ୍ନ ହେବାରୁ ବାସୁଦେବପୁର ଡାକ୍ତରଖାନାର ପ୍ରାଥମିକ ଚିକିତ୍ସା ପରେ ଭଦ୍ରକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଗୋବିନ୍ଦପୁର ଗାଁର କାଳନ୍ଦୀ ସେଠୀ ଓ ବଳରାମ ସେଠୀଙ୍କ ପରିବାର ମଧ୍ୟରେ ଜମିବାଡ଼ିକୁ ନେଇ ବିବାଦ ବର୍ଷ ବର୍ଷ ଧରି ଲାଗି ରହିଥିଲା। ଜମିବାଡିକୁ ନେଇ କୋର୍ଟରେ ମାମଲା ବିଚାରଧୀନ ମଧ୍ୟ ରହିଛି। ବିବାଦୀୟ ଜମିରେ ବଳରାମ ସେଠୀ ଘର କରିବାରୁ ଏସମ୍ପର୍କରେ ନାୟକାଣିଡିହି ଥାନାର ବାରମ୍ବାର ଅଭିଯୋଗ କରିଛନ୍ତି। ପୁଲିସ କାର୍ଯ୍ୟାନୁଷ୍ଠାନ ନନେବା ଯୋଗୁଁ ଆଜି ବଳରାମ ସେଠୀ ଘର ଆରମ୍ଭ କରିବାରୁ କାଳନ୍ଦୀ ସେଠୀ ନାୟକାଣୀଡିହି ଥାନାର ଲିଖିତ ଅଭିଯୋଗ କରିବାକୁ ଯାଇଥିଲେ। ବଳରାମ ସେଠୀ ଘର କରୁଥିବାର ଏକ ଫଟୋ ଉଠାଇବାକୁ କାଳନ୍ଦୀଙ୍କ ପରିବାର ଲୋକ ଯାଇଥିବା ବେଳେ ଏହାକୁ ବିରୋଧ କରି କାଳନ୍ଦୀ ସେଠୀଙ୍କ ପରିବାର ଉପରେ ମୁନା ସେଠୀ, ବଳରାମ ସେଠୀ, ବେଣୁଧର, ବୀଣାପାଣି, ରଶ୍ମିତା ଆଦି ଧାରୁଆ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ୨ଗୋଷ୍ଠୀଙ୍କ ମଧ୍ୟରେ ସଘର୍ଷ ହେବାରୁ ବାଦଲ ସେଠୀ, ସତ୍ୟଭାମା ସେଠୀ, ଭକ୍ତ ହରି ଓ ମେନକା ସେଠୀ ଆହତ ଅବସ୍ଥାରେ ଚିକିତ୍ସା ପାଇଁ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ପରେ ଅବସ୍ଥା ଗୁରୁତର ଥିବାରୁ ୪ ଆହତଙ୍କୁ ଭଦ୍ରକ ଜିଲ୍ଲା ଡାକ୍ତରଖାନାକୁ ରେଫର କରାଯାଇଛି। ଅଭିଯୋଗକୁ ନେଇ ନାୟକାଣିଡିହି ପୁଲିସ ତଦନ୍ତ ଆରମ୍ଭ କରି ୩ ଜଣକୁ ଅଟକ ରଖି ପଚରା ଉଚରା କରୁଛନ୍ତି।



## ଆନ୍ଧ୍ରରୁ ଚୋରି ବାଇକ୍ ଓଡ଼ିଶାରୁ ଜବତ

ବନ୍ତ/ଆଗରପଡ଼ା,୨୭।୧୦(ସମିସ): ଆନ୍ଧ୍ରପ୍ରଦେଶରୁ ଚୋରି ହୋଇଥିବା ୩ଟି ମୋଟର ସାଇକେଲ ଓଡ଼ିଶାରୁ ଜବତ୍ କଲା ଆନ୍ଧ୍ର ପୁଲିସ। ଚୋରିରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କୁ ଗିରଫ କରି ଆନ୍ଧ୍ର ପୁଲିସ ଓଡ଼ିଶାରେ ପହଞ୍ଚି ଓଡ଼ିଶା ପୁଲିସ ସହାୟତାରେ ୪ଟି ସ୍ଥାନରେ ଚଢଉ କରି ଚୋରି ହୋଇଥିବା ୫ଟି ନମ୍ବର ବିହିନ ମୋଟର ସାଇକଲକୁ ଜବତ୍ କରିଛି। ଆନ୍ଧ୍ର ପୁଲିସ ଭଦ୍ରକ ବନ୍ତ ଥାନାରେ ପହଞ୍ଚି ଆନ୍ଧ୍ରପ୍ରଦେଶରୁ ଚୋରି ହୋଇଥିବା ମୋଟର ସାଇକଲରେ ଯାଜପୁର ଜିଲ୍ଲା ବରୀ ଥାନା ଅଧୀନ ଅନୱାଳ ଅଞ୍ଚଳର ସେକ୍ ସମିମରଙ୍କ ସମ୍ପୃକ୍ତି ଥିବାରୁ ତାଙ୍କୁ ସାଥିରେ ଧରି ବନ୍ତ ଥାନାରେ ପହଞ୍ଚିବା ପରେ ବନ୍ତ ଥାନା ଅଧୀନ ଚଣ୍ଡିପୁର ଗ୍ରାମର ମୁରୁତୁଜା ସାହାଜୀ ବ୍ୟବହାର କରୁଥିବା ଗୋଟିଏ ଦାମୀ ମୋଟର ସାଇକଲ ଜବତ୍ କରିବାରେ ସଫଳ ହୋଇଥିଲା। ଏଥିସହ ଆନ୍ଧ୍ର ପୁଲିସ ଘଟଗାଁ ଅଞ୍ଚଳରୁ ଗୋଟିଏ ମୋଟର ସାଇକଲ, କଟକ ଅଞ୍ଚଳରୁ ୨ଗୋଟି ଏବଂ ଯାଜପୁର ଅଞ୍ଚଳରୁ ଗୋଟିଏ ମୋଟର ସାଇକଲ ସମ୍ପୃକ୍ତ ଥାନା ସହାୟତାରେ ଜବତ୍ କରିଛି। ଏହି ଚୋରି ସମ୍ପର୍କରେ ଆନ୍ଧ୍ରପ୍ରଦେଶ ରାଜ୍ୟର ଅଙ୍କାପେଲ୍ଲୀ ଟାଉନ ଥାନାରେ ଗତ ୨୦ ତାରିଖରେ ୨୪୧/୨୫, ଗତ ୧୭ତାରିଖରେ ବିଶାଖାପାଟନମ୍ ଥାନାରେ ଏବଂ ପେଣ୍ଡୁରର୍ଥୀ ଥାନାରେ ମାମଲା ରୁଜୁ ହେବା ସହ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଓଡ଼ିଶାର ବିଭିନ୍ନ ସ୍ଥାନରେ ତଦନ୍ତ ଜାରି ରହିଥିଲା। ତେବେ ଯେଉଁମାନେ ଏଥିରେ ସମ୍ପୃକ୍ତ ଥାଇ ଫେରାର ଅଛନ୍ତି ଖୁବଶୀଘ୍ର ଆଗାମୀ ଦିନରେ ତାଙ୍କୁ ଗିରଫ କରାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି।

## ୩ ଷ୍ଟାଫ୍‌ଙ୍କୁ ନେଇ ଚାଲିଛି ଅବକାରୀ କାର୍ଯ୍ୟାଳୟ

ଦୋଳସାହି,୨୭।୧୦(ସମିସ): ମାତ୍ର ୩ ଜଣ ଷ୍ଟାଫ୍‌ଙ୍କୁ ନେଇ ଚାଲିଛି ତିହିଡ଼ି ଅବକାରୀ ବିଭାଗ କାର୍ଯ୍ୟାଳୟ। ତିହିଡ଼ି ଅବକାରୀ ବିଭାଗ ଅଧୀନ ତାଳପଦା ପଞ୍ଚାୟତରେ ବ୍ୟାପକ ଭାବରେ ବେଆଇନ୍ ଦେଶୀ ରନ୍ଧାମଦ ଜିଲ୍ଲାର ବିଭିନ୍ନ ଅଞ୍ଚଳକୁ ଚୋରାଚାଲାଣ ହେଉଥିଲା ବେଳେ ମଦ ବେପାରୀ ଖୁଲମଖୁଲା ବେପାର କରୁଛନ୍ତି ବୋଲି ଅଭିଯୋଗ ହେଉଛି। ଏପରିକି ଏହି ଦେଶୀ ମଦପିଇ ବହୁ ଯୁବକ ଗୁରୁତର ହୋଇଛନ୍ତି। ସେମାନଙ୍କ ପରିବାର ଛାରଖାର ହେଉଥିବା ଅଭିଯୋଗ ହେଉଥିବା ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ତିହିଡ଼ି ଅବକାରୀ ବିଭାଗ ତିନି ଜଣ ଷ୍ଟାଫ୍‌ଙ୍କୁ ନେଇ ଚାଲିଥିବା ଜଣେ କର୍ମଚାରୀ ଡେପୁଟେସନରେ ଥିବା ଜଣାଯାଇଥିଲା ବେଳେ ଅଧିକାଂଶ ସମୟ ତାଲା ପଡୁଥିବା ସୂଚନା ମିଳିଛି।



ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

# ୨ ବର୍ଷ ହେଲା ଏକ୍ସ-ରେ ମେସିନ ଅଚଳ; ରୋଗୀ ହନ୍ତସନ୍ତ

ଧାମନଗର,୨୭।୧୦(ସମିସ)

ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ୍ସ-ରେ ମେସିନ ଦୁଇବର୍ଷ ହେଲା ଅଚଳ ଥିବାରୁ ରୋଗୀମାନେ ଚିକିତ୍ସା ପାଇଁ ଆସି ହନ୍ତସନ୍ତ ହେଉଥିବା ଅଭିଯୋଗ ହେଉଛି। କେନ୍ଦ୍ର ଓ ରାଜ୍ୟ ସରକାର ରୋଗୀଙ୍କ ପାଇଁ ବିଭିନ୍ନ ଯୋଜନା କରିଛନ୍ତି। ଯେପରି ମାଗଣା ଏବଂ ସୁବିଧାରେ ରୋଗୀମାନେ ଚିକିତ୍ସା ସେବା ପାଇପାରିବେ। ଏପରି କି ମାଗଣାରେ ରୋଗୀ ତାର ବିଭିନ୍ନ ପରୀକ୍ଷା ପାଇଁ ଅତ୍ୟାଧୁନିକ ମେସିନ ଡାକ୍ତରଖାନା ପରିସରରେ ରଖାଯାଇଛି। ମାତ୍ର ଧାମନଗର ଡାକ୍ତରଖାନା ପରିସରରେ କିଛି ମେସିନ ଅଚଳ ଯୋଗୁଁ ରୋଗୀମାନେ ଅକଥନୀୟ ଦୁର୍ଦ୍ଦଶା ଭୋଗୁଛନ୍ତି। ଏପରି ଏକ ଘଟଣା ଧାମନଗର ଡାକ୍ତରଖାନା ପରିସରରେ ଦେଖିବାକୁ ମିଳିଛି। ଶନିବାର ସନ୍ଧ୍ୟାରେ ମୁନିସପାଟନା ଗାଁର ଇଶାରା ବିବି ନିଜ ଘର ପାଖରେ ନଳକୂଅ ନିକଟରେ ପଡ଼ି ଯାଇଥିଲେ। ତାଙ୍କର ଅଣ୍ଟା ଓ ଗୋଡ଼ରେ ଯନ୍ତ୍ରଣା ହେବାରୁ ତାଙ୍କୁ ଧାମନଗର ଡାକ୍ତରଖାନାକୁ ପରିବାର ଲୋକ ଆଣିଥିଲେ। ପ୍ରାଥମିକ ଚିକିତ୍ସାପରେ ଡାକ୍ତରଖାନାରେ ଏକ୍ସ-ରେ ମେସିନ ଖରାପ ଥିବାରୁ ବାହାରୁ ପରୀକ୍ଷା କରି ରିପୋର୍ଟ ଆଣିବାକୁ ଡାକ୍ତର କହିଥିଲେ। ଯନ୍ତ୍ରଣାରେ ଛଟପଟ ହେଉଥିବା ଗରିବ ମହିଳାଙ୍କୁ ହୁଇଲଚେୟାରରେ ବିପଦପୂର୍ଣ୍ଣ ଅବସ୍ଥାରେ ରାସ୍ତା ପାରିକରି ଏକ ଘରୋଇ କ୍ଲିନିକ୍‌ରେ ଏକ୍ସରେ କରିଥିଲେ। ୨ବର୍ଷ ହେବ ମେସିନ ଖରାପ ହୋଇଥିଲେ ମଧ୍ୟ ଏଦିଗରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କାହିଁକି ପଦକ୍ଷେପ ନିଆଯାଇ ନାହିଁ ସେନେଇ ଅସନ୍ତୋଷ ପ୍ରକାଶ ପାଉଛି। ୧୫ଦିନ ପୂର୍ବେ ଧାମନଗର ଡାକ୍ତରଖାନା ପରିସରରେ ରୋଗୀ କଲ୍ୟାଣ ବୈଠକରେ ସ୍ଥାନୀୟ ବିଧାୟକ ତଥା ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍‌ଙ୍କ ସମେତ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ମେସିନ ଅଚଳ ବୋଲି ଡା. ମନ୍ମୟ ସାମନ୍ତ ସିଂହାର ମତ ଉପସ୍ଥାପନ କରିଥିଲେ। ସୂଚନା ଥାଉକି ରୋଗୀ କଲ୍ୟାଣ ସମିତି ଓ ଆମ ଡାକ୍ତରଖାନା ପାଣ୍ଠିରେ ମଧ୍ୟ ୧୫ ଲକ୍ଷରୁ ଅଧିକ ଟଙ୍କା ରହିଛି। ସମିତି ଚାହିଁଲେ ଆଉ କିଛି ଅର୍ଥରେ ନୂଆ ମେସିନଟେ କିଣା ଯାଇପାରିଥାନ୍ତା। ମାତ୍ର ବିଭାଗର ଆନ୍ତରିକ ଅଭାବରୁ ମେସିନ କିଣା ଯାଇପାରୁନି। ଫଳରେ ସ୍ଥାନୀୟ ଲୋକମାନେ ନାନାଦି ହଇରାଣ ହେଉଛନ୍ତି ବୋଲି ଅଭିଯୋଗ ହେଉଛି। ମନ୍ତ୍ରୀ ମଧ୍ୟ ସମସ୍ୟାର ସମାଧାନ ପାଇଁ ଡାକ୍ତରଙ୍କୁ ପରାମର୍ଶ ଦେଇଥିଲେ। ହେଲେ ଏପର୍ଯ୍ୟନ୍ତ ସମାଧାନ ହୋଇପାରିଲାନାହିଁ। ଏଦିଗରେ ତୁରନ୍ତ ଦୃଷ୍ଟି ଦେବାସହ ନୂତନ ମେସିନ ଯୋଗାଇ ଦେବାକୁ ବିଭିନ୍ନ ମହଲରୁ ଦାବି ହୋଇଛି।



## ହଜରତ ମୁଜାହିଦ-ଏ-ମିଲ୍ଲତଙ୍କ ଉର୍ସର ଆଜି ପ୍ରଥମ ଦିନ

ଧାମନଗର,୨୭।୧୦(ସମିସ): ଭାରତ ପ୍ରସିଦ୍ଧ ପୀରବାବା ହଜରତ ମୁଜାହିଦ-ଏ-ମିଲ୍ଲତ ମୌଲାନା ସାହା ମହମ୍ମଦ ହବିବୁର ରହେମାନଙ୍କ ୪୬ତମ ଉର୍ସ ଉତ୍ସବ ଧାମନଗର ସ୍ଥିତ ଖାନକା ସରିଫ୍ ପରିସରରେ ୨୮ ଓ ୨୯ ତାରିଖ ୨ଦିନ ଧରି ମହାଆଡ଼ମ୍ବରରେ ପାଳିତ ହେଉଛି। ଉର୍ସ ଉତ୍ସବର ପ୍ରଥମ ଦିନରେ ଦେଶର ବିଭିନ୍ନ ରାଜ୍ୟ ଓ ରାଜ୍ୟବାହାରୁ ପୀରବାବାଙ୍କ ଲକ୍ଷ ଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି। ପ୍ରଥମ ଦିନ ତଥା ୨୮ତାରିଖ ମଙ୍ଗଳବାର ସକାଳ ୬ଟାରୁ ୭ଟା ୩୦ମିନିଟ ପର୍ଯ୍ୟନ୍ତ ବିଶିଷ୍ଟ ମୌଲାନାଙ୍କ ଦ୍ୱାରା କୋରାନ ଖାନି ପରେ ପୀରବାବାଙ୍କୁ ଗୋଲାପ ଜଳ ଓ ଫୁଲ ଚଢାଇ ସ୍ୱର୍ ସାଧାରଣରେ ଦର୍ଶନ କରାଯାଇଛି। ରାତି ୮ଟାରୁ ସ୍ୱର୍ଭାରତୀୟ ମୁସାୟରା କାର୍ଯ୍ୟକ୍ରମ ଏବଂ ଉର୍ଦ୍ଦୁକବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଭାରତର ବିଭିନ୍ନ ରାଜ୍ୟରୁ ମୌଲାନା, ଉର୍ଦ୍ଦୁ କବି ଓ ସାୟର ପ୍ରମୁଖ ଯୋଗଦେଇ ପୀରବାବାଙ୍କ ଜୀବନୀ ଓ ତାଙ୍କ କାର୍ଯ୍ୟ ସମ୍ପର୍କରେ ସୂଚନା ଦେବା ସହ ଧାର୍ମିକ ଭାଷଣ ପ୍ରଦାନ କରିଥିଲେ। ଭକ୍ତ ଓ ଶ୍ରଦ୍ଧାଳୁ ସେମାନେ ରହିବା ସ୍ଥାନ ନିରୂପଣ ଏବଂ ସେମାନଙ୍କର ଚାରିଚକିଆ ଗାଡ଼ି ଓ ବସ ରଖିବାର ସୁବ୍ୟବସ୍ଥା ନିମନ୍ତେ ଉର୍ସ କମିଟି ପକ୍ଷରୁ ୭୫୦ଜଣରୁ ଉର୍ଦ୍ଧ୍ୱ ଭୋଲେଟିଅର ଓ ସ୍ୱେଚ୍ଛାସେବୀ ମାନଙ୍କୁ ନିୟୋଜିତ କରାଯାଇଛି। ଏପଟରେ ଦେଶର ବିଭିନ୍ନ ରାଜ୍ୟରୁ ଆସିଥିବା ବ୍ୟବସାୟୀ ଏଲାବାଦ ହାଲୁଆ, ପରଟା, ଖଜୁରୀ, ମୋରବାଙ୍କ ସମେତ ବିଭିନ୍ନ ଭୋଗ ସାମଗ୍ରୀ ପସରା ମେଲେଇ ଥିବା ବେଳେ ଚକ୍ରୀ, ଝୁଲି ଇତ୍ୟାଦି ଆଇଟମ କରି ଦୁଇ ପାଇସା ରୋଜଗାର କରିବା ପାଇଁ ଲାଗିପଡିଛନ୍ତି। ୨ଦିନ ଧରି ଉର୍ସ ଉତ୍ସବରେ ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କ ତତ୍ତ୍ୱାବଧାନରେ ଏସ୍‌ପି ମନୋଜ ରାଉତଙ୍କ ଅଧକ୍ଷତାରେ ୨ଜଣ ଅତିରିକ୍ତ ଏସପି, ୮ଜଣ ଡିଏସପି,୨୦ଜଣ ଇନ୍ସପେକ୍ଟର, ୧୧୦ଜଣ ସବଇନ୍ସପେକ୍ଟର, ୨୨ପ୍ଲାଟୁନ ଫୋର୍ସ, ହାବିଲଦାର ଓ ହୋମଗାଡ ୫୦ଜଣ ନିୟୋଜିତ କରାଯାଇଛି। ପକେଟ ମାର, ବିଶୃଙ୍ଖଳିତ ବ୍ୟକ୍ତିମାନଙ୍କୁ ସିସିଟିଭି କ୍ୟାମେରା ଜଗିବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି। ଏପଟେ ଉର୍ସ କମିଟିର କର୍ମକର୍ତ୍ତା ସମସ୍ତଙ୍କର ସହଯୋଗ କାମନା କରିଛନ୍ତି।



## ନବଭାରତ ସ୍ୱାକ୍ଷରତା କାର୍ଯ୍ୟକ୍ରମ 'ଉଲ୍ଲାସ'

ବନ୍ତ/ଆଗରପଡ଼ା,୨୭।୧୦(ସମିସ): କେନ୍ଦ୍ର ସରକାରଙ୍କ ନବଭାରତ ସ୍ୱାକ୍ଷରତା କାର୍ଯ୍ୟକ୍ରମ ମାଧ୍ୟମରେ ଓଡ଼ିଶାରେ ଥିବା ୧୫ ବର୍ଷରୁ ୪୫ ବର୍ଷ ପର୍ଯ୍ୟନ୍ତ ନିରକ୍ଷର ଲୋକଙ୍କୁ ସ୍ୱାକ୍ଷରତା କରିବା ପାଇଁ ରାଜ୍ୟ ସରକାରଙ୍କ ଏକ ଅଭିନବ ପ୍ରୟାସ ନିରାକ୍ଷରତା ଦୂରୀକରଣ ସହିତ ଆଜିର ସମାଜରେ ଡିଜିଟାଲ ଦୁନିଆରେ ନିଜକୁ ସକ୍ଷମ କରିବା ପାଇଁ ସରକାରଙ୍କ ଏକ ବଳିଷ୍ଠ ପଦକ୍ଷେପ। ବିଦ୍ୟାଳୟ ଶିକ୍ଷକଙ୍କ ଦ୍ୱାରା ଘର ଘର ଯାଇ ୧୫ ରୁ ୪୫ ବର୍ଷ ନିରକ୍ଷର ଲୋକଙ୍କୁ ଚିହ୍ନଟ କରାଯାଇ ସ୍ୱେଚ୍ଛାସେବୀ ଶିକ୍ଷକଙ୍କ ଦ୍ୱାରା ପଢା ଯାଇ ପ୍ରାଥମିକ ପର୍ଯ୍ୟାୟରେ ରବିବାର ସାରା ଓଡ଼ିଶାରେ ଏକ ମୂଲ୍ୟାଙ୍କନ କରାଯାଇଥିଲା। ବନ୍ତ ବ୍ଲକ ଗଣିଜାଙ୍ଗ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରଫୁଲ୍ଲ ଦାସଙ୍କ ତତ୍ତ୍ୱାବଧାନରେ ନବଭାରତ ସ୍ୱାକ୍ଷରତା କାର୍ଯ୍ୟକ୍ରମ 'ଉଲ୍ଲାସ' ମାଧ୍ୟମରେ ୭ଗୋଟି ପରୀକ୍ଷା କେନ୍ଦ୍ରରେ ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ପରୀକ୍ଷାର୍ଥୀଙ୍କୁ ସ୍ୱାଗତ କରାଯିବା ସହିତ ୧୫୦ ମାର୍କରେ ଭାଷା, ଗଣିତ ସମେତ ବିଭିନ୍ନ ବିଷୟରେ ପ୍ରାଥମିକ ସ୍ତରରେ ପରୀକ୍ଷା ହୋଇଥିଲା। ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ନିୟନ୍ତ୍ରକ ଓ ନିରିକ୍ଷକ ଉପସ୍ଥିତ ରହି ପରୀକ୍ଷା କରାଇଥିଲେ। ଶିକ୍ଷକ/ପ୍ରଧାନଶିକ୍ଷକ: ଟୁଟୁକୁମାର ପାଳ, ଗଗବିହାରୀ ଦାଶ, ପ୍ରଣତି ନାୟକ, ରଞ୍ଜନ କୁମାର ମୁଣ୍ଡା, ତନୁଜା ବାଳା ଜେନା, କଳ୍ପନା ଦାସ, ଅହଲ୍ୟା ସିଂ, ରମାକାନ୍ତ ବେହେରା, ମମତା ମହାନ୍ତି, ଆଶିଷ ଜେନା, ଶିବାନନ୍ଦ ନାୟକ, ବିଜୟ ଲକ୍ଷ୍ମୀ ଦାସ, ଅନାଦି ଚରଣ ନାୟକ, ଶରତ ଚନ୍ଦ୍ର ନାୟକ ପ୍ରମୁଖ ସହଯୋଗ କରିଥିଲେ।





## ଜିଲ୍ଲାପାଳଙ୍କ ମିଳିତ ଜନଅଭିଯୋଗ ଶୁଣାଣି

ବାସୁଦେବପୁର,୨୭।୧୦(ସମିସ): ବାସୁଦେବପୁର ପୌରପାଳିକା ନୀଳମଣୀ ଟାଉନହଲରେ ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇ ଯାଇଛି। ଆୟୋଜିତ ଶିବିରରେ ଜିଲ୍ଲାପାଳ ଦିଲୀପ ରାଉତରାଏ, ବିଧାୟକ ଅଶୋକ କୁମାର ଦାସ, ଏସ୍‌ପି ମନୋଜ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ, ଉପଜିଲ୍ଲାପାଳ ସୌରଭ କୁମାରଚକ୍ରବର୍ତ୍ତୀ, ତହସିଲଦାର ପ୍ରିୟବ୍ରତ ଦାସ, ବିଡିଓ ତନ୍ମିତା କର ଓ ସଦର ଏସଡିପିଓ ବିଚିତ୍ରାନନ୍ଦ ସେଠୀ ଯୋଗଦେଇ ଥିଲେ। ଆଜି ୭୮ଗୋଟି ଅଭିଯୋଗ ଜିଲ୍ଲାପାଳ ଶୁଣିଥିଲେ। ବିଭିନ୍ନ ରୋଗରେ ପୀଡ଼ିତ ରୋଗୀମାନଙ୍କୁ ୮୫ ହଜାର ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡ ଓ ରେଡକ୍ରସ ଫଣ୍ଡରୁ ଜିଲ୍ଲାପାଳ ପ୍ରଦାନ କରିଥିଲେ। ଜନ ଶୁଣାଣି ଅନଲାଇନ ରେଜିଷ୍ଟ୍ରେସନ ପାଇଁ ବ୍ୟବସ୍ଥା ଥିବା ବେଳେ ଜନସାଧାରଣ ସଚେତନ ହେଉନାହାନ୍ତି। ଦିନ ଦୁଇଟା ପର୍ଯ୍ୟନ୍ତ ଲୋକ ଅଭିଯୋଗପତ୍ର ଧରି ଆସୁଛନ୍ତି। ଲୋକମାନେ ଅନଲାଇନ ରେଜିଷ୍ଟ୍ରେସନ କଲେ ଅଭିଯୋଗ ଶୁଣିବା ସୁବ୍ୟବସ୍ଥିତ ହୋଇପାରିବ ବୋଲି ଜିଲ୍ଲାପାଳ ଶ୍ରୀ ରାଉତରାଏ କହିଥିଲେ।



## ୯୯ ବର୍ଷରେ ଗାନ୍ଧୀ ପଡିଆ କାଳୀପୂଜା ପଦାର୍ପଣ

ଭଦ୍ରକ,୨୭।୧୦(ସମିସ): ଭଦ୍ରକ ସହର ଗାନ୍ଧୀ ପଡିଆଠାରେ ୧୯୨୬ ମସିହାରୁ ସ୍ୱର୍ଗତ କାମାକ୍ଷା ଚରଣ ଘୋଷଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଓ ପରେ ତାଙ୍କ ସୁପୁତ୍ର ସ୍ୱର୍ଗତ ଡାକ୍ତର ନୀହାର ଚନ୍ଦ୍ର ଘୋଷଙ୍କ ଦ୍ୱାରା ଆୟୋଜିତ କାଳୀ ପୂଜା ଚଳିତବର୍ଷ ୯୯ ବର୍ଷରେ ପଦାର୍ପଣ କରିଛି। ଏହି ପୂଜା ମୋଟାମୋଟି ଭାବେ ସାର୍ବଜନୀନ ହୋଇଥିଲେ ମଧ୍ୟ ଏହାକୁ ଘୋଷ ପରିବାର ମୂଳରୁ ନିଜ ବ୍ୟୟରେ କରିଆସୁଛି। ଗତ କିଛି ବର୍ଷ ହେଲା ଆତ୍ମୀୟମାନଙ୍କ ସକ୍ରିୟ ସହଯୋଗରେ ପୂଜା ପାଳିତ ହେଉଛି। ଆସନ୍ତା ୨୦୨୬ରେ ଏହି ପୂଜା ପାଳନକୁ ଶହେ ବର୍ଷ ଛୁଇଁବ। ତେବେ ଏହି ପ୍ରାଚୀନ ସାର୍ବଜନୀନ ପୂଜା ପ୍ରକୃତ ପକ୍ଷେ ଆଜିଯାଏ ସାର୍ବଜନୀନର ମାନ୍ୟତା ପାଇନାହିଁ। ଏହାକୁ ସେହି ମାନ୍ୟତା ଦେବାପାଇଁ ୨୦୧୯ ମସିହରେ ଏକ ପ୍ରୟାସ କରାଯାଇଥିଲା। ଚଳିତବର୍ଷ ଏହି ପ୍ରାଚୀନ ଗାନ୍ଧୀ ପଡିଆ କାଳୀପୂଜାକୁ ସାର୍ବଜନନୀ କରିବାକୁ ପ୍ରୟାସ ଆରମ୍ଭ ହୋଇଛି।



## ସମିତି ପରିଚାଳନା ପରିଷଦ ବୈଠକ

ବାରିକପୁର,୨୭।୧୦(ସମିସ): ଭଣ୍ଡାରିପୋଖରୀ ବ୍ଲକ ରାଢୋ ସ୍ଥିତ ରହଣିଆ ପ୍ରାଥମିକ କୃଷି ସମବାୟ ସମିତିର ପରିଚାଳନା ପରିଷଦ ବୈଠକ ସଭାପତି ସାଗର ରଞ୍ଜନ ଲେଙ୍କାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ବୈଠକରେ ପରିଚାଳନା କମିଟି ବରିଷ୍ଠ ସଦସ୍ୟ ନିତ୍ୟାନନ୍ଦ ନାୟକ, ରଞ୍ଜନ ବେଉରିଆ, ପ୍ରଶାନ୍ତ ରାଉତ, ବସନ୍ତ ମାଝୀ, ବିନ୍ଦୁ ଶ୍ରୀ କୁଅଁର, ବିଳାସ ଚନ୍ଦ୍ର ଧଳ, ସିଦ୍ଧନାଥ ଦାସ, ଧନେଶ୍ୱର ସେଠୀ ପ୍ରମୁଖ ଯୋଗଦେଇ ବିଭିନ୍ନ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସମ୍ପାଦକ ସନ୍ତୋଷ କୁମାର ଦାସ ଆୟବ୍ୟୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହାଛଡା ଖରିଫ୍ ଧାନ କ୍ରୟ ବାବଦରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। ଆୟୋଜିତ କାର୍ଯ୍ୟକ୍ରମକୁ ସମିତି କର୍ମଚାରୀ ନୀଳମଣି ସାମଲ, ଓଙ୍କାର ବାରିକ, ବିଜୟ ନାୟକ, ହୁରେନ୍ଦ୍ର ଜେନା ପ୍ରମୁଖ ପରିଚାଳନା କରିଥିଲେ।

## ଫସଲ ପର୍ଯ୍ୟାୟଭିତ୍ତିକ ପ୍ରଶିକ୍ଷଣ ଶିବିର

ବନ୍ତ/ଆଗରପଡ଼ା,୨୭।୧୦(ସମିସ): ବନ୍ତ ବ୍ଲକ୍ ଏଫ୍‌ଆଇଏସି କାର୍ଯ୍ୟାଳୟରେ ଫସଲ ପର୍ଯ୍ୟାୟ ଭିତ୍ତିକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ କୃଷି ଅଧିକାରୀ ତୁଷାରକାନ୍ତ ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ସହକାରୀ କୃଷି ଅଧିକାରୀ ସୁପ୍ରିୟା ମୁଦୁଲି ଓ କୃଷକ ନେତା ଶଙ୍କର୍ଷଣ ଜେନା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଫସଲରେ ବିଭିନ୍ନ ପୋକ ଲାଗିବାର ସମ୍ଭାବନା ଅଧିକ ଥିବାରୁ ତାହାର ସୁପରିଚାଳନା ଉପରେ ଗୁରୁତ୍ୱଆରୋପ କରିବା ସହିତ ଚାଷୀ ମାନଙ୍କୁ ପରାମର୍ଶ ଦିଆଯାଇଥିଲା। କମଦିନିଆ ବିହନ ବ୍ୟବହାର କରିବା ଧାନ ଚାଷରେ ଅମଳ ପରେ ପରେ ଏହି ଚାଷ ଜମିରେ ଫଳ ଓ ପନିପରିବା ଲଗାଇବା ପାଇଁ କହିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ କୃଷି ଭିତ୍ତିକ ଯୋଜନାରେ ଲାଭ ବିଷୟରେ ମଧ୍ୟ କହିଥିଲେ। ଏହି କାର୍ଯ୍ୟକ୍ରମ ଜୈବିକ କୃଷି ଉପରେ ଗୁରୁତ୍ୱ ଦେବାକୁ ମଧ୍ୟ କୁହାଯାଇଥିଲା। କାର୍ଯ୍ୟକ୍ରମରେ ଅଗ୍ରଣୀ ଚାଷୀ ଅଂଶ ଗ୍ରହଣ କରିଥିଲେ। କୃଷି ଅଧୀଦର୍ଶକ ରଞ୍ଜନ କୁମାର ମହାନ୍ତି, ବଳଭଦ୍ର ବାର୍ଦା, ଗ୍ରାମ କୃଷି କର୍ମଚାରୀ ତପନ ସେଠୀ, ଶିବଶଙ୍କର ମୁର୍ମୁ, ବିମ୍ବାଧର ସେଠୀ, ଦୀପ୍ତିରଞ୍ଜନ ନାୟକ, ରଶ୍ମିରଞ୍ଜନ ନାୟକ, ମନ୍ଦାକିନୀ ସେଠି, ଚିନ୍ମୟୀ ଜେନା, ସହକାରୀ ବୈଷୟିକ ପରିଚାଳକ ମଦନମୋହନ ରାଉତ, ତାପସ କୁମାର ବେହେରା ଓ ଅମ୍ଳାନ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।



# ଅନ୍ଧାର ମଧ୍ୟରେ ଆଶା ଖୋଜୁଛି ବେବିଲତା

ଅସହାୟ ପରିବାର ପାଇଁ ପ୍ରଶାସନିକ ହସ୍ତକ୍ଷେପ ଆବଶ୍ୟକ

ଅସୁରାଳି,୨୭।୧୦(ସମିସ)

ଗୋବିନ୍ଦପୁର ପଞ୍ଚାୟତ ଅନ୍ତର୍ଗତ କୋରୁଆ ଗାଁର ବେବିଲତା ସେଠୀ (୪୦)ଙ୍କ ଜୀବନ ଏବେ ଦୁଃଖ, ଦାୟିତ୍ୱ ଓ ଅନିଶ୍ଚିତତାର ଅନ୍ଧାର ମଧ୍ୟରେ ଅଟକିଛି। ସ୍ୱାମୀ ନିରାକର ସେଠୀଙ୍କ ବର୍ଷେ ହେଲା ଅକାଳ ମୃତ୍ୟୁ ପରେ ଘରର ଦାୟିତ୍ୱ ତାଙ୍କ ଉପରେ ଏକାକି ଆସିପଡ଼ିଛି। ଘରର ଅନ୍ୟ ସଦସ୍ୟମାନେ ପୁଅ କୃଷ୍ଣଚନ୍ଦ୍ର (୧୫), କନ୍ୟା ଲକ୍ଷ୍ମିପ୍ରିୟା (୨୪), ହରପ୍ରିୟା (୨୦) ଓ ଜେଜେମା ରମାମଣି (୭୦), ସମସ୍ତଙ୍କ ଜୀବନ ବେବିଲତାଙ୍କ ଉପରେ ନିର୍ଭର କରୁଛି। ଘରର ମୁଖ୍ୟ ରୋଜଗାରିଆ ନିରାକରଙ୍କ ବିୟୋଗ ପରେ ଏହି ପରିବାର ଅର୍ଥନୈତିକ ଅସ୍ଥିରତାରେ ଜର୍ଜରିତ। ପ୍ରଶାସନ ପକ୍ଷରୁ ରାସନ ଓ ଆବାସ ଯୋଜନା ମିଳିଥିଲେ ମଧ୍ୟ ତାହା ଜୀବନ ଚଳାଇବା ପାଇଁ ଅପର୍ଯ୍ୟାପ୍ତ। ଦୁଇଓଳି ଦୁଇମୁଠା ଖାଇବା କାଠିକର ହେଉଥିବା ବେଳେ ଶିଶୁମାନଙ୍କ ପାଠପଢା ଖର୍ଚ୍ଚ ଜଟିଳ ହୋଇଯାଉଛି। ରମାମଣିଙ୍କ ବୟସ ୭୦, ଏ ବୟସରେ କାମ ଖୋଜିବା ତାଙ୍କ ପାଇଁ ଅସମ୍ଭବ। ବେବିଲତାଙ୍କ ଅନୁରୋଧ ଅନୁଯାୟୀ ପିଲାମାନଙ୍କ ଶିକ୍ଷା ନିମନ୍ତେ ଅର୍ଥ ହେଉନାହିଁ ତାଙ୍କ ପାଇଁ ଆର୍ଥିକ ସହାୟତା, ଜେଜେ ମାଆଙ୍କ ଚିକିତ୍ସା ଓ ଜୀବନ ଜିବିକା ନିମନ୍ତେ ପ୍ରଶାସନିକ ସହାୟତା ମିଳୁ। ଏହି ପରିବାର ପାଇଁ ତତ୍କାଳିନ ଭାବେ ଅର୍ଥନୈତିକ ଭତ୍ତା ବା ଜୀବିକା ଯୋଜନାର ଅନ୍ତର୍ଗତ ସହଯୋଗ, ଶିକ୍ଷା ସହାୟତା ପାଇଁ ଛାତ୍ରବୃତ୍ତି ବା ଶିକ୍ଷା ଯୋଜନାର ସୁବିଧା, ବୃଦ୍ଧା ଓ ଅସହାୟମାନଙ୍କ ପାଇଁ ବୃଦ୍ଧାଭତ୍ତା ଓ ଚିକିତ୍ସା ସହଯୋଗ, ଘର ଚାଲାଇବା ପାଇଁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ବା ଘରୁ ବ୍ୟବସାୟ ଆରମ୍ଭ ପାଇଁ ଅନୁଦାନ ପ୍ରଭୃତି ସୁବିଧା ଯୋଗାଇବା ଆଦି ସହାୟତା ଆବଶ୍ୟକ ପାଇଁ ଦାବି କରିଛନ୍ତି। ଏହି ଅବସ୍ଥାରେ ବେବିଲତାଙ୍କ ପରିବାର ପାଇଁ ଏକ ମାନବିକ ଓ ପ୍ରଶାସନିକ ହସ୍ତକ୍ଷେପ ଆବଶ୍ୟକ। ସ୍ଥାନୀୟ ପ୍ରଶାସନ, ସାମାଜିକ ସଂଗଠନ ଓ ଦାୟିତ୍ୱବାନ ନାଗରିକମାନେ ଏହି ଅନ୍ଧାର ଘରକୁ ଆଶାର ଆଲୋକ ଦେଇପାରନ୍ତି।



## ଜମୁଛି ବାସୁଦେବପୁର କାଳୀପୂଜା

ପୂଜାମଣ୍ଡପ ବୁଲି ଆଶୀର୍ବାଦ ଭିକ୍ଷାକଲେ ପୂର୍ବତନ ବିଧାୟକ





ବାସୁଦେବପୁର,୨୭।୧୦(ସମିସ): ଜମୁଛି ବାସୁଦେବପୁର ପ୍ରସିଦ୍ଧ କାଳୀପୂଜା। ହଜାର ହଜାର ଲୋକଙ୍କ ସମାଗମ ଲାଗିଥିବା ବେଳେ ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ସହଯୋଗୀଙ୍କ ସହିତ ବିଭିନ୍ନ ପୂଜାମଣ୍ଡପ ବୁଲି ମାଆ କାଳୀଙ୍କ ଠାରୁ ଆଶୀର୍ବାଦ ଭିକ୍ଷା କରିଛନ୍ତି। ବାସୁଦେବପୁର ପୌରପାଳିକାର ଆମ କାଳୀପୂଜା କମିଟି ପକ୍ଷରୁ ୧୯୪୪ ମସିହାରେ ଆରମ୍ଭ ହୋଇଥିଲା କାଳୀପୂଜା। ତତ୍କାଳୀନ ବାସୁଦେବପୁର ଥାନା ଅଧିକାରୀ ମହେନ୍ଦ୍ର ଦାସଙ୍କୁ ସ୍ୱପ୍ନାଦେଶ ହେବାରୁ, ବାସୁଦେବପୁର କିଛି ବୁଦ୍ଧିଜୀବୀଙ୍କୁ ନେଇ ଆରମ୍ଭ କରିଥିଲେ କାଳୀପୂଜା। ବାସୁଦେବପୁର ମଧ୍ୟସ୍ଥଳୀ ଟ୍ରାଫିକ ଛକରେ ଆରମ୍ଭ ହେଲା କାଳୀପୂଜା। ଆମ କାଳୀପୂଜା କମିଟିର ଉଭୟ ହିନ୍ଦୁ ଓ ମୁସଲମାନ ଉଭୟ କମିଟିର ସଦସ୍ୟ ରହି ଆସୁଛନ୍ତି। ପରେ ୧୯୮୫ ମସିହାର ଆରମ୍ଭ ହୋଇଥିଲା ବ୍ଲକ ରୋଡ କାଳୀ ପୂଜା କମିଟି। ୧୯୮୭ ମସିହାର ଆରମ୍ଭ ହେଲା ହାଇସ୍କୁଲ ଛକ କାଳୀପୂଜା କମିଟି। ନୂଆ ବସଷ୍ଟାଣ୍ଡର ୧୯୯୫ ମସିହାର ଆରମ୍ଭ ହୋଇଥିବା କାଳୀପୂଜା କମିଟିର ମୃଣ୍ମୟୀ ମୂର୍ତ୍ତିରୁ ଆରମ୍ଭ ହୋଇଥିଲା। ଏବେ ୩ ବର୍ଷ ଧରି ପଥର ମୂର୍ତ୍ତିରେ ମାଆ ଦକ୍ଷିଣେଶ୍ୱରୀ କାଳୀପୀଠ ଦେବୀ ଭାବେ ପୂଜା ପାଉଛନ୍ତି। ବାସୁଦେବପୁର ପ୍ରସିଦ୍ଧ କାଳୀପୂଜାକୁ ଭଦ୍ରକ ବାଲେଶ୍ୱର ଓ କେନ୍ଦ୍ରାପଡ଼ାର ଲୋକମାନେ ଉପଭୋଗ କରନ୍ତି। ଯିଏ ଯେଉଁ କର୍ମ କ୍ଷେତ୍ରରେ ରହିଲେ ବି କାଳୀପୂଜାରେ ବନ୍ଧୁ ମେଳନ ହୋଇଥାଏ। ବାସୁଦେବପୁରରେ ଦୀର୍ଘ ୧୫ ଦିନ ଧରି ଚାଲିବାକୁ ଥିବା କାଳୀପୂଜାରେ ଦୋକାନ ବଜାର ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥାଏ। ନଭେମ୍ବର ୯ ତାରିଖରେ ମିଳିତ ଭାବେ ୪ଟି କମିଟିର ଭସାଣୀ ପାରମ୍ପରିକ ବାଦ୍ୟଯନ୍ତ୍ରରେ ଉତ୍ସବ ଅନୁଷ୍ଠିତ ହେବ। ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଓ ପୌରାଧକ୍ଷା ନିବେଦିତା ବେହେରା, ଉପାଧକ୍ଷ ଉତ୍ତମ ବାରିକ, ଦୀନବନ୍ଧୁ ଦାସ, ମାନସ ରଞ୍ଜନ ସାହୁ, ପ୍ରଫୁଲ୍ଲ ପଳିତା, ଗୌତମ ସେଠୀ ପ୍ରମୁଖ ମଣ୍ଡପ ବୁଲି ମାଆଙ୍କ ଆର୍ଶୀବାଦ ଭିକ୍ଷା କରିଛନ୍ତି। ବାସୁଦେବପୁର କାଳୀପୂଜା ଭାଇଚାରାର ନିଦର୍ଶନ। ପୁରପଲ୍ଲୀର ଗଣ ପର୍ବ ଭାବେ ପାଳିତ ହେଉଥିବା କାଳୀପୂଜା ସମସ୍ତଙ୍କୁ ଏକତା ଡୋରୀରେ ବାନ୍ଧି ରଖିବାର ଏକ ବଳିଷ୍ଠ ମାଧ୍ୟମ।

## ଚତୁର୍ଥ ଦିନରେ କରଗୋଳା ବାଲି ସତ୍ୟାଗ୍ରହ



ଆନନ୍ଦପୁର,୨୭।୧୦(ସମିସ): କେନ୍ଦୁଝର ଜିଲ୍ଲା ହାଟଡିହି ତହସିଲ ଅଧୀନ କରଗୋଳାସ୍ଥିତ ବୈତରଣୀ ନଦୀରେ ବାଲି ସତ୍ୟାଗ୍ରହ ଚତୁର୍ଥ ଦିନରେ ପହଞ୍ଚିଛି। ଦୁର୍ନିତି ବିରୋଧୀ ପ୍ରଗତିଶିଳ ମଞ୍ଚର ଆବାହକ ଯଜ୍ଞପ୍ରସାଦ ସାହୁଙ୍କ ନେତୃତ୍ୱରେ ଆୟୋଜିତ ସତ୍ୟାଗ୍ରହରେ ପ୍ରଶାସନର ଅସହଯୋଗକୁ ତୀବ୍ର ନିନ୍ଦା କରାଯାଇଛି। ଆଜି ବାଲି ସତ୍ୟାଗ୍ରହରେ ଲୋକେ ସେଠାରେ ହବିଷ ଗ୍ରହଣ କରି ବ୍ରତରକ୍ଷା କରିଥିଲେ। ବାଲି ସତ୍ୟାଗ୍ରହକୁ ସମର୍ଥନ ଜଣାଇ ସୁବର୍ଣ୍ଣରେଖା ନଦୀ ସୁରକ୍ଷା ସମିତି ଆସନ୍ତାକାଲି ଏଥିରେ ସାମିଲ ହେବା ସମ୍ପର୍କରେ ଯଜ୍ଞପ୍ରସାଦ ସାହୁ ସୂଚନା ଦେଇଛନ୍ତି। ଏହି ସତ୍ୟାଗ୍ରହରେ ସାମାଜିକ କର୍ମୀ ସତ୍ୟବ୍ରତ ଜେନା, ପୂର୍ବତନ ସରପଞ୍ଚ ଗୋପାଳ ସେଠୀ, ଆଲୋକ ବେହେରା, ବିଜୟ ସାହୁ, ସୁଲି ଜେନା, ଅହଲ୍ୟା ସାହୁ, ରିତଞ୍ଜଳି ସାହୁ, ଅନ୍ନପୂର୍ଣ୍ଣା ପଣ୍ଡା, ଶୁଭଲକ୍ଷ୍ମୀ ନନ୍ଦ, ଜୟ ନାରାୟଣ ଜେନା, ମହେନ୍ଦ୍ର ପଣ୍ଡା, ନଟବର ମହାରଣା, ବେଣୁ ଜେନା, ରାମଚନ୍ଦ୍ର ସାହୁ, ସୁଦର୍ଶନ ସାହୁ, ଶ୍ରୀଧର ଜେନା, ଗଣେଶ ଜେନା, ଶୁକଦେବ ପଣ୍ଡା, ସୁବାସ ଜେନା, କିଶୋର ଜେନା, ନାରାୟଣ ଓଝା, ନଟବର ବେହେରା, ଅଲେଖ ଜେନା, ନରହରି ପତି, ପରୀକ୍ଷିତ ଜେନା, କ୍ଷୀରୋଦ ସାହୁ, ନୀଳମଣି ଜେନା, ନରହରି ଜେନାଙ୍କ ସମେତ ୩ଶହରୁ ଅଧିକ ସତ୍ୟଗ୍ରହୀ ଏଥିରେ ସାମିଲ ହୋଇଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ସତ୍ୟାଗ୍ରହ ଜାରି ରହିଛି। ରାତିରେ ବାଲି ମାଫିଆ ସତ୍ୟଗ୍ରହୀମାନଙ୍କ ଉପରେ ଆକ୍ରମଣ କରି ବାଲି ଲୁଟ୍ ପାଇଁ ଯୋଜନା କରିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

## କଲ୍ୟାଣୀ ଉଚ୍ଚ ବିଦ୍ୟାପୀଠରେ ଶିକ୍ଷକ ସମ୍ବର୍ଦ୍ଧନା ଉତ୍ସବ



ବେଲବାହାଲି,୨୭।୧୦(ସମିସ): ଘସିପୁରା ବ୍ଲକ୍ ଅଧୀନ ଗଡ଼ବାନ୍ଧଗୋଡ଼ା କଲ୍ୟାଣୀ ଉଚ୍ଚ ବିଦ୍ୟାପୀଠ ପ୍ରାଙ୍ଗଣରେ ୨୦୦୩ ମସିହା ମାଟ୍ରିକ ବ୍ୟାଚ୍‌ର ଛାତ୍ରଛାତ୍ରୀଙ୍କ ଦ୍ୱାରା ଶିକ୍ଷକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ତରଣୀସେନ ରାଉତଙ୍କ ଅଧ୍ୟକ୍ଷତାରେ ଉତ୍ସବର ପ୍ରଥମ ଭାଗରେ ୨୨ ବର୍ଷ ପରେ ପରସ୍ପର ସହ ଭେଟ ହୋଇଥିବାରୁ ଭାବର ଆଦାନ ପ୍ରଦାନ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ସରୋଜିନୀ ରାଉତ, ପୁରାତନ ଶିକ୍ଷକ ଗୋପାଳ ଚନ୍ଦ୍ର ପତି, ପ୍ରମୋଦ କୁମାର ଦେଓ, ରମାକାନ୍ତ ଜେନା, ସେକ ମୁବାରକ୍ ଅଲ୍ଲୀ, ବିଣାପାଣି ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନୀଲ କୁମାର ଚକ୍ର, ଶ୍ରୀକ୍ଷେତ୍ର ପଲେଇ, ନିରାକାର ରାଉତ, ସୁରେଶ ପରିଡ଼ା, ଶ୍ରୀକାନ୍ତ ସାହୁ, ତରଣୀସେନ ରାଉତ, ଏସକେ ହାଇଦର ଅଲ୍ଲୀ, ଚିତ୍ତରଞ୍ଜନ ନାୟକ, ସୁରେନ୍ଦ୍ର ଗଇପଇ, ମହୋନିସ୍ ଜେନା, ସୁରେଶ କୁମାର ପାତ୍ର, ଅମିତ୍ ରାଉତ, ଚିନ୍ତାମଣି ବେହେରା, ମିର୍ଜା ରାଜୁ ବେଗ୍, କାନନବାଳା ଚକ୍ର, ନିରୁପମା ନାୟକ, ରଶ୍ମିତା ନାୟକ, ନମିତା ବେହେରା, ଦିପ୍ତିମୟୀ ମଲ୍ଲିକ, ଜୟନ୍ତୀ ଓଝା, ସ୍ୱର୍ଣ୍ଣଲତା ପାତ୍ର ଓ ବନ୍ଦିତା ଚକ୍ର ପ୍ରମୁଖ ପୁରାତନ ଛାତ୍ରଛାତ୍ରୀ ସକ୍ରିୟ ଭୂମିକା ନିର୍ବାହ କରିଥିଲେ।

## ଘସିପୁରା କାଳୀପୂଜା ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ



ଆନନ୍ଦପୁର,୨୭।୧୦(ସମିସ): ବୀଣାପାଣି କଳା ନିକେତନ ନୃତ୍ୟାନୁଷ୍ଠାନର ନୃତ୍ୟଶିଳ୍ପୀମାନେ ଖାପରଖାଇ କାଳୀପୂଜା ଅନୁଷ୍ଠାନ, ଘସିପୁରା ବସ୍‌ଷ୍ଟାଣ୍ଡ ସାଂସ୍କୃତିକ ମଞ୍ଚରେ ନୃତ୍ୟଗୁରୁ ଜିତୁ ଦାଶଙ୍କ ନିର୍ଦ୍ଦେଶନା, ଅଭିନେତା ମାନସ ରଞ୍ଜନ ସାହୁଙ୍କ ସଂଯୋଜନାରେ ପ୍ରଥମେ ଓଡ଼ିଶୀ ନୃତ୍ୟାଭିନୟ କରିଥିଲେ। ପରେ ''ଜଗନ୍ନାଥ ଅଷ୍ଟକମ' ଓ ''ଆମ ମାଟିର ମହକ'ରେ ହଜାର ହଜାର ଦର୍ଶକ ବିଭୋର ହୋଇଥିଲେ। ସମ୍ବଲପୁରୀ, ଦଳଗତ ମରାଠୀ, ପଲ୍ଲୀ ନୃତ୍ୟ, ଦଳଗତ ପୁରୁଣା ଓଡ଼ିଆ ଚଳଚିତ୍ରକୁ ୪୦ଜଣ ନୃତ୍ୟ ଶିଳ୍ପୀ ବିଳମ୍ବିତ ରାତ୍ରିଯାଏଁ ନୃତ୍ୟକୁ ଉପଭୋଗ କରିଥିଲେ। ଚଳଚିତ୍ର ଆଲବମ ଶିଶୁ ଅଭିନେତ୍ରୀ ଖୁସି ନାୟକ ନିଜର ଜଲୱା ଦେଖାଇ ଥିଲେ। ଶେଷରେ ପୂଜା ଅନୁଷ୍ଠାନର ସଭାପତି ହରେକୃଷ୍ଣ ସାହୁ, ଉପସଭାପତି ବାବୁଲି ଜେନା, ସମ୍ପାଦକ ସୁରେଶ କୁମାର ସେଠି, ସହ ସମ୍ପାଦକ ବସନ୍ତ ପେରେଇ, କୋଷାଧ୍ୟକ୍ଷ ଅଚ୍ୟୁତ ରଣା, ପ୍ରମୋଦ ଦାସ, ବିରଞ୍ଚି ନାରାୟଣ ଦାଶ, କ୍ଷିତିନାଥ ସାହୁ, ଖିରୋଦ କର ମଞ୍ଚରେ ରହି କଳାକାରମାନଙ୍କୁ ସମ୍ମାନିତ କରିଥିଲେ।

## ନଟିଆ ଗାଁରେ ବିଜୁଳି ନାହିଁ

# ଡିବିରି ଆଲୁଅରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ

ଆନନ୍ଦପୁର,୨୭।୧୦(ସମିସ)





ସ୍ୱାଧୀନତାର ୭୯ ବର୍ଷ ପରେ ବି ଏଭଳି ଏକ ଗାଁ ଅଛି; ଯେଉଁ ଗାଁର ଲୋକଙ୍କ ପାଇଁ ଆଜି ମଧ୍ୟ ବିଜୁଳି ଆଲୁଅ ସାତସପନ ପାଲଟିଛି। ଏନେଇ ବିଭାଗଠାରୁ ଆରମ୍ଭ କରି ଉପଖଣ୍ଡ ପ୍ରଶାସନ, ଜିଲ୍ଲା ପ୍ରଶାସନଠାରୁ ଆରମ୍ଭକରି ରାଜ୍ୟ ପଦାଧିକାରୀ ସମସ୍ତଙ୍କୁ ଗୁହାରୀ କଲେଣି। ଏଥିପାଇଁ ଧାରଣା ଏପରିକି ହରତାଳ ମଧ୍ୟ କରିଛନ୍ତି ଗ୍ରାମବାସୀ; ହେଲେ ସମସ୍ୟାର ସମାଧାନ ହୋଇପାରିନାହିଁ। ଏନେଇ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ୧୩ଥର ଗ୍ରାମବାସୀ ଫେରାଦ ହୋଇ ବି ଫଳ ଶୁନ। ଏପରି ଦୟନୀୟ ଅବସ୍ଥା ପରିଲକ୍ଷିତ ହୋଇଛି କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ୍ ସାମୁକାନାଣ୍ଡି ପଞ୍ଚାୟତ ନଟିଆ ଗାଁରେ। ଘଷିପୁରା ବ୍ଲକ୍‌ର ଆଦିବାସୀ ଅଧ୍ୟୁଷିତ ସାମୁକାନାଣ୍ଡି ପଞ୍ଚାୟତର ନଟିଆ ଗାଁ। ଏହିଗାଁର ଲୋକଙ୍କ ସଂଖ୍ୟା ପାଖାପାଖି ୫୦୦ହେବ। ଗାଁକୁ ଆଜିଯାଏ ପହଞ୍ଚି ପାରିନି ବିଜୁଳି ଆଲୁଅ। ଫଳରେ ଲୋକଙ୍କ ପାଇଁ ଦିନତ ଯେମିତି ହେଲେ କଟିଯାଉଛି, କିନ୍ତୁ ରାତି ହେଲେ ଭୟରେ ରହୁଛନ୍ତି ଗାଁ ଲୋକ। ଡିବିରୀ ଆଲୁଅରେ ଛାତ୍ରଛାତ୍ରୀ ପାଠ ପଢ଼ିବାକୁ ବାଧ। ଜଙ୍ଗଲିଆ ଅଞ୍ଚଳ ଯୋଗୁଁ ସରୀସୃପମାନଙ୍କର ଭୟ ସବୁବେଳେ ଘାରିଥାଏ। ଗାଁ ଲୋକଙ୍କୁ ବିଜୁଳି ନ ଥିବାରୁ ପିଲାଙ୍କର ପାଠପଢ଼ାଠାରୁ ଆରମ୍ଭକରି ସବୁକ୍ଷେତ୍ରରେ ସମସ୍ୟା ଭୋଗୁଛନ୍ତି ଗାଁ

### ମୋବାଇଲ ଚାର୍ଜ ପାଇଁ ୨ କିମି ଯାଆନ୍ତି

ଲୋକେ। ଗାଁକୁ ବିଜୁଳି ଆଲୁଅ ପାଇଁ ପୂର୍ବରୁ ଅନେକ ଥର ବିଭାଗୀୟ ଅଧିକାରୀଙ୍କ ଠାରୁ ଆରମ୍ଭକରି ଜିଲ୍ଲାପାଳ, ରାଜ୍ୟ ଶକ୍ତି ବିଭାଗ ପର୍ଯ୍ୟନ୍ତ ବାରମ୍ବାର ପତ୍ର ଲେଖି ଦୃଷ୍ଟି ଆକର୍ଷଣ କରିଛନ୍ତି। ହେଲେ କେହି ସେମାନଙ୍କ କଥା ଶୁଣୁ ନ ଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ମୋବାଇଲ ଚାର୍ଜ କରିବାକୁ ହେଲେ ଲୋକଙ୍କୁ ଅନ୍ୟ ଗାଁକୁ ୨ କିମି ଯିବାକୁ ପଡୁଛି। ତେବେ ନଟିଆ ଗାଁକୁ କେବେ ବିଦ୍ୟୁତ୍ ଯୋଗାଣ ସମ୍ପର୍କରେ ଉପଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ବିଦ୍ୟୁତ୍ ବିଭାଗ ସହ ଏନେଇ ଆଲୋଚନା ହୋଇ ଆକଳନ ପ୍ରସ୍ତୁତ କରିବାକୁ ପ୍ରସ୍ତାବ ଦିଆଯାଇଛି। କୌଣସି ସରକାରୀ ଅନୁଦାନ ଦିଆଯାଇ ନଟିଆ ଗାଁକୁ ବିଦ୍ୟୁତ୍ କରଣ କରାଯିବ।

## ହୋ' ଭାଷା କ୍ରିୟାନୁଷ୍ଠାନ କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ



କେନ୍ଦୁଝର,୨୭।୧୦(ସମିସ): ଅଖିଳ ଭାରତୀୟ ହୋ' ଭାଷା କ୍ରିୟାନୁଷ୍ଠାନର ରାଷ୍ଟ୍ରୀୟ ଅଧ୍ୟକ୍ଷ ରାମରାଇ ମୁନ୍ଦୁୟା ତଥା ପୂର୍ବତନ କେନ୍ଦୁଝର ସ୍ୱତନ୍ତ୍ର ଉନ୍ନୟନ ପରିଷଦ କେନ୍ଦୁଝରଙ୍କ ଅଧ୍ୟକ୍ଷତାରେ କେନ୍ଦ୍ରୀୟ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଭୁବନେଶ୍ୱରସ୍ଥିତ ବୀର ବାସା ହୋ' କମ୍ୟୁନିଟି ସେଣ୍ଟରଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ହୋ' ଭାଷାକୁ ସମ୍ବିଧାନର ଅଷ୍ଟମସୂଚୀରେ ସାମିଲ କରିବା ଏବଂ ଓଡ଼ିଶାରେ ହୋ' ଭାଷାକୁ ଦ୍ୱିତୀୟ ରାଜଭାଷାର ମାନ୍ୟତା ଦାବିରେ ଆସନ୍ତା ଅକ୍ଟୋବର ୩୧ ଏବଂ ନଭେମ୍ବର ୧ ତାରିଖରେ ପଞ୍ଚମ ଥର ପାଇଁ ଦଲାବୁ ଦିଲ୍ଲୀ ୫.୦ ପ୍ରୋଗ୍ରାମ ଅନ୍ତର୍ଗତ ଦିଲ୍ଲୀ ସ୍ଥିତ ଯନ୍ତରମନ୍ତରଠାରେ ଏକ ଦିବସୀୟ ବିରାଟ ଗଣଧାରଣା ବିଷୟରେ ଆଲୋଚନା କରାଯାଇଥିଲା। ଏ ନେଇ ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ଭେଟି ପରବର୍ତ୍ତୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯାଇଥିଲା। ଦୀର୍ଘ ୩୦ ବର୍ଷ ଧରି ଚାଲିଆସୁଥିବା ଏହି ଆନ୍ଦୋଳନ ପାଇଁ ହୋ' ଭାଷାକୁ ବିଭିନ୍ନ ସମୟରେ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ହୋ' ଭାଷାକୁ ଅବହେଳା କରି ଆସୁଥିବାରୁ ଉପସ୍ଥିତ ସମସ୍ତ ସଦସ୍ୟ ଉଦ୍‌ବେଗ ପ୍ରକାଶ କରିଥିଲେ। ସରକାର ଯଦି ଏଥର ବି ହୋ' ଭାଷାକୁ ଅବହେଳା କରନ୍ତି; ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ରତର କରିବାକୁ ବୈଠକରେ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରୀୟ କମିଟିର ଉପସଭାପତି ଚନ୍ଦ୍ରମୋହନ ହାଇବ୍ରୁ, ସାଧାରଣ ସମ୍ପାଦକ ଡମ୍ବରୁଧର ଜାମୁଦା, ସମ୍ପାଦକ ଗମେଆଁ ଅମ୍ପ, କୋଷାଧ୍ୟକ୍ଷ କ୍ଷିରୋଦ କୁମାର ହେମ୍ବ୍ରମ, ରାଜ୍ୟ ସଭାପତି ବସନ୍ତ ସିଂ ବୁଲିଉଲୀ, ସମ୍ପାଦକ ନାରଣ ପୂର୍ତ୍ତୀ, ସିଦା ହରା ସୁସାର ଆକଳାର ସଭାପତି ମଧୁସୂଦନ ଜରିକା, କେନ୍ଦୁଝରର ସମ୍ପାଦକ ଡମ୍ବରୁ ଧର ହେମ୍ବ୍ରମ, ସୁନ୍ଦର ସିଂ ତିୟୁ, ପାଣ୍ଡବ ଚରଣ ମୁଣ୍ଡା, ଗୋପାଳ ସିଂ ସାମଡ, ଦୀନବନ୍ଧୁ ଶୁଣ୍ଡି, ଘନଶ୍ୟାମ ପୂର୍ତ୍ତୀ, ମଥୁରା ଜାମୁଦା, ବଳରାମ ବିରୁୱା, ମାଣିକରାମ ବାନ୍ଦୀୟା ଯୋଗେଶ୍ୱର ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ କେନ୍ଦ୍ରୀୟ ସଭାପତି ଶ୍ରୀ ମୁନ୍ଦୁୟା ଦାବି ହାସଲ କରିବା ପାଇଁ ନିଷ୍ଠାର ସହିତ କାମ କରିବାକୁ ଆହ୍ୱାନ ଦେଇ ଧନ୍ୟବାଦ ଦେଇଥିଲେ।

## ପାଟଣା କଲେଜରେ ଯୋଗ ପ୍ରଶିକ୍ଷଣ ଶିବିର

ତୁରୁମୁଙ୍ଗା,୨୭।୧୦(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ ମୁଖ୍ୟାଳୟ ପାଟଣା ଆଞ୍ଚଳିକ ମହାବିଦ୍ୟାଳୟରେ ସରକାରଙ୍କ ପୋଷଣ କାର୍ଯ୍ୟକ୍ରମ ଅନ୍ତର୍ଗତ ଛାତ୍ରଛାତ୍ରୀଙ୍କୁ ଯୋଗ ପ୍ରଶିକ୍ଷଣ ଦିଆଯାଉଛି। ଯୋଗ ଦ୍ୱାରା ଶରୀର ସୁସ୍ଥ ଓ ଶସକ୍ତ ହେବ ବୋଲି ଅଧ୍ୟକ୍ଷ ଅଭିଭାଷଣରେ କହିଥିଲେ। କଲେଜର ଅଧ୍ୟକ୍ଷ ବୀରେନ୍ଦ୍ର କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ପ୍ରଶିକ୍ଷଣ ଶିବିରରେ ମୋଟ ୧୧୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବା ବେଳେ କ୍ରୀଡ଼ା ଶିକ୍ଷକ ତଥା ଏନସିସି ଅଧିକାରୀ କ୍ୟାପଟେନ ଧର୍ମେନ୍ଦ୍ର କୁମାର ସାହୁ ଶିବିର ପରିଚାଳନା କରୁଛନ୍ତି। ପ୍ରଶିକ୍ଷିକା ସୁପ୍ରଭା ସାହୁ ଥିବାବେଳେ ଶିବିର ନଭେମ୍ବର ୧୬ ଯାଏ ରହିବ ବୋଲି କ୍ରୀଡ଼ା ଶିକ୍ଷକ ଶ୍ରୀ ସାହୁ କହିଛନ୍ତି।

## ବାଲି ବୋଝେଇ ଟ୍ରାକ୍ଟର ଜବତ

ତୁରୁମୁଙ୍ଗା,୨୭।୧୦(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ତହସିଲ ଅଧୀନ ଦୁର୍ଗାଦେଇପୁର ଘାଟରୁ ଟ୍ରାକ୍ଟରରେ ବେଆଇନ ଭାବରେ ବାଲି ଚୋରାଚାଲାଣ ବେଳେ ପୁଲିସ ବାଲି ବୋଝେଇ ଟ୍ରାକ୍ଟରକୁ ଜବତକରିଡ୍ରାଇଭରକୁନୋଟିସଦେଇଥିବାଜଣାପଡ଼ିଛି। ରବିବାର ରାତି ସମୟରେ ପାଟଣା ପୁଲିସ ପାଟ୍ରୋଲିଂ କରୁଥିବା ସମୟରେ ଓଡି ୦୯ ଏକ୍ସ ୪୧୪୨ ନମ୍ବର ବିଶିଷ୍ଟ ବାଲି ବୋଝେଇ ଟ୍ରାକ୍ଟର ଗାଡିକୁ ଜବତ କରି ୨୬୦/୨୫ ମାମଲା ରୁଜୁ ହୋଇଛି। ସାହାରପଡା ଫାଣ୍ଡି ଅଧିକାରୀ ପାର୍ଥ ଓରାମ ଘଟଣାର ତଦନ୍ତ କରୁଛନ୍ତି।

## ହାତୀପଲ ଦ୍ୱାରା ପାଚିଲା ଧାନ ଫସଲ ନଷ୍ଟ

ଚମ୍ପୁଆ,୨୭।୧୦(ସମିସ): ଚମ୍ପୁଆ ରେଞ୍ଜରେ ହାତୀ ଉପଦ୍ରବ ଥମିବାରେ ନାଁ ଧରୁନଥିବା ବେଳେ ଦିନକୁ ଦିନ ପାଚିଲା ଧାନ କ୍ଷେତକୁ ହାତୀପଲ ଦଳିଚକଟି ନଷ୍ଟ କରୁଥିବାରୁ ଅସନ୍ତୋଷ ବଢିବାରେ ଲାଗିଛି। ଚମ୍ପୁଆ ରେଞ୍ଜ ସଞ୍ଜ ନଇଁଲେ ହାତୀ ଉପଦ୍ରବ ବଢିଚାଲିଥିବାରୁ ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମବାସୀ ଏକପ୍ରକାର ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ଗତରାତି ଚମ୍ପୁଆ ସେକ୍ସନର ସାତହଳିଆ ଗ୍ରାମର ମୋନଜ ଚାତାର ସମେତ ଅନେକ ଚାଷୀଙ୍କ ପାଚିଲା ଧାନକ୍ଷେତକୁ ୨୮ ଗୋଟିଆ ହାତୀପଲ ରାତି ଅଧରେ ନଷ୍ଟ କରିଥିବା ଜଣାଯାଇଛି। ବର୍ତ୍ତମାନ ଏହି ହାତୀପଲ ମୁକୁନ୍ଦପୁର ଜଙ୍ଗଲରେ ରହିଥିବା ବେଳେ ସ୍ଥାନୀୟ ଗ୍ରାମବାସୀଙ୍କୁ ରାତି ହେଲେ ହାତୀ ଚିନ୍ତା ଲାଗିରହିଛି। ଏହି ହାତୀପଲ ଅମଳକ୍ଷମ ଧାନକୁ ଯେତିକି ଖାଉଛନ୍ତି ତାହାଠାରୁ ଅଧିକ ନଷ୍ଟ କରୁଥିବା ଦେଖାଯାଇଛି। ବାତ୍ୟା ପାଇଁ ଚାଷୀ ଧାନ କାଟିପାରୁନଥିବା ବେଳେ ହାତୀପଲ ଦ୍ୱାରା ହେଉଥିବା ଧାନଫସଲ ନଷ୍ଟ ଚାଷୀର ଚିନ୍ତା ବଢାଇଦେଇଛି। ବର୍ତ୍ତମାନ ଚମ୍ପୁଆ ରେଞ୍ଜ ରେଉଖୁଣ୍ଡା ସେକ୍ସନରେ ୩୧ଟି, ଚମ୍ପୁଆ ସେକ୍ସନରେ ୨୮ଟି, ବାମେବାରୀ ସେକ୍ସନରେ ୬ଟି ଓ ବାଲିବନ୍ଧ ସେକ୍ସନରେ ୭ଟି ହାତୀ ରହିଥିବା ବନବିଭାଗ ସୂଚନା ଦେଇଥିବା ବେଳେ ଫସଲ କ୍ଷତିଗ୍ରସ୍ତ ଚାଷୀମାନେ ଦରଖାସ୍ତ କଲେ ତଦନ୍ତ କରାଯାଇ ସରକାରଙ୍କ ନିୟମ ଅନୁସାରେ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ବନାଞ୍ଚଳ ଅଧିକାରୀ ଅକ୍ଷୟ ଛତ୍ରୀୟା ସୂଚନା ଦେଇଛନ୍ତି।

## ଜଗନ୍ନାଥ କଳା ସଂସ୍କୃତି ସଂକୀର୍ତ୍ତନ ସେବା ବିକାଶ ପକ୍ଷରୁ ବାର୍ଷିକ ଉତ୍ସବ



ତେଲକୋଇ,୨୭।୧୦(ସମିସ): ତେଲକୋଇ ବ୍ଲକ୍‌ର ମହାନ୍ତ ସମାଜ ଗୃହଠାରେ ରବିବାର ଶ୍ରୀ ଜଗନ୍ନାଥ କଳା ସଂସ୍କୃତି ସଂକୀର୍ତ୍ତନ ସେବା ନାହିଁ ପକ୍ଷରୁ ଦଶମ ବାର୍ଷିକ ରାଜ୍ୟସ୍ତରୀୟ ସାଂସ୍କୃତିକ ସଂକୀର୍ତ୍ତନ ମହୋତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ରାଜ୍ୟ ଉପସଭାପତି ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ରାଜ୍ୟ ସାଧାରଣ ସମ୍ପାଦକ ଶିବପ୍ରସାଦ ସ୍ୱାଇଁ, କେନ୍ଦୁଝର ଜିଲ୍ଲା ସଭାପତି ମିତ୍ରଭାନୁ ନାୟକ, ତେଲକୋଇ ବ୍ଲକ ସଭାପତି ରାହାସ ବିଶ୍ୱାଳ, ସୁକିନ୍ଦା ଅଞ୍ଚଳର ବରିଷ୍ଠ କଳାକାର କୁଳମଣି ବାବୁ, ନାରାୟଣ ମହାପାତ୍ର, ସାମ୍ବାଦିକ ଡମ୍ବୁରୁଧର ଖୁଣ୍ଟିଆ ଅନ୍ତର୍ଭୁକ୍ତ ରହିଥିଲେ। ତେବେ କଳାକୁ ସମ୍ମାନ ଦେଇ କଳା ପ୍ରତି ଗୁରୁତ୍ୱ ଦିଆଗଲେ ଅଞ୍ଚଳରେ ବିକାଶ ଘଟିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ମହୋତ୍ସବରେ ଜିଲ୍ଲାର ହରିଚନ୍ଦନପୁର ବ୍ଲକ, ବାଁଶପାଳ ଓ ତେଲକୋଇ ବ୍ଲକର ଶତାଧିକ ସଂଖ୍ୟାରେ କଳାକାର ଯୋଗଦେଇ ଉତ୍ସବକୁ ପାଳନ କରିଥିଲେ।

## ଅନ୍ତେବାସୀଙ୍କ ସୁରକ୍ଷା ଉପରେ ପ୍ରଧାନଶିକ୍ଷକଙ୍କୁ ତାଲିମ



କେନ୍ଦୁଝର,୨୭।୧୦(ସମିସ): ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ବିଦ୍ୟାଳୟର ଅନ୍ତେବାସୀଙ୍କ ସୁରକ୍ଷା ଏବଂ ନିରାପତ୍ତା ଉପରେ ପ୍ରଧାନଶିକ୍ଷକମାନଙ୍କ ତାଲିମ କାର୍ଯ୍ୟକ୍ରମ ଶୁଆକାଟୀ ବାଳକ ଉଚ୍ଚ ବିଦ୍ୟାଳୟରେ ଆରମ୍ଭ ହୋଇଛି। ଏହା ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବାବେଳେ ଛାତ୍ରାବାସ ଥିବା ପ୍ରତ୍ୟେକ ବିଦ୍ୟାଳୟର ପ୍ରଧାନଶିକ୍ଷକ/ ପ୍ରଧାନଶିକ୍ଷୟିତ୍ରୀ ଦୁଇଦିନ ଲେଖାଏଁ ତାଲିମ ଗ୍ରହଣ କରିବେ। ଏହିପରି ୪ଟି ପର୍ଯ୍ୟାୟରେ ୮ ଦିନ ପର୍ଯ୍ୟନ୍ତ ପ୍ରଶିକ୍ଷଣଟି ଚାଲୁ ରହିବ। ଜିଲ୍ଲା ମଙ୍ଗଳ ବିଭାଗ କାର୍ଯ୍ୟାଳୟର ସ୍ୱତନ୍ତ୍ର ଅଧିକାରୀ ସୁନାରାମ ସିଂ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଡେପୁଟି ଡାଇରେକ୍ଟର ପରୀକ୍ଷିତ ଦାଶ, ମାଷ୍ଟର ଟ୍ରେନର ଭାବେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ, ଝୁମ୍ପୁରା ମନୋରଞ୍ଜନ ନାୟକ, ସହକାରୀ ଶିକ୍ଷୟିତ୍ରୀ ସଞ୍ଜିତା କର ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମଟିକୁ ସଫଳ କରିବାରେ ମୁଖ୍ୟ ଯୋଗଦାନ ଦେଉଛନ୍ତି ପ୍ରଧାନଶିକ୍ଷକ ସୋମନାଥ ଆଇଚ ଓ ବିକାଶ ଶତପଥି ଏବଂ ରେଜିଷ୍ଟ୍ରେସନ କାର୍ଯ୍ୟରେ ସହଯୋଗ କରୁଛନ୍ତି ଶିକ୍ଷକ ଶକ୍ତିରଞ୍ଜନ ଜେନା ଓ ମୋତିଲାଲ ମହାନ୍ତ।

# ନୂଆବରିପାଳ ପାହାଡ଼ରୁ ରାତିଅଧିଆ ପଥର ଲୁଟ୍ ଅଭିଯୋଗ

ଆନନ୍ଦପୁର,୨୭।୧୦(ସମିସ)

ସଂରକ୍ଷିତ ଜଙ୍ଗଲରୁ ଚାଲିଛି ପଥର ଲୁଟ୍। କୌଣସି କାଗଜପତ୍ର ନଥାଇ ଖୋଲାମେଲାରେ ରାତିଅଧିଆ ଚାଲିଛି ପଥର ପରିବହନ ବୋଲି ଅଭିଯୋଗ ହେଉଛି। କେନ୍ଦୁଝର ଜିଲ୍ଲା ଘସିପୁରା ତହସିଲ ଅଧୀନ ନୂଆବରିପାଳ ହୁଡିରୁ ବଣ୍ୟପ୍ରାଣୀ ନିୟମକୁ ଫୁ' କରି ଯାଜପୁର ଜିଲ୍ଲାର ମାଫିଆମାନେ ପଥର ବିଭିନ୍ନ ସ୍ଥାନକୁ ଚାଲାଣ କରୁଛନ୍ତି। ଏଥିରେ ମାଫିଆଙ୍କ ସହିତ ସ୍ଥାନୀୟ ଛାମୁଆ ନେତା ସାମିଲ ରହିଥିବା ବେଳେ ପୁଲିସ୍ କିମ୍ବା ଖଣିବିଭାଗର ନୀରବତା ଯୋଗୁଁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ ଯେ ଆନନ୍ଦପୁର ବ୍ୟାରେଜ୍ ନିର୍ମାଣ ପରେ ବୈତରଣୀ ନଦୀର ସୁରକ୍ଷାପାଇଁ ଉଭୟ ପାର୍ଶ୍ୱରେ ପଥର ପ୍ୟାକିଂ କରାଯାଇଥିଲା। ବ୍ୟାରେଜ୍‌ଠାରୁ ବୈତରଣୀ ବ୍ରିଜ୍ ପର୍ଯ୍ୟନ୍ତ ପ୍ରାୟ ୩କିମି ପଥର ପ୍ୟାକିଂ କରାଯାଇଥିଲା। ଏଥିରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଥିଲେ। ଅଭିଯୋଗ ପାଇଁ ଗତ ୨୦୨୩ ଅକ୍ଟୋବର ୧୭ରେ ତତ୍‌କାଳୀନ କେନ୍ଦୁଝର ବିଧାୟକ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ବିଧାନସଭା ପବ୍ଲିକ୍ ଆକାଉଣ୍ଟସ୍ କମିଟି(ପିଏସି) ଏହାର ତଦନ୍ତ କରିଥିଲେ। ଆନନ୍ଦପୁର ବ୍ୟାରେଜରେ ଲାଗିଥିବା ପଥରରେ ହୋଇଥିବା ଅନିୟମିତତା ଜଣାପଡ଼ିଥିଲା। ଏହାଛଡ଼ା ପଥରପ୍ୟାକିଂରେ ଯାଜପୁର ଜିଲ୍ଲା ଚଢ଼େଇଧରା ଅଞ୍ଚଳରୁ ପଥର ଅଣାଯାଇ ଏହି କାର୍ଯ୍ୟରେ ଲଗାଯାଇଥିବା କାଗଜପତ୍ରରେ ଦର୍ଶାଯାଇଥିଲା ବେଳେ ଏହା ସ୍ଥାନୀୟ ଭୋଳନୁଆଗାଁ, ଓସ୍ତପୁରା, ବରିପାଳ ପାହାଡ଼ରୁ ଚୋରାରେ ଆଣି ଲଗାଯାଇଥିବା ମଧ୍ୟ ସ୍ଥାନୀୟ ଲୋକ କମିଟି ନିକଟରେ ଅଭିଯୋଗ କରିଥିଲେ। କମିଟିର ସଦସ୍ୟ ରହିଥିବା ବିଧାୟକ ନାଉରୀ ନାୟକ, ବିଧାୟକ ସୁକାନ୍ତ ନାୟକ ପ୍ରମୁଖ ଓସ୍ତପୁରା ଓ ଭୋଳନୁଆଗାଁ ପାହାଡ଼ ପରିଦର୍ଶନ ଯାଇଥିଲେ। ଏଠାରେ ପାହାଡ଼ରେ ବେଆଇନ୍ ବ୍ଲାଷ୍ଟିଂ କରାଯାଇ ମାତ୍ରାଧିକ ପଥର ଖନନ ହୋଇଥିବା ବେଳେ ଏହାକୁ




- ରାଜସ୍ୱ ହରାଉଛନ୍ତି ସରକାର
- ଖଣି ବିଭାଗ ନିରବଦ୍ରଷ୍ଟା

ଚୋରାରେ ବ୍ୟାରେଜ୍ ସୁରକ୍ଷା ବନ୍ଧ ନିର୍ମାଣରେ ଲଗାଯାଇଥିବା ନେଇ ସ୍ଥାନୀୟ ଲୋକମାନେ ଅଭିଯୋଗ କରିଥିଲେ। ରାଜସ୍ୱ ବିଭାଗ ଓ ବ୍ୟାରେଜ୍ ଡିଭିଜନରୁ ଏହାର ସମ୍ପୂର୍ଣ୍ଣ ବିବରଣୀ ଅଣାଯାଇ ଅନିୟମିତତା ହୋଇଥିଲେ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶ କରାଯିବ ବୋଲି କମିଟି ଅଧ୍ୟକ୍ଷ ବିଧାୟକ ଶ୍ରୀ ମାଝୀ ସେତେବେଳେ ଗଣମାଧ୍ୟମକୁ କହିଥିଲେ। ଅଦ୍ୟାବଧି ଏହାର କୌଣସି କାର୍ଯ୍ୟାନୁଷ୍ଠାନ ହୋଇନଥିବା ବେଳେ ପୁଣି ବରିପାଳ ପାହାଡ଼ରୁ ଗତ କିଛିଦିନ ହେଲା ପଥର ଲୁଟ୍ ଆରମ୍ଭ ହୋଇଛି। ପୂର୍ବରୁ ବେଆଇନ୍ ବ୍ଲାଷ୍ଟିଂକରି କୋଟିକୋଟି ଟଙ୍କା ମୂଲ୍ୟର ପଥର ଲୁଟ୍ ଘଟଣାରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବା ବେଳେ ପୁଣି ସଂରକ୍ଷିତ ଜଙ୍ଗଲ ମଧ୍ୟରୁ ବ୍ଲାଷ୍ଟିଂକରି ଯାଜପୁର ଜିଲ୍ଲାର ମାଫିଆ ପଥର ଚାଲାଣ କରୁଛନ୍ତି ବୋଲି ଅଭିଯୋଗ ହେଉଛି। ପଥର ବିଭିନ୍ନ ସ୍ଥାନକୁ ବେଆଇନ୍ ଭାବେ ଚାଲାଣ କରାଯାଉଥିବା ବେଳେ ଓସ୍ତପୁରା କ୍ରସରରେ ବିପୁଳ ପରିମାଣରେ ଗଚ୍ଛିତ ରଖାଯାଇଛି। ପଥର ଚାଲାଣ କରୁଥିବା ହାଇୱାଗୁଡିକ ନିକଟରେ କୌଣସି କାଗଜପତ୍ର ନଥିବା ବେଳେ କାହା ଛତ୍ରଛାୟା ତଳେ ଏଭଳି ଚୋରା କାରବାର ଚାଲିଛି ବୋଲି ପ୍ରଶ୍ନ ଉଠିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ସନ୍ଧ୍ୟାରୁ ରାତି ପର୍ଯ୍ୟନ୍ତ ଖୋଲାରେ ତଥା ବିପଦଜନକ ଅବସ୍ଥାରେ ପଥର ଚାଲାଣ ଚାଲିଛି। ରାସ୍ତାରେ ଅନେକ ସମୟରେ ପଥର ଖଣ୍ଡ ଖସୁଥିବାରୁ ସାଧାରଣ ଲୋକ ଓ ବାଇକ୍ ଆରୋହୀମାନଙ୍କ ପ୍ରତି ବିପଦ ସୃଷ୍ଟି କରିଛି। ଗତ ଗୁରୁବାର ସନ୍ଧ୍ୟାରେ ଦେଓଗାଁ ନିକଟରେ ହାଇୱାରୁ ଏକ ବଡ଼ ପଥର ଖସି ପଡିଥିବା ବେଳେ ଜଣେ ବାଇକ୍‌ଆରୋହୀ ଅଳ୍ପକେ ବର୍ତ୍ତି ଯାଇଥିଲେ ବୋଲି ସ୍ଥାନୀୟ ବାସିନ୍ଦା ତାପସ କୁମାର ବଳ କହିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଏହାଦ୍ୱାରା ବଣ୍ୟଜନ୍ତୁ, ସାଧାରଣ ଲୋକେ ପ୍ରଭାବିତ ହେବାସହ ବିପୁଳ ରାଜସ୍ୱହାନୀ ହେଉଛି। ବିଭାଗୀୟ କର୍ତ୍ତୃପକ୍ଷ ତଥା କେନ୍ଦୁଝର ଜିଲ୍ଲାପାଳ ଏହାର ତଦନ୍ତ କରି ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

## ମା'ତାରିଣୀଙ୍କ ଦର୍ଶନ କଲେ କଂଗ୍ରେସର ନବନିଯୁକ୍ତ ସଭାପତି



ଘଟଗାଁ,୨୭।୧୦(ସମିସ): ନୂତନ ସଭାପତି ଭାବେ ଦାୟିତ୍ୱ ନେଇଥିବା କେନ୍ଦୁଝର ଜିଲ୍ଲା କଂଗ୍ରେସ ସଭାପତି ମନୋଜ ଜେନା ମା' ତାରିଣୀଙ୍କୁ ଦର୍ଶନ କରିବାସହ ଆଶୀର୍ବାଦ ଭିକ୍ଷା କରିଛନ୍ତି। ପୂଜକ ପ୍ରଦୀପ କୁମାର ଦେହୁରୀ ପୂଜାର୍ଚ୍ଚନା କରିଥିଲେ। ତାଙ୍କ ସହ ଆନନ୍ଦପୁର ମୁନିସିପାଲିଟି କଂଗ୍ରେସ ସଭାପତି ହାଡିବନ୍ଧୁ ଖୁଣ୍ଟିଆ, କେନ୍ଦୁଝର ବରିଷ୍ଠ କଂଗ୍ରେସ ନେତା ଉତ୍ତମ କୁମାର ସାହୁ, ଲଳିତ ନାୟକ, ରତ୍ନାକର ଜେନା, ଦିନେଶ ରାଉତ, ଗୌରହରୀ ନାଏକ ପ୍ରମୁଖ ଆସିଥିଲେ। ଜିଲ୍ଲାର ଶୋଚନୀୟ ହୋଇପଡ଼ିଥିବା ରାସ୍ତାଘାଟ ଓ ବିଶୁଦ୍ଧ ପାନୀୟ ଜଳ ଉପରେ ଗୁରୁତ୍ୱଦେବା ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଥିଲେ। ସେହିପରି ଆନନ୍ଦପୁର ଅଞ୍ଚଳରେ ବୈତରଣୀ ବାଲି ଚାଲାଣ ରୋକିବା ଦିଗରେ ପଦକ୍ଷେପ ନେବା ଉପରେ ଗୁରୁତ୍ୱ ଦେବେ ବୋଲି ଗଣମାଧ୍ୟମକୁ ସୂଚନା ଦେଇଥିଲେ। ପୂର୍ବରୁ ଦଳୀୟ କର୍ମୀଙ୍କ ଶୋଭାଯାତ୍ରାରେ କଂଗ୍ରେସ ସଭାପତି ଶ୍ରୀ ଜେନା ସ୍ଥାନୀୟ ଡାକ ବଙ୍ଗଳାଠାରେ କଂଗ୍ରେସର ସଂଗଠନ ଉପରେ ଆଲୋଚନା କରିଥିଲେ। ପୂର୍ବତନ ସଭାପତି ନିରଞ୍ଜନ ପଟ୍ଟନାୟକ ଓ ଜୟଦେବ ଜେନାଙ୍କ ଉପଦେଶରେ କେନ୍ଦୁଝର ଜିଲ୍ଲା କଂଗ୍ରେସ ସଂଗଠନକୁ ସୁଦୃଢ଼ କରିବାକୁ ପ୍ରୟାସ ଜାରି ରହିବ ବୋଲି ମତବ୍ୟକ୍ତ କରିଥିଲେ। ଘଟଗାଁ ବ୍ଲକର ବରିଷ୍ଠ କଂଗ୍ରେସ ନେତା ରାମଚନ୍ଦ୍ର ମହାରଣାଙ୍କ ନେତୃତ୍ୱରେ ଦେବେନ୍ଦ୍ର ନାୟକ, ସେକ ଲୋକମାନ, ହୃଦୟ ରଞ୍ଜନ ସିଂହ, ଅଲ୍ଲୀ ଅହମଦ, ସୁରେନ୍ଦ୍ର ପଟ୍ଟନାୟକ, ମହେନ୍ଦ୍ର କୁମାର ପାତ୍ର, ସେକ ସିରାଜୁଦିନ, ବିଶ୍ୱନାଥ ବେଜ, ବିଜୟ ପଲେଇ, ଋଷିଭର ନାଏକ, ପ୍ରଫୁଲ୍ଲ ନାଏକ, ଭୀମସେନ ନାଏକ, ବସନ୍ତ ପଲେଇ, ଶ୍ରୀଧର ଖଣ୍ଡା, ଟଙ୍କଧର ମାଝୀ, ଦନା ମହାନ୍ତ, ଦୁର୍ଗାପ୍ରସାଦ ବେହେରା, ବିଭୁତି ସିଂହ, ସୁମନ ସିଂହ, ଜୀବନ ବାରିକ, ଡମ୍ବରୁ ପାତ୍ର, ସେକ ଇଲିୟାସ, ରାଧାକାନ୍ତ ବାରିକ, ଦିଲୀପ ନାଏକ ପ୍ରମୁଖ ତାଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ।

ସକାଳ THE SAKALA



## ବାଲେଶ୍ୱର ଜିଲ୍ଲାରେ ସଡ଼କ ସୁରକ୍ଷା ସପ୍ତାହ ପାଳନ ଭେଳିକି

# ଦୁଇ ବର୍ଷରେ ୫୭୮ ଦୁର୍ଘଟଣା; ଗଡ଼ିଛି ୩୧୫ ମୁଣ୍ଡ

ବାଲେଶ୍ୱର,୨୭ ।୧୦(ସମିସ)

ସଡକ ଦୁର୍ଘଟଣା ହ୍ରାସ ପାଇଁ ସରକାର ପ୍ରତ୍ୟେକ ବର୍ଷ ସଡକ ସୁରକ୍ଷା ସପ୍ତାହ ଓ ମାସ ପାଳନ କରୁଛନ୍ତି। ସଚେତନତା ଶୋଭାଯାତ୍ରା ଠାରୁ ଆରମ୍ଭ କରି ଚକ୍ଷୁ ପରୀକ୍ଷା କରିବା ସହ ଜିଲ୍ଲାର ୧୨ଟି ବ୍ଲକରେ ସଚେତନତା ରଥ ମଧ୍ୟ ବୁଲୁଛି। ଏଥିପାଇଁ ଲକ୍ଷ ଲକ୍ଷ ଟଙ୍କା ମଧ୍ୟ ଖର୍ଚ୍ଚ ହେଉଛି। ହେଲେ ଦୁର୍ଘଟଣା କମିବା ପରିବର୍ତ୍ତେ ବଢ଼ି ଚାଲିଛି। ଫଳରେ ଅକାଳରେ ମୂଲ୍ୟବାନ ଜୀବନ ଚାଲିଯାଉଛି। ଗୋଟିଏ ପଟେ ଜିଲ୍ଲାର୧୬ ନମ୍ବର ଜାତୀୟ ରାଜପଥ ସିମୁଳିଆଠାରୁ ନହରପାଟଣା ଏବଂ ଅନ୍ୟପଟେ ୬୦ନମ୍ବର ଜାତୀୟ ରାଜପଥ ନହରପାଟଣା ଠାରୁ ଜଳେଶ୍ୱର ପର୍ଯ୍ୟନ୍ତ ଅଧିକ ମାତ୍ରାରେ ସଡ଼କ ଦୁର୍ଘଟଣାମାନ ଘଟୁଛି। ଏହାରି ମଧ୍ୟରେ ଜିଲ୍ଲାରେ ଦୁଇ ବର୍ଷରେ ଗଡିଲାଣି ୩୧୫ଟି ମୁଣ୍ଡ। ଖରାପ ରାସ୍ତା ସାଙ୍ଗକୁ ବେପରୁଆ ଗାଡି ଚାଳନା, ଓଭର ଲୋଡିଂ ଓ ଦ୍ରୁତଗତିକୁ ନେଇ ଦୁର୍ଘଟଣା ଘଟୁଛି। ଫଳରେ ସଡ଼କ ସୁରକ୍ଷା ସପ୍ତାହ ପାଳନ ଏକ ଭେଳିକି ବୋଲି ଚର୍ଚ୍ଚା ହେଉଛି।

ପ୍ରତ୍ୟେକ ବର୍ଷ ଜାନୁଆରୀ ୧ରୁ ୩୧ତାରିଖ ପର୍ଯ୍ୟନ୍ତ ପାଳିତ ହୋଇଥାଏ ସଡକ ସୁରକ୍ଷା ମାସ। ଏଥିରେ ଲୋକମାନଙ୍କୁ ସଚେତନ କରାଇବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଥାଏ। ଜିଲ୍ଲା ପ୍ରଶାସନଠାରୁ ଆରମ୍ଭ କରି ଆଞ୍ଚଳିକ ପରିବହନ ବିଭାଗ ପର୍ଯ୍ୟନ୍ତ ସମସ୍ତେ ସଡକ ସୁରକ୍ଷାକୁ ନେଇ ସଚେତନତା କାର୍ଯ୍ୟକ୍ରମରେ ଲାଗି ପଡ଼ନ୍ତି। ହେଲେ ଦୁର୍ଘଟଣା ନ କମି ବରଂ ବୃଦ୍ଧି ପାଇବାରେ ଲାଗିଛି। ୨୦୨୪ ମସିହା ତୁଳନାରେ ୨୦୨୫ ମସିହାରେ ଦୁର୍ଘଟଣା ୭ପ୍ରତିଶତ ବୃଦ୍ଧି ପାଇଛି । ବାଲେଶ୍ୱର ଜିଲ୍ଲାରେ ୨୦୨୩ ଏବଂ ୨୦୨୪ମସିହାରେ ମୋଟ ୪୪୪ଜଣଙ୍କର ମୁଣ୍ଡ ଗଡିସାରିଛି। ଜାତୀୟ ରାଜପଥ କର୍ତ୍ତୃପକ୍ଷ ଦେଇଥିବା କିଛି ଠିକା ସଂସ୍ଥା ଦ୍ୱାରା ଭଦ୍ରକରୁ ବାଲେଶ୍ୱର ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ସଠିକ ସମୟରେ ଶେଷ ହେଉ ନାହିଁ। ଯାହାଫଳରେ ରାସ୍ତାରେ ବହୁତ ଡାଇଭରସନ ଦେଖିବାକୁ ମିଳୁଥିବା ବେଳେ ଦୁର୍ଘଟଣା ବୃଦ୍ଧି ପାଇବାରେ ଲାଗିଛି। ଜିଲ୍ଲା ପରିବହନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଜିଲ୍ଲାରେ୨୦୨୪ ଏବଂ ୨୦୨୫ମସିହାରେ ମୋଟ ୩୧୫ଜଣ ବ୍ୟକ୍ତିଙ୍କ ଦୁର୍ଘଟଣାରେ ମୃତ୍ୟୁ ହୋଇସାରିଲାଣି। ୨୦୨୪ମସିହାରେ ଜାନୁଆରୀ ମାସ ଠାରୁ ଅଗଷ୍ଟ ମାସ ପର୍ଯ୍ୟନ୍ତ ଜିଲ୍ଲାରେ ୨୭୯ଟି ଦୁର୍ଘଟଣା ହୋଇଥିଲା। ୨୦୨୫ମସିହାରେ ତାହା ବୃଦ୍ଧି ପାଇଁ ୨୯୯ରେ ପହଁଚିଛି। ଯାହାକି ଗତ ବର୍ଷ

- ୨୦୨୪ ତୁଳନାରେ ୨୦୨୫ରେ ୭ ପ୍ରତିଶତ ବଢ଼ିଛି ଦୁର୍ଘଟଣା
- ଦୀର୍ଘବର୍ଷ ଧରି ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ ନ ସରିବା ଦୁର୍ଘଟଣାର ମୂଳ କାରଣ

ତୁଳନାରେ ଚଳିତ ବର୍ଷ ୭ପ୍ରତିଶତ ଅଧିକ ଦୁର୍ଘଟଣା ଘଟିଛି। ସେହିପରି ୨୦୨୪ ମସିହାରେ ଜାନୁଆରୀ ଠାରୁ ଅଗଷ୍ଟ ମାସ ପର୍ଯ୍ୟନ୍ତ ୧୬୫ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨୦୨୫ମସିହାରେ ୧୫୦ଜଣଙ୍କର ମୃତ୍ୟୁ ଘଟିଛି। ଏହାଛଡା ୨୦୨୪ମସିହାରେ ୨୦୭ଜଣ ଆହତ ହୋଇଥିବା ବେଳେ ୨୦୨୫ମସୀହାରେ ୨୫୨ଜଣ ଆହତ ହୋଇଛନ୍ତି ବୋଲି ଆଂଚଳିକ ପରିବହନ ବିଭାଗ ପକ୍ଷରୁ କୁହାଯାଇଛି।

ଅନ୍ୟପଟେ ଜିଲ୍ଲାରେ ଜାତୀୟ ରାଜପଥରେ ମୋଟ ୧୪ଟି ବ୍ଲାକ ସ୍ପଟ ମଧ୍ୟ ରହିଛି। ଯେଉଁଠାରେ କି ଦୁର୍ଘଟଣା ଅଧିକମାତ୍ରାରେ ହୋଇଥାଏ। ଏ ନେଇ ସ୍ଥାନୀୟ ବାସିନ୍ଦା ଗିରିଜା ଶଙ୍କର ଦାସ କହିଛନ୍ତି ଯେ, ଜିଲ୍ଲା ପ୍ରଶାସନର ସଡ଼କ ସୁରକ୍ଷା ସଚେତନତା ଏକ ଭେଳିକି। ଯେତେ ଗାଡି ଚେକିଂ ହେଉ କିମ୍ବା ହେଲମେଟ ଚେକିଂ କରାଯାଇ ଫାଇନ ଆଦାୟ କରାଯାଉଛି ତାହାର କିଛି ଲାଭ ନାହିଁ। ଲୋକମାନେ ଯେବେ ସଚେତନ ହେବେ ଦୁର୍ଘଟଣା ଆପେ କମିବ। ଅନ୍ୟପଟେ ଜାତୀୟ ରାଜପଥ କାର୍ଯ୍ୟ ଦୀର୍ଘ ବର୍ଷ ଧରି ହେଉଥିବାରୁ ଏହା ଦୁର୍ଘଟଣାର ଅନ୍ୟ ଏକ ପ୍ରମୁଖ କାରଣ । ଏ ବାବଦରେ ଆଞ୍ଚଳିକ ପରିବହନ ଅଧିକାରୀ ଶ୍ୟାମଳେନ୍ଦୁ ରାଉତ କହିଛନ୍ତି ଯେ ପ୍ରତିବର୍ଷ ଦୁର୍ଘଟଣାକୁ କମାଇବା ପାଇଁ ସଡ଼କ ସୁରକ୍ଷା ସପ୍ତାହ ଅଥବା ମାସ ପାଳନ କରାଯାଉଛି। ଏପରିକି ଲୋକମାନଙ୍କୁ ସଚେତନ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟ କରାଯାଉଛି। ଏହା ସତ୍ତ୍ୱେ ଲୋକେ ସଚେତନ ହେଉ ନାହାନ୍ତି। ଯାହାଫଳରେ ଲୋକେ ଅଧିକ ସ୍ପିଡରେ ଗାଡି ଚଳାଇବା, ଆବଶ୍ୟକ ଠାରୁ ଅଧିକ ମାତ୍ରାରେ ମାଲ ବୋଝେଇ କରି ନେବା ଭଳି ଦେଖିବାକୁ ମିଳୁଛି। ଏପରିକି ଆଲୋକର ଅଭାବ ହେଉ କିମ୍ବା ରାସ୍ତା ଖରାପ ହେଉ ଏନେଇ ବିଶେଷ ଭବେ ଦୁର୍ଘଟଣାମାନ ଘଟୁଛି। ଅନ୍ୟପଟେ ଭଦ୍ରକ ଠାରୁ ବାଲେଶ୍ୱର ପର୍ଯ୍ୟନ୍ତ ଜାତୀୟ ରାଜପଥ ମରାମତି କରିବା ଦିଗରେ ବହୁବାର ବୈଠକ ହୋଇ ଆଲୋଚନା ହୋଇଛି ହେଲେ ମରାମତି କାର୍ଯ୍ୟ ସରିପାରୁ ନ ଥିବାରୁ ଦୁର୍ଘଟଣାର ଏହା ଅନ୍ୟ ଏକ କାରଣ ହୋଇପାରେ।

## ବାଲେଶ୍ୱର ଲାୟନ୍ସ କ୍ଲବ ପକ୍ଷରୁ 'ଦିୱାଳି ମିଳନ' କାର୍ଯ୍ୟକ୍ରମ



ବାଲେଶ୍ୱର,୨୭।୧୦(ସମିସ): ଲାୟନସ କ୍ଲବ ପକ୍ଷରୁ ଦିୱାଲୀ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଲାୟନସ କ୍ଲବ ଚକ୍ଷୁ ଚିକିତ୍ସାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ କ୍ଲବର ସଭାପତି ଶିବୁ ପୋଦାର ଉଦଘାଟନ କରିଥିଲେ। କ୍ଲବର ପୂର୍ବତନ ସଭାପତି ସଞ୍ଜୟ ଦାସ ଏହି ଭଳି ଉତ୍ସବ ଆୟୋଜନର ଆବଶ୍ୟକତା ଓ ଉପାଦେୟତା ସମ୍ପର୍କରେ ସୂଚନା ଦେଇଥିଲେ। ସମ୍ପାଦକ ବିଷ୍ଣୁ ମାରୁ ଓ କୋଷାଧକ୍ଷ ଶ୍ୟାମସୁନ୍ଦର ଖଣ୍ଡେଲୱାଲ ଉପସ୍ଥିତ ରହି କ୍ଲବର ସମସ୍ତ ସଦସ୍ୟ, ସେମାନଙ୍କ ପରିବାର ବର୍ଗ, ଚକ୍ଷୁ ଚିକିତ୍ସାଳୟର କର୍ମଚାରୀ ଓ ସେମାନଙ୍କ ପରିବାରବର୍ଗଙ୍କୁ ଶୁଭେଚ୍ଛା ଜଣାଇଥିଲେ। ପରେ ରଙ୍ଗାରଙ୍ଗ ସଙ୍ଗୀତମୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କ୍ଲବର ଦିୱାଲୀ ମିଳନ କାର୍ଯ୍ୟକ୍ରମ ଆୟୋଜନ କମିଟି ଅଧକ୍ଷ ଯୁଗଳ କିଶୋର ରାଠୀଙ୍କ ପ୍ରତ୍ୟକ୍ଷତତ୍ୱାବଧାନରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ରାଜ କୁମାର ଖଣ୍ଡେଲୱାଲ, କମାଲ ମୋଦି, ତୁଷାର ଦୋଷୀ, ରାଜେନ୍ଦ୍ର ମହାୱର, ନନ୍ଦକିଶୋର ଖଣ୍ଡେଲୱାଲ, ଚନ୍ଦ୍ର ପ୍ରକାଶ ଭରତିଆ, କମଲ ଭଟ୍ଟର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବ୍ୟାଡ୍‌ମିଣ୍ଟନ ଆସୋସିଏସନ ପକ୍ଷରୁ ସିଜିନ୍-୨ ନିଲାମୀ ପ୍ରକ୍ରିୟା

ବାଲେଶ୍ୱର,୨୭ ।୧୦(ସମିସ): ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନ ପକ୍ଷରୁ ଆରମ୍ଭ ହୋଇଛି ସିଜିନ-୨ପାଇଁ ନିଲାମୀ ପ୍ରକ୍ରିୟା। ସ୍ଥାନୀୟ ଉଦ୍ୟୋଗ ଭବନ ପରିସରରେ ଏହା ଅନୁଷ୍ଠିତ ହୋଇଥିଲା। ଏଥିରେ ୮ଟି ଟିମ ନିଲାମ ପ୍ରକ୍ରିୟାରେ ଭାଗ ନେଇଥିଲେ। ଏଥିରେ ୧୫୦ଜଣ ଖେଳାଳୀ ନାମ ପଞ୍ଜୀକରଣ କରିଥିଲେ। ଗୋଟିଏ ଟିମରେ ୧୫ଜଣ ଲେଖାଏଁ ଖେଳାଳିଙ୍କୁ ମାଲିକମାନେ ନିଲାମରେ ନେଇଥିଲେ। ଉକ୍ତ ୮ଟି ଟିମ୍ ହେଉଛି ଗୋଲଡେନ ସଟଲର, ଏଫଜେଡ ଚାମ୍ପ, ରେଲେକ୍ସ, ୱଙ୍ଗ ସ୍ମାସର୍ସ, ରୟାଲ ଚେଲେଞ୍ଜର ବାଲେଶ୍ୱର, ଶାହା ଡିଫେଣ୍ଡର ଏବଂ ଫ୍ୟୁଚର ପାଇକର। ସଭାପତି ଚିନ୍ମୟ ବିଶ୍ୱାଳ, ସମ୍ପାଦକ ମନୋରଞ୍ଜନ ପଣ୍ଡା, ଜିଲ୍ଲା କ୍ରୀଡା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ସହ ଆସୋସିଏସନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଗଛ କାଟି ଅସ୍ଥାୟୀ ସେଡ୍ ନିର୍ମାଣ ଅଭିଯୋଗ



ବାଲେଶ୍ୱର,୨୭ ।୧୦(ସମିସ): ରେମୁଣା ବ୍ଲକ ଅର୍ନ୍ତଗତ ଭୀମପୁର ଗ୍ରାମପଞ୍ଚାୟତ ଅଧୀନ ଭୀମପୁରା ମୌଜାର ଖାତା ନମ୍ବର ୮୨ରେ ମା'ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ଲଗାଯାଇଥିବା ଗଛକୁ ଏବଂ ତା ସଂଲଗ୍ନ ବାଡକୁ କାଟି କିଛି ଅସାମାଜିକ ବ୍ୟକ୍ତି ଜୋରଜବରଦସ୍ତ ଏକ ଅସ୍ଥାୟୀ ସେଡ କରି ଏହାକୁ ଦଖଲ କରିବାକୁ ଚେଷ୍ଟା କରୁଛନ୍ତି। ଏ ନେଇ ଆଜି ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁସାରେ, ଗତ ୧୭ତାରିଖରେ ଭୀମପୁରା ମୌଜାରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ରେମୁଣା ବିଧାୟକଙ୍କ ସମେତ ବହୁ ସରକାରୀ ଅଧିକାରୀ, ଭୀମପୁରା ସରପଞ୍ଚ, ୱାର୍ଡମେମ୍ବର,ମିଶନଶକ୍ତିର ମା'ମାନେ, ଆଶାଦିଦି, ଅଙ୍ଗନବାଡି କର୍ମୀ, ଶିକ୍ଷକ ଶିକ୍ଷୟତ୍ରୀଙ୍କ ସହ ଗ୍ରାମବାସୀ ଉପସ୍ଥିତ ସେଠାରେ ୨ଶହରୁ ୨୫୦ଫଳ, ଔଷଧୀୟ ବୃକ୍ଷ ଆଦି ରୋପଣ କରାଯିବା ପରେ ଏହାର ସୁରକ୍ଷା ପାଇଁ ଚାରିପାଖରେ ବାଡ ଦ୍ୱାରା ଆବଦ୍ଧ କରାଯାଇଥିଲା। ଏହାର ରକ୍ଷଣାବେକ୍ଷଣା ଦାୟିତ୍ୱ ପଂଚାୟତ ଦ୍ୱାରା କରାଯାଉଥିଲା। ଗତ ୨୩ତାରିଖରେ ଭୀମପୁରା ଗ୍ରାମର କିଛି ଅସାମାଜିକ ଲୋକଙ୍କ ପ୍ରରୋଚନାରେ ୧୦ରୁ୧୫ଜଣ ଲୋକେ ରାତିରେ ବୃକ୍ଷରୋପଣ ହୋଇଥିବା ବାଡକୁ ଭାଙ୍ଗି ଆବଦ୍ଧ ସୀମାରେ ପଶି ଏକ ଅସ୍ଥାୟୀ ସେଡ ନିର୍ମାଣ କରିଛନ୍ତି ଯାହାଦ୍ୱାରା ଗଛ ଗୁଡିକ ନଷ୍ଟ ହେବାର ସମ୍ଭାବନା ରହିଛି। ଏଣୁ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଗ୍ରାମପଂଚାୟତର ମହାସଂଘ ପକ୍ଷରୁ ଦାବି କରାଯାଇଛି। ଏ ନେଇ ମହିଳାମାନେ ଆଜି ଉପଜିଲ୍ଲାପାଳ ଶିବ ମାଲ୍ୟବଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହି ସମୟରେ ଭୀମପୁରା ସରପଞ୍ଚ ରୀତାଞ୍ଜଳି ପଲେଇଙ୍କ ସମେତ ମହାସଂଘର ଅଞ୍ଜନା ବେହେରା, ଗୀତାଞ୍ଜଳି ମହାନ୍ତି, ଅଞ୍ଜଳି ଦାସ, ପ୍ରତିଭା ପଣ୍ଡା, ଜଲି ଜେନା, ବାସନ୍ତି ଦାସ, ମମତା ପାତ୍ର, ମାଳତୀ ମହାନ୍ତି, ନିର୍ମଳା ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମାତୃ କର୍ମଶାଳା

ବାଲେଶ୍ୱର,୨୭ ।୧୦(ସମିସ): ରେମୁଣାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ମାତୃ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କର୍ମଶାଳାରେ ୬୦ଜଣ ମା' ଉପସ୍ଥିତ ଥିଲେ। ମୁଖ୍ୟଅତିଥି ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ମୁକ୍ତିଲତା ଆଇଚ ମା'ମାନଙ୍କର ଶିଶୁଙ୍କ ପ୍ରତି ଭୂମିକା ସମ୍ପର୍କରେ ମତ ରଖିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ର କୁମାର ବାରିକ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟବକ୍ତା ପ୍ରଶାନ୍ତ ପ୍ରଧାନ ଶିଶୁ ଶିକ୍ଷାର ସ୍ୱରୂପ ଓ ପାଠ୍ୟକ୍ରମ ସମ୍ପର୍କରେ ମା'ମାନଙ୍କୁ ମାର୍ଗଦର୍ଶନ କରିଥିଲେ। ବିଦ୍ୟାଳୟର ପରିଚାଳନା ସମିତିର ସମ୍ପାଦକ ପ୍ରମୋଦ ଦାସ ଶିଶୁବାଟିକାର ଉନ୍ନତି ପାଇଁ ଆଲୋଚନା କରିଥିଲେ। ଶେଷରେ ଶିଶୁବାଟିକା ପ୍ରମୁଖ ରଞ୍ଜିତା ଦାଶ ଧନ୍ୟବାଦ ଦେଇଥିଲେ।

## ଛଟ୍‌ପୂଜା ପାଇଁ ବୁଢ଼ାବଳଙ୍ଗ ନଦୀତୁଠ ଚଳଚଞ୍ଚଳ



ବାଲେଶ୍ୱର,୨୭ ।୧୦(ସମିସ):ଗୋଟିଏ ଜାତିର କଳା,ସଂସ୍କୃତି ଓ ରମ୍ପରା ସହ ଲୋକଙ୍କ ସାମାଜିକ ଚଳଣି ଓ ଇତିହାସକୁ ପ୍ରସ୍ଫୁଟିତ କରିଥାଏ ଲୋକପର୍ବ। ଦେଶର ବିଭିନ୍ନ ପ୍ରାନ୍ତରେ ପାଳିତ ହେଉଥିବା ପର୍ବ ପର୍ବାଣୀ ସେ ଅଞ୍ଚଳର ମହତ୍ତ୍ୱକୁ ବଢାଇଥାଏ। ତେବେ କାର୍ତ୍ତିକ ମାସ ଶୁକ୍ଳ ପକ୍ଷ ଚତୁର୍ଥୀ ତିଥି ଆରମ୍ଭରୁ ହେଉଥିବା ଚାରିଦିନିଆ ଛଟ ପର୍ବର ଗୁରୁତ୍ୱ ବିହାରୀ ତଥା ଭୋଜପୁରୀ ଭାଷାଭାଷୀ ଅଞ୍ଚଳବାସୀଙ୍କ ଢେର ଅଧିକ। ଚାରି ଦିନ ଧରି ପାଳିତ ହେଉଥିବା ଏହି ଉତ୍ସବରେ ଷଷ୍ଠୀ ତିଥିରେ ଅସ୍ତଗାମୀ ସୂର୍ଯ୍ୟ ତଥା ସପ୍ତମୀ ସକାଳେ ଉଦିତ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ ପାଇଁ ବାଲେଶ୍ୱର ସହରର ବୁଢାବଳଙ୍ଗ ନଦୀତୁଠ ବାଲିଘାଟ ହୋଇଉଠିଥିଲା ବେଶ ଚଳଚଞ୍ଚଳ। ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ ନିମିତ ନଦୀତୁଠରେ ବିହାରୀ ସମ୍ପ୍ରଦାୟର ପରିବାରବର୍ଗ ଏକତ୍ରିତ ହୋଇଥିଲେ ଛଟ ମାତାଙ୍କ ପୂଜା କରିବାକୁ। ପ୍ରକୃତି ଓ ବିଶ୍ୱାସର ଏକ ମହାନ ପର୍ବ ଭାବେ ବିବେଚିତ ହୁଏ ଛଟମାତାଙ୍କ ପୂଜା। ଏହି ପୂଜା ମାଧ୍ୟମରେ ବ୍ରତୀ ନିଜ ପରିବାର ପାଇଁ ସୁଖ, ସମୃଦ୍ଧି, ଧନ ସମ୍ପଦ ଯଶ, ଖ୍ୟାତି ଏବଂ ସମ୍ମାନ ପ୍ରାପ୍ତି ପାଇଁ ମାଙ୍କ ଠାରୁ ଆଶୀର୍ବାଦ କାମନା କରନ୍ତି। ବ୍ରତ ପାଳନର ଶେଷ ପର୍ଯ୍ୟାୟରେ ମହିଳାମାନେ ୩୬ଘଂଟା ଧରି ନିର୍ଜଳା ଉପବାସ ରହିବାର ବିଧି ଥିବା ବେଳେ ପରିବାରର ପୁରୁଷମାନେ ଏଥିରେ ସେମାନଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରନ୍ତି। ଦେଶର ଅନ୍ୟ ଅଞ୍ଚଳ ଭଳି ବାଲେଶ୍ୱର ସହରର ବାଲିଘାଟ ଠାରେ ଦୁଇ ଦିନ ବ୍ୟାପୀ ବିହାରୀ ସମ୍ପ୍ରଦାୟର ଲୋକଙ୍କ ସମାଗମ ହୋଇଥିଲା। ଚଳିତ ବର୍ଷ ଜିଲ୍ଲା ପ୍ରଶାସନ ପକ୍ଷରୁ ବାଲିଘାଟର ସଫେଇ ସହ ଅନ୍ୟାନ୍ୟ ସୁବିଧା ପାଇଁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ବାଲିଘାଟ ବ୍ୟତିତ ସହରର ନୂଆସାହିସ୍ଥିତ କୁକୁଡ଼ାଦା, ଶାଳବଣି ସମେତ ବିଭିନ୍ନ ସ୍ଥାନରେ ପାଳିତ ହୋଇଛି ଛଟପର୍ବ।

## ମାର୍କେଟ କମ୍ପ୍ଲେକ୍ସ କାମ କରି ବିଲ୍ ପାଇଲେନି ଗ୍ରାମବାସୀ

ରାଜଘାଟ, ୨୭।୧୦ (ସମିସ): ବସ୍ତା ବ୍ଲକ୍ ତାଡ଼ଦା ପଞ୍ଚାୟତ ଅନ୍ତର୍ଗତ ତାଡ଼ଦା ଗ୍ରାମରେ ନିର୍ମାଣଧୀନ ମାର୍କେଟ କମ୍ପ୍ଲେକ୍ସର ପ୍ରଥମ ପର୍ଯ୍ୟାୟ କାମ ୬ ମାସ ପୂର୍ବେ ସରିଥିଲେ ହେଁ ବ୍ଲକ୍ ପ୍ରଶାସନ ବିଲ୍ ପ୍ରଦାନ କରିବାରେ ଅହେତୁକ ବିଳମ୍ବ କରୁଥିବାରୁ ପନ୍ଦର ଦିନ ମଧ୍ୟରେ ପ୍ରାପ୍ୟ ନ ମିଳିଲେ ବ୍ଲକ୍ ଅଫିସ୍ ଘେରାଉ କରିବେ ବୋଲି ଗ୍ରାମବାସୀ ସୋମବାର ବିଡିଓଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ପଞ୍ଚାୟତର ତାଡ଼ଡା ଗ୍ରାମରେ ଏକ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ନିମନ୍ତେ ୨୦୨୧/୨୨ ମସିହାରେ ଦଶଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ପରେ ତହସିଲଦାରଙ୍କ ଜରିଆରେ ସ୍ଥାନ ନିରୂପଣ କରାଯିବା ସହ ବିଭାଗୀୟ ଜେଇ ଏବଂ ଏଇ ସ୍ଥାନ ନିରୂପଣ କରାଇ ଉକ୍ତ ପ୍ରକଳ୍ପଟିକୁ କାମ କରିବା ନିମନ୍ତେ ଅନୁମତି ପ୍ରଦାନ କରିଥିଲେ। ଏହାପରେ ଗ୍ରାମବାସୀ କାର୍ଯ୍ୟଟିକୁ ଆରମ୍ଭ କରିଥିଲେ। ପ୍ରକଳ୍ପଟିର କିଛି ମାତ୍ର କାମ କରି ସାରିଲା ପରେ ଏଇ ହଠାତ ଗ୍ରାମବାସୀଙ୍କୁ କାମ କରିବା ପାଇଁ ମନାକଲେ। ଫଳରେ ଉକ୍ତଦିନଠାରୁ କାମ ସ୍ଥଗିତ ରହିଥିଲା। ସରପଞ୍ଚ ପ୍ରଭାତ କୁମାର ଦାସ, ଏଇ ବିକ୍ରମ ଜେନା ଓ ଜେଇ ଯତୀନ୍ଦ୍ର ସିଂଙ୍କ ନିର୍ଦ୍ଦେଶରେ ଉକ୍ତ କାର୍ଯ୍ୟଟିକୁ ଗ୍ରାମବାସୀ ଦାୟିତ୍ୱ ନେଇ କରିଥଲେ। ଫଳରେ ପ୍ରକଳ୍ପଟିର ପ୍ରଥମ ପର୍ଯ୍ୟାୟ ବିଲ ପାଇବା ପାଇଁ ଗ୍ରାମବାସୀ ବାରମ୍ବାର ବ୍ଲକକୁ ଧାଇଁଥିଲେ। ମାତ୍ର ଇତି ମଧ୍ୟରେ ୬ମାସ ପୂରିଯାଇଥିଲେ ହେଁ ଗ୍ରାମବାସୀ କୌଣସି ବିଲ୍ ପତ୍ର ପାଇ ନ ଥିଲେ। ବାରମ୍ବାର କହିବା ପରେ ମଧ୍ୟ ବିଭାଗୀୟ ଅଧିକାରୀ ଆଜି କାଲି କହି ସମୟ ଗଡ଼ାଇ ଚାଲିଥିଲେ। ଏଣୁ ଆସନ୍ତା ପନ୍ଦର ଦିନ ମଧ୍ୟରେ ହୋଇଥିବା କାର୍ଯ୍ୟର ବିଲ (ପ୍ରାପ୍ୟ) ଏବଂ କାମ କରିବା ନିମନ୍ତେ ଅନୁମତି ପ୍ରଦାନ କରାନଯାଏ ତେବେ ଗ୍ରାମବାସୀଙ୍କ ସମେର ସମେତ ସରପଞ୍ଚ ଶ୍ରୀ ଦାସ, ସମିତି ସଭ୍ୟା ରୀତାରାଣୀ ଦଣ୍ଡପାଟ ଏବଂ ୱାର୍ଡ ମେମ୍ବର ମାନେ ବ୍ଲକ ଅଫିସ ଆଗରେ ଆମରଣ ଅନଶନ ଧାରଣାରେ ବସିବେ ବୋଲି ସୋମବାର ଏକ ଦାବିପତ୍ର ମାଧ୍ୟମରେ ବସ୍ତା ବିଡ଼ିଓଙ୍କୁ ଜଣାଇଛନ୍ତି। ଏ ନେଇ ବିଡ଼ିଓ ମିହିର ରଞ୍ଜନ ବେହେରାଙ୍କୁ ପଚାରିବାରୁ ନିର୍ମାଣ ହେଉଥିବା ସ୍ଥାନଟି ଗୋଚର ଜମି ହୋଇଥିବାରୁ ବିଲ ହୋଇପାରୁନି କହିଥିବାବେଳେ ତହସିଲରୁ ଅନୁମତି ପତ୍ର ମିଳିଲେ ବିଲ୍ ମିଳିବ ବୋଲି କହିଥିଲେ।

**୧୫ ଦିନରେ ପ୍ରାପ୍ୟ ନ ମିଳିଲେ ବ୍ଲକ୍ ଅଫିସ୍ ଘେରଉ ଚେତାବନୀ**

- ବହୁଚର୍ଚ୍ଚିତ କିରାସିନ ଢ଼ାଳି ଦୁଇଭାଇ ଆତ୍ମହତ୍ୟା ମାମଲା

## ତତ୍କାଳୀନ ଟାଉନଥାନା ଅଧିକାରୀ ନିର୍ଦ୍ଦୋଷରେ ଖଲାସ

ବାଲେଶ୍ୱର,୨୭ ।୧୦(ସମିସ): ୨୦୧୨ ମସିହାରେ ବାଲେଶ୍ୱର ଟାଉନଥାନା ମଚ୍ଛୁଆସାହିର ଦୁଇ ଭାଇ କିରାସିନ ଢ଼ାଳି ନିଆଁ ଲଗାଇ ଆତ୍ମହତ୍ୟା କରିଥିଲେ। ଏହି ଘଟଣାରେ ପରିବାର ଲୋକେ ତତ୍କାଳୀନ ଟାଉନଥାନା ଅଧିକାରୀ ତାରିକ ଅହମ୍ମଦଙ୍କ ନାମରେ ମାମଲା ରୁଜୁ କରିଥିଲେ। ଏହି ମାମଲା କୋର୍ଟରେ ବିଚାରଧୀନ ରହିଥିଲା। ଘଟଣାର୧୩ବର୍ଷପରେ ଆଜି ଏହି ମାମଲାର ରାୟ ପ୍ରକାଶ ପାଇଛି। ଏହି ମାମଲାକୁ ପ୍ରଥମ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ଡ. ମହମ୍ମଦ ଇରିସାଦ୍ଦୁନ ନବୀ ବିଚାର କରି ଯଥେଷ୍ଟ ସାକ୍ଷ୍ୟ ପ୍ରମାଣ ଅଭାବରୁ ଆଜି ତାରିକ ଅହମ୍ମଦଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଏକ ଅର୍ଥ ଲଗାଣକାରୀ ସଂସ୍ଥା ମିମି ଇଣ୍ଡିଆରେ ହୋଇଥିବା ଅର୍ଥ ହେରଫେର ମାମଲାରେ ତତ୍କାଳୀନ ଟାଉନଥାନା ଅଧିକାରୀ ତାରିକ ଅହମ୍ମଦ ୨୦୧୨ ନଭେମ୍ବର ୨୪ରେ ମଚ୍ଛୁଆସାହିରେ ରହୁଥିବା ଦୁଇ ଭାଇ ଏସକେ ସବିର ଓ ଏସକେ ସାଦ୍ଦିକ (ଯିଏ କି ମୃତ)ଙ୍କୁ ଗିରଫ କରିବା ପାଇଁ ରାତିରେ ଯାଇଥିଲେ। ସେମାନେ ଭୟରେ ସେମାନେ କିରୋସିନ ଢ଼ାଳି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଗୁରୁତର ଅବସ୍ଥାରେ ଉଭୟଙ୍କୁ ମେଡିକାଲ ନିଆଯାଇଥିଲେ ସୁଦ୍ଧା ସେମାନଙ୍କର ମୃତ୍ୟୁ ହୋଇଯାଇଥିଲା।

## ୧୦କେଜି ଗଞ୍ଜେଇ ଜବତ, ଜଣେ ଗିରଫ



ବାଲେଶ୍ୱର,୨୭ ।୧୦(ସମିସ): ଆଜି ସହରର ରେଲୱେ ଷ୍ଟେସନ ଛକ ରାସ୍ତାରେ ଏକ ଦୋକାନ ସମ୍ମୁଖରେ ଜଣେ ବ୍ୟକ୍ତି ଗଞ୍ଜେଇ ଚୋରା ଚାଲାଣ କରୁଥିବା ବେଳେ ଜିଲ୍ଲା ମୋବାଇଲ ଅବକାରୀ ବିଭାଗ ତାକୁ ମାଡିବସିଛି। ତାଠାରୁ ୧୦କେଜି ଗଞ୍ଜେଇ ଜବତ କରାଯିବା ସହ ଗିରଫ ମଧ୍ୟ କରାଯାଇଛି। ଗିରଫ ଅଭିଯୁକ୍ତ ମୁର୍ଶିଦାବାଦ ଅଞ୍ଚଳର ରବିକୁଲ ସେକ(୨୯)। ଜବତ ଗଞ୍ଜେଇର ମୂଲ୍ୟ ଏକ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। ରବିକୁଲ ଅନୁଗୁଳ ଜିଲ୍ଲାରୁ ଗଞ୍ଜେଇ ଆଣି ମୁର୍ଶିଦାବାଦ ନେଉଥିଲା ।

## ବାତ୍ୟା 'ମୋନ୍ଥା' ଆଶଙ୍କାରେ ଚାଷୀକୁଳ



ଜଳେଶ୍ୱର,୨୭।୧୦(ସମିସ): ଚଳିତବର୍ଷ ଅନୁକୂଳ ପାଗରେ ଉତ୍ତର ବାଲେଶ୍ୱର ଅଞ୍ଚଳରେ ଭରପୁର ଧାନ ଫସଲ ହୋଇଛି। ୧୦/୧୫ ଦିନ ଭିତରେ ସୁନାର ଫସଲ ଅମଳ ହେବାକୁ ଥିବା ବେଳେ ବାତ୍ୟା 'ମନ୍ଥା' ଚିନ୍ତାରେ ଚାଷୀକୁଳ ଆଶା ଆଶଙ୍କାରେ ରହିଛନ୍ତି। ଜଳେଶ୍ୱର ବ୍ଲକ କୃଷିକ୍ଷେତ୍ରର ୨୨ହଜାର ୨୦୦ଶହ ହେକ୍ଟର ଧାନ ଚାଷ ହୋଇଥିବା ବେଳେ ସମ୍ଭାବିତ ବାତ୍ୟା ପ୍ରଭାବରେ ଫଳିଥିବା ଧାନ ଫସଲ ଖଳାକୁ ଆସିବ କି ନାହିଁ ସନ୍ଦେହ ସୃଷ୍ଟି ହୋଇଛି। ପାଣି ପାଗ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ, ଅତିରୁ ଅତି ପ୍ରବଳ ବର୍ଷା ଓ କୋହଲା ପାଗ ସହିତ ଆକାଶ ମେଘାଚ୍ଛନ୍ନ ରହିବ ବୋଲି ଅନୁମାନ କରାଯାଉଛି। ଫଳରେ କେତେକ ଧାନ ଫୁଲ, ସୂର୍ଯ୍ୟ କିରଣ ବିନା ଆହାର ନଖାଇ ଧାନ ଅଗାଡ଼ି ହେବାର ଆଶଙ୍କା ଦେଖା ଦେଇଛି। ଧାନ ଗଛ ଜମିରେ ଶୋଇଯିବା ଫଳରେ ଧସା, ପଚା ରୋଗ ଇତ୍ୟାଦି ଲାଗି ବ୍ୟାପକ ଧାନ ଫସଲ ନଷ୍ଟ ହେବ ବୋଲି ଚାଷୀ ମାନେ କହିଛନ୍ତି। ୧୫ ଶହ ୧୦ ହେକ୍ଟର ପନି ପରିବା ଚାଷ ହୋଇଥିବା ବେଳେ ତାହା ମଧ୍ୟ କ୍ଷତିଗ୍ରସ୍ତ ହେବାର ଆଶଙ୍କା କରାଯାଉଛି। ଚଳିତବର୍ଷ ସୁବର୍ଣ୍ଣରେଖା ନଦୀରେ ଲଗାତାର ୬ଥର ବନ୍ୟା ଯୋଗୁଁ କୃଷକ ମାନେ ବ୍ୟାପକ କ୍ଷତି ସହିଥିଲେ। ବଜାରରେ ପନି ପରିବାର ଚଢ଼ା ଦର ରହିଥିବାବେଳେ ନୂଆ ଲଗା ଯାଇଥିବା ପରିବା ଚାରା ନଷ୍ଟ ହେଲେ ପରିସ୍ଥିତି ଜଟିଳ ହେବ ବୋଲି ପରିବା ଚାଷୀ ଓ ଖାଉଟି ଆଶଙ୍କା କରିଛନ୍ତି। ନିକଟରେ ଗର୍ଭଣା ସଂକ୍ରାନ୍ତିରେ ନିରୋଗ ଓ ଅଧିକ ଫସଲ ଅମଳ ଆଶାରେ ପୂଜାର୍ଚ୍ଚନା କରିଥିବା ବେଳେ ବାତ୍ୟା 'ମୋନ୍ଥା' ପ୍ରଭାବ ନେଇ ଚାଷୀକୁଳ ପ୍ରକୃତି ଦେବତାଙ୍କୁ ପ୍ରାର୍ଥନା କରୁଛନ୍ତି।

# ବାଲେଶ୍ୱର ଜିଲ୍ଲାରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଆରମ୍ଭ








ବାଲେଶ୍ୱର,୨୭।୧୦(ସମିସ)

ଜିଲ୍ଲାରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅବସରରେ ଜିଲ୍ଲାର ବିଭିନ୍ନ କାର୍ଯ୍ୟାଳୟ, ଶିକ୍ଷା ସଂସ୍ଥା ଓ ସଂଗଠନ ମାନଙ୍କ ରେ ସାଧୁତାର ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦୁର୍ନୀତି ନିବାରଣ ଆମ ସାମୁହିକ ଦାୟିତ୍ୱ, ସତ୍ୟନିଷ୍ଠା, ପାରଦର୍ଶିତା ଓ ଦାୟିତ୍ୱଶୀଳତା ପ୍ରତି ଜନଜାଗରଣ ସୃଷ୍ଟି କରାଯାଇଛି। ଜିଲ୍ଲାପାଳଙ୍କ ଅଡିଟୋରିୟମରେ ସାଧୁତାର ସତ୍ୟପାଠ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକଙ୍କ ଅଧ୍ୟକ୍ଷତାରେ ଗ୍ରହଣ କରାଯାଇଛି। ସେହିପରି ଭିଜିଲାନ୍ସ ଏସପିଙ୍କ କାର୍ଯ୍ୟାଳୟରେ ଏସ୍‌ପି ଅରୁଣ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଶପଥ ପାଠ ସହ ଜିଲ୍ଲାସ୍ତରରେ ସତର୍କତା ସପ୍ତାହର ଆରମ୍ଭ ହୋଇଛି। ସପ୍ତାହ ଭରି ବିଭିନ୍ନ ଜନଜାଗରଣ, ସାଂସ୍କୃତିକ ଓ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ ହେବ। 'ପାଲା' ଓ 'ଦାସ କାଠିଆ' ଭଳି କାର୍ଯ୍ୟକ୍ରମ ମାଧ୍ୟମରେ ସତ୍ୟନିଷ୍ଠା ଓ ଭଲ ଶାସନର ବାର୍ତ୍ତା ଲୋକମାନଙ୍କ ମଧ୍ୟରେ ପ୍ରସାରିତ ହେବ। ଆରକ୍ଷୀ ଅଧିକ୍ଷକ, ଦୁର୍ନୀତି ନିବାରଣଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୨୮ ତାରିଖରେ ରେମୁଣା ଗୋଲାଇରୁ କଲେକ୍ଟରେଟ ପର୍ଯ୍ୟନ୍ତ ମାରାଥନ ଦୌଡ ଓ ୨୯ ଅକ୍ଟୋବରରେ ୱାକାଥନ ରାଲି ଆୟୋଜିତ ହେବ। ୨୮ରୁ ୩୦ ଅକ୍ଟୋବର ଏବଂ ୧ ନଭେମ୍ବର ତାରିଖରେ ଭିଜିଲାନ୍ସ ଏସ୍‌ପିଙ୍କ ନିର୍ଦ୍ଦେଶରେ ବିଭିନ୍ନ ସ୍ଥାନରେ ଗ୍ରାମ ସଭା ଆୟୋଜିତ ହେବ, ଯାହାର ମାଧ୍ୟମରେ ସତର୍କତା ଓ ଦୁର୍ନୀତି ମୁକ୍ତ ଶାସନ ବିଷୟରେ ସଚେତନତା କରାଯିବ।

**ଫକୀରମୋହନ ବିଶ୍ୱବିଦ୍ୟାଳୟ :** ରାଷ୍ଟ୍ରବ୍ୟାପୀ ଭାବେ ଅକ୍ଟୋବର ୨୮ରୁ ନଭେମ୍ବର ୨ ପର୍ଯ୍ୟନ୍ତ ପାଳିତ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅବସରରେ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଆଜି ସାମୂହିକ ଶପଥପାଠ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଦୁର୍ନୀତି ନିବାରଣ ଓ ପାରଦର୍ଶିତା ପ୍ରତି ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଅଧ୍ୟାପକ, ଅଧ୍ୟାପିକା ଓ ଅଣଶିକ୍ଷକ କର୍ମଚାରୀମାନେ ସକ୍ରିୟ ଭାବେ ଯୋଗଦାନ କରିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ପ୍ରେରଣାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୁଳସଚିବ କୁକୁମୀନା ଦାସ, ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରାଙ୍କ ସହିତ ବିଭିନ୍ନ ବିଭାଗର ଅଧ୍ୟାପକ-ଅଧ୍ୟାପିକାବୃନ୍ଦ ଓ କର୍ମଚାରୀ ଉପସ୍ଥିତ ଥିଲେ। ଚଳିତ ବର୍ଷର ବିଷୟବସ୍ତୁ ଦୁର୍ନୀତି ନିବାରଣ : ଆମ ସାମୂହିକ ଦାୟିତ୍ୱର ମନ୍ତ୍ରକୁ ହୃଦୟଙ୍ଗମ କରି ସମସ୍ତେ ଏକ ସ୍ୱଚ୍ଛ, ସୁସ୍ଥ ଓ ଦୁର୍ନୀତିମୁକ୍ତ ସମାଜ ଗଠନ ପାଇଁ ନିଜ ଦାୟିତ୍ୱ ପାଳନ କରିବାର ସଂକଳ୍ପ ନେଇଥିଲେ।

**ଟିପିଏନ୍‌ଓଡିଏଲ୍ :** ଟିପିଏନଓଡିଏଲ୍ ପକ୍ଷରୁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଛି। ବାଲେଶ୍ୱରସ୍ଥିତ ଟିପିଏନଓଡିଏଲର କର୍ପୋରେଟ କାର୍ଯ୍ୟାଳୟରେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ କର୍ମଚାରୀମାନେ କାର୍ଯ୍ୟ କ୍ଷେତ୍ରରେ ନୈତିକତାକୁ ଆପଣାଇବା ସହ ଲାଞ୍ଚକୁ ପ୍ରତ୍ୟାଖ୍ୟାନ କରିବା, ସ୍ୱଚ୍ଛ ତଥା ଉତ୍ତରଦାୟୀ ପ୍ରଶାସନିକ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ଦିଗରେ କାର୍ଯ୍ୟ କରିବାକୁ ପ୍ରତିଜ୍ଞା ନେଇଛନ୍ତି। କର୍ମଚାରୀମାନେ ଦୁର୍ନୀତିମୁକ୍ତ ଭବିଷ୍ୟତ ଗଠନ ପ୍ରତି ସେମାନଙ୍କର ପ୍ରତିବଦ୍ଧତା ଦେଖାଇଛନ୍ତି। ସେହିଭଳି ଟିପିଏନଓଡିଏଲର ବିଭିନ୍ନ ସର୍କଲରେ ଏହି ଦୁର୍ନୀତି ନିବାରଣ ସପ୍ତାହକୁ ପାଳନ କରାଯାଇଥିବା ବେଳେ ଦୁର୍ନୀତିର ମୂଳୋତ୍ପାଟନ ପ୍ରତି ବିଶେଷ ଧ୍ୟାନ ଦିଆଯାଇଛି। ଏହି କାର୍ଯ୍ୟକ୍ରମ ଅଧୀନରେ ଦୁର୍ନୀତି ନିବାରଣ ବାର୍ତ୍ତାକୁ ପ୍ଲା-କାଡର୍, ବ୍ୟାନର ଓ ଡିଜିଟାଲ ବାର୍ତ୍ତା ମାଧ୍ୟମରେ ଉପଭୋକ୍ତାଙ୍କ ନିକଟରେ ପହଞ୍ଚାଇବାକୁ ଉଦ୍ୟମ କରାଯିବାର ଯୋଜନା ମଧ୍ୟ ରହିଛି। କାର୍ଯ୍ୟକ୍ରମରେ ଟିପିଏନଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗଜାନନ କାଲେ ତୃଣମୂଳ ସ୍ତରରୁ ଦୁର୍ନୀତିର ମୂଳୋତ୍ପାଟନ ପାଇଁ ସମସ୍ତ କର୍ମଚାରୀଙ୍କୁ ପରାମର୍ଶ ଦେବା ସହ ଉପଭୋକ୍ତାମାନଙ୍କୁ ମଧ୍ୟ ଏଥି ପ୍ରତି ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ଭିଜିଲାନ୍ସ ଏବଂ ଚୁକ୍ତି ଓ ସାମଗ୍ରୀ ପରିଚାଳନା ପ୍ରମୁଖ ହରିଶ ଶର୍ମା ସଭା ପରିଚାଳନା କରିଥିବାବେଳେ ଏହି କାର୍ଯ୍ୟକ୍ରମରେ ଟିପିଏନଓଡିଏଲର ସମସ୍ତ ଅଧିକାରୀ ଯୋଗଦେଇ ନୀତି ଓ ନୈତିକତାର ଶପଥ ନେଇଥିଲେ।

## ବନ୍ଧବାହାଲରେ ଛଟ୍ ପୂଜା

# ବିହାରୀ ସଂପ୍ରଦାୟ ସହ ଓଡ଼ିଆ ଶ୍ରଦ୍ଧାଳୁ ସାମିଲ୍

ଇବଥର୍ମାଲ,୨୭।୧୦(ସମିସ)



ଝାରସୁଗୁଡ଼ା ଜିଲ୍ଲା କୋଇଲା ନଗରୀ ଭାବେ ପରିଚିତ ବନ୍ଧବାହାଲ ଠାରେ ଛଟପୂଜା ଧୁମଧାମରେ ପାଳିତ ହୋଇଯାଇଛି। ଗତ ୨୫ ଠାରୁ ଆରମ୍ଭ ହୋଇଥିବା ୪ ଦିନ ବ୍ୟାପି ଏହି ପୂଜାରେ ବନ୍ଧବାହାଲ, ଇବଥର୍ମାଲ, ସିଡବ୍ଲ୍ୟୁଏସ୍ କଲୋନୀ ତଥା ଅନ୍ୟାନ୍ୟ ଅଞ୍ଚଳର ବସବାସ କରୁଥିବା ହଜାର ହଜାର ବିହାରୀ ପରିବାର ନିଷ୍ଠାର ସହ ସାମିଲ ହୋଇଥିଲେ। ସୋମବାର ବନ୍ଧବାହାଲ ସ୍ଥିତ ଛଟ୍ ପୋଖରୀରେ ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ତଥା ବ୍ରତଧାରୀ ପୋଖରୀରେ ପହଞ୍ଚି ଅସ୍ତମିତ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଲଖନପୁର କୋଇଲା କ୍ଷେତ୍ର ମହାପ୍ରବନ୍ଧକ ଅୱଦ ପାଣ୍ଡେ, ସଙ୍ଗମ ମହିଳା ମଣ୍ଡଳ ଅଧ୍ୟକ୍ଷା ରେଣୁ ପାଣ୍ଡେ ଘାଟକୁ ଆସି ପୂଜାର୍ଚ୍ଚନା କରିଥିଲେ। ଏଥିରେ ସିଡବ୍ଲ୍ୟୁଏସ୍ ଜିଏମ୍ ସମିର, ସିପିଓ ଲଖନପୁର ଜେଭି ଶ୍ରୀନିବାସ, ଏଟିଓ ଏସ୍‌କେ ସିଂହ, ଜିଏମ୍ ଏକସାଭେସନ ଏସ୍‌କେ ବର୍ମା, ଏଟିଏମ୍ ଏସ୍ ପ୍ରଦୀପ, ଏରିଆ ସୁରକ୍ଷା ଅଧିକାରୀ ନିରଞ୍ଜନ ପଟେଲ ପ୍ରମୁଖ ସାମିଲ ହୋଇଥିଲେ। ଅତିଥି ଭାବେ ରାଜ୍ୟ ବିଜେପି ଯୁବମୋର୍ଚ୍ଚା ଉପ ସଭାପତି ବିଶ୍ୱଜିତ ଷଡଙ୍ଗୀ ଯୋଗ ଦେଇଥିଲେ। ଛଟପୂଜା କମିଟି ସଦସ୍ୟ ସଞ୍ଜୀବ ସିଂହ, ରମେଶ ସିଂହ, ସୁରେଶ ସିଂହ, ସନ୍ତୁ ତ୍ରୀପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଛଟ୍ ବ୍ରତରେ ବିଶେଷ କରି ଛଟିମାତାଙ୍କୁ ପୂଜା କରାଯାଏ। ଏହାସହ ରୋଗ ଶୋକରୁ ମୁକ୍ତି ସକାଶେ ସୂର୍ଯ୍ୟଦେବଙ୍କ ବଡ଼ ନିଷ୍ଠାର ସହ ଉପାସନା କରାଯାଏ। ଚଳିତ ଥର ଓଡ଼ିଆ ବ୍ରତଧାରୀ ମଧ୍ୟ ଛଟ୍ ପୂଜାରେ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା। ମଙ୍ଗଳବାର ଉଦିତ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଓ ପୂଜାର୍ଚ୍ଚନା ପରେ ବ୍ରତ ସମ୍ପନ୍ନ ହେବ ବୋଲି କମିଟି ମୁଖ୍ୟ ସଞ୍ଜୀବ ସିଂହଙ୍କ ଠାରୁ ପ୍ରକାଶ।

## ବେଲପାହାଡ଼ରେ ଛଟ୍ ପୂଜା

ଝାରସୁଗୁଡ଼ା: ଝାରସୁଗୁଡ଼ା ଜିଲ୍ଲା ବେଲପାହାଡରେ ରୀତିନୀତିରେ ଛଟ୍ ପୂଜା ପାଳନ କରାଯାଉଛି। ଛଟି ମାତାଙ୍କୁ ପୂଜା କରି ସୂର୍ଯ୍ୟ ଦେବତାଙ୍କୁ ଅର୍ଘ୍ୟ ପ୍ରଦାନ ପାଇଁ ବେଲପାହାଡ, ସମଡା, ଗୁମାଡେରା, ମାଲିପଡା, ଜୁନାଡିହି ପୋଖରୀ ତୁଠରେ ଶହଶହ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା। ପୂଜାସାମଗ୍ରୀ ଧରି ବ୍ରତଧାରୀମାନେ ପୋଖରୀ ତୁଠକୁ ପହଞ୍ଚି ନିଷ୍ଠାରେ ପୂଜାର୍ଚ୍ଚନା କରିବା ପରେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରିଛନ୍ତି। ଏହାସହ ମାଲିପଡାରେ ଛଟପୂଜା ପାଇଁ ଗତକାଲି କଳସ ଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ଆଜି ସକାଳୁ ସୂର୍ଯ୍ୟ ଦେବତାଙ୍କ ପୂଜା ଆରମ୍ଭ ହୋଇଛି। ଆସନ୍ତାକାଲି ସକାଳେ ସୂର୍ଯ୍ୟ ଦେବତାଙ୍କୁ ଅର୍ଘ୍ୟ ପ୍ରଦାନ ପରେ ଛଟ ପୂଜା ସମାପନ ହେବ। ଛଟ୍ ପୂଜା କମିଟି ଦ୍ୱାରା ସମସ୍ତ ଘାଟରେ ପୂଜା ପାଇଁ ବ୍ୟବସ୍ଥା କରାଯାଇଥିଲା।



## ଜିଲ୍ଲାପାଳଙ୍କ ଯୁଗ୍ମଅଭିଯୋଗ ଶୁଣାଣି

ଦେବଗଡ଼,୨୭।୧୦(ସମିସ): ରିଆମାଳ ବ୍ଲକ୍ ବୁଢ଼ାପାଳ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷଠାରେ ସୋମବାର ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲାପାଳ କବିନ୍ଦ୍ର ସାହୁ ୬୩ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ମଧ୍ୟରେ ୩୭ଟି ବ୍ୟକ୍ତିଗତ ଏବଂ ୨୬ଟି ସାମୂହିକ ଅଭିଯୋଗ ହୋଇଥିବା ଜଣାପଡିଛି। କଂକ୍ରିଟ ରାସ୍ତା ନିର୍ମାଣ, ପାନୀୟ ଜଳ, ଜମିର ପଟ୍ଟା ସଂଶୋଧନ, ଭିନ୍ନକ୍ଷମ ଭତ୍ତା, ହାତୀ ଦ୍ୱାରା ଫସଲ ନଷ୍ଟ ହୋଇଥିବା କ୍ଷୟକ୍ଷତି ଓ ଷ୍ଟ୍ରିଟ ଲାଇଟ ସମସ୍ୟା ପ୍ରମୁଖ ସମାଧାନ ପାଇଁ ଅଭିଯୋଗ ହୋଇଥିଲା। ଶିବିରରେ ଅନ୍ୟ ମାନଙ୍କ ମଧ୍ୟରେ ଆରକ୍ଷୀ ଅଧିକ୍ଷକ ଅନିଲ ମିଶ୍ର, ବନଖଣ୍ଡ ଅଧିକାରୀ ରଶ୍ମି ଜୀ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ, ଉପଜିଲ୍ଲାପାଳ ପରକ୍ଷିତ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଦିତ୍ୟ ପଣ୍ଡା, ଡେପୁଟି କଲେକ୍ଟର ଅଞ୍ଜୁନି କୁଜୁର, ସହକାରୀ ଜିଲ୍ଲାପାଳ ହେମନ୍ତ ସିଂ ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

ଝାରସୁଗୁଡ଼ା: କୋଲାବିରା ବ୍ଲକ୍ ମୁଖ୍ୟାଳୟରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଆରକ୍ଷୀ ଅଧିକ୍ଷକ ଗୁଣ୍ଡାଲା ରାଘବେନ୍ଦ୍ର ରେଡ୍ଡୀ, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୂର୍ଯ୍ୟାଓଶୁରୁତ୍, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେଶ ମୋହନ ପଣ୍ଡା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ତହସିଲଦାରଙ୍କ ସମେତ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଶିବିରରେ ମୋଟ ୩୩ଟି ଅଭିଯୋଗ ଆଗତ ହୋଇଥିବା ବେଳେ ତନ୍ମଧ୍ୟରୁ ୧୦ଟି ସାମୂହିକ ଓ ୨୩ଟି ବ୍ୟକ୍ତିଗତ। ଶିବିରରେ ସୋଢ଼ାମାଲ ପାକ୍ସ ଅଫିସ ଓ ଗୋଦାମ ଗୃହ ନିର୍ମାଣରେ ଅହେତୁକ ବିଳମ୍ବ, ରମାଗୁଡା ଜଙ୍ଗଲ ମଝିରେ କୋଇଲାଗୁଣ୍ଡ ଦ୍ୱାରା ହେଉଥିବା ପ୍ରଦୂଷଣ, କୁଲିହାମାଲ ଗାଁ ପଞ୍ଚାୟତର ପାର୍କ ଠାରେ ଥିବା ଟ୍ରାନ୍ସଫର୍ମର ମରାମତି, ଡୁଙ୍ଗୁରିପଡାରେ ଅଙ୍ଗନବାଡି କେନ୍ଦ୍ର ପ୍ରତିଷ୍ଠା, କେଲେଣ୍ଡାମାଲ ଛକ ଓ ଗୁଡି ଗାଁ ଛକରେ ଲଗାଯାଇଥିବା ହାଇମାକ୍ସ ଲାଇଟ କାର୍ଯ୍ୟକ୍ଷମ କରାଯିବା ଓ ଜେ. ପଣକିମାଲ ହରିଜନପଡାରେ ନୂତନ ନଳକୂପ ସ୍ଥାପନ ସମ୍ପର୍କିତ ବିଭିନ୍ନ ସାମୂହିକ ଅଭିଯୋଗ ସମ୍ପର୍କରେ ଶୁଣାଣି କରାଯାଇଥିଲା। ସମ୍ପୃକ୍ତ ଅଧିକାରୀମାନଙ୍କୁ ତର୍ଜମା ପୂର୍ବକ ଅଭିଯୋଗ ସମାଧାନ ଦିଗରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି।

## ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ

# ପ୍ରଥମ ପର୍ଯ୍ୟାୟରେ ପରୀକ୍ଷା ଦେଲେ ୧୩୮୧୫ ଶିକ୍ଷାର୍ଥୀ





ଦେବଗଡ଼,୨୭।୧୦(ସମିସ): ନିରକ୍ଷରଙ୍କୁ ସାକ୍ଷର କରାଯିବା ନିମନ୍ତେ ଶିକ୍ଷା ବିଭାଗ ଆନୁକୂଲ୍ୟରେ 'ଉଲ୍ଲାସ' କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି କ୍ରମରେ ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ ଅଧୀନ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ପରୀକ୍ଷା ଜିଲ୍ଲାର ୩ଟି ବ୍ଲକ୍‌ରେ ପ୍ରାୟ ୬୦୦ ପରୀକ୍ଷା କେନ୍ଦ୍ରରେ ଅନୁଷ୍ଠିତ ହୋଇଛି। ଜିଲ୍ଲା ଶିକ୍ଷା ବିଭାଗର ପୂର୍ବ ପ୍ରସ୍ତୁତି ଅନୁଯାୟୀ ଜିଲ୍ଲା ସ୍ତରରେ ଓ ବ୍ଲକ୍ ସ୍ତରରେ ଗୋଷ୍ଠୀ ଶିକ୍ଷା ଅଧିକାରୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ସିଆରସିସି ନୋଡାଲ ପ୍ରଧାନଶିକ୍ଷକ, ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ନେଇ କର୍ମଶାଳା ମାନ ଆୟୋଜିତ ହୋଇଥିଲା। ଏହାପରେ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଘର ଘର ବୁଲି ନିରକ୍ଷର ଶିକ୍ଷାର୍ଥୀ ମାନଙ୍କୁ ଚିହ୍ନଟ କରି ଥିଲେ। ଚଳିତ ଶିକ୍ଷା ବର୍ଷରେ ଦେବଗଡ଼ ଜିଲ୍ଲାର ୩୦,୦୦୦ ନିରକ୍ଷରଙ୍କୁ ସାକ୍ଷର କରିବା ନିମନ୍ତେ ଜିଲ୍ଲା ଶିକ୍ଷା ବିଭାଗକୁ ଲକ୍ଷ୍ୟ ଦିଆ ଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ଦେବଗଡ଼ ଜିଲ୍ଲାରୁ ୧୭,୭୫୦ ଶିକ୍ଷାର୍ଥୀଙ୍କୁ ପଞ୍ଜୀକରଣ କରାଯାଇଥିବା ବେଳେ ୧୩,୮୧୫ ଶିକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ପରବର୍ତ୍ତୀ ଦ୍ୱିତୀୟ ପର୍ଯ୍ୟାୟରେ ୧୭,୦୦୦ ଶିକ୍ଷାର୍ଥୀ ଚିହ୍ନଟ ପରେ ପଞ୍ଜୀକରଣ କରା ଯାଇ ମାର୍ଚ୍ଚ ମାସରେ ପରୀକ୍ଷା କରାଯିବାର ଲକ୍ଷ୍ୟ ରଖାଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁର, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶକୁନ୍ତଳା ଟେଟେ, ଜିଲ୍ଲା ବିଜ୍ଞାନ ନିରୀକ୍ଷିକା ତଥା ସଂଯୋଜିକା ଇପ୍ସିତା ପଟ୍ଟନାୟକ, ରିଆମାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ କାଲୋ, ତିଳେଇବଣି ଗୋଷ୍ଠୀ ଶିକ୍ଷା ଅଧିକାରୀ ସିକରେନ୍ଦ୍ର ଛତ୍ରିଆ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ ସାହୁ, ବନିତା ବେହେରା, କ୍ଷୀରୋଦ ପ୍ରଧାନ, ବିଜୟ ପ୍ରଧାନ, ମହେଶ୍ୱର ବେହେରାଙ୍କ ସମେତ ଜିଲ୍ଲାର ସମସ୍ତ ସିଆରସିସି ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ।

ଝାରସୁଗୁଡ଼ା: ଝାରସୁଗୁଡ଼ା ଜିଲ୍ଲାରେ ନବଭାରତ ସାକ୍ଷରତା ଅଭିଯାନ 'ଉଲ୍ଲାସ' ଅଧୀନ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ମୂଲ୍ୟ ନିର୍ଦ୍ଧାରଣ ପରୀକ୍ଷଣ ଜିଲ୍ଲା ଶିକ୍ଷା ଅଧିକାରୀ ଡ.ରାଧାକାନ୍ତ ଗଡତିଆଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ଅଧୀନ ସମସ୍ତ ସରକାରୀ ବିଦ୍ୟାଳୟ ମାନଙ୍କରେ ସମାପ୍ତ ହେଇଯାଇଛି। ଏହି ପରିକ୍ଷାରେ ୧୮ ବର୍ଷରୁ ଉଦ୍ଧ୍ୱର୍ ବୟସର ୩୩୯୧ ମହିଳା ଏବଂ ୮୦୦୬ ଜଣ ପୁରୁଷ ମିଶି ସର୍ବମୋଟ ୧୧,୩୯୭ ଜଣ ଶିକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ। ଏଡିଇଓ ରବୀନ୍ଦ୍ର ମାଝୀ ତଥା ୫ଟି ବ୍ଲକ୍‌ର ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଏବଂ ସମସ୍ତ ସିଆର୍‌ସିସି ଅଂଶଗ୍ରହଣ କରିଥିଲେ।

## ରିଆମାଳରୁ ଅପହୃତା ଛାତ୍ରୀ ତାମିଲନାଡୁରୁ ଉଦ୍ଧାର

ଦେବଗଡ଼,୨୭।୧୦(ସମିସ): ରିଆମାଳ ଥାନାଞ୍ଚଳରୁ ଗତ ୧୩ ତାରିଖ ଜଣେ ନବମ ଶ୍ରେଣୀ ଛାତ୍ରୀ ସ୍କୁଲକୁ ଯିବାପରେ ନିଖୋଜ ହୋଇଥିଲେ। ସନ୍ଧ୍ୟା ସୁଦ୍ଧା ଛାତ୍ରୀ ଜଣକ ନ ଫେରିବାରୁ ପରିବାର ଲୋକେ ଏଣେତେଣେ ଖୋଜାଖୋଜି କରି ମଧ ଝିଅର କୌଣସି ସନ୍ଧାନ ନ ପାଇ ରିଆମାଳ ପୁଲିସର ଦ୍ୱାରସ୍ଥ ହୋଇଥିଲେ। ତେବେ ନାବାଳିକାଙ୍କୁ ପୁରୁମୁଣ୍ଡା ଗାଁର ଜ୍ଞାନୀ ଦେହୁରୀ ଅପହରଣ କରିଥିବା ପରିବାର ଲୋକେ ପୁଲିସ ନିକଟରେ ସନ୍ଦେହ ପ୍ରକାଶ କରି ଅଭିଯୋଗ କରିଥିଲେ। ପୁଲିସ ବିଭିନ୍ନ ଦଫାରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଜ୍ଞାନୀ ଉକ୍ତ ନାବାଳିକାଙ୍କୁ ଅପହରଣ କରିଥିବା ଜାଣିବା ପରେ ଫୋନ ଟ୍ରାକିଂ କରି ଜ୍ଞାନୀ ତାମିଲନାଡୁରେ ଥିବା ଜାଣା ପଡ଼ିଥିଲା। ଏହାପରେ ପୁଲିସ ସେଠାକୁ ଯାଇ ଅପହୃତା ନାବାଳିକାଙ୍କୁ ଉଦ୍ଧାର କରିଥିଲା। ଆଜି ଅପହୃତା ନାବାଳିକାଙ୍କୁ ପରିବାରକୁ ପୁଲିସ ହସ୍ତାନ୍ତର କରିଛି। ଅପହରଣକାରୀକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଚି। ଅଦାଲତରେ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତକୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଜଣା ପଡିଛି।

## ମୁଣ୍ଡରେ ପଇଡ଼ ପଡି ଯୁବକ ମୃତ

ଦେବଗଡ଼,୨୭।୧୦(ସମିସ): ବାରକୋଟ ଥାନା ଅଧୀନ ଜମ୍ମୁନାଳି ଗାଁରେ ଜଣେ ଯୁବକ ପଡ଼ିଶା ଘର ନଡ଼ିଆ ଗଛରୁ ପଇଡ଼ ତୋଳିବା ସମୟରେ ତୋଳାଳୀ ମୁଣ୍ଡରେ ପଇଡ଼ ପଡ଼ିବାରୁ ତାର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଜମ୍ମୁନାଳି ଗାଁର ଅଭି କିଷାନ (୪୦) ପଡ଼ିଶା ଘର ନଡ଼ିଆ ଗଛରୁ ପଇଡ଼ ତୋଳିବା ପାଇଁ ନଡ଼ିଆ ଗଛ ତଳେ ଥିବା ଏକ କୋଳି ଗଛର ଡାଳରେ ଚଢ଼ିଥିଲେ। ଲୁହା ଅଙ୍କୁସୀ ଦ୍ୱାରା ନଡ଼ିଆ ଗଛରୁ ପଇଡ଼ ଛିଣ୍ଡାଇବା ବେଳେ ପଇଡ଼ଟି ଅଭିର ମୁଣ୍ଡରେ ପଡ଼ିଥିଲା। ଫଳରେ ଅଭି ଚଢ଼ିଥିବା ଗଛରୁ ତଳକୁ ଖସି ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ବାରକୋଟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଅଭିଙ୍କୁ ମୃତ ଘୋଷଣା କରିଥିଲେ। ସୂଚନା ପାଇ ବାରକୋଟ ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

## ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ ବାର୍ଷିକ ସମୀକ୍ଷା ବୈଠକ

ଝାରସୁଗୁଡ଼ା,୨୭।୧୦(ସମିସ): ଝାରସୁଗୁଡ଼ା ବନଖଣ୍ଡ ସ୍ତରୀୟ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ ବାର୍ଷିକ ୨୦୨୪-୨୫ର ସମୀକ୍ଷା ବୈଠକ ଝାରସୁଗୁଡ଼ା ସ୍ଥିତ ମେ'ଫେୟାର ଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ସମ୍ବଲପୁର ଟି.ଅଶୋକ, ଜିଲ୍ଲାପାଳ କୁନାଲ ମୋତିରାମ ଚହ୍ୱାଣ, ଝାରସୁଗୁଡ଼ା ବନଖଣ୍ଡ ଅଧିକାରୀ ମନୁ ଅଶୋକ ଭଟ୍ଟ ସମ୍ମାନୀୟ ଅତିଥି ଭାବେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବନଖଣ୍ଡ ଅଧିକାରୀ ମନୁ ଅଶୋକ ଭଟ ସଭାପତିତ୍ୱ କରିଥିଲେ। ବିଡିଓ ଲଇକେରା, କିର୍ମିରା ଓ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଝାରସୁଗୁଡ଼ା ବନଖଣ୍ଡ ଏସିଏଫ ଲଳିତ ନାଏକ, କୋଳାବିରା, ବାଗଡିହି, ବେଲପାହାଡ, ଝାରସୁଗୁଡ଼ା, ବ୍ରଜରାଜନଗରର ବନାଞ୍ଚଳ ଅଧିକାରୀ, ସହଯୋଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଦର୍ଶର ସମ୍ପାଦକ ପ୍ରଦୀପ ବେହେରା, ବିଭିନ୍ନ ବିଭାଗର ଅଧିକାରୀ ତଥା ସ୍ୱେଚ୍ଛାସେବୀ ଅନୁଷ୍ଠାନ, ପ୍ରକଳ୍ପର କର୍ମକର୍ତ୍ତା, ବନ ସୁରକ୍ଷା ସମିତିର ସଭ୍ୟସଭ୍ୟା ମାନେ ଅଂଶଗ୍ରହଣ କରିଥିଲେ। ଶ୍ରେଷ୍ଠ ବିବେଚିତ ହୋଇଥିବା ବନ ସୁରକ୍ଷା ସମିତି ମାନଙ୍କୁ ପୁରସ୍କୃତ କରାଯାଇଥିଲା। କୁନି କଳାକାର ଶ୍ରୀଯାଦିତା ଦାଶଙ୍କ ଶ୍ରୀମଦ ଭଗବତ ଗୀତା ପାଠ ମନମୁଗ୍ଧକର ଥିଲା। ସୁଶୀଲ ପାତ୍ର ଏବଂ ରାଘବ ରଞ୍ଜନ ଦାଶ ସଭାକୁ ପରିଚାଳନା କରିଥିଲେ।

## ବିପୁଳ ମଦ ଜବତ, ୪ ଗିରଫ

ଝାରସୁଗୁଡ଼ା,୨୭।୧୦(ସମିସ): ଝାରସୁଗୁଡ଼ା ଜିଲ୍ଲା ରେଙ୍ଗାଲି ଅଞ୍ଚଳରୁ ଏକ ମଦ ଚାଲାଣକାରୀ ଗ୍ୟାଙ୍ଗକୁ ରେଙ୍ଗାଲି ପୁଲିସ ଧରିଛି। ୧ ହଜାର ୨୫ ଲିଟରରୁ ଅଧିକ ମଦ ଜବତ କରିବା ସହ ୪ ଜଣ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ଝାରସୁଗୁଡ଼ା ଅମାପାଲିର ବିକ୍ରମ ଦେହାରୀ(୪୮), କୁଳମଣି ମଲ୍ଲିକ (୩୨), ଲୁଆବଗାର ବଲ୍ଲଭ ମେହେର (୩୨), ବରଗଡ଼ ଜିଲ୍ଲା ପ୍ରକାଶପୁରର ରାହୁଲ ନାଏକ(୨୫)। ଜବତ ମଦର ମୂଲ୍ୟ ପ୍ରାୟ ଅଢ଼େଇ ଲକ୍ଷ ହେବ। ଏହାସହ ଅଭିଯୁକ୍ତ ମାନଙ୍କ ଠାରୁ ଏକ ମାରୁତି ଇକୋ ଗାଡି ଜବତ ହୋଇଛି। ଅଭିଯୁକ୍ତ ମାନେ ବେଆଇନ ଭାବେ ବରଗଡ଼ରୁ ଝାରସୁଗୁଡ଼ା ଦେଇ ଛତିଶଗଡ଼କୁ ମଦ ଚାଲାଣ କରୁଥିବା ବେଳେ ପୁଲିସ ସେମାନଙ୍କୁ ଗିରଫ କରିଥିଲା। ସୋମବାର ସମସ୍ତ ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ସୋଢ଼ାମାଲ ମନ୍ଦିରରେ ନାଗଚତୁର୍ଥୀ ଉପଲକ୍ଷେ ଶ୍ରଦ୍ଧାଳୁଙ୍କ ସମାଗମ

କୋଲାବିରା,୨୭।୧୦(ସମିସ): କୋଲାବିରା ଅଧୀନ ସୋଢ଼ାମାଲ ସ୍ଥିତ ନାଗ ଚଉଠି ମନ୍ଦିର ପରିସରରେ ନାଗ ଚତୁର୍ଥୀ ମହା ସମାରୋହରେ ପାଳିତ ହୋଇଯାଇଛି। ସୋଢ଼ାମାଲ ଗୌନ୍ତିଆ ପ୍ରଫୁଲ୍ଲ ପଟ୍ଟନାୟକଙ୍କ ପୁତ୍ର ସରପଞ୍ଚ ଚନ୍ଦ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ପୂଜା ଅନୁଷ୍ଠିତ ହୋଇଥିଲା। ରବିବାର କର୍ତ୍ତା ଚନ୍ଦନ ପଟ୍ଟନାୟକଙ୍କ ନେତୃତ୍ୱରେ ନାଗେନ ଚଉଠି ପୂଜା କମିଟିର ତଥା ଅନ୍ୟାନ୍ୟ କର୍ମକର୍ତ୍ତା, ଗାଁବାସୀ ଏବଂ ବରୁଆ ଚଉରା ମୂଳେ ହୁଙ୍କା ମାଟି ରଖି ନାଗନାଗୁଣୀ ମୂର୍ତ୍ତିଙ୍କୁ ହଳଦୀ ପାଣିରେ ଗାଧୋଇ ଦେଇ ଧୂପଦୀପ ଦେଇ ପୂଜା କରିଥିଲେ। ମଧ୍ୟରାତ୍ରୀରେ ଗୁରୁଙ୍କ ଉପସ୍ଥିତିରେ ନିଶା ପୂଜା କରାଯାଇଥିଲା। ସେହିପରି ନାଗ ଦେବତାଙ୍କ ବରୁଆ ବାହାରି ଗାଁ ପରିକ୍ରମା କରାଯାଇ ପ୍ରତିଘରେ ପୂଜାର୍ଚ୍ଚନା ହୋଇଥିଲା। ବ୍ରତଧାରୀ ମାନେ ଶୀତଳ ସେବନ ପରେ ବ୍ରତ ସମାପନ ହୋଇଥିଲା। ପ୍ରତିବର୍ଷ ଶ୍ରାବଣ ଓ କାର୍ତ୍ତିକ ମାସରେ ଶୁକ୍ଳ ପକ୍ଷ ଚତୁର୍ଥୀରେ ନାଗଲ ଚତୁର୍ଥୀ ପାଳନ କରାଯାଇଥାଏ। ବ୍ରତଧାରୀମାନେ ଉପବାସ ରହି ନିଷ୍ଠାର ସହିତ ଏହି ବ୍ରତ ପାଳନ କଲେ ସର୍ପ ଦଂଶନରୁ ପରିବାର ସଦସ୍ୟ ରକ୍ଷା ପାଆନ୍ତି ବୋଲି ବିଶ୍ୱାସ ରହିଛି। ଚକ୍ଷୁରୋଗ ଏବଂ ଅନ୍ୟାନ୍ୟ ରୋଗ ମଧ୍ୟ ଉପଶମ ହେବାର ନଜିର ରହିଛି। ଚଳିତ ବର୍ଷ ମୁଖ୍ୟ ବରୁଆ କାର୍ଯ୍ୟ ଶଷ୍ଟି ବାହୁକ ସମ୍ପାଦନ କରିଥିଲେ। କାର୍ଯ୍ୟକ୍ରମରେ ପୂଜକ ଭାବେ କ୍ଷୀରୋଦ ପୂଝାରୀ ପୂଜାକାର୍ଯ୍ୟ ସମ୍ପାଦନା କରିଥିବା ବେଳେ ଯାତ୍ରା କମିଟିର ସଭାପତି ଚନ୍ଦନ ପଟ୍ଟନାୟକ, ପର୍ଶୁରାମ କାଲୋ, ରାତୁରାମ କାଲୋ, ନରେନ୍ଦ୍ର କାଲୋ, ସୁଶିଲ କାଲୋ, ସୁମନ୍ତ ବାହୁକ, ତପନ ପଟ୍ଟନାୟକ, ରମାକାନ୍ତ ବାରିକ, ସୁନିଲ ବାହୁକ, ଗୋବିନ୍ଦ ବାହୁକ ପ୍ରମୁଖ ଯୋଗ ଦେଇଥିଲେ।

## ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

ଦେବଗଡ଼,୨୭।୧୦(ସମିସ): ଜିଲ୍ଲା ଦୁର୍ନୀତି ନିବାରଣ ବିଭାଗ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଦୁର୍ନୀତି ନିବାରଣ ସପ୍ତାହ ପାଳିତ ହୋଇଛି। ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗଙ୍କ ଅଧ୍ୟକ୍ଷତାରେ ଜିଲ୍ଲାରେ ବିଭିନ୍ନ କାର୍ଯ୍ୟାଳୟରେ ଅଧିକାରୀ ଓ କର୍ମଚାରୀଙ୍କୁ ନେଇ ଶପଥପାଠ ହୋଇଥିଲା। ସେହିପରି ଅପରାହ୍ଣରେ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଛି। ଦୁର୍ନୀତି ନିବାରଣ ବିଭାଗ ଉପ ଆରକ୍ଷୀ ଅଧିକ୍ଷକ ଯୋଗେଶ ପ୍ରସାଦ ପଟେଲ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ କବିନ୍ଦ୍ର ସାହୁ, ବରଣ୍ୟ ଅତିଥି ଭାବେ ଆରକ୍ଷୀ ଅଧିକ୍ଷକ ଅନିଲ ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ ଓ ଉପଜିଲ୍ଲାପାଳ ପରକ୍ଷିତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। 'ଦୁର୍ନୀତି ନିବାରଣ ଆମ ସାମୂହିକ ଦାୟିତ୍ୱ' ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ। ଏହି ଉପଲକ୍ଷେ ପୂର୍ବରୁ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। ବକ୍ତୃତା ପ୍ରତିଯୋଗୀତାରେ କେନ୍ଦ୍ରୀୟ ବିଦ୍ୟାଳୟର ମାନସ୍ୱି ପ୍ରଧାନ ପ୍ରଥମ ସ୍ଥାନ, ଟାଉନ ଉଚ୍ଚ ବିଦ୍ୟାଳୟର ଲକ୍ଷ୍ମୀପ୍ରିୟା ହସ୍ତୀ ଦ୍ୱିତୀୟ ଓ ଚିନ୍ମୟୀ ପ୍ରଧାନ ତୃତୀୟ ସ୍ଥାନ ହାସଲ କରିଥିଲେ। ସେହିପରି କାର୍ଟୁନ୍ କମ୍ କ୍ୟାପ୍ସନ ପ୍ରତିଯୋଗିତାରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଆଦ୍ୟାଶା ପାତ୍ର ପ୍ରଥମ, ଜଣା ଅଜଣା ପ୍ରତିଯୋଗିତାରେ ସ୍ୱାସଲିକା ପ୍ରଧାନ ପ୍ରଥମ, ସ୍ଲୋଗାନ ପ୍ରତିଯୋଗିତାରେ ଟାଉନ ଉଚ୍ଚ ବିଦ୍ୟାଳୟର ଲକ୍ଷ୍ମୀପ୍ରିୟା ହସ୍ତୀ ପ୍ରଥମ, ମହାବିଦ୍ୟାଳୟ ସ୍ତରରେ ଓଡ଼ିଆ ବକ୍ତୃତା ପ୍ରତିଯୋଗିତାରେ ରିଆମାଳ ଉଚ୍ଚ ବିଦ୍ୟାଳୟର ସୋନାଲି ନାୟକ ପ୍ରଥମ, ଜୁଲି ମାଝି ଦ୍ୱିତୀୟ, ଚିନ୍ମୟ ବସନ୍ତରା ତୃତୀୟ, ଇଂରାଜୀ ବକ୍ତୃତା ପ୍ରତିଯୋଗିତାରେ ଓ ଏଭି ବୁଢ଼ାପାଳର ଐଶ୍ୱର୍ଯ୍ୟା ପ୍ରଧାନ ପ୍ରଥମ, ପଳସମା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମାମନ୍ ବାରିକ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

ଝାରସୁଗୁଡ଼ା: ଚଳିତ ବର୍ଷ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ୨୭ ଅକ୍ଟୋବରରୁ ୨ ନଭେମ୍ବର ପର୍ଯ୍ୟନ୍ତ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲା କାର୍ଯ୍ୟାଳୟଠାରେ ଶପଥ ପାଠ ହୋଇଛି। ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇ ଜିଲ୍ଲା ଖଣିଜ ପାଣ୍ଠି ସମ୍ମିଳନୀ କକ୍ଷରେ ସମବେତ ଜିଲ୍ଲା କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀଙ୍କୁ ସାଧୁତା ଓ ସ୍ୱଚ୍ଛତାର ସହ ଦାୟିତ୍ୱ ସମ୍ପାଦନ, ସଚ୍ଚୋଟତା ଓ ଆଇନର ଶାସନକୁ ଅନୁପାଳନ, ଉତ୍କୋଚ ନ ନେବା କିମ୍ବା ନ ଦେବା ଏବଂ ଜନସାଧାରଣଙ୍କ ହିତ ସାଧନ ପାଇଁ କାର୍ଯ୍ୟ କରିବାକୁ ଶପଥ ପାଠ କରାଇଥିଲେ। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ ଶପଥ ପାଠର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ।

## ଫୁଟବଲ ପ୍ରତିଯୋଗିତା; ୫-୪ ଗୋଲ୍‌ରେ ସାରସମାଲ ବିଜୟୀ




କୋଲାବିରା,୨୭।୧୦(ସମିସ): ବ୍ଲକ୍ ଅଧୀନ ସୋଢ଼ାମାଲ ହାଇସ୍କୁଲ ପଡିଆଠାରେ ସୋଢ଼ାମାଲ ପୂଜା କମିଟି ଆନୁକୂଲ୍ୟରେ ନାଗେନ ଚଉଠି ଅବସରରେ ଏକ ଦିବସୀୟ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ପିକେଏସ ସୋଢ଼ାମାଲ, ସାରେସମାଲ, ଫ୍ରେଣ୍ଡସ କ୍ଲବ୍ ଝାରସୁଗୁଡ଼ା, ଖୁଲିଆ,କୁଲିହା ଏଫସି ସମ୍ବଲପୁର, ଲିଟିଲ ଷ୍ଟାର ରେଙ୍ଗାଲି, ରେଡ ସୁନ୍ଦରଗଡ, ଶାନ୍ତିନଗର ଝାରସୁଗୁଡ଼ା ଏବଂ ବିଏଫସି ଜୁନିୟର କୁଚିଣ୍ଡା ଆଦି ଦଳ ମିଶି ମୋଟ ୮ ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ୍ ସାରସମାଲ ଏବଂ ବିଏଫସି ଜୁନିୟର କୁଚିଣ୍ଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ତେବେ କେହି ଗୋଲ୍ କରି ପାରି ନଥିବାରୁ ଟ୍ରାଇବ୍ରେକର ସହାୟତାରେ ବିଏଫସି ଜୁନିୟର କୁଚିଣ୍ଡାକୁ ପରାସ୍ତ କରି ସୋରସମାଲ ୫-୪ ଗୋଲରେ ବିଜୟୀ ଘୋଷିତ ହୋଇଥିଲା। ପୂଜା କମିଟି ସୋଢ଼ାମାଲ ଅନୁକୁଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଚନ୍ଦନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଚାମ୍ପିଅନ ଦଳକୁ ନଗଦ ଟଙ୍କା ସହ ଟ୍ରଫି ଏବଂ ରନର୍ସଅପ୍ ଦଳକୁ ଟ୍ରଫି ସହ ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପର୍ଶୁରାମ କାଲୋ, ସୁଦର୍ଶନ ସରାଫ, ବସନ୍ତ ବେହେରା, କିଶୋର ପଟେଲ, ନରତେନ୍ଦ୍ର କାଲୋ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶାରୀରିକ ଖେଳ ଶିକ୍ଷକ ଲକ୍ଷ୍ମଣ କିଶାନ, ଚନ୍ଦ୍ର କିଶାନ, କୌସିକ ନାଏକ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରମାକାନ୍ତ ବରିହା, ଗୋବିନ୍ଦ ବାହୁକ, ସୁନିଲ ବାହୁକ, ସୁଶିଲ ମୋହନ କାଲୋ, ଶର୍ମାକାନ୍ତ ବରିହା, ସୁମନ୍ତ ମାଝି, ତପନ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।

## ଆନ୍ତଃ ଜିଲ୍ଲା ସ୍କୁଲ ଟୁର୍ଣ୍ଣାମେଣ୍ଟ

# ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବୁଢ଼ାପାଳ ବିଜୟୀ



ଦେବଗଡ,୨୭।୧୦(ସମିସ)

ଦେବଗଡ଼ ଜିଲ୍ଲା କ୍ରିକେଟ ସଙ୍ଘ ପକ୍ଷରୁ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ ଠାରେ ଅନୁଷ୍ଠିତ ହେଉଥିବା ଆନ୍ତଃ ଜିଲ୍ଲା ସ୍କୁଲ ଟୁର୍ଣ୍ଣାମେଣ୍ଟର ଆଜି ଚତୁର୍ଥ ଦିନର ମ୍ୟାଚ୍ ବୁଢ଼ାପାଳ ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓ ଦେବଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ମ୍ୟାଚ୍‌ରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଦଳକୁ ୩ ୱିକେଟରେ ପରାସ୍ତ କରି ବୁଢ଼ାପାଳ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବିଜୟୀ ହୋଇଛି। ଦେବଗଡ଼ ଦଳ ଟସ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ୨୩.୨ ଓଭର୍‌ରେ ସମସ୍ତ ଉଇକେଟ ହରାଇ ୧୦୭ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସୌମ୍ୟ ଏସ୍. ନାଥ ସର୍ବାଧିକ ୨୧ ଓ ଅନିଶ ବାଘ୍ ୨୦ ରନ୍ କରିଥିଲେ। ବୁଢ଼ାପାଳ ଦଳର ସମୀର୍ କିସାନ ୩ଟି ଉଇକେଟ ନେଇଥିଲେ। ଏହାର ଜବାବରେ ବୁଢ଼ାପାଳ ଦଳ ବ୍ୟାଟିଂ କରି ମାତ୍ର ୧୩.୪ ଓଭର୍‌ରେ ୭ଟି ୱିକେଟ୍ ହରାଇ ୧୦୮ ରନ୍ କରି ବିଜୟୀ ହୋଇଛି। ଦଳ ପକ୍ଷରୁ ମିତେଶ ଥାପା ୧୪ ଓ ରାଜେନ୍ଦ୍ର ନାଏକ୍ ୧୧ ରନ୍ କରିଥିଲେ। ଦେବଗଡ଼ ଦଳର ଦେବବ୍ରତ ରଣା ୬ଟି ୱିକେଟ୍ ନେଇଥିଲେ। ମ୍ୟାଚ୍‌କୁ ଅମ୍ପାୟାର ଭାବେ ମିଥଲେସ ପ୍ରସାଦ ଓ ରାଜା ରାଣା ପରିଚାଳନା କରିଥିବା ବେଳେ ରମି ନାୟକ ସ୍କୋରର ଓ ବେଣୁଧର ଗଡ଼ନାୟକ ଧାରା ବିବରଣୀ ପ୍ରଦାନ କରିଥିଲେ।